

ଉତ୍କଳ
ପ୍ରସଙ୍ଗ
ସ୍ୱାଧୀନତା ଦିବସ ବିଶେଷାଙ୍କ


Vol. [illegible] No. 12 UTKAL PRASANGA Regd. No. O-05/87
Licence No. C. R. N. P. 5—Licensed to post without Pre-Payment








PRINTED AT ORISSA GOVERNMENT PRESS, CUTTACK-10




ଭୁବନେଶ୍ୱର ରୋଟାରୀ କ୍ଲବ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଉଦ୍‌ବୋଧନ



ଜିଲ୍ଲା ଲୋକସଂପର୍କ ଅଧିକାରୀମାନଙ୍କୁ ସେଚ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ଭୂପେନ୍ଦର ସିଂହଙ୍କ ଉଦ୍‌ବୋଧନ...



୨୦।୬।୮୮ ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ପୂର୍ବାଞ୍ଚଳ ସାଂସ୍କୃତିକ ସମ୍ମେଳନ ଉଦଘାଟନ

# ଉତ୍କଳ ପ୍ରସଙ୍ଗ

ଶ୍ରାବଣ ୧୯୦୮ ଶକାବ୍ଦ ୪୩ ଭାଗ ୧ମ ସଂଖ୍ୟା ଅଗଷ୍ଟ ୧୯୮୬

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ଫଣୀ ଭୂଷଣ ଦାସ

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**

ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁବେଳେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ପ୍ରଥମ ସାତ ସଫଳ ବର୍ଷ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧ |
| ଅଗି ଫେରି ନାହିଁ ଯୁଦ୍ଧ ସରିନାହିଁ .. | ଶ୍ରୀ ବିନୋଦ କାନୁନ୍‌ଗୋ | .. ୯ |
| ସାମ୍ପ୍ରଦାୟିକ ସଦ୍ଭାବ ଓ ଜାତୀୟ ସଂହତି .. | ଶ୍ରୀ ଶତ୍ରୁଘ୍ନ ନାଥ | .. ୧୨ |
| ସବିନୟ ପ୍ରତିରୋଧ .. | ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ | .. ୧୭ |
| ଅମୃତ ଅନୁଭବ .. | ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା | .. ୧୯ |
| ବୀର ଶହୀଦ ଲକ୍ଷ୍ମଣ ନାୟକ .. | ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ | .. ୨୧ |
| ମୁକ୍ତି ସଂଗ୍ରାମର ଅଜ୍ଞାତ ଓଡ଼ିଆ ବିପ୍ଳବିନୀ .. | ଶ୍ରୀ କାର୍ତ୍ତିକ ଚନ୍ଦ୍ର ଦାସ | .. ୨୩ |
| ସ୍ୱାଧୀନତା ସଂଗ୍ରାମର ଅନ୍ତରାଳେ .. | ଶ୍ରୀ ଗଦାଧର ମହାପାତ୍ର | .. ୨୪ |
| ସ୍ୱାଧୀନତା ସଂଗ୍ରାମର ପ୍ରଥମ ଯୋଦ୍ଧା : ବୃଷଭଓ (୧୭୫୪–୭୭) । | ଡଃ ଦଣ୍ଡପାଣି ବେହେରା | .. ୨୭ |
| ସଂଗ୍ରାମୀ ମୁକ୍ତା ମଲ୍ଲିକ .. | ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ | .. ୩୧ |
| ଅଗଷ୍ଟ ବିପ୍ଳବର ଅନ୍ୟ ଏକ ଦିଗ .. | ଶ୍ରୀ ବାଙ୍କ ବିହାରୀ ଦାସ | .. ୩୫ |
| ବିପ୍ଳବୀ ଲକ୍ଷ୍ମୀ ଖୁଣ୍ଟିଆ .. | ଡକ୍ଟର ଜଗନ୍ନାଥ ମହାନ୍ତି | .. ୩୮ |
| ଏହିକି ସେ ପୁଣ୍ୟ ଭୂମିର ସୁତ .. | ଶ୍ରୀ ଚନ୍ଦ୍ର ଶେଖର ନାୟକ | .. ୪୧ |
| ଅସହଯୋଗ ଆନ୍ଦୋଳନରେ କନିକା ପ୍ରଜା ବିଦ୍ରୋହର ଭୂମିକା । | ଶ୍ରୀ ପ୍ରଫୁଲ୍ଲ ଦାସ | .. ୫୭ |
| ରାଷ୍ଟ୍ରପତିଙ୍କ କ୍ଷମତା ଓ ପ୍ରଧାନ ମନ୍ତ୍ରୀଙ୍କ ଅଧିକାର .. | ସ୍ମିତା ମିଶ୍ର | .. ୬୧ |
| ପ୍ରଗତି ପ୍ରସଙ୍ଗ .. | | .. ୬୮ |
| ସଫଳ କାହାଣୀ .. | | .. ୭୨ |

# ବନ୍ଦେ ମାତରମ୍

ସୁଜଳାମ୍, ସୁଫଳାମ୍, ମଳୟଜ ଶୀତଳାମ୍
ଶସ୍ୟ ଶ୍ୟାମଳାମ୍ ମାତରମ୍ ।
ଶୁଭ୍ରଜ୍ୟୋତ୍ସ୍ନା ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନୀମ୍
ସୁହାସିନୀମ୍ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ॥

ବନ୍ଦେ ମାତରମ୍ ।।।





## ଆମ ଜାତୀୟ ପତାକା

ଭାରତୀୟ ଜାତୀୟ ପତାକାର ଆଦ୍ୟଭାଗ କେଶରୀ, ମଧ୍ୟଭାଗ ଶ୍ୱେତ ଏବଂ ନିମ୍ନଭାଗ ସବୁଜ ରଙ୍ଗ । କେଶରୀ ରଙ୍ଗ ହେଲା ସାହସ ଓ ତ୍ୟାଗର ପ୍ରତୀକ । ସତ୍ୟ, ଶାନ୍ତି ଓ ପବିତ୍ରତା ପାଇଁ ଶ୍ୱେତ ରଙ୍ଗ ଉଦ୍ଦିଷ୍ଟ । ସବୁଜ ରଙ୍ଗ ଆଶାର୍, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ । ଶାନ୍ତି ଓ ପ୍ରଗତିର ପ୍ରତୀକ ରୂପେ ପତାକାର ମଧ୍ୟଭାଗରେ ଅଶୋକଚକ୍ର ବିଦ୍ୟମାନ ।


ଆକାର—ଜାତୀୟ ପତାକା ପାଞ୍ଚଗୋଟି ଆକାରରେ ମିଳିଥାଏ—

(୧) ୨୧ × ୧୪ (୨) ୧୨ × ୮ (୩) ୬ × ୪

(୪) ୩ × ୨ ଓ (୫) ୯ × ୬

**ପତାକା ପ୍ରଦର୍ଶନର ନିୟମାବଳୀ:—**

* ସରକାରୀ କୋଠାମାନଙ୍କରେ ଜାତୀୟ ପତାକା ଉଡାଇବାକୁ ହେଲେ ଏହା ରବିବାର ଓ ଛୁଟିଦିନ ସମେତ ସବୁଦିନ ଉଡ଼ାଯିବ ଓପାଗର ଅବସ୍ଥା ଯେପରି ହୋଇଥାଉ ପଛକେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉଡୁଥିବ । ଅତି ବିଶିଷ୍ଟ ଅବସରରେ ଏହା ରାତିରେ ମଧ୍ୟ ଉଡା ଯାଇ ପାରେ ।
* ଯଦି କୌଣସି ସଭାମଞ୍ଚରେ ପତାକା ଉଡ଼ା ଯାଉଥାଏ, ତେବେ ତାହା ବକ୍ତାଙ୍କ ଡାହାଣ ପଟକୁ ରହିବ । ଯଦି ଏହା ଅନ୍ୟ ଭାବେ ପ୍ରଦର୍ଶିତ ହୋଇଥାଏ ତେବେ ପତାକାଟି ବକ୍ତାଙ୍କ ପଛପଟେ ଓ ଉର୍ଦ୍ଧ୍ୱରେ ରହିବ ।
* କୌଣସି ଶୋଭାଯାତ୍ରା ବା ପରେଡରେ ନିଆଗଲାବେଳେ ପତାକାଟି ଶୋଭାଯାତ୍ରାର ଅଗ୍ରଭାଗରେ ଡାହାଣ ପଟକୁ ରହିବ ଅର୍ଥାତ୍ ପତାକାଟି ନିଜର ଡାହାଣ ପଟକୁ ରହିବ । ଯଦି ଅନ୍ୟ କେତେକ ପତାକା ଗୋଟିଏ ଧାଡ଼ିରେ ନିଆଯାଉଥାଏ, ତେବେ ଧାଡ଼ି ସାମ୍ନାର କେନ୍ଦ୍ର ସ୍ଥାନରେ ଜାତୀୟ ପତାକାଟି ରହିବ ।
* ନଷ୍ଟ ହୋଇଯାଇଥିବା କିମ୍ବା ଅବ୍ୟବହିତ ବା ମୋଡ଼ି ମକଚି ହୋଇଯାଇଥିବା ପତାକା ପ୍ରଦର୍ଶନ କରାଯିବ ନାହିଁ ।
* କୌଣସି ବ୍ୟକ୍ତି ବା ବସ୍ତୁକୁ ପ୍ରଣାମ ଜଣାଇବା ଉଦ୍ଦେଶ୍ୟରେ ପତାକା ନତ କରାଯିବ ନାହିଁ ।
* କୌଣସି ପତାକା ଜାତୀୟ ପତାକା ସହିତ ଉଡାଯାଇ ପାରିବ ନାହିଁ ।
* ସଭା ସମିତିରେ ବକ୍ତାଙ୍କ ଟେବୁଲର ଆଚ୍ଛାଦନ ରୂପେ କିମ୍ବା ସଭାମଞ୍ଚ ଉପରେ ଝାଲର ଆକାରରେ ଜାତୀୟ ପତାକା ବ୍ୟବହାର କରାଯିବ ନାହିଁ ।
* ଜାତୀୟ ପତାକାକୁ ଭୂମି କିମ୍ବା ଘର ତଳ ସ୍ପର୍ଶ କରିବାକୁ କିମ୍ବା ପାଣିରେ ଘୁସୁରିବାକୁ ଦିଆଯିବ ନାହିଁ ।
* ଜାତୀୟ ପତାକା ଉତ୍ତୋଳନ ବା ଅବତରଣ ଉତ୍ସବ ସମୟରେ ସେଠାରେ ଉପସ୍ଥିତ ସମସ୍ତ ଲୋକ ପତାକା ଆଡକୁ ମୁହଁ କରି ସାବଧାନ ହୋଇ ଠିଆ ହେବେ । ଯେଉଁମାନେ ୟୁନିଫର୍ମ୍ ପିନ୍ଧି ଉପସ୍ଥିତ ଥିବେ ସେମାନେ ପତାକାକୁ ଯଥାରୀତି ଅଭିବାଦନ କରିବେ ।



## ସ୍ୱାଧୀନତା ଦିବସ ଉପଲକ୍ଷେ

# ରାଜ୍ୟପାଳ

# ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେଙ୍କ

# ବାର୍ତ୍ତା

ଓଡ଼ିଶାର ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେଙ୍କ 40 ତମ ସ୍ୱାଧୀନତା ବାର୍ଷିକୀ ଉପଲକ୍ଷେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ନିମ୍ନୋକ୍ତ ବାର୍ତ୍ତା ପ୍ରଦାନ କରିଛନ୍ତି :

ଆମ ସ୍ୱାଧୀନତାର 40 ତମ ବାର୍ଷିକୀ ପାଳନ ଉପଲକ୍ଷେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

ଆମେ ସ୍ୱାଧୀନତାର 41 ତମ ବର୍ଷରେ ପଦାର୍ପଣ କରୁଥିବା ସମୟରେ ଅନେକ ଅପାଂକ୍ତେୟ ସ୍ମୃତି ମୋର ମାନସପଟରେ ଉଦ୍‌ଭାସିତ ହେଉଅଛି । ସ୍ୱାଧୀନତା ଆନ୍ଦୋଳନ ସମୟରେ ଯେଉଁ ଅଭୂତପୂର୍ବ ଜନଜାଗରଣ ସୃଷ୍ଟି ହୋଇଥିଲା ସେଥିସହିତ ମୋ' ଜୀବନର ଅର୍ଦ୍ଧେକ କାଳ ନିବିଡ଼ ଭାବରେ ସଂଶ୍ଳିଷ୍ଟ ଏବଂ ପରବର୍ତ୍ତୀ କାଳରେ ସ୍ୱାଧୀନ ଭାରତରେ ଯେଉଁ ଅଭିନବ ପରିବର୍ତ୍ତନ ସଂଘଟିତ ହୋଇଛି ତାହାର ରୋମାଞ୍ଚକର ଅନୁଭୂତି ମୋର ମଧ୍ୟ ରହିଛି । ଯେଉଁ ସଂଗ୍ରାମୀମାନେ ବହୁ ଦୁଃଖକଷ୍ଟ ଓ ନିର୍ଯ୍ୟାତନା ଭୋଗ କରି ଏବଂ ଅସୀମ ତ୍ୟାଗ ସ୍ୱୀକାର କରି ଆମ ପାଇଁ ସ୍ୱାଧୀନତା ଆଣିଥିଲେ, ସେମାନଙ୍କ ମଧ୍ୟରୁ ଅନେକ ସମୟ ସାଗରରେ ହଜିଗଲେଣି । ଦାସତ୍ୱର ଶୃଙ୍ଖଳ ଛିନ୍ନ କରି ସ୍ୱାଧୀନତା ଲାଭ କରିବା ପାଇଁ ଯେଉଁ ବୀରତ୍ୱପୂର୍ଣ୍ଣ ସଂଗ୍ରାମ ଆରମ୍ଭ କରାଯାଇଥିଲା ତହିଁର ବିବରଣୀ ହୁଏତ ଆଉ କିଛି ବର୍ଷ ପରେ ଏକ ଐତିହାସିକ ଦଲିଲରେ ପରିଣତ ହେବ । ସେହି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ସ୍ମରଣ କରିବା ପାଇଁ ଆଜି ହେଉଛି ପ୍ରକୃଷ୍ଟ ସମୟ ଏବଂ ଯୁବସମାଜ ଏକ ନୂତନ ତଥା ଗୌରବମୟ ଶିଖରରେ ଉପନୀତ ହେବା ପାଇଁ ଏହା ସେମାନଙ୍କୁ ଅନୁପ୍ରାଣିତ କରିବ ।

ଆମର ଯେଉଁ ସ୍ୱନାମଧନ୍ୟ ନେତା, ଦେଶପ୍ରେମୀ, ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ, କବି, କଳାକାର, ଔପନ୍ୟାସିକ ତଥା ବ୍ୟବସ୍ଥାପକମାନେ ଦେଶର ଅଗଣିତ ଜନସାଧାରଣଙ୍କ ମଧ୍ୟରେ ସ୍ୱାଧୀନତାର ଚେତନା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବିଦେଶୀ ଶାସନରୁ ମୁକ୍ତିଲାଭ କରିବାର ଆକାଂକ୍ଷା ଉଜ୍ଜୀବିତ କରିଥିଲେ, ଆସନ୍ତୁ ଆଜିର ଏହି ଐତିହାସିକ ଦିବସରେ ସେମାନଙ୍କ ପ୍ରତି ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ବିଶେଷତଃ, ଜାତିର ଜନକ ମହାତ୍ମା ଗାନ୍ଧି, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଆବୁଲ କାଲାମ୍ ଆଜାଦ୍ ଏବଂ ଜାତୀୟ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଅନ୍ୟାନ୍ୟ ନେତା, ଯେଉଁମାନେ ସ୍ୱାଧୀନତା ସଂଗ୍ରାମକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ, ସେମାନଙ୍କ ପ୍ରତି ଆମେ ଚିର କୃତଜ୍ଞ । ଏମାନଙ୍କ ତ୍ୟାଗ ଫଳରେ ଆମେ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ଏକ ସ୍ୱାଧୀନ, ଗଣତାନ୍ତ୍ରିକ ତଥା ସାର୍ବଭୌମ ରାଷ୍ଟ୍ରର ନାଗରିକ ଭାବେ ଆଜି ଗର୍ବ ଅନୁଭବ କରୁଛୁ ।

ସ୍ୱାଧୀନତାପ୍ରାପ୍ତି ପରେ ଦେଶକୁ ଅନେକ ବିକଟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲେ ମଧ୍ୟ ଏହି ସ୍ୱାଧୀନତା ଲାଭ ଦେଶବାସୀଙ୍କର ମନରେ ଅନେକ ଆଶା ଆକାଂକ୍ଷାର ଉଦ୍ରେକ କରିଥିଲା । ବହୁ ବାଧାବିଘ୍ନ ସତ୍ତ୍ୱେ, ବିଗତ ଚାରିଦଶନ୍ଧି ମଧ୍ୟରେ ଆମେ ସବୁ କ୍ଷେତ୍ରରେ ଅଭୂତପୂର୍ବ ପ୍ରଗତି ହାସଲ କରିପାରିଛୁ । ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆମେ ପ୍ରାୟ ଆତ୍ମନିର୍ଭରଶୀଳ ହୋଇ ପାରିଛୁ । ବିଜ୍ଞାନ ଓ କାରିଗରୀ କୌଶଳ କ୍ଷେତ୍ରରେ ଆମେ ଦ୍ରୁତ ଅଗ୍ରଗତି କରିପାରିଛୁ । ଶିଳ୍ପ କ୍ଷେତ୍ରରେ ବିଶ୍ୱର ପ୍ରଥମ

ଦଶଟି ଅଗ୍ରଣୀ ଶିଳ୍ପୋନ୍ନତ ରାଷ୍ଟ୍ରମାନଙ୍କ ମଧ୍ୟରେ ଆମେ ଆମର ଗୌରବମୟ ସ୍ଥାନ ହାସଲ କରିପାରିଛୁ । ଆମର ଆଭ୍ୟନ୍ତରୀଣ ତଥା ବୈଦେଶିକ ନୀତି ଯୋଗୁଁ ଆମେ ମର୍ଯ୍ୟାଦା ଓ ସମ୍ମାନ ଲାଭ କରିଛୁ ଏବଂ ଆଜି ଭାରତ ସମଗ୍ର ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ରୂପେ ପରିଗଣିତ ହୋଇଛି । ଆଜି ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କେହି ଅସ୍ୱୀକାର, ଅବଜ୍ଞା ବା ନ୍ୟୂନ ପ୍ରତିପାଦିତ କରିପାରିବେ ନାହିଁ । ସାମୂହିକ ଆତ୍ମ-ନିର୍ଭର-ଶୀଳତା କ୍ଷେତ୍ରରେ ଆମେ ସାହସ ଓ ବିଶ୍ୱାସର ସହ ଅଗ୍ରସର ହେଉଥିବା ବେଳେ ଆମର ମହତଗୁଣ ତଥା ଆଦର୍ଶର ବିରୋଧ କରୁଥିବା ଶକ୍ତିମାନେ ଆମର ସାଫଲ୍ୟ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ନୂତନ ଉତ୍ସାହ ସହିତ ପ୍ରତିରୋଧ କରୁଛନ୍ତି । ଶାନ୍ତି ଓ ପ୍ରଗତି ପଥରୁ ସରକାରଙ୍କ ଧ୍ୟାନ ନିବୃତ୍ତ କରାଇବା ପାଇଁ ଜାତି, ଗୋଷ୍ଠୀ ଓ ଧର୍ମ ନାମରେ ବିଶୃଙ୍ଖଳା ସୃଷ୍ଟି କରାଯାଉଛି । ଆମକୁ ଏହି ଶକ୍ତିମାନଙ୍କୁ ଚିହ୍ନି ରଖିବାକୁ ପଡ଼ିବ ଏବଂ ସେମାନଙ୍କର ଓ ଆମର ସାମର୍ଥ୍ୟ ତଥା ଦୁର୍ବଳତାକୁ ମଧ୍ୟ ଲକ୍ଷ୍ୟ କରିବାକୁ ପଡ଼ିବ । ଏହା ଫଳରେ ଆମେ ସେମାନଙ୍କୁ ଦମନ କରିପାରିବା ସଙ୍ଗେ ସଙ୍ଗେ ସେମାନଙ୍କର ମନ୍ଦ ଅଭିପ୍ରାୟକୁ ବ୍ୟର୍ଥ କରିପାରିବା । ଆମର ଏହି ମହାନ୍ ଦେଶର ଭବିଷ୍ୟତ ପ୍ରତି ମୋର ପ୍ରଭୂତ ଆସ୍ଥା ଓ ବିଶ୍ୱାସ ରହିଛି । ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିପାରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ମିଳିତ ଉଦ୍ୟମ ବଳରେ ଆମେ ଆହୁରି ଅଗ୍ରସର ହୋଇପାରିବା ବୋଲି ମୋର ବିଶ୍ୱାସ ।

ବଡ଼ ସୌଭାଗ୍ୟର ବିଷୟ ଯେ, ବିଗତ ସାତ ବର୍ଷ ଧରି ରାଜ୍ୟର ଏକ ସୁଦୃଢ଼ ସରକାର ରହି ଆସିଛି, ଯାହାକି ରାଜ୍ୟର ନିରବଚ୍ଛିନ୍ନ ପ୍ରଗତି ତଥା ଉନ୍ନୟନ ପାଇଁ ନିତାନ୍ତ ଆବଶ୍ୟକ । ସୁଖର କଥା ଯେ ଏହି ସମୟ ମଧ୍ୟରେ ବିଭିନ୍ନ ଉନ୍ନୟନ କ୍ଷେତ୍ରରେ ଦ୍ରୁତ ପ୍ରଗତି ହାସଲ ହୋଇପାରିଛି । ରାଜ୍ୟରୁ ଦାରିଦ୍ର୍ୟ ଓ ଅନଗ୍ରସରତା ଦୂର କରିବା ଲାଗି ବହୁବିଧ ପ୍ରଗତିଶୀଳ କାର୍ଯ୍ୟକ୍ରମ ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି । ବିଗତ କେତେବର୍ଷ ଭିତରେ ଆମେ ବିଭିନ୍ନ କ୍ଷେତ୍ରରେ ଯେଉଁ ପ୍ରଗତି ହାସଲ କରିଛୁ, ସେ ସଂପର୍କରେ ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ।

ରାଜ୍ୟର ପ୍ରାୟ ଦୁଇତୃତୀୟାଂଶ ଆୟ କୃଷିରୁ ମିଳିଥାଏ ଏବଂ ରାଜ୍ୟର ତିନି ଚତୁର୍ଥାଂଶ ଶ୍ରମଜୀବୀ କୃଷି କାର୍ଯ୍ୟରେ ନିଯୁକ୍ତ ଥାଆନ୍ତି । ତେଣୁ କୃଷି ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ସୁଚିନ୍ତିତ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ସ୍ୱାଧୀନତା ପ୍ରାପ୍ତି ସମୟରେ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୧୫ ଲକ୍ଷ ଟନ୍ ଥିବାସ୍ଥଳେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷବେଳକୁ ଏହା ଚାରି ଗୁଣରୁ ଅଧିକ ବୃଦ୍ଧି ପାଇଛି । ଅଧିକ ପ୍ରୋତ୍ସାହନ ଓ ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଲାଗି ଏକ ଅନୁକୂଳ ବାତାବରଣ ସୃଷ୍ଟି କରାଯାଇଛି । ରାଜ୍ୟରେ କ୍ଷୁଦ୍ର ଶିଳ୍ପ ଓ କାରିଗରୀଭିତ୍ତିକ ଶିଳ୍ପ ସ୍ଥାପନ କ୍ଷେତ୍ରରେ ଆମର ସାଫଲ୍ୟ ସର୍ବଭାରତୀୟସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇଛି । ଭାରତ ସରକାରଙ୍କ ସକ୍ରିୟ ସହଯୋଗ ଫଳରେ ଓଡ଼ିଶାରେ ବିଭିନ୍ନ ଜାତୀୟ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଏହା ଫଳରେ ଓଡ଼ିଶା ଭାରତର ଶିଳ୍ପ ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଜଳସେଚନ କ୍ଷେତ୍ରରେ ବର୍ତ୍ତମାନ ଜଳସେଚିତ ଜମିର ପରିମାଣ ଶତକଡ଼ା ୨୬ରୁ ୪୦ କୁ ବୃଦ୍ଧି କରିବା ଲାଗି ଆମେ ଲକ୍ଷ୍ୟ ଧାର୍ଯ୍ୟ କରିଛୁ ।


ଓଡ଼ିଶାକୁ ଏକ ଦରିଦ୍ର ତଥା ଅନଗ୍ରସର ରାଜ୍ୟ ଭାବରେ ଅନେକ ସମୟରେ ଚିତ୍ରଣ କରାଯାଇଥାଏ । ବିଗତ କେତେ ବର୍ଷ ଧରି ବ୍ୟାପକ ଉଦ୍ୟମ କରାଯିବା ଫଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୧୯୭୭-୭୮ରେ ଶତକଡ଼ା ୬୬.୮୯ ଥିବା ସ୍ଥଳେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ବେଳକୁ ଏହା ଶତକଡ଼ା ୪୪.୭୬କୁ ହ୍ରାସ ପାଇଛି । ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଜରିଆରେ ୨୦ ଲକ୍ଷ ପରିବାରକୁ ସାହାଯ୍ୟ ଦିଆଯାଇଛି । ତନ୍ମଧ୍ୟରୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଶତକଡ଼ା ୫୦ ଭାଗ ଓ ଇ. ଆର. ଆର. ପି. ଯୋଜନାରେ ଶତକଡ଼ା ୬୦ ଭାଗ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଉପକୃତ ହୋଇଛନ୍ତି । ରାଜ୍ୟର ଲୋକ ସଂଖ୍ୟାର ବହୁ ଭାଗ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଅନ୍ତର୍ଭୁକ୍ତ । ତେଣୁ, ଆଦିବାସୀ ଓ ହରିଜନ ତଥା ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ଏବଂ ସେମାନଙ୍କୁ ସାମାଜିକ ତଥା ଅର୍ଥନୈତିକ ଶୋଷଣରୁ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଉଦ୍ୟମ କରଯାଉଛି । ଗଣଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଆଦିମ ଅଧିବାସୀମାନଙ୍କ ମଧ୍ୟରୁ ନିରକ୍ଷରତା ଦୂରୀକରଣ ତଥା ସେମାନଙ୍କ ମଧ୍ୟରେ ନିଶା ନିବାରଣ ମନୋଭାବ ସୃଷ୍ଟି କରାଇବା ଦିଗରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି ।

ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା ସୁବିଧା ସୁଯୋଗର ସଂପ୍ରସାରଣ କ୍ଷେତ୍ରରେ ପ୍ରଭୂତ ଧ୍ୟାନ ଦିଆଯାଇଛି । ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଆମ ରାଜ୍ୟର ସଫଳତା ବିଗତ ବହୁ ବର୍ଷ ଧରି ଜାତୀୟ ସ୍ତରରେ ଶ୍ରେଷ୍ଠ ବୋଲି ବିବେଚିତ ହୋଇ ଆସୁଛି ।

ଦେଶ ବିଦେଶର ବହୁସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆମ ରାଜ୍ୟରେ ଅନେକ ଚିତ୍ତାକର୍ଷକ ସ୍ଥାନ ରହିଛି । ସେଗୁଡ଼ିକ ମଧ୍ୟରେ ପୁରୀ, କୋଣାର୍କ ଓ ଗୋପାଳପୁରର ସୁଦୀର୍ଘ ଉପକୂଳ ଓ ମନୋରମ ବେଳାଭୂମି, ଅନେକ ଉଷ୍ଣପ୍ରସ୍ରବଣ, ମନୋରମ ଚିଲିକା ହ୍ରଦ, ସବୁଜ ବନାନୀ, ବିପୁଳ ଉଦ୍ଭିଦ ଓ ବନ୍ୟପ୍ରାଣୀ ସଂପଦ, କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ବିମଣ୍ଡିତ କୋଣାର୍କ ସମେତ ବହୁ ମନ୍ଦିର, ସ୍ୱାସ୍ଥ୍ୟକର ଜଳବାୟୁ ଓ ପରିଶେଷରେ ରାଜ୍ୟବାସୀଙ୍କର ଆତିଥେୟତା ଉଲ୍ଲେଖଯୋଗ୍ୟ । ପର୍ଯ୍ୟଟକମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା କରାଯିବା ଯୋଗୁଁ ଓ ରାଜ୍ୟରେ ଶାନ୍ତିପୂର୍ଣ୍ଣ ବାତାବରଣ ରହିଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ୧୯୮୦ ରେ ୧.୬ ଲକ୍ଷ ଥିବାସ୍ଥଳେ ସଂପ୍ରତି ଏହା ପ୍ରାୟ ୮ ଲକ୍ଷକୁ ବୃଦ୍ଧି ପାଇଛି ।

ସଂକ୍ଷେପରେ କହିବାକୁ ଗଲେ ଗତ କେତେ ବର୍ଷ ଧରି ରାଜ୍ୟରୁ ଦାରିଦ୍ର୍ୟ ଓ ଅନଗ୍ରସରତାର କଳଙ୍କ ଦୂର କରି ଜନସାଧାରଣଙ୍କ ମୁହଁରେ ହସ ଫୁଟାଇବା ପାଇଁ ଓଡ଼ିଶା ସରକାର ପ୍ରବଳ ଉଦ୍ୟମ କରି ଆସୁଛନ୍ତି । ରାଜ୍ୟର ଯୁବ ଓ ବୁଦ୍ଧିଜୀବୀମାନଙ୍କ ମିଳିତ ଉଦ୍ୟମ ଓ ସହଯୋଗ ତଥା ଐକାନ୍ତିକ ନିଷ୍ଠା ଫଳରେ ଓଡ଼ିଶା ଯେ ନିକଟ ଭବିଷ୍ୟତରେ ଭାରତର ଆଗୁଆ ରାଜ୍ୟମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବ ସେ ବିଷୟରେ ମୋର ଦୃଢ଼ ବିଶ୍ୱାସ ରହିଛି । ଆମ ରାଜ୍ୟର ଜନସାଧାରଣଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ସଙ୍ଗେ ସଙ୍ଗେ ଜାତିର ସ୍ୱାଧୀନତା ଓ ଅଖଣ୍ଡତା ବଜାୟ ରଖିବା ଉଦ୍ଦେଶ୍ୟରେ ସମ୍ମିଳିତ ଓ ନିରବଚ୍ଛିନ୍ନ ଉଦ୍ୟମ କରିବା ଲାଗି, ଆସନ୍ତୁ ଆଜିର ଏହି ପବିତ୍ର ଦିବସରେ ପୁଣିଥରେ ଆମେ ଶପଥ ଗ୍ରହଣ କରିବା ।

ଜୟହିନ୍ଦ୍



### ସ୍ୱାଧୀନତା ଦିବସ ଉପଲକ୍ଷେ

# ମୁଖ୍ୟମନ୍ତ୍ରୀ
# ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ
# ବାର୍ତ୍ତା

ପୃଥିବୀ ଏକ ଶ୍ରେଷ୍ଠ ସଭ୍ୟ ଜାତିର ଦୀର୍ଘ ଯାତ୍ରାପଥରେ ୪୦ ବର୍ଷ ସମୟ ଏକ କ୍ଷୁଦ୍ର ଦୂରତ୍ୱ ମାତ୍ର । କିନ୍ତୁ ସ୍ୱାଧୀନତାର ଏହି ୪୦ ବର୍ଷ ଜାତି ପାଇଁ ଏକ ଅତ୍ୟନ୍ତ ମୂଲ୍ୟବାନ ପର୍ବ ଏବଂ ଗୌରବର ଯୁଗ । ଭାରତବର୍ଷର ଇତିହାସ ହେଉଛି ଏକ ମହାଜାତିର ଓ ଏକ ମହାଦେଶର ଇତିହାସ, ଯେଉଁଠି ଅତୀତରେ ବହୁ ଅଞ୍ଚଳ, ରାଜ୍ୟ, ଜାତି ଉପଜାତି ମଧ୍ୟରେ ବିବାଦ ଲାଗି ରହିଛି । ରାଜନୈତିକ କ୍ଷେତ୍ରରେ ଦେଶରେ ଅଳ୍ପ କେତୋଟି ସାମ୍ରାଜ୍ୟ ବିଭିନ୍ନ ସମୟରେ ବଳପୂର୍ବକ ଦେଶର ରାଜନୈତିକ ଏକତା ଆଣିବା ପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ଏହିସବୁ ସାମ୍ରାଜ୍ୟର ଅନ୍ତର୍ନିହିତ ଦୁର୍ବଳତା ଯୋଗୁ ବା ଜନସାଧାରଣଙ୍କର ସ୍ୱେଚ୍ଛାକୃତ ସହଯୋଗର ଅଭାବ ଯୋଗୁ ଏ ଏକତା ଚିରସ୍ଥାୟୀ ରହିପାରି ନାହିଁ । ମୌର୍ଯ୍ୟ ସାମ୍ରାଜ୍ୟ ହେଉ ବା ମୋଗଲ ସାମ୍ରାଜ୍ୟ ହେଉ, ତାହା ଭାରତକୁ ଏକ କରିପାରି ନାହିଁ । ଇଂରେଜମାନଙ୍କ ସମୟରେ ରାଜାରାଜୁଡ଼ା ମୋଗଲବନ୍ଦି ଏହିପରି ଦୁଇ ଭାଗରେ ବିଭକ୍ତ ହୋଇ ଏ ଦେଶ ଶାସିତ ହୋଇଛି ଏବଂ ସ୍ୱାଧୀନତା ପରେ ଦେଶ ଭାଗ ଭାଗ ହେଲେ ମଧ୍ୟ ଗୋଟିଏ ଏକ ଶାସନାଧୀନ ଭାରତବର୍ଷ ଭାରତର ଜନସାଧାରଣଙ୍କର ସ୍ୱେଚ୍ଛାକୃତ ସହଯୋଗ ଉପରେ ପ୍ରତିଷ୍ଠିତ ହୋଇପାରିଛି ।

ଭାରତର ସମ୍ବିଧାନ ଭାରତର ଜନସାଧାରଣଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ପ୍ରଣୀତ ହୋଇଛି । ବାହାରୁ କେହି ଏହାକୁ ଲଦି ଦେଇନାହିଁ । ଏ ଦେଶର ଇତିହାସ, ସଂସ୍କୃତି ଓ ପରମ୍ପରା ଏବଂ ପୃଥିବୀର ବିଭିନ୍ନ ଦେଶର ସମ୍ବିଧାନକୁ ଆଖି ଆଗରେ ରଖି ଦେଶର ତତ୍‌କାଳୀନ ବହୁ ଆଦର୍ଶବାଦୀ ଜନପ୍ରିୟ ନେତା, ବୁଦ୍ଧିଜୀବୀ ଓ ପୃଥିବୀର କେତେକ ଶ୍ରେଷ୍ଠ ସମ୍ବିଧାନ ବିଶେଷଜ୍ଞ ଦେଶର ସମ୍ବିଧାନ ରଚନା କରିଛନ୍ତି । ନାନା ଭାଷା, ସଂପ୍ରଦାୟ ଓ ଆଞ୍ଚଳିକ ବିଭେଦ ସତ୍ତ୍ୱେ ଏ ଦେଶକୁ କିପରି ଏକ ରଖାଯାଇ ପାରିବ ତାହାହିଁ ହେଉଛି ଏ ସମ୍ବିଧାନର ବିଶେଷତ୍ୱ । ଅନେକ ମଧ୍ୟରେ ଏକତା, ବିଭିନ୍ନତା ମଧ୍ୟରେ ସାମଞ୍ଜସ୍ୟ ରକ୍ଷାକରି ତାହାକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବାର ପଦ୍ଧତି ଏହି ସମ୍ବିଧାନରେ ଘୋଷିତ ହୋଇଛି । ସାମାଜିକ ଓ ଅର୍ଥନୈତିକ ନ୍ୟାୟର ପ୍ରତିଷ୍ଠା ଓ ଆଞ୍ଚଳିକ ବିଭେଦର ଅବସାନ ମଧ୍ୟ ଏହି ଘୋଷଣାର ଅନ୍ତର୍ଭୁକ୍ତ । ଜାତୀୟ ସ୍ୱାଧୀନତା ଏବଂ ଏକତା, ସାମ୍ପ୍ରଦାୟିକ ମୈତ୍ରୀ, ଗଣତନ୍ତ୍ର ଓ ସମାଜବାଦ ନାମରେ ଏହିସବୁ ଘୋଷଣାନାମାକୁ ଅଭିହିତ କରାଯାଇଛି । ଏହାଠାରୁ ଅଧିକ ମାନବିକତାର ମୂଲ୍ୟବୋଧ ପୃଥିବୀର ଅନ୍ୟ କୌଣସି ସମ୍ବିଧାନରେ ନାହିଁ ।

ଗତ ୪୦ ବର୍ଷ ମଧ୍ୟରେ ବହୁ ବିପଦ ଓ ସଂକଟ ମଧ୍ୟରେ ଏ ଦେଶ ତା'ର ଲକ୍ଷ୍ୟ ପଥରେ ଆଗେଇ ଚାଲିଛି । ବୈଦେଶିକ ଆକ୍ରମଣ ଓ ଆଭ୍ୟନ୍ତରୀଣ ଷଡଯନ୍ତ୍ର ସବୁ ବ୍ୟର୍ଥ ହୋଇଛି । ସାମାଜିକ ଓ ଅର୍ଥନୈତିକ ନ୍ୟାୟର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇ ପାରିଛି । ଏପରି କୌଣସି ସମସ୍ୟା ନାହିଁ ଯାହାର ସମାଧାନ କରାଯାଇ ନାହିଁ କିମ୍ବା ସଂକଟ ନାହିଁ ଯାହାର ମୁକାବିଲା କରାଯାଇ ନାହିଁ । କବିଙ୍କର "ପତନ ଅଭ୍ୟୁଦୟ ବନ୍ଧୁର ପନ୍ଥା, ଯୁଗେ ଯୁଗେ ଧାବିତ ଯାତ୍ରୀ" ହେଉଛି ଏହି ଭାରତବର୍ଷ । ମହାତ୍ମା ଗାନ୍ଧୀଙ୍କର ଅମୂଲ୍ୟ ନେତୃତ୍ୱ ପରେ ଏ ଦେଶର ନେତୃତ୍ୱ ନେଇଛନ୍ତି ପଣ୍ଡିତ ଜବାହରଲାଲ ନେହେରୁ, ଯେକି ବିଂଶ ଶତାବ୍ଦୀର ଦୁନିଆରେ ଅଳ୍ପ କେତେଜଣ ରାଷ୍ଟ୍ରନେତା ଓ ମନୀଷୀମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ । ଇନ୍ଦିରା ଗାନ୍ଧୀଙ୍କର ମହାନ୍ ବଳିଷ୍ଠ ନେତୃତ୍ୱ ଓ ଆତ୍ମବଳିଦାନ ଷଡଯନ୍ତ୍ରକାରୀ ଓ ବିଚ୍ଛିନ୍ନତାବାଦୀ ଶକ୍ତିକୁ ପରାହତ କରିଛି ଓ ଦେଶକୁ ଅଧିକ ଶକ୍ତିଶାଳୀ କରିଛି । ଆଜି ୪୧ ତମ ସ୍ୱାଧୀନତା ଦିବସରେ ଦେଶର ସଂଗ୍ରାମ ଓ ଅଗ୍ରଗତିର ଏବଂ ନେତୃତ୍ୱର ଏହି ଗୌରବପୂର୍ଣ୍ଣ ଗାଥା ଆମକୁ ସ୍ମରଣ କରିବାକୁ ହେବ ଏବଂ ଏକ ନୂତନ ସଂକଳ୍ପରେ ଆଗେଇ ଯିବା ପାଇଁ ପଡ଼ିବ ।

ଜାତି ବର୍ଣ୍ଣ ସମ୍ପ୍ରଦାୟ ଓ ଆଞ୍ଚଳିକ ଭେଦଭାବ ଭୁଲି ଯେଉଁ ଋଷି ଓ ମନୀଷୀଗଣ ଭାରତର ଜୟଗାନ କରିଥିଲେ, ସେମାନଙ୍କର ବାର୍ତ୍ତା ଏବଂ ବାଣୀରେ ଆମକୁ ଉଦ୍‌ବୁଦ୍ଧ ହେବାକୁ ହେବ । ସ୍ୱାମୀ ବିବେକାନନ୍ଦ କୁମାରିକା ଶିଳା ଉପରେ ବସି ଭାରତ ମାତାର ସୌମ୍ୟ ରୂପ ଦର୍ଶନ କରିଥିଲେ । ଭାରତୀୟ ଧର୍ମ ଓ ସଂସ୍କୃତିର ମହାନ୍ ବାର୍ତ୍ତା ପ୍ରଚାର କରିଥିଲେ । କବି ରବୀନ୍ଦ୍ରନାଥ ଠାକୁର ଏ ଦେଶକୁ 'ମହାମାନବର ସାଗର' ବୋଲି ବର୍ଣ୍ଣନା କରି ଲେଖିଥିଲେ,

''ହେ ମୋର ଚିର ପୁଣ୍ୟ ତୀର୍ଥ ଜାଗରେ ଧୀରେ
ଏହି ଭାରତର ମହାମାନବର ସାଗର ତୀରେ'' ।

୧୫ ଅଗଷ୍ଟ, ଯାହାକି ଶ୍ରୀ ଅରବିନ୍ଦଙ୍କର ଜନ୍ମ ଦିବସ ସେହି ମହାନ୍ ଦିନରେ ସେ ଏକ ଅଖଣ୍ଡ ମହାନ୍, ଗୌରବମୟ, ସ୍ୱାଧୀନ ଭାରତଭୂମିର ସ୍ୱପ୍ନ ଦେଖିଥିଲେ । ଆଜିକୁ ୮୦ ବର୍ଷ ତଳେ କବିବର ରାଧାନାଥ ଭାରତକୁ ପଦ୍ମଫୁଲ ଓ ଓଡ଼ିଶାକୁ ତା'ର ପାଖୁଡ଼ା ରୂପରେ ତାଙ୍କର ପ୍ରସିଦ୍ଧ ଭାରତ ଗୀତିକାରେ ବର୍ଣ୍ଣନା କରିଥିଲେ—

'ଭାରତ ପଂକଜଦଳମିବ ଉତ୍କଳମ୍'

କବି ମଧୁସୂଦନ ରାଓ ଆମର ଦେଶକୁ ''ତୁହି ମା ଜନମଭୂମି, ପବିତ୍ର ଭାରତଭୂମି, ତୋହର ସନ୍ତାନ ଆମେ ଅଟୁ ସରବେ'' ବୋଲି ଗାନ କରିଥିଲେ । ସ୍ୱାଧୀନତାର ଏହି ୪୦ ବର୍ଷ ମଧ୍ୟରେ ଭାରତ ସମସ୍ତ କ୍ଷେତ୍ରରେ ବିପୁଳ ଅଗ୍ରଗତି କରିଛି । ଖାଦ୍ୟ, ବସ୍ତ୍ର, ଅନ୍ୟାନ୍ୟ ଶିଳ୍ପ ଓ ସାମରିକ ଯୁଦ୍ଧାସ୍ତ୍ରରେ, ବିଜ୍ଞାନ ଓ କାରିଗରୀ କୌଶଳରେ ଭାରତ ଆଜି ସ୍ୱାବଲମ୍ବୀ ହୋଇପାରିଛି ଏବଂ ସବୁଠାରୁ ବଡ଼ କଥା, ପୃଥିବୀର ବୃହତ୍ତମ ଗଣତନ୍ତ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଛି । ପ୍ରତି ପାଞ୍ଚ ବର୍ଷରେ ଭାରତର ଜନସାଧାରଣ ନିଜର ଇଚ୍ଛା ମୁତାବକ ସରକାର ନିର୍ବାଚିତ କରିଛନ୍ତି ଏବଂ ଲୋକସଭା ଓ ରାଜ୍ୟ ବିଧାନ ସଭାମାନଙ୍କୁ ଗତ ସାଧାରଣ ନିର୍ବାଚନ ହେଉଛି ତା'ର ନିକଟତମ ଦୃଷ୍ଟାନ୍ତ । ଭାରତର ଜନତା ଆଜି ଜଣେ ଯୁବକ ପ୍ରଧାନ ମନ୍ତ୍ରୀଙ୍କୁ ଶାସନର ବାଗଡୋର ଅର୍ପଣ କରିଛନ୍ତି । ଦେଶର କଠିନତମ ସମସ୍ୟାମାନଙ୍କର ସମାଧାନ କରିବା ପାଇଁ ଶ୍ରୀ ରାଜୀବ ଗାନ୍ଧୀ ଅସୀମ ସାହସ ଓ ଦୃଢ଼ତାର ପରିଚୟ ଦେଇଛନ୍ତି । ମାତ୍ର ଏବେ ମଧ୍ୟ ଦେଶର ଏକତା ଓ ସଂହତି ଓ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଯେଉଁ ବିପଦ ଦେଖା ଦେଇଛି, ତାହାକୁ ନ୍ୟୁନ ବୋଲି ବିଚାର କରିବା ଠିକ୍ ହେବନାହିଁ । ବୈଦେଶିକ ଷଡ଼ଯନ୍ତ୍ରକାରୀମାନେ ପୁଣି ଶକ୍ତିୟ ହୋଇ ଉଠିଛନ୍ତି । ଉଗ୍ରପନ୍ଥି ଓ ସନ୍ତ୍ରାସବାଦୀମାନଙ୍କର ହୀନ ଉଦ୍ୟମ ଶେଷ ହୋଇନାହିଁ । ଦେଶର ନେତୃତ୍ୱକୁ ନିନ୍ଦିତ କରିବା ପାଇଁ ନାନା ଅପଚେଷ୍ଟା ଲାଗି ରହିଛି । ଆଜି କ୍ଷୁଦ୍ରତା ଓ ସଂକୀର୍ଣ୍ଣ ବାଦବିବାଦର ଊର୍ଦ୍ଧ୍ୱରେ ଜାତିର ଉଜ୍ଜ୍ୱଳ ଭବିଷ୍ୟତକୁ ଆଖି ଆଗରେ ରଖି ଆଗେଇ ଯିବାକୁ ହେବ ଓ ନିଜର ସିଦ୍ଧାନ୍ତ ଓ ସଂକଳ୍ପକୁ ଅତୁଟ ରଖିବାକୁ ପଡ଼ିବ ।

ଗତ ୭ ବର୍ଷ ମଧ୍ୟରେ ଭାରତର ବିଭିନ୍ନ କ୍ଷେତ୍ରରେ ନିଜକୁ ସୁପ୍ରତିଷ୍ଠିତ କରିବା ପାଇଁ ଓଡ଼ିଶା ପକ୍ଷରୁ ବିପୁଳ ଉଦ୍ୟମ ଆରମ୍ଭ ହୋଇଛି । କୃଷି, ଜଳସେଚନ ଓ ବିଦ୍ୟୁତ୍‌ଶକ୍ତିର ବିକାଶ, ଶିଳ୍ପର ବିସ୍ତାର, ଜଙ୍ଗଲର ଉନ୍ନୟନ ଓ ସବୁଠାରୁ ଗରିବ ଲୋକଙ୍କ ଥଇଥାନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଛି । ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷାର ବିକାଶ ନିମନ୍ତେ ଏକ ସୁଚିନ୍ତିତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ବନ୍ୟା, ବାତ୍ୟା, ମରୁଡ଼ି ଓ କରକାପାତ ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହିତ ସାମ୍ନା କରାଯାଇଛି । ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କ ଉନ୍ନତି ପାଇଁ ଓ ସେମାନଙ୍କୁ ସ୍ୱଳ୍ପ ଚାକିରିରେ ସୁବିଧା ସୁଯୋଗ ଦେବା ପାଇଁ ବିରାଟ ପଦକ୍ଷେପ ମାନ ଗ୍ରହଣ କରାଯାଇଛି । ନୃତ୍ୟ, ସଂଗୀତ, ସାହିତ୍ୟ ଆଦିର ବିକାଶ କ୍ଷେତ୍ରରେ ଏକ ବିପୁଳ ସଂମ୍ଭାବନାର ଦ୍ୱାର ଉନ୍ମୁକ୍ତ କରାଯାଇଛି । ଓଡ଼ିଶାର ଏହି ଅଗ୍ରଗତି ଜାତୀୟ ସ୍ତରରେ ସ୍ୱୀକୃତ । ଏହି ଅଗ୍ରଗତି ସମ୍ଭବ ହୋଇଛି ଏକ ଶାସନଗତ ସ୍ଥିରତା, ଓଡ଼ିଶାର ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଓ ସମର୍ଥନ ପାଇଁ । ତେଣୁ ଆଜି ଏହି ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାର ଜନସାଧାରଣଙ୍କୁ ମୁଁ ମୋର ଗଭୀର କୃତଜ୍ଞତା ଜଣାଉଛି ଏବଂ ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାର ସ୍ୱପ୍ନକୁ ସଫଳ କରିବା ପାଇଁ ଆମର ସଂକଳ୍ପ ପୁଣି ଥରେ ଘୋଷଣା କରୁଛି ।

ଜୟହିନ୍ଦ୍

ଜାନକୀ ବଲ୍ଲଭ ପଟ୍ଟନାୟକ

# ମୋ ଦୃଷ୍ଟିରେ ....

ଭାରତର ଏକଷଠିତମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଓ ଶୁଭାକାଂକ୍ଷା ନେଇ 'ଉତ୍କଳ ପ୍ରସଙ୍ଗ' ତା'ର ଅଗଣିତ ପାଠକ ପାଠିକାଙ୍କୁ ଅଭିବାଦନ ଜଣାଉଛି । ଏକଷଠି ବର୍ଷ ପୂର୍ବେ ଭାରତ ସ୍ୱାଧୀନତା ପାଇଥିଲା ଏବଂ ଏହି ଦୀର୍ଘ ସମୟ ଭାରତ ଗଣତନ୍ତ୍ରକୁ ବଞ୍ଚାଇ ରଖି କ୍ରମେ ତା'ର ମୂଳଭିତ୍ତି ଦୃଢ଼ରୁ ଦୃଢ଼ତର କରି ଆଜି ପୃଥିବୀରେ ଏକ ଆଦର୍ଶ ଦେଖାଇ ଦେଇ ପାରିଛି । ଏହି ଆନନ୍ଦ ଅବସରରେ ଆମେ ଜାତି ଓ ଦେଶକୁ ସମ୍ବର୍ଦ୍ଧନା ଜଣାଉଅଛୁ ।

ଗଣତାନ୍ତ୍ରିକ ପଦ୍ଧତିରେ ଆମର ରାଷ୍ଟ୍ରପତି ନିର୍ବାଚନ ଧାରା ଆଉଥରେ ସଫଳତାର ସହ ସମ୍ପୂର୍ଣ୍ଣ ହୋଇ ଯାଇଛି । ଆମର ନୂତନ ରାଷ୍ଟ୍ରପତି ଶ୍ରୀ ରାମସ୍ୱାମୀ ଭେଙ୍କଟରମଣଙ୍କୁ ଆମେ ଓଡ଼ିଶାବାସୀଙ୍କ ତରଫରୁ ଅଭିବାଦନ କରୁଛୁ । ଶ୍ରୀ ଭେଙ୍କଟରମଣ ପୁରୁଣା ଯୁଗର ନୂତନ ନେତା ଏବଂ ତାଙ୍କୁ ବିନମ୍ର ଶ୍ରଦ୍ଧା ଜଣାଇ ଆମର ଆତ୍ମପ୍ରକାଶ । ଏହି ନୂତନ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସୁଖମୟ ଓ ସମୃଦ୍ଧିଉଦୟକ ହେବ ବୋଲି ନୀଳାଚଳ ନାଥ ପ୍ରଭୁ ଜଗନ୍ନାଥଙ୍କ ଚରଣ ତଳେ ଆମର ପ୍ରାର୍ଥନା ।

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଶାସନ ଏବେ ସାତବର୍ଷ ପୂରଣ ହୋଇ ଯାଇଛି । ଏହି ସାତବର୍ଷ, ସାଫଲ୍ୟର ଏକ ଅଭୁଲା ଉଜ୍ଜ୍ୱଳ ଉଦାହରଣ । ଦରିଦ୍ର ଏବଂ ରାଜନୈତିକ ଅସ୍ଥିର ଓଡ଼ିଶାରେ ବିଗତ ସାତ ବର୍ଷର ସମୃଦ୍ଧି ନିମନ୍ତେ ସାଧନାର ସଫଳତାର ଇତିହାସ ସମ୍ପର୍କରେ ଏଥର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କର ପ୍ରବନ୍ଧରେ ଏକ ସିଂହାବଲୋକନ କରିଛନ୍ତି । ଏହି ସାତବର୍ଷ ସତୁରୀବର୍ଷ ହେଉ— ଏହାହିଁ ଓଡ଼ିଶା ଜନସାଧାରଣଙ୍କର କାମନା ଓ ଏହି କାମନାର ସଫଳ ରୂପାୟନ ନିମନ୍ତେ ଆମେ ଓଡ଼ିଶା ଜନସାଧାରଣଙ୍କ ସହ ମିଳିତ ପ୍ରାର୍ଥନା କରୁଛୁ ନୀଳାଦ୍ରୀବିହାରୀଙ୍କ ନିକଟରେ ।

ସ୍ୱାଧୀନତା ଦିବସରେ ଆମେ ପୂର୍ବ ସୂରୀମାନଙ୍କ ବିଷୟରେ ଆଉଥରେ ସ୍ମରଣ କରି ଆମର ଶ୍ରଦ୍ଧା ଓ ଭକ୍ତି ନିବେଦନ କରିଛୁ ଏଇ ସଂଖ୍ୟାରେ । ମନକୁ ସ୍ପର୍ଶ କଲା ପରି ଓଡ଼ିଶାର ବିପ୍ଳବୀ ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଏକ ଆତ୍ମଜୀବନୀ ମୂଳକ କାହାଣୀ ଓ ଶ୍ରୀ ବାଙ୍କ ବିହାରୀ ଦାସଙ୍କର ଅଗଷ୍ଟ ବିପ୍ଳବର ସମୀକ୍ଷା ଏଥର ଉତ୍କଳ ପ୍ରସଙ୍ଗର ମୁଖ୍ୟ ପ୍ରବନ୍ଧ ଏବଂ ଏ ଦୁଇଟି ପ୍ରବନ୍ଧ ପ୍ରତି ଆମେ ପାଠକଙ୍କର ଦୃଷ୍ଟି ଆକର୍ଷଣ କରୁଛୁ । ଏ ସଂଖ୍ୟାରେ ବହୁ ଓଡ଼ିଆ ଶହୀଦ ଓ ବିପ୍ଳବୀଙ୍କ ବିଷୟରେ ଯେଉଁ ପ୍ରବନ୍ଧ ପ୍ରକାଶିତ ହୋଇଛି ତାହାହିଁ ବୀର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଆମର ବିନମ୍ର ଶ୍ରଦ୍ଧାଞ୍ଜଳି । ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିନୋଦ କାନୁନ୍‌ଗୋଙ୍କ ପ୍ରବନ୍ଧ ଅତ୍ୟନ୍ତ ସମୟୋପଯୋଗୀ ହୋଇଛି ।

ଏବେ ଭାରତର ସାମ୍ବିଧାନିକ ଇତିହାସରେ ରାଷ୍ଟ୍ରପତିଙ୍କ କ୍ଷମତା ସମ୍ପର୍କରେ ବହୁ ବାଦାନୁବାଦ ସୃଷ୍ଟିଛି । ଏ ସମ୍ପର୍କରେ ସ୍ମିତା ମିଶ୍ରଙ୍କ ପ୍ରବନ୍ଧ ପ୍ରତି ଆମେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

ସ୍ୱାଧୀନତା ପ୍ରତ୍ୟେକ ବ୍ୟକ୍ତିର ଜନ୍ମଗତ ଅଧିକାର । ସ୍ୱାଧୀନତାର ପୁଳକ ପ୍ରତ୍ୟେକ ଜାତି ନିମନ୍ତେ ଗର୍ବର ବିଷୟ । ଯେତେବେଳେ ସମଗ୍ର ଦକ୍ଷିଣ ଏସିଆରେ ଗଣତନ୍ତ୍ର ବିପନ୍ନ ହୋଇ ପଡ଼ିଲାଣି, ସେତେବେଳେ ଗଣତାନ୍ତ୍ରିକ ସ୍ୱାଧୀନତାରେ ଅଗ୍ରଣୀ ଭାରତବର୍ଷ, ଏକ ଅନ୍ଧକାରମୟ ପରିବେଶରେ ଉଜ୍ଜ୍ୱଳ ଆଲୋକ ବର୍ତ୍ତିକା ସଦୃଶ ଏବଂ ଏହି ଗଣତାନ୍ତ୍ରିକ ସ୍ୱାଧୀନତା ରକ୍ଷା କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ । ସେହି କର୍ତ୍ତବ୍ୟ ପ୍ରତି ଆମେ ଆମର ପାଠକ ପାଠିକାଙ୍କ ସଦା ଜାଗ୍ରତ ଦୃଷ୍ଟି ଆକର୍ଷଣ କରୁଛୁ ।

ଜୟହିନ୍ଦ !

# ପ୍ରଥମ ସ୍ଥାନ ସଫଳ ବର୍ଷ



ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ଆମ ଓଡ଼ିଶା ବିପୁଳ ଖଣିଜ ପଦାର୍ଥ ଓ ଜଙ୍ଗଲ ସଂପଦରେ ଭରପୂର । ଏହାର ୪୫୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ସୁବିସ୍ତୃତ ବେଳାଭୂମି, କଠିନ ପରିଶ୍ରମୀ ତଥା ସୁଶୃଙ୍ଖଳିତ ଶ୍ରମଶକ୍ତି ଓ ଗୌରବମୟ ସାଂସ୍କୃତିକ ପରଂପରା ରହିଛି । ତଥାପି ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟର ତାଡ଼ନା ବହୁକାଳଧରି ରହିଆସିଛି ! ପ୍ରଶାସନ କ୍ଷେତ୍ରରେ ଦୁହାକୁଦୁହା ପରିବର୍ତ୍ତନ ତଥା ଏକ ବଳିଷ୍ଠ, ସୁନିର୍ଦ୍ଦେଶିତ ଏବଂ ସମୃଦ୍ଧିଗାମୀ ରାଜନୀତିର ଅଭାବରୁ ରାଜ୍ୟର ପ୍ରଗତିରେ ଘୋର ଅନ୍ତରାୟ ସୃଷ୍ଟି ହୋଇଥିଲା । ରାଜ୍ୟର ଇତିହାସରେ ପ୍ରଥମ ଥର ପାଇଁ ୧୯୮୦ ମସିହାରେ ବିପୁଳ ଜନ ସମର୍ଥନ ଲାଭକରି ଏକ ସ୍ଥାୟୀ ସରକାର କ୍ଷମତାକୁ ଆସିଲା । ପୁନର୍ବାର ୧୯୮୫ ମସିହାରେ ଏହି ସରକାରଙ୍କ ସପକ୍ଷରେ ଜନସାଧାରଣ ତାଙ୍କର ସ୍ପଷ୍ଟ ରାୟ ଦେଇଥିଲେ । ୧୯୮୦ ମସିହାଠାରୁ ଏହି ସରକାର ରାଜ୍ୟର ସର୍ବାଙ୍ଗୀନ ଉନ୍ନତିଲାଗି ଅବିରତ ଉଦ୍ୟମ କରିଆସୁଛନ୍ତି । ପରଲୋକଗତା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ କେନ୍ଦ୍ର ସରକାରଙ୍କ ବଦାନ୍ୟ ସାହାଯ୍ୟରେ କେନ୍ଦ୍ରୀୟ ସ୍ତରରେ ପ୍ରଚୁର ଅର୍ଥ ଆମ ରାଜ୍ୟରେ ବିନିଯୋଗ ହୋଇଛି । ଏହା ବିଗତ ପାଞ୍ଚବର୍ଷ ମଧ୍ୟରେ ଆମର ପ୍ରଗତି ନିମନ୍ତେ ଯଥେଷ୍ଟ ସହାୟ ହୋଇଛି ।

## ଆର୍ଥିକ ବିକାଶ

ରାଜ୍ୟର ଯୋଜନା ବାବଦ ବ୍ୟୟ ଅଟକଳ ୫ମ ଯୋଜନା କାଳରେ ଅର୍ଥାତ୍ ୧୯୭୪-୭୫ଠାରୁ ୧୯୭୭-୭୮ ମଧ୍ୟରେ ୮୪୫୩.୬୨ କୋଟି ଟଙ୍କା ଥିବା ସ୍ଥଳେ ୬ଷ୍ଠ ଯୋଜନା କାଳରେ ଏହା ୧୫୭୧.୮୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି ବୃଦ୍ଧିର ହାର ଶତକଡ଼ା ୨୫୦ ଭାଗ । ସପ୍ତମ ଯୋଜନା ପାଇଁ ୨୭୦୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି । ଏହା ୬ଷ୍ଠ ଯୋଜନାର ଅର୍ଥ ବରାଦଠାରୁ ଶତକଡ଼ା ୭୨.୮ ଅଧିକ । ତିନୋଟି ବାର୍ଷିକ ଯୋଜନା ଅର୍ଥାତ୍ ୧୯୮୫-୮୬, ୧୯୮୬-୮୭ ଏବଂ ୧୯୮୭-୮୮ ବ୍ୟୟବରାଦ ଯଥାକ୍ରମେ ୪୮୬କୋଟି, ୬୧୦କୋଟି ଓ ୭୫୦କୋଟି । ଏଥିରୁ ସ୍ପଷ୍ଟ ସୂଚନାମିଳେ ଯେ ୭ମ ଯୋଜନା କାଳରେ ପ୍ରାୟ ୩୫୦୦ କୋଟି ଟଙ୍କା ବିନିଯୋଗ କରାଯିବ ।

ଏସବୁ ବ୍ୟତୀତ, ଷଷ୍ଠ ଯୋଜନା କାଳରେ ୩୫୦୦ କୋଟିଟଙ୍କା ବ୍ୟୟରେ ନାଲ୍କୋ, ପାରାଦୀପ ଫସ୍ଫେଟ୍ କାରଖାନା, ସୁନାବେଡ଼ା ପ୍ରତିରକ୍ଷା ଗୋଳାବାରୁଦ କାରଖାନା ଇତ୍ୟାଦି ବୃହତ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟହାତକୁ ନିଆଯାଇଛି । କେନ୍ଦ୍ରୀୟ ସ୍ତରରେ ରାୟଗଡ଼ା-କୋରାପୁଟ, ତାଳଚେର-ସମ୍ବଲପୁର ରେଳପଥ ଓ ସମ୍ବଲପୁର ତିତିଲାଗଡ଼ ସହିତ ମହତ୍ତ୍ୱପୂର୍ଣ୍ଣ ରେଳପଥ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଖୁବ୍ ଦ୍ରୁତଗତିରେ ଆଗେଇ ଚାଲିଛି । ପାରାଦୀପ ବନ୍ଦରର ଉନ୍ନୟନ ଦୈତାରି ଓ ପାରାଦୀପ ରେଳପଥର କାର୍ଯ୍ୟ ସମାପ୍ତି ଏବଂ ପାରାଦୀପଠାରୁ ଲୁହାପଥର ରପ୍ତାନୀ ଉଦ୍ଦେଶ୍ୟରେ ଖଣି ଅଂଚଳର ବିକାଶ ଭଳି ଅଧିକ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶୀଘ୍ର ହାତକୁ ନିଆଯାଉଛି । ତାଳଚେର ସୁପର ଥର୍ମାଲ ବିଦ୍ୟୁତ କେନ୍ଦ୍ରର କାର୍ଯ୍ୟ ମଧ୍ୟ ଆରମ୍ଭ ହେବାକୁ ଯାଉଛି । ଏହା ବ୍ୟତୀତ ଅନ୍ୟ ଏକ ବିରାଟ କେନ୍ଦ୍ରୀୟ ପ୍ରକଳ୍ପ ବାଲିଆପାଳ-ଠାରେ ଜାତୀୟ କ୍ଷେପଣାସ୍ତ୍ର ପରୀକ୍ଷାଗାର ରାଜ୍ୟରେ ପ୍ରତିଷ୍ଠା ହେବାକୁ ଯାଉଛି ।

ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି କ୍ରମାଗତ ପ୍ରାକୃତିକ ଦୁର୍ବିପାକ ସତ୍ତ୍ୱେ ଗତ ୭ ବର୍ଷ ମଧ୍ୟରେ ରାଜ୍ୟର ଆର୍ଥିକ ପ୍ରଗତି ବେଶ ଆଶାନୁରୂପ ହୋଇପାରିଛି । ରାଜ୍ୟ ଆୟର ଯୌଗିକ ଅଭିବୃଦ୍ଧି ହାର ପ୍ରଥମ ଯୋଜନାରେ ଶତକଡ଼ା ୨.୮, ଦ୍ୱିତୀୟ ଯୋଜନାରେ ଶତକଡ଼ା ୪.୧, ତୃତୀୟ ଯୋଜନାରେ ଶତକଡ଼ା ୪.୫, ଚତୁର୍ଥ ଯୋଜନାରେ ଶତକଡ଼ା ୪.୧, ଏବଂ ପଞ୍ଚମ ଯୋଜନାରେ ଶତକଡ଼ା ୫.୯ ଥିବାବେଳେ ଷଷ୍ଠଯୋଜନାରେ ଏହା ଶତକଡ଼ା ୬.୭କୁ ବୃଦ୍ଧି ପାଇଥିଲା । ଏହା କେବଳ ରାଜ୍ୟରେ ଅଭୂତପୂର୍ବ ରେକର୍ଡ ସୃଷ୍ଟି କରିପାରିଛି,

ତାହା ନୁହେଁ ବରଂ ଜାତୀୟ ଅଭିବୃଦ୍ଧି ହାର ଶତକଡ଼ା ୫.୩ ଅପେକ୍ଷା ମଧ୍ୟ ଅଧିକ । କୃଷିକ୍ଷେତ୍ରରେ ମଧ୍ୟ ବାର୍ଷିକ ଯୌଗିକ ଅଭିବୃଦ୍ଧି ହାର ଉଲ୍ଲେଖନୀୟ ହୋଇଛି । ଏକ୍ଷେତ୍ରରେ ୬ଷ୍ଠ ଯୋଜନାରେ ଜାତୀୟ ହାରାହାରି ଅଭିବୃଦ୍ଧି ହାର ଶତକଡ଼ା ୩.୮ ହୋଇଥିବାସ୍ଥଳେ ଆମ ରାଜ୍ୟର ଶତକଡ଼ା ୭.୩ ହୋଇପାରିଛି । ବର୍ତ୍ତମାନର ମୂଲ୍ୟସୂଚୀ ଅନୁଯାୟୀ ମୁଣ୍ଡପିଛା ଆୟ ୧୯୭୯-୮୦ରେ ୮୪୭ ଟଙ୍କା ଥିଲା ଏବଂ ଏହା ପ୍ରାୟ ଦ୍ୱିଗୁଣିତ ହୋଇ ୧୯୮୩-୮୪ରେ ୧,୬୮୩ଟଙ୍କା ହୋଇଛି । ରାଜ୍ୟରେ ଷଷ୍ଠଯୋଜନାର ମୋଟାମୋଟି ଉଦ୍ଦେଶ୍ୟଥିଲା ଜାତୀୟ ମୁଣ୍ଡପିଛା ଆୟ ଓ ରାଜ୍ୟର ମୁଣ୍ଡପିଛା ଆୟ ମଧ୍ୟରେ ଥିବା ତାରତମ୍ୟରେ ହ୍ରାସ ଘଟାଇବା ଏବଂ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରିଛି । ଏହି ତାରତମ୍ୟ ୧୯୭୯-୮୦ରେ ୨୩୨.୪ ଟଙ୍କା ଥିବାବେଳେ ୧୯୮୩-୮୪ରେ ୧୬୪ଟଙ୍କାକୁ ହ୍ରାସ ପାଇଛି । ଏପର୍ଯ୍ୟନ୍ତ ଏହି ପ୍ରବାହ ଅବ୍ୟାହତ ରହିଛି । ଯୋଜନା ପ୍ରଣୟନ ତଥା କାର୍ଯ୍ୟକାରୀ କରିବା ପାଇଁ ଶାସନ କଳକୁ ସୁଦୃଢ଼ ତଥା ବିକେନ୍ଦ୍ରିତ କରାଯାଇଛି ଏବଂ ଭିନ୍ନ ସ୍ତରରେ ଧାରାବାହିକଭାବେ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି ।

## ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

ପରମ୍ପରା କ୍ରମେ ରାଜ୍ୟର ବହୁସଂଖ୍ୟକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ୧୯୮୦ ବେଳେ ସାମୁହିକ ଭାବେ ଦେଶରେ ଶତକଡ଼ା ୪୮ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମୟରେ ରାଜ୍ୟ ଜନସଂଖ୍ୟାର ଦୁଇ ତୃତୀୟାଂଶ ଲୋକ ଏହି ସୀମାରେଖା ତଳେ ଥିଲେ । ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ, ସମନ୍ୱିତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ, ହରିଜନ ସ୍ୱତନ୍ତ୍ର କଂପୋନେଣ୍ଟ୍ ଯୋଜନା ଏବଂ ଯୋଡ଼ି ଶ୍ରମିକ ଥଇଥାନ କାର୍ଯ୍ୟକ୍ରମ ଭଳି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଅଧିକ ଜୋର ଦିଆଯିବା ଫଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ସବୁଠାରୁ ଗରିବ ଲୋକମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପ୍ରଥମେ ରାଜ୍ୟ ସ୍ତରରେ ଗ୍ରାମାଞ୍ଚଳ ଗରିବଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ଭଳି ଏକ ଯୋଜନା ହାତକୁ ନେବାରେ ଓଡ଼ିଶା ହେଉଛି ପ୍ରଥମ ଏବଂ ସମଗ୍ର ଦେଶର ଏକମାତ୍ର ରାଜ୍ୟ । ଏହି ପରିକଳ୍ପନା ଅନୁଯାୟୀ ଆର୍ଥିକ ସାହାଯ୍ୟ ଦିଆଯାଉଥିବା ପରିବାର ଅନ୍ୟ ଯେ କୌଣସି ଦାରିଦ୍ର୍ୟବିମୋଚନ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇନଥାନ୍ତି । ଗ୍ରାମାଞ୍ଚଳ ଗରିବ ଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ଗ୍ରାମରେ ଥିବା ପରିବାରଗୁଡ଼ିକର ଶତକଡ଼ା ୧୦ ଭାଗ ଅର୍ଥାତ୍ ପ୍ରତ୍ୟେକ ଗ୍ରାମର ସର୍ବନିମ୍ନ ୧୦ଟି ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯାଉଛି ଏବଂ ଆଦିବାସୀ ଉପଯୋଜନା ଅଞ୍ଚଳରେ ଥିବା ଗରିବ ପରିବାର ଗୁଡ଼ିକର ଶତକଡ଼ା ୨୦ ଭାଗ ଅର୍ଥାତ୍ ପ୍ରତ୍ୟେକ ଗ୍ରାମର ସର୍ବନିମ୍ନ ୨୦ଟି ଗରିବ ପରିବାର ଆର୍ଥିକ ସାହାଯ୍ୟ ପାଉଛନ୍ତି । ୧୯୮୬-୮୭ ମଧ୍ୟରେ ରାଜ୍ୟର ୧ ଲକ୍ଷ ଅତି ଗରିବ ପରିବାରକୁ ପୁରାପୁରି ସବ୍‌ସିଡ଼ି ପରିକଳ୍ପନାରେ ୧ ହଜାର ଟଙ୍କା ଛାଡ଼ କରି ଅର୍ଥିକ ସାହାଯ୍ୟ ଦେବା ପାଇଁ ସ୍ଥିର ନିର୍ଦ୍ଦିଷ୍ଟ ଉଦ୍ୟମ ଆରମ୍ଭ ହୋଇଛି । ଏଥିପାଇଁ ଋଣ ଆକାରରେ କୌଣସି ଅର୍ଥ ପରିଶୋଧ କରିବାକୁ ପଡ଼ିବ ନାହିଁ । ଏପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ଦାରିଦ୍ର୍ୟ ବିମୋଚନ ପରିକଳ୍ପନା ଅନୁଯାୟୀ ୨୦ ଲକ୍ଷରୁ ଅଧିକ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯାଇଛି । ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ଏବଂ ଗ୍ରାମାଞ୍ଚଳ ଗରିବ ଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଶତକଡ଼ା ୬୦ ଭାଗ ହେଉଛନ୍ତି ହରିଜନ ଓ ଆଦିବାସୀ ଶ୍ରେଣୀର ବ୍ୟକ୍ତି ।

ଏହି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଗୁଡ଼ିକ ରୂପାୟିତ ହେବା ଫଳରେ ଦାରିଦ୍ର୍ୟ ଅନୁପାତ ବେଶ୍ ହ୍ରାସ ପାଇଛି । କେନ୍ଦ୍ର ସରକାରଙ୍କ ଏକ ହିସାବରୁ ଜଣାଯାଉଛି ଯେ ୧୯୭୭-୭୮ରେ ଓଡ଼ିଶାର ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ୬୭.୮୯ ଥିଲା । ସଂପ୍ରତି ଏହା ୪୪.୭୬କୁ ହ୍ରାସ ପାଇଛି ଅର୍ଥାତ୍ ହ୍ରାସର ଅନୁପାତ ଶତକଡ଼ା ୩୪.୧ ହୋଇପାରିଛି । ସର୍ବଭାରତୀୟ ସ୍ତରରେ ଏହି ହ୍ରାସ ଶତକଡ଼ା ହାରାହାରି ୨୧.୧ । ଏଦୃଷ୍ଟିରୁ ଓଡ଼ିଶାରେ ହ୍ରାସର ଶତକଡ଼ା ହାର ଅଧିକ ଏବଂ କେରଳ ଓ ଗୁଜୁରାଟ ବ୍ୟତୀତ ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ମଧ୍ୟ ଅଧିକ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକସଂଖ୍ୟାର ଶତକଡ଼ା ହାର ବିଗତ ୭ ବର୍ଷ ମଧ୍ୟରେ ୬୭ରୁ ୪୪କୁ ହ୍ରାସ ପାଇଥିବା ସାମାନ୍ୟତମ ସଫଳତା ବୋଲି କୁହାଯାଇ ନପାରେ । ଆଇ. ଆର୍. ଡି. ପି. ରୂପାୟନ କ୍ଷେତ୍ରରେ ଭାରତ ସରକାରଙ୍କ ଜରିଆରେ ସ୍ୱତନ୍ତ୍ର ଗବେଷଣା ସଂସ୍ଥା ଦ୍ୱାରା କ୍ରମାଗତ ଭାବେ ରାଜ୍ୟର ସଂପ୍ରତିକ ଉଦ୍ୟମର ସମୀକ୍ଷା କରାଯାଇଛି । ସେମାନେ ଦରିଦ୍ରତମ ବ୍ୟକ୍ତିମାନଙ୍କୁ ଖୋଜି ବାହାର କରିବାରେ, ଗ୍ରାମ ସେବା ଜରିଆରେ ସଂଖ୍ୟାଧିକ ଉପକୃତ ବ୍ୟକ୍ତିଙ୍କୁ ସହାୟତା ଦେବାରେ ଏବଂ ପ୍ରକଳ୍ପ ରୂପାୟନ ଫଳରେ ଉପକୃତ ବ୍ୟକ୍ତିଙ୍କ ଆୟବୃଦ୍ଧି କରିବାରେ ରାଜ୍ୟ ସରକାରଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି ।

## ଜଳସେଚନ

ରାଜ୍ୟର ମୋଟ ଚାଷୋପଯୋଗୀ ଜମିର ପ୍ରାୟ ୬୬ ଲକ୍ଷ ହେକ୍ଟରର ମଧ୍ୟରୁ ପ୍ରାୟ ୫୯ ଲକ୍ଷ ହେକ୍ଟର ଜମିକୁ ବିଭିନ୍ନ ଉପାୟରେ ଜଳସେଚନ କରାଯାଇ ପାରିବ । ଏହି ବିପୁଳ ସେଚନ ଶକ୍ତିର ପର୍ଯ୍ୟାପ୍ତ ଉପଯୋଗ ହୋଇ ପାରୁନଥିବାରୁ ରାଜ୍ୟର କୃଷି କ୍ଷେତ୍ରରେ ଥାଣୁ ଅବସ୍ଥା ସୃଷ୍ଟି ହୋଇଥିଲା । ୧୯୮୦ରେ ମାତ୍ର ୧୨.୯ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ କରାଯାଉଥିଲା । ଅଧିକ ଜମିକୁ ବିଭିନ୍ନ ଉପାୟରେ ଜଳସେଚନର ସୁବିଧା ଯୋଗାଇ ଦିଆଯିବା ଦ୍ୱାରା ୬ଷ୍ଠ ଯୋଜନା ଶେଷ ସୁଦ୍ଧା ୧୭ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯାଇ ପାରିଥିଲା । ବିଗତ ୫ ବର୍ଷ ମଧ୍ୟରେ ଶତକଡ଼ା ୨୦ ଭାଗରୁ ଶତକଡ଼ା ୨୬ ଭାଗ ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଥିବା ଏକ ଉଲ୍ଲେଖନୀୟ ସଫଳତା ବୋଲି କୁହାଯାଇ ପାରେ । ଷଷ୍ଠ ଯୋଜନା କାଳରେ [illegible] ଉପଯୋଗୀ ଅଞ୍ଚଳକୁ ଜଳସେଚନର ସୁବିଧା ଦିଆଯାଇଥିଲା, ଯାହା ପୂର୍ବ ଯୋଜନା ଅପେକ୍ଷା ଶତକଡ଼ା [illegible] ଭାଗ ବୃଦ୍ଧି ପାଇଥିଲା । ଯୋଜନା କାଳ ମଧ୍ୟରେ [illegible] ଏହି ସର୍ବାଧିକ ଅଭିବୃଦ୍ଧି ହାର କେବଳ [illegible] ନୁହେଁ, ବରଂ ଷଷ୍ଠ ଯୋଜନା କାଳରେ ସାରା ଦେଶରେ ହାସଲ ହୋଇଥିବା ଅଭିବୃଦ୍ଧି ହାର ଶତକଡ଼ା ୨୦.୧୪ ଅପେକ୍ଷା ମଧ୍ୟ ଅଧିକ । ସପ୍ତମ ଯୋଜନା କାଳରେ ଚାଷ ଜମିର ଜଳସେଚିତ ହାର ଶତକଡ଼ା ୪୦ ଭାଗକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଷଷ୍ଠ ଯୋଜନାର ପ୍ରାରମ୍ଭରେ ରାଜ୍ୟରେ ୩୯ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲା । ଷଷ୍ଠ ଯୋଜନାକାଳରେ ୯ଟି ବୃହତ୍ ଓ ୭ଟି ମଧ୍ୟମ ପ୍ରକଳ୍ପ ସମେତ ୧୬ଟି ନୂତନ ଜଳସେଚନ ପ୍ରକଳ୍ପ ଆରମ୍ଭ ହେଲା । ଏହି ଯୋଜନାକାଳ ମଧ୍ୟରେ ୯ଟି ବୃହତ୍ ମଧ୍ୟମ ପ୍ରକଳ୍ପର କାର୍ଯ୍ୟ ଶେଷହୋଇଛି । ନଦୀବନ୍ଧଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହେବା ସଙ୍ଗେସଙ୍ଗେ ଜଳବଣ୍ଟନ ବ୍ୟବସ୍ଥାର ଉନ୍ନତି ଘଟାଇ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ ଶେଷ କରିବା ପାଇଁ ୭ମ ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ୧୯୮୭-୮୮ରେ ପ୍ରଥମଥର ପାଇଁ ଜଳବଣ୍ଟନ ବ୍ୟବସ୍ଥାର ଉନ୍ନତି ସକାଶେ ସ୍ୱତନ୍ତ୍ରଭାବେ ପାଣ୍ଠି ଯୋଗାଇ ଦିଆଯାଇଛି । ଏଥିପାଇଁ ଅପର ଇନ୍ଦ୍ରାବତୀ ସକାଶେ ୧୬ କୋଟି, ଅପର କୋଲାବ ସକାଶେ ୯.୫ କୋଟି, ରେଙ୍ଗାଲି ସକାଶେ ୧୫ କୋଟି ଓ ସୁବର୍ଣ୍ଣରେଖା ସକାଶେ ୯ କୋଟି ଟଙ୍କା ଯୋଗାଇ ଦିଆଯାଉଛି । ୧୯୯୦-୯୧ ସୁଦ୍ଧା ଅପର ଇନ୍ଦ୍ରାବତୀ ପ୍ରକଳ୍ପ ଓ ସୁବର୍ଣ୍ଣରେଖା ପ୍ରକଳ୍ପ (ପ୍ରଥମ ପର୍ଯ୍ୟାୟ)ର ଜଳସେଚନ ବ୍ୟବସ୍ଥାର କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ ନିଆଯାଉଛି । ବିଶ୍ୱ ବ୍ୟାଙ୍କ ସହାୟତା ପ୍ରାପ୍ତ ମହାନଦୀ ବ୍ୟାରେଜର ନିର୍ମାଣ ୧୯୮୮ ଶେଷସୁଦ୍ଧା ସମାପ୍ତ ହେବ । ଅପର କୋଲାବ ପ୍ରକଳ୍ପର କାର୍ଯ୍ୟ ଶେଷହୋଇ ଆସିଲାଣି । ବିଶ୍ୱବ୍ୟାଙ୍କ ସହାୟତା ପ୍ରାପ୍ତ ୧୮ ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ମଧ୍ୟରୁ ଗୋଟିକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ୯ଟି ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷହେଲାଣି । ଅନ୍ୟ ୮ଟି ପ୍ରକଳ୍ପର ନିର୍ମାଣ ୭ମ ଯୋଜନା ଶେଷସୁଦ୍ଧା ସମାପ୍ତ ହେବ । ସପ୍ତମ ଯୋଜନା କାଳରେ ଯେଉଁ ବଡ଼ବଡ଼ ପ୍ରକଳ୍ପଗୁଡ଼ିକର ନିର୍ମାଣ ସଂପୂର୍ଣ୍ଣହେବ, ସେଗୁଡ଼ିକ ହେଲା ଅଙ୍ଗ, ସୁନ୍ଦର, ବାଘଲାଟି, ଅପର ଯୋଙ୍କ, ଋଷିକୂଲ୍ୟାର ଆଧୁନିକୀକରଣ, ଘୋଡ଼ାହାଡ଼ର ସଂପ୍ରସାରଣ, ଜାମ୍ବେଲ ଓ ପୋଟେରୁ ।

କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ବ୍ୟତୀତ, ଅତିଶୀଘ୍ର ତଥା କମଖର୍ଚ୍ଚରେ ଜଳସେଚନ କରିବାପାଇଁ ବ୍ୟାପକ ଆକାରରେ ଜଳ ଅମଳ ମଣ୍ଡ ନିର୍ମାଣ ହାତକୁ ନିଆଯାଇଛି । ଏହା ରାଜ୍ୟର ଅଧିକାଂଶ ଅଞ୍ଚଳରେ ବିଶେଷ ଲୋକପ୍ରିୟ ହୋଇପାରିଛି ଏବଂ ବ୍ୟାପକ ଆକାରରେ ଏଭଳି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବାପାଇଁ ଗ୍ରାମାଂଚଳ ଶ୍ରମ ନିଯୁକ୍ତି କାର୍ଯ୍ୟକ୍ରମ, ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି କାର୍ଯ୍ୟକ୍ରମ ଓ ବିଭାଗୀୟ ବଜେଟରୁ ଏଥିପାଇଁ ଅର୍ଥ ଆହରଣ କରାଯାଉଛି । ଚଳିତ ଯୋଜନାରେ ଉଠାଜଳସେଚନ କାର୍ଯ୍ୟକ୍ରମ ଅନୁଯାୟୀ ୧.୨୦ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରାଯାଉଛି ।

## କୃଷି

ଜଳସେଚନ ସୁବିଧାର ସଂପ୍ରସାରଣ ସଙ୍ଗେସଙ୍ଗେ କୃଷି ଉତ୍ପାଦନ ତଥା ଉତ୍ପାଦିକାଶକ୍ତି ଉଲ୍ଲେଖନୀୟଭାବେ ବୃଦ୍ଧି ପାଇଛି । ୧୯୭୯-୮୦ରେ ଖାଦ୍ୟ ଉତ୍ପାଦନର ନିର୍ଦ୍ଦିଷ୍ଟ ପରିମାଣ ୩୯ଲକ୍ଷ ମେଟ୍ରିକ୍ ଟନ୍ ଥିଲା ଏବଂ ବର୍ତ୍ତମାନ ଖାଦ୍ୟ ଉତ୍ପାଦନର ପରିମାଣ ୭୦ଲକ୍ଷ ମେଟ୍ରିକ୍ ଟନ୍କୁ ବୃଦ୍ଧି ପାଇଛି । ରାଜ୍ୟରେ ୭ମ ଯୋଜନା ଶେଷସୁଦ୍ଧା ଖାଦ୍ୟଶସ୍ୟ ଉତ୍ପାଦନର ପରିମାଣ ୮୦ଲକ୍ଷ ମେଟ୍ରିକ୍ ଟନ୍ ହେବ ବୋଲି ଆଶା କରାଯାଏ । ସଘନ ଉତ୍ପାଦନ କ୍ଷେତ୍ରରେ ଏହି ରାଜ୍ୟ ଜାତୀୟ ହାରାହାରି ଉତ୍ପାଦନ ଅନୁଯାୟୀ ହେକ୍ଟର ପିଛା ୨ଟନ୍ ଉତ୍ପାଦନ କରିପାରିଛି । ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ଚାଷ ଅଧିକ ଜମିରେ ହେବା ସଙ୍ଗେସଙ୍ଗେ ଏହାର ଉତ୍ପାଦନ ମଧ୍ୟ ଆଶାନୁରୂପ ହୋଇପାରିଛି । ସାରା ଦେଶରେ ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରିପାରିଛି । ବିଗତ ୬ବର୍ଷ ମଧ୍ୟରେ ଏକର ପିଛା ସାର ବ୍ୟବହାରର ପରିମାଣ ଦ୍ୱିଗୁଣିତ ହୋଇଛି । ରାଜ୍ୟରେ ତାଲିମ ଓ ପରିଦର୍ଶନ କୃଷି ସଂପ୍ରସାରଣ ପଦ୍ଧତି କାର୍ଯ୍ୟକାରୀ ହେବା ଫଳରେ ଦକ୍ଷତା ତଥା ସ୍ୱଳ୍ପବ୍ୟୟରେ ବୈଷୟିକ କୃଷି ଯନ୍ତ୍ରପାତିର ବ୍ୟବହାର ହୋଇପାରିଛି ଏବଂ ଏହାକୁ ବିଶ୍ୱ ବ୍ୟାଙ୍କ ପ୍ରଶଂସା କରିଛନ୍ତି । ରାଜ୍ୟର ୬୬ଟି ବ୍ଲକ୍‌ରେ ସ୍ୱତନ୍ତ୍ର ଧାନ ଉତ୍ପାଦନ କାର୍ଯ୍ୟକ୍ରମ କାର୍ଯ୍ୟକାରୀହେବ । ସଙ୍ଗେସଙ୍ଗେ ୧୯୮୫ ଖରିଫ୍ ଋତୁଠାରୁ ବ୍ୟାପକ ଶସ୍ୟବୀମା ପରିକଳ୍ପନା ପ୍ରବର୍ତ୍ତନ କରାଯାଉଛି । ସଂପ୍ରତି ବହୁଳ ଆକାରରେ ସୋୟାବିନ ଚାଷ କରାଯାଉଛି ଏବଂ ଜାତୀୟ କୃଷି ମହାସଂଘ ସହାୟତାରେ ଏହାର ବିକ୍ରିବଟା ପାଇଁ ବ୍ୟବସ୍ଥା କରାଯାଉଛି

## ବିଦ୍ୟୁତ୍ ଶକ୍ତି

ରାଜ୍ୟରେ ବିଗତ ୭ବର୍ଷ ମଧ୍ୟରେ ବ୍ୟାପକଶିଳ୍ପ ସଂପ୍ରସାରଣ ହେବାରୁ ଏବଂ କୃଷିକ୍ଷେତ୍ରରେ ବିଦ୍ୟୁତଶକ୍ତିର ବ୍ୟବହାର ବୃଦ୍ଧି ପାଇବାରୁ ବିଦ୍ୟୁତ୍‌ଶକ୍ତିର ଚାହିଦା ବାର୍ଷିକ ଶତକଡ଼ା ୨୦ଭାଗ ବୃଦ୍ଧି ପାଉଛି । ଏହାଫଳରେ, ଓଡ଼ିଶାରେ ପୂର୍ବରୁ ଯେପରି ବିଦ୍ୟୁତ୍‌ଶକ୍ତି ବଳକା ରହୁଥିଲା, ତାହା ବର୍ତ୍ତମାନ ସେପରି ବଳକା ରହୁନାହିଁ । ବିଦ୍ୟୁତ୍ ଉତ୍ପାଦନର କ୍ଷମତା ବୃଦ୍ଧି ନିମନ୍ତେ ଅବିରତ ଉଦ୍ୟମ ହୋଇଆସୁଛି । ୧୯୮୦ରେ ବିଦ୍ୟୁତ ଶକ୍ତିର ପ୍ରତିଷ୍ଠିତ ସାମର୍ଥ୍ୟ ୯୧୪ ମେଗାୱାଟ ଥିଲା ଏବଂ ସଂପ୍ରତି ଏହା ୧୨୩୪ ମେଗାୱାଟକୁ ବୃଦ୍ଧି ପାଇଛି । ଏହା ବ୍ୟତୀତ, ୧୯୮୭ ଅଗଷ୍ଟ ସୁଦ୍ଧା ଅପର କୋଲାବ୍‌ର ଗୋଟିଏ ୟୁନିଟ୍‌କୁ ୮୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ଶକ୍ତି କାର୍ଯ୍ୟକ୍ଷମ କରାଯିବ ଏବଂ ୬ମାସ ପରେ ଆଉ ୨ଟି ୟୁନିଟ୍ କାର୍ଯ୍ୟକାରୀ ହେବ । ରେଙ୍ଗାଲି ୨ୟ ପର୍ଯ୍ୟାୟ, ହୀରାକୁଦର ୭ମ ୟୁନିଟ୍, ଅପର କୋଲାବ୍ ୨ୟ ପର୍ଯ୍ୟାୟ ଓ ଇନ୍ଦ୍ରାବତୀର ପ୍ରଥମ ୟୁନିଟ୍‌ଗୁଡ଼ିକ ସଂପ୍ରସାରଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷହେଲେ ୭ମ ଯୋଜନା ଶେଷସୁଦ୍ଧା ପ୍ରତିଷ୍ଠିତ ବିଦ୍ୟୁତ ... ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଫଳରେ ନାଲ୍‌କୋ, ରାଉରକେଲା ଇସ୍ପାତ୍ କାରଖାନା ପ୍ରଭୃତି ସରକାରୀ ଉଦ୍ୟୋଗରେ ଏବଂ ଇମଫା ସଂସ୍ଥାଭଳି ବେସରକାରୀ ଉଦ୍ୟୋଗରେ କ୍ୟାପ୍ଟିଭ ବିଦ୍ୟୁତ୍ କାରଖାନାମାନ ପ୍ରତିଷ୍ଠା କରାଯାଇଛି । ରାଜ୍ୟ ସ୍ତରରେ ଇବ୍ ଥର୍ମାଲ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି, ଯେଉଁଥିରୁ ୮୪୦ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ଉପଲବ୍ଧ ହୋଇପାରିବ । ଜାତୀୟ ଥର୍ମାଲ ବିଦ୍ୟୁତ୍ ନିଗମଦ୍ୱାରା ତାଳଚେର ସୁପର ଥର୍ମାଲ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହାର ପ୍ରତିଷ୍ଠିତ ସାମର୍ଥ୍ୟ ହେଉଛି ୩୦୦୦ ମେଗାୱାଟ୍ ।

ଗ୍ରାମାଞ୍ଚଳରେ ବିଦ୍ୟୁତିକରଣ କ୍ଷେତ୍ରରେ, ୧୯୮୦ ସୁଦ୍ଧା ୪୬,୯୯୨ ଗ୍ରାମ ମଧ୍ୟରୁ ୧୭,୬୩୧ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଥିଲା । ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ୧୦,୬୪ଟି ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯାଇଛି । ଶଣ୍ଡ, ବିଗତ ୭ ବର୍ଷ ମଧ୍ୟରେ ବିଦ୍ୟୁତ ଯୋଗାଇ ଦିଆଯାଇଥିବା

ଗ୍ରାମଗୁଡ଼ିକର ଶତକଡ଼ା ହାର ୩୬ରୁ ୫୬କୁ ବୃଦ୍ଧି ପାଇଛି । ଅନଗ୍ରସର ଅଞ୍ଚଳରେ ଅଧିକ ସଂଖ୍ୟକ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି । ହରିଜନ ବସ୍ତି-ଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି । ହରିଜନ ବସ୍ତିଗୁଡ଼ିକୁ ବିଦ୍ୟୁତ୍‌କରଣ କରିବା କାର୍ଯ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛି ।

## ଶିଳ୍ପ

ହଜାରେ ଦିନରେ ହଜାରେ କୋଟି ଟଙ୍କା ବିନିଯୋଗରେ ହଜାରେଟି ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ୧୯୮୦ ମସିହାରେ ଏକ ଆହ୍ୱାନ ଦିଆଯାଇଥିଲା । ଶିଳ୍ପ ପ୍ରସାରକୁ ଅଧିକ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଅର୍ଥ ବିନିଯୋଗ ତଥା ଶିଳ୍ପୋଦ୍ୟୋଗୀମାନଙ୍କ ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ ଏଠି ପ୍ରଗତିଶୀଳ ଶିଳ୍ପ ନୀତି ପ୍ରଣୟନ କରାଯାଇଥିଲା । ନାଲ୍‌କୋ, ପାରାଦୀପ ସାର କାରଖାନା ଓ ବଲାଙ୍ଗୀର ଜିଲ୍ଲା ସଇଁତଲା ଠାରେ ପ୍ରତିରକ୍ଷା ଗୋଳାବାରୁଦ କାରଖାନା ଭଳି ବହୁ କେନ୍ଦ୍ରୀୟ ଶିଳ୍ପ ପ୍ରକଳ୍ପ ଗଢି ଉଠିଥିଲା ।

୧୯୮୦-୮୬ ମଧ୍ୟରେ ରାଜ୍ୟ ସ୍ତରରେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଆଶାତୀତ ଅଭିବୃଦ୍ଧି ଘଟିଛି । ୧୯୮୬ ମସିହାରେ ନୂତନ ଶିଳ୍ପନୀତି ପୁନଃ ପ୍ରଣୟନ କରାଗଲା । ଦେଶ ସ୍ୱାଧୀନତା ଲାଭ କରିବାଠାରୁ ୧୯୮୦ ସୁଦ୍ଧା କେନ୍ଦ୍ରୀୟ ତଥା ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠିତ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପଗୁଡ଼ିକ ସମେତ ୫୮ଟି ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା । ଷଷ୍ଠ ଯୋଜନା କାଳରେ ୩୦୦ କୋଟି ଟଙ୍କା ବିନିଯୋଗରେ ୧୧୩ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରତିଷ୍ଠା କରାଯାଇ ୧୫,୦୦୦ ଲୋକଙ୍କ ପାଇଁ କର୍ମ ନିଯୁକ୍ତିର ସୁବିଧା ଦିଆଯାଇ ପାରିଛି ଏବଂ ବିଗତ ୭ ବର୍ଷ ମଧ୍ୟରେ ଏହି ଶିଳ୍ପଗୁଡ଼ିକ ମଧ୍ୟ ଉତ୍ପାଦନକ୍ଷମ ହୋଇ-ପାରିଛି । ଏହା ବ୍ୟତୀତ, ୨୫୧ କୋଟି ଟଙ୍କା ବିନିଯୋଗରେ ୧୧,୦୦୦ ଲୋକଙ୍କ କର୍ମନିଯୁକ୍ତି ପାଇଁ ୬୨ଟି ମଧ୍ୟମ ଓ ବୃହତ୍ ଶିଳ୍ପ କାରଖାନାର ନିର୍ମାଣ କାର୍ଯ୍ୟର ପରିସମାପ୍ତି ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିପାରିଛି । ଏହା ବ୍ୟତୀତ, ୧୨୪୧ କୋଟି ଟଙ୍କା ବିନିଯୋଗରେ ୩୦,୦୦୦ ବ୍ୟକ୍ତିଙ୍କ କର୍ମନିଯୁକ୍ତି ସୁବିଧା ପାଇଁ ୧୦୨ଟି ପ୍ରକଳ୍ପ ପ୍ରତିଷ୍ଠା ବିଷୟ ନିଷ୍ପତ୍ତି ହେବାକୁ ଯାଉଛି । କାର୍ଯ୍ୟକାରୀ ହେବାକୁ ଯାଉଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅଟୋମୋବାଇଲ୍ ଟାୟାର ଓ ଟିଉବ୍, ଟିଟାନିୟମ୍ ଡାଇଅକ୍‌ସାଇଡ୍, ଆଲୁମିନିୟମ୍ ରୋଲିଂ ଓ କାଷ୍ଟିଂ, ପଲିଷ୍ଟର ଫିଲାମେଣ୍ଟ ୟାର୍ଣ୍ଣ, ପ୍ଲାଇଉଡ୍, ଇଲେକ୍‌ଟ୍ରୋନିକ୍‌ସ ଓ କଂପ୍ୟୁଟର ଏବଂ ଅନୁରୂପ ଅନେକଗୁଡ଼ିଏ ଅତ୍ୟାଧୁନିକ ତଥା ଉଚ୍ଚ ବୈଷୟିକ ମାନର ଶିଳ୍ପ କାରଖାନା ଅନ୍ତର୍ଭୁକ୍ତ ।

କ୍ଷୁଦ୍ର ତଥା କାରିଗରୀ ଶିଳ୍ପର କାର୍ଯ୍ୟ ଅଧିକ ସନ୍ତୋଷଜନକ ହୋଇଛି । ବିଗତ ୬ ବର୍ଷ ମଧ୍ୟରେ ୨୧୮ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ପ୍ରାୟ ୧·୫୦ ଲକ୍ଷ ଲୋକଙ୍କୁ କର୍ମନିଯୁକ୍ତିର ସୁବିଧା ଯୋଗାଇ ଦେବା ପାଇଁ ୨୦,୦୦୦ଟି କ୍ଷୁଦ୍ର ଶିଳ୍ପ କାରଖାନା ପ୍ରତିଷ୍ଠା କରାଯାଇଛି । କାରିଗରୀ ଭିତ୍ତିକ ଶିଳ୍ପ କାରଖାନା କ୍ଷେତ୍ରରେ, ଏହି ସମୟ ମଧ୍ୟରେ ୭ ଲକ୍ଷ ଲୋକଙ୍କ କର୍ମନିଯୁକ୍ତି ପାଇଁ ଏଲକ୍ଷି ୫·୨୬ ଲକ୍ଷ ଶିଳ୍ପ କାରଖାନା ଗଢି ଉଠିଛି । ପ୍ରତି ଜିଲ୍ଲା ଶିଳ୍ପ କେନ୍ଦ୍ର ଲକ୍ଷେ ସଂଖ୍ୟକ ଶିଳ୍ପ ପ୍ରତିଷ୍ଠା କରିଛନ୍ତି ଓ ସେଥିରେ କେତେ

ଲୋକଙ୍କ ପାଇଁ କର୍ମନିଯୁକ୍ତିର ସୁବିଧା ସୃଷ୍ଟି ହୋଇଛି, ତାହାକୁ ବିସ୍ତରକୁ ନେଇ ଯୋଜନା କମିଶନ ଆମ ରାଜ୍ୟର କାର୍ଯ୍ୟାବଳୀ କ୍ରମାଗତ ୩ ବର୍ଷ ଧରି ସର୍ବଶ୍ରେଷ୍ଠ ବୋଲି ମତବ୍ୟକ୍ତ କରିଛନ୍ତି ।

୧୯୮୫ ମାର୍ଚ୍ଚ ଶେଷସୁଦ୍ଧା ସର୍ବଭାରତୀୟ ଋଣପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକରୁ ଓଡ଼ିଶା ଶିଳ୍ପପ୍ରତିଷ୍ଠା କରିବା ନିମନ୍ତେ ୯୨୦କୋଟି ଟଙ୍କା ଅଂଶ ପାଇଛି । ତନ୍ମଧ୍ୟରୁ ୧୯୮୧-୮୫ ମଧ୍ୟରେ ୭୦୨କୋଟି ଟଙ୍କା ଅର୍ଥାତ୍ ଶତକଡ଼ା ୭୬ଭାଗ ଅର୍ଥ ମଂଜୁର ହୋଇଥିଲା । ୧୯୮୬ରେ ସର୍ବଭାରତୀୟ ଋଣପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକରୁ ଯେତିକି ଆର୍ଥିକ ସାହାଯ୍ୟ ମଂଜୁର ହୋଇଥିଲା, ତାହାର ଶତକଡ଼ା ବୃଦ୍ଧିହାର ୧୯୮୧ ମସିହା ତୁଳନାରେ ଓଡ଼ିଶାପାଇଁ ୩୨୨, ଯାହାକି ସାରାଦେଶରେ ସର୍ବାଧିକ । ରାଜ୍ୟରେ ଶିଳ୍ପକାରଖାନା ନିମନ୍ତେ ବିଦ୍ୟୁତ୍‌ଶକ୍ତି ଉପଯୋଗ ଆଶାତୀତଭାବେ ବୃଦ୍ଧି ପାଇଛି । ଶିଳ୍ପକାରଖାନା ନିମନ୍ତେ ବିଦ୍ୟୁତ୍‌ଶକ୍ତିର ମୁଣ୍ଡପିଛା ଉପଯୋଗ କ୍ଷେତ୍ରରେ ଓଡ଼ିଶା ସାରା-ଦେଶରେ ୭ମ ସ୍ଥାନ ଅଧିକାର କରିଛି । ଏକ ଶୃଙ୍ଖଳିତ କର୍ମଶକ୍ତି ତଥା ପରିଶ୍ରମୀ ଶ୍ରମିକ ଏବଂ ଶାନ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁଁ ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଅଭିବୃଦ୍ଧି ସମ୍ଭବ ହୋଇଛି । ୧୯୮୧-୮୫ ମଧ୍ୟରେ ବର୍ଷକୁ ହାରାହାରି ୧୬୮ଟି ଶ୍ରମଦିବସ ହରତାଳ ଓ ଶ୍ରମବିବାଦ ସକାଶେ ନଷ୍ଟ ହେଉଥିଲା । କିନ୍ତୁ ଓଡ଼ିଶାରେ ଏହି ସମୟ ମଧ୍ୟରେ ମାତ୍ର ହାରାହାରି ୯୮ଟି ଶ୍ରମଦିବସ ନଷ୍ଟ ହୋଇଛି ।

ସିଲ୍କ ଶିଳ୍ପପ୍ରତି ଜୋର ଦିଆଯିବାପାଇଁ ୬ଷ୍ଠ ଯୋଜନା କାଳରେ ୩କୋଟି ଟଙ୍କା ବ୍ୟୟ ଅଟକଳରେ ତସର ପ୍ରକଳ୍ପ ଆରମ୍ଭ କରାଯାଇଥିଲା ଏବଂ ଚଳିତବର୍ଷ ଏହି ପ୍ରକଳ୍ପ ଚାଲୁରହିଛି । ମଲବରୀ ଚାଷ ମଧ୍ୟ ପ୍ରଦର୍ଶନ କରାଯାଇଥିଲା ଏବଂ ଗଂଜାମ ଜିଲ୍ଲାରେ ୧୦୦୦ ଏକର ଜମିରେ ୫କୋଟି ଟଙ୍କା ବ୍ୟୟରେ ମଲବରୀ ଚାଷପାଇଁ ଏକ ପ୍ରକଳ୍ପ ହାତକୁ ନିଆଯାଇଛି । କେନ୍ଦ୍ରୀୟ ସିଲ୍କବୋର୍ଡ ତସରପାଇଁ ୩ଟି ଆଗୁଆ ସଂପ୍ରସାରଣ ତଥା ତାଲିମକେନ୍ଦ୍ର ଏବଂ ମଲବରୀ ନିମନ୍ତେ ୩ଟି ସଂପ୍ରସାରଣ କେନ୍ଦ୍ର ଓ ଗୋଟିଏ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି ।

ବୟନଶିଳ୍ପ କ୍ଷେତ୍ରରେ, ୯ଟି ସୂତାକଳ ପ୍ରତିଷ୍ଠା କରାଯିବା ସମେତ ୧୩,୮୦୦ଟି ତନ୍ତକୁ ସଂଗଠିତ କରାଯାଇଛି ଏବଂ ଆର୍ଥିକ ସାହାଯ୍ୟ ଦିଆଯାଇଛି । ରାଜ୍ୟ ସରକାର ଜାତୀୟକରଣ ପରେ ଚୌଦ୍ୱାର ଓଡ଼ିଶା ଟେକ୍ସଟାଇଲ ମିଲ୍ ଓ ଝାରସୁଗୁଡ଼ା ତାସର ଟେକ୍ସଟାଇଲ ମିଲ୍‌କୁ ପୁନର୍ବାର ଖୋଲି କରିଛନ୍ତି । ବୁଣାକାରମାନଙ୍କୁ ସାହାଯ୍ୟଦେବା ପାଇଁ ତନ୍ତଗୁଡ଼ିକୁ ଆଧୁନିକୀକରଣ କରାଯାଇଛି ଏବଂ ବ୍ୟାପକ ଆକାରରେ ସମବାୟର ପରିସରଭୁକ୍ତ କରାଯାଇଛି ।

## ଆଦିବାସୀ ଓ ହରିଜନ କଲ୍ୟାଣ

ରାଜ୍ୟର ମୋଟ ଲୋକସଂଖ୍ୟାର ଶତକଡ଼ା ୩୮ଭାଗ ହେଉଛନ୍ତି ଆଦିବାସୀ ଓ ହରିଜନ । ରାଜ୍ୟ ସରକାର ଆଦିବାସୀ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ଉନ୍ନୟନ ଦିଗ ଏବଂ ଆଦିବାସୀ ଓ ହରିଜନ କଲ୍ୟାଣ ନିମନ୍ତେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ଲୋକସଂଖ୍ୟାର ଶତକଡ଼ା ୨୩ଭାଗ ଆଦିବାସୀ ହୋଇଥିବାରୁ ଯୋଜନାବାବଦ ମୋଟ ବଜେଟ ଅଟକଳର ଶତକଡ଼ା ୩୦ଭାଗରୁ ଅଧିକ ଅର୍ଥ ଆଦିବାସୀ

ଉପଯୋଜନା ଅଞ୍ଚଳଗୁଡ଼ିକପାଇଁ ଦିଆଯାଇଛି । ବିଭିନ୍ନ ଦାରିଦ୍ର୍ୟ ବିମୋଚନ କାର୍ଯ୍ୟକ୍ରମ ଅନୁଯାୟୀ ୭ଲକ୍ଷରୁ ଅଧିକ ସଂଖ୍ୟକ ଆଦିବାସୀ ଓ ୬ଲକ୍ଷରୁ ଅଧିକ ସଂଖ୍ୟକ ହରିଜନଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଇଛି । ଆଦିବାସୀ ଉପଯୋଜନା ଅଂଚଳ ଗୁଡ଼ିକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରାଥମିକ ଶିକ୍ଷାପାଇଁ ଆବାସିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଛି । ୧୯୮୬ ମସିହା ପହିଲଠାରୁ ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କପାଇଁ ଆବାସିକ ଶିକ୍ଷାଅନୁଷ୍ଠାନଗୁଡ଼ିକରେ ବୋର୍ଡ଼ିଂଦେୟ ଓ ଛାତ୍ରବୃତ୍ତି ବଢ଼ାଇ ଦିଆଯାଇଛି । ହରିଜନ ବସ୍ତିଗୁଡ଼ିକରେ ବ୍ୟାପକ ଆକାରରେ ଭିତ୍ତିଭୂମି ଉନ୍ନୟନ କରାଯାଇଛି । ବିଗତ ୭ବର୍ଷ ମଧ୍ୟରେ ୨,୫୦୦ ହରିଜନ ବସ୍ତିରେ ରାସ୍ତାକଡ଼ରେ ବିଦ୍ୟୁତ୍ ଆଲୋକ ଦିଆଯାଇଛି । ୧୯୮୦ରେ ଜୁନମାସରେ ସ୍ଥାପିତ କରିଥିବା ହରିଜନ ଆଦିବାସୀ ଅର୍ଥଲଗାଣକାରୀ ସମବାୟ ନିଗମ ଜଳସେଚନ, ମାଛଚାଷ, ବୟନ, ଚମଡ଼ାକାମ ଇତ୍ୟାଦି ଭଳି ପରିକଳ୍ପନା ଗୁଡ଼ିକପାଇଁ ମାର୍ଜିନ୍ ମନି ସାହାଯ୍ୟ ଯୋଗାଇଦେଇ ହରିଜନ ଓ ଆଦିବାସୀମାନଙ୍କ ଆର୍ଥିକ ଉନ୍ନତି-କଳ୍ପେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି । ସଫେଇ ଧନ୍ଦାରେ ନିୟୋଜିତ ହରିଜନ ପରିବାର ଗୁଡ଼ିକର ଥଇଥାନ ସୁବିଧା କରାଯାଇଛି ଏବଂ ଶୁଷ୍କ ସୌଚାଗାରଗୁଡ଼ିକୁ ପାଇପଜଳ ବ୍ୟବସ୍ଥା-ଥିବା ଫ୍ଲସ ଶୌଚାଗାରରେ ପରିଣତ କରାଯାଇଛି । ଜାତୀୟ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳ ଶ୍ରମନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ହରିଜନ ଓ ଆଦିବାସୀ ନିମନ୍ତେ ବାସଗୃହ ନିର୍ମାଣର ସୁବିଧା ଯୋଗାଇଦିଆଯାଇଛି । ସରକାରୀ ବିଭାଗ ଓ ସରକାରୀ ଉଦ୍ୟୋଗରେ ପରିଚାଳିତ ସଂସ୍ଥାଗୁଡ଼ିକରେ ୧୯୭୫ମସିହା ଓଡ଼ିଶା ଚାକିରି ସଂରକ୍ଷଣ ଆଇନର ବ୍ୟବସ୍ଥା ଗୁଡ଼ିକୁ ଅଧିକ କଡ଼ାକଡ଼ିଭାବେ କାର୍ଯ୍ୟକାରୀ କରାଯାଇଛି । ଏହି ଆଇନର ବ୍ୟବସ୍ଥା ଗୁଡ଼ିକର ଭଙ୍ଗପାଇଁ ଦଣ୍ଡ ବ୍ୟବସ୍ଥା କରିବାକୁ ଉକ୍ତ ଆଇନର ସଂଶୋଧନ ନିମନ୍ତେ ସଂପ୍ରତି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ମହିଳା ଓ ଶିଶୁମାନଙ୍କର କଲ୍ୟାଣ

ବାର୍ଦ୍ଧକ୍ୟ ଭତ୍ତା ପରିକଳ୍ପନା ଅନୁଯାୟୀ ଭତ୍ତାର ହାର ୨୫ ଟଙ୍କାରୁ ୪୦ ଟଙ୍କାକୁ ବୃଦ୍ଧି କରାଯିବା ସଙ୍ଗେ ସଙ୍ଗେ ୧ ଲକ୍ଷ ଲୋକ ଯେପରି ଏହି ଭତ୍ତା ପାଇପାରିବେ, ସେଥିପ୍ରତି ଧ୍ୟାନ ଦିଆଯାଇଛି । ସରକାର ବହୁ ସଂଖ୍ୟକ ବିଧବାଙ୍କୁ ଭତ୍ତା ଦେବାକୁ ସ୍ଥିର କରିଛନ୍ତି । ଉଚ୍ଚ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ମହିଳାମାନଙ୍କର ଶିକ୍ଷାକୁ ଅବୈତନିକ କରାଯାଇଛି । ସମସ୍ତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ, ଗ୍ରାମ୍ୟ ସ୍ୱାସ୍ଥ୍ୟ ଗାଇଡ୍ ଏବଂ ପୌଢ଼ ଶିକ୍ଷା ପରିଦର୍ଶକ ଚାକିରିର ଶତକଡ଼ା ୫୦ ଭାଗ ମହିଳାମାନଙ୍କ ପାଇଁ ସଂରକ୍ଷଣ କରା-ଯାଇଛି । ସମସ୍ତ ଶିଳ୍ପ କାରଖାନାରେ ମୋଟ କର୍ମଚାରୀଙ୍କ ମଧ୍ୟରେ ଶତକଡ଼ା ୧୦ ଭାଗ ମହିଳାଙ୍କୁ ନିଯୁକ୍ତି ଦେବା ନିମନ୍ତେ ସେମାନଙ୍କୁ ଆଦେଶ ଦିଆଯାଇଛି । ପ୍ରଧାନମନ୍ତ୍ରୀଙ୍କର ଶିକ୍ଷିତ ବେକାର-ମାନଙ୍କୁ ଆତ୍ମ ନିଯୁକ୍ତି ଯୋଜନାଅନୁଯାୟୀ ଉପକୃତ ବ୍ୟକ୍ତିମାନଙ୍କ ମଧ୍ୟରେ ଶତକଡ଼ା ୧୦ ଜଣ ମହିଳା ଯେପରି ଉପକୃତ ହେବେ ସେ ଦିଗରେ ପଦକ୍ଷେପ ନିଆଯାଇଛି । ଗ୍ରାମାଞ୍ଚଳର ମହିଳା-ମାନଙ୍କୁ ପଲ୍ଲୀ ଶିଶୁ କେନ୍ଦ୍ର ଓ. ଡ଼ି. ଡବ୍ଲ୍ୟୁ. ସି. ଆର୍. ଏ. ଭଳି କାର୍ଯ୍ୟକ୍ରମରେ ନିଯୁକ୍ତି ଦିଆଯାଇଛି । କର୍ମଜୀବୀ ମହିଳାମାନଙ୍କ ନିମନ୍ତେ ଭୁବନେଶ୍ୱର, କଟକ, ରାଉରକେଲା, ଢେଙ୍କାନାଳ, ସମ୍ବଲପୁର, ବ୍ରହ୍ମପୁର ଓ ଭଉଟପୁର ଠାରେ ହଷ୍ଟେଲମାନ ନିର୍ମାଣ କରାଯାଇଛି ଏବଂ ଜୟପୁର, ବଲାଙ୍ଗୀର, ପୁରୀ ଓ ବୁର୍ଲାଠାରେ ଅନୁରୂପ ହଷ୍ଟେଲମାନ ନିର୍ମାଣ କରାଯାଉଛି ।

୧୯୮୦ ମସିହାରେ ମାତ୍ର ୮ଟି ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିଲା । ବିଗତ ୭ ବର୍ଷ ମଧ୍ୟରେ ଏଭଳି ୮୪ଟି ପ୍ରକଳ୍ପ ଆରମ୍ଭ ହୋଇଛି । ୧୯୮୦-୮୧ ରେ ୧·୧ଲକ୍ଷ ମହିଳା ଓ ଶିଶୁ ଏଭଳି ପ୍ରକଳ୍ପର ଅନ୍ତର୍ଭୁକ୍ତ ହୋଇଥିବା ସ୍ଥଳେ ବର୍ତ୍ତମାନ ୧୩ଲକ୍ଷ ମହିଳା ଓ ଶିଶୁ ଏହି ପ୍ରକଳ୍ପର ଅନ୍ତର୍ଭୁକ୍ତ ହୋଇଛନ୍ତି । ଅସହାୟ ଶିଶୁମାନଙ୍କର କଲ୍ୟାଣ ନିମନ୍ତେ ବାଲୱାଡ଼ି ଓ ଶିଶୁଘର ଗୁଡ଼ିକୁ ଅତ୍ୟନ୍ତ ଉଦାରତାର ସହ ଆର୍ଥିକ ସାହାଯ୍ୟ ଦିଆଯାଉଛି । ପ୍ରତି ପିଲା ଚଳିବା ପାଇଁ ଏହି ଅନୁଷ୍ଠାନ ଗୁଡ଼ିକର ରକ୍ଷଣାବେକ୍ଷଣ ମଞ୍ଜୁର ଅର୍ଥ ୮୫ରୁ ୧୪୫ ଟଙ୍କାକୁ ବଢ଼ାଇ ଦିଆଯାଇଛି । ୧୯୮୦ ମସିହାରେ ଏଭଳି ୪୦ଟି ଅନୁଷ୍ଠାନ ୭୪୦ ଜଣ ଅସହାୟ ଶିଶୁଙ୍କର ଲାଳନପାଳନ ଯତ୍ନ ନେଉଥିବା ସ୍ଥଳେ ବର୍ତ୍ତମାନ ଏଭଳି ୫୨ଟି ଶିଶୁଘର ୩,୦୦୦ ଅସହାୟ ଶିଶୁଙ୍କର ଯତ୍ନ ନେଉଛନ୍ତି । ସମନ୍ୱିତ ଶିଶୁ ବିକାଶ ପରିକଳ୍ପନା ଅନୁଯାୟୀ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମର ଅଧିକାଂଶ କାର୍ଯ୍ୟ ବିଗତ ୭ ବର୍ଷ ମଧ୍ୟରେ ହୋଇଛି । ୧୯୮୦-୮୧ରେ ୨୦·୪୨ ଲକ୍ଷ ଶିଶୁ ଓ ଆସନ୍ନ ପ୍ରସବା ମାଆ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ସ୍ଥଳେ ବର୍ତ୍ତମାନ ଏହା ୩୧ ଲକ୍ଷକୁ ବୃଦ୍ଧି ପାଇଛି ।

## ଶାରୀରିକ ଅସାମର୍ଥ୍ୟମାନଙ୍କ କଲ୍ୟାଣ

ଆମ ରାଜ୍ୟରେ ଅସାମର୍ଥ୍ୟ ଲୋକଙ୍କ ସଂଖ୍ୟା ୬୨୦୦୦ । ୧୯୮୦ ମସିହା ପୂର୍ବରୁ ସମାଜର ଏହି ଅସାମର୍ଥ୍ୟ ଶ୍ରେଣୀର ଲୋକଙ୍କ ପ୍ରତି କୌଣସି ଧ୍ୟାନ ଦିଆଯାଇ ନ ଥିଲା କହିଲେ ଚଳେ । ଶାରୀରିକ ଅସାମର୍ଥ୍ୟମାନଙ୍କ ଏକ ପେନ୍‌ସନ୍ ପରିକଳ୍ପନା ପ୍ରବର୍ତ୍ତନ କରାଯାଇଛି । ଶାରୀରିକ ଅସାମର୍ଥ୍ୟଙ୍କ ନିମନ୍ତେ ଜିଲ୍ଲା ସଦର ମହକୁମା ହାସ୍‌ପାତାଳଗୁଡ଼ିକର ଫିଟ୍‌ମେଣ୍ଟ କେନ୍ଦ୍ରମାନ ଖୋଲା-ଯାଇଛି ଏବଂ ଆନୁଷ୍ଠାନିକ ଶିକ୍ଷା, ଧନ୍ଦାମୂଳକ ତାଲିମ ଓ ଆତ୍ମ ନିଯୁକ୍ତିର ସୁବିଧା ସୁଯୋଗ ଜରିଆରେ ସେମାନଙ୍କର ଆର୍ଥିକ ଥଇଥାନ କରାଯାଉଛି । ଶାରୀରିକ ଅସାମର୍ଥ୍ୟମାନେ ଯେପରି ଶିକ୍ଷା ଦିଗରେ ଅଗ୍ରସର ହେବେ, ସେଥିପାଇଁ ସେମାନଙ୍କୁ ମେଧା-ବୃତ୍ତି ଦିଆଯାଉଛି । ପ୍ରତ୍ୟେକ ଜିଲ୍ଲାରେ ଦୃଷ୍ଟିହୀନଙ୍କ ପାଇଁ ଗୋଟିଏ ଓ ବଧିରମାନଙ୍କ ପାଇଁ ଗୋଟିଏ—ଏହିପରି ଦୁଇଟି ଲେଖାଏଁ ବିଦ୍ୟାଳୟ ଖୋଲଯାଇଛି । ଶାରୀରିକ ଅସାମର୍ଥ୍ୟଙ୍କ ପାଇଁ ସରକାରୀ ବିଭାଗ ଓ ସରକାରୀ ଉଦ୍ୟୋଗରେ ପରିଚାଳିତ ସଂସ୍ଥାମାନଙ୍କରେ ଶତକଡ଼ା ୩ ଭାଗ ଚାକିରୀ ସଂରକ୍ଷଣ କରା-ଯାଇଛି ।

## ପାନୀୟ ଜଳ

୧୯୮୦ ମସିହାଠାରୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଆଶାତିରିକ୍ତ ସଫଳତା ହାସଲ ହୋଇଛି । ୧୯୮୦ ମସିହା ପୂର୍ବରୁ ୩୪୬୧ଟି ଗ୍ରାମରେ ନଳକୂପ ବସାଯାଇଥିବା ସ୍ଥଳେ ବିଗତ ୭ବର୍ଷ ମଧ୍ୟରେ ୨୫,୦୦୦ ଗ୍ରାମରେ ଏକ କିମ୍ବା ଏକାଧିକ ନଳକୂପ ବସାଯାଇଛି । ୧୯୮୦ ପୂର୍ବରୁ ମୋଟ ୧୨,୦୦୦ ନଳକୂପ ବସାଯାଇଥିଲା ଏବଂ ବର୍ତ୍ତମାନ ଏହାର ସଂଖ୍ୟା ପ୍ରାୟ ୬୫,୦୦୦କୁ ବୃଦ୍ଧି

ପାଉଛି । ରାଜ୍ୟର ପ୍ରତ୍ୟେକ ଗ୍ରାମକୁ ଅନ୍ୟୂନ ଗୋଟିଏ ଉପାୟରେ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ହେଉଛି ସପ୍ତମ ଯୋଜନାର ଅଭିମୁଖ୍ୟ । ଖାରିଜଳ ଅଞ୍ଚଳରେ ଡାନିଡା ପ୍ରକଳ୍ପ ଜରିଆରେ ସୁଗଭୀର ନଳକୂପ ବସାଯାଉଛି ଏବଂ ପାହାଡ଼ିଆ ଅଞ୍ଚଳରେ ବୈଷୟିକ ମିଶନ ପ୍ରକଳ୍ପ ଜରିଆରେ ସ୍ୱତନ୍ତ୍ର ଧରଣର ନଳକୂପ ବସାଯାଉଛି ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଓଡ଼ିଶାର କାର୍ଯ୍ୟାବଳୀ ବିଗତ ବହୁବର୍ଷ ଧରି ସର୍ବଶ୍ରେଷ୍ଠ ବୋଲି ଜାତୀୟ ସ୍ତରରେ ବିବେଚିତ ହୋଇଛି ।

## ବାସଗୃହ

ଗ୍ରାମାଞ୍ଚଳ ଓ ନଗରାଞ୍ଚଳରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ନିମନ୍ତେ ଏକ ବ୍ୟାପକ ବାସଗୃହ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ବିଗତ ୭ବର୍ଷ ମଧ୍ୟରେ ବିଭିନ୍ନ ବାସଗୃହ ବିଭିନ୍ନ ବାସଗୃହ ନିର୍ମାଣ ପରିକଳ୍ପନା ଅନୁଯାୟୀ ୬୦,୦୦୦ ରୁ ଅଧିକ ବାସଗୃହ ନିର୍ମାଣ କରାଯାଇଛି । ଚଳିତ ଯୋଜନାରେ ହରିଜନ ଓ ଆଦିବାସୀ ଶ୍ରେଣୀର ଉପକୃତ ବ୍ୟକ୍ତିଙ୍କ ନିମନ୍ତେ ଇନ୍ଦିରା ଆବାସ ଯୋଜନା ଓ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ପୁରାପୁରୀ ସବ୍‌ସିଡ଼ି ଭିତ୍ତିରେ ୫୦,୦୦୦ ବାସଗୃହ ନିର୍ମାଣ କରାଯାଇଛି । ଅନ୍ୟାନ୍ୟ ଗୋଷ୍ଠୀର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ନିମନ୍ତେ ଏହିପରି ୫୦,୦୦୦ ବାସଗୃହ ଶତକଡ଼ା ୫୦ ଭାଗ ସବ୍‌ସିଡ଼ି ଭିତ୍ତିରେ ନିର୍ମାଣ କରାଯାଇଛି ।

## ବନ୍ଦର ଓ ରେଳପଥ

ଦେଶ ସ୍ୱାଧୀନତା ଲାଭ କରିବା ପରଠାରୁ ୧୯୮୦ ମସିହା ସୁଦ୍ଧା ମାତ୍ର ୬୦୦ କିଲୋମିଟର ରେଳପଥ ନିର୍ମାଣ କରାଯାଇଛି । ଏହାପରେ ୫୨୫ କିଲୋମିଟର ଦୈର୍ଘ୍ୟ ନୂତନ ରେଳପଥ ନିର୍ମିତ ହୋଇଛି । କୋରାପୁଟ-ରାୟଗଡ଼ା ଓ ତାଳଚେର-ସମ୍ବଲପୁର ରେଳପଥର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ପାରାଦୀପ ବନ୍ଦର ଦେଇ ଲୁହା ପଥର ରପ୍ତାନୀ କରିବା ପାଇଁ ସମନ୍ୱିତ ପରିକଳ୍ପନା ଅନୁଯାୟୀ ଦଇତାରୀ-ବାଂଶପାଣି ରେଳପଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ସମ୍ବଲପୁର ପାଇଁ ଏକ ନୂତନ ରେଳବାଇ ଡିଭିଜନ ମଞ୍ଜୁର ହୋଇଛି ଏବଂ ରେଳବାଇ ସ୍ତରଗୁଡ଼ିକରେ ଲୋକ ନିଯୁକ୍ତି ନିମନ୍ତେ ଭୁବନେଶ୍ୱରଠାରେ ରେଳବାଇ ସର୍ଭିସ କମିଶନ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି ।

ରାଜ୍ୟ ସ୍ତରରେ ଗୋପାଳପୁରଠାରେ ଏକ ବନ୍ଦର ପ୍ରତିଷ୍ଠା କରାଯାଇଛି ଏବଂ ଏହାକୁ ସବୁଦିନିଆ ଜାହାଜ ପାଇଁ ବଡ଼ ବନ୍ଦରରେ ପରିଣତ କରିବାକୁ ପଦକ୍ଷେପ ନିଆଯାଉଛି । ବିଦ୍ୟୁତ୍ ଉତ୍ପାଦନ ପାଇଁ ଓଡ଼ିଶାରୁ ଦାକ୍ଷିଣାତ୍ୟ ରାଜ୍ୟଗୁଡ଼ିକୁ ୬ ନିୟୁତ ଟନ୍ କୋଇଲା ରପ୍ତାନୀ କରିବାକୁ ପାରାଦୀପ ବନ୍ଦରରେ ସବୁ ସୁବିଧା ସୃଷ୍ଟି କରାଯାଉଛି । ବଡ଼ବଡ଼ ଜାହାଜରେ ଲୁହାପଥର ରପ୍ତାନୀ କରିବା ପାଇଁ ପାରାଦୀପ ବନ୍ଦରକୁ ଅଧିକ ଗଭୀର କରାଯିବ ।

ଅସ୍ତରଙ୍ଗ ଓ କଣ୍ଟାପଡ଼ାଠାରେ ମାଛଧରା ଜେଟି ନିର୍ମାଣ କରାଯାଇଛି ଏବଂ ପାରାଦୀପ ଓ ଗୋପାଳପୁରଠାରେ ମାଛଧରା ଜେଟି ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ।

## ପର୍ଯ୍ୟଟନ

୧୯୮୦ ମସିହା ପରେ ବର୍ତ୍ତମାନର ସରକାରଙ୍କ ଦ୍ୱାରା ରାଜ୍ୟରେ ଥିବା ପର୍ଯ୍ୟଟନ ସଂକ୍ରାନ୍ତ ସମସ୍ତ ସୁବିଧା ସୁଯୋଗର ଉପଯୋଗ କରାଯାଉଛି । ହୋଟେଲକୁ ଏକ ଶିଳ୍ପ ରୂପେ ଘୋଷଣା କରାଯାଇଛି । ସରକାରଙ୍କ ପ୍ରୋତ୍ସାହନ ଫଳରେ, ୧୯୮୦ ମସିହାରେ ଥିବା ହୋଟେଲ ଶଯ୍ୟାଗୁଡ଼ିକର ସଂଖ୍ୟା ୩୩୩୩ରୁ ୧୧,୦୦୦ରୁ ଅଧିକକୁ ବଢ଼ି ଯାଇଛି । ବଡ଼ବଡ଼ ସହରଗୁଡ଼ିକ ସହ ଭୁବନେଶ୍ୱରର ରେଳ ଓ ବିମାନ ଯୋଗାଯୋଗ ରହିଛି । ଭୁବନେଶ୍ୱର-ପୁରୀ-କୋଣାର୍କ ସ୍ୱର୍ଣ୍ଣ ତ୍ରିଭୁଜ ସମେତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ଉନ୍ନୟନ ନିମନ୍ତେ ପଦକ୍ଷେପ ନିଆଯାଇଛି । ଏହା ଫଳରେ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୮ ଲକ୍ଷକୁ ବୃଦ୍ଧି ପାଇଛି । ୧୯୮୦ ମସିହାରେ ଏହି ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ମାତ୍ର ୧.୬ଲକ୍ଷ ।

## ସଂସ୍କୃତି

ସଂସ୍କୃତି ବିଭାଗ ଓ ବିଭିନ୍ନ ଅକାଦମୀ, ଯଥା - ଓଡ଼ିଶା ସାହିତ୍ୟ ଅକାଦମୀ, ଓଡ଼ିଶା ସଙ୍ଗୀତ ନାଟକ ଅକାଦମୀ ଓ ଓଡ଼ିଶା ଲଳିତ କଳା ଅକାଦମୀର କାର୍ଯ୍ୟାବଳୀକୁ ଅଧିକ ସକ୍ରିୟ କରାଯାଇଛି । ଏକ ନୂତନ ଉର୍ଦ୍ଦୁ ଅକାଦମୀ ପ୍ରତିଷ୍ଠା କରାଯାଇଛି । ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ଧାରାବାହିକ ସମ୍ପ୍ରସାରଣ, ବିକାଶ ଓ ପରିପୁଷ୍ଟିର ନିମନ୍ତେ ଏକ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଯେପରି ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ପାଏ, ସେ ଦିଗରେ ଓଡ଼ିଶୀ ଗବେଷଣା କେନ୍ଦ୍ର ସହାୟତା ପରିଷଦରେ ପ୍ରସ୍ତାବ ଉପସ୍ଥାପିତ କରୁଛନ୍ତି । ଦକ୍ଷିଣ ପୂର୍ବ ଏସିଆ ସହ ଓଡ଼ିଶାର (କଳିଙ୍ଗ) ଅର୍ଥନୀତି ଓ ସାଂସ୍କୃତିକ ସଂଯୋଗର ଆହରଣ ଲାଗି "ପ୍ରାଚୀନ ଓଡ଼ିଶା ଓ ଦକ୍ଷିଣ ପୂର୍ବ ଏସିଆ ପ୍ରକଳ୍ପ" ନାମକ ଏକ ପ୍ରକଳ୍ପ ଆରମ୍ଭ କରାଯାଇଛି ।

## କ୍ରୀଡ଼ା ଜଗତ

ରାଜ୍ୟରେ ପ୍ରଥମ ଥର ପାଇଁ କ୍ରୀଡ଼ା ନୀତି ପ୍ରଣୟନ କରାଯିବା ସଙ୍ଗେ ସଙ୍ଗେ କ୍ରୀଡ଼ା ବିଭାଗ ସୃଷ୍ଟି କରାଯାଇଛି । ସରକାରଙ୍କ ସକ୍ରିୟ ସହଯୋଗ ଓ ସହାୟତା ଫଳରେ ବାରବାଟୀ ଷ୍ଟାଡ଼ିୟମର ସମ୍ପ୍ରସାରଣ, କଟକଠାରେ ଇନଡୋର ଷ୍ଟାଡ଼ିୟମ କମପ୍ଲେକ୍ସ ନିର୍ମାଣ କରାଯାଇଛି । ଏହା ବ୍ୟତୀତ ଜିଲ୍ଲା ଓ ସବଡ଼ିଭିଜନାଲ ସଦର ମହକୁମାରେ କ୍ଷୁଦ୍ର ଷ୍ଟାଡ଼ିୟମ ପ୍ରତିଷ୍ଠା କରାଯାଇଛି । ସ୍କୁଲ ସ୍ତରରେ ଖେଳ ପଡ଼ିଆଗୁଡ଼ିକର ଉନ୍ନତି କରାଯାଉଛି ଏବଂ କଟକ, ରାଉରକେଲା, ସମ୍ବଲପୁର, ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରେ କ୍ରୀଡ଼ା ଛାତ୍ରାବାସ ପ୍ରତିଷ୍ଠା କରାଯାଇଛି । ବହୁ ସଂଖ୍ୟକ କ୍ରୀଡ଼ାବିତଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ ଦିଆଯାଉଛି ।

## ଶିକ୍ଷା

ବିଗତ ସାତବର୍ଷ ମଧ୍ୟରେ ରାଜ୍ୟରେ ବହୁ ସଂଖ୍ୟକ ଶିକ୍ଷାନୁଷ୍ଠାନ ଖୋଲିଛି । ୧୯୮୦ ମସିହା ପୂର୍ବରୁ ରାଜ୍ୟରେ ୧୧୪ଟି ବେସରକାରୀ ମହାବିଦ୍ୟାଳୟ ଥିଲା । ଏହି ସମୟ

ପରେ ୨୧୦ଟି ନୂତନ ମହାବିଦ୍ୟାଳୟ ଖୋଲାଯାଇଛି । ବିଶେଷତଃ ମହିଳା ଶିକ୍ଷାର ଉନ୍ନତି କଲ୍ପେ ବେସରକାରୀ ମହାବିଦ୍ୟାଳୟଗୁଡ଼ିକୁ ଦିଆଯାଉଥିବା ଗ୍ରାଣ୍ଟ-ଇନ-ଏଡ଼ ନିୟମାବଳୀକୁ କୋହଳ କରାଯାଇଛି । ପୁରୀଠାରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ଏବଂ ଭୁବନେଶ୍ୱରଠାରେ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସ୍ନାତକୋତ୍ତର ଶିକ୍ଷା ଓ ବୈଷୟିକ ଶିକ୍ଷା ନିମନ୍ତେ ଅଧିକ ସୁବିଧା ସୁଯୋଗ ଦିଆଯାଇଛି । ଦୁଇଟି ନୂତନ ଇଞ୍ଜିନିୟରିଙ୍ଗ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଭୁବନେଶ୍ୱରଠାରେ ଗୋଟିଏ ପରିକଳ୍ପନା ପ୍ରତିଷ୍ଠାନ ଓ କେନ୍ଦ୍ରୀୟ ପ୍ଲାଷ୍ଟିକ ଇଞ୍ଜିନିୟରିଙ୍ଗ ଓ ଯନ୍ତ୍ରପାତି ଅନୁଷ୍ଠାନ ଖୋଲାଯାଇଛି । ସାର୍ବଜନୀନ ମୌଳିକ ଶିକ୍ଷା ନିମନ୍ତେ ୩,୦୦୦ରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ଓ ୧,୦୦୦ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ଏବଂ ଏହି ସମୟ ମଧ୍ୟରେ ପ୍ରାୟ ୧୦,୦୦୦ ପକ୍କା ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇଛି । ୧୯୭୯-୮୦ ମସିହାରେ ୬ ରୁ ୧୧ ବର୍ଷ ବୟସର ଛାତ୍ର ଛାତ୍ରୀଙ୍କର ଅନୁପାତ ଶତକଡ଼ା ୮୨ ଥିବା ସ୍ଥଳେ ଉକ୍ତ ଅନୁପାତ ଶତକଡ଼ା ୯୬ କୁ ବୃଦ୍ଧି ପାଇଛି । ମାଧ୍ୟମିକ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ଘଟାଇବା ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ନବୋଦୟ ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଛି ।

## ରାସ୍ତା ଓ ସେତୁ

ସରକାର ବିଶେଷତଃ ଆଦିବାସୀ ଓ ଅନଗ୍ରସର ଅଞ୍ଚଳରେ ଯୋଗାଯୋଗ ସୁବିଧାର ଉନ୍ନତି ଘଟାଇବା ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିଛନ୍ତି । ବିଗତ ସାତବର୍ଷ ମଧ୍ୟରେ ୪୦୦ ରୁ ଅଧିକ ବଡ଼ ବଡ଼ ସେତୁ ନିର୍ମାଣ କରାଯାଇଛି ଏବଂ ବିଭିନ୍ନ ଧରଣର ପ୍ରାୟ ୯୦୦୦ କିଲୋମିଟର ଦୈର୍ଘ୍ୟର ରାସ୍ତା ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ଉନ୍ନତି ମଧ୍ୟ କରାଯାଇଛି । ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ୧୯୮୦ ମସିହା ପରେ ୬ ହଜାର ଗ୍ରାମକୁ ସବୁଦିନିଆ ରାସ୍ତାରେ ସଂଯୋଗ କରାଯାଇଛି । ରାଜ୍ୟର ସମସ୍ତ ବ୍ଲକ ସଦର ମହକୁମାକୁ ସବୁଦିନିଆ ପକ୍କା ରାସ୍ତାରେ ସଂଯୋଗ କରିବା ପାଇଁ ସପ୍ତମ ଯୋଜନାରେ ଲକ୍ଷ୍ୟ ରଖାଯାଇଛି ।

ଜୟ ଜୟ ହିନ୍ଦୁ ମୁସଲମାନ,
ଶିଖ୍, ପାରସୀ, ଜୈନ, ବୌଦ୍ଧ, ୟୁହୁଦି, ଖ୍ରୀଷ୍ଟିୟାନ ।
ନ କରି କାହାରି ଭୟ        ଗାଅ ଜନ୍ମଭୂମି ଜୟ,
ସ୍ୱାଧୀନତା—ବୈଜୟନ୍ତୀ ଉଡାଅ ଅଦମ୍ୟ;
ଚଳିଯାଉ ସିଂହନାଦେ ମୁକ୍ତ ହିନ୍ଦୁସ୍ଥାନ ।
ଭାରତ ଗଗନ,        ଭାରତ ପବନ,
ଭାରତର ମାଟି, ଭାରତେ ଚିର ଅମୂଲ୍ୟ ଧନ
ଗାଅ [illegible] ଏକତାନେ ଭାରତର ଜୟଗାନ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ଫୋନ-୨୦୮୧୮ ଟେଲେକ୍ସ-୦୬୭୬-୨୨୬
ଗ୍ରାମ-ଉଦ୍ୟୋଗ

# ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ

( ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ )

## ବାରବାଟୀ ଷ୍ଟାଡ଼ିୟମ, କଟକ-୭୫୩୦୦୫

* କ୍ଷୁଦ୍ରଶିଳ୍ପକୁ ବିଭିନ୍ନ ପ୍ରକାରର କଞ୍ଚାମାଲ ଯୋଗାଇ ଦେଇଥାଏ । କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ସୁନାବେଡ଼ା, ରାଉରକେଲା, ଜଗତ୍‌ପୁର, କୋଲୁଗାଁ ଓ ସମ୍ବଲପୁରଠାରେ ଥିବା ଡିପୋରେ ନିମ୍ନଲିଖିତ କଞ୍ଚାମାଲ ମିଳେ । ଲୁହା ଓ ଇସ୍ପାତର ଆଙ୍ଗେଲ, ଚ୍ୟାନେଲ୍, ରଡ୍, ପ୍ଲେଟ, କସ୍ତା, ତାରପିନ୍ ତେଲ, ଆଜବେଷ୍ଟସ୍ ସିଟ୍, ଧାତୁ ୱେଲ୍ଡ କରିବା ଇଲେକ୍‌ଟ୍ରୋଡ୍ ଛାତ ପାଇଁ ଆଲୁମିନିୟମ୍ ସିଟ୍, ପଲିପ୍ରପେଲିନ୍, ଏଲ୍. ଡି. ପି. ଇ, ପି. ପି. ପି. ଭି. ସି. ଓ ମହମ ଇତ୍ୟାଦି ମିଳେ ।
* କ୍ଷୁଦ୍ରଶିଳ୍ପ ଜାତ ଦ୍ରବ୍ୟର ଦେଶ ବିଦେଶରେ ବଜାର ସୃଷ୍ଟି କରେ
* କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ସଂପର୍କରେ ପରାମର୍ଶ ଦିଏ । ପ୍ରୋଜେକ୍ଟ ରିପୋର୍ଟ ତିଆରି କରାଯାଏ
* କେତେକ ନୂତନ ଧରଣର କ୍ଷୁଦ୍ରଶିଳ୍ପରେ ପୁଞ୍ଜି ବିନିଯୋଗ କରେ
* ଜଗତ୍‌ପୁରଠାରେ ଏକ ଗଭୀର ନଳକୂପର ହାତପମ୍ପ କାରଖାନା ଏହି ନିଗମ ଦ୍ୱାରା ପ୍ରତିଷ୍ଠା ହୋଇସାରିଛି
* ଭୁବନେଶ୍ୱର ଉତ୍କଳ ଭବନରେ ଏହି ଉଦ୍ୟୋଗର ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଅଛି । ଏହା ବିଭିନ୍ନ ଅଫିସ ଓ ବ୍ୟବସାୟୀ ସଂସ୍ଥାର ବିକ୍ରି ହିସାବ ଏବଂ ଦରମା ଖାତା ଇତ୍ୟାଦିର ନିର୍ଭୁଲ ଭାବେ ହିସାବ ରଖି ପାରୁଛି ।
* କ୍ଷୁଦ୍ରଶିଳ୍ପ ସ୍ଥାପନ ନିମନ୍ତେ ଏହି ଉଦ୍ୟୋଗ ପକ୍ଷରୁ ୫୦୦ ବିଭିନ୍ନ କ୍ଷୁଦ୍ର ଶିଳ୍ପର ବିସ୍ତୃତ ବିବରଣୀ ଥିବା ପୁସ୍ତିକା ବିଭିନ୍ନ ବିଶିଷ୍ଟ ବୈଷୟିକ ପରାମର୍ଶ ଦାତାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରି ହେଉଛି ।

କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରନ୍ତି

**ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ**

# ଅରି ପେଷି ନାହିଁ, ଯୁଝି ମରି ନାହିଁ

ଶ୍ରୀ ଅନନ୍ତ ପଟ୍ଟନାୟକ

୧୯୩୧ ମାର୍ଚ୍ଚ ମାସ । ଗାନ୍ଧୀ ଇର୍‌ଉଇନ୍ ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଥାଏ । ୧୯୩୦ ଏପ୍ରିଲ ୬ ତାରିଖ ଦିନ ମହାତ୍ମା ଗାନ୍ଧୀ ଗୁଜୁରାଟର ଡାଣ୍ଡିଠାରେ ଲବଣ ଆଇନ ଅମାନ୍ୟ କରି ଭାରତର ସ୍ୱାଧୀନତା ସଂଗ୍ରାମର ଶୁଭ ଆରମ୍ଭ କଲେ । ସରକାରଙ୍କ ସବୁ ଦମନଲୀଳା ସତ୍ତ୍ୱେ ସଂଗ୍ରାମ ଲାଗି ରହିଥାଏ । ତନେ ହିଁ କେତେ ଜଣ ଲୋକଙ୍କୁ ନେଇ ବିଲାତରେ ବ୍ରିଟିଶ ସରକାର ଗୋଟିଏ ଗୋଲଟେବୁଲ ବୈଠକ ବସାଇ ଥାଆନ୍ତି । ସେଥିରେ ଆଲୋଚନା ଚାଲିଥାଏ ଭାରତୀୟଙ୍କ ହାତକୁ କେତେ କ୍ଷମତା ବଢ଼ାଇ ଦିଆଯିବ ! ଭାରତୀୟ ଭାରତରେ ଶାସନ ଚଳାଇବା ପାଇଁ ଏପର୍ଯ୍ୟନ୍ତ ଯୋଗ୍ୟ ହୋଇ ନାହାନ୍ତି । ତେଣୁ ସେମାନଙ୍କ ହାତକୁ ଗୁଡ଼ାଏ କ୍ଷମତା ବଢ଼ାଇ ଦେଲେ ଦେଶଟା ଛାରଖାର ହୋଇଯିବ । ଅତି ଧୀରେ ଧୀରେ କିଛି କିଛି କ୍ଷମତା ଦେଇ ବ୍ରିଟିଶ ଜାତି ଦେଖିବ ଭାରତୀୟମାନେ କେମିତି ତାହା ସଦୁପଯୋଗ କରୁଛନ୍ତି । ଯଦି ସେମାନଙ୍କର ଯୋଗ୍ୟତାର ପ୍ରମାଣ ସେମାନେ ଦେବେ କ୍ରମେ କିଛି କିଛି ଅଧିକ କ୍ଷମତା ହସ୍ତାନ୍ତର କରାଯିବ । ଏମିତି କରି କରି ପଚାଶ ଶହେ ବର୍ଷ ପରେ ବ୍ରିଟିଶ ଜାତି ହୁଏତ ଭାରତରୁ ବିଦାୟ ନେଇଯିବେ । ଏହିଭଳି କଥା ବ୍ରିଟିଶ ସରକାରଙ୍କ ପକ୍ଷରୁ କୁହା ଯାଉଥାଏ । ଏହି ବ୍ୟବସ୍ଥାକୁ ଯେଉଁମାନେ ସମର୍ଥନ କରିବେ ବୋଲି ସରକାରଙ୍କର ବିଶ୍ୱାସ ହେଉଥାଏ ସେହିମାନଙ୍କୁ ଭାରତୀୟ ଜନମତର ପ୍ରତିନିଧି ବୋଲି ସ୍ୱୀକାର କରି ଗୋଲଟେବୁଲ ବୈଠକକୁ ନିମନ୍ତ୍ରଣ କରାଯାଇଥିଲା । ଏଣେ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଦବଚ କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ତେଣେ ଗୋଲଟେବୁଲ ବୈଠକରେ ଆଲୋଚନା ଚାଲିଥାଏ । ଭାରତର ଗାଁ ଗଣ୍ଡାରେ ଲୋକେ ଗୀତ ବୋଲୁ ଥାଆନ୍ତି—

ଏ ଯେ ଗୁଣ୍ଡା ସରକାର<br>
ଗୁଣ୍ଡାମି ସଙ୍ଗେ ସଙ୍ଗେ ଲୁଣ୍ଠାମି,<br>
ତାର ନିତ୍ୟ କାରବାର<br>
ବଡ଼ ବଡ଼ ସାଧାରଣ ସଭାରେ ବୋଲା ଯାଉଥାଏ—<br>
ଦିନରାତି ମୋର ସେହି ଚିନ୍ତା<br>
କେବେ ସେହି ଚିନ୍ତା—<br>
ସରକାର ଶବ ଦାହ ହେବ କେବେ<br>
ଦେଖିବି ମୁଁ ତାର ଶେଷ ଚିତା ।

## ନ ଡାକଲେ ଚଳିବ ନାହିଁ

କେତେ ମାସ ଗୁଡ଼ାଏ ଚକ୍ଷୁ ବୁଜିଲା ପରେ ବ୍ରିଟିଶ ସରକାର ଅନୁଭବ କଲେ—ଏହି ଯେଉଁମାନଙ୍କୁ ଡକାଯାଇଛି, ସେମାନଙ୍କ ଦ୍ୱାରା ଖିଆଲିହିବ ନାହିଁ । ସେମାନେ କାହାରି ପ୍ରତିନିଧିତ୍ୱ କରୁନାହାନ୍ତି—ଏପରିକି ନିଜର ପ୍ରତିନିଧିତ୍ୱ କରୁଥାନ୍ତି କି ନାହିଁ ତାହା ଠିକ୍ ଜଣା ପଡୁନାହିଁ । ଯଦି କଂଗ୍ରେସର ପ୍ରତିନିଧି ବିଶେଷ କରି ମହାତ୍ମା ଗାନ୍ଧୀ ନ ଆସନ୍ତି ଓ ଗୋଲଟେବୁଲ ବୈଠକରେ ଯୋଗ ନଦିଅନ୍ତି, ଭାରତର ଲୋକେ ସନ୍ତୁଷ୍ଟ ହେବେ ନାହିଁ । ସୁଖର କଥା ଯେ ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ମଧ୍ୟ ଏହିଭଳି ମତ ପ୍ରକାଶ କଲେ । ତାହାର ଦାନ ହେଲା ସରକାର କଂଗ୍ରେସ ସହିତ ଗୋଟିଏ ଅସ୍ଥାୟୀ ସନ୍ଧି କଲେ । ରାଜବନ୍ଦୀମାନେ ମୁକ୍ତ ହୋଇଗଲେ, ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଗୋଲଟେବୁଲ ବୈଠକରେ ଯୋଗ ଦେବେ ବୋଲି ସ୍ଥିର ହେଲା ।

ଓଡ଼ିଶାର ଶହ ଶହ ରାଜବନ୍ଦୀ ବିହାରର ପାଟନା, ହଜାରୀବାଗ, ଭାଗଲପୁର, ମୁଙ୍ଗେର ଜେଲରେ ଥିଲେ । ସେତେବେଳେ ବିହାର ଏବଂ ଓଡ଼ିଶା ଥାଏ ଗୋଟିଏ ପ୍ରଦେଶ । ସତ୍ୟାଗ୍ରହୀମାନେ ଜେଲମୁକ୍ତ ହେଲା ପରେ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ କଟକ କାଠଯୋଡ଼ି ନଦୀ ବାଲିରେ ଗୋଟିଏ ବିରାଟ ସାଧାରଣ ସଭାର ଆୟୋଜନ । ସେତେବେଳେ କଟକ ସହରର ଲୋକ ସଂଖ୍ୟା ମାତ୍ର ବାଅନ ହଜାର । ସତେ ଯେପରିକି ସହରର ଅଧେ ଲୋକ ସଭାସ୍ଥଳରେ ଜୁଟି । ଆଉ ପାଖ ଗାଁ ଗହଳିରୁ ବହୁ ଲୋକ ଆସି ଥାଆନ୍ତି । ସେହି ସଭାରେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୋଟିଏ ଗୀତ ବୋଲା ହେଲା ।

ତାହାର ପ୍ରଥମ ପଦଟି ଥିଲା—

"ଅରି ପେଷିନାହିଁ,<br>
ଯୁଝ କରି ନାହିଁ<br>
ଆସ ମୋ ଶିବିରେ ଆସ ଭାଇ.........."

ସମସ୍ତେ ମନ୍ତ୍ର ମୁଗ୍ଧ ହୋଇ ଏହି ଗୀତଟି ଶୁଣୁ ଥାଆନ୍ତି । ଆମ କେତେ ଜଣଙ୍କ ଆଖିରୁ ଲୁହ ଗଡ଼ି ଆସୁଥାଏ ।

## ଆଜିର ପ୍ରାସଙ୍ଗିକତା

ଆଜି ଯେତେବେଳେ ସ୍ୱାଧୀନତା ସଂଗ୍ରାମର ପଚିଶ ବର୍ଷ ପୂରି ଯାଉଛି ସମସ୍ତେ କେବଳ ପଚିଶ ବର୍ଷ ନୁହେଁ—ଗତ ୬୮ ବର୍ଷ ପଛକୁ ଚାହୁଁଛନ୍ତି । ୧୯୧୯ ଏପ୍ରିଲ ୧୩ ତାରିଖ ଦିନ ଜାଲିଆନାୱାଲା ବାଗର ପାଶବିକ ହତ୍ୟାକାଣ୍ଡ ଘଟିଲା । ସେହି ଦିନଠୁ ମୋହନ ଦାସ କରମଚାନ୍ଦ ଗାନ୍ଧୀ "ବ୍ରିଟିଶ ନ୍ୟାୟ" ଉପରୁ ସମସ୍ତ ଆସ୍ଥା ହରାଇ ଦେଲେ ଓ "ମହାତ୍ମା ଗାନ୍ଧୀ" ବୋଲି ପରିଚିତ ହୋଇଗଲେ । ସ୍ୱାଧୀନତା ଆସିଲା ୧୯୪୭ ଅଗଷ୍ଟ ପନ୍ଦର ତାରିଖ ଦିନ ।

ମୋଭଳି ଯେଉଁ ଅଳ୍ପ ବୟସର ଛାତ୍ରମାନେ ୧୯୩୦ ଏପ୍ରିଲରେ ଲବଣ ସତ୍ୟାଗ୍ରହରେ ଝାସ ଦେଇଥିଲେ, ସେମାନଙ୍କର ବୟସ ପ୍ରାୟ ପଚସ୍ତରୀ ହୋଇ ଗଲାଣି । ସେମାନେ ମନେ ପକାଇ ପାରିବେ । ଅଠାବନ ବର୍ଷ ତଳର ସବୁ କଥା । ୧୯୨୧ରେ ଯେଉଁ ଆଠ ଦଶ ଜଣ ମୁକ୍ତି ସଂଗ୍ରାମର ଯୋଦ୍ଧା ଜୀବିତ ସେମାନେ ଆଉ ଦଶ ବର୍ଷର କାହାଣୀ କହିଲାବେଳେ ଆମେ ମନ ଦେଇ ଶୁଣିଛୁ ଓ ମନେ ରଖିଛୁ । ତେଣୁ ଆମେ କହି ପାରିବୁ, ସ୍ୱାଧୀନତା ପ୍ରାପ୍ତିର ପଚିଶ ବର୍ଷ ପରେ କଅଣ ବିସ୍ମରୁଛୁ ।

ମୋର ମନେ ହେଉଛି, ୧୯୩୧ର ସେହି ଗୀତ ପଦର ପ୍ରାସଙ୍ଗିକତା ଆଜି ମଧ୍ୟ ରହିଛି । କେବଳ ରହିନାହିଁ—ତାହା ଭିତରେ ନୂତନ ଅର୍ଥସବୁ ଯୋଗ ହୋଇ ହୋଇ ଆସିଛି । ମୁଁ ତୀବ୍ର ଭାବରେ ଅନୁଭବ କରୁଛି—ପ୍ରକୃତରେ ସ୍ୱାଧୀନତା ଯୁଦ୍ଧ ଶେଷ ହୋଇ ନାହିଁ । ଗୋଟିଏ 'ଅରି' ଫେରିଯାଇଛି ସତ—ଆଉ କେତୋଟି ଅରି ନିଜର ବିକଟାଳ ରୂପ ପୂର୍ବଭଳି ଦେଖାଇ ଆସୁଛନ୍ତି । ଯେ ପର୍ଯ୍ୟନ୍ତ ସେହି ଅରିଗୁଡ଼ିକୁ ପ୍ରକୃତ ଅର୍ଥରେ ପରାସ୍ତ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ମୋ ଭଳି ସେ ଯୁଗର ସ୍ୱାଧୀନତା ସଂଗ୍ରାମୀଙ୍କର ବିଶ୍ରାମ ନାହିଁ ।

ସ୍ୱାଧୀନତା ଆନ୍ଦୋଳନ ବେଳେ ମହାତ୍ମା ଗାନ୍ଧୀ ଓ ଶ୍ରୋତା ପାଇଲମାତ୍ରେ ବରାବର କହୁଥିଲେ—ଦେଶ ନିଶ୍ଚୟ ସ୍ୱାଧୀନ ହେବ । କିନ୍ତୁ, ଯେପର୍ଯ୍ୟନ୍ତ କୋଟି ଜନତାଙ୍କୁ ପ୍ରକୃତ ଅର୍ଥରେ ଶିକ୍ଷିତ କରାଯାଇ ନ ପାରିବ, ସେ ପର୍ଯ୍ୟନ୍ତ ସେମାନେ ଦେଶର ପୁନର୍ଗଠନରେ ସକ୍ରିୟ ଭାଗ ନେଇ-ପାରିବେ ନାହିଁ । ତାଙ୍କ ପ୍ରାଣର ବ୍ୟାକୁଳତାରୁ ଜନ୍ମ-ଲାଭ କରିଥିଲା ମୌଳିକ ଶିକ୍ଷା (ବେସିକ୍ ଏଡୁକେସନ) ଏବଂ ଲୋକଶିକ୍ଷା (ଆଡ଼ଲଟ୍ ଏଡୁକେସନ) । ମୋର ମନେ ପଡ଼ୁଛି ୧୯୩୦-୩୧ରେ ପାଟନା କ୍ୟାମ୍ପ ଜେଲରେ "ଲୋକଶିକ୍ଷା" ପାଇଁ କିଭଳି ଉଦ୍ୟମ ହୋଇଥିଲା । ବିହାର ଓ ଓଡ଼ିଶାର ସତ୍ୟାଗ୍ରହୀ ଆମେ ଯେଉଁ ପ୍ରାୟ ସାତ ଆଠ ଶହ ସ୍କୁଲଛାତ୍ର ପଢ଼ା ଛାଡ଼ି ଜେଲ ଜୀବନ ବରଣ କରିଥିଲୁ ସେମାନଙ୍କୁ ଆଜିର ଭାଷାରେ ଡ୍ରପ୍‌ଆଉଟ୍ ବା ଅଧା ପାଠପଢ଼ି ପୋଥିରେ ଡୋର ବାନ୍ଧି ବା ପିଲା ବୋଲି କୁହାଯାଇପାରେ । କିନ୍ତୁ ସେହି ଜେଲରେ ଯେଉଁ ନେତୃସ୍ଥାନୀୟ ବ୍ୟକ୍ତିମାନେ ଥିଲେ, ସେମାନେ ଦୃଢ଼ ଉଦ୍ୟମ ନେଲେ ଆମମାନଙ୍କୁ ପଢ଼ାଇବା ପାଇଁ । ଶହ ଶହ ଛାତ୍ର ଗୋଟିଏ ଗୋଟିଏ ଦଳରେ ବିଭକ୍ତ ହୋଇ କେମିତି ଇଂରାଜୀ ହିନ୍ଦୀ ଶିଖୁଥିଲେ, ମାକ୍‌ସିମ୍ ଗର୍କୀଙ୍କ 'ମଦର' ବହି ବା ଗାରିବାଲ୍ଡ଼ୀଙ୍କ ଜୀବନ କାହାଣୀ ପଢ଼ୁଥିଲେ, ସେମାନଙ୍କ ଭାଷଣ ଶୁଣୁଥିଲେ, ନିଜେ ଭାଷଣ ଦେଇ ପାରୁଛନ୍ତି କି ନାହିଁ ତାହାର ପ୍ରମାଣ ଦେଉଥିଲେ । ପ୍ରବନ୍ଧ ଲେଖୁଥିଲେ । ତାହା ଯିଏ ନ ଦେଖିଛି ସେ ବିଶ୍ୱାସ କରିପାରିବ ନାହିଁ । ଆମର ହିନ୍ଦୀ ଶିକ୍ଷକ ଥିଲେ ବିନୋଦାନନ୍ଦ ଝା (ପରେ ବିହାରର ମୁଖ୍ୟମନ୍ତ୍ରୀ ହେଲେ), ଇଂରାଜୀ ଶିକ୍ଷକ ଥିଲେ ପରେ ହିନ୍ଦୀ ଜଗତରେ ଖ୍ୟାତିଲାଭ କରିଥିବା ରାମବୃକ୍ଷ ବେଣୀପୁରୀ ଓ ଗୋକୁଳାନନ୍ଦ ମହାନ୍ତି ପ୍ରଭୃତି, ଓଡ଼ିଆ ଶିକ୍ଷକ ଥିଲେ ହରେକୃଷ୍ଣ ମହତାବ । ସେହି 'ଶିକ୍ଷାଦାନ' ସୃଷ୍ଟି କରି ପାରିଥିଲା ଜଣେ ଜଣେ ନିତ୍ୟାନନ୍ଦ ମହାପାତ୍ର, ସୁରେନ୍ଦ୍ରନାଥ ଦ୍ୱିବେଦୀ, ସୁରେନ୍ଦ୍ରନାଥ ପଟ୍ଟନାୟକ, ରବୀନ୍ଦ୍ର ମୋହନ ଦାସ । ବିନୋଦ କାନୁନ୍‌ଗୋ ମଧ୍ୟ ସେହିମାନଙ୍କ ଭିତରୁ ଜଣେ । ଏମାନେ ସମସ୍ତେ ହାଇସ୍କୁଲରୁ ଦଶମ ଶ୍ରେଣୀ ବା ଖୁବ୍ ବେଶୀ ହେଲେ ଏକାଦଶ ଶ୍ରେଣୀରୁ ପାଠ ଛାଡ଼ିବା ପିଲା । ପ୍ରକୃତ ଅର୍ଥରେ 'ଲୋକଶିକ୍ଷା' ଦିଆଗଲେ ବା ଆଡ଼ଲଟ୍ ଏଡୁକେସନ କାର୍ଯ୍ୟକ୍ରମକୁ ବିଜ୍ଞାନ ସମ୍ମତ ପ୍ରଣାଳୀରେ ଚଳାଗଲେ ଓଡ଼ିଶାର ଯେ ହଜାର ହଜାର ଡ୍ରପ୍‌ଆଉଟ୍ କିଛି ଦୂରକୁ ଶିକ୍ଷିତ ହୋଇଯିବେ, ଏହାର ଜୀବନ୍ତ ସାକ୍ଷୀ ହେଉଛୁ ଆମେମାନେ । ଆଜି ଯେତେବେଳେ ଦେଶର ନେତୃସ୍ଥାନୀୟ ଲୋକେ ମୁକ୍ତକଣ୍ଠରେ ସ୍ୱୀକାର କରୁଛନ୍ତି ଯେ ପ୍ରକୃତ ଲୋକଶିକ୍ଷା ବିନା ଦେଶର ଉନ୍ନତି ହୋଇ ପାରିବ ନାହିଁ, ସେତେବେଳେ ଯୁଦ୍ଧ ଭିତ୍ତିରେ ଅଜ୍ଞାନତା ବିରୁଦ୍ଧରେ ସଂଗ୍ରାମ ଚଳା ନହେବ କାହିଁକି ? ସମୟ ଯେତେ ଗଡ଼ି ଯାଉଥିବ, ସମସ୍ୟାଟି ଅଧିକ ଜଟିଳ ହୋଇଯାଉଥିବ ।

### ବିଜ୍ଞାନ ସମ୍ମତ ଯୋଜନା

ଯେଉଁମାନେ ସ୍କୁଲ କଲେଜରେ ଅଧିକ ଶିକ୍ଷାରୁ ବଞ୍ଚିତ, ଯେଉଁମାନଙ୍କର ବୟସ ବେଶୀ ହୋଇ ଯାଇଥିବାରୁ ବିଦ୍ୟାଳୟରେ ପାଠ ପଢ଼ିବାର ପ୍ରଶ୍ନ ଉଠୁନାହିଁ, ସେହିମାନଙ୍କ ଉଦ୍ଦେଶ୍ୟରେ ଲୋକଶିକ୍ଷା ଯୋଜନାକୁ କାର୍ଯ୍ୟକାରୀ କରାଯାଉଥିଲା । ପ୍ରଥମେ କଳ୍ପନା କରାଯାଇଥିଲା, 'ଲୋକଶିକ୍ଷା' ଭିତରେ ବ୍ୟାପକ ଅର୍ଥ ଭରି ରହିଛି । ଜଣେ ଅତି ଅଳ୍ପ ପାଠ ପଢ଼ିଥିବା ଚାଷୀ ମୃତ୍ତିକାର ଗଠନ, ତା' ଭିତରେ ଥିବା ଅଭାବ ବିଷୟରେ ଜାଣିବା, ତାହାହେଲେ ଯାଇ ସେ ଜମିକୁ ଉର୍ବର କରିବା ପାଇଁ ସମର୍ଥ ହେବ ବା କି ପ୍ରକାରର ଜମିରେ କି ପ୍ରକାର ସାର ଦରକାର ତାହା ଜାଣି ପାରିବ । ନିଜର ଶରୀରକୁ ସୁସ୍ଥ ରଖିବାପାଇଁ ହେଲେ ଶରୀର ଭିତରେ କେମିତି କ'ଣ କାମ ହେଉଛି, ସେ ବିଷୟ ଜାଣିବା ଦରକାର । ଏହିସବୁ ଲୋକଙ୍କପାଇଁ ଶିକ୍ଷା ବା ଆଡ଼ଲଟ ଏଡୁକେସନ ମଧ୍ୟ କଳ୍ପନା କରାଯାଇଥିଲା ଯେ, ଜଣେ ଓଡ଼ିଆ ପ୍ରଧ୍ୟାପକ ଜାଣିବା ଦରକାର, ଏନରିକ୍ଟ ଇଉରେନିୟମ ବୋଇଲେ କଅଣ ବୁଝାଏ । ରସାୟନ ବିଦ୍ୟା, ପଦାର୍ଥ ବିଦ୍ୟାର ମୂଳକଥା ଓଡ଼ିଆ ବା ରାଜନୀତି ବିଜ୍ଞାନର ଅଧ୍ୟାପକ ନିଶ୍ଚୟ ଜାଣିବେ । କିନ୍ତୁ ପରେ ସେହି ଲକ୍ଷ୍ୟରେ ପାଣି ମିଶାଇ ମିଶାଇ ତାକୁ ଏକଦମ୍ ପତଳା କରି ଦିଆଗଲା ଯେ, 'ନିରକ୍ଷରତା' ଦୂରୀକରଣକୁ ହିଁ ଲୋକଶିକ୍ଷା ବୋଲି କୁହାଗଲା । କେତେ ଲୋକଙ୍କୁ ସାକ୍ଷର କରାଗଲା ସେତିକିର ହିସାବ ଦେଇ ଆମେ ଆତ୍ମସନ୍ତୋଷ ଲାଭ କରିଗଲୁ । ଲୋକଙ୍କ ଶିକ୍ଷାପାଇଁ ଯେଉଁସବୁ ପୁସ୍ତକ

ପ୍ରକାଶ କରାଗଲା ବା କିଣି ବଣ୍ଟାଗଲା ସେଗୁଡ଼ିକୁ ଦେଖିଲେ ଟିକିଏ ହତାଶ ହେବାକୁ ପଡ଼େ ।

ବରାବର ବୁଝାଗଲା, ଅର୍ଥ ଅଭାବରୁ ଲୋକଶିକ୍ଷା ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ । କୋଟି କୋଟି ଟଙ୍କାର ବ୍ୟବସ୍ଥା କରାଗଲେ ମଧ୍ୟ ଆମେ ଯେଉଁଠି ଥିଲେ ସେଇଠି ରହିଗଲୁ । ଏହିସବୁ ଦେଖି କେହି କେହି ଚିନ୍ତାକଲେ, କ'ଣ କଲେ ଅତି ଅଳ୍ପ ଖର୍ଚ୍ଚରେ ଲୋକଙ୍କ ଭିତରେ ବ୍ୟାପକ ଭାବରେ ଶିକ୍ଷାର ପ୍ରସାର କରାଯାଇ ପାରିବ । ବହୁ ବିଶେଷଜ୍ଞ ଏ ଦିଗରେ ମୁଣ୍ଡ ଖେଳାଇଲେ । ସେମାନେ ସମସ୍ତେ ଉଚ୍ଚ ଶିକ୍ଷିତ-ବିଶ୍ୱବିଦ୍ୟାଳୟରୁ ବାହାରିଛନ୍ତି । ହେଲେ, କଅଣ ହେବ । ବାସ୍ତବ ସ୍ଥିତି ସହିତ ସେମାନେ ସଂପୂର୍ଣ୍ଣ ଭାବରେ ପରିଚିତ ହୋଇ ନ ଥିବାରୁ ଠିକ୍ ବାଟ ବତାଇ ପାରିଲେନାହିଁ ।

ଯେତେବେଳେ ଏହିସବୁ କଥା ଭାବିଭାବି ବ୍ୟଥିତ ହେଉଥାଏ, ସେତେବେଳେ ଗୋଟାଏ କଥା ମୋ ମୁଣ୍ଡ ଭିତରେ ପଶିଗଲା । ଉପରକୁ ସେଇଟି ଏଭଳି ଅବାସ୍ତବ ଓ ଉଦ୍ଭଟ ବୋଲି ଜଣା ପଡୁଥାଏ ଯେ କାହାକୁ କହିବାକୁ ସାହାସ କରୁନଥାଏ । କଥାଟି ହେଲା—

ଲୋକଙ୍କୁ ଶିକ୍ଷିତ କରିବାକୁ ହେବ – ଅଥଚ ସରକାର ଗୋଟିଏ ହେଲେ ଟଙ୍କା ଖରଚ କରିବେ ନାହିଁ । 'Adult Education at no Cost' ଭଳି କଥାଟିଏ । ବିସ୍ମରିଲି–ଆମ ଲୋକଙ୍କର ଆତ୍ମ ସମ୍ମାନ ଜ୍ଞାନ ଅଛି । ସେମାନେ ନିଜର ଶିକ୍ଷାପାଇଁ କାହିଁକି ସରକାରଙ୍କ ପାଖରେ, କୌଣସି ଅନୁଷ୍ଠାନ ପାଖରେ ବା ଧନୀ ଲୋକଙ୍କ ପାଖରେ ହାତ ପତାଇବେ ? ସେମାନେ ସବୁକଥା ଜାଣିବା ପାଇଁ ପାଞ୍ଚଶହ ଛୋଟ ଛୋଟ ସଚିତ୍ର ଅଳ୍ପ ମୂଲ୍ୟର ବହି ଛପାଇ ଦିଆଯିବ । ମାନବ ଜ୍ଞାନର ସବୁ ବିଭାଗର ମୂଳ ମୂଳ କଥା ସେହିସବୁ ବହିରେ ଥିବ । ଲୋକେ ସେଗୁଡ଼ିକୁ ପଢ଼ିବେ । ସେଥିପାଇଁ ସେମାନଙ୍କୁ ସେଭଳି କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ପ୍ରତି ଗାଁରେ ଯଦି ଏହି ପାଞ୍ଚଶହ ବହି ରହିଯିବ ଓ ସମସ୍ତେ ଲଣ୍ଠା ଥିଲେ ପଢ଼ିବାର ବା ଖୟବସ୍ତୁ ଜାଣିବାର ସୁଯୋଗ ପାଇବେ, ତେବେ ଗୋଟାଏ ବଡ଼କଥା ହେବ ।

ଗୋଟିଏ ଉପାୟ ଚିନ୍ତା କରାଗଲା । ଗୋଟିଏ ଗାଁରେ ଶହେଟି ପରିବାର ଅଛନ୍ତି । ପ୍ରତ୍ୟେକ ପରିବାର କେବଳ ଦଶଟି ପଇସା ଦେବେ । ଜଣେ ଯେତେ ଧନୀ ହୋଇଥାଇ ପଛକେ ତା'ଠାରୁ ଦଶ ପଇସାରୁ ଅଧିକ ସଂଗ୍ରହ କରାଯିବ ନାହିଁ । ଦଶଟି ଟଙ୍କା ସଂଗୃହୀତ ହୋଇଗଲେ ସେଥିରେ ଦେଇ ଅଢ଼େଇ ଟଙ୍କା ମୂଲ୍ୟର ଚାରୋଟି ବହି କିଣା ହୋଇଯିବ । ଅଦଳ ବଦଳ କରି ସମସ୍ତେ ପଢ଼ିବେ । ପୁଣି ଇଚ୍ଛାକଲେ ଏହି ଭଳି କରି ପାରିବେ । ତିନି ଚାରିବର୍ଷ ଭିତରେ ଗାଁଆର ସମସ୍ତେ ପାଞ୍ଚଶହ ବହି ପଢ଼ି ସାରିଥିବେ ।

ଏହି ପରିକଳ୍ପନାଟିକୁ କାର୍ଯ୍ୟକାରୀ କରିବାକୁ ଗଲାବେଳେ କେତେଜଣ ଉତ୍ସାହୀ ଶିକ୍ଷକ ଗୋଟିଏ ବାଟ ବତାଇଲେ । ଦେଖାଗଲା ସେଇଟି ଚମତ୍କାର । ଗୋଟିଏ ହାଇସ୍କୁଲରେ ତିନିଶହ ପିଲା ଅଛନ୍ତି । ସେମାନେ ଦଶପଇସା ଲେଖା ଦେଇ ଚାରୋଟି ବହି କିଣିଲେ । ନିଜେ ତ ପଢ଼ିଲେ, ନିଜ ନିଜ ଘରକୁ ନେଇଗଲେ । ଅଦଳ ବଦଳ କରି ତିନିଶହ ପରିବାର ପଢ଼ିଗଲେ । ମାତ୍ର ଦଶପଇସା ଦେଇ ଚାରୋଟି ବହି ପଢ଼ିଲେ ଓ ନିଜର ବୋଲି ସ୍କୁଲରେ ରଖିଲେ । ମଝିରେ କେତେବେଳେ ମନ ହେଲେ ପୁଣି ନେଇ ପଢ଼ିଲେ । ଏ ପର୍ଯ୍ୟନ୍ତ ଦଶଟି ସ୍କୁଲରେ ଏହା କାର୍ଯ୍ୟକାରୀ ହେଲାଣି । ସ୍ୱାଧୀନତାର ଏହି ଊନପଞ୍ଚାଶତମ ଜନ୍ମ ବାର୍ଷିକୀ ଅବସରରେ ଅନ୍ତତଃ ଦୁଇହଜାର ହାଇସ୍କୁଲ, ପାଞ୍ଚହଜାର ଏମ୍. ଇ. ସ୍କୁଲ ଓ ପନ୍ଦର ହଜାର ପ୍ରାଇମେରୀ ସ୍କୁଲରେ ଏହି ପରିକଳ୍ପନାକୁ କାର୍ଯ୍ୟକାରୀ କରାଯିବ ।

ମୋ ବିଚାରରେ ସ୍ୱାଧୀନତା ସଂଗ୍ରାମର ମାତ୍ର ଗୋଟିଏ ଅଧ୍ୟାୟ ସମାପ୍ତ ହୋଇଯାଇଛି । ଆମେ ରାଜନୈତିକ ସ୍ୱାଧୀନତା ପାଇଲୁ । ତାହାରି ସୁଯୋଗ ନେଇ ଜାତିଟାକୁ ନୂଆ ଛାଞ୍ଚରେ ପକାଇବାକୁ ହେଲେ ଦେଶରୁ ଅଜ୍ଞାନତା ରୂପକ ରିପୁକୁ ଜୟ କରିବାକୁ ହେବ । ସେହି ସଂଗ୍ରାମ ଭିତର ଦେଇ ମୁଁ ଗତି କରୁଛି । ତେଣୁ ଆରମ୍ଭରେ ଲେଖିଛି, "ଯୁଦ୍ଧ ସରିନାହିଁ" ।

ଜ୍ଞାନମଣ୍ଡଳ ଅଫିସ୍,
ବାରବାଟି ଷ୍ଟାଡ଼ିୟମ, କଟକ

("ଜାତୀୟ ସଂହତି"ର ଅଙ୍ଗୀକାର)

ଅର୍ଥନୈତିକ, ପ୍ରଗତିପାଇଁ ବିକାଶର ବନ୍ୟା ଦେଶବ୍ୟାପୀ ହେବ । ମାନବଜୀବନର ସମସ୍ତ ଦିଗକୁ ଏହି ବିକାଶ ଆଧାରିତ କରିବ । କାରଣତଃ ଦାରିଦ୍ର୍ୟହିଁ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଘୃଣା ଜାତକରେ । ଘୃଣାକ୍ରମେ ସାଂପ୍ରଦାୟିକତାରେ ପରିଣତ ହୁଏ । ବିଚ୍ଛିନ୍ନତାବାଦ ଓ ଗୋଷ୍ଠୀବିବାଦ ଏଥିରୁ ଜନ୍ମନିଏ । ତେଣୁ ବିକାଶର ଧାରାକୁ ସଂକୀର୍ଣ୍ଣ ରାଜନୀତିରୁ ମୁକ୍ତକରି ସମସ୍ତଙ୍କପାଇଁ ଉନ୍ମୁକ୍ତ ରଖାଯିବ । ଏଥିରେ ଗୋଷ୍ଠୀ-ବିବାଦ, ଆଧିପତ୍ୟ ଓ ପ୍ରୌଢ଼ିର ସ୍ଥାନ ରହିବନାହିଁ । ଆଞ୍ଚଳିକ ବୈଷମ୍ୟ ଦୂରୀକରଣକୁ ଅଗ୍ରାଧିକାର ଦିଆଯିବ ।

ଅସ୍ତ୍ରଶସ୍ତ୍ରଦ୍ୱାରା ସାଂପ୍ରଦାୟିକତା ଦୂର କରି ହେବନାହିଁ । ହିଂସାରୁ ହିଂସା ଜାତହୁଏ । ତେଣୁ ସାଂପ୍ରଦାୟିକତା ବିରୋଧୀ ଆନ୍ଦୋଳନ ସଂପୂର୍ଣ୍ଣରୂପେ ଅହିଂସ ହେବ । ମୈତ୍ରୀ, ବନ୍ଧୁତା ଓ ପ୍ରୀତି ସଂସ୍କାର କରିବାକୁ ହେବ । ଗଣତାନ୍ତ୍ରିକ ସହିଷ୍ଣୁତାର ବାୟୁମଣ୍ଡଳରେ ମାନବିକ ସହାବସ୍ଥାନ ସମ୍ଭବ । ଯେଉଁସବୁ ସାମାଜିକ, ଜାତିଗତ ଓ ଧର୍ମୀୟ କାରଣରୁ ବିବାଦର ସୃଷ୍ଟି ହେଉଛି, ଏଥିପ୍ରତି ସର୍ବାଦୌ ଦୃଷ୍ଟିଦେବାକୁ ପଡ଼ିବ । • • •

# ସାମ୍ପ୍ରଦାୟିକ ସଦ୍‌ଭାବ ଓ ଜାତୀୟ ସଂହତି

- ଶ୍ରୀ ଶତ୍ରୁଘ୍ନ ନାଥ

ସଂହତିର ବିକାଶ ଦିଗରେ ସଦ୍‌ଭାବ ଅପରିହାର୍ଯ୍ୟ । ବିକାଶ କହିଲେ ସଂହତିର ସୁରକ୍ଷା ଓ ଶ୍ରୀବୃଦ୍ଧି ବୁଝାଏ । ସଂହତିର ପରିସର ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତିକ ଯଥାର୍ଥ ସଂହତି ପାଇଁ ଏହି ତିନୋଟିର ପରିସର ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ବା ବିରୋଧ ନାହିଁ । ବସ୍ତୁତଃ ଗୋଟିଏ ପରିସରରୁ ଅନ୍ୟ ପରିସରକୁ ସଂହତି କ୍ରମ ପ୍ରସାରିତ ହୁଏ । ସେଥିପାଇଁ ବ୍ୟକ୍ତି ଓ ସମାଜ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ । ଏହିସବୁ ସ୍ତରରେ ସଦ୍‌ଭାବହିଁ ସଂହତିର ପରିପୋଷକ ହୁଏ । ଏହା ଏପରି ଏକ ପାଣିପାଗ ସୃଷ୍ଟି କରେ, ଯେଉଁଥିରେ ସଂହତିର ନିଶ୍ଚିତ ଅଙ୍କୁରୋଦ୍‌ଗମ ସମ୍ଭବ । ସେଠି ଖରାର ଧୋଇ ନାହିଁ କିମ୍ବା ମରୁଡ଼ି ନାହିଁ, ବରଂ ପ୍ରତି ମୁହୂର୍ତ୍ତ ଏହା ବ୍ୟକ୍ତି ତଥା ଜାତୀୟ ଓ ବିଶ୍ୱଜୀବନକୁ ପଲ୍ଲବିତ କରେ । ଏହାର ପୁଷ୍ପ ଓ ଫଳ ହେଉଛି ସମୃଦ୍ଧ ବିଶ୍ୱଜୀବନ । ସାର ସଂଗ୍ରହକାରୀ ସାଂସାରିକ ଜୀବନ । ସମସ୍ତଙ୍କ ପାଇଁ ଜୟଯାତ୍ରା ।

ପକ୍ଷାନ୍ତରରେ ସଦ୍‌ଭାବ ପରି ସୁନ୍ଦର ଶବ୍ଦ ସମ୍ଭବତଃ ବିରଳ । ସୁସଂପର୍କ ସ୍ଥାପନ କରାଯିବ । ସ୍ନେହର ସଂପର୍କ ଭ୍ରାତୃତ୍ୱର ସଂପର୍କ ରହିବ । ଆପଣାର କରିବା ସଂପର୍କ । କେହି ମୋର ଶତ୍ରୁ ନୁହନ୍ତି ଓ ମୁଁ କାହାରି ଶତ୍ରୁ ନୁହେଁ । ସର୍ବଭୂତେଷୁ ମିତ୍ର ଭାବ ହେଉଛି ସଦ୍‌ଭାବ । କାହାରି ନିନ୍ଦା ମୋ କାନରେ ନ ପଶୁ ଓ ମୋ ମୁଖରୁ ଅନ୍ୟର ନିନ୍ଦା ନ ବାହାରୁ । ମୁଁ ସମସ୍ତଙ୍କର ଉନ୍ନତିକୁ ଦେଖେ । ସବୁଠି ସମସ୍ତଙ୍କର ଦିଶୁଛିଟା ଭୁଲ ଅଛି, ମୋ ଆଖି ସେଠି ନ ପଡୁ । ସମସ୍ତେ ମୋର ମିତ୍ର । ମୁଁ ବି ସମସ୍ତଙ୍କର ମିତ୍ର । ମିତ୍ରତା ହିଁ ସଦ୍‌ଭାବ । କାହାର ଅମଙ୍ଗଳ ଚିନ୍ତା ମୋ ମନରେ ନ ପଶୁ । ମନରେ ଅମଙ୍ଗଳ ଚିନ୍ତା ନଆସୁ । ଅମଙ୍ଗଳ କାମ ମୁଁ କରିବି ନାହିଁ । ଅମଙ୍ଗଳ କଥା କହିବି ନାହିଁ । କଥାରେ, କାମରେ ଓ ଚିନ୍ତାରେ ମୁଁ ମଙ୍ଗଳମୟ ହେବି । ଏହିପରି ଭାବରେ ଆମକୁ ସଦ୍‌ଭାବାପନ୍ନ ବା ସଦ୍‌ଭାବୀ ସଂପନ୍ନ ହେବା ଦରକାର । ସଦ୍‌ଭାବ କହିଲେ ଏହିପରି ବୁଝାଏ । ସୂର୍ଯ୍ୟ ଯେପରି ଆଲୋକ ଓ ଉତ୍ତାପ ଦେଇ ଚାଲିଛି, ଆମେ ସେହିପରି ସଦ୍‌ଭାବନା ଓ ଶୁଭେଚ୍ଛା ବାଣି ଚାଲିବା । ଆକାର, ପ୍ରକାର, କଥାଭାଷା, ଚାଲିଚଳନ, ଖିଆପିଆ, ଲୁଗାପଟା, କାମଧନ୍ଦା, ରୁଚିଅରୁଚି, ଦେଖାଦେଖି ଆଦି ଦୃଷ୍ଟିରୁ ଆମେ ଅଲଗା । ଆମେ ଏହି ସବୁ ଦୃଷ୍ଟିରୁ ଭିନ୍ନ ଭିନ୍ନ । କିନ୍ତୁ ଆମେ ସମସ୍ତେ ମନୁଷ୍ୟ । ଆମ ଜନ୍ମ ଭାରତରେ । ଭାରତ ଆମ ଜନ୍ମଭୂମି । ତେଣୁ ଆମେ ଭାରତୀୟ । ଆମେ ବିଶ୍ୱବାସୀ । ସମସ୍ତ ବସୁଧା ଆମର କୁଟୁମ୍ବ । ସେଥିପାଇଁ ଆମେ କହି ଆସିଛୁ, ଲୋକାଃ ସମସ୍ତାଃ ସୁଖିନଃ ଭବନ୍ତୁ । ଲୋକମାନେ ସୁଖୀ ହୁଅନ୍ତୁ । ସନ୍ଥକବି ଭୀମଭୋଇ ପ୍ରାର୍ଥନା କରିଛନ୍ତି, "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ" ଲୋକମାନଙ୍କ ମଙ୍ଗଳ ପାଇଁ ସେ ପରମାତ୍ମାଙ୍କ ସମୀପରେ ହାଜର ହୋଇ କଣାଣ କରିଛନ୍ତି । ଏହିପରି ଜନଜୀବନର ମଙ୍ଗଳ ପାଇଁ ପ୍ରାର୍ଥନାର ଦୃଷ୍ଟାନ୍ତ ଅନେକ ଅଛି । ସବୁ ଦେଶରେ ଏହି ସଦ୍‌ଭାବର ପ୍ରାର୍ଥନା ରହିଛି । ବିଭିନ୍ନ ଭାଷାରେ ମଧ୍ୟ ଅଛି । ଭିନ୍ନ ଭିନ୍ନ ଧର୍ମରେ ଏହା ପ୍ରାର୍ଥନା କରାଯାଏ । ସର୍ବଜନ ହିତାୟ, ସର୍ବଜନ ସୁଖାୟ । ଏହା ହିଁ ସବୁଠାରୁ ଉତ୍କୃଷ୍ଟ ପ୍ରାର୍ଥନା । ବେଦ ବେଦାନ୍ତର ମଧ୍ୟ ଏହି ପ୍ରାର୍ଥନା, ଆଜିବି ସେହି କଣାଣ:

ସର୍ବେଭବେ ସୁଖିନଃ ସନ୍ତୁ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିତ ଦୁଃଖଭାକ୍ ଭବେତ୍ ।

ପୁରାପୁରି ସଦ୍‌ଭାବ । କେଉଁଠି ଟିକିଏ ସଦ୍‌ଭାବର ଅଭାବ ରହିବ କି ? ନାଁ ନାଁ, ଆଦୌ ନୁହେଁ । ବିବାଦର ସମ୍ଭାବନା ନାହିଁ । ବୁଦ୍ଧି, ମନ, ଆତ୍ମା ଓ ଇନ୍ଦ୍ରିୟ ସବୁ ସଦ୍‌ଭାବାପନ୍ନ ହୋଇଛନ୍ତି । ବ୍ୟକ୍ତିର ଭ୍ରାତୃତ୍ୱ ଓ ଏକାତ୍ମତା ସଂପୂର୍ଣ୍ଣ ହୋଇଛି । ଏମିତ୍ରସ୍ୟ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷା ମହେ । ମୁଁ ବିଶ୍ୱର ପ୍ରାଣୀ ସମସ୍ତଙ୍କୁ ମିତ୍ର ଚକ୍ଷୁରେ ଦେଖିବାର ଅଭ୍ୟାସ କରିବାକୁ ହେବ ।

ସଦ୍‌ଭାବର ଅଭାବରେ ଆସେ ସଂପର୍କରେ ଉଦାସୀନତା ବା ତିକ୍ତତା । ଏହି ଉଭୟ ହିଁ ବ୍ୟକ୍ତି ବିଶେଷ ତଥା ମାନବ ସମାଜ ପାଇଁ ମାରାତ୍ମକ । ଉଦାସୀନ ବ୍ୟକ୍ତି ନିଜକୁ ଗୋଟିଏ ଖୋଳପା ମଧ୍ୟରେ ଆବଦ୍ଧ କରି ରଖେ । ଦୁର୍ଭେଦ୍ୟ ବହିରାବରଣ ହେତୁରୁ ସମସ୍ତ ସଞ୍ଚାର ଓ ସଂକ୍ରମଣ ରୁଦ୍ଧ ହୋଇଯାଏ । ବ୍ୟକ୍ତି ଅଣନିଶ୍ୱାସୀ ହୋଇପଡ଼େ । ଜୀବନ ବୃଥା ହୋଇଯାଏ । ବନ୍ଧୁତା ଓ ସ୍ନେହ ଶୁଷ୍କ ହୋଇଯାଏ । ଅପରପକ୍ଷରେ ତିକ୍ତତା ଭୟାନକ ହୋଇପଡ଼େ । ବିଷମୟ ପରିସ୍ଥିତି ସୃଷ୍ଟି କରେ । ବେଳେ ବେଳେ ଯୁଦ୍ଧ ଲାଗିଯାଏ । ମରାମରି, ହଣାହଣି, ପିଟାପିଟି ଆଦି ଅତି ମାମୁଲି କଥା । ଅବିଶ୍ୱାସ, ସନ୍ଦେହ ଓ କୁହାରଟନା ହେତୁ ଶୀତଳ ଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଯାଏ । କୁହାଯାଏ ଯେ ଏକଛତ୍ରବାଦୀ ଶାସକ ଅନ୍ୟ ଦେଶ ସହିତ ତିକ୍ତ ସଂପର୍କ ରଖି ସ୍ୱଦେଶରେ ନିଜ ଆସନକୁ ଅଟଳ କରି ରଖନ୍ତି । ସାନ ହେଉ ବା ବଡ଼ ହେଉ; ସ୍ପଷ୍ଟ ହେଉ ବା ଅସ୍ପଷ୍ଟ ହେଉ, ବିବାଦର ନାରକୀୟ ଲୀଳା ଖେଳିଯାଏ, ସଦ୍‌ଭାବ ହେଉଛି ଦେବ ଦୁର୍ଲ୍ଲଭ ମାନବିକ ସଦ୍‌ଗୁଣ । ଏହାର ସୁଆଦ ଚାଖିବା ପାଇଁ ଦେବତା ବେଳେ ବେଳେ ମାନବ ରୂପେ ଜନ୍ମ ନେଇଥାନ୍ତି । ଏହା ଫଳରେ ନିଜ ଉପରେ ବିଶ୍ୱାସ ରହେ, ପରସ୍ପର ମଧ୍ୟରେ ସ୍ନେହ ଓ ଅନ୍ୟ ଉପରେ ବିଶ୍ୱାସ ରହେ ।

ବର୍ତ୍ତମାନ ଆମେ ଦେଖିବା, ଆଧୁନିକ ଯୁଗରେ ସମସ୍ତ ବିଶ୍ୱରେ ତଥା ଆମ ଦେଶରେ ସଦ୍‌ଭାବ ପରିବର୍ତ୍ତେ ବିବାଦର ବୃଦ୍ଧି କିପରି ଘଟୁଛି । ବିଶ୍ୱର ସ୍ଥିତିକୁ ନେଇ ବିଚାର କଲେ ଦେଖାଯାଏ ଯେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତି ସ୍ଥିର ନିଶ୍ଚିତ । ଯୁଦ୍ଧମେଘାଚ୍ଛନ୍ନ ବିଶ୍ୱର ଆକାଶରେ ବିଜୁଳି ଝଲକର କ୍ଷୀଣାଲୋକ ସଦୃଶ ଶାନ୍ତି ରକ୍ଷା ପାଇଁ ଉଦ୍ୟମ ହେଉଛି । ବିଶ୍ୱଦରବାରରେ ସଦ୍‌ଭାବ ଓ ବିବାଦର ବଳ କଷାକଷି ଚାଲିଛି । ଶାନ୍ତିପ୍ରିୟ ଭାରତବର୍ଷରେ ଅବସ୍ଥା ଅଧିକ ଶୋଚନୀୟ କହିଲେ ଚଳେ ! ସାଂପ୍ରଦାୟିକ ବିବାଦ, ସନ୍ତ୍ରାସବାଦ ଓ ଦଳୀୟ ଦଙ୍ଗା ଆମ ଧନଜୀବନ ପ୍ରତି ଅନିଶ୍ଚିତ ଆଶଙ୍କା ସୃଷ୍ଟି କରିଛି । ନରହତ୍ୟା ସମ୍ବାଦରେ ଅଜି ଆମେ ଏପରି ଅଭ୍ୟସ୍ତ ହୋଇଗଲୁଣି ଯେ ଏହା ଆମ ମନରେ ଶିହରଣ ଜାତ କରୁନାହିଁ । ରାଜ୍ୟସଭାରେ ପ୍ରକାଶିତ ବିବରଣୀରୁ ଜଣାଯାଏ ଯେ ୧୯୮୬ ମସିହାରେ ଆମ ଦେଶରେ ୯୮ଟି ବଡ଼ ଧରଣର ସାଂପ୍ରଦାୟିକ ସଂଘର୍ଷ ଘଟି ୧୮୪ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ୬ କୋଟି ୯୦ ଲକ୍ଷ ୨୮ ହଜାର ଟଙ୍କାର ସଂପତ୍ତି ନଷ୍ଟ ହୋଇଛି । ସାଂପ୍ରଦାୟିକ ଦଙ୍ଗାରେ ଗୁଜୁରାଟରେ ସର୍ବାଧିକ ୯୨ ଜଣ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ୩ କୋଟି ୨୩ ଲକ୍ଷ ଟଙ୍କାର ସଂପତ୍ତି ନଷ୍ଟ ହୋଇଛି । ଏହା ପଛକୁ ଉତ୍ତର ପ୍ରଦେଶରେ ୩୭, କର୍ଣ୍ଣାଟକରେ ୨୦, ମହାରାଷ୍ଟ୍ରରେ ୧୭, ବିହାରରେ ୧୦ ଏବଂ ମଧ୍ୟପ୍ରଦେଶରେ ୮ ଜଣଙ୍କର ମୃତ୍ୟୁ ଘଟିଛି । ଅବଶ୍ୟ ୧୯୮୫ ମସିହାରେ ସାଂପ୍ରଦାୟିକ ଦଙ୍ଗା ହେତୁ ୨୫୬ ଜଣଙ୍କର ମୃତ୍ୟୁ ଘଟିଥିଲା । ୬ କୋଟି ଟଙ୍କାର ସଂପତ୍ତି ନଷ୍ଟ ହୋଇଥିଲା । ଏସବୁ ଫଳରେ ଆମ ଜାତୀୟ ସଂହତି, ଅଖଣ୍ଡତା ଓ ସ୍ୱାଧୀନତା ଘୋର ସଙ୍କଟର ସମ୍ମୁଖୀନ ହୋଇଅଛି । ଆମ ପ୍ରଗତି ଓ ସମୃଦ୍ଧି ନିଶ୍ଚିତ ଭାବରେ ବାଧାପ୍ରାପ୍ତ ହେଉଛି, ଏଥିରେ ସନ୍ଦେହ ନାହିଁ । ଆମର ଅଧିକାଂଶ ଶକ୍ତି, ଶ୍ରମ ଓ ସମୟ ସଂଘର୍ଷ ଜନିତ ଅଣ୍ଟୁଡ଼ିକୁ ସୁଧାରିବାରେ ବ୍ୟୟ କରାଗଲେ ଏସବୁର କାରଣ କଅଣ ହୋଇପାରେ ?

ସ୍ପଷ୍ଟତଃ କାରଣ କଦାପି ଗୋଟିଏ ନୁହେଁ । ଅନେକ କାରଣର ଯୁଗପତ୍ ପ୍ରୟୋଗ ଫଳରେ ଅବସ୍ଥା ଜଟିଳ ହୋଇପଡ଼ିଛି । ଆମ ନେତୃତ୍ୱ ପ୍ରତି ଯେପରି ମହାନ୍ ଆହ୍ୱାନ ଆସିଛି, ସାଧାରଣ ଜନ ଜୀବନ ପାଇଁ ସେହିପରି ନାହିଁ ନ ଥିବା ସଙ୍କଟ ଉପୁଜୁଛି । ଆମ ସମାଜ ରଚନା ଏପରି ହୋଇଛି, ଯେଉଁଥିରେ ଆମକୁ ତୀକ୍ଷ୍ଣତା ପ୍ରତିଦ୍ୱନ୍ଦ୍ୱିତାରେ ସମ୍ମୁଖୀନ ହେବାକୁ ପଡୁଛି । ମହାତ୍ମା ଗାନ୍ଧୀ ଶୋଷଣ ରହିତ ସହଯୋଗୀ ସମାଜର ଚିତ୍ର ଆମ ପାଇଁ ରଖିଯାଇଛନ୍ତି । ଯେଉଁଥିରେ ଯୋଗ, ଉଦ୍ୟୋଗ ଓ ସହଯୋଗର ସମାବେଶ ରହିବାର ଚିନ୍ତା ସେ କରିଥିଲେ । ଆମ ସମ୍ବିଧାନରେ ସମାଜବାଦୀ ରାଷ୍ଟ୍ରର ଲକ୍ଷ୍ୟ ସ୍ଥିର କରାଯାଇଛି । ଏହା ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ହେବାର କଥା । ଆଜି ଆମେ ଆମ ସମାଜର ଗତିବିଧି ସମ୍ବନ୍ଧରେ ଚିନ୍ତା କଲେ ଏହା ଗାନ୍ଧୀ ସମାଜତନ୍ତ୍ର ବା ସମ୍ବିଧାନର ସାମାଜିକ ଲକ୍ଷ୍ୟକୁ କଡ଼ାକଡ଼ି ଭାବରେ ଅନୁସରଣ କରୁଥିବାର ଜଣାପଡ଼େ ନାହିଁ । ମୋଟାମୋଟି ଭାବରେ ଆମ ସାମାଜିକ ସ୍ଥିତି ଗୋଳମାଳିଆ ହୋଇଯିବାରୁ କଙ୍କଡ଼ାକୁ ଗୋଳିପାଣି ସୁହାଇଲାପରି ବିଚ୍ଛିନ୍ନତାବାଦୀ ଶକ୍ତି ସେମାନଙ୍କ ପାଇଁ ସ୍ୱର୍ଣ୍ଣିଳ ଚାରଣଭୂମି ପାଇଁ ଯାଉଛନ୍ତି । ସମାଜରୂପକ ନାବର ମଙ୍ଗ ଓ ମଙ୍ଗୁଆଳ ସ୍ଥିର ଲକ୍ଷ୍ୟରେ ସ୍ଥିର ନ ଥିବାରୁ ସାମାନ୍ୟ ଅଶାନ୍ତି ଓ ଅସ୍ଥିରତା (ଯାହାକି ଯେ କୌଣସି ଗତିଶୀଳ ପର୍ଯ୍ୟାୟରେ ସମ୍ଭବ) ଆମକୁ ଘୋର ବିପଦର ସମ୍ମୁଖୀନ କରିଛି । ଏହାଫଳରେ ଭାଷା, ଜାତି, ଧର୍ମ, ବର୍ଣ୍ଣ, ଅଞ୍ଚଳ ଆଦିର ବିଭେଦ ଆମ ସାଂସ୍କୃତିକ ଐକ୍ୟକୁ ମଜଭୁତ, ଉଜ୍ଜ୍ୱଳ ଓ ସୁଦୃଢ଼ କରିବା ପରିବର୍ତ୍ତେ ଏସବୁ ଭିତ୍ତିରେ ସାଂପ୍ରଦାୟିକ ବିବାଦ ମୁଣ୍ଡ ଟେକୁଛି । ଯୁଗଯୁଗର ନୈତିକ ଓ ଆଧ୍ୟାତ୍ମିକ ବିଚାର ଧାରା ଓ ମୂଲ୍ୟବୋଧ ପ୍ରତି ଆମ ମନ ସ୍ୱତଃ ଆଉ ନାହିଁ, କିମ୍ବା କେହି ଆମ ମନ ରୂପକ ଘୋଡ଼ାକୁ ଚାବୁକ ଦେଇ ସେ ଆଡ଼କୁ ପ୍ରଧାବିତ କରିବାର ସୁସ୍ପଷ୍ଟ ପ୍ରୟାସ କରୁନାହାନ୍ତି । ସାଂପ୍ରଦାୟିକ ବିବାଦ ସହଜରେ ଗଣତାନ୍ତ୍ରିକ ଜୀବନର ପ୍ରତିପକ୍ଷୀ ହୋଇଥିବା ଯୋଗୁଁ ସମ୍ମାନ, ସହନଶୀଳତା, ସଚ୍ଚୋଟ ପଣିଆ ଆଦି ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକର କ୍ରମ ପ୍ରଚଳନ ହେତୁ ସାଂପ୍ରଦାୟିକ ସଦ୍‌ଭାବ ସହିତ ଘାତ-ପ୍ରତିଘାତର ସଂପର୍କ ସୃଷ୍ଟି କରନ୍ତା । ସଂଭୋଗ, ସୁବିଧା ସୁଯୋଗ ଓ ନ୍ୟସ୍ତସ୍ୱାର୍ଥକୁ ଏକଚାଟିଆ ଅଧିକାରରେ ରଖି ତ୍ୟାଗ ପରାର୍ଥପରତା, ଉଦାରତା ଓ ସେବାର ସ୍ଥାନ ସମାଜରେ ରହୁନାହିଁ । ଏପରିସ୍ଥଳରେ ଭାଷା, ଧର୍ମ, ରାଜନୀତି, ଜାତିପ୍ରଥା ଆଦିକୁ ଭିତ୍ତିକରି ସଂକୀର୍ଣ୍ଣତା ବଢ଼ି ବଢ଼ି ଚାଲିଛି । ରାଜନୈତିକ କ୍ଷମତା ଭୋଗ କରୁଥିବା ଓ ଲାଭ କରିବାକୁ ପ୍ରୟାସୀ ବ୍ୟକ୍ତି ବିଶେଷ ବା ଦଳ ଏକାଧାରରେ ସାଂପ୍ରଦାୟିକ ସଦ୍‌ଭାବର ପ୍ରଚାର କରୁଥିବା ଯୋଗୁଁ ନିଜ ସ୍ୱାର୍ଥସିଦ୍ଧି ପାଇଁ ସାଂପ୍ରଦାୟିକ ବିବାଦକୁ ଆୟୁଧ ରୂପେ ବ୍ୟବହାର କରୁଛନ୍ତି । ଉଚ୍ଚ, ନୀଚ, ଧନୀ, ଦରିଦ୍ର, ସବର୍ଣ୍ଣ, ଅସବର୍ଣ୍ଣ, ଧୋତଧାରିଆ, ମହିମୁଣ୍ଡିଆ, ଶିକ୍ଷିତ, ଅଶିକ୍ଷିତ, ସହରିଆ, ଗାଉଁଲି, କୁହାଳିଆ, ଗୁଙ୍ଗା, ଚତୁର, ଗୁଆଁର, ସାଧୁ, ଖଳ ଆଦି ବହୁବିଧ ଭାଗରେ ଓ ବିଭିନ୍ନ ମାତ୍ରାରେ ଆମ ସମାଜ ଖଣ୍ଡୀକୃତ ହୋଇଛି ।

ଏପରିସ୍ଥଳେ ମାରିନେବେ ମହାପାତ୍ରେ, ଗୃହିଥିବ ଡକ୍କା ସହଜ ହେଉଛି । ପୁଣି ଶାସକଙ୍କ ପକ୍ଷରେ ନିଷ୍କାମ କର୍ମଯୋଗ କେବଳ ଗୀତାର ଅମୃତ୍ୟବାଣୀ ହୋଇ ରହିଛି । ବାସ୍ତବରେ ନାହିଁ କହିଲେ ଚଳେ । ସମତାର କ୍ଷୀଣ ରେଖା କେଉଁଠି କିପରି ଦେଖାଯାଉଛି । କିନ୍ତୁ ସର୍ବତ୍ର ବିଷମତା ଜଳଜଳ ଜଳଜଳ ଦିଶୁଛି । ସ୍ୱାଧୀନ ଦେଶରେ ସୁବିଧା ସୁଯୋଗ ବଢ଼ୁଛି ଓ ସେ ଦିଗରେ ବହୁ ଅଭିଯାନ ମଧ୍ୟ କରାଯାଉଛି । ସେଥିଯୋଗୁଁ ଲୋକମାନଙ୍କ ଆକାଂକ୍ଷା ଏପରି ଅତିମାତ୍ରାରେ ବଢ଼ିଯାଉଛି ଯେ ତଦ୍ୱାରା ବିବାଦର ବୀଜ ବୁଣା ଯାଉଛି । ଅତ୍ୟାଚାର ଓ ଅନୀତି ମଧ୍ୟ ବଢ଼ୁଛି । ପ୍ରତିଶୋଧପରାୟଣତା ସହଜରେ ଦଳୀୟ ସଂଘର୍ଷ ପାଇଁ ଇନ୍ଧନ ଯୋଗାଉଛି । ସାମାଜିକ ନ୍ୟାୟରୁ ବଞ୍ଚିତ ଲୋକ ବା ଅଞ୍ଚଳ ବୈଷମ୍ୟରେ ଜର୍ଜରିତ ହୋଇ ବିବାଦହିଁ ବଞ୍ଚିବାର ପନ୍ଥା ବୋଲି ଗ୍ରହଣ କରିନେଇଛନ୍ତି । ପଇସାର କରାମତି ନିକଟରେ ଲୋକଚରିତ୍ର ଓ ଅଧ୍ୟବସାୟ ପରାଜୟ ସ୍ୱୀକାର କରିସାରିଛି । ପେଇସା କ୍ୟା ନ କରେ କାମ ? ଆଜି ଏହାହିଁ ଦେଖିବାକୁ ପଡ଼ୁଛି । ମୁଦ୍ରାସ୍ଫୀତି ସାଙ୍ଗକୁ ଜନସଂଖ୍ୟା ବିସ୍ଫୋରଣ ଓ ଅବାଞ୍ଛିତ ସହରୀକରଣ ଯୋଗୁଁ ଲୁଟିଲୁଣ୍ଠନ, ଲହୁଲୁହାଣ ଓ ଉଦ୍ବେଗ ଆଦି ମାମୁଲି କଥା ପରି ଜଣା ପଡ଼ୁଛି । ଭୋଗବାଦୀ ଦୃଷ୍ଟିକୋଣ ଓ ବିଳାସର ଚହଟ ଚିକ୍କଣ ରୂପ ଆମ ଆଖିକୁ ଝଲସାଇ ନେଉଛି । ଏପରି କ୍ଷେତ୍ରରେ ସାଂସ୍କୃତିକ ପ୍ରସାର ଓ ପ୍ରୀତି ନାମରେ ଆମେ ଆମ ଅହଂକାରର ଢୋଲକୁ ଢାଇଁ ଢାଇଁ କରି ପିଟୁଛୁ । ଏହା ଫଳରେ ବାଦ, ବାଦାନୁବାଦ ଓ ବିବାଦହିଁ ସାର ହେଉଛି ।

ସମାଜତତ୍ତ୍ୱରେ ସଂପ୍ରଦାୟ ଏକ ସୁପରିଚିତ ଶବ୍ଦ ଓ ସାମାଜିକ ଜୀବନର ରହସ୍ୟ ଉଦ୍‌ଘାଟନ କରିବାରେ ଏହାର ଗୁରୁତ୍ୱ ବେଶି । କିନ୍ତୁ ସାଂପ୍ରଦାୟିକ ଓ ସାଂପ୍ରଦାୟିକତା ଅପାଂକ୍ତେୟ ଓ ଅଶେଷ ଅନିଷ୍ଟ ସାଧନର ଆବିର୍ଭାବ ହୋଇଛି । ବିଶେଷକରି ସଂହତି, ନିଃସ୍ୱାର୍ଥପରତା ଓ ସ୍ୱାଧୀନତାର ମୂଳରେ ଏହାର କୁଠାରଘାତ ଅତୀବ ମର୍ମନ୍ତୁଦ । ଏହି ପ୍ରସଙ୍ଗରେ ଏହା ଲକ୍ଷ୍ୟ କରିବାର କଥା ଯେ ସାଂସ୍କୃତିକ ଜୀବନର ସଂପ୍ରସାରଣ ସମୟର ସ୍ରୋତରେ ସ୍ୱାଭାବିକ ରୀତିରେ ଘଟିଛି । ଜନସଂଖ୍ୟାର ବୃଦ୍ଧି ତାକୁ ନିଜ ସ୍ଥାନରେ ଅଟକାଇ ପାରି ନାହିଁ । ଅନ୍ୟତ୍ର ଯିବାକୁ ଦେଇଛି । ଧରା ପୃଷ୍ଠରେ ନୂତନ ବସତି ପାଇଁ ସ୍ଥାନର ଆବିଷ୍କାର ତା ପାଇଁ ଅସୀମ ପ୍ରଲୋଭନ ହୋଇଛି । ଜ୍ଞାନର ପିପାସା ତାକୁ ଅସ୍ଥିର ଓ ଅସମାପ୍ତ କରିଛି । କିନ୍ତୁ ଏହି ସଂପ୍ରସାରଣ ଆଣି ଦେଇଛି ବହୁବିଧ ସମସ୍ୟା । ନୂତନ ସ୍ଥାନରେ ନିଜକୁ ସାମିଲ କରିବା ହୋଇଛି ପ୍ରବଳ ସମସ୍ୟା । ବିଭିନ୍ନ ସାଂସ୍କୃତିକ ଶ୍ରେଣୀଗୁଡ଼ିକ ଜୀବନର ନୂତନ ସାମଞ୍ଜସ୍ୟ ପାଇଁ ଅନ୍ୱେଷଣ ହୋଇଛି । କେଣ୍ଟୁ ତା'ର ସାଂସ୍କୃତିକ ସ୍ରୋତଟି ବହୁ ଶାଖାପ୍ରଶାଖାରେ ବିଭକ୍ତ ହୋଇଛି । ଇତିହାସ, ରାଜନୀତି, ଧର୍ମ, ସାହିତ୍ୟ, ଶିଳ୍ପ, ଶିକ୍ଷା, ଭାଷା, କୃଷି ଆଦି ଏହି ସବୁ ଶାଖାର କେତୋଟି ଦୃଷ୍ଟାନ୍ତ । ପୁନଶ୍ଚ ଏହିସବୁ ଶାଖା ଓ ପ୍ରଶାଖା ମଧ୍ୟରେ ସଂଗଠିତ ସମନ୍ୱୟ ଓ ତାଳମେଳ ରକ୍ଷା କରାଯାଇପାରିନାହିଁ । ଅଧିକନ୍ତୁ ମଧ୍ୟ ସାଂସ୍କୃତିକ ସ୍ରୋତ ସବୁ ପରିପୁଷ୍ଟ ହୋଇ ଗଢ଼ି ଉଠି ନାହିଁ । ଏହା ଫଳରେ ବହୁ ସ୍ରୋତ ବିଚ୍ଛିନ୍ନବସ୍ଥାନ ହୋଇ ବହି ପାରି ନାହିଁ । ବରଂ ଶୁଖିଲା ବା ଅବରୁଦ୍ଧ ହୋଇଛି । ଜାତି, କୃଷ୍ଟି ଆଦି

ଜଟିଳତା ସୃଷ୍ଟିକୁ ମାତ୍ରା କରିଦେଇଛି । ଠେଲି ନେଇ ଆଗେଇ ଯିବାର ଶକ୍ତି ଦୁର୍ବଳ ହୋଇପଡ଼ିଛି । ସଂହତି ଓ ସଂସ୍କୃତି ହେଉଛି ସମବେତ ସନ୍ଧନ । ଏହି ସନ୍ଧନ ଶାନ୍ତ ଓ ମନ୍ଦ ହୋଇଯାଉଛି ଏଥିରେ ମତର ପାର୍ଥକ୍ୟ ଦେଖା ଦେଉଛି । ଅବଶ୍ୟ ପାର୍ଥକ୍ୟହିଁ ଗତିଶୀଳତାରେ ସ୍ୱାଭାବିକ ପ୍ରକ୍ରିୟା ଓ ଏହାଦ୍ୱାରା ସାଂସ୍କୃତିକ ସ୍ରୋତଟି ସମୃଦ୍ଧ ଓ ବୈଚିତ୍ର୍ୟପୂର୍ଣ୍ଣ ହୋଇଥାଏ । କିନ୍ତୁ ମତର ପାର୍ଥକ୍ୟ ଯେତେବେଳେ ସୀମା ଲଙ୍ଘନ କରି ମତାନ୍ଧତାରେ ପରିଣତ ହୁଏ ସେତେବେଳେ ଉଦ୍ଭିଦ ଶାଖା ପ୍ରଶାଖାକୁ କେନ୍ଦ୍ର କରି ସଂପ୍ରଦାୟର ଉଦ୍ଭବ ହୁଏ । ସଂକୀର୍ଣ୍ଣତା, କ୍ଷମତା ଓ ଅହମିକାର ଗଣ୍ଡି ଭିତରେ ଉତ୍କଟ ଆଞ୍ଚଳିକ ପ୍ରୀତି ପଶିଯାଇ ସାଙ୍ଘାତିକ ସାଂପ୍ରଦାୟିକ ମନୋଭାବ ଜାତ କରେ । ଜାତିଆଣ ଓ ବିଭେଦକାରୀ ବିଚ୍ଛିନ୍ନତାବାଦ ସେହି ପରି ଭାବରେ ଜନ୍ମ ନିଏ । ଅନେକ ସମୟରେ ବିଜ୍ଞାପନମୂଳକ ଓ ଦାମ୍ଭିକତା ସୂଚକ ସାଂସ୍କୃତିକ ପ୍ରଦର୍ଶନ ପଛରେ ଥାଏ ସାଂପ୍ରଦାୟିକ ମନୋଭାବ । ବିକାଶର ଆଡ଼ମ୍ବରପୂର୍ଣ୍ଣ ପ୍ରକ୍ରିୟାହେତୁ ସାଂପ୍ରଦାୟିକ ଦଙ୍ଗା ବିକାଶର ବିଲୟ ସାଧନକରେ ଓ ବିନାଶର କୀର୍ତ୍ତି ସୌଧ ନିର୍ମାଣ କରେ । ଶୋଷଣ, ଉତ୍ପୀଡ଼ନ, ପ୍ରତିହିଂସା ଓ ପ୍ରତିଶୋଧ ରହିଯାଏ ପାଉଁଶର ପ୍ରଚ୍ଛନ୍ନତାରେ ଜୁଳୁଜୁଳୁ ଥିବା ଅଗ୍ନିକଣା ସଦୃଶ । ବାୟୁର ମୃଦୁମନ୍ଦ ସ୍ପର୍ଶରେ ଭୟାବହ ଅଗ୍ନିକାଣ୍ଡ ପରି ପ୍ରବଳ ବିଭୀଷିକା ସୃଷ୍ଟିକରେ । ସାଂପ୍ରଦାୟିକତା ଅପରିଣାମଦର୍ଶୀ ଓ ସ୍ୱାର୍ଥାନ୍ଧ ହୋଇପଡ଼େ । ସପତ୍ନୀର ବୈଧବ୍ୟ ଯନ୍ତ୍ରଣା ଦେଖିବାରେ ଲାଳାୟିତା ରମଣୀ ଯେପରି ପତିଙ୍କର ନିଧନ କାମନା କରନ୍ତି ସାଂପ୍ରଦାୟିକ ବିବାଦର ପରିଣତି ସେହିପରି ହୁଏ । କୁଳବଧୂରା ପରିବାରରେ ନନ୍ଦନନ୍ଦନର ଅସ୍ତିତ୍ୱ ରହେ କି ? ପରାର୍ଥ ପରାୟଣତା ଆଣିଦିଏ ସଦ୍ଭାବ, ପ୍ରାଣୀମାନଙ୍କ ଆନନ୍ଦ ମଙ୍ଗଳ ଓ ସଂହତି । କିନ୍ତୁ ସହନଶୀଳତାର ଅଭାବରୁ ଅନେକ ଦଳୀୟ ସଂଘର୍ଷ ଘଟି ତିଳକୁ ତାଳ ପରି ହୋଇଯାଏ । ଭତବାତ ଓ ବଚସା ସାମାନ୍ୟ ସାମାନ୍ୟ ସମସ୍ୟାରେ ଭୀଷଣ ରୂପ ଧାରଣ କରେ । ଏହି ପ୍ରକ୍ରିୟାରେ ଅନେକ ସମୟରେ ସବର୍ଣ୍ଣ, ହରିଜନ, ସର୍ବହରା, ଥିଲବାଲ ଆଦି ଲୋକମାନେ ଭାଗ ନେଇଥାନ୍ତି । ଶାନ୍ତିପୂର୍ଣ୍ଣ ସମାଧାନର ପନ୍ଥାରେ ବିଶ୍ୱାସ ଓ ଧୈର୍ଯ୍ୟ ରହେ ନାହିଁ । ଦଳ ଭିତରେ ଦଳ ହୋଇ ଦଳାଦଳି ବଢ଼ିଗଲେ ଓ ସେଥିରେ ଜଣକର କିମ୍ବା କେତେଜଣଙ୍କର ସ୍ୱାର୍ଥସାଧନହିଁ ମୁଖ୍ୟ ହୁଏ । ଦେଶ ବା ରାଷ୍ଟ୍ରର ବିଶ୍ୱଙ୍କୁ ଗୌଣକରି ଦିଆଯାଏ । ଜାତୀୟତା ବାହିରେ ସଂକୀର୍ଣ୍ଣତା ବଢ଼ି ମହାଦେଶ, ଦେଶ, ରାଜ୍ୟ ଆଦି ଖଣ୍ଡ ବିଖଣ୍ଡିତ ହୋଇ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱର ଲୀଳାଭୂମି ହୋଇଯାଏ । ସେହି କାରଣରୁ ଜାତୀୟ ମମତା କ୍ରମେ ବିଶ୍ୱଜନ ପ୍ରୀତିରେ ପରିଣତ ହେବା ପାଇଁ ଉଦାରତା ଅବଲମ୍ବନ କରିବାକୁ ଆହ୍ୱାନ ଦିଆଯାଏ । ମାନବିକତା ଅବି ଶାଶ୍ୱତିକ ମୂଲ୍ୟବୋଧ ମୁଖ୍ୟତଃ ଜୀବନର ଆଚରଣ କିମ୍ବା କରାଯାଏ । ରୂପ, ବର୍ଣ୍ଣ, ବେଶ, ଜାତି, ଭାଷା, ଧର୍ମ ଆଦି ଦୃଷ୍ଟିରୁ ବିଚାରରେ ଯେପରି ଆମ ଦେଶଟି ସେପରି ମାନବ ସମାଜ ବିଭିନ୍ନ ହେଲେବି ଅଭେଦ ଭିତରେ ଆମ ସମସ୍ତଙ୍କ ଅନ୍ତରରେ ରହିଛି । ପରମଙ୍କୁ ଭୁଲିଯାଇଛି, "ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ" । ଏହାହିଁ ଏକତାର ଭିତ୍ତି ସଂହତିର ସୂତ୍ର ।

ଅତଏବ ସାଂପ୍ରଦାୟିକତା ହେଉଛି ସଂକୀର୍ଣ୍ଣ ସ୍ୱାର୍ଥସିଦ୍ଧିର ଆୟୁଧ । ଅର୍ଥନୀତିର ଅସମ ଅଭିବୃଦ୍ଧି ଆର୍ଥିକ ବୈଷମ୍ୟ ସୃଷ୍ଟି କରିଛି ଓ ଏହି ବୈଷମ୍ୟ ବିଭେଦ, ବିବାଦ, ବିଦ୍ୱେଷ ଓ ପ୍ରତିହିଂସା ଜାତ କରିଛି । ଏ ପ୍ରକାର ବ୍ୟକ୍ତି (ସମୂହ) ଓ ଅତି ସହଜରେ ସାଂପ୍ରଦାୟିକତାର ଶରବ୍ୟ ହୋଇଛି । ବଂଶାନୁକ୍ରମିକ ଜାତିଆଣଭାବ ଧର୍ମ ବିଜ୍ଞାନ ଓ ପ୍ରାଣୀବିଜ୍ଞାନ ସମ୍ମତ ନୁହେଁ । ଆଧୁନିକ ସମାଜ ଏହାର ପ୍ରତ୍ୟାଖ୍ୟାନ କରେ ତଥାପି ଏହାର ଅସ୍ତିତ୍ୱକୁ ବଜାୟ ରଖିବା ପାଇଁ ସଂପ୍ରଦାୟ ଓ ସାଂପ୍ରଦାୟିକତା ଆଶ୍ରୟରେ ଜାତିପ୍ରଥା ନିଜର ଶେଷ ସଂଗ୍ରାମ ଜାହିର ରଖିଛି । ଅସହନଶୀଳତା ଓ ଅହମିକା ମଧ୍ୟ ସାଂପ୍ରଦାୟିକତାକୁ ପ୍ରଶ୍ରୟ ଦେଉଛି । ମୁଁ ବଡ଼, ମୋ ତୁଳନାରେ ଅନ୍ୟମାନେ ହୀନ ଓ ସାନ, ତେଣୁ ମୁଁ ସେମାନଙ୍କ ଉପରେ ମୋର କ୍ଷମତା, କର୍ତ୍ତୃତ୍ୱ ଓ ପ୍ରାଧିକାର ଚିରକାଳ ପାଇଁ ଜାହିର ରଖିବି ।" ଏ ପ୍ରକାର ମନୋଭାବ ସାଂପ୍ରଦାୟିକ ବିବାଦରେ ପରିଣତ ହୋଇଛି । ଏହାର ଗୋଟିଏ ଦିଗ ହେଉଛି ରାଜା-ରାଜୁଡ଼ା ମନୋଭାବ । ରାଜାମହାରାଜା ତ ଆଉ ନାହାନ୍ତି । କିନ୍ତୁ ଏହି ଅବାଞ୍ଛିତ ଓ ଭ୍ରାନ୍ତ ମନୋଭାବ ଅନେକ ଛାଡ଼ି ନାହାନ୍ତି । ଅଗଣତାନ୍ତ୍ରିକ ଶାସନ ଏହାର ଅନ୍ୟ ଏକ ଦିଗ । ଦଳୀୟ ସଂଘର୍ଷ ଏ ସବୁର ପରିଣତି ।

ମତାନ୍ଧତା ଆଧୁନିକ ସମାଜର ଲକ୍ଷଣ ନହିଲେ ବଳେ । ଏହା ସବୁ ଯୁଗରେ ଥିଲା । କିନ୍ତୁ ଆଜିକାଲି ଗଣତାନ୍ତ୍ରିକ ଓ ଓ ବୈଜ୍ଞାନିକ ମନୋଭାବ ବିରୁଦ୍ଧରେ ଏହାର ବଞ୍ଚିରହିବାର ପ୍ରାଣମୂର୍ଚ୍ଛା ପରାଜିତ ପରାକ୍ରମ ଅତି ପ୍ରବଳ ହୋଇଅଛି । ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଅନେକ ସଂଘର୍ଷ ଏହି କାରଣରୁ ଘଟୁଛି । ଏହା ମଧ୍ୟ ସାମାଜିକ ପ୍ରଗତି ଓ ପରିବର୍ତ୍ତନର ପରିପନ୍ଥୀ ହୋଇଛି । ଜାତୀୟ ସ୍ତରରେ ମତାନ୍ଧତା ରାଷ୍ଟ୍ରୀୟ ଭାବନାକୁ ଏପରି ସଙ୍କୁଚିତ ସଂକୀର୍ଣ୍ଣ କରିଦିଏ ଯେ ଏହା ବିଶ୍ୱଭାବନାର ପରିପନ୍ଥୀ ହୁଏ । ଉଗ୍ର ଜାତୀୟତା ଠିକ୍

ସେହିପରି ମତାନ୍ଧତା ଯୋଗୁଁ ଆଞ୍ଚଳିକ ଗୌରବ ରାଷ୍ଟ୍ରୀୟ ଭାବନାର ପ୍ରତିଦ୍ୱନ୍ଦ୍ୱୀ ହୋଇ ରାଷ୍ଟ୍ରୀୟ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ ଓ ଖର୍ବ କରେ । ବିଭିନ୍ନ ଅଞ୍ଚଳର ସଂସ୍କୃତି, ନୃତ୍ୟ, ଗୀତ, ଭାଷା, ସାହିତ୍ୟ, ଶିଳ୍ପ, ସ୍ଥାପତ୍ୟ ଆଦି ବହୁବର୍ଣ୍ଣୀ ମହା ସମୁଦ୍ରରେ ପରିଣତ ନ ହୋଇ ପଙ୍କିଳ ଜଳାଶୟ ହୋଇ ରହେ । ମତାନ୍ଧତା ପରି ଧର୍ମାନ୍ଧତା ଭାରତ ତଥା ବିଶ୍ୱ ଇତିହାସରେ କଳଙ୍କିତ ଅଧ୍ୟାୟ ଆରମ୍ଭ କରିଛି । ମତାନ୍ଧତା ମଧ୍ୟ ଧର୍ମାନ୍ଧତାର କାରଣ ହୋଇଛି । "ଧର୍ମ ଧାରଣେ ପବିତ୍ରୀ" ଏହି ସୂତ୍ରରେ ରହିଛି । ମନୁଷ୍ୟ ସହିତ ମନୁଷ୍ୟର, ମନୁଷ୍ୟ ସହିତ ସମାଜର ଓ ସାମାଜିକ ମନୁଷ୍ୟର ବିଶ୍ୱ ସହିତ ନିବିଡ଼ ସଂପର୍କ ସ୍ଥାପନ କରାଯାଇଛି ଧାର୍ମିକ ଚେତନା ଦ୍ୱାରା । ଧର୍ମାତ୍ମା ବ୍ୟକ୍ତିର ଆତ୍ମା ଓ ଆଚରଣରେ ଆଏ ଭ୍ରାତୃତ୍ୱ, ସଦ୍ଭାବ ଓ ଏକତା । ଏହାହିଁ ସୃଷ୍ଟିର ସ୍ୱଧର୍ମ । ସର୍ବ ଜୀବନର ସ୍ରଷ୍ଟା ଏକ ଓ ଅଭିନ୍ନ । ଧର୍ମ ପାଳନର ରୂପରେଖ, କର୍ମିଭାବଣ ଓ ବହିଃପ୍ରକାଶ ଭିନ୍ନଭିନ୍ନ ହୋଇପାରେ କିନ୍ତୁ ହୃଦୟର ଗହନ ଚିନ୍ତା ପଞ୍ଚମସ୍ତଜତ ସମାନ । ଏହା ଏକ ମନ୍ଦିର, ମସ୍‌ଜିଦ୍, ଗୀର୍ଜା ଇତ୍ୟାଦିରେ ପ୍ରାର୍ଥନାର ଭାଷା, ଭଙ୍ଗୀ, ଚାଲି, ଚରିତ୍ର ଭିନ୍ନ ଭିନ୍ନ, ସେଥିରେ ସ୍ରଷ୍ଟା ହୋଇଛନ୍ତି ଏକା ଆମେ ସେହି ଭାଷା, ଭଙ୍ଗୀ, ଚାଲି ଓ ଚରିତ୍ରରେ ଅଧ

ହୋଇ ସେହି ସ୍ରଷ୍ଟାଙ୍କୁ ଭିନ୍ନ ଭାବରେ ଦେଖୁଛୁଁ । ସର୍ବସ୍ରଷ୍ଟା ଉପାସ୍ୟ ହେଉଛନ୍ତି ଏକ । ଏହି ସତ୍ୟଟିକୁ ଉପଲବ୍ଧି କରି ପାରିଲେ ଏହାର ଶିଖ ରୂପେ ଆମେ ଦେଖିବାକୁ ପାଆନ୍ତେ ମହାତ୍ମା ଗାନ୍ଧୀଙ୍କ ଭାଷାରେ " ଈଶ୍ୱର, ଆଲ୍ଲା ତେରେ ନାମ, ସବକୋ ସନ୍ମତି ଦେ ଭଗବାନ ।" ଧର୍ମ ଓ ଧାର୍ମିକ ସମସ୍ତଙ୍କ ହୃଦୟରେ ସଂଚାର କରନ୍ତି, ସଦ୍ଭାବ, ସନ୍ନୀତି, ସଦ୍‌ବୁଦ୍ଧି ଓ ସଦିଚ୍ଛା ।

ସାରା ବିଶ୍ୱରେ ମତାନ୍ଧତା ଓ ଧର୍ମାନ୍ଧତା ଯୋଗୁଁ ବହୁ ଶକ୍ତିଶାଳୀ ସାମ୍ରାଜ୍ୟର ପତନ ଘଟିଛି । ଭାରତରେ ଏହି ଉଦାହରଣ କମ୍ ନୁହେଁ । ସମ୍ରାଟ ଆକବର ମୋଗଲ ହେଲେ ହେଁ ଉଦାରତା, ସହନଶୀଳତା, ମମତା ଓ ସମ୍ମାନର ଦୃଷ୍ଟାନ୍ତ ଉପସ୍ଥାପନ କରି ଅମର ହୋଇଛନ୍ତି । ସର୍ବ ଧର୍ମର ସମନ୍ୱୟ ରୂପେ ସେ "ଦୀନଇଲାହି" ନାମକ ଧାର୍ମିକ ବିଶ୍ୱାସ ପ୍ରବର୍ତ୍ତନ କରିଥିଲେ । ସ୍ୱାଧୀନତା ପ୍ରାପ୍ତିର ପ୍ରାକ୍‌କାଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସାଂପ୍ରଦାୟିକ ବିବାଦ ଉତ୍କଟ ହୋଇଥିଲା । ଆମ ଦେଶର ବିଭକ୍ତିକରଣ ହେଉଛି ଏହାର ପରିଣତି । ସେତେବେଳେ ଓ ଏହା ପୂର୍ବରୁ ଏହି ଦୁଇ ସଂପ୍ରଦାୟର ଏକତା ପାଇଁ ବହୁ ଉଦ୍ୟମ କରାଯାଇଛି । ଏ ସଂପର୍କରେ Sayyid Ahmed Khan (1887)ଙ୍କ ଉକ୍ତି ସ୍ମରଣୀୟ ।

Do you not inhabit the same land ? Are you not burned and buried on the same soil ? Do you not tread the same ground and live upon the same soil ? Remember that the words Hindu and Mohammedan are only meant for religious distinction-otherwise all persons whether Hindu or Mohammedans, even the Christian who reside in this country, are all in this particular respect belonging to one and the same nation. Then all these different sects can be described as one nation. They must each and all unite for the good of the country which is common to all.

ଧର୍ମାନ୍ଧତା, ଆତ୍ମକେନ୍ଦ୍ରିକତା ଓ ମତାନ୍ଧତାଜନିତ ସାଂପ୍ରଦାୟିକତାକୁ ଏକାତ୍ମତା ହିଁ ଦୂର କରିପାରେ । କବୀର, ନାନକ, ତୁକାରାମ ପ୍ରଭୃତି ସନ୍ଥମାନେ ଏକ ଉଚ୍ଚ ଆଧ୍ୟାତ୍ମିକ ଓ ନୈତିକ ପରଂପରା ସୃଷ୍ଟି କରି ମାନବତାର ପ୍ରେମଗଙ୍ଗାରେ ମାନବସମାଜକୁ ପ୍ଲାବିତ କରିଛନ୍ତି । କବୀରଙ୍କ ବାଣୀ ଏହିପରି :

"ହିନ୍ଦୁକହେ ରାମ ମୋହିପ୍ୟାରା
ତୁରକ କହେ ରହିମାନା
ଆପସ ମେଁ ଦୋ, ଲଡ଼ିଲଡ଼ି ମୁଏ
ମରମ୍ ନ କାହୁ ଜାନା" ।

ଅର୍ଥାତ୍ ରାମ ହିନ୍ଦୁଙ୍କର ପ୍ରିୟ ପ୍ରଭୁ ବୋଲି ସେମାନେ କହୁଛନ୍ତି । ମୁସଲମାନ କହୁଛନ୍ତି ରହିମ୍ । କିନ୍ତୁ ସେହି ପ୍ରଭୁ

ପରମାତ୍ମାଙ୍କର ଗୁହ୍ୟମର୍ମ ନଜାଣି ନିଜ ନିଜ ମଧ୍ୟରେ ଲଢି ଲଢି ମରୁଛନ୍ତି । ସେ ଏହାର ସମାଧାନରେ ଅନ୍ୟ ଏକ ଦୋହା ଲେଖିଛନ୍ତି ଓ ଏହାର ଅର୍ଥ ହେଉଛି "ପ୍ରେମର ରାସ୍ତା ଏତେ ସଂକୀର୍ଣ୍ଣ ଯେ ଏଥିରେ ଦୁଇଜଣ ନେଇ ଏକାବେଳେ ଗଳି-ପାରିବେ ନାହିଁ । ନିଜର ଅହଂକୁ ବିନାଶକରି ଯେତେବେଳେ ମାନବ ନିଜକୁ ପ୍ରଭୁଙ୍କ ଶ୍ରୀଚରଣତଳେ ସମର୍ପଣ କରିଦେବ, ସେତେବେଳେ ତାକୁ ରାସ୍ତା ଦେଖାଯିବ" ଏହି ପ୍ରେମ ପାଇବା ପାଇଁ କବୀରଙ୍କ ଭାଷା ହେଉଛି –

"ପ୍ରେମ ନବାଢ଼ୀ ଉପଜେ
ପ୍ରେମ ନ ହାଟ ବିକାୟ
ରାଜା-ପରଜା ଜହିରୁଚେ
ସୀସ ଦେୟ ଲେ ଜାୟ" ।

ଅର୍ଥାତ୍ ପ୍ରେମ ବାଡ଼ିରେ ଫଳେ ନାହିଁ । ହାଟରେ ବିକାହୁଏ ନାହିଁ । ରଜା ପରଜା ଯାହାକୁ ଯେପରି ରୁଚେ ନିଜର ମୁଣ୍ଡ ଦେଇ କିଣିନେଇଯିବ । ପ୍ରଭୁର ପ୍ରେମଭକ୍ତି ଲଭପାଇଁ ସାଧକର ଆତ୍ମ ସମର୍ପଣ ଆବଶ୍ୟକ । ଏହା ସହଜଲଭ୍ୟ ପଣ୍ୟଦ୍ରବ୍ୟ ସଦୃଶ ନୁହେଁ । ଆତ୍ମ ସମର୍ପଣଦ୍ୱାରା ହୃଦୟ ଅନାବିଳହୁଏ । ସ୍ୱଚ୍ଛ ହୃଦୟରେ ସଦ୍‌ଭାବ ପ୍ରତିଷ୍ଠେ । ସେଥିରୁ ଏକତା ଓ ଏକାତ୍ମତା ଆସେ । ବିଦ୍ୱେଷ ଓ ବିବାଦ ଆପେ ଆପେ ଅପସରି ଯାଏ । ମହାତ୍ମାଗାନ୍ଧୀ ତାଙ୍କ ସ୍ୱପ୍ନର ଭାରତରେ ଐକ୍ୟବଦ୍ଧ ଭାରତୀୟ ସମାଜ ଚିତ୍ର କରିଥିଲେ । କୌଣସି ସାଂପ୍ରଦାୟିକ ବିବାଦ ରହିବ ନାହିଁ । ଅସ୍ପୃଶ୍ୟତାର କଳଙ୍କ ସମୂଳେ ଲୋପ ପାଇବ । ସମାଜରେ ନାରୀମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇବ । ଗାନ୍ଧୀଜୀଙ୍କ ନିଜ ଭାଷା ହେଉଛି ;


"I shall work for an India in which the poorest shall feel that it is their country whose making they have an effective voice; an India in which there shall be no high class and low class of people; an India in which all communities shall live in perfect harmony .....There can be no room in such an India for the course of untouchability........women ......will enjoy the same rights as men ......This is the India ofmy dreams."

ଗାନ୍ଧୀଜୀଙ୍କ ସ୍ୱପ୍ନର ଭାରତ ସତ୍ୟ ହୋଇଛି କି ? ସାମ୍ରାଜ୍ୟବାଦୀ ଶାଁ ଅବଦୁଲ ଗଫୁରଖାଁ ଆଜି ଶତାୟୁ ହେବାକୁ ମାତ୍ର ତିନିବର୍ଷ ବାକିରହିଛି । ସେ ଜରାବ୍ୟାଧିଗ୍ରସ୍ତ ଓ ସେ ଜୀବନର ଅପରାହ୍ନରେ କାତିର ଜନକ ମହାତ୍ମାଗାନ୍ଧୀଙ୍କ ପଦତଳେ ତାଙ୍କ ସ୍ୱପ୍ନର ଭାରତକୁ ସତ୍ୟ କରିବାପାଇଁ ଶପଥ ନେଇଥିଲେ । ବର୍ତ୍ତମାନରେ ରୋଗଶଯ୍ୟାରେ ରହି ପ୍ରଧାନମନ୍ତ୍ରୀ ଶ୍ରୀରାଜୀବ ଗାନ୍ଧୀଙ୍କ ଶୁଭାଗମନରେ ନିଜର ପୁଞ୍ଜୀଭୂତ ଭାବରାଶି ପ୍ରକାଶ କରିଛନ୍ତି । "ମୁଁ ଏକ ଭିନ୍ନ ଭାରତର ସ୍ୱପ୍ନ ଦେଖିଥିଲି । ସେ ଭାରତ ଆଜିର ଭାରତ ନୁହେଁ । ସାଂପ୍ରଦାୟିକ ସଦ୍‌ଭାବ ଓ ଭ୍ରାତୃ ମମତାରେ ଉଜ୍ଜୀବିତ ଏକ ଅଖଣ୍ଡ ଭାରତ । ହିଂସା, ଦୁର୍ନୀତି ଓ ଅପକର୍ମ ସେଇଠି କେବଳ ପୁସ୍ତକର ଶବ୍ଦ-ବିନ୍ୟାସ ମଧ୍ୟରେ ସୀମିତ ମୁଁ ସେହିଭଳି ଏକ ଭାରତର ଚିନ୍ତା କରିଥିଲି" । ସେ ମଧ୍ୟ କହିଛନ୍ତି; "ଅହିଂସା ଓ ସତ୍‌ମାର୍ଗରେ ବିଶ୍ୱାସରଖି ଏବେ ମଧ୍ୟ ସରଳ ଜୀବନ ଯାପନର ଯଥେଷ୍ଟ ଆବଶ୍ୟକତା ରହୁଛି । କ୍ଷମତା ପଛରେ ପାଗଳପରି ନ ଗୋଡ଼ାଇ ଆପୋଷ ମିଳାମିଶା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିପାରେ ଏକ ନୂତନ ବିଶ୍ୱ ଗଠନ କରାଯାଇ ପାରିବ" । ଏହାହିଁ ଭାରତର ଘୋଷିତ ଜାତୀୟ ନୀତି । କିନ୍ତୁ ଆମ କଥା ଓ କାମ ଓ ଏହି ନୀତିରେ ଏକ ଓ ଅଟଳ ରହିବା ଉଚିତ୍ । ଆଚରଣ ଓ ଅନ୍ତଃକରଣକୁ ଏକକରିବା ଗାନ୍ଧୀ ବିଗ୍ଭରର କଷଟି ପଥର । ଆମେ ପ୍ରତ୍ୟେକ ନାଗରିକ ଏହି କଷଟି ପଥରରେ ପ୍ରତି ମୁହୂର୍ତ୍ତର ଜୀବନକୁ କଷିବା ଉଚିତ୍ ।


ଏଯାଏଁ ଗାଁ ଗହଳର ଲୋକେ ଅନେକାଂଶରେ ଏହି ପ୍ରତିଜ୍ଞା ପାଳନରେ ଏକନିଷ୍ଠ ରହିଛନ୍ତି । ଶହ ଶହ ବର୍ଷଧରି ବିଭିନ୍ନ ସଂପ୍ରଦାୟ, ଗୋଷ୍ଠୀ ଓ ମତବାଦର ଲୋକ ଏକତ୍ର ସମାଜରେ ଆବଦ୍ଧରହି ନିଜ ମଧ୍ୟରେ ସ୍ନେହ, ମୈତ୍ରୀ ଓ ପ୍ରୀତିର ସଂପର୍କକୁ ଅତୁଟ ରଖିଛନ୍ତି । ମନୁଷ୍ୟମାତ୍ରେ ସ୍ନେହାନୁରାଗୀ । ପାରିବାରିକ, ସାମାଜିକ, ଜାତୀୟ ତଥା ବିଶ୍ୱଜୀବନରେ ସ୍ନେହର ଅନାବିଳ ସଂପର୍କ ସମସ୍ତ ବିଭିନ୍ନତା, ବିରୋଧ ଓ ବିଚ୍ଛିନ୍ନତାକୁ ଏକତ୍ର କରିଛି । ଏହାହିଁ ମାନବିକତା । ଜାତୀୟ ସ୍ତରରେ ଆମ ସଂହତି । ସାମାଜିକ ଜୀବନରେ ଐକ୍ୟ ଓ ଏକାତ୍ମତା । ପାରିବାରିକ ଜୀବନରେ ଦେବଦୁର୍ଲ୍ଲଭ, ମନ୍ଦାକିନୀ ଧାରା । କିନ୍ତୁ ବିଭିନ୍ନତା ହେତୁ ବେଳେ ବେଳେ ସଦ୍‌ଭାବ ପରିବର୍ତ୍ତେ ବିବାଦ ଘଟିବା ବିଚିତ୍ର ନୁହେଁ । କିନ୍ତୁ ବିଭିନ୍ନତାର ମାତ୍ରାଧିକ୍ୟହେତୁ ଓ ଏହାର ପ୍ରଚାର ବଢୁଥିବାରୁ ସଂଘର୍ଷ ଅଧିକରୁ ଅଧିକ ହେଉଛି । ଏହାକ୍ରମେ ଅଧିକ ଉତ୍ପାତର ହେଉଛି । କ୍ଷମତାର ଲିପ୍‌ସା, ଅସୂୟା ପରାୟଣତା, ସ୍ୱାର୍ଥାନ୍ଧତା ଓ ସଂକୀର୍ଣ୍ଣତା ଦିନକୁ ଦିନ ଏହି ସଂଘର୍ଷର ପରିଣତିକୁ ବିଷମୟ, ଜଟିଳ ଓ କଳୁଷିତ କରୁଛି ।

ଅତଏବ ଏହି ମାରାତ୍ମକ ଦୁର୍ଗତିପାଇଁ କୌଣସି ପ୍ରେସକ୍ରିପସନ୍ ଚୁଟ୍‌କା କରି ଜାତୀୟ ପ୍ରାଣରକ୍ଷା କରିବା ସମ୍ଭବ ନୁହେଁ । ଏଥିପାଇଁ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗରେ ଅବିଶ୍ରାନ୍ତ ଉଦ୍ୟମ କରିବାକୁ ହେବ । ପରିବାର ଓ ପାଠଶାଳାର ସହଯୋଗିତାରେ ବାଲ୍ୟଜୀବନକୁ ସୁନ୍ଦର, ସୁରୁଚି ସଂପନ୍ନ ଓ ସୁନୀତିପରାୟଣ କରାଯିବ । ସମସ୍ତଙ୍କ ହୃଦୟରେ ସଦ୍‌ଭାବର ବୀଜବପନ କରାଯିବ । ସର୍ବତ୍ର ସୌହାର୍ଦ୍ଦପୂର୍ଣ୍ଣ ପରିବେଶ ସୃଷ୍ଟି କରି ସହଯୋଗ ଓ ସମବାୟଭିତ୍ତି ଜୀବନଯାପନ ପ୍ରଣାଳୀରେ ପରିଣତ କରିବାକୁ ହେବ । ଜାତି, ଧର୍ମ ଓ ସଂପ୍ରଦାୟ ସୂଚକ ଉପାଧି ଓ ସଂଜ୍ଞା ନାମସହିତ ସମ୍ପୃକ୍ତ କରା ନଗଲେ ଭଲ । ବସ୍ତୁତଃ ସାଂପ୍ରଦାୟିକତା ବିରୁଦ୍ଧରେ ସଂଗ୍ରାମ ସାଂପ୍ରଦାୟିକ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଇ ପାରିବ ନାହିଁ । ଧର୍ମନିରପେକ୍ଷ ନେତୃବର୍ଗ ଗଣତାନ୍ତ୍ରିକ ପଦ୍ଧତିରେ ଏହା କରିପାରିବେ । ଶିକ୍ଷାର ପ୍ରସାର ଦ୍ୱାରା ଅଜ୍ଞାନ-ଲୋକ ହିଁ ଅନ୍ଧକାର, ଅହଙ୍କାର ଓ ଅଜ୍ଞତା ଦୂର କରିପାରିବ । ମାନବିକତା ଆଧାରିତ ପୁନର୍ଗଠନର ଧାରାବାହିକ ବିସ୍ତୃତଭାବରେ ଇତିହାସର ପୁନର୍ମୂଲ୍ୟାୟନ କରାଯିବ ।

[୧୯ ପୃଷ୍ଠା ଦେଖନ୍ତୁ]



ରାଷ୍ଟ୍ରପତି ଶ୍ରୀ ଭେଙ୍କଟରମଣ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ



[illegible] ଉପାଧ୍ୟକ୍ଷ ଶ୍ରୀ [illegible]



# ସବିନୟ ପ୍ରତିରୋଧ

**ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ**

ଦୁଃଖ କହିବି ନା ସୁଖ କହିବି ନା ଯାହା ଅଙ୍ଗେ ଲିଭାଇଛି ତାହା କହିବି । ମୁଖ୍ୟ ସମ୍ପାଦକଙ୍କର ବରାଦ, ସ୍ୱାଧୀନତା ଆନ୍ଦୋଳନରେ ମୁଁ ଯେଉଁ ନିର୍ଯ୍ୟାତନା ସହ୍ୟ କରିଛି ସେ ବିଷୟରେ କିଛି ଲେଖିବାକୁ । ନିର୍ଯ୍ୟାତନା ସହିବା ଆମର ଥିଲା ଅଙ୍ଗର ଭୂଷଣ । ଆମେ ଥିଲୁ ଅହିଂସ ସୈନିକ । ଶତ୍ରୁ ମାରିବ ସିନା ତୁମେ ହାତ ଉଠାଇବ ନାହିଁ । ଆଗରୁ ମଧ୍ୟ ଗାନ୍ଧିଙ୍କ ନିର୍ଦ୍ଦେଶ ଥିଲା, ଯେ ଲଢେଇ ଭିତରେ ଯଦି ଲାଠି, ଗୁଳି ଓ ଅନ୍ୟ ନିର୍ଯ୍ୟାତନା ସହିବାକୁ ପଡେ ତାକୁ ସହି ନେବ ସିନା, ସେଥିପାଇଁ କିଛି ବ୍ୟକ୍ତିଗତ କ୍ଷତି ହେଲେ କିମ୍ବା ଗୁଳିରେ ଟଳି ପଡ଼ିଲେ ସୁଦ୍ଧା କୌଣସି କ୍ଷତି ପୂରଣ ଦାବୀ କରିବ ନାହିଁ । ଅହିଂସା ପଥର ଆଉ ଏକ ଉଦ୍ଦେଶ୍ୟ ଥିଲା, ତୁମେ ଏପରି ଭାବରେ ଆଚରଣ କରିବ ଯେଉଁଥିରେ ଶତ୍ରୁ ହୃଦୟ ଟଳି ଯିବ ଏବଂ ସେ ତୁମ ପ୍ରତି ପ୍ରତିହିଂସା ପରାୟଣ ହେବ ନାହିଁ । ତୁମ ନିଜ କଷ୍ଟରେ ତା'ର ମାରଣାସ୍ତ୍ର ଏବଂ କ୍ରୋଧ ଶକ୍ତି ଅଚଳ ହୋଇଯିବ, ଅକାମୀ ହୋଇଯିବ । ଏହା ଯେଉଁ ସତ୍ୟାଗ୍ରହୀ କରି ପାରିବ, ସେ ବୀରଶ୍ରେଷ୍ଠ ବୋଲି ପ୍ରମାଣିତ ହେବ ।

ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାଲାଗି ଆମ ଭିତରେ ସୁନ୍ଦର ପ୍ରତିଯୋଗିତା । ଜଣେ ଯଦି ୫ଥର ଲାଠି ଖାଇଛି, ମୁଁ ଭାବେ ମୁଁ କେମିତି ୧୦ ଥର ଖାଆନ୍ତି ।

ଲବଣ ଆଇନ ଅମାନ୍ୟ ହେଲା ୧୯୩୦ରେ । ମୁଁ ସେତେବେଳେ ପଢାଛାଡ଼ି ସତ୍ୟାଗ୍ରହୀ ଶ୍ରେଣୀଭୁକ୍ତ ହେଲି । ଆମର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଗ୍ରୁଲିଥାଏ । ଦଳକୁ ଦଳ ସତ୍ୟାଗ୍ରହ ବାହିନୀ ଯାଉଥାନ୍ତି ଲୁଣ ମାରିବା ଲାଗି । ମତେ କିନ୍ତୁ ସେଠିକି ପଠାଗଲା ନାହିଁ । ଲୁଣ ମାରିଲେ ସିନା ଜେଲ୍ ହେବ ! ସେତେବେଳକୁ ପିକେଟିଂ ଓ ଅନ୍ୟାନ୍ୟ ଲଢାଇର ପନ୍ଥା ବାହାରି ନଥାଏ । ମତେ ଲଗେଇ ଦେଲେ କଟକ ସହରରେ ଯେତେ ଅଗଟ ଚଳୁଛି, ସେଗୁଡ଼ିକ ଅଚଳ ହୋଇଗଲେ ସଂପୃକ୍ତ ଘଟକୁ ଯାଇ ତାଙ୍କୁ ପକାଡ଼ିବା ! ମୋ ମନ ହେଉଥାଏ ଛଟପଟ; ଉଚ୍ଛନ୍ନ । ସେତେବେଳର ବାୟୁ ମଣ୍ଡଳରେ ଆମେ ଯେସବୁ ବାହାରି ଥିଲୁ, ମନେହେଉଥାଏ ଏପରି ଉଦାସୀନ କାର୍ଯ୍ୟପଦ୍ଧତି କିପରି ଆମର ଧୈର୍ଯ୍ୟ ଓ ନିଷ୍ଠା ରହିବ । ଶେଷକୁ ନଭେମ୍ବର ୧୬ ତାରିଖରେ କାଠଯୋଡ଼ି ବାଲିରେ ସଭା ହେଲା । ଜବାହରଲାଲ ନେହେରୁଙ୍କ ଗିରଫ ପ୍ରତିବାଦରେ ଏ ସଭା କରାଯାଉଥିଲା । ବିରାଟ ସଭା, ବହୁଲୋକ ସମାଗମ, ପୁଲିସ ସ୍ୱେଚ୍ଛାକରୁ ଘେରି ଯାଉଥାନ୍ତି । ସଭା ଭାଙ୍ଗି ଦେବା ଲାଗି ପୋଲିସ ଅନୁରୋଧ କଲେ । ଆମେ ମାନିଲୁ ନାହିଁ । ତେଣୁ ହେଲା ଭୀଷଣ ଲାଠି ପ୍ରହାର । ଲୋକମାନଙ୍କୁ ଘଉଡାଇ ଦେଲେ । ଆମ କେତେ ଜଣଙ୍କୁ ଗିରଫ୍ କରିନେଲେ । ଏହା ହେଲା ମୋର ପ୍ରଥମ ଗିରଫ୍ । ମୋର ମନକାମନା ଏକ ପ୍ରକାର ପୂର୍ଣ୍ଣ ହେଲା । ନଅ ମାସ ସଶ୍ରମ କାରାବାସ ମିଳିଲା । ଜୀବନରେ ମୁଁ ଆଉ ୫ ଥରରେ ସର୍ବମୋଟ ୫ ବର୍ଷ ୯ ମାସ ଜେଲ୍‌ଦଣ୍ଡ ଭୋଗିଛି । ଜେଲ୍ କାହାଣୀ ଏତେ ଦିନର କଣ ବା ଲେଖିବି ? ବହୁ ଅବର୍ଣ୍ଣନୀୟ ଘଟଣା ଘଟିଛି ଏବଂ ଭୋଗ କରିବା ପାଇଁ ପଡ଼ିଛି । କିନ୍ତୁ ଦଣ୍ଡ ଭୋଗିବାକୁ ଆମେ ଆମନ୍ତ୍ରଣ କରୁଥିଲୁ । ତେଣୁ ଜେଲ୍ ଦଣ୍ଡକୁ ଦଣ୍ଡ ବୋଲି କେବେ ବିଚାରି ନାହୁଁ । ଏପରିକି ଗାନ୍ଧୀଙ୍କୁ ଦେଖି ଦେଇଥିଲୁ, ଜେଲ୍‌ରେ ଯାହା ଘଟିବ ଆନନ୍ଦରେ ସହ୍ୟ କରିବୁ । ଆଉ ସେ କାହାଣୀ ଏବେ ଲେଖିଲେ ବିରାଟ ଗ୍ରନ୍ଥ ହେବ । ତା' ସାଙ୍ଗକୁ ବାହାରେ ଯାହା ସବୁ ଘଟିଛି, ତାକୁ ଲେଖିଲେ ବିରାଟ ଇତିହାସ ଲେଖିବାକୁ ପଡ଼ିବ । କୌଣସି ନିର୍ଯ୍ୟାତନାକୁ ଦୁଃଖ କଷ୍ଟ ବୋଲି ଆମେ ସେତେବେଳେ ମନେ କରୁ ନଥିଲୁ । ଏବେ ୫୦-୬୦ ବର୍ଷ ତଳର କଥା ସବୁ କେତେକ ପାଶୋର ବି ଗଲାଣି । ତେବେ ଅଳ୍ପକେ କିଛି ଲେଖିଦେବା ଲାଗି ବରାଦ ଥିବାରୁ, ମୁଁ ଗୋଟିଏ ଦୁଇଟି କଥା ଉଲ୍ଲେଖ କରୁଛି ।

ଆମକୁ ନିର୍ଦ୍ଦେଶ ଥାଏ ଗିରଫ ହେବା ସାଙ୍ଗେ ସାଙ୍ଗେ ଆତ୍ମ ସମର୍ପଣ କରିଯିବ– ଜେଲ୍‌କୁ ଚାଲିଯିବ । କଟକରେ ଆମେ ସବୁ ପିକେଟିଂ କରି ବିଲାତି ଲୁଗା ଦୋକାନ ବନ୍ଦ କରି ଦେଉଥିଲୁ । ମାରୱାଡ଼ିପଟିର ଜଣେ ମାରୱାଡ଼ି ଏହା ନମାନି ବିଲାତି ଲୁଗା କାରବାର କଲା । ପୁଲିସର ତା ପ୍ରତି ପୁରା ସାହାଯ୍ୟ ସମର୍ଥନ ଥିଲା । ମୁଁ ସେତେବେଳେ ପିକେଟିଂ ପରିଚାଳନା କରୁଥାଏ । ନିଜେ ପିକେଟିଂ ନକରି ଦୂରରେ ରହି ଅବସ୍ଥା ନିରୀକ୍ଷଣ କରେ । ସେ ଦୋକାନରେ ପିକେଟିଂ ଆରମ୍ଭ ହେବା ମାତ୍ରେ ପୁଲିସ୍ ଦଳକୁ ଦଳ ସତ୍ୟାଗ୍ରହୀମାନଙ୍କୁ ଗିରଫ କରି ନେଇ ଥାଆନ୍ତି । ଥାନା ଭିତରେ ଅଟକ ରଖି ରାତିରେ ଦୋକାନ ବଜାର ବନ୍ଦ ହେବା ପରେ ଛାଡ଼ି

ଦିଅନ୍ତି । ଏପରି ନୀତି ଅବଲମ୍ବନ କରିବାରୁ ପିକେଟିଂର କୌଣସି ପ୍ରଭାବ ପଡ଼ିଲା ନାହିଁ । ମୁଁ ବିଚାରିଲି, ପ୍ରତିରୋଧ କଲେ ଏକଥାଟି ଲୋକଙ୍କ ଦୃଷ୍ଟିକୁ ଆସିବ ନାହିଁ । ଆମର ଉଦ୍ଦେଶ୍ୟ ଥିଲା, ଏହି ଦୋକାନରେ ବିଲାତି ଲୁଗା ବିକ୍ରି ହେଉଛି ଏବଂ ଆମେ ତାର ପ୍ରତିବାଦ କରୁଛୁ ବୋଲି ଲୋକେ ଜାଣିଲେ ସେ ଦୋକାନକୁ କେହି ଖରିଦ୍ କରିବାକୁ ଆସିବେ ନାହିଁ । ପୁଲିସ୍‌ର ସହାୟତାରେ ଦୋକାନୀ ଆମର ସେ ଉଦ୍ଦେଶ୍ୟକୁ ପଣ୍ଡ କରି ଦେଲା । ତେଣୁ ମୁଁ ମୋର ସାଥୀମାନଙ୍କୁ ପରାମର୍ଶ ଦେଲି, ପୁଲିସ ଯେତେବେଳେ ଆସି ଗିରଫ୍ କରିବ, ତୁମେ ଯେଉଁ ୫/୧୦ ଜଣ ସେଠାରେ ସେମିତି ବସିରହିବ ଏବଂ ଦୋକାନୀ ବିଲାତି ଲୁଗାକୁ ସିଲ୍ ନକରିବା ପର୍ଯ୍ୟନ୍ତ ଆମେ ଏଠୁ ଉଠିବୁ ନାହିଁ କି ଗିରଫକୁ ମାନିବୁ ନାହିଁ ବୋଲି କହିବ । ସନ୍ଧ୍ୟାବେଳ; ବହୁ ଲୋକଙ୍କ ଗହଳଚହଳ । ବଜାର ଭିତରେ ପୁଲିସ ଓ ସତ୍ୟାଗ୍ରହୀଙ୍କ ଭିତରେ ଟଣାଟଣି ଓ ଧସାଧସି ହେବା ଯୋଗୁଁ ବହୁଲୋକ ରୁଣ୍ଡ ହୋଇଗଲେ । ବ୍ରିଟିଶ୍ ଅମଳ ହେଲେ କଣ ହେବ ? ଆଜିକାଲି ପରି ଲୋକ ଏତେ ଡରୁଆ ନଥିଲେ । ଲୋକେ ପୁଲିସକୁ କହିଲେ– ସେମାନେ ତ ମାରଧର୍ କରୁ ନାହାନ୍ତି, ତୁମେ କାହିଁକି ତାଙ୍କୁ ଗିରଫ କରି ନେଉଛ ? କେତେକ ଲୋକ ଦୋକାନ ଭିତରକୁ ପଶିଯାଇ ବିଲାତି ଲୁଗା କାରବାର ସମସ୍ତେ ବନ୍ଦ କଲେଣି, ତୁମେ କାହିଁକି ବନ୍ଦ କରୁ ନାହଁ ବୋଲି କହୁଥାନ୍ତି । ଏମିତି ଯୁକ୍ତିତର୍କ ଫଳରେ ବଡ଼ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଗଲା । ପୁଲିସ ତେଣୁ ସତ୍ୟାଗ୍ରହୀଙ୍କ ଉପରେ ଆଉରି ଜୋର ଜବରଦସ୍ତି କରିବାକୁ ଲାଗିଲା । ସେଠି ଲୋକେ ଆପଣା ଛାଏଁ ସଭା କରି ଘୋଷଣା କରି ଦେଲେ ଯେ ଏହି ଦୋକାନରୁ ଆଉ କେହି ଲୁଗା ଖରିଦ କରିବେ ନାହିଁ । ବିଲାତି ଲୁଗା, ଦେଶୀ ଲୁଗା ଏବଂ ସୂତା ବିକ୍ରି ସବୁ ବନ୍ଦ ହୋଇଗଲା । ଦୋକାନୀ ତାଲା ପକେଇବା ପାଇଁ ବାଧ୍ୟ ହେଲା । ସତ୍ୟାଗ୍ରହୀମାନଙ୍କୁ ଗିରଫ୍ କରି ପୁଲିସ୍ ଥାନାକୁ ନେଇଗଲେ । ପରଦିନ ସତ୍ୟାଗ୍ରହୀ ଓ ଲୋକମାନଙ୍କର ମିଳିତ ଅଭିଯାନରେ ଦୋକାନ ଖୋଲାହୋଇ ପାରିଲା ନାହିଁ । ସେମିତି ସବୁଦିନ ଲାଗି ତାଲା ପଡ଼ିଗଲା । ପୁଲିସର ତ ସଲା ଥାଏ ଦୋକାନୀ ସହ । ମୋର ଯେତେ ଦୂର ମନେ ପଡୁଛି, ସଦାନନ୍ଦ ସିଂହ ବୋଲି ଜଣେ ବିହାରୀ ପୋଲିସ୍ ସବ୍‌ଇନିସ୍‌ପେକ୍ଟର କି ଇନ୍‌ସ୍ପେକ୍ଟର ଏହି କାର୍ଯ୍ୟରେ ପୁରାପୁରି ଦୋକାନୀ ସହିତ ଜଡ଼ିତ ଥାଆନ୍ତି । ଆମମାନଙ୍କ ପ୍ରତି ସେ ଦୌରାତ୍ମ୍ୟ ଆରମ୍ଭ କରିଦେଲା । ସଫଳତା ହାସଲ କରିବାରୁ ସତ୍ୟାଗ୍ରହୀମାନେ ତାଙ୍କର ଅସହ୍ୟ ହେଲା । ମୁଁ ସେତେବେଳେକୁ କିଛି ଦୂରରେ ମାରୱାଡ଼ି ପଟିରେ ଯେଉଁ ଖଦୀ ଭଣ୍ଡାର ଥାଏ ସେଠାରେ ବେଞ୍ଚ ଉପରେ ବସି ଗପସପ କରୁଥାଏ । କେବେ କେବେ ପିକେଟିଂ ପାଖକୁ ଯାଇନାହିଁ କିମ୍ବା କିଛି ଅଂଶ ଗ୍ରହଣ କରିନାହିଁ । ହଠାତ୍ ଜଣେ ବିହାରୀ ହେଡ୍‌କନେଷ୍ଟବଲ ଆସି ମୋ ପାଖରେ ପହଞ୍ଚିଲେ । ମତେ ଗିରଫ କରାଗଲା ବୋଲି କହି ମୋ ହାତକୁ ଟାଣିନେଲେ । କହିଲି ମୁଁ ତ ପିକେଟିଂ କରିନାହିଁ ମୋତେ କାହିଁକି ଗିରଫ କରୁଛ ? ସେମାନେ କିଛି ଶୁଣିବାକୁ ନାରାଜ । କହିଲେ-ତୁମେ ପିକେଟିଂ କରୁଥିଲ ସେଠି । ମୁଁ ପଚାରିଲି–ୱାରେଣ୍ଟ କାହିଁ ଦେଖାଅ । ସେ କହିଲେ, ୱାରେଣ୍ଟ କଣ ? ଆମେ ତ ଆସିଛୁ । ଏହା କହି ମୋ ହାତ ଟାଣିବାକୁ ଆରମ୍ଭ କଲେ । ବିଷୟଟି ଯଦିଓ ମିଥ୍ୟା ମୁଁ ଏକ ଧର୍ମସଙ୍କଟରେ ପଡ଼ିଲି । ମୁଁ ତ ନିର୍ଦ୍ଦେଶ ଦେଇଥିଲି ସତ୍ୟାଗ୍ରହୀମାନଙ୍କୁ ତୁମେ ଗିରଫର ପ୍ରତିରୋଧ କରିବ ଏବଂ ସେଇଠି ହାତ ଯୋଡାଯୋଡ଼ି ହୋଇ ବସିଯିବ । ପୁଲିସ୍ ଟଣାଟଣି କଲେ ଲୋକ ଜମିବେ, ସବୁକଥା ଲୋକଙ୍କ ଦୃଷ୍ଟିକୁ ଆସିବ । ସେମାନେ ଯେତେବେଳେ ତାହା ପାଳନ କରି ନିର୍ଯ୍ୟାତନା ସହ୍ୟ କଲେ, ସେଇଭଳି ଅବସ୍ଥାରେ ମୁଁ କେମିତି ଯିବିସିବି । ମୋ କଥାର ଆଉ କୌଣସି ନୈତିକଶକ୍ତି ରହିବ କି ? ଏହା ଭାବି ମୁଁ ସେଇଠି ପାଖରେ ବସିଥିବା ଜଣେ ସାଥୀଙ୍କୁ ଧରି ହାତ ଛନ୍ଦାଛନ୍ଦି ହୋଇ ବସିଗଲି । ଯେଉଁମାନେ କଟକ ସହର ଦେଖିଛନ୍ତି, ସେମାନେ ଅନୁମାନ କରନ୍ତୁ, ମାରୱାଡ଼ି ପଟି ବଡ଼ଗଛ ପାଖରୁ ଲାଲ୍‌ବାଗ ପୁଲିସ୍ ଥାନା କେତେଦୂର । କଟକରେ ନୂଆନୂଆ କରି ପିଚୁରାସ୍ତା ହେଉଥାଏ । ମାରୱାଡ଼ିପଟିଠୁଁ ଆରମ୍ଭ କରି ବାଲୁବଜାର, ନିମ୍‌ଚଉଡ଼ି ଦେଇ ଲାଲ୍‌ବାଗ ପର୍ଯ୍ୟନ୍ତ ରାସ୍ତା ଖୋଳି ତା ଉପରେ ପଥର ଗେଟି ଜମା କରିଥାନ୍ତି । ଆମ ଦୁଇଜଣଙ୍କୁ ତାହାରି ଉପରେ ଘୋଷାରି ଘୋଷାରି ନିଆଗଲା । ସେ ଦୁଃଖ କଣ ବର୍ଣ୍ଣନା କରିବି ? ଲୁଗାପଟା ଚିରିଗଲା, ହାତଗୋଡ ଓ ଦେହରୁ ରକ୍ତ ବାହାରିଲା । ଏ ଦିନର ଦେଖିବାକୁ ଲୋକଙ୍କରୁଣ୍ଡ ହୋଇ ଆମ ସାଙ୍ଗେ ସାଙ୍ଗେ ଗଲେ ଏବଂ ମୋ ଦୁଃଖରେ ଅଭିଭୂତ ହୋଇ ଦ୍ୱିବେଦୀ ବାବୁ ଚାଲିକରି ଯାଆନ୍ତୁ, ଚାଲିକରି ଯାଆନ୍ତୁ ବୋଲି ପାଟି କଲେ । କେତେକ ପୁଲିସ୍ ଇନିସ୍‌ପେକ୍ଟର ମଧ୍ୟ ଆସି ସେହିପରି ଅନୁରୋଧ କଲେ । ମୋର ସମସ୍ତଙ୍କୁ ଜବାବ ହେଲା–ୱାରେଣ୍ଟ ଦେଖାଇଲେ ମୁଁ ଚାଲିକରି ଯିବି । ବିନା ୱାରେଣ୍ଟରେ ଏପରି ମିଥ୍ୟା ଦୋଷାରୋପରେ ଗିରଫ କରାଯିବାର ମୁଁ ଦୃଢ଼ ପ୍ରତିବାଦ କରୁଛି । ମୁଁ କାହାରି ଅନୁରୋଧ ରକ୍ଷା କରି ପାରିଲି ନାହିଁ ଏବଂ ସେମିତି ଲୋକାରଣ୍ୟ ଭିତରେ ଘୋଷରା ଖାଇ ଲାଲ୍‌ବାଗ ଥାନା ପର୍ଯ୍ୟନ୍ତ ଗଲି । ଲୋକମାନେ ଏପରି ଅସ୍ଥିର ହୋଇଥିଲେ ଯେ ସ୍ଲୋଗାନ ଆଦି ଦେଇ ଲାଲ୍‌ବାଗ ଥାନା ଆକ୍ରମଣ କରିବା ଧମକ ଦେଲେ ।

ମତେ ଲାଲ୍‌ବାଗ ଥାନା ଭିତରକୁ ନିଆଗଲା । ସେତେବେଳକୁ ଲୁଗାପଟା ଛିଣ୍ଡିଯାଇ ଧୂଳି ମଳି ହୋଇଯାଇ ଥାଏ ଏବଂ ଧାର ଧାର ରକ୍ତ ବହୁଥାଏ । ଯେଉଁ ହେଡ୍ କନେଷ୍ଟବଳ ଜଣେ ବିହାରୀ ମତେ ଟାଣିକରି ନେଇଥିଲା ସେ ଭୋ ଭୋ ହୋଇ କାନ୍ଦି ଉଠିଲା ଏବଂ ଭଲ ପାଣି ଗମ୍ଛା ଆଣି ମୋତେ ପୋଛିବାକୁ ଆରମ୍ଭ କଲା । ସେ କହୁଥାଏ ଚୁପ୍ ଚୁପ୍ କରି ''ଦେଶଲାଗି କେତେ ଯନ୍ତ୍ରଣା ସହୁ ନାହାନ୍ତି'' । ତାହାର ଏକଥା କହିବା ପରେ ମୁଁ ସେତେବେଳେ ଭାବିଲି ଯାହାହେଉ ମୋର କଷ୍ଟ ଭୋଗ ସଫଳ ହୋଇଛି । ଜଣେ କର୍ମଚାରୀ ଭିତରେ ତ ଦେଶପ୍ରେମ ଜାଗ୍ରତ ହୋଇଛି ! ଏହା ପରେ ମୋତେ ଥାନା ହାଜତ୍‌ରେ ରଖାଗଲା ଏବଂ ସେଥିରେ ମତେ ୫ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିଲା, ଏଥିରେ ଗୋଟିଏ ଆଶ୍ୱାସନାର କଥା ହେଉଛି ମୁଁ ଜେଲକୁ ଗଲାପରେ ସେତେବେଳେ କଟକ ଜେଲ୍‌ରେ ସୁପରିଣ୍ଟେଣ୍ଡେଣ୍ଟ୍ ଥାନ୍ତି ମେଡ଼ିକାଲ ସ୍କୁଲର ପ୍ରିନସ୍ପାଲ କର୍ଣ୍ଣେଲ ପାଲିତ୍ । ବୈଦ୍ୟଙ୍କୁ ତ ଭଲ ଚିକିତ୍ସା ମିଳେ ନାହିଁ । କିନ୍ତୁ ମୋ ଅବସ୍ଥା ଦେଖି କର୍ଣ୍ଣେଲ୍ ପାଲିତ୍ ଆଣ୍ଟି ଟିଟାନସ୍ ଇଞ୍ଜେକ୍‌ସନ୍ ଦେବା ଲାଗି ସ୍ପେଶାଲ୍ ବରାଦ ଦେଲେ ଏବଂ ମୁଁ ରକ୍ଷା ପାଇଗଲି । ଏଭଳି କଷ୍ଟ ଭୋଗ ଯେ ମୋ ମନରେ ଦାରୁଣ ଆଘାତ ଦେଇଥିବ ଏକଥା ପାଠକମାନେ ମୁଳରୁ ବିଶ୍ୱାସକୁ ନେବେନାହିଁ । ମୁଁ ତ ଭାବିଲି ମୋର ଅନ୍ୟ ସତ୍ୟାଗ୍ରହୀ ଭାଇମାନଙ୍କଠାରୁ ମୁଁ ପାଦେ ଆଗେଇ ଗଲି । କିଏସିନା ଗୋଟିଏ ଲାଠି ଖାଇଛନ୍ତି କିମ୍ବା ପୁଲିସ୍ ଗୋଡା ମାରିଛି କିନ୍ତୁ ଏପରି ପ୍ରାୟ କ୍ୱାଟର୍ ମାଇଲ ବାଟ ଘୋଷରା ହେବା କାହା ଭାଗ୍ୟରେ ଯୁଟିଛି ? ମୋତେ କଟକ ଜେଲ୍‌ରୁ ବିହାରର ପାଟଣା କ୍ୟାମ୍ପଜେଲକୁ ବଦଳି କରାଗଲା । ସେତେବେଳକୁ ବିହାର ଓ ଓଡ଼ିଶା ଏକାଠି ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନହୋଇ ନଥିଲା । ସାଙ୍ଗସାଥୀ ମେଳରେ ୫ମାସ ଜେଲ୍‌ଦଣ୍ଡ ଖୁସିବାସିରେ କଟାଇ ଦେଲି ।

ଏଥରକ ଏତିକି । ଏହା ମୋର ସଂଗ୍ରାମୀ ଜୀବନର ଗୋଟିଏ କାହାଣୀଟିଏ । ପୁଣି ସୁବିଧା ଜୁଟିଲେ ଆଉ ଅନେକ ଘଟଣା ଉଲ୍ଲେଖ କରିବି ।

ରୂପାଲି ଛକ, ଶହୀଦ ନଗର
ଭୁବନେଶ୍ୱର ।

# ଅମୃତ ଅନୁଭବ

ଅନ୍ନପୂର୍ଣ୍ଣା ମହାରଣା

ବିଂଶ ଶତାବ୍ଦୀର ପ୍ରଥମ ଦଶକ । ପୁରୀ ଜିଲ୍ଲା ବିଶ୍ୱନାଥପୁର ଶାସନ ଆଜି ଝିଅ ବିଭାଘର ହେତୁ ଉତ୍ସବ ମୁଖର । ମଙ୍ଗଳକୃତ୍ୟ ଆଦି ବିଧିବିଧାନ ନିର୍ବିଘ୍ନରେ ସମ୍ପନ୍ନ ହେଲା । ଶଙ୍ଖ ହୁଳହୁଳି ରୋଳ ଭିତରେ ବିଭାଘର ବଢ଼ିଗଲା । ସୁନା ଖଡ଼ିକା ପରି କନ୍ୟାଟି । ବର ପ୍ରାପ୍ତ ବୟସ୍କ ଯୁବକ । ଶିକ୍ଷିତ ଉପାର୍ଜନକ୍ଷମ ଉପଯୁକ୍ତ ପାତ୍ର ହାତକୁ ଝିଅକୁ ଟେକି ଦେଇ କନ୍ୟା ପକ୍ଷ ଆହ୍ଲାଦିତ । କିନ୍ତୁ କନ୍ୟାପକ୍ଷକୁ ଜଣା ନାହିଁ ଯେ ବର ଦୁରାରୋଗ୍ୟ ଯକ୍ଷ୍ମା ରୋଗରେ ପୀଡ଼ିତ । ନାନା ଆଡେ ନାନା ପ୍ରକାର ଚିକିତ୍ସା କରିବା ସତ୍ତ୍ୱେ ରୋଗର ଉପଶମ ନ ହେବାରୁ କେହି କେହି ମତବ୍ୟକ୍ତ କଲେ— କେଉଁଠି ଅବା ବାହାପାଣି ଦେହରେ ପଡ଼ିଲେ ଅବସ୍ଥା ବଦଳିଯିବ ! ସେଥିପାଇଁ ବରକୁ ରୋଗମୁକ୍ତ କରିବାପାଇଁ ବରକର୍ତ୍ତାଙ୍କର ଏଇଟା ଥିଲା ଶେଷ ଚେଷ୍ଟା । ବିଭାଘର ସରିଲା । ପିଲା କନ୍ୟା ବାପଘରେ ରହିଲେ ।

କନ୍ୟା ଗୃହଯୋଗ୍ୟା ହେଲାରୁ ପହିଲିପାଳି ଯିବା ଆୟୋଜନ ସ୍ଥିରିଲା । କନ୍ୟାଙ୍କ ବୟସ ବାର ବର୍ଷ । ଝିଅ ଚଉଆଖିଆ ନୁହେଁ, ସେଥିପାଇଁ ପିଉସୀ ନାନୀ ମାଉସୀ ନାନୀ ଚେତେଇ ଦେଲେ— ମାଇନ କରିବୁ, ହୁଁ ମାରିବୁ, ଗୁରୁଜନ କାହାରିକୁ କଥା କହିବୁନୁଟି । ଜାଣିଥା— ଦୁହିତା ଦୁଇ କୁଳକୁ ହିତା ନୋହିଲେ ଦୁଇ କୁଳକୁ ପିତା । ସବୁ ଉପଦେଶ ଶିରୋଧାର୍ଯ୍ୟ କରି ଝିଅ ଶାଶୁଘରକୁ ଅନୁକୂଳ କଲେ । ସେତେବେଳକୁ ବର ବିଛଣା ଧରିସେଣି, ଉଠେଇଲେ ଉଠୁଛନ୍ତି, ବସେଇଲେ ବସୁଛନ୍ତି । ସ୍ୱାମୀ ସଂଦର୍ଶନ ସ୍ୱାମୀ— ସେବା ଆଦି କଥାଗୁଡାକ ରାହାଙ୍କରେ ଅତି ଅବାସ୍ତବ କଥା । ସେଥିପାଇଁ ସ୍ୱାମୀଙ୍କ ଅବସ୍ଥା ବିଷୟରେ ବୋହୂ କିଛି ଜାଣିଲେ ନାହିଁ, ପର କୋଣରେ ଥାନ୍ତି । କାହାରିକୁ ପାଟି ଫିଟାଇବା ତ ନିଷିଦ୍ଧ । କେବଳ ଶାଶୁଙ୍କ ଭଉଣୀ ସମବୟସୀ ଝିଅଟୀ ସାଙ୍ଗରେ କଥା କହିବାଟା ଥାଏ ସମ୍ବିଧାନ ସମ୍ମତ ଅଧିକାର ।

ପହିଲିପାଳି ଆସିବାର ମାସେ ନ ପୁରୁଣୁ ସ୍ୱାମୀ ଇହ ଜଗତରୁ ବିଦାୟ ନେଲେ । ଲେଖା ଯୋଖା ଆଉ ଶାଶୁ ନାତୁଣି ବୋହୂକୁ ଧରି କହିଲେ— "ମୋ ସୁବର୍ଣ୍ଣ ପାତ୍ରଟାକୁ ବାଉରାଣୀକରି ବାଡ଼ିପଟେ ବସେଇ ଦେଇ ଗଲୁରେ ଧନ !" ବୋହୂ ଆଶ୍ଚର୍ଯ୍ୟାନ୍ୱିତ ହୋଇ ସାଙ୍ଗ ଝିଅଟାକୁ ପଚାରିଲେ— ମୁଁ ତ ବ୍ରାହ୍ମଣ ଘର ଝିଅ । ମୋତେ ବାଉରାଣୀ କିଆଁ କହିଲେ ମ ? ଘରର କୌଣସି ଶୁଭ କର୍ମରେ ଯୋଗ ଦେବାର ଅଧିକାର ସେ ସେଦିନୁ ହରେଇଲେ ତାହା ଉପଲବ୍ଧି କରିବାର ଶକ୍ତି ସେ ଅବଳା ବାଳିକାର ନଥିଲା ! ଜୀବନର ଗୋଟିଏ ଅଧ୍ୟାୟ ଏହିପରି ଆରମ୍ଭରେ ଆରମ୍ଭ ହେଉ ହେଉ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ।

ସଦ୍ୟ ବିଧବା ବୋହୂ ଶାଶୁ ଘରେ ରହିଲେ ଦେବଶ୍ୱଶୁର ପଣ୍ଡିତ କୃପାସିନ୍ଧୁ ହୋତା ଭାରି ଟାଣୁଆ ଲୋକ— ନିଜ ବିଷୟରେ ଅଟଳ । ହୋତା ମହାଶୟ ଖୋର୍ଦ୍ଧା ସ୍କୁଲରେ ଶିକ୍ଷକ ଥିଲା ବେଳେ ହରିଜନ ପିଲାଟାକୁ ଆଣି ସ୍କୁଲରେ ସବୁ ପିଲାଙ୍କ ସାଙ୍ଗରେ ବସାଇ ଦେଲେ । ଖୋର୍ଦ୍ଧା ହୁଲସ୍ଥୁଲ ହୋଇଗଲା । ଶେଷରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମର୍ଥନ ବଳରେ ହରିଜନ ପିଲାଟି ସବର୍ଣ୍ଣ ପିଲାଙ୍କ ସଙ୍ଗେ ଏକା ପଂକ୍ତିରେ ବସି ପାଠ ପଢ଼ିଲା । ଏମନ୍ତ ପ୍ରତାପି ଦେବଶ୍ୱଶୁର ଜିଦ୍ ଧରିଲେ ସାନ ବୋହୂ ଶାସ୍ତ୍ର ପୁରାଣ ପଢ଼ିବେ, ହସ୍ତାକ୍ଷର ଲେଖିବେ । ସେତେବେଳକୁ ପୁରୀରେ ପଣ୍ଡିତ ଜଗନ୍ନାଥ ମିଶ୍ର, ମହାମହୋପାଧ୍ୟାୟ ସଦାଶିବ ମିଶ୍ର ପ୍ରମୁଖଙ୍କ ଆନୁକୂଲ୍ୟରେ ମହିଳାବନ୍ଧୁ ସମିତି ଗଠିତ ହୋଇ ସ୍ତ୍ରୀ-ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ଆରମ୍ଭ ହୋଇଥାଏ । ନୁଆଗାଁ ଶାସନକୁ ସେ ପବନ ପସରିଲାଣି । ଦେବଶ୍ୱଶୁରଙ୍କ କଥା ଅନୁସାରେ ସାନବୋହୂ ଲେଖାପଢ଼ାରେ ମନ ଦେଲେ ।

ଦେଶରେ ଗାନ୍ଧୀ ଗୋଳ ଲାଗିଲା । ଦେବଶ୍ୱଶୁର ସରକାରୀ ଚାକିରୀରୁ ଇସ୍ତଫା ଦେଇ ଗାନ୍ଧୀ-ଗୋଳରେ ପଶିଲେ । ପୁଣି ସୂତାକାଟିବା ଚାଉଳି ବୁଣା ଖଦୀ ପିନ୍ଧିବା କଥା ଶୁଣାଗଲା । କିଏ ଗୋଟେ ଲୋକ ଦକ୍ଷିଣରୁ ଆସି ଗାଏଁ ଗାଏଁ ବୁଲୁଥାଏ । ଚୁଲା, ଚରଖା ଧରିଥାଏ । ଲୋକଙ୍କୁ ସୂତାକଟା ଶିଖିବାକୁ ମନାଏ । ସେ ଲୋକ ନୁଆଗାଁ ଆସିଲା । ଦିନେ ଦେବଶ୍ୱଶୁର ଘୋଷଣା କଲେ ଏ ଘରେ ଚରଟ ନ ଘୁରିଲେ ମୁଁ ଅନ୍ନଜଳ ଗ୍ରହଣ କରିବି ନାହିଁ । ବଡ଼ବୋଉ ମୁଣ୍ଡାଙ୍କ ବୋଉ ଟିକିଏ ଆଉଲା ବାଉଳୀ । ଏତେ ଧନ୍ଦାରେ ପଶି ପାରନ୍ତି ନାହିଁ । ତେଣୁ ସାନବୋହୂ ଚରଟରେ ସୂତାକାଟିବା ପାଇଁ ପ୍ରସ୍ତୁତ ହୋଇଗଲେ । ଆପାତତଃ ସଂକଟରୁ ତ୍ରାହି ମିଳିଲା । ସେହି ଦକ୍ଷିଣୀ ଲୋକଟି ଚରଖା ଯୋଗେଇ ଦେଲା, ସୂତାକଟା ଶିଖାଇଲା । କିନ୍ତୁ ଦେବଶ୍ୱଶୁରେ ସେତିକିରେ ଥୟ ଧରିଲେ ନାହିଁ । ୧୯୨୪–୨୫ ମସିହା ହେବ । ବୋଲଗଡ଼ରେ କଂଗ୍ରେସ ପକ୍ଷରୁ ଗୋଟିଏ ସମ୍ମିଳନୀ ହେବା ସ୍ଥିର ହେଲା । ଦେବଶ୍ୱଶୁରେ କହିଲେ— ସାନବୋହୂ ବୋଲଗଡ଼ ଯାଇ ଗୋଟିଏ ମହିଳା ସଭାପାଇଁ ଆୟୋଜନ କରିବେ । ନୁଆଗାଁ ଶାସନ ହୁଲୁହୁଲୁ କମ୍ପିଲା । ଯୁବତୀ ବୋହୂଟା ପୁଣି ବିଧବା, ରୂପଯୌବନ ଫାଟି ପଡୁଛି, ସେ ଦାଣ୍ଡକୁ ବାହାରିଯିବ ! ଆଉ ଧର୍ମ ରହିବଟିକି ! ବୋହୂଟିର ମଧ୍ୟ ଦାଣ୍ଡକୁ ବାହାରିବାକୁ ଗୋଡ଼ ଟେକୁ ନଥାଏ । କିନ୍ତୁ ଦେବଶ୍ୱଶୁରଙ୍କ ଆଦେଶ ଅଲଂଘନୀୟ । ସାନବୋହୂ ବୋଲଗଡ଼ ଯାଇ ମହିଳା ସଭା ସଂଗଠନ କଲେ । ଉତ୍କଳମଣି ଗୋପବନ୍ଧୁ ତାଙ୍କୁ ଧନ୍ୟ ଧନ୍ୟ କଲେ । ସାହସ ବଢ଼ିଲା ।

ଉଣେଇଶ ଶହ ଛବିଶ ମସିହାରେ ପୁଣାରେ ବିଧବାଶ୍ରମ ସ୍ଥାପିତ ହେଲା, ଦେଭ୍ଧର ଆଦେଶ ଦେଲେ ସାନବୋଉ ବିଧବାଶ୍ରମରେ ରହିବେ । ସେଇଆ ହେଲା । ଶ୍ରୀମତୀ ବିଦ୍ୟା ଅବଧୂର୍ତ୍ତି ସାବୁ ପ୍ରଭୃତି ସଙ୍ଗେ ସାନବୋଉ ବିଧବାଶ୍ରମରେ ରହିଲେ । ଆଚାର୍ଯ୍ୟ ହରିହର ସେ ଆଶ୍ରମର ପରିଚାଳକ । ସେଠାରେ ଶୁଦ୍ଧ ସଂସ୍କାର ସୃଷ୍ଟିରେ ତ୍ରୁଟି ରହିପାରେ !

୧୯୨୮ରେ କଲିକତାରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ ବ୍ରିଟିଶ ସରକାରଙ୍କୁ କହି ଦିଆ ହେଲା– ବର୍ଷକ ମଧ୍ୟରେ ଔପନିବେଶିକ ସ୍ୱାୟତ୍ତ ଶାସନ ଦିଆନଗଲେ ଯୁଦ୍ଧଂ ଦେହି । ୧୯୨୯ ଡିସେମ୍ବରରେ କହ ପୂରିଲା । ଦେଶ ପୂର୍ଣ୍ଣ ସ୍ୱାଧୀନତା ହାସଲ କରିବା ପାଇଁ ସଂକଳ୍ପବଦ୍ଧ ହେଲା । ସାନବୋଉ ଗଲେ ସୁଦୂର ଅହମଦାବାଦ ନଗରର ସାବରମତୀ କୂଳସ୍ଥ ସତ୍ୟାଗ୍ରହ– ଆଶ୍ରମକୁ । ଗାନ୍ଧୀଙ୍କ–ଝିଅ ଗାନ୍ଧୀଙ୍କ–ବୋହୂ, ବାଲ୍ୟ ବିଧବା କହିଲେ ଚଳିବ । ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ପୂର୍ବର କଥା । ଜଣେ ସ୍ତ୍ରୀଲୋକ ପକ୍ଷରେ ଅନ୍ୟଭାଷାଭାଷୀ ପ୍ରଦେଶକୁ ଯିବାଟା ବିଲାତ ଆମେରିକା ଯାତ୍ରାଠାରୁ ଦୁଃସାଧ୍ୟ, ଦୁର୍ଗମ ଥିଲା । ସେହି ଦୁର୍ଗମ ପଥ ଅତିକ୍ରମ କରି ସାନବୋଉ ସତ୍ୟାଗ୍ରହ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କ ସାନ୍ନିଧ୍ୟ ଲାଭ କଲେ । ଦୁଇଟି ଗୁଣ ପାଇଁ ସାନବୋଉ ଆଶ୍ରମରେ ଆଦୃତ ହେଲେ । ସଫେଇ କାମରେ ତାଙ୍କର ନିପୁଣତାକୁ ଗାନ୍ଧୀଜୀ ପ୍ରଶଂସା ନ କରି ପାରିଲେ ନାହିଁ । ଦ୍ୱିତୀୟ ଗୁଣଟି ହେଲା ସମୟାନୁବର୍ତ୍ତିତା । ସଂଧ୍ୟା ପ୍ରାର୍ଥନାରେ ସାନବୋଉଙ୍କ ପ୍ରଶଂସା କରି ଗାନ୍ଧୀଜୀ ତାଙ୍କୁ ନିଜ ହାତରେ 'ଅନାଶକ୍ତି ଯୋଗ' ପୁରସ୍କାର ଦେଲେ । ଗାନ୍ଧୀଜୀ ପ୍ରତିଦିନ ସକାଳେ ବୁଲି ଯାଆନ୍ତି, ଆଶ୍ରମର ବାଳକ ବାଳିକାମାନେ ମଧ୍ୟ ତାଙ୍କ ସାଙ୍ଗରେ ଯାଆନ୍ତି । ଦିନେ ବୁଲିଯିବା ବାଟରେ ଜଣେ ଝିଅ ଗାନ୍ଧୀଜୀଙ୍କୁ କହିଲା– ବାପୁ ! ଏ ସୁନାମଣି ଯେଉଁ ଲିପିରେ ତାଙ୍କ ଡାଏରୀ ଲେଖୁଛନ୍ତି ସେଗୁଡାକ ହାଣ୍ଡି ମାଠିଆ ପରି ଗୋଲଗୋଲ । କଣ୍ଠସ୍ୱରରେ ପରିସ୍ଫୁଟ ଥଟ୍ଟା ସୁନାମଣିଙ୍କ ମରମକୁ ଛୁଇଁଲା ! ଗାନ୍ଧୀଜୀ କହିଲେ– କିନ୍ତୁ ତମେମାନେ ଜାଣିଛ କି ନାହିଁ ସୁନାମଣିର ଓଡ଼ିଆ ଭାଷା ଅତି ସମୃଦ୍ଧ ଭାଷା । ଓଡ଼ିଆ ଭାଷାରେ ଅଠରଖଣ୍ଡ ଯାକ ପୁରାଣ ସଂସ୍କୃତରୁ ଅନୁବାଦ କରାଯାଇଛି ଯାହା ଭାରତରେ ଅନ୍ୟ କୌଣସି ଭାଷାରେ ନାହିଁ । ସୁନାମଣିଙ୍କ ଛାତି କୁଣ୍ଢେ ମୋଟ ହୋଇଗଲା ।

କେତେଦିନ ବା ମିଳିଲା ଏ ପୁଣ୍ୟ ସନ୍ନିଧି । ୧୯୩୦ ମାର୍ଚ୍ଚ ବାର ତାରିଖରେ ଗାନ୍ଧୀଜୀ ଲବଣ-ସତ୍ୟାଗ୍ରହ କରିବା ପାଇଁ ଦାଣ୍ଡି–ଯାତ୍ରା କଲେ । ସୁନାମଣି ଦେବୀ ଓଡ଼ିଶା ଫେରି ଆସିଲେ । ଆରମ୍ଭ ହେଲା ସଂଗ୍ରାମମୟ ଜୀବନ । ଅନ୍ତରରେ ସଂଗ୍ରାମ, ସମାଜରେ ସଂଗ୍ରାମ, ସରକାର ସହିତ ସଂଗ୍ରାମ, ଶହ ଶହ ବର୍ଷର ପରମ୍ପରାକୁ ଭାଙ୍ଗିଦେଇ ବ୍ରାହ୍ମଣକୁଳର ବିଧବା ବୋହୂ ପାଣପଠାଣ ସହିତ ରହିବ, ସେମାନଙ୍କ ହାତକୁ ଖାଇବ ! ଯେଉଁ ଜେଲଖାନାକୁ ଗଲେ ପଞ୍ଚଗବ୍ୟ ଖାଇ ପ୍ରାୟଶ୍ଚିତ କରିବାକୁ ପଡେ, ସେହି ଜେଲଖାନା ହେବ ମୁକ୍ତି ମଣ୍ଡପ ! କେଉଁ ଅପରାଧରୁ କେଜାଣି ଏ ଜନ୍ମରେ ସ୍ୱାମୀ ବିୟୋଗ ଯାତନା ସହିବାକୁ ପଡ଼ିଲା । ପୁଣି ଏ ଅନାଚାରରେ ଲାଗି ହେଲେ କେଉଁ ନରକରେ ସ୍ଥାନ ହେବ କିଏ ଜାଣେ ?

ଦେଭ୍ଧରଙ୍କ ସଙ୍ଗରେ ଗାଁ ଗାଁରେ ବୁଲିଗଲା ବେଳେ ଓଡ଼ିଶା, ଆନ୍ଧ୍ରପ୍ରଦେଶର ଝିଅ ବୋହୂ ଉକ୍ତି ଶୁଣନ୍ତି । ବୁଢ଼ୀ ବୁଢ଼ୀ ସ୍ତ୍ରୀଲୋକମାନେ ଫୁସୁରି ଫୁସୁରି କହନ୍ତି– ଦେଭ୍ଧରଟା ସାଙ୍ଗରେ ବୁଲୁଛି, ଲାଜ ନାହିଁ ସେ ମୁହଁରୁ, ବାପମାଆଙ୍କ ନାଁ ପକେଇଲା, ମରଣ ହେଉ ନାହିଁ । ସରକାରଙ୍କ ବିରୁଦ୍ଧରେ କଥା ନ କହିଲେ ଭଲ । କଂଗ୍ରେସ ବେଆଇନ ଘୋଷିତ ହେଲା । ସତ୍ୟାଗ୍ରହକୁ ଦବିବାକୁ ଖୋଜିବାକୁ ଦେବା ଦଣ୍ଡନୀୟ ହେଲା । ପୁଣି କଂଗ୍ରେସ ଅଫିସକୁ ସରକାର ଦଖଲ କଲେ । ତାଳପତ୍ର [illegible] ସେଠି ତାଙ୍କ ନବକ କଂଗ୍ରେସ ଅଫିସ ଖୋଲା ହେଲା । ଛାତ [illegible] ଦେଶ ସେବକଙ୍କୁ ପାଖେଇଁ ଦେଲେନି । କେବଳ କେତେଜଣ [illegible] ଗାନ୍ଧୀଜୀଙ୍କର ଅହିଂସ ନିର୍ଦ୍ଦେଶରେ ଯୋଗ୍ୟ [illegible]

ମୁଣ୍ଡମୁଣ୍ଡା ସବୁ ଦୁଃଖ ଅପମାନକୁ ପାଣି କରି ଦେଲା । ମୀରାବାଈଙ୍କ ଭଜନ ମନେ ପଡ଼ିଲା– "ଲୋକ କହେ ମୀରା ବାବରୀ ଭଇ ବାପ କହେ କୁଳନାଶୀରେ" ।

୧୯୩୨ ରେ ପୁରୀରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ହେବା ସ୍ଥିର ହେଲା । ହିନ୍ଦୁସ୍ଥାନୀ ସେବାଦଳ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବିକା ତାଲିମ ଶିବିର ଖୋଲିଲା । ସୁନାମଣି ଦେବୀ ଶିବିରରେ ଯୋଗ ଦେଇ ଛୁରା ଖେଳିଲେ, ଡ୍ରିଲ କଲେ, ପତାକା ଉତ୍ତୋଳନ କଲେ, ଜାତୀୟ ସଙ୍ଗୀତ ବୋଲିଲେ ଶେଷକୁ ହେଲେ ଶିବିରର କ୍ୱାଟର ମାଷ୍ଟର୍ । ସର୍ବୋଚ୍ଚ ପଦ କ୍ୟାମ୍ପ କମାଣ୍ଡରଙ୍କର । ସେକେଣ୍ଡ ଇନ୍ କମାଣ୍ଡ ରାଧା ଦାସଗୁପ୍ତ । ତାଙ୍କ ପରେ କ୍ୱାଟର ମାଷ୍ଟରଙ୍କ ସ୍ଥାନ । ୧୯୩୨ ରେ ପୁଣି ଆନ୍ଦୋଳନ ଆରମ୍ଭ ହେଲା । ସୁନାମଣି ଦେବୀ ବାରମ୍ବାର ଜେଲ୍ ଗଲେ । ୧୯୩୪ ରେ ଓଡ଼ିଶାରେ ଗାନ୍ଧୀଜୀ ପୁରୀରୁ ଭଦ୍ରକ ଯାଏ ପଦଯାତ୍ରା କଲେ । ସୁନାମଣି ଦେବୀ ତାଙ୍କ ଗହଣରେ ମାଇଲ ମାଇଲ ବାଟ ଚାଲିଲେ । ସୁନାପରି ରଙ୍ଗ ତମା ପାଲଟି ଗଲା । ବାତଗ୍ରସ୍ତ ଟିକି ଟିକି ପାଦ ଦୁଇଟି ବାଟ ଚଲା ପୀଡାରେ ଫୁଲି ଅଚଳ ହୋଇଗଲା । ତଥାପି ସେ ଚାଲିଛନ୍ତି–

ମନ୍ତ୍ରଂ ବା ସାଧୟେତ୍ ଶରୀରଂ ବା ପାତୟେତ୍

ଗାନ୍ଧୀଜୀ ନିର୍ଦ୍ଦେଶ ଦେଇ ଗଲେ ଗାଁରେ ରହି ଗାଁ ଲୋକଙ୍କ ମଧ୍ୟରେ ଚେତନା ଆଣିବା ପାଇଁ ଗଠନାତ୍ମକ କାମ କର । ପଣ୍ଡିତ ହୋତା ମହାଶୟ ଓ ସୁନାମଣି ଦେବୀ ବେରବୋଇ ଗାଁରେ 'ସେବା କୁଟୀର' ସ୍ଥାପନ କରି ଗଠନ ମୂଳକ କାମରେ ଲାଗି ପଡ଼ିଲେ । ରମା, ଉଷା, ଯମୁନା, ବିମଳା, ରତ୍ନା, ଶାରଦା, ତିଳୋତ୍ତମା କେତେ ଝିଅ ସେହି ମାଟି କୁଡ଼ିଆରେ ରହି ସ୍ୱରାଜ୍ୟ-ସାଧନା କଲେ ଦେଶ ତାର ହିସାବ ରଖେ ?

୧୯୪୨ର ଭାରତ ଛାଡ ଆନ୍ଦୋଳନ ଆରମ୍ଭ ହେଲା । ସୁନାମଣି ଦେବୀ ଗିରଫ ହୋଇ ଜେଲ୍‌ରେ ରହିଲେ । ଦିନେ କାହାରି ସାଙ୍ଗରେ ତାଙ୍କର ମନାନ୍ତର ମନୋମାଳିନ୍ୟ ହୋଇ ନାହିଁ ସେ ମୁହଁ ପକ୍ଷୀ ଭିତରେ । କଟୁ-ବଚନ କହିବା ତ ତାଙ୍କ ସ୍ୱଭାବରେ ନ ଥିଲା । କାରାମୁକ୍ତ ହେଲାପରେ ପୁଣି ଆରମ୍ଭ ହେଲା ମହିଳା କାର୍ଯ୍ୟ ସଂଗ୍ରହ ଓ ତାଲିମ ଦେବା କାମ । ସାରା ଓଡ଼ିଶା ବୁଲି ଝିଅମାନଙ୍କୁ ଆଣି ପାଠ ପଢାଇବା, ସୂତାକଟା ଶିଖାଇବା, ଶୁଭସଂସ୍କାର ଦେବା ଧନ୍ଦାରେ ସୁନାମଣି ଦେବୀ ନିଜକୁ ବୁଡେଇ ଦେଲେ । କେବଳ ସେତିକି ? କୃଷ୍ଣଗିରିରେ ମରୁଡ଼ି ପଡ଼ିଛି ! ସୁନାମଣି ଦେବୀ ଓ ତାଙ୍କ 'ସରଗପନ' ବନ୍ଧୁ ଯିବେ ପଡ଼ିଛନ୍ତି ପର୍ଯ୍ୟବେକ୍ଷଣ କରି ରିପୋର୍ଟ ଦେବାକୁ । ତେଲଙ୍ଗାରେ ବନ୍ୟା ହୋଇଛି, ସୁନାମଣି ସଂକଟତ୍ରାଣ କାମର ଦାୟିତ୍ୱ ନେବେ । ମୟୂରଭଞ୍ଜର ମୋରଡାରୁ କୋଡ଼ିଏ ଝିଅ ଚିଠି ଲେଖୁଛନ୍ତି ଆସିବାକୁ । ସୁନାମଣି ଯାଇ ତାଙ୍କୁ ପରଖି କରି ଆଣିବେ । ଦେଉଛ ଡର ନାହିଁ । ଆଚାର୍ଯ୍ୟ ମହାଶୟ ପାଇଛନ୍ତି । ସେ ଲିମ୍ବପିଢ଼ା ଖାଇବାକୁ ସ୍ତ୍ରୀ ପାଂଚି ପରା ! ତୋପ ଦେଖୁଛା ପକେଇଲେଣି । ସୁନାମଣିଙ୍କର ଡାଗ ଖରାଟାରେ ତାଙ୍କର ଶରଧା । ଅନେକ ଶାଟ ଦେଉଥିଛ ତିଂଟା ଟଗାଳି ଆଣି ଖାଇବା ହେବ ନା ! ସମ୍ଭବେ ରହିଲା । ସୁନାମଣି କାହାଣି । ବୋଲାରର ଅଭ୍ୟନ୍ତର ପରିସ୍ଥିତି ସେ କହିବେ ପରା ! ସବୁ କାମକୁ ସ୍ଥିର ସୌଦାମିନୀ ସୁନାମଣି ନେତା ।

ସ୍ୱରାଜ୍ୟ ଆସିଲା । ତଥାପି ସୁନାମଣିଙ୍କର ବିଶ୍ରାମ ନାହିଁ । ଆରମ୍ଭ ହେଲା ଭୂଦାନ ଗ୍ରାମଦାନ ଆନ୍ଦୋଳନ, ଗ୍ରାମେ ଗ୍ରାମେ ବୁଲି ସେ ଭୂମି ବିପ୍ଳବର ବିଗୁଲ ଶୁଣାଇଲେ, ଭୂଦାନ ସଂଗ୍ରହ କଲେ, ବିନୋବା ପଦଯାତ୍ରାର ପୂର୍ବ ପ୍ରସ୍ତୁତିରେ ଲାଗିଲେ । ଆଗେ ଆଗେ ଦେଭ୍ଧର ପଛେ ପଛେ ତାଙ୍କ ବୋହୂ । କାନରେ ମହାତ୍ମା ମୋହନଙ୍କର ସେହି ଅମିୟବୋଲ ବାଣୀ ଝଙ୍କୃତ ହେଉଛି ସୋନାମନି ! ଆଗେଇ ଚଲ, ଆଗେଇ ଚଲ !

ଓଃ, ଶେଷ ଜୀବନରେ ଗୋପବନ୍ଧୁ ଭବନରେ ବସ କି ତାଙ୍କ ସାଧନା ! ବୁଢ଼ୀ ବିଶ୍ୱର କି ମିଳିତ ତାଙ୍କ ନିଷ୍ଠାରେ ପାଠଟା ହେଲେ [illegible] ପଡ଼ା ! ସେଇଠିପରି ଶେଷ ପର୍ଯ୍ୟନ୍ତ ସେ ଅର୍ଦ୍ଧ ଶତାବ୍ଦୀରେ [illegible] ରହିଲେ । ଆଜି ସେ ନାହାନ୍ତି ମାତ୍ର ତାଙ୍କର ନିଷ୍ଠା, ତ୍ୟାଗ [illegible] ବୁଦ୍ଧି ଓଡ଼ିଶାର ମହିଳାଙ୍କ ମନରେ ସାହସ ଓ ବଳ ଆଣି ଦେଉଛି । ●●●

# ଶହୀଦ ଲକ୍ଷ୍ମଣ ନାୟକ



ସୁରେନ୍ଦ୍ର ପଟ୍ଟନାୟକ

ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ସମଗ୍ର ଭାରତବର୍ଷର ପ୍ରତି କୋଣ ଅନୁକୋଣରେ ଯେଉଁ ମହାନ୍ ଜାତୀୟତା ଆନ୍ଦୋଳନର ପ୍ରବଳ ବହ୍ନି ଶିଖା ଜଳି ଉଠିଥିଲା, ତାହା ତତ୍‌କାଳୀନ ସମାଜ, ସଂସ୍କୃତି, ରାଜନୀତି ଓ ଲୋକ ଚରିତ୍ରକୁ ବଳିଷ୍ଠ ଭାବରେ ପ୍ରଭାବିତ କରିଥିଲା । ଭାରତବର୍ଷର ଆବାଳ ବୃଦ୍ଧବନିତା ଏହି ମହା ଜାଗରଣରେ ଅଭୂତପୂର୍ବ ସ୍ପର୍ଶରେ ସଞ୍ଚୋହିତ ହୋଇପଡ଼ିଥିଲେ । ପ୍ରବଳ ପ୍ରତାପୀ ବ୍ରିଟିଶ୍ ଅତ୍ୟାଚାରରୁ ମୁକ୍ତି ଲାଭ କରିବା ପାଇଁ ଏହାଥିଲା ତ୍ରିଂଶ କୋଟି ଭାରତୀୟଙ୍କ ଏକ ଅହିଂସା ସଂଗ୍ରାମ । ଏଥିରେ କେତେ ଯେ ବୀର ଜୀବନ ବଳି ଦେଇଛନ୍ତି ତାହାର ଇୟତ୍ତା ନାହିଁ । ସେମାନଙ୍କ ମଧ୍ୟରେ ବଣ ପର୍ବତ ଘେରା କୋରାପୁଟ ଜିଲ୍ଲାର ଆଦିବାସୀ ଲକ୍ଷ୍ମଣ ନାୟକ ଅନ୍ୟତମ ।

ଆଜକୁ ପ୍ରାୟ ୮୭ ବର୍ଷତଳେ, ୧୮୯୯ ନଭେମ୍ବର ୨୨ ତାରିଖ ଦିନ କୋରାପୁଟ ଜିଲ୍ଲାର ଟେଣ୍ଟୁଲିଗୁମାରେ ଭାରତର ଗୌରବ, ବୀର, ଶହୀଦ ଲକ୍ଷ୍ମଣ ନାୟକ ଜନ୍ମ ଗ୍ରହଣ କରିଥିଲେ । ପିଲାଦିନରୁ ସେ ଥିଲେ ନିର୍ଭୀକ ଓ ସ୍ୱାଧୀନତା ପ୍ରେମୀ । ବଣଜଙ୍ଗଲରେ ବୁଲି ଶିକାର କରିବା ବା କୋଲାବ ନଦୀର ପ୍ରବାହମାନ ଜଳ ଧାରାକୁ ଲକ୍ଷ୍ୟକରିବା ଥିଲା ତାଙ୍କର ପ୍ରଧାନ କାମ । କିନ୍ତୁ କାଳକ୍ରମେ ଫରେଷ୍ଟ ଗାର୍ଡ, ପୋଲିସ୍ ଓ ରାଜକର୍ମଚାରୀ ମାନଙ୍କର ସରଳ ଆଦିବାସୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ତାଙ୍କୁ ବିପ୍ଳବୀ ହେବାକୁ ପ୍ରେରଣା ଦେଇଥିଲା ।

ବିପ୍ଳବର ପ୍ରେରଣା ତାଙ୍କ ମନରେ ପ୍ରଥମେ ସୃଷ୍ଟି କରିଥିଲେ ଚନ୍ଦ୍ର-କୁଟିଆ । ସେ ଚମା-ଫତୁରାର ମଧ୍ୟ ଜଣେ ସଦସ୍ୟ । ତାଙ୍କଠାରୁ ହିଁ ଲକ୍ଷ୍ମଣ ନାୟକ ବନ୍ଧୁକ ଚାଳନା ଶିକ୍ଷା କରିଥିଲେ । ଚନ୍ଦ୍ର-କୁଟିଆ ହିଁ ଲକ୍ଷ୍ମଣ ନାୟକଙ୍କ ଜୀବନର ଗତି ପଥକୁ ଏକ ପରିବର୍ତ୍ତନର ମୋଡ ଦେଇଥିଲେ । ତାଙ୍କରି ପାଇଁ ହିଁ ସେ ଲୋକସମାଜର ଘନିଷ୍ଠ ସଂପର୍କରେ ଆସିବା ସଙ୍ଗେ ସଙ୍ଗେ ନିକଟସ୍ଥ ଗ୍ରାମବାସୀଙ୍କ ସହ ପରିଚିତ ହୋଇ ପାରିଥିଲେ । ଗ୍ରାମବାସୀଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ସ୍ଥାପନ କରିବା ନିମନ୍ତେ ତାଙ୍କ ପାଖରେ ଦୁଇଟି ଜନାଥିଲା—ବୈଦ୍ୟନୀତି ଓ ଦେବାରାଧନା ।

କିଂଚା ଫତୁରାର ଅବସାନ ପରେ ଚନ୍ଦ୍ର-କୁଟିଆ ଅନ୍ତର୍ଦ୍ଧାନ ହୋଇଥିଲେ ଓ ପରେ ଲକ୍ଷ୍ମଣ ନାୟକଙ୍କର ସାକ୍ଷାତ ହୋଇଥିଲା କଂଗ୍ରେସକର୍ମୀ ମାନଙ୍କଙ୍କ ପାତ୍ରଙ୍କ ସହ । କ୍ରମେ କ୍ରମେ ହିଂସା ପନ୍ଥା ଲକ୍ଷ୍ମଣ ନାୟକ ଅହିଂସା ପଥରୁ ପୃଥକ ହୋଇଥିଲେ । କେତେକେତେବେଳେ ଏକପ୍ରକାର ତାଙ୍କୁ କଂଗ୍ରେସ ପ୍ରତି ବିଶେଷ ଅନୁରକ୍ତକରାଇ ପାରିଥିଲା । ଓଡ଼ିଶାର ଲାଟ୍ ସାହେବ କୋରାପୁଟ ସଫରରେ ଆସିଥାନ୍ତି । ସେଥିପାଇଁ ସାଧାରଣ ଆଦିବାସୀମାନଙ୍କୁ ଛେଳି, କୁକୁଡ଼ା ଆଦି ଯୋଗାଇବା ସଙ୍ଗେ ସଙ୍ଗେ ବେଠି କାମ କରିବାକୁ ମଧ୍ୟ ବାଧ୍ୟ କରାଯାଉଥାଏ । ଏହା ଲକ୍ଷ୍ମଣ ନାୟକଙ୍କ ପାଖରେ ଅସହ୍ୟ ହୋଇଉଠିଥିଲା । ତେଣୁ ସେ ନୀଳକଣ୍ଠ ପାତ୍ରଙ୍କ ପରାମର୍ଶ କ୍ରମେ 'ସମାଜ'ରେ ଏହି ହୃଦୟ ବିଦାରକ ଘଟଣାକୁ ପ୍ରକାଶ କରିଥିଲେ । ଏହାଦ୍ୱାରା ସମଗ୍ର ଓଡ଼ିଶାରେ ଏକ ଆଲୋଡନ ସୃଷ୍ଟି ହେଲା ଓ ଲାଟ ସାହେବ ନିଜର ସମ୍ମାନ ଦୃଷ୍ଟିରୁ କ୍ଷତି ପୂରଣ ଦେବାକୁ ବାଧ୍ୟ ହୋଇଥିଲେ । କଂଗ୍ରେସ ସାହାଯ୍ୟରେ ଏହି ଅହିଂସା ପଥରେ ସତ୍ୟ ଦ୍ୱାରା ସମସ୍ୟା ସମାଧାନର ଏକ ନୂତନ ମାର୍ଗ ଆବିଷ୍କାର କରି ଲକ୍ଷ୍ମଣ ନାୟକ କଂଗ୍ରେସ ପ୍ରତି ଆକର୍ଷିତ ହୋଇଉଠିଥିଲେ ।

ଶହୀଦ ଲକ୍ଷ୍ମଣ ନାୟକ ଆବାଲ୍ୟରୁ ସ୍ୱାଧୀନତାପ୍ରେମୀ ତଥା ଜଙ୍ଗଲ ମଧ୍ୟରେ ସ୍ୱାଧୀନ ଭାବରେ ହସି ଖେଳି ବୁଲି ବୁଲିବାକୁ ସେ ପସନ୍ଦ କରୁଥିଲେ । ପରବର୍ତ୍ତୀ କାଳରେ ସେ ରାଜନୈତିକ ସ୍ୱାଧୀନତା ପାଇଁ ପ୍ରାଣ ବିସର୍ଜନ କରିଦେବାକୁ ମଧ୍ୟ ପଶ୍ଚାତ୍‌ପଦ ହୋଇ ନାହାନ୍ତି ।

ଲକ୍ଷ୍ମଣ ନାୟକ ଜଣେ ସାହସୀ କର୍ମଠ ଓ ନିଷ୍ଠାପର କର୍ମୀ ଥିଲେ । ସେ ଗାଁରୁ ଗାଁ ବୁଲି ଲୋକମାନଙ୍କୁ ଖଦଡ ପିନ୍ଧିବା, ଗାଁ ପରିଷ୍କାର ରଖିବା, ମଦ୍ୟପାନ ନ କରିବା ନିମନ୍ତେ ପରାମର୍ଶ ଦେଉଥିଲେ । ତା'ଛଡ଼ା ସେ ମଧ୍ୟ ଅହିଂସାକୁ ନିଜ ଜୀବନବ୍ରତ ରୂପେ ଗ୍ରହଣ କରିଥିଲେ । ଏପରିକି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଚନ୍ଦ୍ରଗାମରେ ବଳି ପ୍ରଥା ବନ୍ଦ ହୋଇ ଯାଉଥିଲା । ସେ ସର୍ବଦା ଆତ୍ମ ନିର୍ଭରଶୀଳ ହେବା ନିମନ୍ତେ ଲୋକମାନଙ୍କୁ ଉପଦେଶ ଦେଉଥିଲେ ଓ ଲୋକମାନଙ୍କୁ କର, ପାନ୍ଥୁ ଆଦି ଦେବାକୁ ନିଷେଧ କରୁଥିଲେ । ସେ କହୁଥିଲେ, ''ଆମେ ଅନ୍ୟାୟ ସହିବୁ ନାହିଁ, ଅନ୍ୟାୟ ଟିକସ ଦେବୁ ନାହିଁ । ବୋଝ ବହିବାକୁ ବେଠିଆ ହେବୁ ନାହିଁ । ଯିଏ ଯେତେବଡ ଅଧିକାରୀ ହେଉ ପଛେ ଆମେ ଅସହଯୋଗ କରିବୁ । ଆମେ ଯାହା କରିବୁ । ଆମ ମନଦୁଃଖ ବଡ଼ ପାଟିରେ କହିବୁ । ତୁମ ବିରୁଦ୍ଧରେ ଆନ୍ଦୋଳନ କରିବୁ— ତୁମେ ଶୁଣ ଅବା ନଶୁଣ, ଆମକୁ ଧର, ମାର, ଜେଲକୁ ନିଅ, ଧନ କାଟ— ଆମେ ଆପତ୍ତି କରିବୁ ନାହିଁ । ତୁମ ଉପରକୁ ହାତ ଟେକିବୁ ନାହିଁ । ଗାନ୍ଧୀ ମହାତ୍ମା ମନା କରିଛନ୍ତି । ଆମେ ମାଡ଼ ଖାଇବୁ କିନ୍ତୁ ମାରିବୁ ନାହିଁ ତଥାପି ତୁମ କଥା ମାନିବୁ ନାହିଁ ।''

ତାଙ୍କର ଏହି ଯୌକ୍ତିକପୂର୍ଣ୍ଣ ଭାଷଣରୁ ତାଙ୍କର ଗାନ୍ଧୀ ଓ ଅସହଯୋଗ ଆନ୍ଦୋଳନ ପ୍ରତି ଥିବା ଗଭୀର ଆସ୍ଥାର ପରିଚୟ ମିଳେ ।

ଜନସାଧାରଣ ସଙ୍ଗେ ସେ ଅତି ଘନିଷ୍ଠ ଭାବରେ ମିଶି ପାରୁଥିଲେ, କାରଣ ସେ ସମସ୍ତ ଆଦିବାସୀ ଭାଷାକୁ ଅତ୍ୟନ୍ତ ଦକ୍ଷତାର ସହିତ କହିପାରୁଥିଲେ ଓ ବୁଝିପାରୁଥିଲେ । ତାଙ୍କର ମଧ୍ୟ ଅହଂକାର ଓ ଜାତିଗର୍ବ ନଥିଲା । ତେଣୁ ତାଙ୍କ ପ୍ରତି ଲୋକମାନଙ୍କର ଅତ୍ୟନ୍ତ ବିଶ୍ୱାସ ଥିଲା ।

ସେ ସର୍ବଦା ଗାନ୍ଧୀ ଓ ଉକ୍ତ କଂଗ୍ରେସ କାର୍ଯ୍ୟାଳୟର ପ୍ରତ୍ୟେକଟି ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ଗାନ୍ଧୀ ଯେତେବେଳେ 'କର ବା ମର' ଡାକରା ଦେଲେ ସେତେବେଳେ ଲକ୍ଷ୍ମଣ ନାୟକ ମଧ୍ୟ ତାକୁ ଅକ୍ଷରେ ଅକ୍ଷରେ ପାଳନ କରି ଶହୀଦ ହେଲେ । ମାଥିଲି ଥାନା ସମ୍ମୁଖରେ ହିଁ ଆମେ ଲକ୍ଷ୍ମଣ ନାୟକଙ୍କର ପ୍ରକୃତ ପରିଚୟ ଦେଖି ପାଉ । ନିଜ ଉପରେ ତଥା ଜାତିଭାଇଙ୍କଉପରେ ଅକଥନୀୟ ଅତ୍ୟାଚାର ହୋଇଗଲେ ମଧ୍ୟ ସେ ନିଜ ଲୋକଙ୍କୁ ଚେତାଇ ଦେଉଛନ୍ତି ହାତ ନ ଉଠାଇବା ପାଇଁ । କେବଳ ତାଙ୍କରି ପାଇଁ ଥାନା ସ୍ତମ୍ଭ ଉପରେ ପତାକା ଉତ୍ତୋଳିବାକୁ ଯାଇ ଜଣକ ପରେ ଜଣେ ଢଳି ପଡ଼ିଲେ । ଏହିଠାରେ ହିଁ ତାଙ୍କ ବ୍ୟକ୍ତିତ୍ୱର ଚରମ ପରାକାଷ୍ଠା ପ୍ରଦର୍ଶିତ ।

ଦେଶ ପାଇଁ ଫାଶୀ ପାଉଛି ଜାଣି ସୁଦ୍ଧା ସେ ଅବିଚଳିତ । କାରଣ ସେ ମନେ କରନ୍ତି ଯେ ସେ ଦେଶ ପାଇଁ ପ୍ରାଣବଳି ଦେଉଛନ୍ତି । ତେଣୁ ତାଙ୍କ ମନରେ କୌଣସି ଦୁଃଖ କଷ୍ଟ ବା ଅନୁଶୋଚନା ନାହିଁ । ସମଗ୍ର ଓଡ଼ିଶାର ଜନସାଧାରଣ ଯେତେବେଳେ ତାଙ୍କର ଫାଶୀ ଆଦେଶ ଶୁଣି ଶୋକାକୁଳ ଓ ବିଚଳିତ, ସେତେବେଳେ ସେ ଅବିଚଳିତ ଠିକ୍ ପର୍ବତ ଭଳି । ତାଙ୍କର ଶେଷବାର୍ତ୍ତା ହେଲା, ''ସୂର୍ଯ୍ୟ ଯଦି ସତ୍ୟ ହୋଇଥାଏ, ଚନ୍ଦ୍ର ଯଦି ସତ୍ୟ ହୋଇଥାଏ; ତେବେ ଭାରତମାତା ଯେ ସ୍ୱାଧୀନ ହେବ – ତାହା ମଧ୍ୟ ସତ୍ୟ ।''

ଉପରୋକ୍ତ ଆଲୋଚନାରୁ ହିଁ ଶହୀଦବୀର ଲକ୍ଷ୍ମଣ ନାୟକଙ୍କ ବୀରତ୍ୱ, ସାହାସିକତା, ଜାତି ପ୍ରେମ ଓ ସ୍ୱାଧୀନପ୍ରିୟତାର ପରିଚୟ ମିଳେ । ସେ ତାଙ୍କ ସମଗ୍ର ଜୀବନକୁ ତଥା ନିଜର ସ୍ତ୍ରୀ ପିଲାଙ୍କ କଥା ଭୁଲି ଦେଶପାଇଁ ମହମବତୀ ପରି ଜାଳିଜାଳି ସାରି ଦେଲେ । କୋରାପୁଟର ମାଳଅଞ୍ଚଳରେ ତାଙ୍କ ପରି ଏକ ଜ୍ୟୋତିର୍ମୟ ପୁରୁଷର ଆବିର୍ଭାବ ଭବିଷ୍ୟତରେ ହୁଏତ ସଂଭବ ହୁଏ ବା ନହୁଏ କିନ୍ତୁ ବର୍ତ୍ତମାନ ନୁହେଁ ।

ଭାରତରେ ସ୍ୱାଧୀନତା ଆନ୍ଦୋଳନର ବୀରଶହୀଦଙ୍କ ମଧ୍ୟରେ ସେ ଅନ୍ୟତମ, ଯେଉଁମାନଙ୍କ ରକ୍ତରେ ସ୍ୱାଧୀନ ଭାରତର ମୂଳଦୁଆ ଗଢ଼ା ହୋଇଛି । ଗୋଟିଏ ବାକ୍ୟରେ କହିବାକୁ ଗଲେ ସେ ଥିଲେ ଜଣେ ବିରାଟ ନେତା, ଦରଦୀବନ୍ଧୁ । ଅସୀମ ସାହାସ, ବୀରତ୍ୱ, ନିଷ୍ଠାର ପ୍ରତୀକ ସ୍ୱରୂପ ।

ଆଇ.ଟି.ଡ଼ି.ଏ. ଅଫିସ,
ରାୟଗଡା-୭୬୫୦୦୧, କୋରାପୁଟ, ଓଡ଼ିଶା ।

# ମୁକ୍ତି ସଂଗ୍ରାମର ଅଜ୍ଞାତ ଓଡ଼ିଆ ବିପ୍ଳବିନୀ



\- କାର୍ତ୍ତିକ ଦାସ

ହିନ୍ଦୁସ୍ଥାନର ମୁକ୍ତି ସଂଗ୍ରାମ ଇତିହାସରେ ଓଡ଼ିଶା ମାଟିର ବୀର ପୁରୁଷଗଣ ଯେ ରୋମାଞ୍ଚ ସୃଷ୍ଟି କରିଛନ୍ତି ତାହା ନୁହେଁ ଓଡ଼ିଆ ବୀରା ରମଣୀମାନେ ମଧ୍ୟ କମ୍ ଚମତ୍କାରିତା ପ୍ରଦର୍ଶନ କରିନାହାନ୍ତି । କିନ୍ତୁ ସେହିସବୁ ବିପ୍ଳବିଣୀମାନଙ୍କ ରକ୍ତରଞ୍ଜିତ ଜୀବନ କାହାଣୀ ଆଜି ପର୍ଯ୍ୟନ୍ତ ଅଜ୍ଞାତ ତଥା ଅବହେଳିତ ହୋଇ ରହିଯାଇଛି । ବୀରା ଓଡ଼ିଆ ରମଣୀଗଣ ବ୍ରିଟିଶପକ୍ଷର ଗୁଳିମାଡ ସହିଛନ୍ତି, ବନ୍ଦୀଶାଳାରେ ତିଳ ତିଳ ହୋଇ ଜୀବନ ଉତ୍ସର୍ଗ କରିଛନ୍ତି, ତଥାପି ପଛଘୁଞ୍ଚା ଦେଇ ନାହାନ୍ତି ।

ବ୍ରିଟିଶ ଶାସନ ପ୍ରାରମ୍ଭରେ ପାରଳା ରାଜା ଗୌରଚନ୍ଦ୍ର ଗଜପତିଦେବ ନିଜର ଆଦିବାସୀ ଶବର ସୈନ୍ୟମାନଙ୍କ ସାହାଯ୍ୟରେ କମ୍ପାନୀ ଶାସକ ମାନଙ୍କ ମନରେ ଶଙ୍କା ସୃଷ୍ଟି କରିଥିଲେ । ନିଜେ ବିପ୍ଳବର ନେତୃତ୍ୱ ନେଇ ପାରଳା ରାଜା ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହାଗ୍ନି ପ୍ରଜ୍ୱଳିତ କରିଥିଲେ । ଜଘନ୍ୟ ଷଡଯନ୍ତ୍ର ଦ୍ୱାରା ବ୍ରିଟିଶ କର୍ତ୍ତୃପକ୍ଷ ତାଙ୍କୁ ବିଶାଖାପାଟଣା ବନ୍ଦୀଶାଳାରେ ବନ୍ଦୀ କରି ରଖିଥିଲେ । ଏହି ଅନ୍ୟାୟ ଆଚରଣର ପ୍ରତିବାଦ ସ୍ୱରୂପ ଗଜପତି ପାଟମହାଦେବୀ ଗୃହାଙ୍ଗନରୁ ବାହାରି ଆସି ବିପ୍ଳବର ନେତୃତ୍ୱ ନେଇଥିଲେ । ନିଜର ସ୍ୱାମୀ ଓ ଦେବର ବନ୍ଦୀଶାଳାରେ ରହିଥିବା ବେଳେ ଗଜପତି ପାଟମହାଦେବୀ ଶବର ସୈନ୍ୟଗଣଙ୍କ ସାହାଯ୍ୟରେ ମୁକ୍ତି ସଂଗ୍ରାମର ମଶାଲକୁ ପ୍ରଜ୍ୱଳିତ କରିଥିଲେ । ବିପ୍ଳବିଣୀ ଗଜପତି ପାଟମହାଦେବୀଙ୍କ ବିପ୍ଳବ ଭୟଙ୍କର ହେବାରୁ ବ୍ରିଟିଶ କର୍ତ୍ତୃପକ୍ଷ ପ୍ରମାଦ ଗଣିଲେ ।

ଏହି ବିଦ୍ରୋହ ଦମନ ଲାଗି ୧୮୦୦ ମସିହାରେ ୱାରେନ୍‌ହେଷ୍ଟିଂସ୍ କଲିକତାରୁ ଗୋଟିଏ ଯୁଦ୍ଧ ଜାହାଜରେ ଅନେକ ସୈନ୍ୟଙ୍କୁ ପାରଳା ପଠାଇଲେ । ବିଶାଖାପାଟଣା ବନ୍ଦରରେ ଜାହାଜ ଲାଗିଲା । ରାତ୍ରିର ବିଳମ୍ବିତ ପ୍ରହରରେ ଇଂରେଜ ସୈନ୍ୟଗଣ ମଦ୍ୟ ମାଂସରେ ମସଗୁଲ ଥିଲାବେଳେ ବିପ୍ଳବିଣୀ ପାଟମହାଦେବୀଙ୍କ ନିର୍ଦ୍ଦେଶକ୍ରମେ ଫିରିଙ୍ଗି ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରାଗଲା । ସୁଶିକ୍ଷିତ ଫିରିଙ୍ଗି ସୈନ୍ୟ ଏହି ଅତର୍କିତ ଆକ୍ରମଣ ଲାଗି ପ୍ରସ୍ତୁତ ନଥିଲେ । ତେଣୁ ଅନେକ ଶତ୍ରୁସୈନ୍ୟ ହତାହତ ହେଲେ । ସେନାଧ୍ୟକ୍ଷ ୟଙ୍ଗହ୍ୱନ୍ ମଧ୍ୟ ଶବର ସୈନ୍ୟଙ୍କ ହାତରେ ବନ୍ଦୀ ହେଲେ । ଗଜପତି ପାଟମହାଦେବୀଙ୍କ ନିକଟକୁ ବନ୍ଦୀ ୟଙ୍ଗହ୍ୱନ୍‌ଙ୍କୁ ଅଣାଗଲା । କିନ୍ତୁ ମହାମନା ପାରଳା ରାଣୀ ଏହି ସେନାଧ୍ୟକ୍ଷଙ୍କୁ ଅତିଥି ରୂପେ ଚର୍ଚ୍ଚା କରିଥିଲେ । କୃତଜ୍ଞତାରେ କ୍ୟାପେଟନ୍ ୟଙ୍ଗହ୍ୱନ୍‌ଙ୍କ ଗର୍ବୋନ୍ନତ ମସ୍ତକଟି ଅବନତ ହେଲା । ବ୍ରିଟିଶ କର୍ତ୍ତୃପକ୍ଷ ବିପ୍ଳବିଣୀ ପାଟମହାଦେବୀଙ୍କ ଭୟଙ୍କର ବିଦ୍ରୋହ ଯୋଗୁଁ ବାଧ୍ୟହୋଇ ଗଜପତିଙ୍କୁ ବିନା ସର୍ତ୍ତରେ ମୁକ୍ତି ଦେଇଥିଲେ ।

୧୯୪୨ ମସିହାରେ ସାରା ଭାରତରେ ଆରମ୍ଭ ହେଲା ଅଗଷ୍ଟ-ବିପ୍ଳବ । 'କର ବା ମର' ଧ୍ୱନୀରେ ଗଗନ ପବନ ଝଙ୍କୃତ ହେଲା । ବାଲେଶ୍ୱର ଜିଲ୍ଲାର ଇରମ୍ ମେଳଣ ପଡ଼ିଆରେ ବ୍ରିଟିଶ ପୋଲିସ୍‌ର ଅମାନୁଷିକ ଗୁଳି ଚାଳନାରେ ୨୯ ଜଣ ଦେଶଭକ୍ତ ଟଳିପଡ଼ିଲେ । ଏହି ସହୀଦ୍‌ମାନଙ୍କ ମଧ୍ୟରେ ଥିଲେ ବୃଦ୍ଧା ପରୀ/ପାର୍ବତୀ ବେଶ୍ରା । ବୟସ ସତୁରୀ ପାଖାପାଖି ହେବ । ଜାତିରେ ମଧୁର ବୈଶ୍ୟ । ସେ ମଧ୍ୟ ଆସିଥିଲେ ମୁକ୍ତି ସଂଗ୍ରାମର ଆଗାମୀ ସୂର୍ଯ୍ୟଙ୍କୁ ସ୍ୱାଗତ କରିବା ଲାଗି । ବ୍ରିଟିଶ୍ ପୋଲିସ ହଠାତ୍ ଆଖିବୁଜା ଗୁଳିଚାଳନା କରିବାରୁ ନିରୁପାୟ ହୋଇ ବୃଦ୍ଧା ଜଣକ ମେଳଣ ପଦାର ଗୋଟିଏ ପଟରେ ଥିବା ଜଙ୍ଘିବାଡ ଆଡ଼କୁ ଆଗେଇ ଯାଇଥିଲେ । ବାମ ହାତରେ ବାଡ଼ ନୁଆଁଇ ଡାହାଣ ଗୋଡଟି ବାଡ଼ ସେପଟେ ପକାଇଛନ୍ତି କି ନା ଗୋଟିଏ ଗୁଳି ଆସି ବାଜିଥିଲା ତାଙ୍କ ପିଠିରେ । ଟଳିପଡ଼ିଲେ ବୃଦ୍ଧା ପରୀ/ପାର୍ବତୀ ବେଶ୍ରା ସେହି ଜଙ୍ଘା ବାଡ ଉପରେ ।

ସେହି ଅଗଷ୍ଟ ବିପ୍ଳବର କଥା । କୋରାପୁଟ ଜିଲ୍ଲାର ଆଦିବାସୀ ନର ନାରୀ ଏହି ବିଦ୍ରୋହାଗ୍ନିରେ ଝାସ ଦେଇଥିଲେ । ବୀର ଲକ୍ଷ୍ମଣ ନାୟକ ବିଦ୍ରୋହାଗ୍ନିରେ ଝାସ ଦେଇ ଶେଷକୁ ଫାଶି ଖୁଣ୍ଟରେ ଝୁଲିଥିଲେ । ସେହିଭଳି ଜଣେ ଆଦିବାସୀ ବୀରା ରମଣୀ ମେଷ୍ଟା କାଷ୍ଠାଣୀଙ୍କ ଚମକପ୍ରଦ ଜୀବନ କାହାଣୀ ଆଜିଯାଏ ଲୋକଲୋଚନର ଅନ୍ତରାଳରେ ରହିଯାଇଛି ।

ଡାବୁଗାଁ ଥାନାର ମେଷ୍ଟା କାଷ୍ଠାଣୀ ମଙ୍ଗଳୁ କଷ୍ଠାଙ୍କ ସ୍ତ୍ରୀ । କଂଗ୍ରେସ କର୍ମୀମାନଙ୍କୁ ନିଜଘରେ ସ୍ଥାନଦେଇ ସେମାନଙ୍କ ବିପ୍ଳବୀମାନେ କାର୍ଯ୍ୟକୁ ଉତ୍ସାହିତ କରୁଥିଲେ । ନନ୍ଦଲାଲ ନାମକ ଜଣେ କଂଗ୍ରେସକର୍ମୀ ତାଙ୍କ ଘରେ ଆତ୍ମଗୋପନ କରିଥିବା କଥା ଜାଣିପାରି ଡାବୁଗାଁ ଥାନାର ପୋଲିସ କର୍ମଚାରୀ ତାଙ୍କ ଘର ଆଦି ଖାନ୍‌ତଲାସ୍ ଆରମ୍ଭ କରିଥିଲେ । ନନ୍ଦଲାଲଙ୍କୁ ନପାଇ ପୋଲିସ୍ କର୍ମଚାରୀ ମେଷ୍ଟାକାଷ୍ଠାଣୀଙ୍କୁ ଧମକ ଚମକ ଦେଲେ । ପୋଲିସ୍‌ର ଧମକକୁ ଡ଼ରି ଯାଇନଥିଲେ । ଏହି ଆଦିବାସୀ ରମଣୀ । ନିରୁପାୟ ହୋଇ ପୋଲିସ କର୍ମଚାରୀ ତାଙ୍କୁ ମାଡ଼ଗାଳି ଦେଲେ ଓ ଧର୍ଷଣ କଲେ । ଗଣ ଧର୍ଷଣ ଫଳରେ ମେଷ୍ଟା କାଷ୍ଠାଣୀଙ୍କ ମୃତ୍ୟୁ ହେଲା । ବିବାହର ମାତ୍ର ଅଳ୍ପଦିନ ପରେ ଏହି ବିପ୍ଳବିଣୀଙ୍କ ଅକାଳ ମୃତ୍ୟୁ ଘଟିଲା ।

ଏହିଭଳି ଓଡ଼ିଶା ମାଟିର ଅନେକ ବୀରା ରମଣୀ ମୁକ୍ତି ସଂଗ୍ରାମରେ ଝାସ ଦେଇ ଜୀବନ ଉତ୍ସର୍ଗ କରିଛନ୍ତି । ଚିରଦିନ ଲାଗି ସେମାନେ ଏ ଜାତିର ନମସ୍ୟ ହୋଇ ରହିଥିବେ । ●●

ଶିକ୍ଷକ, ପ୍ରତାପଶାସନ ଉଚ୍ଚ ବିଦ୍ୟାଳୟ
ବାଳକାଟୀ
ପୁରୀ ।

# ସ୍ୱାଧୀନତା ସଂଗ୍ରାମର ଅନ୍ତରାଳେ



ଗଦାଧର ମହାପାତ୍ର

ଜୀବନ ଯମୁନାରେ ଅନେକ ତରଙ୍ଗ ଉଠେ ହେଲେ ସବୁ ତରଙ୍ଗ କୂଳଛୁଇଁ ପାରେନା । ଯେଉଁମାନେ କୂଳ ଛୁଇଁ ପାରନ୍ତି ଆମେ କେବଳ ସେଇମାନଙ୍କର ହିସାବରଖୁ । ସେଇମାନଙ୍କୁ ଇତିହାସରେ ସ୍ଥାନ ମିଳେ-ସେମାନେ ଇତିହାସ ହୋଇ ଯାଆନ୍ତି । ମାତ୍ର ଯେଉଁମାନଙ୍କୁ ସ୍ଥାନ ମିଳେ ନାହିଁ ସେମାନେ ଇତିହାସର ଅନ୍ଧକାରରେ ଆର୍ତ୍ତନାଦ କରୁଥାଆନ୍ତି-କିଏ ସେମାନଙ୍କର ହିସାବରଖେ ?

## ପଚାଶ ବର୍ଷ ତଳର କଥା--

ଇତିହାସର ଅନ୍ଧକାର ଭିତରୁ ଏମିତି କେତୋଟି ମନଛୁଆଁ ଘଟଣା ଯାହା ମୋର କୈଶୋର ଜୀବନକୁ ଆକର୍ଷିତ କରିଥିଲା, ଏବଂ ସ୍ୱାଧୀନତା ସଂଗ୍ରାମ ପାଇଁ ଯାହାର ଭୂମିକା ଆଦୌ ଗୌଣ ନଥିଲା, ଉପସ୍ଥାପିତ କରୁଛି । ଓଡ଼ିଶାର ଗଡ଼ଜାତଗୁଡ଼ିକରେ ପ୍ରଜାମଣ୍ଡଳ ଗଠନ କରାଯାଇଥାଏ । ପ୍ରଜାମଣ୍ଡଳର ନେତୃତ୍ୱରେ ମୁକ୍ତି ଆନ୍ଦୋଳନ ପାଇଁ ଜନ ଜାଗରଣ କ୍ରମଶଃ ତୀବ୍ରତର ହୋଇ ଉଠୁଥାଏ । ରଜା ମହାରାଜାମାନେ ପ୍ରଜାମଣ୍ଡଳକୁ ହୀନବଳ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଥାଆନ୍ତି । ପ୍ରଜାମାନଙ୍କୁ ଆନ୍ଦୋଳନରୁ ଭିନ୍ନମୁଖୀ କରିବାପାଇଁ ଏଇ ଲେଖକର ଜନ୍ମଭୂମି ନୟାଗଡ଼ ରାଜ୍ୟରେ ସରକାର ଗୀତ ଛପାଇ ପ୍ରଚାର କରୁଥାଆନ୍ତି । ସେତେବେଳକୁ ନୟାଗଡ଼ ରାଜ୍ୟରେ ଗୋଟିଏ ହାଇସ୍କୁଲ ଏବଂ ଦୁଇଟି ମାଇନର ସ୍କୁଲ । ସ୍କୁଲ ପିଲାମାନେ ପ୍ରୋସେସନ କରି ଗୀତ ଗାଇ ଗାଁ କୁ ଗାଁ ବୁଲୁଥାଆନ୍ତି । ଆଉ ଯୁଦ୍ଧରଦା ମାଗୁଥାଆନ୍ତି । ଏବେ ଅନେକ ବର୍ଷପରେ ସେଗୀତରୁ ପଦେ ମନେ ପଡ଼ୁଛି–

ଆସ ଭାଇମାନେ କରହେ ଫସଲ ଅସଲ ଜୀବନ ଏହି
କଣ୍ଟଗୋଳ ଦୁର୍ଭିକ୍ଷରେ ନ ପଡ଼ିଁର ମରିବ ଉପାସେ ରହି

ଆସଭାଇମାନେ କର ଫସଲ
ଦେଶକୁ ଉଦ୍ଧରି ସଂଚ ହେ ବଳ....

ଜର୍ମାନ ଯାପାନ ଅସୁର ଦୁଇଟା ଆମକୁ କରନ୍ତି ନଷ୍ଟ
ମିତ୍ର ଶକ୍ତି ଏବେ ଧଇଲେଣି ଅସ ନାଶିବେ ସେ ପାପୀଷ୍ଠ

ଆସ ଭାଇମାନେ କର ଫସଲ
ଦେଶକୁ ଉଦ୍ଧରି ସଂଚ ହେ ବଳ ॥

ଏ ପ୍ରକାର ପ୍ରଚାର ଲୋକମାନଙ୍କ ଉପରେ କିପରି ଭାବରେ ପ୍ରଭାବ ସୃଷ୍ଟି କରୁଥିଲା ତାହା ଜାଣିବାର ଉପାୟ ନଥିଲା । ତେବେ ଯୁଦ୍ଧ ପାଇଁ କିଛି କିଛି ଚାନ୍ଦା ଆମକୁ ମିଳୁଥିଲା । ସେ ଚାନ୍ଦାଟଙ୍କା ପ୍ରଧାନ ଶିକ୍ଷକ ଯୁଦ୍ଧ ବିଭାଗକୁ ପଠାଇ ଦେଉଥିଲେ ବୋଲି ଶୁଣିଛୁ । ଗାଁ ଗହଳରେ ମହାତ୍ମା ଗାନ୍ଧୀ–ଜହରଲାଲ-ସୁଭାସ-ଚନ୍ଦ୍ରବୋଷ ଏଇ ତିନିଜଣଙ୍କର ଜୟ ଜୟ କାର କରାଯାଉଥିଲା–ଗାଁ ଗହଳର ଲୋକମାନେ ଆଉ ଆଉ ନେତା ମାନଙ୍କ ସଂପର୍କରେ ଅଜ୍ଞଥିଲେ ବୋଲି କହିଲେ ଚଳେ । ପ୍ରଜାମଣ୍ଡଳର କର୍ମୀମାନେ ଗାଁ କୁ ଗାଁ ଯାଇ ଲୋକମାନଙ୍କ ମନରେ ଆନ୍ଦୋଳନ ପ୍ରତି ସହାନୁଭୂତି ଓ ସମର୍ଥନ ସୃଷ୍ଟି କରୁଥିଲେ । ରାଜା ଭେଦନୀତି ପ୍ରୟୋଗକରି କର୍ମୀମାନଙ୍କୁ ନାନାଭାବରେ ପ୍ରଲୋଭିତ କରି ଆନ୍ଦୋଳନକୁ ଭଣ୍ଡୁର କରାଇବାକୁ ଚେଷ୍ଟା କରୁଥିଲେ । ଅନେକ ଶିକ୍ଷିତ ବେକାର ପ୍ରଜାମଣ୍ଡଳରେ କାର୍ଯ୍ୟ କରୁଥିଲେ । ସେମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ରାଜସରକାର ଚାକିରି ଦେଇ ବେକାରମାନଙ୍କୁ ସକ୍ରୀୟ ଆନ୍ଦୋଳନରୁ ନେଇ ଯାଉଥିଲେ । ଅବସ୍ଥାପନ୍ନ ଲୋକମାନେ ଏହି ପ୍ରଲୋଭନରେ ଭୁଲି ନଗଲେ ସୁଦ୍ଧା "ପନେକେ ପେଟପୋଷ ନାହିଁ ଦୋଷ" ନ୍ୟାୟରେ ବାଧ୍ୟ ବାଧକତାରେ ଚାକିରି କରୁଥିଲେ ।

୧୯୩୯ ମସିହା-ବୋଧହୁଏ ଡିସେମ୍ବର ମାସ ହେବ । ଘରି ଶୀତ ପଡ଼ିଥାଏ-ଅଧାରାତି ହେବ - ଆମ ଦାଣ ଦୁଆରେ କିଏ ଡାକିଲା ପରି ଜଣାଗଲା । ଦାଣ୍ଡଦୁଆର ଫିଟାଇ ଦେଇ ବିସ୍ମୟରେ ହତବାକ୍ ହୋଇ ଗଲୁ । ଏଇ ଶୀତରାତିରେ ପାହାଡ଼ ପର୍ବତ ଜଙ୍ଗଲଟା ନଈ ନାଳ ପାରିହୋଇ ବାଘ ଭାଲୁକୁ ନ ଡ଼ରି ରଣପୁର ଗଡ଼ରୁ କେମିତି ଆସିଲ ? ସଞ୍ଜବେଳେ ବାହାରିଲ କାହିଁକି ? ରାତିଟା ରହି ସକାଳୁ ଆସିଥିଲେ କ'ଣ ହୋଇ ନ ଥାନ୍ତା ? କଣ ବିପତ୍ତି ପଡ଼ିଛିକି ?

ବନ୍ଧୁ ସପରିବାର ଆସିଥିଲେ । ଭଉର ଦେଲେ "ହୁଁ ବିପରି ପଡ଼ିଛି-ବିପରି ପଡ଼ିନଥିଲେ ରାତି ଅଧରେ ବଣଜଙ୍ଗଲ ହାଟ ଦେଇ ଆସେ କିଏ ? ଘୋର ବିପରି । ରଣପୁର ଗଡ଼କୁ ସାଇବମାନେ ଜାଳିପୋଡ଼ି ପାଉଁଶ କରିଦେବେ । ଜୀବନ ଘେନି ପଳାଇ ଆସିଛୁ- ହେଲେ ଘର ଦୁଆର ଜଳିପୋଡ଼ି ଛାରଖାର ହୋଇଯିବ ।" ସେମାନେ ଜୀବନ ବିକଳରେ ଆସିଥିଲେ । ପାଟିରୁ କଥା ବାହାରୁ ନ ଥିଲା । ନନା ଯାଉକିଛି ପଗ୍ରରିଲେ ନାହିଁ । ଭାତ ଡ଼ାଲି ରନ୍ଧାହେଲା-ସେମାନେ ଖିଆ ପିଆ ଶେଷକଲେ ବେଳକୁ ସକାଳ ହବା ଉପରେ । ସବାଳେ ଦେଖିଲୁ କେବଳ ଆମ୍‌ଘରକୁ ନୁହେଁ ରଣପୁର ଗଡ଼ରୁ ଅନେକ ଲୋକଙ୍କ ଘରକୁ କୁଣିଆ ଆସିଛନ୍ତି । ସେମାନଙ୍କ ମୁହଁରୁ ଖବର ମିଳିଲା ରଣପୁର ଗଡ଼ରେ ସେଦିନ ପ୍ରଜାମଣ୍ଡଳର ସଭା ହେଉଥିଲା । ଅନେକ କର୍ମୀ ଜମା ହୋଇଥିଲେ ୨୬ ଗଡ଼ଜାତର ପଲିଟିକାଲ୍ ଏଜେଣ୍ଟ ବଜଲଗେଟ ସାହେବ ଲୋକମାନଙ୍କୁ ବୁଝେଇବ ବୋଲି ସଭାକୁ ଯାଉଥିଲେ । ବାଟରେ ଗୋଟିଏ ଲୋକକୁ ଗୁଳିମାଇଲା - ପ୍ରଜାମଣ୍ଡଳ ଲୋକମାନେ ରାଗିଗଲେ । ସାଇବକୁ ଆକ୍ରମଣ କଲେ । ଯାହା ହାତରେ ଯାହା ପଡ଼ିଲା ସେ ସେଇଯା ଧରି ସାହେବକୁ ମାଇଲେ-ସାଇବ ତଳେ ପଡ଼ିଗଲା ପରେ ଲୋକମାନଙ୍କର ମନରେ ଡର ପଶିଲା- ଆରେ ସାଇବ ମରିଗଲାରେ- ଯିଏ ଯୁଆଡ଼େ ପାରିଲା ଖସି ପଳାଇଲା । ଦଣ୍ଡକ ଭିତରେ ସାରା ସହର ଜନଶୂନ୍ୟ ହୋଇଗଲା । ରଣପୁର ଗଡ଼ରେ ଏଇନା କୁଆଟିଏ ଦେଖିବାକୁ ସପନ । ଲୋକମାନେ ଆପଣା ପରିବାର ସହିତ କାହିଁ କୁଆଡ଼େ ପଳାଇଛନ୍ତି । ସାରା ସହରରେ ବୁଢ଼ା ବୁଢ଼ୀ କେତୁଟା କର୍ମ ଆଦରି ପଡ଼ି ରହିଛନ୍ତି । ଶୁଣାଯାଉଛି ସାଇବମାନେ ରଣପୁରଗଡ଼ରେ ବୋମା ପକାଇବେ ।

ସେତେବେଳେ ଲୋକମାନେ କଥାବାର୍ତ୍ତା ହେଉଥିଲେ ବଜଲ-ଗେଟ୍ ସାହେବ ଢେଙ୍କାନାଳ ଯାଇଥିଲା-ସେଠାରେ ମଧ୍ୟ ପ୍ରବଳ ଗଣ୍ଡଗୋଳ । କେଉଟ ପିଲା ବାଜିଆ ପ୍ରଜାମଣ୍ଡଳର ନିର୍ଦ୍ଦେଶମାନି ଡଙ୍ଗା ନବାକୁ ନାହିଁ କରିବାରୁ ସିପାହୀମାନେ ତାକୁ ଗୁଳିରେଟରେ ଶୁଆଇ ଦେଲେ । ଏଇ ଘଟଣାରେ ସାରା ଓଡ଼ିଶାବାସୀ ମର୍ମାହତ ହୋଇଥିଲେ । ଢେଙ୍କାନାଳ ଘଟଣାପରେ ପରେ ରଣପୁର ଘଟଣା । ପ୍ରଜାମଣ୍ଡଳର ସେହି ବିରାଟ ସଭାଟି ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ଚ୍ଛିଥିଲା । ମାତ୍ର ବଜଲଗେଟ ସାହେବ ସବୁ ବିଗାଡ଼ିଦେଲା । ଅନ୍ୟ କାହାକୁ ସାଙ୍ଗରେ ନଆଣି କେବଳ ଗୋଟିଏ ସୁବେଦାର ସହିତ ସଭା ସ୍ଥଳକୁ ଆସିଥିଲା । ଗୋଟାଏ ଗୁଜବ ହେଲା– ସାହେବ ଗୋଟିଏ ଲୋକକୁ ଗୁଳି ମାରିଛି । ଲୋକେ ସାଇବକୁ ଦେଖିଲେ– ସେ ସାଇବ ମାରିଛି ? ଜନତା କହିଲା– ହଁ-ହଁ- ମାରିଛି । ଲୋକମାନେ ସାହେବକୁ ଚାରିପଟୁ ଘେରିଗଲେ । ସାହେବ ପାଖରେ ସୁବେଦାର ଥିଲା । ସେ ସାହେବକୁ ରକ୍ଷାକରିବାକୁ ଚେଷ୍ଟା କରିବାରୁ ଲୋକମାନେ ତାକୁ ତଳେ ପକାଇଦେଲେ । ସାହେବ ପିସ୍ତଲ ଉଠାଇଲା ଏବଂ ଗୁଳି କଲା-ଲୋକମାନେ ଉତ୍ତେଜିତ ହୋଇ ଉଠିଲେ । "ସାହେବ ମାରିପକାଇଲାରେ" ହୁରି ହୋଇଗଲା । ତାପରେ କଣ କିପରି ଘଟିଗଲା ତାହା କେହି କିଛି ଜାଣିପାରିଲେନି । ଦଣ୍ଡକ ଭିତରେ ସବୁ ଶୁନ୍ ଶାନ୍ ହୋଇଗଲା ଆଉ ତାରି ଭିତରେ ଦେଖାଗଲା ସାହେବ ମରିପଡ଼ିଛି । ପଛେ ଲିଭାଇଥିବା ଘଟଣା ସ୍ୱର୍ଗୀୟ ଡକ୍ଟର ହରେକୃଷ୍ଣ ମହତାବଙ୍କର । ମହତାବଜୀ ରଣପୁର ଆସିଥିଲେ । ଲୋକମାନଙ୍କ ଉପରେ ଅତ୍ୟାଚାର ଆଶଙ୍କା କରି ରାଜ୍ୟ ଛାଡ଼ି ଚାଲିଯିବାକୁ ଉପଦେଶ ଦେଇଥିଲେ । ମହତାବ ରଣପୁର ଆସିଥିଲେ ବୋଲି ତାଙ୍କୁ ସେଇ କେଶରେ ପକାଇବାକୁ ସାମ୍ରାଜ୍ୟବାଦୀମାନେ ଚକ୍ରାନ୍ତ କରିଥିଲେ । ଲୋକପ୍ରତିନିଧି ମୂଳକ ମନ୍ତ୍ରୀ ମଣ୍ଡଳ ହେତୁ ମହତାବଜୀ ସେଥିର ରକ୍ଷା ପାଇଗଲେ ନଚେତ ଓଡ଼ିଶା ଇତିହାସ ଅନ୍ୟରୂପ ଧାରଣ କରିଥାଆନ୍ତା ।

ସେହି କିଶୋର ବୟସରେ ଆହୁରି ମଧ୍ୟ ଶୁଣିଥିଲୁ ବଜଲଗେଟ୍ ସାହେବ ନୟାଗଡ ସର୍କିଟ ହାଉସ୍‌ରେ ଆପଣା ପତ୍ନୀଙ୍କି ଛାଡ଼ିଦେଇ ରଣପୁର ଯାଇଥିଲା । ସାଇବ ପରିବର୍ତ୍ତେ ସାଇବର ମୁର୍ଦ୍ଦାର ଫେରିଲା । ଶୁଣିଥିଲୁ ବଜଲଗେଟ୍ ସାହେବଙ୍କ ପତ୍ନୀ ଖୁବ୍ ବିକଳ ହୋଇ କାନ୍ଦୁଥିଲେ । କ୍ରମେ କ୍ରମେ ରଣପୁର ଅବସ୍ଥା ଶାନ୍ତ ହୋଇଆସିଲା । ଆମଗାଁକୁ କୁଣିଆମାନେ ଆପଣା ଆପଣା ଗାଁକୁ ଫେରିଗଲେ । ସାହେବଙ୍କୁ ମାରିବା ଅପରାଧରେ ଅନେକ ଲୋକଙ୍କୁ ଗିରଫ କରାଯାଇଥିଲା । ଅନେକ ଦିନ ଧରି ମୋକଦ୍ଦମା ଚାଲିଲା । ରଘୁଦିବାକର ଫାସୀ ପାଇଲେ । ସେମାନେ ଆଜି ଶହୀଦ ।

ଉକ୍ତ ଘଟଣାପରେ ପ୍ରଜାମଣ୍ଡଳର କର୍ମୀମାନେ ଅଧିକ ସକ୍ରିୟ ହୋଇ ଉଠିଲେ । ପୂର୍ବରୁ କର୍ମୀ ଏବଂ ପ୍ରଚାରକ ମାନେ ଶୋଭାଯାତ୍ରାରେ ଗଲାବେଳେ ମହାତ୍ମା ଗାନ୍ଧୀ, ଜବାହାରଲାଲ୍, ସୁବାସ୍ ବୋଷଙ୍କର ଜୟଧ୍ୱନୀ କରାଯାଉଥିଲା । ଏବେ ଶୋଭାଯାତ୍ରା ଗଲାବେଳେ କୁହାଗଲା–

"ଚାଚୀରାଉତ୍ କରେ ପୁକାର–
ଇନ୍‌କ୍ଲାବ ଜିନ୍ଦାବାଦ" ।

ପ୍ରଜାମଣ୍ଡଳ ସଭା ଆରମ୍ଭ କରାଯିବା ପୂର୍ବରୁ ଦେଶାତ୍ମବୋଧକ ସଙ୍ଗୀତମାନ ଗାନ କରାଯାଉଥିଲା । ତାପରେ ସଭାକାମ ଆରମ୍ଭ ହଉଥିଲା । ପ୍ରଜାମଣ୍ଡଳର କର୍ମୀମାନେ ରାଜାଙ୍କ ନାମରେ ଯେତେ କହୁନଥିଲେ ସେତେ କହୁଥିଲେ ଦେଓ୍ୱାନ୍ ଏବଂ ଅନ୍ୟାନ୍ୟ ତଡ଼ିଆ କର୍ମଚାରିମାନଙ୍କ ବିରୁଦ୍ଧରେ । ପ୍ରଜାମଣ୍ଡଳର କର୍ମୀମାନଙ୍କୁ ନିରୁତ୍ସାହିତ କରିବା ପାଇଁ ବେତମାଡ ଦିଆଯାଉଥିଲା କୋରିମାନା କରାଯାଉଥିଲା । ଯେଉଁ କର୍ମୀମାନେ ଜେଲ୍ ଯାଉଥିଲେ ସେମାନଙ୍କର ଛୁଆ ପିଲାମାନେ ପାଠ ପଢ଼ି ପାରୁନଥିଲେ, ଅନେକ ପରିବାର ଅନ୍ନକଷ୍ଟ ଭୋଗ କରୁଥିଲେ ।

୧୯୪୨ ମସିହା–ବୋଧହୁଏ ଅଗଷ୍ଟ ମାସ ହେବ । ପ୍ରଜାମଣ୍ଡଳର ଆହ୍ୱାନ କ୍ରମେ ହରତାଳ ହେବ । ଆମ୍ଭେମାନେ ସେତେବେଳକୁ ୬ଷ୍ଠ ଶ୍ରେଣୀର ଛାତ୍ର । ହରତାଳର ଅର୍ଥ କ'ଣ ସେଦିନ ପର୍ଯ୍ୟନ୍ତ ଆମକୁ ଜଣା ନଥିଲା । ସ୍କୁଲରେ ରାଜ୍ୟସରକାରଙ୍କର ବେତନ ଭୋଗୀ ଶିକ୍ଷକ ଏଣୁ ସେଠାରେ ହରତାଳ କରିବାର ପ୍ରଶ୍ନ ଉଠୁନଥିଲା । ଓଡଗାଁ ଗୋଟିଏ ଛୋଟ ସହର । ସେଦିନ ଦୋକାନ ବଜାର ସବୁ ବନ୍ଦ ହୋଇଗଲା । ରାଜସରକାର ନୟାଗଡରୁ ପ୍ରାୟ ୫୦ କିମ୍ବା ୧ ଶହ ମିଲିଟାରୀ ପୋଲିସ୍ ପଠାଇଲେ ସେମାନେ ଦୁଇଟା ନାଲିଆ ରଙ୍ଗର ଲରୀରେ ବସି ଓଡଗାଁ ଆସିଲେ । ଗାଁ ଭିତର ଲୋକକୁ ବାହାରକୁ ଛଡାଗଲା ନାହିଁ ଏବଂ ବାହାର ଲୋକଙ୍କୁ ଭିତରକୁ ଆସିବାକୁ ଅନୁମତି ମିଳିଲା ନାହିଁ । ସେତେବେଳେ ଓଡଗାଁରେ ସବୁଠାରୁ ବଡ ଦୋକାନ-ଦାର ଭଗବାନ ଚୌଧୁରୀ । ହରତାଳ ଯୋଗୁଁ ତାଙ୍କ ଦୋକାନ ବନ୍ଦଥାଏ । ପୋଲିସ ଫୋର୍ସ ଦୋକାନ ଭଙ୍ଗି ଡାଲି, ଗୁଡ଼ଜ, ମସଲା, ତେଲ, ଲୁଗାପଟା ସବୁ କିଛି ବାହାରକୁ ଫିଙ୍ଗିଦେଲେ । ଅଟା ସୁଜି ମଇଦା ଘିଅ ଲୁଟ କରି ନେଲେ । ଏଇ ପୋଲିସ

ଭାହିନୀ ଧର୍ମଶାଳାରେ ରହିଲେ । ସେମାନେ ଓଡ଼ିଶା ବାହାରୁ ଆସିଥିଲେ—ହିନ୍ଦିରେ କଥା କହୁଥିଲେ । ଲୁଟୀ, ପୁରୀ ଖାଉଥିଲେ । ଚୌଧୁରୀ ଦୋକାନରୁ ଲୁଟ୍ ହୋଇଥିବା ଘିଅ ଏବଂ ଅଟା ସେମାନଙ୍କର କାମରେ ଲଗିଲା ବୋଲି ଲୋକ-ମାନେ କୁହାକୁହି ହେଉଥିଲେ । ଓଡଗାଁରୁ ଆନ୍ଦୋଳନ କରୁ-ଥିବା ଅପରାଧରେ ଅନେକ ଲୋକ ଗିରଫ ହେଲେ । କାହାକୁ ୬ ମାସ କାହାକୁ ବର୍ଷେ କାହାକୁ ଦୁଇବର୍ଷ ଲେଖାଏଁ ଜେଲଦଣ୍ଡ ହେଲା । ନୟାଗଡର ବହୁତ ଅଞ୍ଚଳରୁ ପ୍ରଜାମଣ୍ଡଳର ମୁଖ୍ୟକର୍ମୀ-ମାନଙ୍କୁ ନେଇ ଜେଲରେ ପୂରାଇ ଦିଆଗଲା । ପ୍ରଜାମଣ୍ଡଳର ଆନ୍ଦୋଳନ ଦବିଗଲା ବୋଲି ବାହାରକୁ ଜଣା ପଡୁଥିଲା ମାତ୍ର ଆନ୍ଦୋଳନ ଦବି ନଥିଲା । କର୍ମୀମାନେ ଅନ୍ୟଏକ ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ ।

ଦ୍ୱିତୀୟ ମହାସମର ହେତୁ ଜିନିଷପତ୍ରର ଦରଦାମ ବଢି ବଢି ଗ୍ଲଲିଥାଏ । ଦେଶରେ ଯାହା ଯେମିତି ଲୁଗାପଟା କିରୋସିନି ତେଲ ଗୁଆ ସାଇକେଲ ଟର୍ଚ୍ଚ ଲଣ୍ଠନ ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ଥିଲା ସେ ସବୁ ସରିଆସିଲା ଓ ଦେଶରେ କଳ କାରଖାନା ନଥିଲା । ସବୁ ଜିନିଷ ବାହାରୁ ଆସୁଥିଲା । ଯୁଦ୍ଧ ଲଗିଯିବାରୁ ଜଳପଥରେ ଜାହାଜ ଆସି ପାରିଲାନି । ଶତ୍ରୁପକ୍ଷ ବୋମାମାଡ କରି ଜାହାଜ ବୁଡାଇ ଦେଲେ । ପ୍ରତିଦିନ ଦିନବେଳେ ରାତିରେ ଗୋଟାଏ ଦୁଇଟା ଲେଖାଏଁ ଉଡାଜାହାଜ ଆକାଶରେ ଉଡ଼ିଯାଉଥାଏ । ଦିନେ ଦିନେ ୮—୧୦ଟା ଉଡାଜାହାଜ ଆଗପଛ ହୋଇ ଆକାଶରେ ଉଡ଼ିଗଲା ବେଳେ ଲୋକ-ମାନେ ତାଟକା ହୋଇ ଆକାଶକୁ ଗ୍ଲହିଁରହନ୍ତି । ସମସ୍ତଙ୍କ ମନରେ ଦୃଢ଼ ଧାରଣା ଜନ୍ମେ ଯେ ଯୁଦ୍ଧ ଲାଗିଛି । ବାହାରୁ ଲୁଗା, କନା, ଛତା, ଜୋତା ଆସିବା ବନ୍ଦ ହୋଇଯିବାରୁ ଲୋକମାନେ ଏସବୁ କିଣି ପାରିଲେନି । ଚିନି ଟିକିଏ କିଣିବାକୁ ମିଳିଲାନି । କିରୋସିନ୍ ସେର ୨ ଟଙ୍କା ହୋଇଗଲା—ତଥାପି ଲୋକଙ୍କୁ ମିଳି-ଲାନି । ଗରିବ ଲୋକମାନେ ସନ୍ଧ୍ୟା ପୂର୍ବରୁ ରାନ୍ଧିବା ଖାଇବା କାମ ଶେଷ କରିଦେଉଥିଲେ । ଧନୀ ଲୋକମାନେ କରଞ୍ଜ ତେଲ ଜଡାତେଲ ଏବଂ ପେଣ୍ଡୁତେଲ ପୋଲଙ୍ଗ ତେଲରେ ଦୀପ ଜାଳି କୌଣସି ମତେ ଚଳିବାକୁ ଲାଗିଲେ । ଗୁଆ ଦର ବଢି ଯିବାରୁ ଅନେକ ପାନଖିଆ ଛାଡ଼ି ଦେବାକୁ ବାଧ୍ୟ ହେଲେ । ଗୁଆସେର ୨ ଟଙ୍କା ହୋଇଗଲା—ଏତେ ଦରରେ ଗୁଆ କିଣି ପାନ ଖାଇବା ପାଇଁ ଲୋକଙ୍କ ହାତରେ ପଇସା କାହିଁ ? ଏବେ ଗୁଆକେଜି, ତିରିଶ ଟଙ୍କା ହେଲେସୁଦ୍ଧା ଲୋକଙ୍କ ହାତରେ ପ୍ରଚୁର ପଇସା ଥିବାରୁ ବାଧୁନି । ଖୁଚୁରା ପଇସାର ଘୋରତର ଅଭାବ ପରିଲକ୍ଷିତ ହେଲା । ମହାରାଣୀ ଭିକ୍ଟୋରିଆଙ୍କ ଅମଳର ଟଙ୍କା ସମ ଏଡୱାର୍ଡଙ୍କ ଅମଳର ଟଙ୍କା ଏବଂ ପଞ୍ଚମ ଜର୍ଜଙ୍କ ଅମଳର ଟଙ୍କା କ୍ରମଶଃ ବଜାରରୁ ଉଭେଇଗଲା । ସେଟଙ୍କାରେ ତୋଳାଏ ଓଜନର ରୂପାଥିଲା ଏଣୁ ଅନେକ ଧନୀ ଲୋକ ସେ ଟଙ୍କାକୁ ଘରେ ଲୁଚାଇ ରଖିଲେ । ସେ ଟଙ୍କା ମଧ୍ୟ ବଜାରରେ ଆଉ ଚଳିଲାନି । ପୁରୁଣା ଅଧଲା (ପଇସାର ୧/୨ ପାହୁଲା ୧/୩) ଡବଲ ପଇସା ହନୁମାନ ମାର୍କା ପଇସା କ୍ରମଶଃ ବଜାରରେ ଦେଖିବାକୁ ମିଳିଲାନି । ଅଧଲାଏ ଓ କିମ୍ବା ପାହୁଲାଏ ବଦଳରେ ଦୋକାନୀମାନେ କୌଣସି ଜିନିଷ ଦେବାକୁ ମନା କରିଦେଲେ । ସେତେବେଳେ ୧ ପାହୁଲା ଦେଲେ ଖଣ୍ଡେ ବଡ ଷ୍ଲେଟ୍ ଖଡି ମିଳୁଥିଲା । ଗୁଡିଆ ଦୋକାନରେ ମୁଆଁ ଗୋଟିକର ଦାମ ୧ ପାହୁଲା । ଖାତାରୁ ପେନ୍‌ସିଲ ଗାର ଲିଭାଇବା ପାଇଁ ରବର ଖଣ୍ଡିଏ କିଣିଲେ ଅଧଲାଟିଏ ଦବାକୁ ପଡୁଥିଲା ଗୋଟିଏ ପେନ୍‌ସିଲର ଦାମ ୧ ପଇସା ଥିଲା । ଛଅଟି ପଇସ ଦେଲେ ଦିସ୍ତାଏ କାଗଜ ମିଳୁଥିଲା । ୧୦ ପଇସାରେ ଗୋଟିଏ କାମଚଳା ଝରକଲମ ମିଳି ଯାଉଥିଲା । ସ୍ତରିଅଣା ପଇସା ଦେଲେ ଖଣ୍ଡିଏ ଗଞ୍ଜି ମିଳୁଥିଲା (ଛୁଆ ମାନେ ପିନ୍ଧିବା ପାଇଁ) । ଗାଈ ଘିଅ ସେର ଦୁଇଟଙ୍କା, ମାଂସ ସେର ୧୨ ଅଣାରେ ମିଳୁଥିଲା । ଯୁଦ୍ଧ ବଜାର ଆସିବା ପରେ ଜିନିଷପତ୍ରର ଦର ବଢିଗଲା ।

ସହରରେ ବଡ ବଡ ଗାଁରେ ସ୍କୁଲ ସାମନାରେ ଇଂରାଜୀ ବ୍ଲ୍ଲ୍.. ଅକ୍ଷର ପରି ଟ୍ରେଞ୍ଚ ଖୋଳା ହେଲା । ଯୁଦ୍ଧବେଳେ ଉଡା-ଜାହାଜରୁ ବୋମାପଡେ ବୋଲି ଯୁଦ୍ଧ ବିଭାଗର ଅଫିସରମାନେ ଗାଁ ଗହଳକୁ ଯାଇ ଲୋକମାନଙ୍କୁ ବୁଝାଇବାକୁ ଲଗିଲେ । ଶତ୍ରୁପକ୍ଷର ଉଡାଜାହାଜ ବୋମା ବର୍ଷଣ କରିବାକୁ ଆସିଲେ ସହରରେ ସାଇରନ୍ ବାଜିବ—ସାଇରନ୍ ଶବ୍ଦ ଶୁଣିଲେ ବାହାରେ ଥିଲେ ଟ୍ରେଞ୍ଚ ଭିତରକୁ ଗ୍ଲଲିଯିବ । ଉଡାଜାହାଜ ଫେରିଗଲାପରେ ପୁନର୍ବାର ସାଇରନ୍ ବାଜିଲେ ଟ୍ରେଞ୍ଚ ଭିତରୁ ବାହାରକୁ ଆସିବ । ଯେଉଁମାନେ ଘର ଭିତରେ ଥିବ ସେମାନେ ସାଇରନ୍ ବାଜିଲେ ମୁହଁମାଡ଼ି ତଳେ ଶୋଇ ପଡ଼ିବ । ସୌଭାଗ୍ୟ ହେଉ ବା ଲୋକ-ମାନଙ୍କର ପୁଣ୍ୟଫଳ ହେଉ ଶତ୍ରୁପକ୍ଷର ବୋମାବର୍ଷି ଉଡାଜାହାଜ ଓଡ଼ିଶା ତ ଓଡ଼ିଶା ଭାରତ ଭୂଇଁରେ ଉଡ଼ିଲାନି କି ବୋମା ଗୋଟାଏ ଦୁଇଟା ଜାହାଭାଗ୍ୟରେ ପଡ଼ିଲାନି । ଟ୍ରେଞ୍ଚ ଭିତରେ ପିଲାମାନେ ଲୁଚକାଳି ଖେଳ ଖେଳୁଥିଲେ । ଅନ୍ଧାର ରାତିରେ କେହି କେହି ଟ୍ରେଞ୍ଚ ଭିତରେ ଗଳି ପଡୁଥିଲେ ମଧ୍ୟ । ୪୨ ମସିହା ବେଳକୁ ସମୁଦାୟ ନୟାଗଡରେ ରେଡିଓ ଖୋଜାହୁଏ ନଥିଲା । ଥିଲେ ଥିବ ରଜାଙ୍କର । କେ. ସି. କ୍ଲବ୍‌ରେ ଗୋଟାଏ ରେଡ଼ିଓ ଥିଲାଯେ, ବାଜୁନଥିଲା । ଗାଁ ଗହଳକୁ ଖଣ୍ଡେ ଅଧେ ଖବର କାଗଜ ଆସୁ-ଥାଏ । ଲୋକମାନେ ଯୁଦ୍ଧକଥା ଜାଣିବା ପାଇଁ ପ୍ରବଳ ଆଗ୍ରହ ପ୍ରକାଶ କରୁଥାଆନ୍ତି । ଜର୍ମାନ ସୈନ୍ୟମାନେ ପ୍ରବଳ ବୋମା-ମାଡ କରୁଛନ୍ତି ଶୁଣି ଲୋକମାନେ ଆତଙ୍କରେ ଶିହରି ଉଠୁଥାଆନ୍ତି । ସତରେ ବୋମା ପଡ଼ିଥିଲେ ଲୋକଙ୍କୁ ଶିକ୍ଷାଦେବା ପାଇଁ ଯେଉଁ କେତୋଟା ଟ୍ରେଞ୍ଚ ଖୋଳାଯାଇଥିଲା ସେଥିରେ କେତେଜଣ ଆଶ୍ରୟ ନେଇ ଥାଆନ୍ତେ ?

ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଜାପାନରୁ ଆମ ଦେଶକୁ ଅନେକ ପରିମାଣରେ ସାଇକେଲ୍ ଆସୁଥିଲା । ଖୁବ୍ ଶସ୍ତା ଗୋଟିଏ ସାଇକେଲର ଦାମ ୧୦ ଟଙ୍କା । ମାତ୍ର ଦ୍ୱିତୀୟ ମହାଯୁଦ୍ଧ ଲାଗିଯିବା ପରେ ଜାପାନରୁ ସାଇକେଲ ଆସିଲାନି । ଲୋକମାନେ ଇଂଲିସ୍ ରାଲେ, ବି. ଏସ୍. ଏ. ଏବଂ ହରକ୍ୟୁଲେସ୍ ସାଇକେଲ କିଣିବାକୁ ପାଇଲେ । ଦାମ୍ ମଧ୍ୟ ଖୁବ୍ ବଢି ଗଲା । ଆଜିକାଲି ଗାଁ ଗଣ୍ଡାରେ ମାଳ ମାଳ ସାଇକେଲ, ମଟର ସାଇକେଲ ସ୍କୁଟର ଦେଖିବାକୁ ମିଳୁଛି । ଶଂସିତ କାଳରେ ଗାଁ ଗଣ୍ଡାରେ ଖଣ୍ଡେ ଦୁଇଖଣ୍ଡ ସାଇକେଲ ଥିଲେ ବଡ । ସାଇକେଲକୁ କେହି କେହି ଶୁନ ଗାଡ଼ି ବୋଲି କହୁଥିଲେ । କଥିତ ଅଛି ନୟାଗଡ ରଜା ଯେତେବେଳେ ପ୍ରଥମ କରି ସାଇକେଲ ଆଣିଥିଲେ ଗାଁ ଗହଳରୁ ଲୋକମାନେ ଶହ ଶହ ସଂଖ୍ୟାରେ ଶୁନ ଗାଡ଼ି ଦେଖିବେ ବୋଲି ରାଜ ଭଆସ ପାଖରେ ଭିଡ ଜମାଇଥିଲେ । ପରବର୍ତ୍ତୀ କାଳରେ ସେଇ ରଜା ଯେତେବେଳେ ମୋଟର ଗାଡ଼ି ଆଣିଲେ ପ୍ରଜାମାନେ ମଟର ଗାଡ଼ି ଦେଖିବା ପାଇଁ ଧାଡ଼ିବାନ୍ଧି ସଡକ ଧାରରେ ଠିଆହୋଇ ରହୁଥିଲେ । ସାରା ରାଜ୍ୟରେ ସେଇ ରଜାଙ୍କର ଖଣ୍ଡେ ମୋଟରଗାଡ଼ି ଥିଲା । ◆◆

ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ ରାଜେନ୍ଦ୍ର ମହାବିଦ୍ୟାଳୟ, ବଲାଙ୍ଗୀର ।

# ସ୍ୱାଧୀନତା ସଂଗ୍ରାମର ପ୍ରଥମ ଯୋଦ୍ଧା କୃଷ୍ଣଭଞ୍ଜ

ଡଃ ଦଣ୍ଡପାଣି ବେହେରା

୧୭୫୪ରୁ ୧୭୭୩ ସାଲ୍ ଯାଏ କୃଷ୍ଣଭଂଜ ଘୁମୁସରର ରାଜାଥିଲେ । ସେ ଥିଲେ ମହାପ୍ରତାପୀ ରାଜା ଧନଭଞ୍ଜଙ୍କର ପୁତ୍ର । ପିତାଙ୍କଭଳି ପୁତ୍ର ମଧ୍ୟ ଅସୀମ ଶୌର୍ଯ୍ୟ,ବୀର୍ଯ୍ୟ ଓ ବୀରତ୍ୱର ଅଧିକାରୀ ଥିଲେ । ସେ ଥିଲେ ଜଣେ ଅତ୍ୟନ୍ତ ପ୍ରଜାବତ୍ସଳ ରାଜା । ନିଜ ରାଜ୍ୟ ଓ ପ୍ରଜାଙ୍କୁ ନିଜର ସନ୍ତାନ ଭାବେ ସେ ସ୍ନେହ କରୁଥିଲେ । ଯଦିଚ ତାଙ୍କର ରାଜ୍ୟ ସମଗ୍ର ଦକ୍ଷିଣ ଓଡ଼ିଶା ସହ ୧୫୭୧ ରୁ ଦକ୍ଷିଣର ଗୋଲ୍‌କୋଣ୍ଡା ମୁସଲମାନ ସୁଲତାନଙ୍କର କର୍ତ୍ତୃତ୍ୱାଧୀନରେ ଏକ କରଦ ରାଜ୍ୟଥିଲା, ତଥାପି କାର୍ଯ୍ୟ କ୍ଷେତ୍ରରେ କୃଷ୍ଣଭଞ୍ଜ ସ୍ୱୟଂ ସ୍ୱାଧୀନ ଥିଲେ । ସୁଲତାନ କେବେ ବି ଘୁମୁସରର ଆଭ୍ୟନ୍ତରୀଣ ଶାସନରେ ହସ୍ତକ୍ଷେପ କରୁନଥିଲେ । ସେହି ସମୟରେ ଗୋଲ୍‌କୋଣ୍ଡା ରାଜ୍ୟର ଅନ୍ୟତମ ଉତ୍ତର ସରକାର ଅବା ଜିଲ୍ଲା ଥିଲା । ଶ୍ରୀକାକୁଲମ (ବର୍ତ୍ତମାନର ଗଞ୍ଜାମ, ଫୁଲବାଣୀ, କୋରାପୁଟ ଓ ଶ୍ରୀକାକୁଲମ୍ ଜିଲ୍ଲା) ସରକାର । ଏହି ସରକାରର ଉତ୍ତରାଂଶରେ ଘୁମୁସର ରାଜ୍ୟ ଅବସ୍ଥିତ ଥିଲା । ଘୁମୁସର ସେତେବେଳେ ସମଗ୍ର ଶ୍ରୀକାକୁଲମ୍ ସରକାରରେ ଥିଲା । ବିଶାଳତମ ଜମିଦାରୀ ରାଜ୍ୟ ଏବଂ ଏହାର ରାଜା କୃଷ୍ଣଭଞ୍ଜ ଥିଲେ ତତ୍କାଳୀନ ଶ୍ରୀକାକୁଲମ୍ ଅବା ଗଞ୍ଜାମ ଜିଲ୍ଲାରେ ଥିବା ୨୧ ଜଣ ଜମିଦାର-ରାଜାମାନଙ୍କ ମଧ୍ୟରେ ସର୍ବାଧିକ ଶକ୍ତିଶାଳୀ । କୃଷ୍ଣଭଞ୍ଜଙ୍କର ପୁରୁଣା ଘୁମୁସର (ବର୍ତ୍ତମାନର ବଡ଼ପଲ୍ଲୀଗ୍ରାମ), ଗୋଲିଆ, କୁଲଡ଼, ବୁଗୁଡ଼ା ଓ ଅର୍ଣ୍ଣଠାରେ ସ୍ୱରୋଟି ଶକ୍ତିଶାଳୀ ଦୁର୍ଗ ଥିଲା ଏବଂ ସେହି ସ୍ଥାନମାନଙ୍କର ରାଜାଙ୍କର ସ୍ୱରୋଟି ସମ୍ଭୋଗମୟ ରାଜପ୍ରାସାଦ ମଧ୍ୟ ଅବସ୍ଥିତ ଥିଲା, କିନ୍ତୁ ରାଜ୍ୟର ରାଜଧାନୀ କୁଲଡ଼ଠାରେ ଥିବା ରାଜପ୍ରାସାଦରେ ହିଁ ସାଧାରଣତଃ ରାଜା ଅବସ୍ଥାନ କରୁଥାନ୍ତି ।

ଏତଦ୍ ବ୍ୟତୀତ କୋଡ଼ୋଲଡ଼ା, ଜଗନ୍ନାଥପ୍ରସାଦ, ଗାଲେରୀ ଓ ଦୁର୍ଗାପ୍ରସାଦ ଆଦି ପାର୍ବତ୍ୟ ଓ ଅରଣ୍ୟମୟ ସ୍ଥାନମାନଙ୍କରେ ରାଜାଙ୍କର ବହୁ ସାମରିକ ଘାଟିମାନ ଥିଲା । ସେତେବେଳେ ତାଙ୍କର ସୈନ୍ୟବାହିନୀରେ ଦଶହଜାର ପଦାତିକ ଜଣ ଦରମା ପ୍ରାପ୍ତ ସୈନ୍ୟ ଅବା ପାଇକ ଥିଲେ । ଜରୁରୀ ପରିସ୍ଥିତିରେ ସେ ଆଉ ଏକ ହଜାର ସୈନ୍ୟ ଅଧିକ ଗ୍ରହଣ କରୁଥିଲେ । ବହୁବିଧ ଯୁଦ୍ଧ କୌଶଳରେ ସୈନ୍ୟବାହିନୀ ପାରଙ୍ଗମ ଥିଲେ । ବିଶେଷତଃ ଗରିଲାଯୁଦ୍ଧକୌଶଳରେ ସୈନ୍ୟମାନେ ସିଦ୍ଧ, ନିପୁଣ ଓ ଧୁରନ୍ଧର ଥିଲେ । ଏଭଳି ଏକ ସୁଗଠିତ ସୈନ୍ୟବାହିନୀର ସହାୟତାରେ ୨୩ ଗୋଟି ବ୍ରିଟିଶ୍ ସରକାର ଗ୍ରାମକୁ ଅଧିକାର କରି ନିଜ ରାଜ୍ୟ ସହ ସାମିଲ କରିଥିଲେ । ୧୭୬୬ରେ ଘୁମୁସର ସମେତ ସମଗ୍ର ଦକ୍ଷିଣ ଓଡ଼ିଶା ଇଂରେଜ ଇଷ୍ଟଇଣ୍ଡିଆ କଂପାନୀର କର୍ତ୍ତୃତ୍ୱାଧୀନ ହେଲା । କିନ୍ତୁ ତାହା ପୂର୍ବରୁ ସେହି ଅଞ୍ଚଳରେ ୧୭୫୩ରୁ ଫରାସୀ କର୍ତ୍ତୃତ୍ୱ ଆରୋପିତ ହୋଇଥିଲା । ୧୭୫୩ ରେ ହାଇଦ୍ରାବାଦର ନିଜାମ୍ ସଲବତ୍‌ଜଙ୍ଗ ଫରାସୀମାନଙ୍କର ସାମରିକ ସାହାଯ୍ୟରେ ପ୍ରୀତ ହୋଇ ଘୁମୁସର ସମେତ ଦକ୍ଷିଣ ଓଡ଼ିଶା ତଥା ପାଞ୍ଚଟି ଉତ୍ତର ସରକାର (୧-ଶ୍ରୀକାକୁଳମ, ୨-ରାଜମହେନ୍ଦ୍ରି, ୩-ଗୁଣ୍ଟୁର, ୪-କୋଣ୍ଡାପଲ୍ଲୀ, ୫-ଏଲୋର) ସେମାନଙ୍କୁ "ଇନାମ" ଭାବେ ଦାନ କଲେ ।

୧୭୫୭ରେ ଫରାସୀ ଜେନେରାଲ ମୋନସିୟର ବୁସି କର ଆଦାୟ କରିବା ନିମନ୍ତେ ଗଞ୍ଜାମରେ ଆସି ପହଞ୍ଚିଲେ । ଗଞ୍ଜାମ ଜିଲ୍ଲାର ଜମିଦାର ରାଜାମାନେ କଦଲି ରାଜା ବୁସିଙ୍କର ହସ୍ତରେ ପରାଜୟ ଓ ହତ୍ୟା ଘଟଣା ଶୁଣି ଆତଙ୍କିତ ହୋଇ ଫରାସୀମାନଙ୍କୁ ବିନା ପ୍ରତିବାଦରେ ନିଜେ ନିଜେ କର ଦେଇ ଥିଲେ । କିନ୍ତୁ, ଯେତେବେଳେ ଫରାସୀମାନେ ଘୁମୁସର ନିକଟରେ ଥିଲେ ସେମାନେ ପ୍ରଥମଥର ପାଇଁ ଶକ୍ତିଶାଳୀ ପ୍ରତିରୋଧର ସମ୍ମୁଖୀନ ହେଲେ ।

ହାଇଦ୍ରାବାଦଠାରୁ ଘୁମୁସର ଯାଏଁ ସବୁ ଜମିଦାରୀ ରାଜ୍ୟ (ଭିଶାଖାପାଟଣା, ବିଜୟନଗରମ୍, ଜୟପୁର, ପାରଳାଖେମୁଣ୍ଡି ଓ ମହୁରୀ) ଫରାସୀମାନଙ୍କଠାରେ ଆତ୍ମସମର୍ପଣ କରିଥିଲେ । ଘୁମୁସର ଓ ତା'ର ରାଜା ଓ ପ୍ରଜାମାନେ ସମ୍ମିଳିତ ଭାବେ ଫରାସୀ ଅଧିକାରକୁ ପ୍ରବଳ ଭାବେ ପ୍ରତିରୋଧ କଲେ । ଏହା କୃଷ୍ଣଭଞ୍ଜଙ୍କ ପକ୍ଷେ କମ ସାହସ ଓ

ବୀରତ୍ୱର ବିଷୟ ନ ଥିଲା । ସମସାମୟିକ ଐତିହାସିକ ଉଡର୍ଟ ଓ ଉମେକର ଭାଷା "ଅଧିକାଂଶ ରାଜା ଫରାସୀମାନଙ୍କୁ ବିନାପ୍ରତିବାଦରେ ନିଜ ନିଜ କର ଦେଇ ଥିବା ବେଳେ ଘୁମୁସରର ରାଜା କୃଷ୍ଣଭଞ୍ଜ କର ଦେବାକୁ ଅସ୍ୱୀକାର କଲେ । ତାଙ୍କର ଧାରଣା ଥିଲା ଯେ, ସେ ନିଶ୍ଚିତ ଭାବେ ତାଙ୍କ ରାଜ୍ୟର ଘଞ୍ଚ ବାଉଁଶ ଜଙ୍ଗଲ ଓ ପାହାଡ଼ ମଧ୍ୟରେ ଗୋରା ପଲ୍ଟଣୀମାନଙ୍କୁ ପରାଜୟ କରିବେ" ।

ଜେନେରାଲ ବୁସି ଓ କୃଷ୍ଣଭଞ୍ଜଙ୍କର ସୈନ୍ୟମାନଙ୍କ ମଧ୍ୟରେ ବାଉଁଶ ଜଙ୍ଗଲ ମଧ୍ୟରେ ଘମାଘୋଟ ଲଢ଼େଇ ଲାଗିଲା । ଯୁଦ୍ଧରେ ସ୍ତରିଶ ଜଣ ଫରାସୀ ସୈନ୍ୟ ଏବଂ ବହୁସଂଖ୍ୟକ ଫରାସୀ ବାହିନୀର ଭାରତୀୟ ପାଇକ ନିହତ ହେଲେ । ଫରାସୀମାନେ ବହୁ ସଂଖ୍ୟାରେ ମୃତାହତ ହେଲା ପରେ ୧୭୫୩ ଏପ୍ରିଲରେ କୃଷ୍ଣଭଞ୍ଜଙ୍କ ସହ ବୁସି ଶାନ୍ତି ଚୁକ୍ତି ସଂପାଦନ କଲେ । ଘୁମୁସରର ରାଜା ଓ ପ୍ରଜାମାନେ ପ୍ରଶଂସନୀୟ ଯୁଦ୍ଧ କୌଶଳ ଓ ବୀରତ୍ୱ ପ୍ରଦର୍ଶନ କରି ଫରାସୀମାନଙ୍କୁ ବିସ୍ମୟାଭିଭୂତ କରିଥିଲେ ।

୧୭୬୬ ନଭେମ୍ବରରେ ନିଜାମଙ୍କଠାରୁ ଇଂରେଜମାନେ ଇନାମ ସୂତ୍ରରେ ୪ଟି ଉତ୍ତର ସରକାର ପ୍ରାପ୍ତ ହେଲେ । ଏଡ଼୍ୱାର୍ଡ଼ କୋଟସଫୋର୍ଡ ଗଞ୍ଜାମ ଜିଲ୍ଲାର ରେସିଡେଣ୍ଟ-ଇଞ୍ଜିନିୟର (ପ୍ରଶାସକ) ଭାବେ ନିଯୁକ୍ତ ହେଲେ । ଘୁମୁସରର କୃଷ୍ଣଭଞ୍ଜଙ୍କ ବ୍ୟତୀତ ଅନ୍ୟସବୁ ରାଜାମାନେ ଇଂରେଜୀ ମାନଙ୍କୁ କର ଦେଇ ଔପନିବେଶିକ କର୍ତ୍ତୃପକ୍ଷ ଭାବେ ସ୍ୱୀକାର କଲେ । ଇଂରେଜମାନଙ୍କୁ କର ଦେବାତ ଦୂରେ ଥାଉ, କୃଷ୍ଣଭଞ୍ଜ ଇଂରେଜ ମାନଙ୍କ ଅବମାନନା ପ୍ରଦର୍ଶନ କରିବା ଉପରନ୍ତେ ୨୩ଟି ସରକାରୀ ଗ୍ରାମ ଦଖଲ କଲେ । ବହୁ କଷ୍ଟରେ କୋଟସ୍‌ଫୋର୍ଡ ୧୩ଟି ଗ୍ରାମ ତାଙ୍କଠାରୁ ଫେରି ପାଇଲେ । କିନ୍ତୁ ଦଶଟି ଗ୍ରାମ କୃଷ୍ଣଭଞ୍ଜଙ୍କର କବଳରେ ରହିଲା । ସେ ଗୁଡିକୁ ମୁକ୍ତ କରିବା ପାଇଁ ଇଂରେଜମାନେ ନିରୁପାୟ ହେଲେ ।

୧୭୬୮, ଡିସେମ୍ବର ୧୭ ତାରିଖ ପ୍ରଭାତରେ ଆସାରେ ଚାରୋଟି ଇଂରେଜ ସୈନ୍ୟ କମାନୀ ବିଶ୍ୱଚକ୍ରରେ ପହଞ୍ଚି ରାଜାଙ୍କର ଦୁର୍ଗ ଆକ୍ରମଣ କଲେ । ରାଜାଙ୍କର ୬ରୁ ୭ଶହ ସୈନ୍ୟ ଦୁର୍ଗ ପ୍ରହରାରେ ଥାନ୍ତି । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ସେଥିରେ ଲେଫଟନାଣ୍ଟ ତଥା ବହୁତ ପାଇକ ନିହତ ହେଲେ । ଯଦିଚ ଇଂରେଜମାନେ ପ୍ରଥମେ ଦୁର୍ଗ ଦଖଲ କଲେ, କିନ୍ତୁ ପରେ ପରେ କୃଷ୍ଣଭଞ୍ଜଙ୍କର ସୈନ୍ୟମାନେ ଇଂରେଜମାନଙ୍କୁ ସେଠାରୁ ବିତାଡିତ କରି ପୁନରପି ଦୁର୍ଗ ଦଖଲ କଲେ । ମରାଠାମାନଙ୍କ ସହ କୃଷ୍ଣଭଞ୍ଜଙ୍କର ଗୁପ୍ତ ସଂପର୍କ ସ୍ଥାପନର ଆଶଙ୍କା କରି କୋଟସଫୋର୍ଡ ତାଙ୍କ ସହ ଏକ ମୈତ୍ରୀ ଚୁକ୍ତି ସଂପାଦନ କଲେ । ଫଳରେ ଉଭୟ ମୁକାବିଲା ବନ୍ଦ ହେଲା । କୃଷ୍ଣଭଞ୍ଜ କର ଦେବାକୁ ରାଜି ହେଲେ । କିନ୍ତୁ ପରେ ପରେ ୧୭୭୩ କରଭାର ଅତ୍ୟଧିକ ହୋଇଥିବା ଆଳକରି ସେ ଇଂରେଜୀମାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ ।

ସେ ପ୍ରଜାମାନଙ୍କୁ ମଧ୍ୟ ଇଂରେଜମାନଙ୍କ ବିରୁଦ୍ଧରେ ପ୍ରବର୍ତ୍ତାଇଲେ । କ୍ଷେତବାଡି ଓ ଘରଦ୍ୱାର ଛାଡି ପ୍ରଜାମାନେ ବଣ ଜଙ୍ଗଲମଧ୍ୟକୁ ପ୍ରବେଶ କଲେ । ଆଠଗଡ ରାଜାଙ୍କୁ ମଧ୍ୟ ଇଂରେଜମାନଙ୍କୁ କର ନଦେବା ପାଇଁ ସେ ପ୍ରବର୍ତ୍ତାଇଲେ । ଆଠଗଡ ରାଜାଙ୍କ ଶକ୍ତି ବଢେଇବା ପାଇଁ ସେ ୨ ହଜାର ଘୁମୁସର ସୈନ୍ୟଙ୍କୁ ଆଠଗଡ ପଠେଇଥିଲେ । ସମଗ୍ର ଗଞ୍ଜାମ ଜିଲ୍ଲାରେ ଇଂରେଜ ବିରୋଧୀ ଜନଜାଗରଣ ସୃଷ୍ଟି କରି ଦେଶମାତୃକାକୁ ବିଦେଶୀ ଶାସନ ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ସେ ଉଦ୍ୟମ କରିଥିଲେ । କିନ୍ତୁ ମୃତ୍ୟୁ ତାଙ୍କୁ ଏହି ଉଦ୍ୟମରୁ ବିରତ କରିଥିଲା । ୧୭୭୭ ଡିସେମ୍ବର ମାସରେ ସେ ଇହଲୀଳା ସମ୍ବରଣ କଲେ । ଜୀବନର ଶେଷ ମୁହୂର୍ତ୍ତ ଯାଏ, ସେ ଇଂରେଜ ଶାସନ ସହ ସାଲିସ୍ କରି ନଥିଲେ । ପ୍ରଥମେ ଫରାସୀ ଏବଂ ପରେ ଇଂରେଜମାନଙ୍କ ସହ ଉଭୟ ସଂଗ୍ରାମ ଚଳାଇ ଏବଂ ଦେଶମାତୃକାକୁ ସ୍ୱାଧୀନ କରିବାର ସ୍ୱପ୍ନ ଦେଖି ଭାରତର ସର୍ବ ପ୍ରଥମ ସ୍ୱାଧୀନତା ସଂଗ୍ରାମୀର ଅମ୍ଳାନ ଗୌରବ ଲାଭ କରିବାକୁ କୃଷ୍ଣଭଞ୍ଜ ଏକାନ୍ତ ଭାବେ ସମର୍ଥ ହୋଇଥିଲେ ବୋଲି କହିଲେ, ସତ୍ୟର ଆଦୌ ଅପଳାପ ହେବ ନାହିଁ ।

ପ୍ରାଧ୍ୟାପକ
ଭଞ୍ଜନଗର ମହା ବିଦ୍ୟାଳୟ,
ଭଞ୍ଜନଗର


Chhau Dance in the Baripada Palace



# ମୁଁ ଫାଶୀ ପରିବର୍ତ୍ତେ କିପରି ଦ୍ୱୀପାନ୍ତର ଦଣ୍ଡ ପାଇଲି

— ମଦନ ମୋହନ ମିଶ୍ର

ପ୍ରିୟ ପାଠକ ବୃନ୍ଦ !

ଉତ୍କଳ ପ୍ରସଙ୍ଗରେ ୧୯୮୩ ମସିହା ଅଗଷ୍ଟ ୧୫ ସଂଖ୍ୟାରେ "ରଣପୁରରେ ବେଜେଲ ଗେଟ୍ ହତ୍ୟା" ପ୍ରକାଶିତ ହୋଇଥିଲା । ୧୯୮୪ ମସିହା ଅଗଷ୍ଟ ୧୫ ସଂଖ୍ୟାରେ "ବେଜଲ୍‌ଗେଟ୍ ହତ୍ୟା ମୋକଦମାର ବିଚାର" ପ୍ରକାଶିତ ହୋଇ ସାରିଛି ।

'ବେଜଲଗେଟ୍ ହତ୍ୟା ମୋକଦମାର ବିଚାର' ବିଷୟଟି ଲେଖୁସାରି– ପରିଶେଷରେ ଜଣାଇ ଥିଲି ଉକ୍ତ ବିଚାରରେ ମୋତେ ଫାଶୀ ପରିବର୍ତ୍ତେ କିପରି ଏବଂ କାହିଁକି ଦ୍ୱୀପାନ୍ତର ଦଣ୍ଡ ଆଦେଶ ହେଲା ।

ଆପଣମାନେ ଜାଣିବାକୁ ନିଶ୍ଚୟ ଆଗ୍ରହୀ ହୋଇଥିବେ । ତେଣୁ ନିମ୍ନରେ ଜଣାଉଛି ।

ବେଜଲଗେଟ୍ ହତ୍ୟା ମୋକଦମାର ତଦନ୍ତ ପୋଲିସମାନଙ୍କ ଦ୍ୱାରା ଚାଲିଥାଏ । ରଘୁନାଥ ମହାନ୍ତି, ଦିବାକର ପରିଡା, ମଦନ ମୋହନ ଦାଶ, ମୁରଲିଧର ପଣ୍ଡା, ଦୟାନିଧି ପରିଡା ଏବଂ ଅନ୍ୟ କେତେ ଜଣଙ୍କ ନାମରେ ଭାରତ ଦଣ୍ଡବିଧି ଆଇନର ୩୦୨, ୩୦୪ ପ୍ରଭୃତି ଅନ୍ୟାନ୍ୟ କେତେକ ଦଫା ସହିତ ଓ୍ୱାରେଣ୍ଟ ହୋଇଥାଏ । ପୁଣି ଏମାନଙ୍କୁ ଧରି ଦେଲେ ୫୦୦ ଟଙ୍କା ଲେଖାଏଁ ପୁରସ୍କାର ପାଇବାର ପ୍ରଲୋଭନ ପୋଲିସ୍ ପକ୍ଷରୁ ପ୍ରଚାରିତ ହୋଇ ସାରିଥାଏ ।

ରଘୁନାଥ ମହାନ୍ତି ଓ ଦିବାକର ପରିଡା ଦୁହିଁଙ୍କୁ କେତେଜଣ ଟାଉଟର ଅର୍ଥଲୋଭରେ ଚେଷ୍ଟା କରି ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନ୍ ବେଗୁନିଆଁ ଥାନା ଅନ୍ତର୍ଗତ ଗୋଡ଼ିବିଲ ଗ୍ରାମରୁ ଧରାଇ ଦେଇଥିଲେ । କିନ୍ତୁ ସେମାନେ ଅର୍ଥ ପାଇବା ପରିବର୍ତ୍ତେ ଜନସାଧାରଣଙ୍କ ଦ୍ୱାରା ବେଷ୍ଟିତ ହୋଇ ବହୁ ହଇରାଣ ହୋଇଥିଲେ । ପୋଲିସମାନେ ପଦୋନ୍ନତି ଆଶାରେ ନିଜେ ଧରି ଥିବାର ପ୍ରମାଣ ଯୋଗାଡ଼ ଥିଲେ । କିନ୍ତୁ ମୁଁ ମଦନ ମୋହନ ଦାଶ, ମୁରଲିଧର ପଣ୍ଡା ଓ ଦୟାନିଧି ପରିଡା ଆମେ ତିନିଜଣ ଘର ଛାଡ଼ି ବ୍ରିଟିଶ ଏରିଆରେ ଲୁଚି ଛପି ରହି ଲୋକମାନଙ୍କଠାରୁ ଚାନ୍ଦା ଆଦାୟ କରି ମୋକଦମାରେ ଲଢ଼ିବା ପାଇଁ ଓକିଲମାନଙ୍କ ପାଖକୁ ପଠାଉ ଥାଉ । ପୋଲିସମାନଙ୍କର ତାଣ୍ଡବ ଲୀଳା କ୍ରମେ ଅବସାନ ହେବାର ଖବର ପାଇ ଆମେ ତିନି ଜଣଯାକ ପୁରୀ କଲେକ୍ଟରଙ୍କ କୋର୍ଟରେ ହାଜର ହେଲୁ । ଜଲେକ୍ଟର ଆମମାନଙ୍କୁ ପୁରୀ ଜେଲ୍‌ରେ ଦୁଇ ତିନିମାସ ରଖିଲେ । ସେତେବେଳେକୁ ପ୍ରଥମ ବିଚାର ଆରମ୍ଭ ହୋଇଯାଇଥାଏ । ଯଦି ଆମେ ତିନିଜଣ ଯାକ ପ୍ରଥମ ବିଚାର ବେଳେ ଉପସ୍ଥିତ ଥାନ୍ତୁ, ତାହାହେଲେ ଆମ ତିନିଜଣଙ୍କୁ ହେଉ– ନଚେତ୍ ମୋତେ ନିଶ୍ଚୟ ବିଚାରକ ସାହେବ ଫାଶୀ ଖୁଣ୍ଟରେ ଝୁଲାଇ ଥାନ୍ତେ । ପଛରେ ହାଜର ହୋଇ ସୁଦ୍ଧା ଆମ ଆସାମୀ ତରଫ ଓକିଲ ଦୀନବନ୍ଧୁବାବୁ କହିଲେ; ବୁଝିଲ ମଦନବାବୁ ତୁମେ ଯଦି କୋର୍ଟରେ ଉପସ୍ଥିତ ଥାନ୍ତ ତାହାହେଲେ ଫାଶୀ ତାଲିକାରେ ପ୍ରଥମେ ତୁମ ନାମଟି ଗୋଟା ଜର୍ ରଖିଥାନ୍ତା । କାରଣ ରଘୁ ଓ ଦିବାକର ଅପେକ୍ଷା ତୁମ ନାମରେ ଆଉ ଗୁଡ଼ାଏଟି ଅଧିକ ଲୋକ ସାକ୍ଷ୍ୟ ଦେଇଥିଲେ । ଏବଂ ତୁମେ ଢେଙ୍କାନାଳ ସତ୍ୟାଗ୍ରହରୁ ଫେରିବା ପରେ ତୁମର କେତେଜଣ ସାଙ୍ଗମାନଙ୍କ ସହ ଗୁପ୍ତ ପରାମର୍ଶ କରୁଥିଲ କିପରି ପୋଲିଟିକାଲ ଏଜେଣ୍ଟଙ୍କୁ ସୁବିଧାରେ ପାଇ ହତ୍ୟା କରିବା ।

ଆମ କଥାବାର୍ତ୍ତା ସମୟେ ରଣପୁର ଜେଲଖାନାର ଆଟ ଜେଲର୍ ଉପସ୍ଥିତ ଥାନ୍ତି । ସେ ମୋର ଜଣେ ସଂପର୍କୀୟ ଲୋକ । ଆଉମଧ୍ୟ ଓକିଲଙ୍କ ପାଖରେ ମୋର ପିତା ଉପସ୍ଥିତ ଥାନ୍ତି । ଦୀନବନ୍ଧୁ ବାବୁ ଓକିଲଙ୍କଠାରୁ ଏତକ ଶୁଣିବା ମାତ୍ରେ ମୋର ପିତା ଆଖିରୁ ଲୁହ ଗଡ଼ାଇ କହି ପକାଇଲେ; "ଓକିଲ ବାବୁ ଆପଣ ଚେଷ୍ଟା କରନ୍ତୁ; ଯଦି ମୋ ପୁଅକୁ ଫାଶୀରୁ ମୁକ୍ତ କରାଇ ଦେବେ; ତାହାହେଲେ ମୋର ସମସ୍ତ ସମ୍ପତ୍ତି ଆପଣଙ୍କ ନାମରେ ଲେଖିଦେବି ।" ଏହାଶୁଣି ମୁଁ କହିଲି ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୋର ଯଦି ସେତିକି ସୌଭାଗ୍ୟ ଥିବ, ତାହାହେଲେ ରଘୁ, ଦିବାକରଙ୍କ ସାଙ୍ଗରେ ଫାଶୀ ପାଉଛି । ଘରେ ଭାଇମାନେ ଅଛନ୍ତି ଆପଣଙ୍କ ସେବା ଶୁଶ୍ରୂଷା ପାଇଁ; ଦୁଃଖ କରୁଛନ୍ତି କାହିଁକି ?" ମୋଠାରୁ ଏତକ ଶୁଣି ମୋର ପିତା ଆହୁରି କାନ୍ଦିବାକୁ ଲାଗିଲେ, ଏବଂ ସେହି ଦିନ ଠାରୁ ଆପ୍ରାଣ ଚେଷ୍ଟା କରି ନିଜେ ଲାଗି ପଡ଼ିଲେ; କିପରି ମୋତେ ଫାଶୀରୁ ମୁକ୍ତ କରିବେ ।

ମୋର ପିତା ବୁଝାସୁଝା କରି ଜାଣି ପାରିଲେ, ଯେ ଆମର ମୋକଦମା ବିଚାର ପାଇଁ ଆସିଥିବା ବଙ୍ଗାଳି ଜଜ୍ ମିଃ ସେନ୍‌ଗୁପ୍ତ କାଳୁପଡ଼ା ଷ୍ଟେସନ୍ ନିକଟରେ ଥିବା ସରକାରୀ ଡାକ ବଙ୍ଗଳାରେ ରହନ୍ତି, ପ୍ରତିଦିନ ଦିବା ୧୦ଟାରେ କାର୍ ଯୋଗେ ରଣପୁରରେ ପହଞ୍ଚି ମୋକଦମା ବିଚାର କରି ପୁନର୍ବାର ୪ଟା ପରେ କାଳୁପଡ଼ା ଫେରି ଯାନ୍ତି । ସେଠାରେ ଜଜ୍‌ଙ୍କର ସ୍ତ୍ରୀ ପ୍ରଭୃତି ରହିଛନ୍ତି ।

ମୋର ପିତା ଏହି ଅବସରରେ ଦିନେ ଜଜ୍ ରଣପୁରରେ ଥିବା ଠାକୁରେ ଯାଇ ସେହି ଡାକବଙ୍ଗଳାରେ ପହଞ୍ଚି ଖୁବ୍ ପାଟିକରି କହିଲେ: "ସାହେବଙ୍କର ମଙ୍ଗଳ ହେଉ । ଜଗନ୍ନାଥ ଶୁଭ ଦୃଷ୍ଟିରେ ଦେଖୁଥାନ୍ତୁ ।"

ଏତକ ଶୁଣିବା ମାତ୍ରେ ଜଜ୍‌ଙ୍କର ସ୍ତ୍ରୀ ମୋର ପିତାଙ୍କ ନିକଟକୁ ଆସି ପଚାରିଲେ; "ଆପଣ କି ଜଗନ୍ନାଥଙ୍କର ପଣ୍ଡା ? ବାପା କହିଲେ, "ମୁଁ ଜଗନ୍ନାଥଙ୍କର ପଣ୍ଡା ନୁହେଁ । ଜଣେ ନୈଷ୍ଠିକ ବ୍ରାହ୍ମଣ ମାତ୍ର ।"

ଏତିକି ଶୁଣି ପିତାଙ୍କର ପାଦ ଛୁଇଁ ନମସ୍କାର କଲେ । ପୁଣି ପଚାରିଲେ; "ଆପଣି କି କାହିଁକି ଆସିଛନ୍ତି ?

ମୋର ପିତା କହିଲେ; "ମୁଁ ଦୁଇଦିନ ହେଲା ନଖାଇ ନ ପିଇ ବୁଲି ବୁଲି ଆପଣଙ୍କୁ ସାକ୍ଷାତ କରିବା ପାଇଁ ଆସିଛି "।

ତାପରେ ମେମ୍ କହିଲେ; "ପଣ୍ଡିତ୍‌ଜୀ; ପହିଲେ କିଛୁ ଖାଉନ୍, ତାପରେ ଅନ୍ୟ କଥା ।"

ପିତା କହିଲେ; "ମୁଁ ଯେଉଁ କାର୍ଯ୍ୟରେ ଆସିଛି ସେ କାମ ନ ହେବା ଯାଏ ମୋର ପ୍ରାଣବାୟୁ ଗୁଳିଯିବ ବରଂ ମୁଁ କିଛି ଖାଇବି ନାହିଁ ।"

ମେମ୍ କହିଲେ; "କି ଆଶ୍ଚର୍ଯ୍ୟ; "ପିତାଙ୍କ ଆଡକୁ ଦଶ ପନ୍ଦର ମିନିଟ୍ ଯାଏ ଚାହିଁଲେ; ତାପରେ କହିଲେ; "ଆପନାର କି କାଜ, ପ୍ରକାଶ କରୁନ୍ ।"

ପିତୃଦେବ ନିଜର ପଇତା ବାହାର କରି କହିଲେ; "ଆପଣ ଯଦି ମୋର ଏହି ପବିତ୍ର ପଇତା ଛୁଇଁ, ଜଗନ୍ନାଥ ମହାପ୍ରଭୁଙ୍କ ରାଣ ପକାଇ କହିବେ ଯେ, ମୋର କାମ ନିଶ୍ଚୟ କରିଦେବେ, ତାହାହେଲେ ମୁଁ ପ୍ରକାଶ କରିବି ।"

ଏଥର ମଧ୍ୟ ମେମ୍ ସାହେବା ଦଶ ପନ୍ଦର ମିନିଟ୍ ନୀରବ ରହି କହିଲେ, "ଆଚ୍ଛା ବାବା; ଆମି ଆପନାର ପବିତ୍ର ଜନେଉ ଛୁଇଁ, ଜଗନ୍ନାଥ ମହାପ୍ରଭୁର ଦୁହାଇ ଦେଇ ବଲୁଛେନ୍; ଆମି ଦ୍ୱାରାଏ ଯଦି ଆପନାର କାମ୍ ହୋଇବେ ପାରି, ତବେ ଆମି ନିଶ୍ଚୟ କରବ । ଆପନି ବୋଲୁନ୍ ।"

ଏହି ଅଭୟ ବାଣୀ ଶୁଣି ସାରି ପିତା କହିଲେ; "ଦେଖନ୍ତୁ ମୋର ପୁଅର ଓ ବୋହୂର ପ୍ରାଣ ଭିକ୍ଷା ପାଇଁ ମୁଁ ଆସିଛି । ମୋତେ ଦିଅନ୍ତୁ ।"

ଏଥର ମେମ୍ ସାହେବ ଆହୁରି ଆଶ୍ଚର୍ଯ୍ୟ ହୋଇ କହିଲେ; "ଘଟନା କି ? ସବ୍ ପରିଷ୍କାର ବଲୁନ୍– ଆମି ଚେଷ୍ଟା କରିବ ।"

ସାହେବ ମର୍ଡର କେସ୍‌ରେ ମୁଁ ମୁଦାଲା ଥିବା କଥା, ସବୁ ଆରମ୍ଭରୁ ଶେଷ ଯାଏ ବର୍ଣ୍ଣନା କରି କହିଗଲେ । ଶେଷରେ କହିଲେ "ବର୍ତ୍ତମାନ ପୁଅର ବୟସ ମାତ୍ର ୧୮ ବର୍ଷ । ତାର ସ୍ତ୍ରୀର ବୟସ ୧୬ ବର୍ଷ । ଏବେ ୬ମାସ ହେଲା ବୋହୂ ଆମ ଘରକୁ ଆସିଛି । ଆପଣତ ଜାଣନ୍ତି, ଆମ ବ୍ରାହ୍ମଣ ଘରେ ନିୟମ ଅଛି, ସ୍ତ୍ରୀ ବିଧବା ହେଲେ ଜୀବନ ସାରା ଆଉ ବିବାହ କରି ପାରିବ ନାହିଁ । ତେଣୁ ସାହେବ ଯଦି ପୁଅକୁ ଫାଶୀ କରନ୍ତି ବୋହୂ ତା ପଛେ ପଛେ ନିଶ୍ଚୟ ଆତ୍ମହତ୍ୟା କରିବ । ତେଣୁ ଦୁଇଜଣଙ୍କର ପ୍ରାଣ ଭିକ୍ଷା ମୋତେ ଦାନ କରନ୍ତୁ" । ଏତିକି କହିଦେଇ କାନ୍ଦିବାକୁ ଲାଗିଲେ ।

ଏ ସବୁ ଶୁଣି ସାରି ମେମ୍ ବହୁତ ବୁଝାଇ କହିଲେ; "ଦେଖୁନ୍, ପଣ୍ଡିତ୍‌ଜୀ– ଏ ସବ୍ ମାମଲାର କଥା । ତବେ ଆମି ସାହେବ କେ ବୁଝାଇବାର ଯତ୍ନ କରବ । ଅପନି ବର୍ତ୍ତମାନ ଭୋଜନ୍ କରୁନ୍ । ଆଉ ଦୋ ଚାର ଦିନ୍ ପରେ ଆପନି ଆସିବେନ୍, ଆମି ସ୍ପଷ୍ଟ କଥା ବୋଲିବ ।"

ତା'ପରେ ମେମ୍ ଜଳଖିଆ ଓ ଚା ପିତାଙ୍କୁ ଖାଇବାକୁ ଦେଲେ । ପିତା ଭୋଜନ ଶେଷ କରି, ମେମ୍ ସାହେବଙ୍କୁ ଏକ ଦୀର୍ଘ ଆଶୀର୍ବାଦ ଶୁଣାଇଲେ । ତା'ପରେ ମେମ୍ ଭୋଜନ୍ ଦକ୍ଷିଣା ସ୍ୱରୂପ ୨୫ ଟଙ୍କା ଆଣି ପିତାଙ୍କ ହାତରେ ଦେଲେ । କିନ୍ତୁ ମୋର ପିତା ସେ ଟଙ୍କା ଗ୍ରହଣ କରି ନଥିଲେ । ଶେଷରେ କହିଲେ; "ଆପଣ ମୋ ପୁଅକୁ ବଞ୍ଚାଇ ଦିଅନ୍ତୁ । ମୁଁ ବଞ୍ଚିଥିବା ଯାଏ, ସାହେବଙ୍କୁ ଓ ଆପଣଙ୍କୁ ଆହୁରି ଆପଣଙ୍କର ପିଲା, ପିଲିମାନଙ୍କୁ ଆଶୀର୍ବାଦ କରୁଥିବି । ସେତେବେଳକୁ ପ୍ରାୟ ଅପରାହ୍ନ ୩ଟା ହୋଇ ଯାଇଥାଏ । ମେମ୍ ସାହେବ କହିଲେ; "ଏବାର ଆପନି ଅପନାର ଘର ଯାଉନ୍ । ସାହେବ ଆସିବାର ସମୟ ହୋଇଚିଲ । ଆପନି ଏଖାନ୍ ଥାକିଲେ ଭାଲ ହବେନା "। ସେଦିନ ମୋର ପିତା ଘରକୁ ଫେରି ଆସିଲେ । ତା'ପରେ ୩ ଦିନ ଛାଡି ପୁରୀରୁ କିଛି ମହାପ୍ରସାଦ ଧରି କଲ୍ଲିପତା ଷ୍ଟେସନ୍‌ରେ ଓହ୍ଲାଇ ଦିନ ୧୨ଟା ବେଳେ ପୁଣି ଭେଟିଲେ ।

ମେମ୍ ମହାପ୍ରସାଦ ଦେଖି ବହୁତ ଖୁସି ହୋଇଗଲେ; କହିଲେ, "ଦେଖୁନ୍ ପଣ୍ଡିତ୍‌ଜୀ ଆପନି ଏବାର ଆମାର ଦାନ ଗ୍ରହଣ ନାକଲେ ଆପନାର ମହାପ୍ରସାଦ ଆମି ଗ୍ରହଣ କରିତେ ପାରି ନା ।"

ମୋର ପିତା କିଛି ଉତ୍ତର ନ ଦେଇ ମୌନ ରହିଥିଲେ ।

ତା'ପରେ ମେମ୍ କହିଲେ; "ଆମି ବହୁ ଚେଷ୍ଟା କରି ସାହେବକେ ବୁଝାଇଲା । ସାହେବ ବୋଲିଲ ମଦନ ମୋହନ ଦାଶକୋ ଖଲାସ କରିବାର ଉପାୟ ନଏ । ଆମି ଦେଖିବ – ଯଦି କିଛୁ ରାସ୍ତା ମିଳିଯାଏ ତ ଫାଶୀରେ ବାଞ୍ଚାଇବାର ଚେଷ୍ଟା କରବ ।"

ଏତକ ଶୁଣି ମୋର ପିତା ଧୈର୍ଯ୍ୟ ସହକାରେ ଫେରିଆସିବା ପାଇଁ ବିଦାୟ ମାଗିଲେ । ମେମ୍ ସାହେବ ସଙ୍ଗେ ସଙ୍ଗେ ପଚିଶ ଟଙ୍କା ଆଣି ପିତାଙ୍କୁ ଦେଇ ପାଦତଳେ ନମସ୍କାର କଲେ ।

ତହିଁ ଆରଦିନ ପିତା, ମୁଁ ଥିବା ରଣପୁର ଜେଲ୍‌କୁ ଯାଇ ସମସ୍ତ ଘଟଣା କହିଲେ । ମୁଁ ସବୁ ଶୁଣି ସାରି ମୋର ପିତାଙ୍କୁ କହିଲି, "ଆପଣ ବଡ ଭୁଲ୍ କଲେ । ତାହେଲେ ମୋତେ କ'ଣ ଫାଶୀ' ହେବ ନାହିଁ ? ରକ୍ତ–ଦିବାକରଙ୍କ ପାଖରେ ମୁଁ ମିଳିବି ନାହିଁ ? ହଉ ଈଶ୍ୱରଙ୍କର ଯାହା ଇଚ୍ଛା ତାହାହିଁ ହେବ ।"

ଠିକ୍ ଏ ଘଟଣାର ସାତ ଦିନ ପରେ ଜଜ୍ ରାଏ ଶୁଣାଇଲେ । ରାଏର ଶେଷ ଆଡକୁ ଶୁଣାଇଲେ ଯେ ମଦନ ମୋହନ ଦାଶ ଫାଶୀ ପାଇବା ଭଳି ସମସ୍ତ କାର୍ଯ୍ୟ କରିଅଛି । ଫାର୍ସୀ ଦେବା କଥା । କିନ୍ତୁ ବୟସ ମାତ୍ର ୧୮ ବର୍ଷ । ନାବାଳକ ଦୋଷ କଟି ନଥିବାରୁ ଫାଶୀ' ଦିଆ ନ ଯାଇ ଯାବତ୍‌ଜୀବନ୍ ଦୀପାନ୍ତର ଦଣ୍ଡାଦେଶ ଦିଆଗଲା ।"

କିନ୍ତୁ ହାୟ ! ମୋର ସ୍ୱର୍ଗୀୟ ପିତାଙ୍କର ଆପ୍ରାଣ ଚେଷ୍ଟାରେ ଫାଶୀରୁ ବଞ୍ଚିଗଲି ସତ୍ୟ ! ଦୀପାନ୍ତର ଦଣ୍ଡାଦେଶ ପରେ ପରେ ଆମମାନଙ୍କୁ କେଉଁଝର ଷ୍ଟେଟ୍‌ଜେଲ୍‌କୁ ନିଆଗଲା । ସେଠାରେ ଏକବର୍ଷ ରହିବା ପରେ ଘରୁ ପତ୍ର ପାଇଲି ମୋର ସ୍ତ୍ରୀ ଆତ୍ମହତ୍ୟା କଲେ । ଭାବିଲି କିଛିଦିନ ପାଇଁ ସେ ମୁକ୍ତି ଲାଭ କଲେ । ଏଣିକି ଦୁଃଶ୍ଚିନ୍ତାର ଭାର ଟିକିଏ ଲାଘବ ହେବ । କେଉଁଝର ଜେଲ୍‌ରେ ପ୍ରାୟ ତିନି ବର୍ଷ ବିତି ଯିବା ପରେ ଆମମାନଙ୍କୁ ମଧ୍ୟ ପ୍ରଦେଶ ଯଶପୁର ଷ୍ଟେଟ୍ ଜେଲ୍‌କୁ ନିଆଗଲା । ଯଶପୁର ଜେଲରେ ମାତ୍ର ଦୁଇ ମାସ ରହିବା ପରେ ମୋର ଭାଇଙ୍କ ପତ୍ର ପାଇଲି; ପିତା ଆମମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଶେଷ ଜୀବନରେ କେବଳ "ମଦନ, ମଦନ" କହି କହି ଶେଷ ନିଃଶ୍ୱାସ ତ୍ୟାଗକଲେ । ସେ ଚିଠିଟି ପଢିଦେଇ ଏକବାରେ ପଥର ପାଲଟି ଗଲି । ପୁଣି ଭାବିଲି ଈଶ୍ୱରଙ୍କର ପରୀକ୍ଷା ଶେଷ ହୋଇ ନାହିଁ । ମୋର ଯେଉଁ ପିତା ମୋତେ ବଞ୍ଚାଇବା ପାଇଁ ସମସ୍ତ ସମ୍ପତ୍ତି ବିକ୍ରୀ କରି ମୋକଦ୍ଦମାରେ ଲଢିଲେ, ଏବଂ ଶେଷରେ ମୋ ପାଇଁ ଜୀବନ ଭିକ୍ଷା ମାଗିଲେ ! ତାଙ୍କର ଶେଷ ମୁହୂର୍ତ୍ତରେ ଟିକିଏ ଦର୍ଶନ ପାଇବାର ସୁଯୋଗ ଭଗବାନ୍ ଦେଲେ ନାହିଁ । ଏ ସବୁ ଭାବି କାନ୍ଦି କାନ୍ଦି ଖୁବ୍ ଜୋରରେ ପାଟି କରି କହି ପକାଇଥିଲି –"ହେ ଭଗବାନ୍ ମୋତେ ଫାଶୀରୁ ବଞ୍ଚାଇ ଏପରି ଜୀବନ୍ତ ଦଗ୍ଧ କରୁଛ କାହିଁକି ?"

ମୋର ପାଟିରେ ଜେଲ୍ ଷ୍ଟାଫ୍ ଓ ଅନ୍ୟ ବନ୍ଦୀମାନେ ମୋ ପାଖରେ ଜମା ହୋଇ ଯାଇ– ସେମାନଙ୍କ ଭାଷାରେ କିଏ କ'ଣ କହିଲେ । ତାପରେ ସବୁ ନୀରବ ।

ଗ୍ରାମ/ପୋ: ନାଟିମା
ଭାୟା: ଗୋପାଳପୁର
ଜି: ପୁରୀ ।

# ସଂଗ୍ରାମୀ ମୁଷା ମଲ୍ଲିକ



ପ୍ରଫୁଲ୍ଲ କୁମାର ମଲ୍ଲିକ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏମୁଷା ମଲ୍ଲିକ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ବାଲିଗୋରଡ ଗ୍ରାମର ଏକ ସାଧାରଣ କୃଷକ ପରିବାରରେ ୧୯୦୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ଶଙ୍ଖାଳୀ ମଲ୍ଲିକ ମୁଷା ମଲ୍ଲିକଙ୍କୁ ୧୦ ବର୍ଷ ସମୟରେ ଗୃହ ତ୍ୟାଗ କରି ସନ୍ୟାସୀ ହୋଇ ଯାଇଥିଲେ । ତେଣୁ ଅଭାବ ଅସୁବିଧା ଯୋଗୁଁ ସେ ବିଶେଷ କିଛି ଶିକ୍ଷା ପାଇପାରି ନଥିଲେ ।

ସ୍ୱାଧୀନଚେତା ମୁଷା ମଲ୍ଲିକ ଢେଙ୍କାନାଳ ଅତ୍ୟାଚାର ଏବଂ ବ୍ରିଟିଶ୍ ସରକାର ବିରୁଦ୍ଧରେ ଢେଙ୍କାନାଳ ଗଡଜାତରେ ଗୁଳିଥିବା ପ୍ରଜାମଣ୍ଡଳ ଆନ୍ଦୋଳନରେ ସ୍ୱ ୧୯୩୮ ମସିହାରେ ନିଜକୁ ସାମିଲ୍ କଲେ । ସେ ପ୍ରଜାମଣ୍ଡଳ ନେତା ଶ୍ରୀ ବୈଷ୍ଣବ ପଟ୍ଟନାୟକ ଏବଂ ସ୍ୱର୍ଗତ ସୁବାହୁ ସିଂହଙ୍କର ନେତୃତ୍ୱରେ ଢେଙ୍କାନାଳ ଗଡଜାତ ଅଞ୍ଚଳରେ ବିଶେଷତଃ ମଡ଼ି ପରଜଙ୍ଗ ଓ ଭୁବନ ଅଞ୍ଚଳରେ ମୁଖ୍ୟ ଦାୟିତ୍ୱ ନେଇ ପ୍ରଜାମେଳା ସଂଗଠନ କରାଇଥିଲେ । ସେ ବିଶେଷ ଶିକ୍ଷା ପାଇନଥିଲେ ମଧ୍ୟ ଅନର୍ଗଳ ଭାଷଣ ଦେଇପାରୁଥିଲେ ଏବଂ ଲୋକଙ୍କୁ ଉତ୍ତେଜିତ ମଧ୍ୟ କରିପାରନ୍ତି ।

ସ୍ୱ ୧୯୪୨ ମସିହା ଅଗଷ୍ଟ ୧୨ ତାରିଖରେ ପ୍ରଜାମଣ୍ଡଳ ନିର୍ଦ୍ଦେଶ ପକାସୁଣାର ରଙ୍ଗ ଥଳୀରେ ସମସ୍ତ କର୍ମୀ ପହଞ୍ଚି କର ବା, ମର ( )ର ରକ୍ତ ଶପଥ ନେବେ । ମାତ୍ର ଠିକ୍ ତା'ର ପୂର୍ବଦିନ ସେ ରଙ୍ଗ ଥଳୀ ଯିବା ସମୟରେ ପୋଲିସ ତାଙ୍କୁ ଗିରଫ କରି ମଡ଼ି ଥାନାକୁ ନେଇଗଲେ । ବୀର ମୁଷା ମଲ୍ଲିକଙ୍କ ମନ ଛଟ ପଟ ହେଲା କିପରି ରଙ୍ଗଥଳୀରେ ହେଉଥିବା ପ୍ରଜାମଣ୍ଡଳ ସଭାରେ ଯୋଗ ଦେବେ । ଉପାୟ ପାଞ୍ଚିବାକୁ ଲାଗିଲେ । ହଠାତ୍ ପରିସ୍ରା ଯିବା ବାହାନାରେ ପୋଲିସ୍ ଦୁଇଜଣଙ୍କୁ ଧକ୍କା ମାରି ଥାନାକୁ ଲାଗିଥିବା ଜଙ୍ଗଲ ମଧ୍ୟରେ ଅଦୃଶ୍ୟ ହୋଇଗଲେ । ଘୋର ଜଙ୍ଗଲ ମଧ୍ୟରେ ମଡ଼ି ଥାନାରୁ ଶାଠିଏ କିଲୋମିଟର ଦୂର ରଙ୍ଗଥଳୀକୁ ଏକାକୀ ଦୌଡ଼ି ଦୌଡ଼ି ଯାଇ ସକାଳେ ପ୍ରଜାମଣ୍ଡଳ ସଭାରେ ଯୋଗଦେଲେ । ୧୩ ତାରିଖ ଦିନ ସଭା ଶେଷରେ ବୈଷ୍ଣବ ପଟ୍ଟନାୟକ ଓ ମୁଷା ମଲ୍ଲିକଙ୍କର ନେତୃତ୍ୱରେ ଗଠିତ ବାନର ବାହିନୀ ମଡ଼ି ଥାନା ଦଖଲ କଲେ । କଚେରୀ ପୋଡ଼ିଲେ ଏବଂ ମାଲଗୁଜାରୀ ଧାନ ଖମାର ଭାଙ୍ଗି ପ୍ରଜାଙ୍କର ମଧ୍ୟରେ ଧାନ ବାଣ୍ଟି ଦେଲେ । ତାହାର ଦୁଇ ଦିନ ପରେ ବ୍ରିନ୍ଦପୁର ଥାନା ଦଖଲ କରି ଥାନାକୁ ପୋଡ଼ିଦେଲେ । ଅଗଷ୍ଟ ୨୪ ତାରିଖ ଦିନ ପରଜଙ୍ଗ ଥାନାକୁ ଦଖଲ କରିବା ସମୟରେ ପୋଲିସ୍ ବାହିନୀ ସହିତ କଲାପଟା ଠାରେ ଯୁଦ୍ଧ ଆରମ୍ଭ ହୋଇଗଲା । ଘଟଣା ସ୍ଥଳରେ ଦୁଇଜଣ ଗୁଳି ମାଡରେ ମୃତ୍ୟୁ ବରଣ କଲେ । ବୈଷ୍ଣବ ପଟ୍ଟନାୟକଙ୍କର ହାତରେ ଏବଂ ମୁଷା ମଲ୍ଲିକଙ୍କ ଗୋଡରେ ଗୁଳି ମାଡ ବାଜିଲା । ତା'ପରେ ଥାଟ୍ର ସେନାପତିଙ୍କର ନିର୍ଦ୍ଦେଶରେ ଦଳଭାଙ୍ଗି ଦିଆଗଲା ଏବଂ ବିପ୍ଳବୀମାନେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଆତ୍ମଗୋପନ କରି କିଛି ଦିନ ଆନ୍ଦୋଳନ ଚଳାଇ ରଖିଲେ ।

ମୁଷାମଲ୍ଲିକଙ୍କୁ ଜୀବନରେ କିମ୍ବା ତାଙ୍କର ମୁଣ୍ଡ ଯେ ଆଣିଦେବ ହଜାରେ ଟଙ୍କା ପୁରସ୍କାର ପାଇବ ବୋଲି ରାଜା ଘୋଷଣା କରିଥାନ୍ତି । ଠିକ୍ ଏହି ସମୟରେ ଗୋଡରେ ଗୁଳି ବାଜିଥିବାରୁ ସେ ଶିବ୍ଲାପଣି ମନ୍ଦିରରେ ଆଶ୍ରୟ ନେଇ ଥାଆନ୍ତି । ଉକ୍ତ ମନ୍ଦିରର ମାଳୀ ଟଙ୍କା ଲୋଭରେ ତାଙ୍କୁ ଧରାଇ ଦେଲା । ସେ ବନ୍ଦୀ ହେଲେ ଏବଂ ବିଚାରରେ ତାଙ୍କପ୍ରତି ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡ ଆଦେଶ ହେଲା । ଢେଙ୍କାନାଳ ଜେଲରେ ନିର୍ଜନ କାରାଗାର ( )ରେ ରହିବା ସମୟରେ ତାଙ୍କ ଉପରେ ବହୁତ ଅମାନୁଷିକ ଅତ୍ୟାଚାର ହେଲା । ତଥାପି ସେ କେବେହେଲେ ନିଜ ମତରୁ ବିଚ୍ୟୁତ ହେଲେ ନାହିଁ । ଢେଙ୍କାନାଳର ରାଜା ଏହି ସମୟରେ ବହୁତ ଜମିବାଡ଼ି ଧନସମ୍ପତ୍ତି ଦେବାର ଲୋଭ ଦେଖାଇଥିଲେ ମଧ୍ୟ ସେ ସେଥିରେ ଭୁଲି ନଥିଲେ । ସେ ଶେଷରେ ୩୦-୯-୧୯୪୬ ତାରିଖରେ ଫାଶୀ ଅର୍ଡରରୁ ରକ୍ଷାପାଇ ଜେଲରୁ ଖଲାସ୍ ହୋଇଥିଲେ ।

ମୁଷା ମଲ୍ଲିକ ନିଜର ଧର୍ମ ପତ୍ନୀଙ୍କଠାରୁ ବିଦାୟ ନେଇ ଦେଶକୁ ସ୍ୱାଧୀନ କରିବା ପାଇଁ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେ ଏତେ ଉଚ୍ଚମନା ଓ ଖୋଲା ହୃଦୟର ଲୋକ ଥିଲେଯେ ସଂଗ୍ରାମରେ ଯୋଗଦେବା ପୂର୍ବରୁ ନିଜର ସ୍ତ୍ରୀଙ୍କୁ ବୁଝାଇ ଶୁଝାଇ ଅନ୍ୟତ୍ର ବିବାହ କରାଇ ଦେଇଥିଲେ ।

ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇ ଥିବାରୁ ତାଙ୍କର ଘରବାଡ଼ି ସବୁ ଭାଙ୍ଗି ନିଲାମ କରି ଦିଆଯାଇଥିଲା ।

ସ୍ୱାଧୀନତା ପରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ କୌଣସି କ୍ଷମତା ଲୋଭ ନରଖି ସାଧୁତାର ସହିତ ନିରବଚ୍ଛିନ୍ନ ଭାବରେ କଂଗ୍ରେସ ଦଳରେ ରହି ଦେଶର ଓ ଜାତିର ସେବା କରି ଚାଲିଥିଲେ ।

ସେ ଅତ୍ୟନ୍ତ ସ୍ପଷ୍ଟବାଦୀ ନିର୍ଭୀକ ଓ ସ୍ୱାଧୀନ ଥିବାରୁ ଚିକାର ଓ ଦୁର୍ନୀତି ଗ୍ରସ୍ତ କର୍ମଚାରୀମାନେ ତାହାଙ୍କୁ ବହୁତ ଭୟ କରୁଥିଲେ ।

ସମ୍ବଲପୁରରେ ୧୯୫୪ ମସିହାରେ କଂଗ୍ରେସ ଦଳର ଏକ ସଭା ହୋଇଥାଏ । ଏ ସଭାରେ ପଣ୍ଡିତ ଜବାହାରଲାଲ ନେହେରୁ ଯୋଗ ଦେଇଥାନ୍ତି । ମୁଷା ମଲ୍ଲିକ ନିର୍ଭୀକ ଭାବରେ ଦେଶରେ ହେଉଥିବା ଦୁର୍ନୀତି ଓ ସ୍ୱାର୍ଥପରତି ଶୋଷଣ ବିରୁଦ୍ଧରେ କଟୁ ସମାଲୋଚନା କରି ଉପସ୍ଥିତ ପ୍ରତିନିଧିମାନଙ୍କୁ ଚକିତ କରି ପକାଇଥିଲେ ।

ସ୍ୱାଧୀନତା ପରେ ତାଙ୍କର ରାଜନୈତିକ ଗୁରୁ ସୁବାହୁ ସିଂହ କାମାକ୍ଷାନଗରର ଏମ୍.ଏଲ୍.ଏ. ଥାଆନ୍ତି । ସେ ତାଙ୍କ ସହିତ ଶଗଡ ଗାଡ଼ିରେ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗ୍ରାମକୁ ଯାଇ ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ବହିରୋଇ ବୁଝି ସମାଧାନ କରନ୍ତି । ସେ କାମାକ୍ଷାନଗରର ରାସ୍ତା ଘାଟ ଓ ଶିକ୍ଷାର ଉନ୍ନତି ପାଇଁ ବହୁତ କିଛି କରିଛନ୍ତି । କୃଷିର ଉନ୍ନତି ପାଇଁ ରାମିଆଳ ନଦୀର ଦୁଇପଟେ ହୋଇଥିବା ମାନବନ୍ଧ ତାଙ୍କର ଆନ୍ଦୋଳନ ଯୋଗୁଁ ସମ୍ଭବପର ।

ସେ ସନ୍ ୧୯୬୦ରେ ରାମିଆଳ ଓ ବ୍ରାହ୍ମଣୀ ନଦୀ ବଢ଼ି ଦ୍ୱାରା ହୋଇଥିବା କ୍ଷତିଗ୍ରସ୍ତ ଗାଁକୁ ଡଙ୍ଗାରେ ଯାଇ ଚୁଡ଼ା, ଗୁଡ଼, ଲୁଗାପଟା ବାଣ୍ଟି ଫେରିଆସି ଅସୁସ୍ଥ ହୋଇପଡ଼ିଲେ ଏବଂ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ ସନ୍ ୧୯୬୧ ମସିହା ମେ ମାସ ୧୯ ତାରିଖରେ ମୃତ୍ୟୁ ବରଣ କରିଥିଲେ ।



[illegible]

# ମୁଁ ଉଦାମ ସିଂ କହୁଛି



ହେମନ୍ତ ଦାସ

**ମୁଁ** ଉଦାମ ସିଂ କହୁଛି—

ଦିନେ ମୁଁ ମୋର ସାନଭାଇ ସାଧୁ ସିଂକୁ ନେଇ ଦ୍ୱାର ଦ୍ୱାର ବୁଲି ଭିକ ମାଗୁଥିଲି । ଶେଷରେ ସେତକ ମଧ୍ୟ ମୋତେ ମିଳିଲା ନାହିଁ । ତେଣୁ ପୁତିଲିଘରର ଅନାଥାଶ୍ରମରେ ଦୁଇଭାଇ ଯାକ କାଳ କାଟିଲୁ । ସେତେବେଳକୁ ମୋତେ ମାତ୍ର ସାତବର୍ଷ । ଧୀରେ ଧୀରେ ଦୁଇଭାଇ ବଡ଼ ହେଲୁ । ମୋତେ ଊଣେଇଶି ବର୍ଷ ଯେଉଁ ଦିନ ପୂରିଲା ଠିକ୍ ତା'ପର ଦିନ ମୋ ରାଜ୍ୟରେ ବିଦେଶୀ ଇଂରେଜ ଶାସକମାନେ ଗୋଟିଏ ନରମେଧ ଯଜ୍ଞ କରିଦେଲେ ।

ଓଃ ! କି ବିଭତ୍ସ ସେ ଦୃଶ୍ୟ ! ମୁଁ ନିଜେ ସେହି ରୋମାଞ୍ଚକାରୀ ଦୃଶ୍ୟ ଦେଖି ହତାହତ ହୋଇ ଯାଉଥିଲି । ସେଦିନଟି ଥିଲା ୧୯୧୯ ମସିହା ଅପ୍ରେଲ ତେର ତାରିଖ ରବିବାର । ବୈଶାଖୀ ପୂର୍ଣ୍ଣିମା ମୋ ରାଜ୍ୟବାସୀଙ୍କର ଏକ ପବିତ୍ର ଦିବସ । ସେହି ପବିତ୍ର ଦିବସରେ ମୋ ଭାଇ ଭଉଣୀମାନଙ୍କୁ ନିର୍ମମଭାବେ ହତ୍ୟା କରାଗଲା । ଆଉ ଏହି ହତ୍ୟାକାଣ୍ଡର ମୁଖ୍ୟ କର୍ଣ୍ଣଧାର ଥିଲେ ବ୍ରିଗେଡ଼ିୟର ଜେନେରାଲ ଆର୍.ଇ.ଏଚ୍. ଡାୟାର୍ । ଏହି ନରହନ୍ତା ସେନାଧ୍ୟକ୍ଷ ଏହି ଭାରତ ମାଟିରେ ଜନ୍ମ ହୋଇଥିଲା କିନ୍ତୁ ନିମିଷକ ମଧ୍ୟରେ ଶ୍ୱେତାଙ୍ଗ ନରହନ୍ତା ମୋ ଦେଶର ହଜାର ହଜାର ଲୋକଙ୍କୁ ଗୁଳିମାରି ଖତମ୍ କରିଦେଲା । ଧନ୍ୟ ତାର ବିବେକ !

ଜାଲିଅାନାୱାଲାବାଗ ମଧ୍ୟରେ ସେଦିନ ଯେଉଁ ନରସଂହାର ହୋଇଥିଲା ତାକୁ ସମର୍ଥନ କରିଥିଲେ ପଞ୍ଜାବର ତତ୍କାଳୀନ ଗଭର୍ଣ୍ଣର ସାର୍ ମାଇକେଲ୍ ଓ ଡାୟାର । ସେ ଜୁଆରେ କହିଥିଲେ— "ନରହତ୍ୟା କାର୍ଯ୍ୟ ପୁରାପୁରି ଠିକ୍" । ଧନ୍ୟ ଇଂରେଜ ଶାସକ ! ଧନ୍ୟ ତୁମ ବୁଦ୍ଧି ବିବେକ !!

୧୯୨୧ ମସିହା ବେଳକୁ ଜେନେରାଲ ଆର୍.ଇ.ଏଚ୍. ଡାୟାର ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲା । କେବଳ ବଞ୍ଚି ରହିଲା ମୋର ରାଜ୍ୟର ଭୂତପୂର୍ବ ଗଭର୍ଣ୍ଣର ଜେନେରାଲ୍ ସାର୍ ମାଇକେଲ ଓ ଡାୟାର । ଦିନେ ସେହି ଭୂତ ନରହତ୍ୟାକୁ ସମର୍ଥନ କରିଥିଲା । ଆଜି ସେ କାର୍ଯ୍ୟରୁ ଅବସର ନେଇ ଇଂଲଣ୍ଡ ଚାଲିଯାଇଛି । ବୋଧହୁଏ ମନେ ମନେ ଭାବୁଥିଲା— ମୋ ଦେଶବାସୀଙ୍କୁ ମାରି ସେ ସବୁ କାମ ଶେଷ କରି ପାରିଛି । ମନରେ ତା'ର ଭାରି ଗର୍ବ ।

ମୁଁ ତାକୁ ଛାଡ଼ିଲି ନାହିଁ । ଗୋଟାଏ ନରହନ୍ତା ପିଶାଚରେ ଫାଏସଲା ଦରକାର । ସେଥିଲାଗି ମୁଁ ପ୍ରସ୍ତୁତ ହେଲି । ମୋ ବୟସ ସେତେବେଳକୁ କୋଡ଼ିଏ ସେପଟେ । ହାତରେ ଧନ ନାହିଁ । ତଥାପି ଡାୟାରକୁ ଖତମ୍ କରିଦେବାକୁ ପଡ଼ିବ, ବଦଲା ନେବାକୁ ପଡ଼ିବ ।

ପୁନର୍ବାର ମୁଁ ଗାଁ ଗଣ୍ଡା, ସାହି ପଡ଼ିଶା ବୁଲି ଭିକ ମାଗିଲି । ସେହି ପଇସା ନେଇ ମୁଁ ଲଣ୍ଡନ ଗଲି । ଗୋଟିଏ ଶକ୍ତିଶାଳୀ ରିଭଲ୍‌ଭର୍ କିଣିଲି ? ମୋର ପ୍ରିୟ ବନ୍ଧୁକକୁ ମୁଁ ନିତିଦିନ ସଫା କରୁଥିଲି ଆଉ ଚୁମା ଦେଉଥିଲି । କାଳେ ବ୍ରିଟିଶ୍ ପୋଲିସ ମୋତେ ଗ୍ରେପାର କରିନେବ ସେଥିଲାଗି ମୁଁ ମୋର ନାମ ବାରମ୍ବାର ପରିବର୍ତ୍ତନ କରୁଥିଲି । ସେହି ସବୁ ନାଁ ଗୁଡ଼ିକ ହେଲା— ଶେର୍ ସିଂ, ଉଦେ ସିଂ, ଫ୍ରାଙ୍କ୍ ବ୍ରାଜିଲ୍...

ଦୀର୍ଘ ଏକୋଇଶି ବର୍ଷ । ଗୋଟାଏ ଯୁଗ । ଜାଲିଅାନାୱାଲାବାଗ୍‌ର ଆଘାତ ସୃଷ୍ଟି ହେଲା ଇଂଲଣ୍ଡର କ୍ୟାକ୍ସଟନ୍ ହଲ ଭିତରେ । ସେଦିନ ନରହନ୍ତା ମାଇକେଲ ଓ ଡାୟାର ମୋ ଦେଶବାସୀଙ୍କ କୁତ୍ସାରଟନା କରି ଏହି ହଲ୍ ଭିତରେ ଭାଷଣ ଦେଉଥିଲା । ମୁଁ କାଳବିଳମ୍ବ ନକରି ଦେଇମାଲ୍‌ଟାକୁ ଗୋଟିଏ ଗୁଳିରେ ଖତମ୍ କରିଦେଲି । କ୍ୟାକ୍ସଟନ ହଲ ଭିତରେ ହୈ-ଚୈ ସୃଷ୍ଟି ହେଲା । ମୁଁ ଗୋଟାଏ ଚେୟାର ଉପରେ ଉଠି, ଠିଆ ହୋଇ କହୁଥିଲି— ମାଇକେଲ୍ ଡାୟାରକୁ ମୁଁ ମାରିଛି... ମୁଁ ମାରିଛି ।

ବ୍ରିଟିଶ୍ ପୋଲିସ ମୋତେ ଗ୍ରେପାର୍ କଲା । ବିଗ୍ରହପତି ମୋତେ ପଚାରିଲେ— ତୁମେ ଉଦାମ ସିଂ ?

ମୁଁ କହିଲି— ନା ! ନା ! ମୁଁ ଉଦାମ ସିଂ ନୁହେଁ । ମୋ ନାଁ ରାମ-ମହମ୍ମଦ-ସିଂ ଆଜାଦ୍ !

ରାମ ହିନ୍ଦୁ ଭାଇମାନଙ୍କ ଲାଗି, ମହମ୍ମଦ ମୋର ମୁସଲମାନ ବଂଶଧରଙ୍କ ଲାଗି, ସିଂ ଶିଖ୍‌ମାନଙ୍କ ଲାଗି ଆଉ ଆଜାଦ୍ ଆଜାଦ୍ ହିନ୍ଦୁସ୍ଥାନ ଲାଗି ଉଦିଷ୍ଟ । ଗୋରା ଜଜ୍ ହକାବକା ପଡ଼ିଗଲା । ମୋତେ କହିଲା— ତୁମେ ଭୂତପୂର୍ବ ଗଭର୍ଣ୍ଣର ମାଇକେଲ ଓ ଡାୟାରକୁ ମାରିଛ ?

ମୁଁ କହିଲି— ହଁ ! ମୁଁ ମାରିଛି ?

ରାଗି ଉଠି ଜଜ୍ କହିଲା— କାହିଁକି ??

ମୁଁ ମଧ୍ୟ ଜବାବ୍ ଦେଲି– ଶୁଣ ଜଜ୍ ସାହେବ । ଦୀର୍ଘ ଏକୋଇଶି ବର୍ଷ ଧରି ମୁଁ ସେଇ ନରହତ୍ୟାକୁ ଖୋଜୁଥିଲି । କାରଣ ମୋର 'ତା' ଉପରେ ରାଗ ଥିଲା । ସେ ମୋ ଜାତିଟାକୁ ଶେଷ କରିଦେବାକୁ ଚେଷ୍ଟା କରିଥିଲା । ମୁଁ ଆଜି ତାକୁ ଖୁନ୍ କରି ବହୁତ ଖୁସି ।

ଜଜ୍ ଆଉ କିଛି କହି ପାରିଲେନି । ମୋ କଥା ଶୁଣି ସେ ନୀରବ ରହିଲେ । କିଛି ସମୟପରେ ମୋତେ ଫାଶି ଦଣ୍ଡ ଦେବାକୁ ଘୋଷଣା କରିଦେଲେ ।


ଫାଶିଦଣ୍ଡ ଆଦେଶ ପାଇବା ପରେ ମୁଁ ଆହୁରି ଖୁସିହେଲି । କାରଣ ଯିଏ ମୋ ଜାତିଟାକୁ ନିଃଶେଷ କରିଦେବାକୁ ବସିଥିଲା ମୁଁ ଏଇ ହାତରେ ତାକୁ ମାରିପାରିଛି ସେଥିଲାଗି ନିଜକୁ ବାହାବା ଦେଉଥିଲି ।

ଗ୍ରାମ–ସରାଟ, ପୋ–ତଣାହଟା
ଜି–ପୁରୀ, ପିନ୍–୭୫୨୧୦୨



ନଶ୍ରେଣୀଙ୍କ ମାନଙ୍କ ଦ୍ୱାରା ଗୋ-ଚିକିତ୍ସା

# ଅଗଷ୍ଟ ବିପ୍ଳବର ଅନ୍ୟ ଏକ ଦିଗ



ଶ୍ରୀ ବାଙ୍କ ବହାରୀ ଦାସ

ପୃଥିବୀରେ ଯେତେ ସ୍ୱାଧୀନତା ସଂଗ୍ରାମ ହୋଇଛି, ଭାରତଛାଡ଼ ଆନ୍ଦୋଳନ ତାହାର ଏକ ବ୍ୟତିକ୍ରମ । ଏପରି କି ଗାନ୍ଧିଜୀ ଓ ଜାତୀୟ କଂଗ୍ରେସର ନେତୃତ୍ୱରେ ୧୯୨୧ ଓ ୧୯୩୧ ମସିହାରେ ଦୁଇଥର ଆନ୍ଦୋଳନ ବ୍ୟାପକ ଭାବରେ ହୋଇଥିଲେ ହେଁ ଭାରତଛାଡ଼ ଆନ୍ଦୋଳନ ସହିତ ତାହାକୁ ତୁଳନା କରି ହେବ ନାହିଁ । ଏକ ନେତୃତ୍ୱବିହୀନ ସ୍ୱତଃସ୍ଫୂର୍ତ୍ତ ଗଣ ଆନ୍ଦୋଳନ ହେଉଛି ଅଗଷ୍ଟ ବିପ୍ଳବ ।

୧୯୪୨ ମସିହା ଅଗଷ୍ଟ ୯ ତାରିଖ ସକାଳ ହେବା ପୂର୍ବରୁ ଗାନ୍ଧିଜୀଙ୍କଠାରୁ ଆରମ୍ଭକରି କଂଗ୍ରେସ କାର୍ଯ୍ୟକାରୀ କମିଟି ସଭ୍ୟମାନେ ଓ ଅନ୍ୟ ନେତୃବୃନ୍ଦ ଗିରଫ ହୋଇଗଲେ । ବମ୍ବେ କଂଗ୍ରେସ ଅଧିବେଶନରୁ ଅନ୍ୟ ଯେଉଁମାନେ ନିଜ ନିଜ ରାଜ୍ୟକୁ ଫେରି ଆସିଲେ, ସେମାନଙ୍କୁ ବାଟରେ ବା ଘରେ ପହଞ୍ଚିଲାକ୍ଷଣି ଗିରଫ କରି ନିଆଗଲା । ଯେଉଁ କେତେଜଣ ଜାଣିଶୁଣି ଗିରଫ ଏଡ଼ାଇ ଗୁପ୍ତ ସଙ୍ଗଠନ କଲେ, ଆନ୍ଦୋଳନକୁ ଚଳୁ ରଖିବା ପାଇଁ, ସେଇ କେତେଜଣଙ୍କୁ ଛାଡ଼ିଦେଲେ କୌଣସି ସ୍ଥାନୀୟ ପ୍ରତିଷ୍ଠିତ ନେତାଙ୍କୁ ବ୍ରିଟିଶ ସରକାର ପଦାରେ ରହିବାକୁ ଦେଇନାହିଁ ।

ଏହାସତ୍ତ୍ୱେ ସାରା ଭାରତବର୍ଷରେ ଆହିମାଳୟ କୁମାରିକା ଏକ ଗଣ ବିଦ୍ରୋହ ସଙ୍ଗଠିତ ହେଲା । ଐତିହାସିକ ଅଗଷ୍ଟ ପ୍ରସ୍ତାବ ବା ଭାରତଛାଡ଼ ପ୍ରସ୍ତାବରେ ଏକ ଅନ୍ତିମ ସଂଗ୍ରାମ ପାଇଁ କଂଗ୍ରେସଦଳ ଗାନ୍ଧିଜୀଙ୍କୁ ଦାୟିତ୍ୱ ଦେଇଥିଲା । ସେହି ପ୍ରସ୍ତାବ ଉପରେ ଭାଷଣ ଦେଲାବେଳେ ଗାନ୍ଧିଜୀ କେବେ ଆନ୍ଦୋଳନ ହେବ ଏବଂ ଆନ୍ଦୋଳନର ରୂପରେଖ କ'ଣ ହେବ, ତାହାର ଆଭାସ ମଧ୍ୟ ଦେଇ ନ ଥିଲେ । ଶତ୍ରୁ ବା ବିରୋଧୀ ପକ୍ଷକୁ ନ ଜଣାଇ ଅହିଂସା ସଂଗ୍ରାମ ହୁଅନ୍ତା ବା କିପରି ? ସେଥିପାଇଁ ତାଙ୍କ ଭାଷଣରୁ ଆଭାସ ମିଳିଥିଲା ଯେ ସେ ବ୍ରିଟିଶ ସରକାର ସଙ୍ଗରେ ଶେଷ ଆଲୋଚନା କରିବେ ଏବଂ ତା'ପରେ ଆନ୍ଦୋଳନ ପାଇଁ ଆହ୍ୱାନ ଦେବେ ।

ଏପରି ପ୍ରସ୍ତୁତି ପାଇଁ ଇଂରେଜ ସରକାର କଂଗ୍ରେସକୁ ଓ ଗାନ୍ଧିଜୀଙ୍କୁ ସୁଯୋଗ ଦେଲାନାହିଁ । ଅପ୍ରତ୍ୟାଶିତ ଭାବରେ ସମସ୍ତଙ୍କୁ ଗିରଫ କରି ନିଆଗଲା । ଭାବିଥିଲେ ବିନା ପ୍ରସ୍ତୁତିରେ ଓ ନେତୃତ୍ୱ ବିହୀନ ଭାରତବାସୀ ଭୟଭୀତ ହୋଇଯିବ । କୌଣସି ଦୃଢ଼ ପଦକ୍ଷେପ ନେଇ ପାରିବନାହିଁ । କିନ୍ତୁ ତା ହୁଅନ୍ତା କିପରି ? ବ୍ୟକ୍ତିଗତ ସତ୍ୟାଗ୍ରହ ବେଳଠୁଁ ୧୯୪୨ ମସିହା ବମ୍ବେ କଂଗ୍ରେସ ଅଧିବେଶନ ପର୍ଯ୍ୟନ୍ତ ଗାନ୍ଧିଜୀ ଭାରତବାସୀଙ୍କର ଏକ ବିରାଟ ଗଣ ଆନ୍ଦୋଳନ ପାଇଁ ମାନସିକ ପ୍ରସ୍ତୁତିକରି ଆସୁଥାଆନ୍ତି । ୟୁରୋପରେ ଫ୍ୟାସିଷ୍ଟ ଶକ୍ତି (ଜର୍ମାନୀ, ଇଟାଲି ପ୍ରମୁଖ) ଓ ଅନ୍ୟ ଶକ୍ତିଙ୍କ (ଇଂଲଣ୍ଡ, ଆମେରିକା ପ୍ରମୁଖ) ମଧ୍ୟରେ ଯେଉଁ ଯୁଦ୍ଧ ପ୍ରବଳ ଭାବରେ ଆରମ୍ଭ ହୋଇଥାଏ, ସେଥିରେ କେତେକ କଂଗ୍ରେସ ନେତୃବୃନ୍ଦଙ୍କର ଏକ ଗଣ ସଂଗ୍ରାମ ପାଇଁ ମତଭେଦ ଥାଏ । ବିଶେଷତଃ

ହିଟଲର, ସୋଭିଏତ୍ ରୁଷିଆ ଆକ୍ରମଣ କଲାପରେ ଏହି ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଇଲା । କମ୍ୟୁନିଷ୍ଟମାନେ ସିନା ଜନଯୁଦ୍ଧ ଆଖ୍ୟାଦେଇ ରୁଷର ବନ୍ଧୁ ଇଂଲଣ୍ଡ ଦେଶକୁ କୌଣସିମତେ ହଇରାଣ କରିବାକୁ ଚାହିଁଲେ ନାହିଁ, କିନ୍ତୁ ଜର୍ମାନୀ, ଇଟାଲି ଓ ଜାପାନ ପ୍ରମୁଖଙ୍କ ଫ୍ୟାସିଷ୍ଟ ମେଣ୍ଟର ପରାଜୟ ଚାହୁଁ ନ ଥିବା ବହୁ କଂଗ୍ରେସ ନେତା ମଧ୍ୟ ସେ ସମୟରେ ଇଂରେଜ ସରକାରଙ୍କୁ ହଇରାଣ ଓ ଅପଦସ୍ତ କରିବାକୁ ଦ୍ୱିଧାଭାବ ଦେଖାଉଥିଲେ । ତେଣୁ କଂଗ୍ରେସ ଦଳକୁ ଏକମୁଖୀ କରି ଏକ ସଂଗ୍ରାମ କରିବାକୁ ଗାନ୍ଧିଜୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା ।

ଗାନ୍ଧିଜୀ ସିନା ସଂଗ୍ରାମର ଡାକରା ଦେଇ ନ ଥିଲେ ବା କାର୍ଯ୍ୟକ୍ରମର ରୂପରେଖ ଦେଶବାସୀଙ୍କ ଆଗରେ ଥୋଇ ନ ଥିଲେ, କିନ୍ତୁ ଏକ ବିରାଟ ଓ ଅନ୍ତିମ ସଂଗ୍ରାମ ପାଇଁ ଦେଶବାସୀଙ୍କ ମାନସିକ ପ୍ରସ୍ତୁତି କରି ପାରିଥିଲେ । ଏକ ଅନୁକୂଳ ବାତାବରଣ ଯେ ସୃଷ୍ଟି ହୋଇ ସାରିଥିଲା, ଏଥିରେ ସନ୍ଦେହ ନାହିଁ ।

ଅଗଷ୍ଟ ୯ ତାରିଖ ଭୋରବେଳା ଗାନ୍ଧିଜୀ ଓ କାର୍ଯ୍ୟକାରୀ କମିଟିର ସଭ୍ୟମାନେ ଗିରଫ ହୋଇଗଲେ । ଏ ଖବର ବିଦ୍ୟୁତ ବେଗରେ ପ୍ରସାରିତ ହୋଇଗଲା । ବମ୍ବେ ସହରରେ

ଗଣ ବିଦ୍ରୋହ ଆରମ୍ଭ ହୋଇଗଲା ଓ ସମ୍ବାଦ ଅନ୍ୟତ୍ର ବ୍ୟାପିବା ସଙ୍ଗେ ସଙ୍ଗେ ସେଠାରେ ମଧ୍ୟ ରାଜନୈତିକ ଭୂକମ୍ପ ଆରମ୍ଭ ହୋଇଗଲା । ସରକାରକୁ ଅଚଳ କରିବାକୁ ଯେଉଁଠି ଯିଏ ଯାହା ଭାବିଲା, ତାହା କରିଦେଇଗଲା । ତେଣୁ ଅହିଂସାତ୍ମକ ଆନ୍ଦୋଳନ ଠାଏ ଠାଏ ହିଂସାତ୍ମକ ଆନ୍ଦୋଳନରେ ମଧ୍ୟ ପରିଣତ ହେଲା । ସବୁ ପ୍ରକାର ଦମନ ମୂଳକ ବ୍ୟବସ୍ଥା ଗ୍ରହଣ କରେହେଁ ଆନ୍ଦୋଳନକୁ ବନ୍ଦ କରିବା ଇଂରେଜ ସରକାର ପକ୍ଷରେ ସମ୍ଭବ ହେଲାନାହିଁ । ଏକ ନେତୃତ୍ୱ ବିହୀନ ଜାତି ଯେ, ନିଶ୍ଚେଷ୍ଟ ରହିନପାରେ, ତାହା ଭାରତବାସୀ ଦେଖାଇ ଦେଲେ ।

ଅଗଷ୍ଟ ୯ ତାରିଖ ସକାଳେ ଗାନ୍ଧିଜୀଙ୍କ ଗିରଫ ପରେ ଯେଉଁ କଂଗ୍ରେସ ନେତାମାନେ ଗିରଫ ସମ୍ବାଦ ନ ପାଇ ବମ୍ବେଠାରେ ତାଙ୍କୁ ଭେଟିବାକୁ ଗଲେ, ସେମାନଙ୍କୁ ତାଙ୍କ ସେକ୍ରେଟାରୀ ପ୍ୟାରେଲାଲ ପରାମର୍ଶ ଦେଲେ ଯେ, ଆଜିଠାରୁ ଭାରତବାସୀ ନିଜକୁ ସ୍ୱାଧୀନ ବୋଲି ଭାବନ୍ତୁ, ସରକାରୀ କଳକୁ ଅଚଳ କରି ଦିଆଯାଉ ଏବଂ ପ୍ରତ୍ୟେକେ ନିଜର ନେତା ମଣି କାର୍ଯ୍ୟ କରି ଯାଆନ୍ତୁ । ଏହି ଛୋଟିଆ ନିର୍ଦ୍ଦେଶ ଦେଶର ସର୍ବତ୍ର ବ୍ୟାପିଗଲା । ସମସ୍ତେ ଭାବିନେଲେ ଏହା ହିଁ ଗାନ୍ଧିଜୀଙ୍କର ଗିରଫ ସମୟର ଶେଷ ନିର୍ଦ୍ଦେଶ ବୋଲି । ପ୍ୟାରେଲାଲ ଗାନ୍ଧିଜୀଙ୍କର ମନର କଥାକୁ ଭୁଲଭାବରେ ବ୍ୟକ୍ତ କରିଥିବେ, ଏହା କେହି ଅବିଶ୍ୱାସ କରିବାର ପ୍ରଶ୍ନ ଉଠୁଛି କାହିଁକି ?

ଆସ୍ତେ ଆସ୍ତେ ସର୍ବତ୍ର ବିପ୍ଳବର ନିଆଁ ଜଳି ଉଠିଲା । ସରକାରୀ କଳ ସହିତ ଅସହଯୋଗ କରିବା, ଖଜଣା ଟିକସ ବନ୍ଦ କରିବା, ସରକାରୀ ଅଫିସରମାନଙ୍କୁ ଗୋଲମୀ ଛାଡ଼ିବାକୁ ଇସ୍ତଫା ଦେବା, କଳ କାରଖାନା ଓ ଅଫିସ, ଶିକ୍ଷାନୁଷ୍ଠାନ-ମାନଙ୍କରେ ଧର୍ମଘଟ କରିବା ପ୍ରଭୃତି କାର୍ଯ୍ୟକ୍ରମ ସର୍ବତ୍ର ଚାଲିଲା । ଅନେକ ସ୍ଥାନରେ ଲୋକେ ସ୍ୱାଧୀନ ସରକାର ପ୍ରତିଷ୍ଠା କଲେ । ବ୍ରିଟିଶ ସରକାର ଯୁଦ୍ଧ ଚାଲିଥିବାରୁ ଓ ପୂର୍ବ ଦିଗରେ ଜାପାନର ସାମରିକ ବାହିନୀର ଦ୍ରୁତ ଅଗ୍ରଗତି ଯୋଗୁଁ ବିଚଳିତ ହୋଇ ପଡ଼ିଥିବାରୁ ଏହି ବିଦ୍ରୋହାଗ୍ନିକୁ ଦମନ କରିବାକୁ ବଦ୍ଧପରିକର ହେଲେ । ସେଥିପାଇଁ ଅନେକ ସ୍ଥାନରେ ଲୋକେ ରେଳ ଚଳାଚଳ ଓ ସମ୍ବାଦ ସରବରାହ ବନ୍ଦ କରିବାକୁ ରେଳ ଲାଇନ ଉପାଡ଼ି ଦେଲେ ଏବଂ ତାର କାଟିଦେଲେ । ସରକାରକୁ ଅଚଳ କରିଦେବାକୁ ଥାନା ଓ ସରକାରୀ ଅଫିସକୁ ଧ୍ୱଂସ କରିଦେଲେ । ଭାରତୀୟ ଯୁବକ ସମାଜ ଓ ଛାତ୍ରଗଣ ଏହି ସବୁ କାମରେ ଅଗ୍ରଭାଗରେ ଥିଲେ । ସେଥିପାଇଁ କଂଗ୍ରେସକୁ ବଦନାମ କରିବାକୁ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଆନ୍ଦୋଳନ ସମ୍ପର୍କରେ କଂଗ୍ରେସକୁ ଦାୟୀ ବୋଲି ପ୍ରମାଣ କରିବାକୁ ଗୋଟିଏ ପୁସ୍ତକ ପ୍ରକାଶ କରିଥିଲେ, ସେ ବହିରେ ମୁଖ୍ୟତଃ ଛାତ୍ର ସମାଜ ଅଗ୍ରଣୀ ବୋଲି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହି ପ୍ରଚାର ପୁସ୍ତକର ନାମ ଥିଲା, "ଅଗଷ୍ଟ ଆନ୍ଦୋଳନ ପାଇଁ କଂଗ୍ରେସର ଦାୟିତ୍ୱ" । ଲକ୍ଷ ଲକ୍ଷ ସଂଖ୍ୟାରେ ଇଂରାଜିରେ ଏହି ବହି ପ୍ରକାଶିତ ହୋଇ ଭାରତ ବାହାରେ ଏବଂ ଦେଶ ଭିତରେ ବିତରଣ କରାଯାଇଥିଲା । ଏଥିରେ ଏହି ହିଂସାତ୍ମକ ଆନ୍ଦୋଳନ ପାଇଁ କଂଗ୍ରେସ ଓ ଗାନ୍ଧିଜୀ ମୁଖ୍ୟତଃ ଦାୟୀ ବୋଲି ଦର୍ଶାଯାଇଥିଲା । ଭାରତୀୟ ରାଜନୀତିରେ ସ୍ୱରାଷ୍ଟ୍ର ବିଭାଗ ଦାୟିତ୍ୱରେ ଥିବା ସଭ୍ୟ ମାକ୍ସୱେଲ୍ ଏହାର ମୁଖ୍ୟ ପ୍ରଣେତା ।

ସେତେବେଳେ ମୁଁ ରେଭେନ୍‌ସା କଲେଜର ଛାତ୍ର । ହଜାର ହଜାର ଛାତ୍ର ଏହି ଆନ୍ଦୋଳନରେ ଭାଗ ନିଅନ୍ତି ଏବଂ ଅଗଷ୍ଟ ୧୫ ତାରିଖ ଦିନ ରେଭେନ୍‌ସା କଲେଜର ଅଫିସ ଓ କାଗଜପତ୍ର ପୋଡ଼ି ଦିଆଯାଏ । ତା'ପରେ କଲେଜ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ହୋଇଗଲା ।

ଓଡ଼ିଶାର ସାଧାରଣ ଜନତା ଭାରତର ଅନ୍ୟ ସ୍ଥାନ ଭଳି ମାତିଉଠିଲେ । ଏହି ସମୟରେ ତତ୍‌କାଳୀନ କଂଗ୍ରେସ ନେତା ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓଡ଼ିଶାରେ ଏହି ଆନ୍ଦୋଳନକୁ ବ୍ୟାପକ ଓ ତୀବ୍ର କରିବାକୁ ଏକ ଗୁପ୍ତ ସଙ୍ଗଠନ ସୃଷ୍ଟି କଲେ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁ ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ ଚାଲିଥିଲା, ତା ସହିତ ଯୋଗସୂତ୍ର ସ୍ଥାପନ କଲେ । ସେହି ଗୁପ୍ତଅନୁଷ୍ଠାନ ସହିତ ମୁଁ ଓ ମୋ ଭଳି କେତେକ ଯୁବକ ଘନିଷ୍ଠ ଭାବରେ ସଂପୃକ୍ତ ଥିଲୁ ।

ମୋର ନିଜର ଅଗଷ୍ଟ ଆନ୍ଦୋଳନରେ ଭାଗ ଓ ଅଭିଜ୍ଞତା ପୂର୍ବରୁ ଉତ୍କଳ ପ୍ରସଙ୍ଗରେ ଦୁଇଥର ତଳେ ଲେଖିଛି । ଏଠାରେ ପାଠକଙ୍କ ଜାଣିବାପାଇଁ ସେହି ଆନ୍ଦୋଳନର ପୃଷ୍ଠଭୂମି ଦେଲି । ଅଗଷ୍ଟ ନଅ ତାରିଖରୁ ଓଡ଼ିଶାରେ ଆନ୍ଦୋଳନ ଆସ୍ତେ ଆସ୍ତେ ପ୍ରସାରିତ ହେଲା ଏବଂ ଅଗଷ୍ଟ ଶେଷ ସପ୍ତାହରୁ ଅକ୍‌ଟୋବର ମଧ୍ୟଭାଗ ପର୍ଯ୍ୟନ୍ତ ତୀବ୍ର ଆକାର ଧାରଣ କଲା । ମୁଁ ଅକ୍‌ଟୋବର ୫ତାରିଖରେ ଗିରଫ ହୋଇ ଅଟକ ବନ୍ଦୀ ହେଲି ଏବଂ ଶ୍ରୀ ଦ୍ୱିବେଦୀ ସେହିମାସ ୧୦ ତାରିଖରେ ଗିରଫ ହେଲେ । ତାପରେ ଏହି ଗୁପ୍ତ ସଙ୍ଗଠନ ଅନେକ ପରିମାଣରେ ଅକାମୀ ହୋଇଗଲା ଏବଂ କିଛିଦିନ ପର୍ଯ୍ୟନ୍ତ ଯିଏ ଯେଉଁ ସ୍ଥାନରେ ଥିଲେ ସେମାନେ ଆନ୍ଦୋଳନ ଚାଲୁରଖିଲେ । ଏହା ଦ୍ୱାରା କେହି ଯଦି ଭାବୁଥାଏ ଯେ ଓଡ଼ିଶାର ଆନ୍ଦୋଳନ ପାଇଁ ଏହି ଗୁପ୍ତ ସଙ୍ଗଠନ ମୁଖ୍ୟତଃ ଦାୟୀ, ତାହାହେଲେ ଏହା ସଂପୂର୍ଣ୍ଣ ଅସତ୍ୟ ହେବ । ଏହି ବିଦ୍ରୋହ, ଲୋକଙ୍କର ବିଦ୍ରୋହ, ଲୋକେହିଁ ନେତା, ସରକାରକୁ ଅଚଳ କରିବା ପାଇଁ କାର୍ଯ୍ୟକ୍ରମ ଓ ପରିଯୋଜନା ସ୍ଥାନୀୟ ନେତୃତ୍ୱର ପରିକଳ୍ପନା । ଗୁପ୍ତ ସଙ୍ଗଠନ ପରସ୍ପର ସହିତ, ସଂଯୋଗ ସ୍ଥାପନକାରୀ ଅନୁଷ୍ଠାନ । ସବୁଆଡ଼ର ଆନ୍ଦୋଳନ ସଂପର୍କୀୟ ସମ୍ବାଦ ପରିବେଷଣ କରିବା ଏବଂ କାର୍ଯ୍ୟକ୍ରମ ସଂପର୍କରେ ଦିଗ୍‌ଦର୍ଶନ ଦେବା ଏହାର ମୁଖ୍ୟ କାମ ଥିଲା । ସେଥିପାଇଁ "କଂଗ୍ରେସବାର୍ତ୍ତା" ନାମକ ଏକ ଛୋଟିଆ ବୁଲେଟିନ୍ ପ୍ରକାଶ କରି ସର୍ବତ୍ର ଓଡ଼ିଶାରେ ବଣ୍ଟାହେବାର ବ୍ୟବସ୍ଥା ହୋଇଥିଲା । ସେହି ହିସାବରେ ଏହି ଗୁପ୍ତ ଅନୁଷ୍ଠାନର ଅବଦାନ ଗୁରୁତ୍ୱପୂର୍ଣ୍ଣ ।

ଏହି ଆନ୍ଦୋଳନରେ କୋରାପୁଟର ଲକ୍ଷ୍ମଣ ନାୟକଠାରୁ ଆରମ୍ଭ କରି ବସୀ-ଭାଗପତ୍ରାର ସାଉଣ୍ଡି ପର୍ଯ୍ୟନ୍ତ ପ୍ରାୟ ପଞ୍ଚଶ ଜଣ ସହିଦ ହେଲେ । ଲକ୍ଷ୍ମଣ ନାୟକ ବ୍ରହ୍ମପୁର ଜେଲରେ ଫାଶି ପାଇଲେ । ସେହି ସହିଦମାନଙ୍କ ପ୍ରାଣବଳି ଯୋଗେ ଆମେ ଆଜି ସ୍ୱାଧୀନ ହେଲେ, ମନ୍ତ୍ରୀ ଓ ବିଧାନ ସଭାର ସଭ୍ୟ ହେବାର ସୁଯୋଗ ପାଇଲେ । ସ୍ୱାଧୀନତାର ଏକତିରିଶ ବର୍ଷ ପୂର୍ତ୍ତି ଉପଲକ୍ଷ୍ୟରେ ସେହି ସହିଦମାନଙ୍କ ଜୀବନୀକୁ ଥରେ ଓଲଟାଇ ଦେଖିବା କି ? ଓଡ଼ିଶାରେ ଯେଉଁମାନେ ସହିଦ ହେଲେ, କେହି ଜଣେ ଉଚ୍ଚ ସମ୍ଭ୍ରାନ୍ତ ବଂଶର ନୁହନ୍ତି । ଦରିଦ୍ର ପରିବାରରେ ସମସ୍ତଙ୍କର ଜନ୍ମ । ଉଚ୍ଚବର୍ଣ୍ଣଠାରୁ ହରିଜନ ପର୍ଯ୍ୟନ୍ତ,

ପୁରୁଷଠାରୁ ନାରୀ ପର୍ଯ୍ୟନ୍ତ ସମସ୍ତେ ଏହି ସହିଦ ପରିବାରରେ ଆଜି ନାମ ଲେଖାଇଛନ୍ତି । କିନ୍ତୁ ସ୍ୱାଧୀନ ଭାରତରେ ସେହି ଦରିଦ୍ରଦୁଃଖିଜନର ଅଭ୍ୟୁତ୍ଥାନ ବର୍ତ୍ତମାନ ପର୍ଯ୍ୟନ୍ତ ବାକୀ ରହିଛି । ଏ ପଚିଶବର୍ଷ ପୂରି ଅବକାଶରେ ସେଥିପାଇଁ ଶପଥ ନେବା କି ?

---



ନଗର ଉନ୍ନୟନ ବିଭାଗର କର୍ମଚାରୀମାନଙ୍କ [illegible]
କମିଟି ବୈଠକ ୨୮/୭.



ସଚିବାଳୟରେ କମ୍ପ୍ୟୁଟର ପ୍ରଦର୍ଶନୀ



# ବିପ୍ଳବୀ ବୃଦ୍ଧି ଖୁଣ୍ଟିଆ

ଡ଼ଃ ଜଗନ୍ନାଥ ମହାନ୍ତି

୧୮୨୭ ମସିହା ପବିତ୍ର ଶାନ ଦଶମୀ । ପୁରୀର ହରଚଣ୍ଡୀ ସାହିର ନାମଜାଦା ହଜୁରୀ ବଂଶର ଏକ ବୃଦ୍ଧିଶାଳ । ସେଦିନ ଗୋଟିଏ ପିଲା କୁଆଁ କୁଆଁ କାନ୍ଦି ଉଠିଲା । ପିତା ରଘୁନାଥ ଖୁଣ୍ଟିଆ ଓରଫ ଭୀମସେନ ହଜୁରୀ ଶ୍ରୀଜଗନ୍ନାଥଙ୍କ ସେବକ । ସେ ମହାପ୍ରଭୁଙ୍କର ଚନ୍ଦନ ଲଗାଉଥିବାବେଳେ ପିଲାଟି ଜନ୍ମ ହୋଇଥିବାରୁ ତା ନାଁ ଦେଇଥିଲେ ଚନ୍ଦନ ହଜୁରୀ । ତା'ର ଆଉ ଗୋଟିଏ ନାଁ ହେଲା ବୃଦ୍ଧି ଖୁଣ୍ଟିଆ । ମାଆଙ୍କ ନାଁ ଥିଲା କମଳବତୀ ।

ପିଲାଦିନେ ବୃଦ୍ଧିଖୁଣ୍ଟିଆ ଭାରି ଚଗଲା ଥିଲେ । ପିତା ରଘୁନାଥ ତାଙ୍କୁ ନେଇ ଚାଟଶାଳୀରେ ବସାଇଲେ । ସେ ପ୍ରଥମେ ଓଡ଼ିଆ ଭାଷା ଶିଖିଥିଲେ । ତାପରେ ପଣ୍ଡା ବ୍ୟବସାୟ କରିବା ପାଇଁ ସୁବିଧା ହେବ ବୋଲି ସେ ହିନ୍ଦି ଭାଷା ଶିଖିଥିଲେ । ଭାରତର ଇତିହାସ, ବୀରମାନଙ୍କର ଜୀବନୀ ଇତ୍ୟାଦି ପଢ଼ିବାରେ ତାଙ୍କର ଭାରି ଆଗ୍ରହ ଥିଲା । ସେସବୁ ପଢ଼ି ସେ ଖୁବ୍ ଉତ୍ସାହିତ ହେଉଥିଲେ ।

ଥରେ ରଥଯାତ୍ରା ବେଳ । ଜଗନ୍ନାଥଙ୍କର ପହଣ୍ଡି ବିଜେ ହେଲା । ବଳବାନ୍ ସେବକମାନେ ପ୍ରଭୁଙ୍କୁ ପହଣ୍ଡି କରାଇଲେ । ଦିଅଁଙ୍କ ବଳିଷ୍ଠ ଭୁଜକୁ ଯେଉଁମାନେ ଧରି ପହଣ୍ଡି କରାନ୍ତି, ସେମାନେ ଖୁବ୍ ତାଗୁଆ । ସେମାନଙ୍କୁ ଭାଟିଆ କୁହାଯାଏ । କିନ୍ତୁ ମେଞ୍ଚିଆ ବୃଦ୍ଧି ସେଦିନ ଜିଦ୍ କଲା ମୁଁ ପ୍ରଭୁଙ୍କ ଭାଟିଆ ହେବି ।

ସେବକମାନେ ଥଟ୍ଟା କରିକହିଲେ—ବଡ଼ ବଡ଼ ଗଛେ ପସର ପାଟି, ସାନ ସାନ ଗଛେ ବେସର ବାଟି ! ହାତୀ ବୁଡ଼ି ପାଣି ଅଣ୍ଟାଏ, ଚଢ଼େଇ କହୁଛି ମୁଁ ପାଣି ଭାସିବି !

ଏଥିରେ ବୃଦ୍ଧିଙ୍କ ମନ ଦବିଗଲା । ଦୁଃଖରେ ତାଙ୍କର ଛାତି ଫାଟିଗଲା । ସେ କାନ୍ଦି ପକାଇଲେ । କିନ୍ତୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ପଣ କଲେ ଯେ ଆର ବର୍ଷକୁ ସେ ଯେମିତି ଭାଟିଆ ହେବେ । କୁସ୍ତିଘରରେ ଲାଗି ଦେହକୁ ମଜବୁତ୍ କଲେ । ପଢ଼ାପଢ଼ି ଛାଡ଼ି ଦେଲେ । ମଲ୍ଲ ଯୁଦ୍ଧ କଲେ । ସତକୁ ସତ ସେ ସେଇବର୍ଷ ଭାଟିଆ ହୋଇ ପାରିଲେ ।

ବୃଦ୍ଧି କେବଳ ନିଜେ ଯୁଦ୍ଧକୌଶଳ ଶିଖୁନଥିଲେ, ଅନ୍ୟମାନଙ୍କୁ ଶିଖାଉ ଦେଉଥିଲେ । ପୁରୀର ଆଖଡ଼ା ଘରେ ଯୁବକମାନଙ୍କୁ ଦେହର ବଳ ଆଉ କୌଶଳ ବଢ଼ାଇବା ପାଇଁ ସବୁ ପ୍ରକାର ଶିକ୍ଷା ଦେଉଥିଲେ ।

ବାରବର୍ଷ ବେଳେ ବୃଦ୍ଧି ସୁନ୍ଦରମଣି ନାମକ ଗୋଟିଏ ସୁନ୍ଦରୀ ଝିଅକୁ ବିବାହ କରିଥିଲେ । ତା'ପରେ ସେ ଉତ୍ତର ଭାରତକୁ ବାପାଙ୍କ ସାଥିରେ ଯାଇ ତାଙ୍କ କୌଳିକ ବୃତ୍ତି ପଣ୍ଡା ବ୍ୟବସାୟ ଆରମ୍ଭ କଲେ ।

ଦିନକର କଥା । ବାପପୁଅ କାଶୀ ବିଶ୍ୱନାଥଙ୍କ ମନ୍ଦିରରେ ପୂଜା ଆରାଧନା କରୁଛନ୍ତି, ଦେଖିଲେ ଜଣେ ଭଦ୍ର ବନ୍ଧୁ ଦାନଧର୍ମ କରୁଛନ୍ତି । ସେ ହେଉଛନ୍ତି ମହାରାଷ୍ଟ୍ରର ସେନାପତି ବଳବନ୍ତ ରାଓଙ୍କର ବଡ଼ପୁଅ ମୋରୋପନ୍ତ ।

ରଘୁନାଥ ଓ ମୋରୋପନ୍ତଙ୍କର ସାକ୍ଷାତ ହେଲା । କଥାବାର୍ତ୍ତାରୁ ଜଣାପଡ଼ିଲା ଯେ ପୁରୀ ଧାମର ରଘୁନାଥ ହେଉଛନ୍ତି ମରହଟ୍ଟା ଜାତ ମୋରୋପନ୍ତଙ୍କର କୁଳପଣ୍ଡା ।

ମୋରୋପନ୍ତ କହିଲେ— ପୁଅ ପାଇବା ଆଶାରେ ମୁଁ ମହାପ୍ରଭୁ ବିଶ୍ୱନାଥଙ୍କ ପାଖରେ ଅଭିଷେକ କଲି । ସୌଭାଗ୍ୟରୁ ମହାପ୍ରଭୁ ଜଗନ୍ନାଥଙ୍କର ପରମ ସେବକଙ୍କ ସହିତ ମୋର ଦର୍ଶନ ହେଲା ।

ରଘୁନାଥ କହିଲେ—ଆପଣଙ୍କର ଇଚ୍ଛାପୂରଣ ହେବ । ଜଗନ୍ନାଥେ ନିଶ୍ଚୟ ଆପଣଙ୍କର ଡାକ ଶୁଣିବେ ।

ମୋରୋପନ୍ତ ଆନନ୍ଦରେ ପଚାରିଲେ— ତେବେ କହନ୍ତୁ ପ୍ରଭୁ, ମୋର ପୁଅଟିଏ କି ଝିଅଟିଏ ହେବ ?

ବାପାଙ୍କ ଉତ୍ତରକୁ ଅପେକ୍ଷା ନକରି ବୃଦ୍ଧି କହି ପକାଇଲେ—ଝିଅଟିଏ ହେବ ।

ଏକଥା ଶୁଣି ମୋରୋପନ୍ତଙ୍କର ମନ ଦବିଯିବା ଦେଖି ରଘୁନାଥ କହିଲେ—ତେବେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ସେଇ ଝିଅଟି ଦିନେ ମହାରାଣୀ ହେବ । ଯୁଗ ଯୁଗକୁ ତାଙ୍କର ଯଶ ରହିବ ।

ପୁରୀପଣ୍ଡାଙ୍କ କଥା ସତ ଫଳିଲା । ମୋରୋପନ୍ତଙ୍କର ଝିଅଟିଏ ଜନ୍ମ ହେଲା । ତା'ର ନାମ ଦିଆଗଲା ମନୁବାଈ । ମୋରୋପନ୍ତ ପିଲାମାନଙ୍କୁ ନେଇ ବିଠୁର ଚାଲିଗଲେ । ସେଠାରେ ବାଜିରାଓଙ୍କ ପାଖରେ ରହିଲେ ।

ଏଥିମଧ୍ୟରେ କେତେବର୍ଷ ବିତିଗଲା । ବୃଦ୍ଧି ଖୁଣ୍ଟିଆ ଯାତ୍ରୀ ବ୍ୟବସାୟ କରିବାକୁ ବିଠୁର ଗଲେ । ସେଠାରେ ଥିବା ସମୟରେ ମନୁବାଈ ଝାନ୍ସୀର ରାଜା ଗଙ୍ଗାଧର ରାଓଙ୍କୁ ବିବାହ କଲେ । ମନୁବାଈ ଝାନ୍ସୀରାଣୀ ଲକ୍ଷ୍ମୀବାଈ ହେଲେ ।

ବୃଦ୍ଧଙ୍କଠାରୁ ରଘୁନାଥଙ୍କ କଥା ସତ ହେଲା । ଗଙ୍ଗାଧର ରାଓ ବୃଦ୍ଧିଙ୍କଠାରୁ ସବୁ କଥା ଜାଣି ତାଙ୍କୁ ଖୁବ୍ ସମ୍ମାନ ଦେଖାଇଲେ । ପୁତ୍ରଭାବରେ ତାଙ୍କୁ

ଭର୍ତ୍ତି କଲେ । ରାଜଧାନୀରେ ରଖିଲେ । ବହୁ ଧନରତ୍ନ ଉପହାର ଦେଲେ ।

ଚକ୍ଷିଖୁଣ୍ଟିଆ ପୁରୀକୁ ଫେରିଲେ । ରଥଯାତ୍ରା ବେଳ । ହଜାର ହଜାର ଯାତ୍ରୀ ପାଦରେ ଚାଲି ଚାଲି ଦୂର ଦୂରାନ୍ତରରୁ ପୁରୀକୁ ଆସନ୍ତି ଜଗନ୍ନାଥଙ୍କ ଦର୍ଶନ ପାଇଁ । ମାସ ମାସ ଧରି ଯିବା ଆସିବା ଆଉ ଖାଇବାପିଇବା ଓ ରହିବାରେ ନାନା ହଇରାଣ । ଯାତ୍ରୀମାନେ ବହୁ ସଂଖ୍ୟାରେ ମରିଯାଉଥିଲେ । ପୁଣି ସେତେବେଳେ ରୋଗ ହେଲେ ଭଲ ଔଷଧ ଖାଇବାକୁ ନଥିଲା । ଫଳରେ କଲେରା, ଟାଇଫଏଡ୍ ପ୍ରଭୃତି ରୋଗୀମାନଙ୍କର ସେବା ଓ ଚିକିତ୍ସା ଆଉ ମରିଗଲେ, ଶବଗୁଡ଼ିକର ଦାହ ପାଇଁ, ଚକ୍ଷିଖୁଣ୍ଟିଆ ପୁରୀରେ ଗୋଟିଏ ସେବାସମିତି ଗଢ଼ିଥିଲେ । ଏଥିପାଇଁ ଲୋକମାନେ ତାଙ୍କୁ ଭାରି ସମ୍ମାନ କରୁଥିଲେ ।

ସେତେବେଳେ ଇଂରେଜମାନେ ଏ ଦେଶକୁ ଶାସନ କରୁଥିଲେ । ତେଣୁ ଏଇ ସୁଯୋଗରେ ପାଦ୍ରୀମାନେ ଖ୍ରୀଷ୍ଟାନଧର୍ମ ପ୍ରଚାର କରିଥିଲେ । ସେମାନେ ହିନ୍ଦୁମାନଙ୍କ ଦେବଦେବୀ ଆଉ ମନ୍ଦିରର ବଦନାମ କରୁଥିଲେ । ପୁରୀ ବଡ଼ଦାଣ୍ଡରେ ସେମାନେ ତମ୍ବୁ ପକାଇ ବଡ଼ ଠାକୁର ଆଉ ବଡ଼ ଦେଉଳ ବିରୁଦ୍ଧରେ ପ୍ରଚାର କରୁଥିଲେ । ଚକ୍ଷିଖୁଣ୍ଟିଆ ଏଥିରେ ସେମାନଙ୍କୁ ଖୁବ୍ ବାଧା ଦେଲେ ।

ଏତିକିବେଳେ ଝାନ୍ସୀର ରାଜା ଗଙ୍ଗାଧର ରାଓଙ୍କର ମୃତ୍ୟୁ ହେଲା । ଲକ୍ଷ୍ମୀବାଈଙ୍କର ପୁଅଟିଏ ହୋଇ ଆଗରୁ ମରିଯାଇଥିଲା । ଝାନ୍ସୀର ସୁଦକ୍ଷ ଟାଣୁଆ ଲକ୍ଷ୍ମଣ ରାଓ ମଧ୍ୟ ହଠାତ୍ ମରିଗଲେ । ନୂଆ ଦେବାନ୍ ସେମିତି ଟାଣୁଆ ନଥିଲେ । ଲକ୍ଷ୍ମୀବାଈଙ୍କୁ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କରିବାରେ ଇଂରେଜମାନେ ବାରଣ କଲେ । ପରେ ତାଙ୍କ ହାତରୁ ଇଂରେଜ ଶାସନ ସବୁ କ୍ଷମତା କାଢ଼ିନେଲେ ।

ଏଥିରେ ଲକ୍ଷ୍ମୀବାଈ ଥୟ ହୋଇ ରହିପାରିଲେ ନାହିଁ । ସେ ଚକ୍ଷି ଖୁଣ୍ଟିଆଙ୍କ ପାଖକୁ ଚିଠି ପଠାଇଲେ । ଚକ୍ଷି ଚିଠି ପାଇବାମାତ୍ରେ ଝାନ୍ସୀ ଗଲେ । ସେ ବିପଦରେ ଆସି ଠିଆ ହୋଇଥିବାରୁ ଲକ୍ଷ୍ମୀବାଈ ଭାରି ଖୁସୀ ହେଲେ । ସେମାନେ ଇଂରେଜ ଶାସନ ବିରୁଦ୍ଧରେ ଆନ୍ଦୋଳନ କରିବାକୁ ଠିକ୍ କଲେ । ଦେଶର ସ୍ୱାଧୀନତା ଆଉ ମାନସମ୍ମାନ ପାଇଁ ବିଦ୍ରୋହ କରିବାକୁ ହେବ ବୋଲି ଚକ୍ଷି ପରାମର୍ଶ ଦେଲେ ।

ସେତେବେଳେ ଦେଶର ଅନେକ ରାଜା ଥିଲେ । ସେମାନଙ୍କ ଭିତରେ କଳି ଲଗାଇ ଇଂରେଜମାନେ ଲାଭ ଉଠାଉଥିଲେ । ଫିରିଙ୍ଗି ଶାସନ ବିରୁଦ୍ଧରେ ଅସନ୍ତୋଷ ବ୍ୟାପି ଯାଇଥିଲା । ସିପାହୀ ବିଦ୍ରୋହ ମୁଣ୍ଡ ଟେକୁଥିଲା । କି ହିନ୍ଦୁ, କି ମୁସଲମାନ ସବୁ ଧର୍ମର ସିପାହୀ ଏଥିରେ ଯୋଗ ଦେଉଥିଲେ ।

ଫିରିଙ୍ଗି ଶାସକ ଝାନ୍ସୀ ଆକ୍ରମଣ କଲେ । ଖୁବ୍ ଯୁଦ୍ଧ ଚାଲିଲା । ନିଜେ ଲକ୍ଷ୍ମୀବାଈ ତାଙ୍କ ସୈନ୍ୟମାନଙ୍କର ସେନାପତି ହେଲେ । ଚକ୍ଷିଖୁଣ୍ଟିଆ ତାଙ୍କ ପାଖେ ପାଖେ ରହି ସବୁ ପ୍ରକାର ସାହାଯ୍ୟ କଲେ ।

ଚକ୍ଷି ଖୁଣ୍ଟିଆ ନିଜେ ଯୁଦ୍ଧରେ ବେଶୀ ମିଶି ନଥିଲେ ବି ବିଦ୍ରୋହୀ ସୈନ୍ୟମାନଙ୍କୁ ସେ ଉତ୍ସାହ ଦେଉଥିଲେ । ସେନାଛାଉଣୀମାନଙ୍କରେ ପୁରୀପଣ୍ଡା ଭାବରେ ପ୍ରବେଶ କରି ସେ ବିଦ୍ରୋହ ପାଇଁ ସବୁ ପ୍ରକାର ପ୍ରେରଣା ଓ ପରାମର୍ଶ ଦେଉଥିଲେ । ସେ ସେମାନଙ୍କ ମଧ୍ୟରେ ଯୋଗାଯୋଗ କରାଉଥିଲେ, ଆଉ ବିଦ୍ରୋହର ବାର୍ତ୍ତା ପ୍ରଚାର କରୁଥିଲେ । ସେ ସିପାହୀମାନଙ୍କୁ ମତାଇ ବିଦ୍ରୋହରେ ସହଯୋଗ କରୁଛନ୍ତି ଜାଣି ଇଂରେଜ ସରକାର ତାଙ୍କର ଗତିବିଧି ପ୍ରତି କଡ଼ାନଜର ରଖିଥିଲେ । ତାଙ୍କୁ କେତେଥର ଗିରଫ କରାଯାଇ ପୁଣି ଛାଡ଼ି ଦିଆଯାଇଥିଲା ।

ସେତେବେଳର ସରକାରୀ କାଗଜପତ୍ରରୁ ଜଣାପଡେ ଯେ ଓଡ଼ିଶାରେ ପ୍ରବେଶ କରିବାକୁ ଚକ୍ଷିଙ୍କ ଉପରେ ନିଷେଧ ଆଦେଶ ଜାରି କରାଯାଇଥିଲା । ପୁରୀରେ ଥିବା ତାଙ୍କର ସ୍ଥାବର ଓ ଅସ୍ଥାବର ସଂପତ୍ତି ମଧ୍ୟ ବାଜ୍ୟାପ୍ତ କରାଯାଇଥିଲା । ତାଙ୍କ ଘରର ଗୋଟିଏ ଗାଈ ବାଛୁରୀ ମଧ୍ୟ ଏଥିରୁ ବାଦ ପଡ଼ିନଥିଲେ । ତାଙ୍କ ନାମରେ ବା ତାଙ୍କ ଜାତିକୁଟୁମ୍ବଙ୍କ ନାମରେ ଆସୁଥିବା ଚିଠିପତ୍ର ଖୋଲି ଯାଞ୍ଚ କରାଯାଉଥିଲା । ଲକ୍ଷ୍ମୀ, ଗୟା, ପ୍ରଭୃତିରେ ସରକାରଙ୍କ ବିରୁଦ୍ଧରେ ଚାଲିଥିବା ବିଦ୍ରୋହରେ ସେ ସଂପୃକ୍ତ ବୋଲି ଇଂରେଜ କମିଶନରଙ୍କ ଦୃଢ଼ ଧାରଣା ହୋଇଥିଲା ।

ଇଂରେଜ ସୈନ୍ୟମାନଙ୍କର ସଂଖ୍ୟା ଓ ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର ଫଳରେ ଝାନ୍ସୀର ସୈନ୍ୟମାନେ ହଟିବାରେ ଲାଗିଲେ । ଲକ୍ଷ୍ମୀବାଈ ଯୁଦ୍ଧରେ ଆହତ ହେଲେ । ବିଶ୍ୱାସୀ ସୈନ୍ୟମାନେ ତାଙ୍କୁ ଜଙ୍ଗଲ ଭିତରେ ଥିବା ଏକ ଆଶ୍ରମକୁ ନେଇ ଯାଇଥିଲେ । ସେଠାରେ ଚକ୍ଷି ଖୁଣ୍ଟିଆ ସାଧୁ ବେଶରେ ଥିଲେ । ସେ ରାଣୀଙ୍କର ଶେଷ ଅବସ୍ଥା ଦେଖି ଖୁବ୍ ଦୁଃଖିତ ହେଲେ । ଲାଗିପଡ଼ି ତାଙ୍କର ସେବାଶୁଶ୍ରୂଷା କଲେ । ରାଣୀ ଚକ୍ଷି ଖୁଣ୍ଟିଆଙ୍କୁ ଅନାଇ ଶେଷ ନିଶ୍ୱାସ ତ୍ୟାଗ କଲେ ।

ଚକ୍ଷି ରାଣୀଙ୍କର ଶବ ସଂସ୍କାର କଲେ । ଲୁଚିଛପି ବଣଜଙ୍ଗଲ ବାଟରେ ନେପାଳ ରାଜ୍ୟକୁ ଚାଲିଗଲେ । ସେତେବେଳେ ଇଂରେଜମାନେ ବିଦ୍ରୋହୀମାନଙ୍କୁ ଭାରି ଧରପଗଡ଼ କଲେ । ଥରେ ଇଂରେଜ ସୈନ୍ୟମାନଙ୍କ ହାତରୁ ରକ୍ଷା ପାଇବା ପାଇଁ ବାଟରେ ଗୋଟିଏ ପୋଲତଳେ ସତର ଦିନ ଲୁଚି ରହିଥିଲେ । ଫିରିଙ୍ଗି ଶାସକ ଚକ୍ଷି ଖୁଣ୍ଟିଆଙ୍କୁ ଭାରି ଜୋରରେ ଖୋଜିବାରେ ଲାଗିଲେ । କିନ୍ତୁ ତାଙ୍କର ଟେର୍ ପାଇଲେ ନାହିଁ ।

ଚକ୍ଷି ଝାନ୍ସୀ ଯୁଦ୍ଧରେ ମରିଗଲେ ବୋଲି ଏଣେ ପୁରୀରେ ଖବର ପହଞ୍ଚିଲା । ସମସ୍ତେ ଏହି ଜାତୀୟ ବୀରଙ୍କ ଅକାଳ ମୃତ୍ୟୁରେ ଦୁଃଖ ପ୍ରକାଶ କଲେ । ଚାରିଆଡ଼େ ଶୋକର ଛାୟା ଖେଳିଗଲା । ତାଙ୍କ ସ୍ତ୍ରୀ ବିଧବା ହେଲେ । ତାଙ୍କର ଶୁଦ୍ଧିକ୍ରିୟା ବି କରାଗଲା ।

ଚକ୍ଷି ଖୁଣ୍ଟିଆ ଲୁଚିଛପି ନେପାଳରେ ଛଅ ସାତ ବର୍ଷ କଟାଇଲେ । ଦେଶରେବିଦ୍ରୋହ ଦବାଇ ଦିଆଗଲା । ନେପାଳ ରାଜାଙ୍କ ଅନୁରୋଧରେ ଇଂରେଜ ସରକାର ଚକ୍ଷିଙ୍କୁ ପୁରୀ ଆସିବାକୁ ଅନୁମତି ଦେଲେ ।

ସମସ୍ତେ ଚକ୍ଷି ଖୁଣ୍ଟିଆଙ୍କୁ ଦେଖି ଅବାକ୍ ହେଲେ । ତାଙ୍କର ସାହସଭରା କଥାମାନ ଶୁଣି ଆଶ୍ଚର୍ଯ୍ୟ ହେଲେ । ଏମିତି ଜଣେ ଜାତୀୟ ବୀରଙ୍କୁ ପୁଣି ଫେରି ପାଇଥିବାରୁ ସମସ୍ତଙ୍କ ମନରେ ଖୁବ୍ ଆନନ୍ଦ । ଏଇଘଟଣାକୁ ଲକ୍ଷ୍ୟ କରି ଗୋଟିଏ କଥା ଏ ପର୍ଯ୍ୟନ୍ତ ଚଳିଆସୁଛି ।

ନଈରେ ବାଲିଆ ଚହଟିଲା
କପାଳ ସିନ୍ଦୁର                ନାଆଁଲୋ ନାନୀ
ପୁଣି ଚକ୍ଷିଆ ନେଉଟିଲା ।

ଜୀବନର ବାକୀ ସମୟତକ ଚକ୍ଷି ଖୁଣ୍ଟିଆ ପୁରୀରେ ରହିଥିଲେ । ଅନ୍ୟ କୁଆଡେ ଯିବାପାଇଁ ଇଂରେଜ ସରକାର ଅନୁମତି ଦେଇନଥିଲେ । ଏହି ସମୟରେ ଚକ୍ଷି ସାହିତ୍ୟ ସାଧନା ଓ ଜଗନ୍ନାଥଙ୍କ ସେବା ପୂଜାରେ ସମୟ କଟାଉଥିଲେ । ତାଙ୍କର ଜଣାଣଗୁଡ଼ିକ ଏପର୍ଯ୍ୟନ୍ତ ଓଡ଼ିଆ ଭକ୍ତି ସାହିତ୍ୟର ଅମୂଲ୍ୟ ରତ୍ନ । ସେଥିରୁ କେତୋଟି ଅତି ଜଣାଶୁଣା ହେଲା–''ପତିତ ଜନଙ୍କୁ ରକ୍ଷିବାପାଇଁ ଉଡାଉଅଛ ପତାକା'', ରେ ପାପ ଲକ୍ଷଣ'' ଇତ୍ୟାଦି । ଆଉ କେତେକ ଜଣାଣରେ ତାଙ୍କର ଭକ୍ତି ଭାବନାସଙ୍ଗେ ସଙ୍ଗେ ଇଂରେଜ ବିଦ୍ୱେଷ ଖୁବ୍ ସ୍ପଷ୍ଟ ଭାବରେ ପ୍ରକାଶିତ । ଏଠାରେ ତାଙ୍କ ଜଣାଣରୁ ଦୁଇଟି ପଦର ଉଦାହାରଣ ଦିଆଗଲା–

ହେଦ୍ୱାରିଆ ତବ ହେଲେ ପ୍ରବଳ
କପାଳେ ବାସୁକି ନବାରେ ପୁଚ ।
ତବ ମହିମାକୁ ତୁଚ୍ଛ ବୋଲିଣ
ଗଡ଼େଟି ବାସୁଳେ ଜାଣ ଆପଣ
ବିଦ୍ଧ ନ ସହଇ, ଶୁଣି କାନ
କାନମୁଣ୍ଡା ପଟାଇ
ଦିଅବର ପ୍ରଭୁ କମଳାବର
ତୁଚ୍ଛ ହେଲାଣି ତ ବୁଦ୍ଧି ଆମର ।
ଫିରିଙ୍ଗି ତର କନ୍ଦକୁ ତ୍ରାସନ
ତବ କରୁଣା କଣକୁ ଅନାଇ
ପାହାଡ଼ି ନାଶିଛ, କର୍ମକୁ
କୃପାକର ଅବଧାନ ।

ଏଥିରୁ ଚଖି ଖୁଣ୍ଟିଆଙ୍କର ଅସାଧାରଣ ଜାତି ପ୍ରୀତି, ସ୍ୱାଭିମାନ ଓ ଲଢ଼ିବାର ଜଣାପଡେ । ତାଙ୍କର ଅନେକ ଲେଖା ଏପର୍ଯ୍ୟନ୍ତ ଅଜଣା ହୋଇ ରହିଛି । ସମ୍ଭବତଃ ତାଙ୍କର ଲିଖିତ କେତେକ ପୋଥି ନଷ୍ଟ ହୋଇ ଯାଇଛି । "ମନୁବୋଧ" ଲେଖାବାଇଙ୍କର ପ୍ରଥମ ନାମ୍ଦ ନାମରେ ଏକ କାବ୍ୟ ପୋଥି ଆକାରରେ ରହିଛି । ତାହା ଏ ପର୍ଯ୍ୟନ୍ତ ଛପା ଯାଇନାହିଁ ।

୧୮୫୭ ବିଦ୍ରୋହକୁ ଆଜି ଆମେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବୋଲି କହୁଛୁ । ଏହି ଆନ୍ଦୋଳନରେ ଆମର ଜଣେ ଓଡ଼ିଆ ପୁଅ ଚଖି ଖୁଣ୍ଟିଆ ଯୋଗ ଦେଇଥିଲେ । ଉତ୍ତର ଭାରତର ସିପାହୀ ଓ ସୈନ୍ୟମାନଙ୍କୁ ସେ ମତାଇ, ତେତାଇ ଓ ଚଳାଇଦେଇ ପାରିଥିଲେ, ତାହା କମ୍ ଗର୍ବ ଓ ଗୌରବର କଥା ନୁହେଁ । ଇଂରେଜ ସରକାରଙ୍କ ମନରେ ମଧ୍ୟ ସେ ଛନକା ପୂରାଇ ଦେଉଥିଲେ । ତାଙ୍କର ସାହସ ଓ ଜାତିପ୍ରୀତି ଓଡ଼ିଶା ଜାହିଁକି ସାରା ଭାରତରେ ଚହଳ ପକାଇ ଦେଇଥିଲା ।


୧୮୭୦ ମସିହାରେ ତାଙ୍କର ମୃତ୍ୟୁ ପୁରୀଠାରେ ହୋଇଥିଲା । ସେ ମରି ମଧ୍ୟ ଆଜି ଅମର । ତାଙ୍କ ଭଳି ଜଣେ ଜାତୀୟ ବୀର, ଦେଶପ୍ରେମୀ, କବି ଓ ଭକ୍ତଙ୍କୁ ଏ ଦେଶ ସଦାବେଳେ ମନେ ରଖିବ ।

କ୍ୱାଟର ନଂ ୩୧/୨ ଡି–ଏ, ୟୁନିଟ୍
ଭୁବନେଶ୍ୱର–୭୫୧୦୦୯



କୃଷକ ମାନଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ

# ଏଠି କି ସେ ପୁଣ୍ୟଭୂମି ଏ ଭୂମିର ସୁତ



ଚନ୍ଦ୍ରଶେଖର ନାୟକ

ସେତେବେଳେ ବ୍ରିଟିଶ ସରକାରଙ୍କ ଶାସନ ଶୋଷଣ ଜୁଆରେ ବିରାଜିତ ।

ଭାରତର ବଡ଼ଲାଟ କଟକ ଆସୁଥାଆନ୍ତି । କଟକ ଷ୍ଟେସନଠୁ ଲାଟ ଭବନ ପ୍ରାୟ ଦୀର୍ଘ ୪ ମାଇଲ ରାସ୍ତାରେ ନାଲି ଗାଲିଚା ବିଛା ଯାଇଥାଏ । ତାରି ଉପରେ ଗଡ଼ିବ ବଡ଼ଲାଟଙ୍କ ମଟର ଗାଡ଼ି । ରାସ୍ତାର ଦୁଇ ପଟରେ କଡ଼ା ପୋଲିସ ପହରା । ସମସ୍ତଙ୍କ ହାତରେ ବନ୍ଧୁକ । କାଳେ କିଏ ରାସ୍ତା ଉପରକୁ ମାଡ଼ି ଆସିବ । ସବୁ ବିଭ୍ରାଟ ହୋଇଯିବ । କେହି ଭୟରେ ରାସ୍ତା ଉପରକୁ ଚଢ଼ୁ ନାହାନ୍ତି କି ପାଦ ପକାଇବାକୁ ସାହସ କରୁନାହାନ୍ତି । ଅପ୍ରତ୍ୟାଶିତ ଭାବରେ ରାସ୍ତା ଉପରେ ଠିଆ ହେଲେ ଜଣେ ସୁଠାମକାୟ ବ୍ୟକ୍ତି । ପିନ୍ଧିଛନ୍ତି ଗଣ୍ଠିଏ ଧୋତି । ଜାମା ନାହିଁ । ଦେହରେ ସାମାନ୍ୟ ଖଣ୍ଡେ ଚଦର । ବାଁ ହାତରେ ଜପମୁଣି । ଡାହାଣ ହାତରେ ବାଉଁଶବାଡ଼ି । ହୃଦୟରେ ଅସୀମ ସାହସିକତା । ମନ ଦୃଢ଼ । ମୁହାଁଣିରେ ସାତ୍ତ୍ୱିକ ଜ୍ୟୋତି । ଏ କାରବା ଅଟକଣା ତାଙ୍କୁ ଅସହ୍ୟ ବୋଧହେଲା । ସର୍ବସାଧାରଣ ରାସ୍ତାରେ ଚାଲିବାର ଅଧିକାର ସମସ୍ତଙ୍କର । କେହି ଅଟକାଇବା ଅନ୍ୟାୟ । ତେଣୁ ପୋଲିସ ଅଟକଣା ରାଜି ଅଟକ ରାସ୍ତାରେ ପଶି ବୀର ଦର୍ପରେ ଷ୍ଟେସନକୁ ପଶ୍ଚିମାଭିମୁଖୀ ହୋଇ ଆଗେଇ ଚାଲିଲେ । ତାଙ୍କୁ ଅଟକାଇବାକୁ କେହି ସାହସ କଲେ ନାହିଁ । ହଠାତ୍ ବଡ଼ଲାଟଙ୍କୁ ସ୍ୱାଗତ ଜଣାଇ ଷ୍ଟେସନରେ ତୋପ ଫୁଟି ଉଠିଲା । ଗଗନ ପବନ ମୁଖରିତ । ସେ କିନ୍ତୁ ଥମି ଗଲେ ନାହିଁ । ହଠାତ୍ ଦେଖାଗଲା ବଡ଼ଲାଟଙ୍କ କାର ଆସି ତାଙ୍କ ପଛରେ ଅଟକି ଗଲା । ବଡ଼ଲାଟଙ୍କ ମୁହଁରୁ ବାହାରି ପଡ଼ିଲା—"ସାବାସ" । ବଡ଼ଲାଟ ତାଙ୍କ ସହିତ କରମର୍ଦ୍ଦନ କଲେ । ଚକିତ ଦୃଷ୍ଟିରେ ଚାହିଁଛନ୍ତି ସମସ୍ତେ । ବଡ଼ଲାଟ କହିଗଲେ—"ଆପଣ ଆଜି ଲାଟ ଭବନରେ ଦେଖାକରନ୍ତୁ ।"

ଅବୁ ଦଳରେ ବନ୍ଦୀୟାନ ଏ ବୀର ପୁରୁଷ ହେଉଛନ୍ତି ଜାତିର ବିପ୍ଳବୀ କବି ଗୋବିନ୍ଦ ରଥ । ୧୮୪୮ କାର୍ତ୍ତିକ ନାଗଳ ଚତୁର୍ଦ୍ଦଶୀରେ ପାଟପୁର ମୌଜାସ୍ଥିତ ପଦ୍ମନାଭପୁର ଶାସନରେ ତାଙ୍କର ଜନ୍ମ । ସନ୍ତ ମିଛ, ଶୋଷଣ ଦଳନ, ଅନ୍ୟାୟ ଓ ଅନୀତିର ସତେ ଯେପରି ସେ ଥିଲେ ଯମ । ସେ କୌଣସି ଥିଲାବାଲା ଘରର ସନ୍ତାନ ନଥିଲେ । ଦାରିଦ୍ର୍ୟର କଷାଘାତରେ ସଢ଼ି ମଧ୍ୟ କୌଣସି ଏକ ଘଟଣାରେ—ତାଙ୍କର ତତ୍କାଳୀନ ଡେପୁଟି କଲେକ୍ଟର ବାଳମୁକୁନ୍ଦ ବାବୁଙ୍କ ବିରୁଦ୍ଧରେ ମକଦମା କରିବାକୁ ସେ ପଛେଇ ନଥିଲେ । ବାଳମୁକୁନ୍ଦ ବାବୁ ତାଙ୍କ ବନ୍ଧୁ ସୁନାମଧନ୍ୟ ବାରିଷ୍ଟର ମଧୁସୂଦନ ଦାସଙ୍କୁ ତାଙ୍କ ପକ୍ଷ ସମର୍ଥନ ପାଇଁ ଅନୁରୋଧ କରନ୍ତେ ଗୋବିନ୍ଦ ରଥଙ୍କ ସାଧୁତା ଓ ନ୍ୟାୟପରତାକୁ ସମ୍ମାନ ଦେଇ ମିଃ ଦାସ ବନ୍ଧୁ ବାଳମୁକୁନ୍ଦଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ରଥେ ଜିଣିଲେ ।

ସେତେବେଳେ ଛାପାଖାନା ନାହିଁ । କାଗଜ ଦୁଷ୍ପ୍ରାପ୍ୟ । ତଥାପି ବିପ୍ଳବୀ ଗୋବିନ୍ଦ ରଥ ଅନେକ ଶହ ବହି ରଚନା କରି ପ୍ରକାଶ କରିପାରିଥିଲେ । 'ପିଲଟର ସାହେବ" ତାଙ୍କର ଏକ ଅଦ୍ୱିତୀୟ ରଚନା । ସାହେବମାନଙ୍କ ଢଙ୍ଗ ଢାଙ୍ଗକୁ ତାଚ୍ଛଲ୍ୟ କରି, ଯେଉଁ କଳା ଲୋକେ ଗୋରାବେଶର ସ୍ୱପ୍ନ ଦେଖୁଥିଲେ ତାଙ୍କୁ ଏଥିରେ ବଡ଼ ଚେତାବନୀ ଶୁଣାଇ ଦିଆଯାଇଥିଲା । ବ୍ରିଟିଶ ସରକାର ଏହାକୁ ସହଜରେ ବା କିପରି ? ଏ ବହି ବାଜ୍ୟାପ୍ତ ହୋଇଗଲା । ସତୁରୀ ବର୍ଷ ବୟସରେ ୧୯୧୮ ମଇ ୨୯ ତାରିଖରେ ଏହି ବିପ୍ଳବୀ ବୀର ମରଣଭୀର ଜୀବନ ଛାଡ଼ି ଅମର ଧାମର ଯାତ୍ରୀ ହେଲେ । ଚାଲିଗଲେ ଜାତୀୟତା-କ୍ଷେତ୍ରରେ ଏକ ଅମିଟା ଲେଖା ।

କଟକରେ ମାଜିଷ୍ଟ୍ରେଟ ଥାଆନ୍ତି ଆର୍ମଷ୍ଟ୍ରଙ୍ଗ । ଦିନେ ସେ ମନିଅର୍ଡର କରିବାକୁ କିଛି ଟଙ୍କା ଦେଇ ଚପରାଶିକୁ ଡାକଘରକୁ ପଠାଇଲେ । ମନିଅର୍ଡର ଏତେଲା କଟକ କିଲ୍ଲାଭିତର ସ୍ୱତନ୍ତ୍ର କକ୍ଷରେ ବସିଥାଆନ୍ତି । ଘଣ୍ଟା ଦେଖିଲେ ତିନିଟା ବାଜି ସାରିଛି । ମନିଅର୍ଡର ବନ୍ଦ । ନିୟମର ବଶବର୍ତ୍ତୀ ଏତେଲା ଟଙ୍କା ଫେରାଇ ଦେଲେ । ସେ ଚପରାଶି ଫେରିଗଲା । ଆର୍ମଷ୍ଟ୍ରଙ୍ଗ ସାହେବ ରାଗରେ ବଡ଼ ଗରମ ହୋଇଗଲେ ।

କିଲଟରୀରେ ପ୍ରବଳ ଆଲୋଡନ । ସାମାନ୍ୟ ଜଣେ ଓଡ଼ିଆ କର୍ମଚାରୀ ଜିଲ୍ଲାର ସର୍ବାଧିନାୟକ ଗୋରା ମାଜିଷ୍ଟ୍ରେଟଙ୍କୁ ଖାତିରି କରୁନାହିଁ । କି ବିଡ଼ମ୍ବନା ।

ସ୍ୱୟଂ ଆର୍ମଷ୍ଟ୍ରଙ୍ଗ ଟଙ୍କାତକ ଧରି ଏଜେଣ୍ଟଙ୍କ ପାଖକୁ ଆସିଲେ । ହସ ହସ ବଦନରେ ଏଜେଣ୍ଟ ମାଜିଷ୍ଟ୍ରେଟଙ୍କୁ ସ୍ୱାଗତ କଲେ । ମାଜିଷ୍ଟ୍ରେଟ ସାହେବ ରକ୍ତମୁଖା । ସେ ଆଉ ସ୍ୱାଭାବିକ ସ୍ଥିତିରେ ନଥିଲେ । ଏଜେଣ୍ଟଙ୍କୁ ବାଧ୍ୟ କଲେ । ଧମକ ଚମକ ଦେଲେ । ଏଜେଣ୍ଟ କିନ୍ତୁ ଅଟଳ । ନିୟମହିଁ ନିୟମ । ଯେ ଯେତେ ବଡ ଆସନରେ ରହନ୍ତୁ ପଛେ କେହି ଆଇନ କାନୁନର ଊର୍ଦ୍ଧ୍ୱରେ ନୁହନ୍ତି । ଆଇନକୁ ସମ୍ମାନ ଦେବା ପ୍ରତ୍ୟେକ ସଚେତନ ବ୍ୟକ୍ତିଙ୍କର କର୍ତ୍ତବ୍ୟ । ସେ ସ୍ପଷ୍ଟ କହିଦେଲେ "ମୁଁ ଏ ମନିଅର୍ଡର ଗ୍ରହଣ କରି କରିପାରିବି ନାହିଁ । ଆପଣ ମନ କଲେ ନିଜେ ଆସି ମନିଅର୍ଡର ଗ୍ରହଣ କରିପାରନ୍ତି ।"

ଏତିକିରେ ଆର୍ମଷ୍ଟ୍ରଙ୍ଗ ସାହେବଙ୍କର ଇଜ୍ଜତ୍ ଢିଲାଢାଲା ହୋଇଗଲା । ତଥାପି ନିଜ ବୃଥା ଟାଣପଣ ଜାହିର କରିବାକୁ ଯାଇ ନିଜ ହାତରେ ଡାକ ହିସାବକୁ କାଟି ମନିଅର୍ଡର ଲେଖିଲେ ।

ଏଜେଣ୍ଟ କିନ୍ତୁ ଏତିକିରେ ନିଷ୍କ୍ରିୟ ରହିଲେ ନାହିଁ । ଗୋରା ମାଜିଷ୍ଟ୍ରେଟଙ୍କର ଏ ପ୍ରକାର ଗର୍ହିତାଚରଣ ସେ ଉପରକୁ ଜଣାଇଦେଲେ । ତାଙ୍କ ସଂପାଦିତ "ଉତ୍କଳ ଦୀପିକା"ରେ ଘଟଣାଟିକୁ ପ୍ରକାଶ କରାଇଥିଲେ । ସେତେବେଳେ ଆଇନକୁ ସମ୍ମାନ ଦେବା ଲୋକେ କମ୍ ହେଉଥିବାରୁ ଉପରିସ୍ଥ କର୍ମକର୍ତ୍ତା ଏଜେଣ୍ଟଙ୍କୁ ସମର୍ଥନ କଲେ । ମାଜିଷ୍ଟ୍ରେଟ ସାହେବଙ୍କର ଆଉ ଗତ୍ୟନ୍ତର ନଥିଲା । ସେ ଏଜେଣ୍ଟଙ୍କ ସହ ସାଲିସ କରିବାକୁ ବାଧ୍ୟ ହେଲେ ।

ଏହି ନିର୍ଭୀକ ନିୟମାନୁବର୍ତ୍ତୀ ମନିଅର୍ଡର ଏଜେଣ୍ଟ ହେଉଛନ୍ତି ଗୌରୀଶଙ୍କର । ୧୮୩୮ ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀରେ କଟକ ଜିଲ୍ଲା ଅସୁରେଶ୍ୱର ନିକଟବର୍ତ୍ତୀ ଦୀକ୍ଷିତପଡାରେ ତାଙ୍କର ଜନ୍ମ । ଗାଁ ଅବଧାନଙ୍କ ପାଖରେ ବାଲ୍ୟଶିକ୍ଷା ସମାପନ କରି କଟକରେ ପଢ଼ିଲେ । ଦକ୍ଷିଣ ପାଖରେ । ପଦଯାତ୍ରାରେ ମହାନଦୀ, କାଠଯୋଡ଼ି ପାରି ହୋଇ ସୁଦୂର ହୁଗୁଳି ଗଲେ । କଲିକତାରେ ଉଚ୍ଚ ଶିକ୍ଷା ପାଇଲେ । ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ତାଙ୍କର କର୍ମମୟ ଜୀବନ ପ୍ରାରମ୍ଭ । କବିବର ରାଧାନାଥ ଥିଲେ ତାଙ୍କର ପ୍ରିୟଛାତ୍ର । ଗୌରୀଶଙ୍କରଙ୍କ ଜୀବନ ସବୁବେଳେ ଯେପରି ଯନ୍ତ୍ରକର୍ମ ପାଇଁ ଉଦ୍ଦିଷ୍ଟ ଥିଲା । ସେ କଟକ କମିଶନରଙ୍କ ଅଫିସରେ କିରାଣୀ ଓ ମନିଅର୍ଡର ଏଜେଣ୍ଟ ଭାବେ ସରକାରୀ ଚାକିରୀରେ ରହି ୧୮୯୦ରେ ଅବସର ଗ୍ରହଣ କଲେ । ସରକାରୀ ଚାକିରୀରେ ଥାଇ ମଧ୍ୟ ୧୮୬୬ରେ ସେ ସର୍ବପ୍ରଥମ ଓଡ଼ିଆ ସାପ୍ତାହିକ "ଉତ୍କଳ ଦୀପିକା"ର ପ୍ରକାଶନ ଓ ସଂପାଦନା ଦାୟିତ୍ୱ ନେଇ ବିଦେଶୀ ସରକାରର ଅନ୍ୟାୟ ଅନୀତିକୁ ପଦାରେ ପକାଇବାକୁ ପିଛେଇ ନଥିଲେ ପଶ୍ଚାତ୍ପଦ ହେଉନଥିଲେ । ଆଜି ବି ଗାଁ ଗହଳରେ ପ୍ରଚୁର ଲୋକେ ଯେ କୌଣସି ସମ୍ବାଦପତ୍ରକୁ "ଦୀପିକା" ନାମରେ ଅଭିହିତ କରାଇବା ଶୁଣିଯାଏ । ସରକାରୀ ଚାକିରୀରେ ଥାଇ ମଧ୍ୟ ସେ ସରକାରଙ୍କ ତାଙ୍କ ମୁଣ୍ଡ ଟେକି ଦେଉନଥିଲେ ।

ଓଡ଼ିଆ ଭାଷାର ପ୍ରସାର ପାଇଁ କଟକ ପ୍ରିଣ୍ଟିଂ କଂପାନୀ ପୃଷ୍ଠପୋଷକତାରେ ପ୍ରିଣ୍ଟିଂ ପ୍ରେସ, କଟକର ଟାଉନହଲ ଓ କାୟସ୍ଥ ଛାତ୍ରାବାସ ପ୍ରତିଷ୍ଠା ତାଙ୍କର ମହନୀୟ କୀର୍ତ୍ତି । ଝିଅମାନେ ପାଠପଢ଼ିବା ସେତେବେଳେ ସ୍ୱପ୍ନ ଥିଲା । ଏହି କୁସଂସ୍କାର ମୂଳରେ କୁଠାରଘାତ କରି ଗୌରୀଶଙ୍କର ନିଜ ଗ୍ରାମ ଦୀକ୍ଷିତପଡାରେ ଏକ ବାଳିକା ବିଦ୍ୟାଳୟ ବସାଇଲେ । ତାଙ୍କର ଏତାଦୃଶ ଜାତୀୟତାବୋଧକୁ ସମ୍ମାନ ଦେଇ ଇଂରେଜ ସରକାର ତାଙ୍କୁ ରାୟବାହାଦୁର ଉପାଧିରେ ଭୂଷଣ କରିବାକୁ ୧୯୧୬ରେ ଠିକ୍ କଲେ । ଗୌରୀଶଙ୍କରଙ୍କୁ ଯେଉଁ ଦିନ ଉପାଧି ଗ୍ରହଣ ପାଇଁ ଆମନ୍ତ୍ରଣ ଆସିଲା, ସେଦିନ ସେ ନିଜ ଗାଁ ବିଦ୍ୟାଳୟ ଓ ଡାକ୍ତରଖାନା ଉଦ୍‌ଘାଟନ ପାଇଁ କର୍ମରତ ଥିଲେ । ତେଣୁ ଉପାଧି ଗ୍ରହଣକୁ ଆସିପାରିଲେ ନାହିଁ । ତାଙ୍କ ପାଖରେ ଉପାଧି ଗ୍ରହଣ ଗାଁ ଲୋକଙ୍କ ସେବା ତୁଳନାରେ ନ୍ୟୁନ ବୋଧ ହେଲା ।

୧୯୧୭ ମାର୍ଚ୍ଚ ୭ ତାରିଖରେ କର୍ମବୀର ଗୌରୀଶଙ୍କର ଇହଧାମରୁ ବିଦାୟ ନେଲେ ସତ । ଦେଶସେବକ ଓ ଆଇନପ୍ରତି ସମ୍ମାନ ଜଣାଉଥିବା ବ୍ୟକ୍ତିଙ୍କ ପାଇଁ ସେ ଏକ ଅତୁଳ ସ୍ମୃତି ହୋଇ କାଳକାଳକୁ ରହିଗଲେ ।

ଊନବିଂଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧର ପ୍ରଥମ ଦଶକ । କଟକର ଉପକଣ୍ଠବର୍ତ୍ତୀ ସତ୍ୟଭାମାପୁର ଗ୍ରାମ୍ୟ ଚାଟଶାଳୀରେ ପିଲାଟିଏ ପଢୁଥାଏ । ଚେହେରା ଯେପରି ଆକର୍ଷଣୀୟ ବୁଦ୍ଧି ମଧ୍ୟ ସେହିପରି ସରସ । ଦିନକର ଘଟଣା । ଝଡ଼ିବର୍ଷା ଲାଗିରହିଥାଏ । ପିଲାଟିର କିନ୍ତୁ ପାଠରେ ଏତେମନ ଯେ ପାଣି କାଦୁଅକୁ ଖାତିର ନକରି ବସ୍ତାନିଧରି ଛୁଟିଥାଏ ଚାଟଶାଳୀକୁ । ସେତେବେଳର ଗାଁ ଦାଣ୍ଡର ଦୁରବସ୍ଥା ନଦେଖିଲେ ପରତେ ହିବନାହିଁ । ଖାଲ, ଖମା, ପାଣି କାଦୁଅ ଭର୍ତ୍ତି । ଯାଉ ଯାଉ ପିଲାଟିର ଗୋଡ଼ ଖସିଗଲା । ପଙ୍କ କାଦୁଅରେ ଦେହ ସରବୁଡ଼ । ତଥାପି ପିଲାଟିର ଡ଼ରନାହିଁ କି ସଙ୍କୋଚ ନାହିଁ । ସେଇ ପଙ୍କ କାଦୁଅରେ ସରସର ହୋଇ ସ୍କୁଲରେ ଯାଇ ହାଜର ।

ପିଲାଟିର ଅବସ୍ଥା ଦେଖି ବିସ୍ମୟାଭିଭୂତ ହୋଇ
ପଚାରିଲେ ଗୁରୁ "ଏକିହେଲା ?
ଏତେସରି ତତେକିଏ କଲା ?"
ପିଲାଟି କହିଲା "ବେଗେ ଆସୁ ଆସୁ
କାଦୁଅରେ ଗୋଡ଼ ଖସିଗଲା ।"

ଗୁରୁଙ୍କ ତୁଣ୍ଡରୁ କଥା ବାହାରିଲାନାହିଁ । ତେବେ ଏହି ଘଟଣାରୁ ପିଲାଟିର ଭବିଷ୍ୟତ ଯେ ଉଜ୍ଜ୍ୱଳ ଜାଣିବାକୁ ଆଉ ବାକି ରହିଲାନାହିଁ ।

ପିଲାଟି ଏତିକିରେ ନିଶ୍ଚିନ୍ତ ରହିପାରିଲା ନାହିଁ । ତାର ମନଲାଗିଥାଏ ଗାଁ ଦାଣ୍ଡକୁ କିପରି ଖାଲଖମାରୁ ମୁକ୍ତ କରିବ । ଗାଁ ଲୋକେ ତ ସେ ସାହା ପେଟପୋଷଣରେ ବ୍ୟସ୍ତ । ସମୂହ କାମପାଇଁ ସଦ୍‌ଭାବନା ଆସୁନିଥିଲା ସେମାନଙ୍କର । ପିଲାଟି କିନ୍ତୁ ସୁଯୋଗକୁ ଅପେକ୍ଷା କରିଥାଏ ।

"ହେଲ ଦଶହରା ଛୁଟିହେବ
ସାଥୀ ପିଲାମାନେ ଜଣମେଳ

ବାଲି ଗୋଡ଼ି ମାଟି ପକାଇ ସହିଏ
ଗାଆଁ ବାଟକରେ ସମତୁଲ ।"

ଏକେଯାଏ ଗାଁ ଲୋକଙ୍କ ଚେତା ପଶିଲା । ଗୁରୁଜୀ ମଧ୍ୟ ବିସ୍ମୟାଭିଭୂତ ହୋଇ ପଡ଼ିଲେ ।

"ଏହା ଦେଖି ଲୋକେ ହେଲେ ବାୱା
ଡକାଇଲେ ଗୁରୁ ଘଟସରା
କହିଲେ—"ଏଭଳି ଉଚ୍ଚକାମ କଲେ
ଦୁନିଆରେ ଦିନେ ବଡ଼ହେବ ।"

ଏ ଶିଶୁଟି କିଏ ଜାଣ ? ବଡ଼ଦିନକୁ ଲୋକେ ତାଙ୍କୁ କ'ଣବୋଲି ଚିହ୍ନିଲେ ?

"ବଡ଼ହେଲା ଦିନେ ସେଇଦିନ
ମଧୁ ବାରିଷ୍ଟର ବୋଲାଉଲା
ଦେଶପାଇଁ କେତେ କାମ କରିଦିଏ
କାଳ କାଳ ଯଶ ରହିଗଲା ।"

ମଧୁସୂଦନଙ୍କ ଜନ୍ମ ୧୮୪୮ ଏପ୍ରିଲ ୨୮ରେ ସତ୍ୟଭାମାପୁରରେ । ବିଶିଷ୍ଟ ଆଇନଜୀବୀ ଚୌଧୁରୀ ରଘୁନାଥ ଦାସଙ୍କ ପୁଅ ସେ । କଟକରେ ମେଟ୍ରିକ୍ ପାଶ୍‌କରି ବାଲେଶ୍ୱର ହାଇସ୍କୁଲରେ ଶିକ୍ଷକତା କଲେ । ସେଠି ରେଭିନ୍ୟୁ ଅଫିସରେ କିରାଣୀ ଚାକିରୀ କଲେ । ମାତ୍ର ତାଙ୍କର ଦୁର୍ଦ୍ଦମନୀୟ ମନ କ'ଣ ସେତିକିରେ ସନ୍ତଳା ପଡ଼ନ୍ତା । କାହାକୁ କିଛି ନକହି ସେ ସିଧା କଲିକତା ବାହାରିଗଲେ । ଭବାନୀପୁର ବେଥୁନ କଲେଜରେ ମାସିକ ୭ଟଙ୍କା ବୃତ୍ତି ଲାଭକରି ଉଚ୍ଚ ଶିକ୍ଷାରେ ଭର୍ତ୍ତିହେଲେ । ସେତେବେଳେ ଉଚ୍ଚ ଶିକ୍ଷାପାଇବା ଓ ଉଚ୍ଚ ଶିକ୍ଷାକୁ ନିୟନ୍ତ୍ରଣ ରଖିବା ଖ୍ରୀଷ୍ଟିୟାନମାନଙ୍କର ଏକପ୍ରକାର କର୍ତ୍ତୃତ୍ୱାଧୀନ ଥାଏ । ଘଟଣା ଚକ୍ରରେ ମଧୁସୂଦନ ସେଇ ବେଥୁନ କଲେଜରେ ପଢ଼ିବାବେଳେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣକଲେ । ସେତେବେଳକୁ ତାଙ୍କୁ ମାତ୍ର ୨୨ ବର୍ଷ । ୪ବର୍ଷପରେ ତାଙ୍କର ଜଣେ ସହପାଠିନୀ ଖ୍ରୀଷ୍ଟିୟାନ ସୌଦାମିନୀ ଚଟ୍ଟୋପାଧ୍ୟାୟଙ୍କୁ ବିବାହ କଲେ । ବାପମା କିନ୍ତୁ ଏବିଷୟରେ କିଛି ଜାଣିପାରିଲେନାହିଁ ।

ପାଠପଢ଼ାରେ ତ ମନ ଲାଗିଛି । ମଧୁସୂଦନ ଅଦମ୍ୟ ଉତ୍ସାହସହ ଆଗେଇବାକୁ ଲାଗିଲେ । ବି. ଏ. ପାଶ୍‌କଲେ, ଏମ୍. ଏ ପାଶ୍‌କଲେ । ଆଇନ ଡିଗ୍ରୀଧାରୀ ହେଲେ ପୁଣି ବିଲାତ ମଧ୍ୟ ଗଲେ । ଏ ସବୁଥିରେ ମଧୁସୂଦନ ହେଉଛନ୍ତି ପ୍ରଥମ ଓଡ଼ିଆ ।

ତାଙ୍କୁ ସେତେବେଳେ ୩୦ବର୍ଷ, ଆଲିପୁରରେ ଆଇନ ବ୍ୟବସାୟ ଆରମ୍ଭକଲେ । ଦୁର୍ଭାଗ୍ୟକୁ ତିନୋଟି ବର୍ଷପରେ ତାଙ୍କ ଧର୍ମପତ୍ନୀଙ୍କ ପରଲୋକ ହୋଇଗଲା । ତାଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ । ଅଗତ୍ୟା ମଧୁସୂଦନ କଟକକୁ ଫେରିଆସିଲେ ।

ମଧୁସୂଦନ କାଗଜପତ୍ରରେ ଯିନା ଖ୍ରୀଷ୍ଟିୟାନ-ଧାରା ପ୍ରଶିରାରେ ତାଙ୍କର ହିନ୍ଦୁ-ଓଡ଼ିଆ ରକ୍ତ ପ୍ରବାହିତ। ସବୁ ଶେଷରେ ଓଡ଼ିଆଙ୍କର ପ୍ରତିଷ୍ଠା ପାଇଁ ସତେ ଯେପରି ସେ ଜୀବନର ବ୍ରତ ସ୍ୱରୂପ ଗ୍ରହଣ କରିନେଲେ ।

ମଧୁସୂଦନଙ୍କପରି ଓଡ଼ିଆ ଓକିଲ ନଥିଲେ ଓଡ଼ିଆ ପ୍ରଥର ବିଶ୍ୱବିଶ୍ରୁତ ଶ୍ରୀ ପୁରୀର ଶ୍ରୀମନ୍ଦିର ଗୋରା ସରକାରଙ୍କ କର୍ତ୍ତୃତ୍ୱକୁ ହସ୍ତାନ୍ତରିତ ହୋଇଯାଇଥାନ୍ତା ।

ଏହିସବୁ ଘଟଣାରେ ମଧୁବାବୁଙ୍କ ଖ୍ୟାତି ଦିକ୍‌ବିଦିକ ବେଗରେ ବ୍ୟାପିବାକୁ ଲାଗିଲା । କଟକରେ ବଙ୍ଗୀୟ ପ୍ରଧାନ ଆଇନଜୀବୀ ମହଲ ଓଡ଼ିଆ ଓକିଲଙ୍କୁ ନାକ ଟେକୁଥିବା ସତ୍ତ୍ୱେ ମଧୁସୂଦନ ନିଜର ପ୍ରତିଷ୍ଠା ବଳରେ ବାର ଆସୋସିଏସନର ସଭାପତି ପଦ ମଣ୍ଡନ କରିପାରିଥିଲେ । ଆଇନ କଲେଜର ଅଧ୍ୟାପକତ୍ୱ ମଧ୍ୟ ଗ୍ରହଣ କରିପାରିଲେ ।

ମଧୁସୂଦନଙ୍କ କୃତିତ୍ୱ କେବଳ ଆଇନଜୀବୀ ମାନଦଣ୍ଡରେ ମାପି ହେବନାହିଁ । ଜଣେ ଶିକ୍ଷାପ୍ରେମୀ, ଆଦର୍ଶ ବ୍ୟବସ୍ଥାପକ, ଦେଶକୁ ବିଦେଶୀ ନିଗଡ଼ରୁ ମୁକ୍ତ କରାଇବାରେ ଐକାନ୍ତିକତା ତାଙ୍କ କର୍ମବହୁଳ ଜୀବନର ଅମ୍ଳାନ ସ୍ତବକ । ବିଚ୍ଛିନ୍ନାଞ୍ଚଳର ଏକୀକରଣ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିଗରେ ମଧୁବାରିଷ୍ଟରଙ୍କ ଅବଦାନ କାଳକାଳକୁ ମନେରହିବ । ମଧୁବାବୁ ନଥିଲେ ଆମେ ଆଜି ବଙ୍ଗଳାରେ କଥାବାର୍ତ୍ତା କରୁଥାନ୍ତେ । ଓଡ଼ିଆ ବୋଲି ଆଜି ବୀରଦର୍ପରେ ଆମେ ଯେପରି ଛାତିଫୁଲେଇ ଚାଲିଛୁ ତାହା ସମ୍ଭବପର ହୋଇ ନଥାନ୍ତା ।

ସେତେବେଳେ ଝିଅପିଲାମାନେ ପାଠ ପଢ଼ିବା ସ୍ୱପ୍ନ ଥିଲା । ଗ୍ରାମାଞ୍ଚଳ କଥା ଦୂରରେ ଥାଉ ସହରରେ ମଧ୍ୟ ବାଳିକା ସ୍କୁଲ ନଥିଲା । ୧୮୬୯ ରେ ରେଭେନ୍ସା କଲେଜର ଜଣେ ଅଧ୍ୟାପକଙ୍କ ସାହାଯ୍ୟ ସହଯୋଗରେ କଟକରେ ପ୍ରାଥମିକ ବାଳିକା ବିଦ୍ୟାଳୟଟିଏ ପ୍ରତିଷ୍ଠିତ ହେଲା । ୧୮୭୩ରେ ଏହା ସରକାରୀ ସ୍ୱୀକୃତି ଲାଭକରି ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟ ନାମରେ ନାମିତ ହେଲା । ୧୯୦୭ ମସିହା ବେଳକୁ ସ୍କୁଲଟି ମରିଯିବା ଅବସ୍ଥାକୁ ଆସିବାରୁ ସ୍କୁଲର ପରିଚାଳନା କମିଟିର ସଦସ୍ୟବର୍ଗ ମଧୁବାବୁଙ୍କ ସାହାଯ୍ୟ ସହଯୋଗ ଲୋଡ଼ନ୍ତେ ମଧୁବାବୁ ନିଜର ପାଳିତା କନ୍ୟା ଶୈଳବାଳା—ଯେ କି ସେତେବେଳକୁ ବିଲାତରୁ ମହିଳା ଶିକ୍ଷା ସମ୍ବନ୍ଧରେ ତାଲିମନେଇ ଫେରିଥିଲେ, ତାଙ୍କୁ ସ୍କୁଲର ଅଧ୍ୟକ୍ଷା ତଥା ସଂପାଦିକା ଦାୟିତ୍ୱ ଅର୍ପଣ କଲେ । ସ୍କୁଲଟି ରହିଗଲା । ୧୯୩୦ ମସିହାରେ ବାଳିକା ହାଇସ୍କୁଲ ରୂପେ ସେତେବେଳର ବ୍ୟବସ୍ଥାନୁଯାୟୀ କଲିକତା ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରାପ୍ତ ହେଲା ଓ ୧୯୩୦ ମସିହାରୁ ଏହା ଏକ ସରକାରୀ ବାଳିକା ବିଦ୍ୟାଳୟ ରୂପେ ସ୍ୱୀକୃତି ଲାଭ କଲା ।

ଝିଅପିଲାମାନଙ୍କ ଶିକ୍ଷାଦିଗରେ ମଧୁବାବୁ କେବଳ କଟକରେ ନିଜକୁ ସୀମିତ ନରଖି ବଙ୍ଗଳା କାଉନସିଲ୍ ଓ ବିହାର ଓଡ଼ିଶା କାଉନସିଲ୍‌ରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଟାଣୁଆ ବକ୍ତୃତାମାନ ଦେଇ ଥିଲେ ଓ ମହିଳାମାନଙ୍କ ଭୋଟ ଅଧିକାର ପାଇଁ ଲଢ଼ିଥିଲେ । ମହିଳାମାନଙ୍କ ଆଇନ ଶିକ୍ଷା ଓ ଆଇନ ଜୀବିକା ତାଙ୍କରି ଦ୍ୱାରାହିଁ ସମ୍ଭବ ହୋଇଥିଲା । ଶିକ୍ଷାକୁ କେବଳ ପୁସ୍ତକ କେନ୍ଦ୍ରିକ ନକରି ହାତକୁ କ୍ରିୟାଶୀଳ କରିବା ଉପରେ ବୈଷୟିକ ଗୁରୁତ୍ୱ ଦେଇଥିଲେ । ମସ୍ତିଷ୍କ ଓ ହସ୍ତର ସଂଯୋଗରକ୍ଷା ନହେଲେ ଶିକ୍ଷା ଅକାମୀ ହୋଇଯିବାର ତାଙ୍କର ଦୃଢ଼ ବିଶ୍ୱାସ ଥିଲା ।

ବ୍ୟବସ୍ଥାପକ ଭାବରେ ମଧୁବାବୁଙ୍କ ଖ୍ୟାତି ଇତିହାସର ବିଷୟ ହୋଇ ରହିଛି । ତାଙ୍କର ବ୍ୟବସ୍ଥାପକ ଜୀବନ ଆରମ୍ଭ ହୋଇଥିଲା ୧୮୮୬ରେ । କଟକ ସଦର ଲୋକାଲ ବୋର୍ଡର ସଦସ୍ୟ, ପରେ ଲୋକାଲ ବୋର୍ଡର ଚେୟାରମ୍ୟାନ ଓ ୧୮୯୯ରେ କଟକ ଡିଷ୍ଟ୍ରିକ୍ଟବୋର୍ଡରେ ଭାଇସ୍ ଚେୟାରମ୍ୟାନ

ନିର୍ବାଚିତ ହୋଇଥିଲେ । ତାଙ୍କ ପରି ଜଣେ ଦକ୍ଷ ଓ ସଚ୍ଚୋଟ ପ୍ରତିନିଧିଙ୍କୁ ପାଇ ସେତେବେଳେ ଚେୟାରମ୍ୟାନ ଭାବରେ ରହୁଥିବା ଗୋରା କଲେକ୍ଟରମାନେ ଥରକ ପାଇଁ ସୁଦ୍ଧା ବୈଠକରେ ପୌରୋହିତ୍ୟ ନକରି ସବୁ ଦାୟିତ୍ୱ ମଧୁବାବୁଙ୍କୁ ଛାଡ଼ି ଦେଇଥିଲେ । ବିହାର ଓଡ଼ିଶା କାଉନ୍‌ସିଲ, ଇମ୍ପେରିଆଲ କାଉନସିଲ ତଥା ବଙ୍ଗଳା କାଉନସିଲକୁ ସଭ୍ୟ ଭାବେ ମନୋନୀତ ହେବା ଗୌରବ ସେ ମଣ୍ଡନ କରିଥିଲେ । ମଧୁବାବୁ ହେଉଛନ୍ତି ପ୍ରଥମ ଓଡ଼ିଆ ଯେ କି ବିହାର ଓଡ଼ିଶା ପ୍ରଦେଶର ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ । ୧୯୨୧ ଜୁଲାଇ ୨୫ ତାରିଖରେ ମଧୁବାବୁ ଐତିହାସିକ ସ୍ୱାୟତ୍ତଶାସନ ବିଲ ଆଗତ କରିଥିଲେ । ତାହା ନିଜ ବାବଦରେ ଗୃହୀତ ହେବାରେ ଜିଲ୍ଲା ବୋର୍ଡ ମ୍ୟୁନିସପାଲିଟି ଭଳି ସ୍ୱାୟତ୍ତଶାସନ ସଂସ୍ଥା ଚେୟାରମ୍ୟାନ ପଦ ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ପୂରଣ ହେବାର ବ୍ୟବସ୍ଥା ହେଲା । ଏହି ଆଇନର ପରିସର ମଧ୍ୟରେ ଯେଉଁ ସର୍ବପ୍ରଥମ ନିର୍ବାଚନ ହେଲା ସେଥିରେ ୰ଗୋପବନ୍ଧୁ ଚୌଧୁରୀ, ୰ହରେକୃଷ୍ଣ ମହତାବ ଓ ୰ବନମାଳି ଦାସ ଯଥାକ୍ରମେ କଟକ, ବାଲେଶ୍ୱର ଓ ପୁରୀ ଜିଲ୍ଲାବୋର୍ଡର ସର୍ବପ୍ରଥମେ ନିର୍ବାଚିତ ଚେୟାରମ୍ୟାନ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ । ଚିକିତ୍ସା, ପରିମଳ, କାଇନ-ହାଉସ, ପ୍ରାଥମିକ ଶିକ୍ଷା, ଗ୍ରାମ୍ୟରାସ୍ତା ଇତ୍ୟାଦିର ପରିଚାଳନା ସ୍ୱାୟତ୍ତଶାସନ ସଂସ୍ଥାକୁ ହସ୍ତାନ୍ତରିତ ହେଲା ।

ମନ୍ତ୍ରୀପଦ ଅବୈତନିକ ହେବା ଉଚିତ୍ ବୋଲି ତାଙ୍କର ଦୃଢ଼ମତ ଥିଲା । ତାଙ୍କର ସେହି ନୀତିରେ ସେ ଅଟଳ ରହିବାର ଓ ସରକାରୀ ସ୍ତରରେ ତାହା ଗୃହୀତ ନ ହେବାରୁ ସେ ତତ୍କାଳୀନ ଲାଟ୍ ଏଚ୍. ହୁଇଲରଙ୍କୁ ପତ୍ର ଲେଖି ୧୯୨୩ ମାର୍ଚ୍ଚ ୮ରେ ଇସ୍ତଫା ଦେଇ ମନ୍ତ୍ରୀତ୍ୱ ତ୍ୟାଗ କଲେ । ଲାଟ୍ ଶ୍ରୀଯୁକ୍ତ ହୁଇଲର ମଧୁବାବୁଙ୍କ ଅଭାବରେ ଏପରି ବ୍ୟଥିତ ହୋଇଥିଲେ ଯେ ତାଙ୍କ ସ୍ଥାନ ପୂରଣ ପାଇଁ ଆଉ ବିକଳ୍ପ ବ୍ୟବସ୍ଥା ଚିନ୍ତା କରିବାକୁ ଉଚିତ ମଣି ନଥିଲେ ।

ନବ ଯୁବକମାନଙ୍କୁ ସଂସ୍କାରଧର୍ମୀ କରିବାକୁ ମଧୁବାବୁ ଓ କର୍ମବୀର ଗୌରୀଶଙ୍କର ୧୮୮୨ରେ ଉତ୍କଳ ଏସୋସିଏସନ ଗଠନ କରିଥିଲେ । ୧୮୮୫ ମସିହାରେ ଅଖିଳ ଭାରତ ଜାତୀୟ କଂଗ୍ରେସ ଜନ୍ମ ଲାଭ କରିବାରେ ସେହି ଜାତୀୟ ସ୍ରୋତରେ ନିଜକୁ ସାମିଲ କରିବାପାଇଁ ଉତ୍କଳ ଏସୋସିଏସନର ନିର୍ଦ୍ଦେଶରେ ଏକ ପ୍ରତିନିଧି ଦଳ ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସର ତୃତୀୟ ଅଧିବେଶନରେ ଯୋଗଦେଇଥିଲେ । ପରବର୍ତ୍ତୀ ସମୟରେ କଂଗ୍ରେସ ଓ ମହାତ୍ମା ଗାନ୍ଧୀଙ୍କ ସହ ମଧୁବାବୁ ନାନା ଭାବରେ ସଂପୃକ୍ତ ହୋଇଥିଲେ । ଅସହଯୋଗ ଆନ୍ଦୋଳନରେ ବନ୍ଦୀ ଗୋପବନ୍ଧୁ ପ୍ରମୁଖଙ୍କୁ ଖଲାସ ପାଇଁ ସେ ବିହାର ଓଡ଼ିଶା କାଉନ୍‌ସିଲରେ ଦୃଢ଼ ଦାବୀ କରିଥିଲେ ।

ଓଡ଼ିଆଙ୍କ ଶିଳ୍ପ ନୈପୁଣ୍ୟକୁ ଦେଶ ବିଦେଶରେ ପରିଚିତ କରାଇବା ପାଇଁ ଉତ୍କଳ ଟ୍ୟାନେରୀ ଓ ଓଡ଼ିଶା ଆର୍ଟ ୱାର୍କ ପ୍ରତିଷ୍ଠା କରିଥିଲେ । ଏଠାରେ ପ୍ରସ୍ତୁତ ସାମଗ୍ରୀ ମଧ୍ୟରୁ କୌଣସି ଜୋତାରେ ଖୁଣ ଦେଖିଲେ ସେ ନିର୍ଦ୍ଦିଦ୍ୱରେ ସବୁତକ ନଷ୍ଟ କରିବାକୁ ପଛାଉନଥିଲେ । ଓଡ଼ିଆଜାତିକୁ ଦେଶ ବିଦେଶରେ ଲୋକେ ହୀନ ଦୃଷ୍ଟିରେ ନ ଦେଖନ୍ତୁ, ଏହାହିଁ ଥିଲା ତାଙ୍କର ଏକମାତ୍ର ଅଭିପ୍ରାୟ ।

ଭାରତୀୟ ଲାଟିଆନ ଏସୋସିଏସନରେ ପୌରୋହିତ୍ୟ କରି ମଧୁବାବୁ ସେମାନଙ୍କୁ ଚେତାଇ ଦେଇଥିଲେ ଯେ ସେମାନେ ଖାଟି ସଂସ୍କୃତିରେ ଖ୍ରୀଷ୍ଟିଆନ । ତେଣୁ ପାଶ୍ଚାତ୍ୟର ଅନ୍ଧାନୁକରଣ କରନ୍ତୁ ନାହିଁ । ନିଜକୁ ବିଦେଶୀ ନ ବିଚାରି ଭାରତୀୟ ଖ୍ରୀଷ୍ଟିଆନ ଭାବରେ ପରିଚିତ ହେବାରେ ଗୌରବ ଅନୁଭବ କରନ୍ତୁ ।

ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଏକତ୍ରୀକରଣ ଦ୍ୱାରା ସ୍ୱତନ୍ତ୍ର ଉତ୍କଳ ଗଠନରେ ମଧୁବାବୁଙ୍କ ଅବଦାନ ସଦାସ୍ମରଣୀୟ । ସେତେବେଳେ ଗଞ୍ଜାମରେ ତେଲୁଗୁ, ସମ୍ବଲପୁରରେ ହିନ୍ଦୀ ଓ ଓଡ଼ିଶାରେ ବଙ୍ଗଳା ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଉଥିବାରେ ଉଦ୍‌ବେଗ ପ୍ରକାଶ କରି ଉତ୍କଳ ସମ୍ମିଳନୀ ମାଧ୍ୟମରେ ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଉଥିଲା ମଧୁବାବୁ ତାହାକୁ ପରିପୁଷ୍ଟ କରିଥିଲେ । କଟକରେ ଉତ୍କଳ ସଭା, ଗଞ୍ଜାମରେ ଉତ୍କଳ ହିତୈଷିଣୀ ସଭା, ଓଡ଼ିଆ ପ୍ରାଇଭେଟ ଆସୋସିଏସନ ଭଳି ଅନୁଷ୍ଠାନ ଏ ଦିଗରେ କାମ କରିଥିଲେ । ଉତ୍କଳ ଦୀପିକା, ଉତ୍କଳବାର୍ତ୍ତା, ସମ୍ବାଦ ବାହିକା, ଉତ୍କଳ ପାଟ୍ରିଅଟ, ଦି ଓଡ଼ିଆ, ଷ୍ଟାର ଅଫ ଉତ୍କଳ ଭଳି ପତ୍ରପତ୍ରିକା ପ୍ରସାର, ପ୍ରଚଳନକୁ ପୃଷ୍ଠପୋଷକତା ଦେଇ ସେ ବିଚ୍ଛିନ୍ନାଞ୍ଚଳ ଆନ୍ଦୋଳନକୁ ଚେତାର ରଖିଥିଲେ ।

ଜଣେ ଉଚ୍ଚକୋଟୀର ଆଇନଜୀବୀ ଭାବରେ ମିଃ ଦାସ ଜୀବନରେ ଯେପରି ବିପୁଳ ସମ୍ପଦର ଅଧିକାରୀ ଥିଲେ, ବ୍ୟବସ୍ଥାପକ, ସାମାଜିକ, ଶିକ୍ଷାପ୍ରେମୀ ଓ ଓଡ଼ିଆ ଜାତୀୟତାର ପ୍ରାଣପ୍ରତିଷ୍ଠା କରିବାକୁ ଯାଇ ଶେଷକୁ ନିଜକୁ ଦେବାଳିଆ ଘୋଷଣ କରି ବହୁ ଦୁଃଖ କଷ୍ଟରେ ଅନ୍ତିମ ଜୀବନ ଯାପନ କରିଥିଲେ । ସେତେବେଳକୁ ତାଙ୍କର ଋଣ ଥିଲା ୧ଲକ୍ଷ ୮୦ ହଜାର ଟଙ୍କା । ଏ ଯୁଗର ନେତା ବ୍ୟବସ୍ଥାପକ, ସଂସ୍କାରକ ଓ ସମାଜସେବୀମାନେ ଏ ରହସ୍ୟ ଭେଦ କରି ପାରିବେ ନାହିଁ ସତ, ମାତ୍ର ଏହା ନିତାନ୍ତ ସତ୍ୟ ଓ ତଥ୍ୟ ଉଦ୍‌ଘାଟିତ ।

୧୯୩୪ ଫେବୃୟାରୀ ମାସ ୩ତାରିଖ ରାତି ଘ ୧-୨୦ ମିନିଟରେ ଏହି ଯୁଗ ପୁରୁଷଙ୍କର ପରଲୋକ ହୋଇଗଲା । ତାଙ୍କର ଅନ୍ତିମ ଅଭିଳାଷ ଅନୁଯାୟୀ ତାଙ୍କୁ ତାଙ୍କ ପୁରୁଣା ଧୋତି, ଚଦର ଓ କୋଟ ପରିହିତ କରାଯାଇ କବର ଦିଆଗଲା । ଓଡ଼ିଶାର ପୁର ପଲ୍ଲୀ ତାଙ୍କ ବିୟୋଗରେ ଅଶ୍ରୁତର୍ପଣ କରି ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

ଆଜି ମନେ ପଡୁଛି ମିଃ ଦାସଙ୍କର ସେଇ ଜୀବନ୍ତ ବାଣୀ:-

"ଜାତି ପ୍ରେମ ବହ୍ନି ପ୍ରଜ୍ୱଳନ କର, ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥ ମେଧ ଯଜ୍ଞେ ଉଠିଆସେ ଜାତି
ଛାତିକୁ ମିଳାଇ ଛାତି "

ବାସ୍ତବରେ

ତେଜୁଥିଲା "ତାର ଚିରବାଣୀ
ନବଜାଗରଣ ଦେଇ ଆଣି
ନୂଆ ଜୀବନର ଆଲୋକ ଦେଖାଇ
କୋଟି ଜନ-ମନ-ନେଇ ଟାଣି " ।

୧୮୯୩ର କଥା । ବାଲେଶ୍ୱର ଜିଲ୍ଲାର ଗୋଟିଏ ଗାଁରେ ଜଣେ ପତିହରା ଜନନୀ ଏକମାତ୍ର ଅପତ୍ୟ ପୁତ୍ର ସନ୍ତାନଟିକୁ ଲେଖିପଢ଼ା ଦେବାପାଇଁ ବହୁ ଦୁଃଖକଷ୍ଟ ଭୋଗ କରିଥିଲେ । ପୁଅର ପଢ଼ାଖର୍ଚ୍ଚ ଯୋଗାଡ଼ବାପାଇଁ ପର ଘରେ ଧାନ କୁଟି ଦୁଃଖ କରିବାକୁ ସେ ଚିନ୍ତିଏ ହେଲେ ଦୁଃଖ ମଣିଲେ ନାହିଁ । ମନରେ ଗୋଟିଏ ମାତ୍ର ଆଶା-ପୁଅ ବଡ଼ ହେବ । ବହୁତ ପାଠ ପଢ଼ିବ ! ବଡ଼ ଚାକିରି କରି ପଇସା କମେଇବ । ବେଶ ଭଲ ରହିବ ।

ସବୁଠୁ ସତ ପିଲଟି ଭଲ ପଢିଲ । ଅଧ୍ୟବସାୟ, ଏକାଗ୍ରତା ଓ ସାଧନା ବଳରେ କଲିକତା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କଲେ । ଏବେ ଯେପରି ବିଶ୍ୱବିଦ୍ୟାଳୟରେ ସଂକୀର୍ଣ୍ଣ ଆଞ୍ଚଳିକ ଭେଦ ଦେଖା ଦେଇଛି, କୌଣସି ବିଶ୍ୱବିଦ୍ୟାଳୟ ଅନ୍ୟ ବିଶ୍ୱବିଦ୍ୟାଳୟର ପିଲାଙ୍କୁ କଉଣ-କେଉଁ କୌଶଳେ ପ୍ରବେଶାଧିକାରରୁ ବଞ୍ଚିତ କରାଉଛନ୍ତି, ସେତେବେଳେ ସେପରି ନ ଥିଲା । ତେଣୁ ପୋରଉ ସେହି ପିଲାଟି ଇଂରାଜୀରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣତା ଲାଭ କରିବାରେ କଲିକତା ବିଶ୍ୱବିଦ୍ୟାଳୟ ଗୌରବ ଅନୁଭବ କରୁଥିଲା ବିନା ଅସୂୟା ନଥିଲା ।

ମାତ୍ର ଜନନୀର ଆଶାକୁ କେଜାଣି କାହିଁକି ପିଲାଟି ଧୂଳିସାତ୍ କରି ଦେଲା । ଅନାୟାସ ଲବ୍ଧ ଭଲ ଚାକିରିକୁ ଏଡ଼ି ଦେଇ ପିଲାଟି ପଶିଲା ସତ୍ୟବାଦୀର ଜୀବନ ବିଦ୍ୟାଳୟ ଆଡ଼େ । ଗୋପବନ୍ଧୁଙ୍କ ଆହ୍ୱାନ ତାଙ୍କୁ ଆଉ ନୌକରୀ ମୁହାଁ କରିପାରିଲା ନାହିଁ । ମାତ୍ର ୩୦ ଟଙ୍କା ପାରିଶ୍ରମିକରେ ସେ ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷକତାକୁ ପସନ୍ଦ କଲେ । ମୋହନ ଦାସ କରମଚାନ୍ଦ ଗାନ୍ଧୀ ଭାରତର ମହାତ୍ମା ଗାନ୍ଧୀ ରୂପେ ପରିଚିତ ହେବାର ବହୁପୂର୍ବରୁ ସତ୍ୟବାଦୀରେ ପଞ୍ଚସଖା ତଥା ଆଦର୍ଶ ଶିକ୍ଷକ ଗୋଷ୍ଠୀ ନିଜର ଭବିଷ୍ୟତ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ଦେଶରେ ଯେଉଁ ଜାତୀୟତାବୋଧ ପ୍ରଚାର କରିଥିଲେ ତାହିଁର ପଟାନ୍ତର ନାହିଁ ।

ଏହି ଆତ୍ମତ୍ୟାଗୀ ଉଚ୍ଚ ଶିକ୍ଷିତ ଯୁବକ ହେଉଛନ୍ତି ବାଲେଶ୍ୱରର ସ୍ୱନାମଧନ୍ୟ ଦେଶସେବକ ନନ୍ଦକିଶୋର ଦାସ । ପରବର୍ତ୍ତୀ ସମୟରେ ସେ ଗାନ୍ଧୀ ଧର୍ମରେ ଦୀକ୍ଷିତ ହୋଇ ଚରଖାକୁ ଜୀବନର ଯେ ଚିର ସହଚର କରିଥିଲେ ତା ନୁହେଁ, ଚରଖାର ମନ୍ତ୍ରରେ ସବୁବେ ସେପରି ଅଭିମନ୍ତ୍ରିତ ହୋଇଥିଲେ । ଶଯ୍ୟାଶାୟୀ ହେବା-ଯାଏ ଚରଖା ତାଙ୍କ ହାତରୁ ଖସି ନଥିଲା । ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ସେ କାରାବରଣ କରୁଥିଲେ । ଶାସନ ବିଧାୟକ ସଭା, ରାଜ୍ୟସଭା ଓ ଓଡ଼ିଶା ବିଧାନସଭାର ସେ ସଦସ୍ୟ ଥିଲେ । ଉତ୍କଳ ହରିଜନ ସେବକ ସଂଘର ଅଧ୍ୟକ୍ଷ, ଭାରତ ସେବକ ସମାଜ, ଓଡ଼ିଶା ଶାଖାର ସଭାପତି, ସତ୍ୟବାଦୀ ଗୋପବନ୍ଧୁ ଦରିଦ୍ର ନାରାୟଣ ନିରପେକ୍ଷ ସେବା ସଂଘ ଟ୍ରଷ୍ଟ ବୋର୍ଡର ସଦସ୍ୟ, ଓଡ଼ିଶା ବିଧାନ ସଭାର ନିରପେକ୍ଷ ବାଚସ୍ପତି, ସର୍ବୋଦୟ ଆନ୍ଦୋଳନର କର୍ଣ୍ଣଧାର, ପୁରୁଷୋତ୍ତମ ଆଶ୍ରମର ସଭାପତି ଓ ସୋରୋ ରାଧାନାଥ ପାଠାଗାରର ଉପସଭାପତି ଓ ସଂସ୍ଥାପକ ରୂପେ ବିଭିନ୍ନ ସ୍ତରରେ ତାଙ୍କୁ ସଂପୃକ୍ତ କରାଇ ସଂପୃକ୍ତ ସଂସ୍ଥା ନିଜକୁ ଧନ୍ୟ ମନେ କରିଛି । ତାଙ୍କ ଜନନୀ ଯେଉଁ ଭାବରେ ତାଙ୍କୁ ବଡ଼ କରିବେ ବୋଲି ଆଶା ବାନ୍ଧିଥିଲେ, ନନ୍ଦକିଶୋର ତାଠାରୁ ବହୁ ଗୁଣରେ ଅଧିକ ବଡ ହୋଇ ଦେଶ ଓ ଦଶର ଟେକ ରଖିଗଲେ ।

ନନ୍ଦ ବାବୁ ଆଉ ନାହାନ୍ତି ସତ, ମାତ୍ର ତାଙ୍କ ଉଜ୍ଜ୍ୱଳ ଅବଦାନକୁ ଲୋକେ କାଳକାଳକୁ ଝୁରୁଥିବେ ।

ସତ୍ୟବାଦୀର ଅଦୂରବର୍ତ୍ତୀ ଭାର୍ଗବୀ ନଦୀର ବାମପଟେ ଅଖ୍ୟାତ ଗାଁଟିଏ । ନାଁ ତାର ସୁଆଣ୍ଡୋ । ଥରେ ସେଠି ଭାଗବତ ସଭା ବସିଥାଏ । ଗାଁରେ ପିଲାବୁଢ଼ା ବଡ ସାନ ଜନସାଧାରଣଙ୍କର ଗହଳ ଜମିଛି । ଏଣେ ଦୁଇ ଜଣ ଯୁବକଙ୍କୁ ନଈକୂଳେ ନିଶାଚିଆରେ ବସି କେତେକଣ ଭାବି ଯାଉଛନ୍ତି । ମନ ଅନ୍ତ-କୂଳ ପାଉନାହିଁ । ସତେଯେପରି ପୂର୍ଣ୍ଣାବେଗରେ ତାଙ୍କ ଆଖି ଆଗରେ ବହି ଯାଉଥିବା ଭାର୍ଗବୀ ମନର ଆବେଗକୁ ଶତଗୁଣିତ କରୁଛି । ଶେଷକୁ ଦୁଇ ବନ୍ଧୁ ଏକ ସିଦ୍ଧାନ୍ତରେ ଉପନୀତ ହେଲେ–ଶପଥ କଲେ–"ସରକାରୀ ଚାକରୀ କରିବାନାହିଁ, ଦେଶ-ପାଇଁ କିଛି କରିବା । ଏବେ ଦେଶକୁ ଯେପରି ଦେଖୁ ଆଇଁ ତା'ଠାରୁ ଅଧିକ ଭଲ ଅବସ୍ଥାରେ ଦେଖି ଆଖି ବୁଜିବା ।"

ଏ ଦୁଇ ସଖାଙ୍କ ଭିତରୁ ଜଣେ ହେଉଛନ୍ତି ଗୋପବନ୍ଧୁ ଓ ଆଉ ଜଣକ ନୀଳକଣ୍ଠ । ଏମାନଙ୍କ ସଂଗକୁ ହରିହର ଦାସ, କୃପାସିନ୍ଧୁ ମିଶ୍ର ଓ ଗୋଦାବରୀଶ ମିଶ୍ର ଆସି ଜୁଟିଗଲେ । ସମସ୍ତଙ୍କର ଏକ ମନ, ଏକ ପ୍ରାଣ । ଲୋକଙ୍କ ପାଖରେ ଏମାନେ ପଞ୍ଚସଖା । ସତ୍ୟବାଦୀ ହେଲା ପଞ୍ଚସଖାଙ୍କ ସାଧନାପୀଠ । ସେଠି ସେମାନେ ପ୍ରତିଷ୍ଠା କଲେ ମଣିଷ ତିଆରି କାରଖାନା । ସଖା ଓ ଶିକ୍ଷକମାନଙ୍କ ଭିତରୁ କାହାରି ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ସମସ୍ତେ ବିଶ୍ୱବିଦ୍ୟାଳୟର ଉଚ୍ଚତମ ଡିଗ୍ରୀ ପ୍ରାପ୍ତ । ତଥାପି ଅର୍ଥକାରୀ ଅପରାବିଦ୍ୟା ତାଙ୍କୁ ଆକର୍ଷଣ କରିପାରିଲା ନାହିଁ । ସେମାନେ ଯତ୍ କିଞ୍ଚିତ୍ ପାରିଶ୍ରମିକରେ ଆବାସିକ ବନ-ବିଦ୍ୟାଳୟରେ ଦେଶମାତୃକାର ସେବାପାଇଁ ଉଭ ମଣିଷ ଗଢ଼ିବାରେ ଲାଗିପଡ଼ିଲେ । ନୀଳକଣ୍ଠଙ୍କ ପାଣ୍ଡିତ୍ୟ, ହରିହରଙ୍କ ସେବା, କୃପାସିନ୍ଧୁଙ୍କ ସହନଶୀଳତା, ଗୋଦାବରୀଶଙ୍କ ଉଦାରତା ଓ ଗୋପବନ୍ଧୁଙ୍କ ହୃଦୟବତ୍ତା ଯୋଗୁଁ ସତ୍ୟବାଦୀ ବନବିଦ୍ୟାଳୟ କେବଳ ଓଡ଼ିଶା ନୁହେଁ ସାରା ଭାରତରେ ଚହଳ ସୃଷ୍ଟି କରିବାକୁ ଲାଗିଲା । ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀ ମୌଳିକ ଶିକ୍ଷା ନାଁରେ ଯେଉଁ ନବଶିକ୍ଷାର ପ୍ରବର୍ତ୍ତନ କରିଥିଲେ,ଏ ଜୀବନ ବିଦ୍ୟାଳୟ ଠିକ୍ ସେହିପରି ଥିଲା । ମହାତ୍ମା ଗାନ୍ଧୀ ୧୯୨୧ରେ ଅସହଯୋଗ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେବାରେ ସ୍ୱୟଂ ପଣ୍ଡିତ ଗୋପବନ୍ଧୁ ଓ ତାଙ୍କର ସହକର୍ମୀ ମାନେ ତହିଁରେ ଆଲୋଡିତ ହୋଇ ସତ୍ୟବାଦୀ ବନବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କରାଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ ।

୧୯୧୬ ମସିହାରେ ପଣ୍ଡିତ ଗୋପବନ୍ଧୁ ବିହାର ଓଡ଼ିଶା କାଉନସିଲର ସଭ୍ୟ ନିର୍ବାଚିତ ହୋଇଥିଲେ । ୧୯୧୯ ମସିହାରେ ପୁରୀ ଜିଲ୍ଲା ଦୁର୍ଭିକ୍ଷ ପ୍ରପୀଡ଼ିତ ଦୁର୍ଗତଙ୍କ ପ୍ରସଙ୍ଗ ବିହାର ଓଡ଼ିଶା କାଉନସିଲରେ ସେ ଓଜସ୍ୱିପୂର୍ଣ୍ଣ ଢଙ୍ଗରେ ଏପରି ଭାବରେ ଉତ୍ଥାପନ କରିଥିଲେଯେ ବିହାର ଓଡ଼ିଶାର ଲାଟ ସାର ଏଡ଼ୱାର୍ଡ ଗେଟ୍ ଦୁର୍ଭିକ୍ଷ ଅଞ୍ଚଳ ପରିଦର୍ଶନ କରି ସରକାରୀ ଅବହେଳା ସ୍ୱୀକାର ନକରି ରହି ପାରିଲେ ନାହିଁ । ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାବହ "ସମାଜ"ର ପ୍ରତିଷ୍ଠାତା ତଥା ସଂପାଦକ ଥିଲେ ପଣ୍ଡିତ ଗୋପବନ୍ଧୁ । ୧୯୦୪ ଜୁଲାଇ ୬ରେ ଉତ୍କଳ ଯୁବସଂଘ ଗଠନ କରି ରେଭେନ୍ସା କଲେଜ ଛାତ୍ରଙ୍କୁ ନେଇ ଉତ୍କଳ ସମ୍ମେଳନରେ ଗୋପବନ୍ଧୁ ଯେପରି ସ୍ୱୟଂସେବା କରିଥିଲେ କୁଳବୃଦ୍ଧ ମଧୁସୂଦନଙ୍କୁ ତାହା ବିସ୍ମୟାଭିଭୂତ କରିଥିଲା । ଅସହ-ଯୋଗ ଆନ୍ଦୋଳନରେ ଯୋଗଦେଇ ଦୀର୍ଘ ବନ୍ଦୀଜୀବନ, ଓଡ଼ିଶାରେ କଂଗ୍ରେସର ପ୍ରାଣ ପ୍ରତିଷ୍ଠା, ଅସହଯୋଗର ବାର୍ତ୍ତା ପ୍ରଚାର, "ବନ୍ଦୀର ଆତ୍ମକଥା" ଓ କାରାକବିତା" ଭଳି ସ୍ୱରଚିତ କବିତାରେ ଜାତୀୟ ଜୀବନ ଗଠନ କଲେ ଆଲୋଡନ ସୃଷ୍ଟି ଇତ୍ୟାଦି ତାଙ୍କର ବହୁମୁଖୀ ପ୍ରତିଭାରେ ଅଭିଭୂତ ହୋଇ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ କଟକରେ ଅନୁଷ୍ଠିତ ପ୍ରାଦେଶିକ ରାଜନୀତିକ ସମ୍ମେଳନରେ ତାଙ୍କୁ ଉତ୍କଳମଣି ରୂପେ ଆଖ୍ୟାୟିତ କରାଇଥିଲେ । ୧୯୨୮ ପବିତ୍ର ନେତ୍ରୋତ୍ସବରେ ଶ୍ରୀ ଜଗନ୍ନାଥ ଗୋପବନ୍ଧୁଙ୍କୁ ନିଜ କୋଳକୁ

ନେଇଗଲେ ସତ, କେବଳ ଉତ୍କଳର ନୁହେଁ ସାରା ଭାରତର ଏକ ମଣି ସଦୃଶ ଗୋପବନ୍ଧୁ କୋଟି କୋଟି ଲୋକଙ୍କ ପାଖରେ ଚିର ଜାଜ୍ୱଲ୍ୟମାନ ହୋଇ ରହିଗଲେ ।

ଥରେ କେତେଜଣ ଉଚ୍ଚଶିକ୍ଷିତ ଯୁବକ ଉଚ୍ଚଶିକ୍ଷା ପାଇଁ ଜାପାନ ଯିବାକୁ ଆବେଦନ କରିଥାନ୍ତି । ମନୋନୟନ ଭାର ନେଇଥାନ୍ତି ଓଡ଼ିଶାର ସ୍ୱନାମଧନ୍ୟ ବରପୁତ୍ର ଶ୍ରୀଯୁକ୍ତ ମଧୁସୂଦନ ଦାସ । ମିଃ ଦାସ ହେଉଛନ୍ତି ମି. ଆଇ. ଇ. ଉପାଧି ପାଇବାରେ, ବିଲାତଯାତ୍ରୀ ଭାବରେ, ମନ୍ତ୍ରୀତ୍ୱ ଗ୍ରହଣ ଓ ତ୍ୟାଗ କରିବାରେ, ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀଧାରୀ ଭାବରେ ଓ ଆଇନଜୀବୀ ଭାବରେ ସର୍ବପ୍ରଥମ ଓଡ଼ିଆ । ତାଙ୍କ ପରି ଜଣେ ସର୍ବଗୁଣାଳଙ୍କୃତ ବ୍ୟକ୍ତିଙ୍କ ପାଖେ ଏ ଗୁରୁ ଦାୟିତ୍ୱ ବିଶେଷ ମହତ୍ତ୍ୱପୂର୍ଣ୍ଣ ହୋଇଥିଲା ।

ବହୁ ଯୁବକ ଯୋଗ୍ୟତାର ପ୍ରମାଣପତ୍ର, ଚରିତ୍ରପତ୍ର ଓ ପ୍ରଶଂସାପତ୍ରମାନ ଧରି ସାକ୍ଷାତକାରକୁ ଆସିଥାନ୍ତି । କାହାରି କାହାରି ଅଭିଭାବକ ଆଗତୁରାଆସି ମଧୁବାବୁଙ୍କୁ ନିଜ ପିଲାଙ୍କ ପାଇଁ ଅନୁନୟ ବିନୟ କରିସାରିଥାନ୍ତି । ଜଣକଣ ହୋଇ ପ୍ରାର୍ଥୀଙ୍କର ସାକ୍ଷାତକାର ଚାଲିଥାଏ । ତାଙ୍କ ଭିତରେ ଜଣେ ଯୁବକର ଆଚରଣ ମିଃ ଦାସଙ୍କୁ ଅଭିଭୂତ କଲା । ଯୁବକଙ୍କର ସବୁ କାଗଜାତ ମିଃ ଦାସ୍ ଦେଖିଗଲେ । କାହିଁ ଚରିତ୍ର ପତ୍ରତ ନାହିଁ ! ଏ ପ୍ରଶ୍ନର ଉତ୍ତରରେ ସେହି ନିର୍ଭୀକ ସତ୍ୟବାଦୀ ଯୁବକ ବିନମ୍ରତାର ସହିତ ଉତ୍ତର କଲେ–"ଆଜ୍ଞା, ମୋ ଚରିତ୍ର ସିନା ମୁଁ ଜାଣେ ଅନ୍ୟ ଜଣେ ଜାଣିବ କିପରି ? ଏ ପଦକ କଥାରେ କ'ଣ ଥିଲା କେଜାଣି ଗୁଣିଆ ଗୁଣ ଚିହ୍ନିଲା ପରି ଶ୍ରୀ ମଧୁସୂଦନ ଦାସ ଯୁବକର ଅନ୍ତର୍ନିହିତ ସଦ୍‌ଗୁଣର ପରିଚୟ ପାଇ ତାଙ୍କୁହିଁ ମନୋନୟନ କଲେ ।

ଏ ସତ୍ୟସନ୍ଧ ଯୁବକ ହେଉଛନ୍ତି ପରବର୍ତ୍ତୀ ସମୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସେବକରତ୍ନ, ଆଦର୍ଶ ଗୁରୁ ଆଚାର୍ଯ୍ୟ ହରିହର ଦାସ । ତାଙ୍କ ପ୍ରଣୀତ Child's First Grammar ସବୁ ସମୟର ପିଲାଙ୍କ ପାଇଁ ଏକ ଆଦର୍ଶ ସହଚର । ଭଗବଦ୍ ଗୀତାର ତାଙ୍କ ସଂକ୍ଷିପ୍ତ ସରଳ ବ୍ୟାଖ୍ୟା ସମସ୍ତଙ୍କ ଘରେ ଶ୍ରୀ ଜଗନ୍ନାଥ ଦାସଙ୍କ ଭାଗବତ ପରି ପରମାରାଧ୍ୟ । ନିତ୍ୟ ପାଠ୍ୟ ପରିଣତ ବୟସରେ ସେ ଅନ୍ଧ ହୋଇଯାଇଥିଲେ ମଧ୍ୟ ଶଯ୍ୟାଶାୟୀ ନହେବା ଯାଏ, ସର୍ବୋଦୟ ପଦଯାତ୍ରାରୁ କେବେ ଓହରି ଯାଇନଥିଲେ । ସମସ୍ତଙ୍କୁ ତାଙ୍କର ଏକମାତ୍ର ଉପଦେଶ ଥିଲା–"ଭଲ ମଣିଷ ହୁଅ" । ବୟାନବେ ବର୍ଷ ବୟସ, ୧୯୭୧ ଫେବୃଆରୀ ୨୧ ତାରିଖରେ ତାଙ୍କର ଦେହାନ୍ତ ହେଲା ସତ, କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ସେ ଚିର ଜୀବନ୍ତ ରହିଗଲେ ।

୧୯୨୮ ଅଗଷ୍ଟ ମାସର ଘଟଣା । ଭାଇଟିଏ ନିଜର ତରୁଣୀ ଭଉଣୀ ସହ ଅମିବା ବାଟରେ ଖୋର୍ଦ୍ଧା ସବ୍‌ଡିଭିଜନ ବେଲୁନିଆ ହାଟରେ ଭଉଣୀକୁ ବସାଇ ଟିକଟ ପାଇଁ ବାହାରକୁ ଯାଇଥିଲା । ଫେରିଆସି ଦେଖେତ ଭଉଣୀ ନାହିଁ । ମନରେ ଶଙ୍କା । ଶୁଣିଲା ଦୁଇଜଣ କନେଷ୍ଟବଳ ତା ଭଉଣୀକୁ ହାଟ ପାଖରେ ଏକ ଘରେ ଲୁଚାଇ ରଖିଛନ୍ତି । ଭାଇଟି କନେଷ୍ଟବଳ ଦୁହିଁଙ୍କୁ କାକୁତି ମିନତି କରନ୍ତେ ସେମାନେ ଆଦୌ କର୍ଣ୍ଣପାତ କଲେ ନାହିଁ । ଯୋଗକୁ ସେତେବେଳେ ଏସ.ଡି.ଓ. ରାୟବାହାଦୁର ଅକ୍ଷୟ ଚନ୍ଦ୍ର ଦାସ ସେହିବାଟେ ଖୋର୍ଦ୍ଧା ଫେରୁଥିଲେ । ଯୁବକଟି ତାଙ୍କ ମଟର ଗାଡ଼ି ଆଗରେ ଶୋଇ ପଡିଲା । ଗାଡ଼ି ଅଟକି ଗଲା । ଏସ.ଡି.ଓ. ନିଜେ ପଦାଘାତରେ କବାଟ ଖୋଲି ଦେଖିଲେ ସେ ତରୁଣୀଟି ନିଜ ପିନ୍ଧାଲୁଗାରେ ଦଉଡିଦେଇ ଆତ୍ମହତ୍ୟା କରିଛି । କଥାଟା ଆଉ ଅଛପା ରହିଲା ନାହିଁ । କନେଷ୍ଟବଳଙ୍କ ଧର୍ଷଣର ଶିକାର ହୋଇ ଲୋକାପବାଦରୁ ନିଜକୁ ବଞ୍ଚାଇବାକୁ ଯାଇ ଆତ୍ମହତ୍ୟାକୁହିଁ ସେ ଶ୍ରେୟ ମଣିଛି । ଏସ.ଡି.ଓ. କନେଷ୍ଟବଳ ଦୁଇଜଣଙ୍କୁ ସ୍ୱସାଙ୍ଗରେ ଶବକୁ ଡାକ୍ତରୀ ମାଇନା ପାଇଁ ପଠାଇଲେ ।

ଘଟଣାଟି ଗଭୀର ଆଲୋଡ଼ନ ସୃଷ୍ଟି କଲା । ପଣ୍ଡିତ ଗୋପବନ୍ଧୁଙ୍କ ସଂପାଦିତ ଜାତୀୟତାର ବାର୍ତ୍ତାବହ "ସମାଜ"ରେ "ସତ୍ୟ ହୋଇଥିଲେ ସାଂଘାତିକ" ଶିରୋନାମାରେ ଏହି ଘଟଣାଟି ପ୍ରକାଶ ପାଇଲା । ସହଜେତ ଅସହଯୋଗୀ ଗୋପବନ୍ଧୁଙ୍କୁ କବଳିତ କରିବାକୁ ବିଦେଶୀ ସରକାର ଚାହିଁ ବସିଥିଲେ । ତାଙ୍କୁ ସୁଯୋଗଟି ଜୁଟିଗଲା । ସରକାରୀ ଟ୍ରାନସଲେଟର ଶ୍ରୀ ମଧୁସୂଦନ ଦାସ ସମ୍ବାଦଟିର ଇଂରାଜୀ ଅନୁବାଦ କରି ଯୋଗାଇବା ପରେ ଆଇନ ବିଭାଗ ଦ୍ୱାରା ପରୀକ୍ଷିତ ହୋଇ ଭାରତୀୟ ଦଣ୍ଡବିଧି ଆଇନର ୪୯୯–୫୦୦ ଦଫାରେ ସରକାରଙ୍କ ତରଫରୁ "ସମାଜ"ର ସଂପାଦକ ପଣ୍ଡିତ ଗୋପବନ୍ଧୁଙ୍କ ବିରୁଦ୍ଧରେ ଏକ ମକଦ୍ଦମା ଖୋର୍ଦ୍ଧା କୋର୍ଟରେ ଆଗତ କରାଗଲା । ଗୋପବନ୍ଧୁ ଗିରଫ ହୋଇ ବନ୍ଦୀ ହେଲେ । ଖୋଦ୍ ଏସ.ଡି.ଓ., ଗୋପବନ୍ଧୁଙ୍କ ଭଳି ଜଣେ ସ୍ୱଦେଶବତ୍ସଳ ବୀର ପୁରୁଷଙ୍କୁ ଦୋଷୀ କରିବା ଭଳି ଅପଯଶରୁ ମୁକ୍ତ ରହିବାକୁ ମନେକରି ଏ ମୋକଦ୍ଦମା ପୁରୀ ସଦରକୁ ସ୍ଥାନାନ୍ତରିତ କରାଇବା ପାଇଁ ବରିଷ୍ଠ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖେ ଉପସ୍ଥାପନ କଲେ । ପୁରୀ ସଦର ଏସ. ଡି. ଓ. ଥାନ୍ତି ରାୟ ସାହେବ ତ୍ରିବିକ୍ରମ ପୂଜାରୀ । ସେ କିନ୍ତୁ ଏ ମୋକଦ୍ଦମା ଗ୍ରହଣ ପାଇଁ ରାଜି ହେଲେ ନାହିଁ । ଘଟଣା କ୍ରମେ ମୋକଦ୍ଦମାଟି ଖୋର୍ଦ୍ଧା କୋର୍ଟରେ ହିଁ ବିଚାର ହେଲା ଓ ବିଚାରର ଗୁରୁଦାୟିତ୍ୱ ଅର୍ପିତ ହେଲା ତରୁଣ ଡେପୁଟି ମାଜିଷ୍ଟ୍ରେଟ ସେକେଣ୍ଡ ଅଫିସରଙ୍କ ଉପରେ । ତାଙ୍କୁ ସବ୍‌ଡିଭିଜନାଲ ମ୍ୟାଜିଷ୍ଟ୍ରେଟଙ୍କ ଦ୍ୱାରା କ୍ଷମତା ବି ଦିଆଗଲା ।

ଏହି ସେକେଣ୍ଡ ଅଫିସର କିନ୍ତୁ ସାଧାରଣ ଚାକିରିଆଙ୍କ ଭଳି ପଦଲେହନ ନଥିଲେ । ବିବେକ ପାଖେ ଟଙ୍କା ତାଙ୍କ ପକ୍ଷରେ ବହୁତ ତୁଚ୍ଛ ଥିଲା । ଜାତୀୟତାର ରକ୍ତ-ବହ୍ନି ସତେ ଯେପରି ତାଙ୍କ ଶିରା ପ୍ରଶିରାରେ ଖେଳିଯାଉଥିଲା । ଗୋପବନ୍ଧୁଙ୍କୁ ସେ ଭଲରୂପେ ଚିହ୍ନିଥିଲେ । ଗୋପବନ୍ଧୁଙ୍କ ଉଚ୍ଚକୋଟୀର ସାଧୁତା, ନିର୍ଭିକ ସାମ୍ବାଦିକତା ଓ ସ୍ୱଦେଶାନୁରାଗ ସେ ଯଥାର୍ଥରେ ହୃଦୟଙ୍ଗମ କରିଥିଲେ । ତେଣୁ ଗୋପବନ୍ଧୁଙ୍କ ଭଳି ଜଣେ ମର୍ଯ୍ୟାଦା ସଂପନ୍ନ ପୁରୁଷଙ୍କ ବିରୁଦ୍ଧରେ ମାନହାନି ମୋକଦ୍ଦମା ବିଚାର କରିବାକୁ ସେ ବଡ଼ ଅଡୁଆ ଓ ଚିନ୍ତାରେ ପଡିଲେ । ଏଣେ ଜିଲ୍ଲା କଲେକ୍ଟରଙ୍କଠାରୁ ଆରମ୍ଭ କରି ଉର୍ଦ୍ଧ୍ୱତନ ଉଚ୍ଚକର୍ମକର୍ତ୍ତା ତାଙ୍କୁ ନାନା ଭାବରେ ପ୍ରଭାବିତ କରାଇବାକୁ ଲାଗିପଡିଲେ । ତାଙ୍କୁ ପଦୋନ୍ନତିର ସୁଯୋଗ ମିଳିବା କଥା ମଧ୍ୟ ଶୁଣାଇ ଦିଆଗଲା ।

ଅସହଯୋଗୀ ଗୋପବନ୍ଧୁ ବ୍ରିଟିଶ ଅଦାଲତକୁ ସ୍ୱୀକାର କରନ୍ତି ନାହିଁ । ତେଣୁ ସେ ଆତ୍ମପକ୍ଷ ସମର୍ଥନ କଲେ ନାହିଁ । ଜାମିନରେ ଯିବାକୁ ନାରାଜ । ସରକାରଙ୍କର ଘନ ଘନ ତାଗିଦ । ମୋକଦ୍ଦମାରେ ବ୍ରିଟିଶ ସରକାରଙ୍କ ମର୍ଯ୍ୟାଦାର ପ୍ରଶ୍ନ ନିହିତ । ତେଣୁ ଗୋପବନ୍ଧୁଙ୍କୁ କୌଣସି ମତେ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଦେବାକୁ ପଡିବ । ଏହାହିଁ ଥିଲା ସରକାରଙ୍କ ଗୁପ୍ତ ନିର୍ଦ୍ଦେଶ ।

ମୋକଦ୍ଦମାର ପ୍ରଥମ ସରକାରୀ ସାକ୍ଷୀ ଥାଆନ୍ତି ପୁରୀର ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ମିଃ. ଗାଇସ । ପୁରୀର ସରକାରୀ ପ୍ଲିଡର ଓ ପବ୍ଲିକ ପ୍ରସିକିଉଟର ଶ୍ରୀ ରାଧାଶ୍ୟାମ ମହାନ୍ତି ସରକାରଙ୍କ ପକ୍ଷରୁ ମୋକଦ୍ଦମା ଚଳାଉଥାନ୍ତି ଓ ଖୋର୍ଦ୍ଧାର ପୋଲିସ ପ୍ରସିକିଉଟର ଶ୍ରୀ ନରସିଂହ ଚରଣ ଦାସ ତାଙ୍କୁ ସହାୟତା କରୁଥାନ୍ତି ।

ତାରିଖ ପରେ ତାରିଖ ଗଡ଼ିଗ୍ଲଲା । ଶେଷକୁ ରାୟ ପ୍ରକାଶର ସେହି ପ୍ରତ୍ୟାଶିତ ତାରିଖ ଆସିଗଲା । ଖୋର୍ଦ୍ଧାରେ ଅଭୂତପୂର୍ବ ଜନ ସମାବେଶ । ପାଞ୍ଚଶହ ଶଗଡ଼ଗାଡ଼ି । ୩୦ ହଜାରରୁ ଅଧିକ ଲୋକ ରାୟ ଶୁଣିବାକୁ ସମବେତ । ତାଙ୍କ ଭିତରେ ଥିଲେ ଜଣେ ପକ୍ୱକେଶ ବିଶିଷ୍ଟ ମୁସଲମାନ । ବଡ଼ ଚିତ୍କାର ସହିତ ସେ ବିଚାରପତିଙ୍କୁ କହିବାର ଶୁଣାଗଲା– "ହଜୁର ! ରାୟ ଶୁଣିବାକୁ ବହୁତବାଟ ଚାଲି ଆସିଛି" । ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଗୋପବନ୍ଧୁ ସମସ୍ତଙ୍କ ପାଖେ ଆଦରଣୀୟ ଥିଲେ । ଏହା ତାହିର ପ୍ରକୃଷ୍ଟ ନିଦର୍ଶନ । ଗୋପବନ୍ଧୁ ନିଶ୍ଚିତ ଭାବେ କାରାଦଣ୍ଡ ଭୋଗ କରିବେ । ତେଣୁ ସେତେବେଳେ ଯେଉଁ ଅବାଞ୍ଛିତ ପରିସ୍ଥିତି ହୁଏତ ସୃଷ୍ଟି ହେବ ତାକୁ ମୁକାବିଲା କରିବାପାଇଁ ଏସ୍. ଡି. ଓ. ଅଜୟବାବୁ ବଡ଼ ଚିନ୍ତିତ । ଏଣେ ଗୋପବନ୍ଧୁ ନିଶ୍ଚିତଭାବରେ ଜେଲକୁ ଦଣ୍ଡିତ ଆସାମୀରୂପେ ଯିବେ ବିଶ୍ୱାସରେ ନିଜର ଲୁଗାପଟା ନଆଣି ସେହିପରି କୋର୍ଟକୁ ବାହାରି ଆସିଲେ । ବିଚାରପତି ଦେଖିଲେ ଗୋପବନ୍ଧୁ ମୁକ୍ତିମାର୍ଗରେ ଯୋଡିହୋଇ ପଡ଼ିଛନ୍ତି । ତାଙ୍କୁ ଦଣ୍ଡହେଲେ କେହି ପ୍ରତିହିଂସା ପରାୟଣ ହେବେ ନାହିଁ ବୋଲି ଜନତାଙ୍କୁ ବୁଝାଇ ବୁଝାଇ ଆସୁଥାନ୍ତି । ବିରାଟ ଜନତା ରାୟ ଶୁଣିବାର ସୁବିଧା-ଦୃଷ୍ଟିରୁ ବିଚାରପତିଙ୍କ ନିର୍ଦ୍ଦେଶରେ କଚେରୀ ହତାରେ ଏକବଡ଼ ସାମିଆନାରେ କୋର୍ଟ କରାଗଲା । ଶେଷକୁ ସେହି ପ୍ରତ୍ୟାଶିତ ମୁହୂର୍ତ୍ତଟି ଆସିଗଲା । ସରକାରୀ କର୍ତ୍ତୃପକ୍ଷ, ଉପସ୍ଥିତ ବିରାଟ-ଜନତା ସମସ୍ତେ ଜିଜ୍ଞାସୁ ନେତ୍ରରେ କୋର୍ଟର ରାୟ ଶୁଣିବାକୁ ଉଦ୍‌ଗ୍ରୀବ । ପଣ୍ଡିତ ଗୋପବନ୍ଧୁଙ୍କୁ ଜାମିନିରେ ନେବାପାଇଁ ଜଣେ ଭଦ୍ରବ୍ୟକ୍ତି ଟଙ୍କାଥଳି ସହ ହାଜର । ଅସହଯୋଗୀ ଗୋପବନ୍ଧୁ ବିଚାରପତିଙ୍କୁ ଅନୁରୋଧ କଲେ ଯେ ତାଙ୍କୁ କେତେ ସଜା ହେଲା ସେଇତକ କେବଳ ଶୁଣାଇ ଦିଅନ୍ତୁ ! ସମସ୍ତ ଆଶା ଆଶଙ୍କାକୁ ଏଡ଼ିଦେଇ ବିଚାରପତି ମାଜିଷ୍ଟ୍ରେଟ୍ ବଜ୍ରନିର୍ଘୋଷ ସ୍ୱରରେ ଘୋଷଣା କଲେ ଯେ–"ଗୋପବନ୍ଧୁ ନିର୍ଦ୍ଦୋଷରେ ଖଲାସ ।" ଏତିକିରେ ଜନସମୁଦ୍ର ଭିତରେ ଯେଉଁ ଆନନ୍ଦ ଉଲ୍ଲାସ ଖେଳିଗଲା ତାହା କଳ୍ପନାତୀତ । ବିଚାରପତିଙ୍କ ମନରେ ଅପାର ଆନନ୍ଦ ଯେ ସେ ଜଣେ ସଚ୍ଚା, ଦେଶ ସେବକଙ୍କୁ ବିହିତ ସମ୍ମାନ ଜ୍ଞାପନ କରିଛନ୍ତି ।

ଏତିକିରେ ବିଚାରପତି ନିଜର କର୍ତ୍ତବ୍ୟ ସାଙ୍ଗ କଲେନାହିଁ । ବିଦେଶୀ ସରକାରଙ୍କପାଖେ ଚାକିରୀକରି ବିବେକକୁ ବିକିବା ଅପେକ୍ଷା ପଦତ୍ୟାଗ କରିବାକୁ ଶ୍ରେୟ ମଣିଲେ ଓ ଇସ୍ତଫାଦେଇ ପରମ ସନ୍ତୋଷ ଲାଭକଲେ ।

ବ୍ରିଟିଶ ରାଜତନ୍ତ୍ରକୁ ଥରାଇ ଦେଇଥିବା ମତିମାନ ବିବେକବାନ ଏ ବିଚାରପତି କିଏ ଜାଣନ୍ତି? ସେ ହେଉଛନ୍ତି କଟକର ଚାନ୍ଦିନିଚକର ସ୍ୱନାମଧନ୍ୟ ଏଡ଼ଭୋକେଟ ରାୟସାହେବ ଜାନକୀନାଥ ବୋଷଙ୍କ ସୁପୁତ୍ର ସୁରେଶ ଚନ୍ଦ୍ର ବୋଷ । ପରବର୍ତ୍ତୀ ସମୟରେ "ନେତାଜୀ" ରୂପେ ସମ୍ମାନିତ ସୁଭାଷ ଚନ୍ଦ୍ର ବୋଷଙ୍କ ଅଗ୍ରଜ ।

ଆଜି ସୁରେଶବାବୁ ନାହାନ୍ତି କିନ୍ତୁ ତାଙ୍କର ବିବେକପଣିଆ ନ୍ୟାୟଦଣ୍ଡ ଧରିଥିବା ବିଚାରପତିମାନଙ୍କପାଖେ ଅତୁଳନୀୟ ଆଦର୍ଶ ହୋଇ ରହିଛି ।

ଯାଜପୁର ଅଞ୍ଚଳ ବଢ଼ିରେ ଭାସୁଥାଏ । ଜଣେ ଯୁବ ଡେପୁଟି କଲେକ୍ଟରଙ୍କୁ ବରାଦଥାଏ ରିଲିଫ ବାଣ୍ଟିବାକୁ । ଡେପୁଟି କଲେକ୍ଟର ଜଣକ ଖାନଦାନ ପରିବାରପିଲା । ବଡ଼ ଅୟସରେ ବଢିଥାଆନ୍ତି । କଲିକତା ବିଶ୍ୱବିଦ୍ୟାଳୟରୁ ଗଣିତ-ଶାସ୍ତ୍ରରେ ମାଷ୍ଟର ଡିଗ୍ରୀ ପାଇଥାନ୍ତି । ସେତେବେଳେ ଡେପୁଟୀ କଲେକ୍ଟର ଚାକିରୀ ବଡ଼ ମହାର୍ଘ । ଯେଉଁମାନେ ଏପ୍ରକାର ଉଚ୍ଚପଦ ପଦବୀରେ ଅଧିରୂଢ଼ ସେମାନେ ନିଜର ପୋଷାକ ପରିଚ୍ଛଦ, ଚାଲିଚଳଣ ଓ କଥାବାର୍ତ୍ତାରେ ଜନଜୀବନରୁ ବିଚ୍ଛିନ୍ନ ହୋଇ ଭୀତି ଉତ୍ପାଦକ ଏକ ସ୍ୱତନ୍ତ୍ର ପ୍ରଶାସକ ଗୋଷ୍ଠୀ ଗଢିବାରେ ପୌରୁଷ ଅନୁଭବ କରୁଥାନ୍ତି । ଯାଜପୁରର ଏ ନୂଆ ଡେପୁଟୀ କଲେକ୍ଟର ସେଥିରୁ ଭିନ୍ନ ହେଲେ ବିସ୍ମିତ ହୋଇଥାନ୍ତେ ବା କାହିଁକି ? ସାହେବୀ ଜାମାଯୋଡ଼ି, ପୋଷାକ ପରିହିତ, ନେକଟାଇ ସଙ୍ଗକୁ ମୁହଁରୁ ଫସ୍‌ଫସ୍ ସିଗାରେଟ ଧୂଆଁ ନିର୍ଗତ ହେଉଛି ।

ଉପରୁ ନିର୍ଦ୍ଦେଶ ଆସିଲା ସେତିକି ଥାଉ । ଆଉ ରିଲିଫ୍‌ର ଆବଶ୍ୟକତା ନାହିଁବୋଲି ଲେଖିଦିଅ । ଡେପୁଟିଙ୍କର ବିବେକ ଦଂଶିତହେଲା । ଆଖିରେ ଦେଖୁଛନ୍ତି ଲୋକଙ୍କ ଦୁର୍ଦ୍ଦଶା । ଲୋକେ ବଡ଼ ବିହ୍ୱଳ ବିକଳ ହେଉଛନ୍ତି । କିପରି ତାଙ୍କ କଲମ ରିଲିଫ ଆଉ ଦରକାର ନାହିଁ ବୋଲି ଲେଖିଦେବେ । ରିଲିଫ୍‌ରୁ ଅନୁପାର୍ଜିତ ଆୟ ତାଙ୍କପାଖରେ କଳ୍ପନାର ଅତୀତଥିଲା । ତାଙ୍କ କଲମ ଚାଲିଲାନାହିଁ । ସତ ସତ ଘଟଣା ସେ ରିପୋର୍ଟକଲେ । ଉପରୁ ସେଥିପାଇଁ ତାଙ୍କୁ ତାଗିଦ ଆସିଲା । ଏ ତାଗିଦ ତାଙ୍କୁ ବଡ଼ ବାଧିଲା । ସେ ବିବେକକୁ ସାକ୍ଷୀରଖି ସେତେବେଳର ମହାର୍ଘ ଡେପୁଟି-କଲେକ୍ଟର ଚାକିରୀକୁ ପାଦରେ ଠେଲିଦେଲେ ।

ଏହି ଆତ୍ମାଭିମାନୀ ସ୍ୱଦେଶବତ୍ସଳ ସୁପୁରୁଷ ହେଉଛନ୍ତି ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ । କଟକର ସ୍ୱନାମଧନ୍ୟ ଆଭିଜାତ ସଂପନ୍ନ ବିଶିଷ୍ଟ ଆଇନଜ୍ଞ ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ର ସେ । ଏଣିକି ସେହି ବଢି ଅଞ୍ଚଳ ହିଁ ହେଲା ତାଙ୍କର ଘର । କଟକର ଦ୍ୱିତଳ ପ୍ରାସାଦ, ସୁନ୍ଦର ନୌକର ପରିବେଷ୍ଟିତ ଆଭିଜାତ ତାଙ୍କୁ ତୁଚ୍ଛ ବୋଧହେଲା । ଘଟଣାକ୍ରମେ ସେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଝାସଦେଲେ । ଜାମାଯୋଡ଼ ସବୁଗଲା । ହାତରେ ସୂତାକାଟିଲେ । ଦୈନନ୍ଦିନ କାଟିବାକୁ ବ୍ରତପରି ଗ୍ରହଣକଲେ । ତାଙ୍କର ଧର୍ମପତ୍ନୀ ମା ରମାଦେବୀ, କନ୍ୟା ଅନ୍ନପୂର୍ଣ୍ଣା, ପୁତ୍ର ମନମୋହନ, ଭାଇ ନବକୃଷ୍ଣ ଓ ବଧୂ ମାଳତୀ ସମସ୍ତେ ଗାନ୍ଧୀ ଧର୍ମରେ କାର୍ଯ୍ୟତଃ ଦୀକ୍ଷିତ ହେଲେ । ମଣିଷତ୍ୱ ପ୍ରତିଷ୍ଠା ଲକ୍ଷ୍ୟରେ ଜାତି ଜାତିର ବନ୍ଧନ ଛିଣ୍ଡାଇ ଝିଅକୁ ସ୍ୱନାମଧନ୍ୟ ବୈୟାକରଣ ଚନ୍ଦ୍ରମୋହନ ମହାରଣାଙ୍କ ପୁତ୍ର ବିଶିଷ୍ଟ ଶିକ୍ଷାବିତ୍ ଶରତ ଚନ୍ଦ୍ରଙ୍କସହ ବିବାହ ଦେଲେ । ଚରଖା ସଙ୍ଗକୁ କୋଡ଼ି ଧରିଲେ । ବିଲରେ ଚାଷୀଙ୍କସହ ଚାଷୀପରି, ମୂଲିଆଙ୍କସହ ମୂଲିଆପରି କାମକଲେ । ପାଠପଢ଼ାର ଅହେତୁକ ଅହମିକା ରହିଲା ନାହିଁ । ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ କାରାବରଣ କଲେ । ଥିଲା ନଥିଲା ଭେଦ ସମାଜରୁ ଦୂରକରିବା ଲକ୍ଷ୍ୟରେ ପ୍ରବର୍ତ୍ତାଚରଣ କଲାପରି ସହୀକ ପଦ-ଯାତ୍ରାରେ ଗାଁ କୁ ଗାଁ ବୁଲି ସର୍ବୋଦୟ ବାର୍ତ୍ତା ପ୍ରଚାରକରି

ଭୂମିଦାନ ଗ୍ରହଣକଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କ ସମାଜ-ସେବାକୁ ସମ୍ମାନଦେଇ ଡକ୍ଟରେଟ ଉପାଧି ନେବାକୁ ଆମନ୍ତ୍ରଣ କରନ୍ତେ ସେ ସେଥିପାଇଁ ଅଯୋଗ୍ୟ ବୋଲି ନମ୍ରତା ପ୍ରକାଶକରି ବିଶ୍ୱବିଦ୍ୟାଳୟକୁ କୃତଜ୍ଞତା ଜଣାଇ ରହିଗଲେ । [illegible] କ୍ଷମତାକୁ ଜାବୁଡ଼ି ବଡ଼ ହେବାକୁ ପସନ୍ଦ କରନ୍ତି । ଗୋପବନ୍ଧୁ ଚୌଧୁରୀ କିନ୍ତୁ ବ୍ୟାମୋହରୁ ଦୂରରେ ରହି ରହି ବଡ଼ ହୋଇଗଲେ । ୧୯୫୮ ଅପ୍ରେଲ ୨୯ । ରୋଗନାହିଁ, ବୈରାଗନାହିଁ, ଯନ୍ତ୍ରଣାନାହିଁ ମୃତ୍ୟୁ ତାଙ୍କର ଦୈନନ୍ଦିନ ଜୀବନର ଗୋଟିଏ ଘଟଣାପରି ଆସି ତାଙ୍କୁ କୋଳକୁ ନେଇଗଲା ସତ । ମାତ୍ର ସେ ମୃତ୍ୟୁଞ୍ଜୟ ହୋଇ ରହିଲେ !

୧୯୨୩ ମଇ ମାସରେ କଥା, ଅଖିଳ ଭାରତ ଜାତୀୟ କଂଗ୍ରେସ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମକୁ ଗାଁ ସହରରେ ବ୍ୟାପକ କରାଇବା ଲକ୍ଷ୍ୟରେ ପ୍ରଥମ କରି ଚରଖା ଚିତ୍ରିତ ଏକ ତ୍ରିରଙ୍ଗ ପତାକାକୁ ଜାତୀୟ ପତାକା ରୂପେ ଗ୍ରହଣ କଲେ । ଜାତୀୟ ପତାକାର ଗୌରବ ଭାରତୀୟ ଜନସାଧାରଣ ଉପଲବ୍ଧି ନ କରନ୍ତୁ ପଛେ, ପତାକାର ମହତ୍ତ୍ୱ ବୁଝିଥିବା ଇଂରେଜ ସରକାର ଠିକଣା ରୂପେ ଉପଲବ୍ଧି କରିଗଲେ । ତେଣୁ କଂଗ୍ରେସ ପତାକାକୁ ବେଆଇନ କରିବା ଲକ୍ଷ୍ୟରେ ପ୍ରଥମ ପଦକ୍ଷେପ ସ୍ୱରୂପ ମଧ୍ୟ ପ୍ରଦେଶର ରାଜଧାନୀ ନାଗପୁରରେ ଜାତୀୟ ପତାକାର ବ୍ୟବହାରକୁ ନିଷେଧ କରି ଘୋଷଣା ଜାରି ହୋଇଗଲା । କଂଗ୍ରେସରେ ଖେଳିଗଲା [illegible] ଆଲୋଚନା । ଜାତୀୟ କଂଗ୍ରେସ ଏହି କଟକଣାକୁ ଅମାନ୍ୟ କରିବାର ବିଚାର ଗ୍ରହଣ କଲେ ।

ନାଗପୁରରେ ଆରମ୍ଭ ହେଲା ଝଣ୍ଡା ସତ୍ୟାଗ୍ରହ । ଏଲାହାବାଦ ବ୍ରହ୍ମବିଦ୍ୟା ସଂସ୍ଥାର ଛାତ୍ରୀ ଶ୍ରୀମତୀ ସୁଭଦ୍ରା ଦେବୀ ପ୍ରଥମ ସତ୍ୟାଗ୍ରହୀ ରୂପେ ଜାତୀୟ ପତାକା ହାତରେ ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ଗିରଫ ହେବାର ଦଳଦଳ ସତ୍ୟାଗ୍ରହୀ ଆଇନ ଅମାନ୍ୟ କରି ଯୋଜନାବଦ୍ଧ ଭାବରେ ଗିରଫ ହେବାକୁ ଲାଗିଲେ । କ୍ରମେ ଏହାକୁ ଏକ ମହାଭାରତୀୟ ସତ୍ୟାଗ୍ରହରେ ପରିଣତ କରାଯିବାର ଘୋଷଣା ପ୍ରକାଶ ପାଇବାରେ ବିଠଲ ଭାଇ ପଟେଲ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଶେଠ ଯମୁନାଲାଲ ବଜାଜ, ଆଚାର୍ଯ୍ୟ ବିନୋବା ଭାବେ ପ୍ରମୁଖଙ୍କ ସହ ଆମ ରାଜ୍ୟ ସମ୍ବଲପୁରରୁ ଏହି ସତ୍ୟାଗ୍ରହରେ ସାମିଲ ହୋଇଥିଲେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର । ତାଙ୍କର କୌଣସି ବିଶ୍ୱବିଦ୍ୟାଳୟ ଉପାଧି ନଥିଲେ ମଧ୍ୟ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ଭାଗ ନେଇ କାରାବରଣ କରିବାରେ ଯେଉଁ ଜ୍ଞାନୀ, ମାନୀ ଓ ପଣ୍ଡିତ-ମାନଙ୍କ ସଂସ୍ପର୍ଶରେ ଆସିଲେ, ସେହି ପରିପ୍ରେକ୍ଷୀରେ ସେ ମାତୃଭାଷା ଓଡ଼ିଆ ସହିତ ଇଂରାଜୀ, ବଙ୍ଗଳା, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଜଣେ ଅନର୍ଗଳ ବକ୍ତା ପାଲଟି ଗଲେ । ସେ ଯେତେବେଳେ ଯେଉଁ ଭାଷାରେ ବକ୍ତୃତା ଦିଅନ୍ତି, ଲୋକେ ମନେ କରନ୍ତି ଯେ ସେ ତାଙ୍କର ଭାଷାଭାଷୀ ଭିତରୁ ଜଣେ । ତାଙ୍କର ବାକ୍‌ପଟୁତା ଓ ସଙ୍ଗଠନ ଶକ୍ତି ବଡ଼ ଅନନ୍ୟ ସାଧାରଣ ଥିଲା । ସେ କେତେବର୍ଷ ଓଡ଼ିଶା ଆସେମ୍ବ୍ଲି ସଦସ୍ୟ ମଧ୍ୟ ଥିଲେ । ଏପରି ହେଲା ଯେ ତାଙ୍କ ଅସହିଷ୍ଣୁଙ୍କ ହାତରେ ସେ ବଳି ପଡ଼ିଲେ । ତାଙ୍କର ତ୍ୟାଗପୂତ ଜୀବନ ସ୍ମରଣୀୟ ହୋଇ ରହିଛି ।

୧୯୩୦ ମସିହାର ସମସାମୟିକ ଘଟଣା । ପ୍ରଥମ... ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶ... ପାଇଁ ପ୍ରସ୍ତୁତି ଚାଲିଥାଏ । ସ୍ଥାନ ନିର୍ଦ୍ଦିଷ୍ଟ ହୋଇଥା... ବଳିଆ ପଣ୍ଡା । ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ସେବାଦଳ, ଟ୍ରେନିଂ ପ୍ରତିନିଧି ଓ ଦର୍ଶକମାନଙ୍କ ବସବାସ ବ୍ୟବସ୍ଥା, ଭୋଜନ, ପରିମଳ, ସ୍ନାନ ଶୌଚବିଧି ଇତ୍ୟା... ସମ୍ଭାର ଚାଲିଥାଏ । ହଠାତ୍ ଜିଲ୍ଲା ପ୍ରଶାସନିକଙ୍କ ଠା... ନିର୍ଦ୍ଦେଶ ପହଞ୍ଚିଲା ଯେ କଂଗ୍ରେସ ଆଇନ ଘୋଷିତ ହୋଇଛି, ତେଣୁ, କଂଗ୍ରେସର ଯାହା ଯେଉଁଠି ସଂପତ୍ତି ଅଛି, ସବୁ ବାଜ... ହୋଇଯିବ । ପୁରୀର ଜିଲ୍ଲା ମାଜିଷ୍ଟ୍ରେଟ ବହୁତ ଅଥ... ବିଗ୍ରରି, ପୁରୀର କଂଗ୍ରେସ କର୍ତ୍ତୃପକ୍ଷଙ୍କୁ ସମ୍ବାଦଟି ଚୁପ୍‌ ଜଣାଇଦେଲେ । ରାତାରାତି ବଳିଆ ପଣ୍ଡାରେ ଥି... କଂଗ୍ରେସର ସମସ୍ତ ଆସବାବ ପତ୍ର ନିଲାମ ସତ୍ତ୍ୱରେ ଜ... ଜଣଙ୍କ ନାମରେ କାଗଜପତ୍ର ହୋଇଗଲା । ଜିଲ୍ଲା ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶରେ ପୋଲିସ ଫୌଜ ବଳିଆପଣ୍ଡା ଯାଇ କଂଗ୍ରେସ ଆସବାବପତ୍ର ଜବତ କରିବାକୁ ବସନ୍ତି ତ ଦେଖନ୍ତିଲେ ଯେ ସେସବୁ କଂଗ୍ରେସର ହୋଇ ନାହିଁ ! ତେଣୁ ରିକ୍ତ ହସ୍ତରେ ଫେରିବାକୁ ବାଧ୍ୟ ହେଲେ ।

ଏ ସ୍ୱାଧୀନଚେତା ମାଜିଷ୍ଟ୍ରେଟ ହେଉଛନ୍ତି ମିଃ ଅଡ଼ାନି । ମହାତ୍ମାଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମର ଆହ୍ୱାନ ତାଙ୍କ ନୈତିକ ଜୀବନକୁ ଦଂଶନ କରୁଥିଲା । ସେ ନିଜ ସ୍ଥାନରେ ରହି ଯେତିକିଟା ସାହାଯ୍ୟ କରିବା କଥା ତାହା କରିବାକୁ ପଛେଇ ନଥିଲେ । ଅଡ଼ାନିଙ୍କ ଧର୍ମପତ୍ନୀ ସୂତା କାଟୁଥିଲେ । ସ୍ୱାଧୀନତା ସଂଗ୍ରାମର ଅହିଂସକ ଆୟୁଧ ଚରଖା ସେତେବେଳେ ବିଦେଶୀ ସରକାରର ଶାସନତନ୍ତ୍ରକୁ ଥରାଇ ଦେଉଥିଲା । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସ୍ତ୍ରୀ ସୂତା କାଟିବ, ଏକଥା ସରକାର ସହିବେ କେତେକ । ମାଜିଷ୍ଟ୍ରେଟଙ୍କୁ ତାଗିଦ୍ କଲେ । ମାଜିଷ୍ଟ୍ରେଟ ନିର୍ଭୀକ ଚିତ୍ତରେ ଜବାବ ଦେଲେ– ମୁଁ ସରକାରଙ୍କ ଚାକର, ମୋ ସ୍ତ୍ରୀ ନୁହନ୍ତି ! ସରକାର ମୋ ଘର କଥାରେ ହସ୍ତକ୍ଷେପ କରିପାରିବେ ନାହିଁ ।

ଅଡ଼ାନି କେତେଦିନୁ ଗଲେଣି । ଅଥଚ ତାଙ୍କ ସେ ସ୍ୱାଧୀନତା ସଂଗ୍ରାମ ମହଲରେ ଉଦ୍‌ଜୀବିତ ଅଛି ।

ଭାରତର ଅନ୍ତିମ ସ୍ୱାଧୀନତା ସଂଗ୍ରାମ–୧୯୪୨ ଅଗଷ୍ଟ ବିପ୍ଳବ ନାମରେ ବିଦିତ । ଏହି ବିପ୍ଳବକୁ ସଙ୍ଗଠନ କରିବାରେ ଯେଉଁମାନେ ପୁରୋଭାଗରେ ଥିଲେ, ସେମାନଙ୍କ ମଧ୍ୟରେ ୰ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ, ଅରୁଣା ଆସଫ ଅଲ୍ଲୀ, ରାମନନ୍ଦନ ମିଶ୍ର ପ୍ରମୁଖ ଅଗ୍ରଣୀ । ଜୟପ୍ରକାଶ ନାରାୟଣ ବହୁ ଦେଶ ବିଦେଶ ଭ୍ରମଣ କରି ସମାଜବାଦର ଯେ ଜଣେ ସଫଳ ଟୀକାକାର ଥିଲେ ତା ନୁହେଁ ମହାତ୍ମାଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ଭାରତକୁ ଏକ ସମାଜବାଦୀ ରାଷ୍ଟ୍ର କରି ଗଢ଼ିବାର ସ୍ୱପ୍ନ ମଧ୍ୟ ଦେଖୁଥିଲେ । ସେ ଥିଲେ ଆଜନ୍ମ ବିପ୍ଳବୀ । ତାଙ୍କ ଧର୍ମପତ୍ନୀ ୰ପ୍ରଭାବତୀ ଦେବୀ ମହାତ୍ମା ଗାନ୍ଧୀଙ୍କ ପାଖେ ପାଖେ ରହୁଥିଲେ ।

ଅଗଷ୍ଟ ବିପ୍ଳବର ସଙ୍ଗଠନ କଲାବେଳେ ସେ ଛାତ୍ର-ଯୁବକ ଓ ବୁଦ୍ଧିଜୀବୀମାନଙ୍କ ସଂପର୍କରେ ଆସିବା ପାଇଁ ଭାରତର ... ଗସ୍ତ କରୁଥିଲା ବେଳେ ଆମ କଟକକୁ ମଧ୍ୟ ଆସିଥିଲେ

ରହୁଥିଲେ ଓଡ଼ିଶାର ଏକମାତ୍ର ସରକାରୀ ମହାବିଦ୍ୟାଳୟ ସୁନାମଧନ୍ୟ ରେଭେନସା କଲେଜର ଜଣେ ଅଧ୍ୟାପକଙ୍କ ଘରେ । ଏଥର କିନ୍ତୁ ସମୟ ଭିନ୍ନ । ଅଗଷ୍ଟ ବିପ୍ଳବ ଆସନ୍ନ। ବିଦେଶୀ ସରକାର ଉଗ୍ରମୂର୍ତ୍ତି । ପଚାରିଲେ ଜୟପ୍ରକାଶ, ବନ୍ଧୁ ଅଧ୍ୟାପକଙ୍କୁ—"ତୁମେ ସରକାରୀ କର୍ମଚାରୀ—ମୁଁ ସରକାର ବିରୋଧୀ—ବିଦ୍ରୋହୀ । ମୋତେ ସ୍ଥାନ ଦେଲେ ତୁମର ଚାକିରୀ ଜୀବନରେ ହୁଏତ କିଛି ଅବ୍ୟବସ୍ଥା ଉପୁଜିପାରେ ।

ବନ୍ଧୁ ଜୟପ୍ରକାଶଙ୍କୁ ଆଉ କୁହାର ନଦେଇ ଅଧ୍ୟାପକ କହି ଉଠିଲେ—"ତୁମେ ମୋର ବନ୍ଧୁ ଆଗ; ଚାକିରୀ ପଛ ।"

ସରକାରୀ କଳର ଗାତ୍ରୋଦାହ ହେଲା । କଟକ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଆସିଲା—"ସେ ଅଧ୍ୟାପକଙ୍କୁ ପଚାର, କେଉଁ ସାହସରେ ଜଣେ ବିଦ୍ରୋହୀକୁ ଘରେ ସ୍ଥାନ ଦେଇଛନ୍ତି" ?

ଅଧ୍ୟାପକଙ୍କଠାରୁ କଲେକ୍ଟରଙ୍କ ପାଖରେ ଆଉ ପଦେ ଆଗୁଆ । ସେ ଅଧ୍ୟାପକଙ୍କୁ କୈଫିୟତ ମାଗିବେ କଣ, ନିଜ ଆଡୁ ଜିଲା କଲେକ୍ଟରଙ୍କୁ ଅତ୍ୟନ୍ତ ନିର୍ଭୀକତାର ସହିତ ଉତ୍ତର ଦେଲେ—"ମୋର ଅଲିଗା ସ୍ୱାନାଗାର ନାହିଁ । ନୋହିଲେ ଜୟପ୍ରକାଶଙ୍କୁ ମୁଁ ମୋ ନିଜଘରେ ଅତିଥି କରିଥାନ୍ତି ।" ଏତିକିରେ ସରକାର ଚୁପ୍ । ଏ ନିର୍ଭୀକ ଜିଲା ମାଜିଷ୍ଟ୍ରେଟ ଓ ସେ ସ୍ୱାଧୀନଚେତା ଅଧ୍ୟାପକ କିଏ ଜାଣନ୍ତି ? ଜିଲା ମାଜିଷ୍ଟ୍ରେଟ ହେଉଛନ୍ତି ଏଲ. ପି. ସିଂହ ଓ ଅଧ୍ୟାପକ ହେଉଛନ୍ତି ଡକ୍ଟର ୰ବଳଭଦ୍ର ପ୍ରସାଦ ।

ଅଧ୍ୟାପକ ପ୍ରସାଦ ଥିଲେ ରସାୟନ ବିଭାଗର । ମାତ୍ର ତାଙ୍କ ଗବେଷଣା କେବଳ ରେଭେନସା କଲେଜର ଏକ ସୀମିତ କକ୍ଷ ମଧ୍ୟରେ ଆବଦ୍ଧ ନଥିଲା । ମଣିଷର ଚରିତ୍ରକୁ ଗବେଷଣା କରିବାରେ ସେ ଥିଲେ ଜଣେ ସଫଳ ଗବେଷକ । ଅଧ୍ୟାପନା ମାଧ୍ୟମରେ ଜାତୀୟତାର ବହ୍ନି ପ୍ରଜ୍ୱଳନ କରିବାକୁ ସେ ଜଣେ ଆଦର୍ଶ ଶିକ୍ଷକର କର୍ତ୍ତବ୍ୟ ମନେ କରୁଥିଲେ । ଘର ତାଙ୍କର ଥିଲା ଏକ ମନ୍ତ୍ରଣାଗାର । କଟକର ପିଲିଗ୍ରିମ୍ ରୋଡ଼ର ସେଇ ନାଲି କୋଠାଘରୁ ତଦାନିନ୍ତନ ବହୁ ଶିକ୍ଷିତ, ଶିକ୍ଷକ, ଛାତ୍ର ଓ ବୁଦ୍ଧିଜୀବୀ ଅନୁପ୍ରେରଣା ଲାଭ କରିଛନ୍ତି । ଦୁର୍ଗାଚରଣ କର ଜଣେ ସାମାନ୍ୟ ପତ୍ରି ବିକାଳୀ । ସମ୍ବାଦପତ୍ରର ମଧ୍ୟ ହକର । ସେ ବି ବଳଭଦ୍ର ପ୍ରସାଦଙ୍କ ଘରକୁ ନିୟମିତ ଆସନ୍ତି । ସମାଜବାଦ ଓ ବିଜ୍ଞାନ ଉପରେ ଚର୍ଚ୍ଚା କରନ୍ତି । ତାଙ୍କପରି ଜଣେ ନଗଣ୍ୟ ବ୍ୟକ୍ତିଙ୍କ ସହ ମିଶିବାରେ ବଳଭଦ୍ର ପ୍ରସାଦ ଟିକିଏ ହେଲେ ହୀନମନ୍ୟତା ଅନୁଭବ କରନ୍ତି ନାହିଁ, କି ସଙ୍କୋଚବୋଧ କରନ୍ତି ନାହିଁ । ରେଭେନ୍‌ସା କଲେଜର ସମାଜ-ସେବା ସଂସ୍ଥା (Social Service Guild)ର ସଭାପତି ପଦ ତାଙ୍କର ଥିଲା । ଆବେଦନକାରୀ ଛାତ୍ରମାନଙ୍କର ଆର୍ଥିକ ସ୍ଥିତିକୁ ବହୁ ଜଣାଶୁଣା ବ୍ୟକ୍ତିଙ୍କ ମାଧ୍ୟମରେ ସେ ତନ୍ନ ତନ୍ନ କରି ପରଖି କରନ୍ତି । ତେଣୁ ଆବେଦନକାରୀ ଯଥାର୍ଥ ନ୍ୟାୟ ପାଉଥାଏ ।

ଜଣେ ଖାଣ୍ଟି ମାନବବାଦୀ ଭାବରେ ବଳଭଦ୍ର ପ୍ରସାଦ ଜାତିଗତ ଭେଦର କେବଳ ଯେ ଊର୍ଦ୍ଧ୍ୱରେ ଥିଲେ ତାହା ନୁହେଁ, ଅନ୍ତର୍ଜାତି ବିବାହକୁ ପ୍ରୋତ୍ସାହନ ଦେଉଥିଲେ । କୃତିତ୍ୱର ସମ୍ମାନ ସ୍ୱରୂପ ସେ ରାଜ୍ୟ ଶିକ୍ଷା ନିର୍ଦ୍ଦେଶକ ପଦ ମଣ୍ଡନ କରିପାରିଥିଲେ । ସରକାରୀ ଚାକିରୀରୁ ଅବସର ଗ୍ରହଣ ପରେ ମଧ୍ୟ ତାଙ୍କର ଅବସର ନଥିଲା । ଏଲାହାବାଦ ଓ ପାଟନା ବିଶ୍ୱବିଦ୍ୟାଳୟ ତାଙ୍କୁ କୁଳପତି ରୂପେ ବରଣ କରି ସମ୍ମାନିତ କରାଇ ଥିଲେ ।

ଡକ୍ଟର ପ୍ରସାଦ ଆସିଥିଲେ ବିହାରରୁ । ମାତ୍ର ତାଙ୍କର ଲୀଳାକ୍ଷେତ୍ର ସବୁଥିଲା ଓଡ଼ିଶାରେ । ସେଇ ଓଡ଼ିଆ ମାଟିରେହିଁ ତାଙ୍କର ଜୀବନର ଅବସାନ ହେଲା ।

ଏବର ଏଡ଼ଭୋକେଟ ଜେନେରାଲ ଶ୍ରୀ ଗଙ୍ଗାଧର ରଥ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ରବି ରାୟ, ସମାଜବାଦୀ ନେତା ଶ୍ରୀ ଦୁର୍ଗା ଚରଣ ମହାନ୍ତି, ୰ରାମକୃଷ୍ଣ ପତି, ସୁନାମଧନ୍ୟ ଅଧ୍ୟାପକ ଶ୍ରୀ ସର୍ବେଶ୍ୱର ଦାଶ, ପୂର୍ବତନ ଶିକ୍ଷା ମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ୰ବନମାଳୀ ପଟ୍ଟନାୟକ, ୰ସୁରଜମଲ୍ଲ ସାହା, ଶ୍ରୀ ବିବୁଧେନ୍ଦ୍ର ମିଶ୍ର ପ୍ରମୁଖଙ୍କର ଗୁରୁ ଡକ୍ଟର ବଳଭଦ୍ର ପ୍ରସାଦ ୮୨ ବର୍ଷ ବୟସରେ ୧୨-୩-୧୯୮୭ ତାରିଖରେ ପରପାରିକୁ ଚାଲି ଯାଇଛନ୍ତି ସତ, ତାଙ୍କ ନିଜକ ଦେଶାତ୍ମବୋଧ ଓ ମଣିଷପଣିଆକୁ ଏତେ ସହଜରେ ଭୁଲି ହେବ ନାହିଁ ।

୧୯୪୨ ଭାରତ ଛାଡ଼ ବେଳର କଥା । କୋରାପୁଟରେ ଦେଖାଦେଇ ଏକ ବିରାଟ ଜନ ଜାଗରଣ । ରାଧାକୃଷ୍ଣ ବିଶ୍ୱାସରାୟ, ସଦାଶିବ ତ୍ରିପାଠୀ, ରାଧାମୋହନ ସାହୁ ପ୍ରମୁଖ ନେତୃବର୍ଗଙ୍କୁ ସରକାର ଆଗତୁରା ଧରି ନେଇଥିବାରୁ ନେତୃହରା କୋରାପୁଟର ସରଳ ଆଦିବାସୀମାନେ ସଭାସମିତି, କୋର୍ଟ କଚେରୀ ଦଖଲ ଓ ଖଜଣା ବନ୍ଦ ଆନ୍ଦୋଳନ ମାଧ୍ୟମରେ ପୋଲିସର ଲାଠିଗୁଳିର ଶୀକାର ହୋଇ ଯେଉଁ ଅସୀମ ଯମଯନ୍ତ୍ରଣା ଭୋଗ କଲେ, ତାହିଁର ପଟ୍ଟାନ୍ତର ନାହିଁ । ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ମାତିଲିରେ ଦେଖାଦେଲା ଏକ ବିପୁଳ ଜନ ଜାଗରଣ । ଏହି ବିରାଟ ଜନ ଜାଗରଣକୁ ପ୍ରତିହତ କରିବା ପାଇଁ ପୋଲିସ ଯେଉଁ ଅମାନୁଷିକ ଗୁଳି ଚାଳନା କଲେ ତାହାରି ଭିତରେ ଜଣେ ମଦ୍ୟପ ଅରଣ୍ୟରକ୍ଷୀ ନିହତ ହେଲେ । ଦୋଷ ହେଲା ନେତା ଲକ୍ଷ୍ମଣ ନାୟକଙ୍କର । ଅଥଚ ବିଚାରରେ ତାଙ୍କୁ ଫାଶୀ ହୁକୁମ ହେଲା । ବ୍ରହ୍ମପୁର ବନ୍ଦୀଶାଳାରେ ସେ ନିର୍ଜ୍ଜନ ବାସ କଲେ । ଦେଶ ମାତୃକାକୁ ପରାଧୀନତା ବେଡ଼ିରୁ ମୁକୁଳାଇବା ଲକ୍ଷ୍ୟରେ ସେ ଜୀବନ ବିସର୍ଜ୍ଜନ କରୁଛନ୍ତି ବୋଲି ଟିକିଏ ହେଲେ ଦିଗ୍ଭ୍ରାନ୍ତତା ନ ଥିଲା । ତାଙ୍କ ଜୀବନାବସାନର ପୂର୍ବଦିନ ବ୍ରହ୍ମପୁର ବନ୍ଦୀଶାଳାରେ ବନ୍ଦୀଥିବା କୋରାପୁଟର ସେହି ରାଧାକୃଷ୍ଣ ବିଶ୍ୱାସରାୟ, ସଦାଶିବ ତ୍ରିପାଠୀ ଓ ରାଧାମୋହନ ସାହୁ ତାଙ୍କୁ ନିଭୃତ କକ୍ଷରେ ସାକ୍ଷାତ କଲେ । ଦେଖିଲେ ଲକ୍ଷ୍ମଣ ଗୀତାପାଠରେ ମଗ୍ନ । ମୁଖମଣ୍ଡଳରୁ ପ୍ରସନ୍ନତାର ଆଭା । ଅନ୍ତିମ ବାର୍ତ୍ତା ପଚାରନ୍ତେ, ଲକ୍ଷ୍ମଣ ବଡ଼ ଆବେଗଭରା କଣ୍ଠରେ କହିଲେ—"ଦେଶ ଅଲବତ ସ୍ୱାଧୀନ ହେବ । ଲୋକେ ପେଟକୁ ଦାନା ଓ ପିନ୍ଧିବାକୁ ଖଦୀ ପାଇବେ" । ବାସ୍ ଏତିକି । ୧୯୪୩ ମାର୍ଚ୍ଚ ୨୯ର ସୂର୍ଯ୍ୟ ପ୍ରତିଭାତ ହେବାପୂର୍ବରୁ ବୀର ଲକ୍ଷ୍ମଣଙ୍କର ଜୀବନ ଫାଶୀକାଠରେ ଚିର ବିସର୍ଜିତ ହୋଇଗଲା । କୋରାପୁଟର ବୀର ଶହୀଦ ଭାବରେ ଲକ୍ଷ୍ମଣ ନାୟକ ଜାଳକାଳକୁ ନାଁ ରଖିଗଲେ ।

ସ୍ୱାଧୀନ ଭାରତରେ ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ହେବେ, ସେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ମର୍ଯ୍ୟାଦା ଭତ୍ତା ଖଞ୍ଜିବେ, ସେମାନଙ୍କ ପୁତ୍ର ପୌତ୍ରାଦିଙ୍କ କଲ୍ୟାଣ ପାଇଁ ସେଥିରେ ବ୍ୟବସ୍ଥା ରହିବା କଥା ବୀର ଲକ୍ଷ୍ମଣ ନାୟକ କେବେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲେ । କେଉଁ ଆଶା ବା ଆକାଂକ୍ଷା ନେଇ ଜୀବନକୁ ପାଣି ଛଡ଼ାଇ ଲକ୍ଷ୍ମଣଙ୍କ ପରି ବହୁ ସଂଗ୍ରାମୀ ସ୍ୱାଧୀନତା ସଂଗ୍ରାମ ଯଜ୍ଞାନଳରେ ଝାସ ଦେଇଥିଲେ, ତାହା ସ୍ୱାଧୀନ ଭାରତର ନବ ଯୁବକମାନେ ଭାବିଭାବି ଥଳକୂଳ ପାଉନାହାଁନ୍ତି ।

ପୁରୀ ସହରର ଅଦୂରବର୍ତ୍ତୀ ବୀର ହରେକୃଷ୍ଣପୁର ଶାସନ । ସୁତିଶାସ୍ତ୍ର ଗଦାଧର ପଦ୍ଧତିର ପ୍ରଣେତା ସ୍ୱର୍ଗତ ଗଦାଧର ରାଜଗୁରୁ, ସ୍ୱାଧୀନ ଓଡ଼ିଶାର ସେନାପତି ସ୍ୱର୍ଗତ ଜୟୀରାଜଗୁରୁ ଓ କବିଚନ୍ଦ୍ର ପଣ୍ଡିତ ସ୍ୱର୍ଗତ ଭୁବନେଶ୍ୱର ରଥଙ୍କ ପରି ଯୋଗଜନ୍ମାଙ୍କ ଘର ଏହି ଗାଁରେ । ଊନବିଂଶ ଶତାବ୍ଦୀର ଚତୁର୍ଥ ଭାଗରେ ଜନାର୍ଦ୍ଦନ ରଥ ବୋଲି ଜଣେ ଗରିବ ବ୍ରାହ୍ମଣ ଏଇ ଗାଁରେ ଥିଲେ । ତାଙ୍କ ଧର୍ମପତ୍ନୀଙ୍କ ନାମ ଚନ୍ଦ୍ରମଣି ଦେବୀ । ସେମାନଙ୍କର ୪ପୁଅ ଓ ଦୁଇଝିଅ । ବଡ଼ ଗରିବ ପରିବାର । ଆର୍ଥିକ ଅସ୍ୱଚ୍ଛଳତା ଦୃଷ୍ଟିରୁ ପିଲମାନଙ୍କ ପ୍ରତିପୋଷଣ କରି ନ ପାରିବା ଦ୍ୱିତୀୟ ପୁତ୍ରଙ୍କୁ ବୀରପ୍ରତାପପୁର ଶାସନ ନିବାସୀ ମଉସା ଶିକାରୀ ମିଶ୍ର ଓ ମାତାସମ ବିମଳା ଦେବୀ ଓ ତୃତୀୟ ପୁତ୍ରଙ୍କୁ ଶ୍ରୀରାମଚନ୍ଦ୍ରପୁର ଶାସନ ନିବାସୀ ମାମୁଁ ସ୍ୱର୍ଗତ ଗଣେଶ୍ୱର ଦାଶ ପୁଅ କରି ନେଲେ ।

ଯେଉଁ ପିଲାଟିକୁ ମଉସା ମାଉସୀ ପୁଅ କରିନେଲେ ସେ ଜନ୍ମିଥିଲ ୧୮୮୭ ଆଷାଢ଼ କୃଷ୍ଣ ପ୍ରତିପଦା ତିଥିରେ । ଗରିବ ଘରେ ଜନ୍ମିଲେ କ'ଣ ହେବ, ପିଲାଟି ବଡ଼ ମେଧାବୀ ଥିଲ । ବଡ଼ମାମୁଁ ପଣ୍ଡିତ ଆର୍ତ୍ତତ୍ରାଣ ଦାଶ ପିଲାଟିର ମେଧାରେ ମୁଗ୍ଧ ହୋଇ ପାଠପଢ଼ାର ଦାୟିତ୍ୱ ନେଲେ । ଶ୍ରୀରାମଚନ୍ଦ୍ରପୁର ମଧ୍ୟ ଉଣ୍ଡା ଝୁଲର ସୁଲଭ ବୃତ୍ତି ପାଇ ପିଲାଟି ପୁରୀଜିଲ୍ଲା ସ୍କୁଲରେ ପଢ଼ିଲ । ୧୯୧୪ରେ ଦର୍ଶନ ଶାସ୍ତ୍ରରେ ଏମ. ଏ. ପାଶକଲ । ସେତେବେଳେ ଆଞ୍ଚଳିକତା ଭେଦ ନ ଥିବାରୁ କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଶାର ଏ ପିଲାଟିର କୃତିତ୍ୱକୁ ସମ୍ମାନ ଦେଇ ସ୍ୱର୍ଣ୍ଣପଦକ ପ୍ରଦାନ କଲେ ।

ନଳୀ ବୋଲ ପିଲାଟିକୁ ଗଣ୍ଡିଏ ଖାଇବାକୁ ଦେଇ ପାରିଲେ ନାହିଁ ବୋଲି ପିଲାଟି ପୁଅ ହୋଇ ଯାଇଥିଲ । ପାଠପଢ଼ାରେ କୃତିତ୍ୱ ପାଇଁ ସେତେବେଳେ ଚାକିରୀ ତା ହାତରେ ଥିଲା । ତଥାପି ସେହି ବିବେକବାନ ପିଲାଟି ଚାକିରୀର ବ୍ୟାମୋହକୁ ଦୂରେଇ ଯାଇ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଆହ୍ୱାନରେ ଝାସ ଦେଲ । ଛିନ୍ନମସ୍ତା ଉତ୍କଳ ଜନନୀକୁ ପୂର୍ଣ୍ଣାବୟବ କରାଇବା ଲକ୍ଷ୍ୟରେ ଗଠିତ ଉତ୍କଳ ସମ୍ମିଳନୀର ସଙ୍ଗଠନରେ ଭାଗ ନେଲ । ଗୋପବନ୍ଧୁ ଓ ଗୋଦାବରୀଶ ପ୍ରମୁଖଙ୍କ ସହ ଗାଁରୁ ଗାଁ, ଜିଲ୍ଲାରୁ ଜିଲ୍ଲା, ରାଜ୍ୟରୁ ରାଜ୍ୟ ବୁଲିଲ । ବୈଷୟିକ ଚିନ୍ତା ଅପେକ୍ଷା ଗୋପବନ୍ଧୁ ନିତ୍ୟପରାୟଣ କରୁଥିବା ଶ୍ରୀମଦ୍ ଭାଗବତଗୀତା ଓ ଦାରିଦ୍ର୍ୟ, ଅଟଳ ପ୍ରତିଜ୍ଞା ଓ ଦେଶାତ୍ମବୋଧର ଅଦ୍ୱିତୀୟ ପୁରୁଷ ତ୍ୟାଗୀ ମାଟିସିନଙ୍କ ଜୀବନ ଚରିତ ତାଙ୍କୁ ଅଧିକ ଅନୁପ୍ରାଣିତ କଲ ।

୧୯୧୪ରେ ସେ ଆସିଲେ ମଣିଷ ତିଆରି କାରଖାନା ସତ୍ୟବାଦୀ ବନ ବିଦ୍ୟାଳୟକୁ । ସତ୍ୟବାଦୀ ବନ ବିଦ୍ୟାଳୟରେ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, ହରିହର– ଏହି ଚାରିସଖା ଥିଲେ । ଏବେ ହେଲେ ସେମାନେ ପଞ୍ଚସଖା । ଏ ପଞ୍ଚସଖା କିଏ କାଣ ? ଏ ହେଉଛନ୍ତି ପଣ୍ଡିତ ସ୍ୱର୍ଗତ କୃପାସିନ୍ଧୁ ମିଶ୍ର ଯେ କି ଐତିହାସିକ କୃପାସିନ୍ଧୁ ନାମରେ ସୁପରିଚିତ । କୃପାସିନ୍ଧୁ ହେଲେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ସତ୍ୟବାଦୀ ବନ ବିଦ୍ୟାଳୟର ସଂସ୍କାରଧର୍ମୀ ଶିକ୍ଷାକୁ ରକ୍ଷଣଶୀଳ ବ୍ରାହ୍ମଣମାନେ ସହି ନ ପାରି ବିଦ୍ୟାଳୟର ମୂଳ ଘରଟିକୁ ପୋଡ଼ିଦେଲେ । ଦାମୋଦରପୁର ବଜାରରେ ମାଇନର ସ୍କୁଲଟିଏ ବସାଇ ବନ ବିଦ୍ୟାଳୟର ସମାନ୍ତରାଳ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ସେମାନେ ଲାଗିପଡ଼ିଲେ ସତ, ମାତ୍ର ସଫଳ ହୋଇ ପାରିଲେ ନାହିଁ । ଲକ୍ଷ୍ୟ ଅସାଧୁ ଥିବାରୁ ଘଟଣା କ୍ରମେ ସ୍କୁଲଟି ଭାଙ୍ଗି ପଡ଼ିଲ ।

ପଞ୍ଚସଖା କିନ୍ତୁ ଏଥିରେ କୌଣସି ଉତ୍ଫୁଲ୍ଲତା ଅନୁଭବ କଲେନାହିଁ । କାୟ ମନୋବାକ୍ୟରେ ସେମାନଙ୍କର କେହି ଶତ୍ରୁ ନ ଥିବାରୁ ଅସହିଷ୍ଣୁମାନଙ୍କ ଉଦ୍ୟମକୁ ପ୍ରୋତ୍ସାହନ ଦେଇ ଭାଙ୍ଗି ପଡ଼ିଥିବା ସ୍କୁଲଟିକୁ ସଜାଡ଼ିବାକୁ ଗୋପବନ୍ଧୁ କୃପାସିନ୍ଧୁଙ୍କୁ ବରାଦ କଲେ । ଅକ୍ଳାନ୍ତ ପରିଶ୍ରମ କରି କୃପାସିନ୍ଧୁ ସ୍କୁଲଟିକୁ ଦୃଢ଼ଭାବରେ ଠିଆ କରାଇ ଦେଲେ । ଘଟଣା କ୍ରମେ ସେହି ସ୍କୁଲଟି ବିଶ୍ୱନାଥ ମାଇନର ସ୍କୁଲ ଓ ଏବେ ଭାର୍ଗବୀ ହାଇସ୍କୁଲ ନାଁରେ ସୁପ୍ରତିଷ୍ଠିତ ।

"ମାହଂ ଅନ୍ୟ କୃତେ୍ୟନ ଭୋକ୍ତମ୍–"

ଆର୍ଷବାଣୀ କୃପାସିନ୍ଧୁଙ୍କର ଆଦର୍ଶ ଥିଲ । ତେଣୁ ସମାଜକୁ କିଛି ନ ଦେଇ କେବଳ ଭୋଗ କରିବାକୁ ସେ ଗର୍ହିତ ମଣୁଥିଲେ । ଜଣେ ଦର୍ଶନ ଶାସ୍ତ୍ରର ଛାତ୍ର ଉଚ୍ଚକୋଟୀର ଐତିହାସିକ ଓ ଗବେଷକ ହୋଇପାରେ, କଳ୍ପନାତୀତ ହେଲେ ମଧ୍ୟ କୃପାସିନ୍ଧୁଙ୍କ ଜୀବନରେ ଏହା ସତ ପ୍ରମାଣିତ ହୋଇଛି । କୋଣାର୍କ ଇତିହାସ, ଓଡ଼ିଶା ଇତିହାସ ଓ ଧାରାବାହିକ ଭାବେ ମୁକୁରରେ ପ୍ରକାଶ ପାଉଥିବା ବାରବାଟୀ ଦୁର୍ଗର ଇତିହାସ ଏହାର ପ୍ରକୃଷ୍ଟ ପ୍ରମାଣ । ମୃତ୍ୟୁର ୩ ଦିନ ପୂର୍ବରୁ ଶଯ୍ୟାଶାୟୀ ହେବାଯାଏ ସେ ୩୩୪ ପୃଷ୍ଠା ବିଶିଷ୍ଟ ଓଡ଼ିଶା ଇତିହାସର ପାଣ୍ଡୁଲିପି ପଢ଼ି ମୁଦ୍ରଣ ପାଇଁ ପଠାଉଥିଲେ ।

ସତ୍ୟରେ ହିଁ ସୌନ୍ଦର୍ଯ୍ୟ ନିହିତ——ସୌନ୍ଦର୍ଯ୍ୟ ସର୍ବଥା ସତ ନୁହେଁ—ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ କୃପାସିନ୍ଧୁ ଥିଲେ ଜଣେ ଉଚ୍ଚକୋଟୀର କଳାକାର । ତାଙ୍କ ମତରେ କଳାକୁ ଭୌତିକତାରେ ଆବଦ୍ଧ ରଖିଲେ ତାହା ନୀରସ, ସ୍ଥବିର ଓ ଲକ୍ଷ୍ୟ ଭ୍ରଷ୍ଟ ହୋଇଯାଏ——ଭାରତୀୟ ଶିଳ୍ପୀଙ୍କୁ ଏହି ଦୃଷ୍ଟିରେ ପ୍ରଶଂସା କରି କୃପାସିନ୍ଧୁ କହିଛନ୍ତି ଯେ ବ୍ରହ୍ମା, ବିଷ୍ଣୁ, ସୂର୍ଯ୍ୟ, ଚନ୍ଦ୍ର, କାଳୀ, ଦୁର୍ଗା ପ୍ରଭୃତି ଦେବାଦେବୀଙ୍କୁ ମନୁଷ୍ୟ ରୂପ ଦେଇ ଭାରତୀୟ ଶିଳ୍ପୀ କଳାର ସେହି ଅନ୍ତର୍ନିହିତ ତତ୍ତ୍ୱକୁହିଁ ପ୍ରକଟ କରାଇଛନ୍ତି ।

ଯାହାକୁ ଈଶ୍ୱର ଯେତେ ଭଲପାନ୍ତି, ତାଙ୍କୁ ସେତେ ଶୀଘ୍ର ମର୍ତ୍ତ୍ୟରୁ ନିଜପାଖକୁ ନେଇଯାନ୍ତି । କୃପାସିନ୍ଧୁଙ୍କ ଜୀବନରେ ଏହାହିଁ ପ୍ରମାଣିତ ହୋଇଛି । ପଢ଼ିଲବେଳୁ କୃପାସିନ୍ଧୁ ବାତ ବ୍ୟାଧିରେ ଥିଲେ । ଘନଘନ ଆକ୍ରାନ୍ତ ହୋଇ ସେ ଏକପ୍ରକାର ଜୀବନୀଶକ୍ତି ହରାଇଥିଲେ । ସେହି ବାତବ୍ୟାଧିହିଁ ଶେଷକୁ ତାଙ୍କର ନିଦାନ ହେଲ ।

୧୯୨୬ ଫେବୃୟାରୀ—ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଜ୍ୱର ଲାଗେ । ସେତେବେଳକୁ କୃପାସିନ୍ଧୁ ପୁରୀ ଆସିଥାନ୍ତି । ଜ୍ୱର ବଢ଼ିବାରୁ ଗାଁକୁ ଚାଲି ଆସିଲେ । ସତ୍ୟବାଦୀର ଡାକ୍ତରଖାନାର ଜିଲ୍ଲାବୋର୍ଡ ଡାକ୍ତର ଡ଼ି. ଲି. ଆଇ. ପଟ୍ଟନାୟକ ତାଙ୍କୁ ଚିକିତ୍ସା କଲେ । ସେତେବେଳକୁ ପୁଣି ଗାଁରେ ବସନ୍ତ ।

ହରିହର ପାଖେପାଖେ ଥାନ୍ତି । ଜ୍ବର ବଢ଼ିଲା । ଅନନ୍ୟୋପାୟ ହୋଇ ଆସୁର୍ଯ୍ୟେ ଡାକ୍ତର ପଟ୍ଟନାୟକଙ୍କ ସହ ଭଲ ଔଷଧ ପାଇଁ ପୁରୀ ବାହାରିଗଲେ । ଏଣେ କିନ୍ତୁ କୃପାସିନ୍ଧୁ ପରପାରିର ଆଲୋକ ଦେଖିବାରେ ଲାଗିଲେ । ପାଖରେ ବୃଦ୍ଧାମାତା ଓ ପତ୍ନୀ –ସେ ପତ୍ନୀଙ୍କୁ କହିଲେ ବରାଦ କଲେ—ଧାନଗଦା ପଟାଇ ଦୀନ-ଦୁଃଖୀଙ୍କୁ ବାଣ୍ଟିଦିଅ । ତାହାହିଁ ହେଲା । ଆସୁର୍ଯ୍ୟେ ଫେରିନଥାନ୍ତି । ଦେବତାଙ୍କ ପାଖେ ଚଣ୍ଡୀପାଠ ଓ ଅଭିଷେକପାଇଁ ବ୍ରାହ୍ମଣମାନେ ପୂଜା ନେବାକୁ ଉଦ୍ୟତ । ୧୯୨୬ ଫେବୃୟାରୀ ୧୨ ତାରିଖ ସକାଳ ୧୦ ଘଣ୍ଟା ବେଳେ ମହାନ୍ ସାଧକ କୃପାସିନ୍ଧୁ ମାତ୍ର ୩୯ ବର୍ଷ ବୟସରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ପରପାରିକୁ ଯାତ୍ରା କଲେ । ତାଙ୍କ ବିୟୋଗରେ ମର୍ମାନ୍ତିକ ବେଦନା ଅନୁଭବ କରି ପୁଣ୍ୟାତ୍ମା ଗୋପବନ୍ଧୁ ଲେଖିଥିଲେ—"ଉତ୍କଳ ଶିକ୍ଷକ ସମାଜରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଖସିପଡ଼ିଲା । ଉତ୍କଳ ଇତିହାସରେ ପ୍ରତ୍ନତତ୍ତ୍ୱ ଅନୁସନ୍ଧାନ କ୍ଷେତ୍ରରୁ ପ୍ରଧାନ ସାଧକ ଅନ୍ତର୍ହିତ ହୋଇଗଲେ ଏ ଜାତୀୟ ବିପତ୍ତିକୁ ଧୈର୍ଯ୍ୟଧରି କିଏ ସମ୍ଭାଳିବ । ବିଧାତାଙ୍କର ଏ ହତଭାଗ୍ୟ ସମାଜକୁ କି ଅଭିଶାପ ଅଛି କେଜାଣି । ପ୍ରଭୋ ! ତୁମର କି ବିଷ୍ଣୁର ଅଛି ତୁମେ ଜାଣ ।"

କବି ଯଥାର୍ଥ ଗାଉଛନ୍ତି—

"ଏକିଦେଇ ସ୍ୱାର୍ଥସୁଖ ଅର୍ଥର ଲାଳସା
କି ମହାନ୍ ତ୍ୟାଗ ମନ୍ତ୍ରେ ହେ ପରମ ଯତି
ବିନ୍ଦୁ ବିନ୍ଦୁ ଉଷ୍ଣରକ୍ତ ଢାଳି ଅବଶେଷେ
କି ବେଶେ ଅର୍ପିଲ ପୂର୍ଣ୍ଣ ଜୀବନ ଆହୁତି ।"

ଭାରତ ସ୍ୱାଧୀନ ହେବା ଆସି ୪ ଦଶନ୍ଧି ପୂରିବ । ପରାଧୀନ ଭାରତରେ ଯେଉଁ ଘଟଣାରେ ଗୋବିନ୍ଦ ରଥେ ପୋଲିସ କଟକଣାକୁ ଅମାନ୍ୟ କଲେ, ଅଧସ୍ତନ କର୍ମଚାରୀ ଗୌରୀଶଙ୍କର ଗୋରା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କଲେ, ମଧୁବାବୁ ନିଜକୁ ଦେବାଳିଆ ଘୋଷଣା କରି ଦୁର୍ବିସହ ଅନ୍ତିମ ଜୀବନ ଯାପନ କଲେ, ଗୋପବନ୍ଧୁ, କୃପାସିନ୍ଧୁ ଓ ନନ୍ଦକିଶୋର ପ୍ରମୁଖଙ୍କୁ ଭୌତିକ ବ୍ୟାମୋହ ସ୍ପର୍ଶ କଲା ନାହିଁ, ହରିହର ଉଚ୍ଚ ବ୍ୟକ୍ତିଙ୍କଠାରୁ ନିଜ ଚରିତ୍ର ପତ୍ର ଆଣିବାକୁ ବିବେକାନୁମୋଦିତ ମନେ କଲେ ନାହିଁ, ମାଜିଷ୍ଟ୍ରେଟ ସୁରେଶ ବୋଷ ଉଚ୍ଚାଧୀକାରୀଙ୍କ ଉପର୍ଯ୍ୟୁପରି ନିର୍ଦ୍ଦେଶ ଅମାନ୍ୟ କରି ଅଭିଯୁକ୍ତ ଗୋପବନ୍ଧୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ସଙ୍ଗେସଙ୍ଗେ ନିଜେ ମଧ୍ୟ ଚାକିରୀରୁ ଇସ୍ତଫା ଦେଲେ, ଡେପୁଟି କଲେକ୍ଟର ଚାକରୀ ଛାଡ଼ି ଗୋପବନ୍ଧୁ ଚୌଧୁରୀ ସେବକ ପାଲଟିଲେ । ପଣ୍ଡିତ ଲକ୍ଷ୍ମୀନାରାୟଣ ଝଣ୍ଡା ସତ୍ୟାଗ୍ରହରେ କାରାବରଣ କଲେ, କଲେକ୍ଟର ଏଡାଲି ସ୍ୱାଧୀନତା ଆନ୍ଦୋଳନକୁ ଭିତିରି ସମର୍ଥନ ଜଣାଇଲେ, ଡଃ ବଳଭଦ୍ର ପ୍ରସାଦ ଚାକିରୀକୁ ପଛରେ ପକାଇ ବନ୍ଧୁତ୍ୱକୁ ଆଗରେ ରଖିଲେ, ବୀର ଲକ୍ଷ୍ମଣ ଆତ୍ମବଳୀ ଦେଲେ ଓ ଐତିହାସିକ କୃପାସିନ୍ଧୁ ଆଦର୍ଶ ଶିକ୍ଷକ ଓ ଗବେଷକ ଭାବରେ ନାଁ କରିଗଲେ— ସ୍ୱାଧୀନ ଭାରତରେ ସେ ପ୍ରକାର ଆଦର୍ଶ ବହୁ ପରିମାଣରେ ଓ ବହୁ ଗୁଣରେ ଲୋଡ଼ାପଡୁଥିବା ସତ୍ତ୍ୱେ ଗଲା କୁଆଡେ ? ଜଣେ ଭାବୁକଙ୍କ ମତରେ——

"There comes a decade in the life of a Nation, when mother becomes very fertile only to be followed by a period of barrennees." ଉତ୍କଳ ଜନନୀ ଆଦର୍ଶ ସନ୍ତାନ ଜନ୍ମ କରିକରି ସତେ କ'ଣ ଶେଷକୁ ବାଂଝ ହୋଇଗଲା ! ଆଜି ଅଗଷ୍ଟ ପନ୍ଦରରେ ଏହାହିଁ ପ୍ରଶ୍ନବାଚୀ ।

---

ମାର୍କଣ୍ଡ ସାହୀ
ଯମୁନା ରୋଡ,
ପୁରୀ



Telegram : FINCORISSA

TELEX:0676-225
PABX : 21123, 21125
21172, 21173

# ORISSA STATE FINANCIAL CORPORATION

## O. M. P. SQUARE, CUTTACK-3

We have been on the industrial scene of Orissa for the last 30 years. We are the pioneer financial institution for industrial financing in the State, so far, we have financed 15,121 units with over Rs. 208 crores till 31st March, 1986.

We have crossed Rs. 300 crores mark in respect of effective sanction and disbursed over Rs. 200 crores. We also disburse Central and State Capital Investment Subsidy and IDBI Seed Capital loan and Government's Seed loan to bridge the gap in equity. We have provided soft loan to 606 units amounting to Rs. 167·83 lakhs from our special share capital to meet the short fall in promoter's contribution. We operate IDBI's Refinance Scheme for Rehabilitation and IRBI line of credit for Rehabilitation. We also encourage NRI investment on softer terms.

If you are thinking of setting up an industry in Orissa, you would find it helpful to contact us, for we have many effective schemes to offer you and one may just suit to your needs.

WE PROVIDE :

1. Term-loan up to Rs. 60 lakhs to create fixed assets
2. Soft-loan up to Rs. 4 lakhs to Technician Entrepreneurs
3. Term-loan up to Rs. 2 lakhs with 10% margin to educate unemployed
4. Loans to Technician Entrepreneurs with 17½% margin
5. Loans to Medical Graduates for X-ray, E.C.G. and Electro-medical equipments.
6. Rehabilitation/Modernisation assistance with rate of interest 10 to 11½%
7. Composite-loans and loans for setting up Bio-gas Plants, Wind Mills and Solar appliances.

We assure you of our best services. For details please call on the Managing Director or our Regional Manager/Branch Manager.

**MANAGING DIRECTOR**

# ଅସହଯୋଗ ଆନ୍ଦୋଳନରେ କନିକା ପ୍ରଜା ବିଦ୍ରୋହର ଭୂମିକା

ପ୍ରଫୁଲ୍ଲ ଦାସ

୧୯୨୦ ମସିହାରେ ଓଡ଼ିଶାରେ କଂଗ୍ରେସ ଦଳର ସଙ୍ଗଠନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଅସହଯୋଗ ଆନ୍ଦୋଳନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ଯାଇଥିଲା । ଗାନ୍ଧିଜୀଙ୍କ ନେତୃତ୍ୱରେ ପରିଚାଳିତ ସ୍ୱାଧୀନତା ସଂଗ୍ରାମର ଏହି ପ୍ରଥମ ପର୍ଯ୍ୟାୟ ଆନ୍ଦୋଳନରେ ଓଡ଼ିଶା ଗୌରବମୟ ଭୂମିକା ଗ୍ରହଣ କରିଥିଲା । ସେହି ଗୌରବର ଶ୍ରେଷ୍ଠାଂଶ ମିଳିଥିଲା କନିକା ଭାଗରେ । କଟକ ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲାରେ ପରିବ୍ୟାପ୍ତ ଏହି ଜମିଦାରୀରେ ଯେଉଁ ପ୍ରଜା ଅଶାନ୍ତି ପୁଞ୍ଜିଭୂତ ହୋଇ ରହିଥିଲା ଅସହଯୋଗ ଆନ୍ଦୋଳନର ଆହ୍ୱାନକୁ ସେହି ଅଶାନ୍ତିକୁ ସଞ୍ଜୀବିତ କରି ଏକ ଭୟାବହ ପ୍ରଜା ବିଦ୍ରୋହରେ ପରିଣତ କରି ଦେଇଥିଲା । ସେଥିପାଇଁ ଏହି ବିଦ୍ରୋହକୁ ଓଡ଼ିଶାରେ ଗାନ୍ଧୀ ଆନ୍ଦୋଳନର ପ୍ରଥମ ଜନବିଦ୍ରୋହ ଏବଂ ଏଥିରେ ପୋଲିସ ଗୁଳିରେ ପ୍ରାଣ ବିସର୍ଜନ କରିଥିବା ବରଣୀ ଗ୍ରାମର ବିଶୁନି ମହୁଆନ ଓ ଡେଙ୍କୁବିକୋଳି ଗ୍ରାମର ବାସୁ ସେଠିଙ୍କୁ ଗାନ୍ଧୀ ଯୁଗର ଓଡ଼ିଶାର ପ୍ରଥମ ଶହୀଦ ବୋଲି କୁହାଯାଇଥାଏ । ସେଯୁଗରେ କଂଗ୍ରେସ ଆନ୍ଦୋଳନ କହିଲେ କନିକା ପ୍ରଜା ଆନ୍ଦୋଳନକୁ ହିଁ ବୁଝାଉଥିଲା । ୧୯୨୨ ମସିହାରେ ଓଡ଼ିଶାରୁ ଯେଉଁ କୋଡ଼ିଏ ହଜାର ପ୍ରାଥମିକ କଂଗ୍ରେସ ସଭ୍ୟ ସଂଗୃହୀତ ହୋଇଥିଲେ ସେଥିମଧ୍ୟରୁ ଷୋଳିହଜାର କେବଳ ଏହି ଛୋଟିଆ ଜମିଦାରୀ ଅଞ୍ଚଳରୁ ହୋଇଥିଲେ ।

ଓଡ଼ିଶାର ସମସ୍ତ କଂଗ୍ରେସ ନେତା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କନିକା ପ୍ରଜା ବିଦ୍ରୋହ ସହ ଗଭୀରଭାବେ ଜଡ଼ିତ ଥିଲେ । ତତ୍କାଳୀନ ପ୍ରାଦେଶିକ କଂଗ୍ରେସ ସଭାପତି ଗୋପବନ୍ଧୁ, ଉପସଭାପତି ଏକରାମରସୁଲ, ସଂପାଦକ ଭାଗୀରଥି ମହାପାତ୍ର, ବିଶିଷ୍ଟ କଂଗ୍ରେସ ନେତା ଅଟଳ ବିହାରୀ ଆଚାର୍ଯ୍ୟ, ରାମଦାସ ବାବାଜୀ, ହରେକୃଷ୍ଣ ମହତାବ, ପଦ୍ମମଣି ମଙ୍ଗରାଜ ଓ ସରଳାଦେବୀ ପ୍ରଭୃତି ସେମାନଙ୍କର ରାଜନୀତିକ ଜୀବନର ପ୍ରଥମ କାରାଦଣ୍ଡ ଲାଭ କରିଥିଲେ କନିକା ପ୍ରଜା ବିଦ୍ରୋହରେ ସେମାନଙ୍କର ସମ୍ବନ୍ଧ ଯୋଗୁଁ । ଏହାକୁ ଲକ୍ଷ୍ୟ କରି ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା' ରେ ଯଥାର୍ଥରେ ଲେଖିଛନ୍ତି :

'ଏଠା ବାହାଦୁର ବଡ଼ ପରଚଣ୍ଡ
ତାଙ୍କ ଦୟାରେ ମୋ' ଆଦ୍ୟ କାରାଦଣ୍ଡ'

ବସ୍ତୁତଃ ସେତେବେଳେ ସରକାର ଯାହାକୁ ଗିରଫ କରିବାକୁ ଚାହୁଁଥିଲେ ସେ କନିକା ପ୍ରଜା ଆନ୍ଦୋଳନର ସମର୍ଥକ ବୋଲି ପ୍ରମାଣିତ କରିଦେଲେ ଯଥେଷ୍ଟ ହେଉଥିଲା ।

କନିକା ଏକ ପକ୍କା ମାହାଲ ଜମିଦାରୀ ଥିଲା । ୧୮୦୫ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ଦ୍ୱାରା କଟକ ଦଖଲ ପରେ କନିକା ଜମିଦାରୀ ସେମାନଙ୍କର ପଦାନତ ହୋଇଥିଲା । ତତ୍କାଳୀନ କନିକା ଜମିଦାର ବଳଭଦ୍ର ଭଞ୍ଜ ଓଡ଼ିଶାର ଅନ୍ୟାନ୍ୟ ଜମିଦାରଙ୍କୁ ପଛରେ ପକାଇ ସର୍ବ ପ୍ରଥମେ ଇଂରେଜମାନଙ୍କ ବଶ୍ୟତା ସ୍ୱୀକାର କରିଥିଲେ । କିନ୍ତୁ କନିକାର ପ୍ରଜାମାନେ ସହଜରେ ଇଂରେଜମାନଙ୍କର ପରାଧୀନତା ସ୍ୱୀକାର କରିନଥିଲେ । ପାଇକ ନେତାମାନଙ୍କ ନେତୃତ୍ୱରେ କିଛିଦିନ ସେମାନେ ଯୁଦ୍ଧ କରି ପରାଜିତ ହୋଇଥିଲେ । ସେହିଦିନଠାରୁ କନିକାର ଜମିଦାର ମାନେ ବ୍ରିଟିଶ ଶାସନକୁ ସମର୍ଥନ କରି ଆସିଥିଲେ ସୁଦ୍ଧା କନିକା ପ୍ରଜାମାନେ ଚିରଦିନ ବ୍ରିଟିଶ ଶାସନର ବିରୋଧ କରୁଥିଲେ । କନିକାର ପଞ୍ଚଦଶ ଜମିଦାର ସାର ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓଙ୍କ ଅମଳରେ ସବୁଠାରୁ ଭୟାବହ ପ୍ରଜା ବିଦ୍ରୋହ ହୋଇଥିଲା । ଓଡ଼ିଶାରେ ଗାନ୍ଧୀ ଆନ୍ଦୋଳନର ଆଦି ଯୁଗରେ ଏହି 'ପ୍ରଜାବିଦ୍ରୋହ' ସଂଘଟିତ ହୋଇଥିବାରୁ ଏହା 'ଅସହଯୋଗ ଆନ୍ଦୋଳନ'ର ରୂପ ଗ୍ରହଣ କରିଥିଲା ।

ସାର ରାଜେନ୍ଦ୍ର ନାରାୟଣ ଇଂରେଜମାନଙ୍କର ଅତିଶୟ ପ୍ରିୟପାତ୍ର ଥିଲେ । 'ଉତ୍କଳ ସମ୍ମିଳନୀ'ର ଜଣେକ ନେତା ରୂପେ ଓ ଓଡ଼ିଶାର ଜମିଦାରମାନଙ୍କର ପ୍ରତିନିଧି ରୂପେ ସେ ଖୁବ୍ ପ୍ରଭାବଶାଳୀ ଥିଲେ । ସେହି ପ୍ରଭାବ ବଳରେ ସେ ବେଙ୍ଗଲ କାଉନ୍‌ସିଲ୍ ଓ ବିହାର-ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ପ୍ରଭୃତିରେ ବହୁବାର ସଭ୍ୟ ମନୋନୀତ ହୋଇଥିଲେ । ଏପରିକି ସେ ଏକଦା ବିହାର-ଓଡ଼ିଶାର ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର ମଧ୍ୟ ହୋଇ ପାରିଥିଲେ । କନିକା ଗୋଟିଏ

ସାମାନ୍ୟ ଜମିଦାରୀ ହୋଇଥିଲେ ସୁଦ୍ଧା ସେ ଏହାକୁ ଏକ 'ଗଡ଼ଜାତ ରାଜ୍ୟ' ଭଳି ଶାସନ କରୁଥିଲେ । ବ୍ରିଟିଶ ଶାସକମାନଙ୍କ ଉପରେ ତାଙ୍କର ଅସାଧାରଣ ପ୍ରଭାବ ଥିବାରୁ ସେ କନିକାରେ ସ୍ୱେଚ୍ଛାଚାରୀ ଶାସନ ଚଳାଉଥିଲେ । ପ୍ରଜାମାନଙ୍କର ଜମି ଉପରେ ତ କୌଣସି ସ୍ୱତ୍ୱ ନଥିଲା । ତଦୁପରି ସେ ପ୍ରଜାମାନଙ୍କ ଠାରୁ ଚଉଷଠି ପ୍ରକାର କରମଧ୍ୟ ଆଦାୟ କରୁଥିଲେ । ୧୯୧୬ ମସିହାରେ ଓଡ଼ିଶାରେ ଚାରିଆଡ଼େ ସରକାରୀ ବନ୍ଦୋବସ୍ତ ହେଉଥିଲେ ମଧ୍ୟ ସେ କନିକାରେ ସରକାରୀ ବନ୍ଦୋବସ୍ତ କରାଇନଦେଇ ଏକ ପ୍ରାଇଭେଟ ବନ୍ଦୋବସ୍ତ କରାଇ ଜମିର ଖଜଣା ବହୁଗୁଣ ବଢ଼ାଇ ଦେଲେ । ଏହାହିଁ ପ୍ରଜା ଅଶାନ୍ତିର ମୂଳ କାରଣ ହେଲା ।

ପ୍ରଜାନେତା ଦୀନବନ୍ଧୁ ଖଣ୍ଡାୟତରାୟ, ଆନନ୍ଦଚନ୍ଦ୍ର ଜେନା ଓ ଅଶ୍ୱିନୀକୁମାର ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ପ୍ରଜାମାନେ ଏହି ବେଆଇନ ବନ୍ଦୋବସ୍ତ ବିରୁଦ୍ଧରେ ସଙ୍ଗଠିତ ହେବାକୁ ଲାଗିଲେ । ଠିକ୍ ଏହି ସମୟରେ ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନର ବାର୍ତ୍ତା କନିକାରେ ପହଞ୍ଚିଗଲା । ମଣିକାଞ୍ଚନର ସଂଯୋଗ ହେଲା । କଟକ ଜିଲ୍ଲା କଂଗ୍ରେସ କମିଟି ମଧ୍ୟ କନିକା ପ୍ରଜା ଆନ୍ଦୋଳନକୁ ହାତକୁ ନେବାକୁ ସ୍ଥିର କଲେ । ଯଦିଓ କଂଗ୍ରେସର କାର୍ଯ୍ୟକ୍ରମ ଭିତରେ କୃଷକ ଆନ୍ଦୋଳନ ଅନ୍ତର୍ଭୁକ୍ତ ହୋଇନଥିଲା, ତଥାପି କଂଗ୍ରେସ ଏହି ସିଦ୍ଧାନ୍ତ ଗ୍ରହଣ କରିଥିଲା । କନିକା ଜମିଦାରୀର ସଦରମହକୁମା ରାଜକନିକା ମୁକାମକୁ କଂଗ୍ରେସ କର୍ମୀଙ୍କର ଧାଡ଼ି ଲାଗିଲା । କନିକା ଅସହଯୋଗ ଆନ୍ଦୋଳନର ପରୀକ୍ଷାକ୍ଷେତ୍ର ହେବା ସଙ୍ଗେ ସଙ୍ଗେ କଂଗ୍ରେସ କର୍ମୀଙ୍କର ଟ୍ରେନିଂ କ୍ଷେତ୍ରରେ ପରିଣତ ହେଲା । ରାଜକନିକାର କଣ୍ଡପଡ଼ା ବଜାରଠାରେ ଏକ କଂଗ୍ରେସ ଅଫିସ ବା 'ସ୍ୱରାଜ୍ୟ ଆଶ୍ରମ' ପ୍ରତିଷ୍ଠିତ ହେଲା ଏବଂ ଏକ ବରଗଛରେ ତ୍ରିରଙ୍ଗା ପତାକା ପ୍ରୋଥିତ ହୋଇ 'ଗାନ୍ଧିବଟ' ସ୍ଥାପିତ ହେଲା । କଂଗ୍ରେସର ଆହ୍ୱାନରେ ରାଜକନିକା ହାଇସ୍କୁଲରେ ଛାତ୍ର ଧର୍ମଘଟ ହେଲା । ଛ'ଜଣ ଛାତ୍ର ସ୍କୁଲ ପରିତ୍ୟାଗକରି ଓ ଚାରିଜଣ ରାଜକର୍ମଚାରୀ ଚାକିରିରୁ ଇସ୍ତଫା ଦେଇ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ଘରେ ଘରେ ଚରଖା ଚାଲିଲା ଓ କଂଗ୍ରେସର ପ୍ରାଥମିକ ସଭ୍ୟ ସଂଗ୍ରହ ମଧ୍ୟ ହେଲା । ପ୍ରଜା ଆନ୍ଦୋଳନ ନୂଆ ରୂପ ନେଲା । ଶ୍ରୀ ମଧୁସୂଦନ ପଟ୍ଟନାୟକ ନାମକ ଜଣେ କଂଗ୍ରେସ କର୍ମୀ ଆୟତନ ଗ୍ରାମରେ ଏକ କଂଗ୍ରେସ ଅଫିସ ଖୋଲି ସେଠାରେ ପ୍ରଜା ସଭାକୁ ସଙ୍ଗଠିତ କଲେ । ଆୟତନକୁ କେନ୍ଦ୍ର କରି ମେଘପୁର, ବଉଳା, କାଟଣା, ପଟ୍ଟପୁର, ଡାଳିକାଏଡ଼ା ଓ ଜଟିଆପଡ଼ା ପ୍ରଭୃତି ଗ୍ରାମରେ ଅସହଯୋଗ ଓ ପ୍ରଜା ଆନ୍ଦୋଳନ ଅଧିକ ତୀବ୍ର ହୋଇଥିବାରୁ ଆୟତନକୁ ମୁଖ୍ୟକେନ୍ଦ୍ର କରାଯାଇଥିଲା କିନ୍ତୁ ସେଠାରେ ପୋଲିସ୍ ପକ୍ଷରୁ ନିଷେଧାଜ୍ଞା ଜାରୀହେବାରୁ ମେଘପୁର ଗ୍ରାମକୁ ପ୍ରଜାସଭାର ମୁଖ୍ୟକେନ୍ଦ୍ର କରି ଯାଇଥିଲା । ମେଡ଼ି ଶେଷ ପର୍ଯ୍ୟନ୍ତ ଏହି ମେଘପୁର ଗ୍ରାମହିଁ ପ୍ରଜା ଆନ୍ଦୋଳନର ପ୍ରଧାନ ପ୍ରାଣ କେନ୍ଦ୍ର ରୂପେ ପରିଗଣିତ ହେଲା । ମେଘପୁର ଗ୍ରାମର ଅରାଧ୍ୟ ଦେବୀ ବକ୍ରମହାକାଳୀ ହେଲେ କନିକାପ୍ରଜା ମେଳିର ମୁଖ୍ୟ ପ୍ରେରଣା ଦାତ୍ରୀ । କ୍ରମେ ଆନ୍ଦୋଳନ ତୀବ୍ର ହେବାରୁ ରାଜକର୍ମଚାରୀମାନଙ୍କ ସହ ପ୍ରଜାମାନଙ୍କର ସଂଘର୍ଷ ମଧ୍ୟ ହେଲା । ଦୁର୍ଭାଗ୍ୟର କଥା ଉତ୍ତେଜନା ଚରମ ସୀମାରେ ପହଞ୍ଚି ଥିବା ବେଳେ ଉତ୍ତର ପ୍ରଦେଶରେ ଘଟିଥିବା ଚୌରୀ ଚୌରା ଦୁର୍ଘଟଣାକୁ କେନ୍ଦ୍ରକରି ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନକୁ ସାରା ଦେଶରୁ ପ୍ରତ୍ୟାହାର କରିନେଲେ । ଫଳରେ କନିକାରେ ଅବସ୍ଥାପିତ କଂଗ୍ରେସ କର୍ମୀମାନେ ମଧ୍ୟ କ୍ରମେ କନିକାରୁ ଅପସାରିତ ହୋଇଗଲେ । କିନ୍ତୁ ପ୍ରଜାବିଦ୍ରୋହ ଆଉ ପ୍ରତ୍ୟାହୃତ ବା ସ୍ଥଗିତ ରହିବା ଅବସ୍ଥାରେ ରହିଲା ନାହିଁ । ସ୍ଥାନୀୟ କଂଗ୍ରେସ ସଭ୍ୟମାନଙ୍କ ଉପରେ ଆନ୍ଦୋଳନର ଦାୟିତ୍ୱ ପଡ଼ିଲା । ଗାନ୍ଧୀ ଆନ୍ଦୋଳନରେ ପରବର୍ତ୍ତୀ ଯୁଗରେ 'ହିଂସା-ଅହିଂସା' ର ଆଲୋଚନା ଓ ଶୃଂଖଳା ଯେଉଁ ପରିମାଣରେ ପ୍ରତିପାଳିତ ହୋଇଥିଲା, ସେ ଯୁଗରେ ତାହା ସେହି ସ୍ତରକୁ ଆସିନଥିଲା । କେବଳ କନିକାରେ ନୁହେଁ—ସାରା ଭାରତ ବର୍ଷରେ କଂଗ୍ରେସ ଆନ୍ଦୋଳନରେ ସେହି ଅବସ୍ଥା ଜଣା ଅଧିକେ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନକୁ ଫେବ୍ରୁଆରୀ ମାସରେ ସ୍ଥଗିତ ରଖିବାକୁ ଘୋଷଣା କଲେ ସୁଦ୍ଧା ତା'ପରେ ଦୁଇମାସ କାଳ ତ୍ରିରଙ୍ଗପତାକା ତଳେ କନିକା ପ୍ରଜା ଆନ୍ଦୋଳନ ଚାଲିଥିଲା ।

ରଜା-ପ୍ରଜା ସଂଘର୍ଷ ଓ ଜମିଦାର ସହ ସର୍ବବିଧ ବାସନ୍ଦ ଓ ଅସହଯୋଗ ଦିନକୁ ଦିନ ବଢ଼ିବାରୁ ପ୍ରଜା ବିଦ୍ରୋହକୁ ପ୍ରସମିତ କରିବା ଉଦ୍ଦେଶ୍ୟରେ କନିକା ଜମିଦାରଙ୍କୁ ବ୍ରିଟିଶ ପୋଲିସ ସବୁମତେ ସାହାଯ୍ୟ କଲେ । ତତ୍କାଳୀନ କଟକ ଜିଲ୍ଲା ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ ଦେଓ୍ୱାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ରଙ୍କ ନେତୃତ୍ୱରେ ଦଳେ ସଶସ୍ତ୍ର ପୋଲିସ ରାଜକନିକାକୁ ପ୍ରେରିତ ହେଲେ । ୧୯୨୨ ମସିହା ଏପ୍ରିଲ ୨୩ ତାରିଖ ଗୁରୁବାର ଦିନ ସେହି ପୋଲିସ ଫୌଜ ସହ ପ୍ରଜାମାନଙ୍କର ସଂଘର୍ଷ ହେଲା । ମେଘପୁ-ଉଯୋଗଳ ମଧ୍ୟବର୍ତ୍ତୀ ବେଦର୍ଡ଼ା ପୋଖରୀର ଉପକଣ୍ଠରେ ସେହି ସଂଘର୍ଷ ଘଟିଥିଲା । ଏକପକ୍ଷରେ ସଶସ୍ତ୍ର ବ୍ରିଟିଶ ପୋଲିସ ଏବଂ ଅନ୍ୟ ପକ୍ଷରେ ହଜାର ହଜାର କନିକା ପ୍ରଜା । ମେଳିଆ ପ୍ରଜାଙ୍କ ଅଦମନୀୟ ଓ ଅଦମନୀୟ ମନୋଭାବରେ ଉତ୍ତେଜିତ ହୋଇ ଏସ୍.ପି.ଙ୍କ ନିର୍ଦ୍ଦେଶରେ ଗୁଳି ଚାଲିଲା ଏବଂ ଏହି ଗୁଳିରେ ପ୍ରାଣ ବିସର୍ଜନ କଲେ ବାସୁ ସେଠି ଓ ବିସୁନି ମହୁଆଳ । କ୍ଷତ ବିକ୍ଷତ ହେଲେ ଅସଂଖ୍ୟ ପ୍ରଜା । ବିଦ୍ରୋହୀ ପ୍ରଜାଙ୍କ ରକ୍ତରେ ଲାଲ ହୋଇଗଲା ବେଦର୍ଡ଼ା ପୋଖରୀର ଜଳରାଶି ।

"ପତର ପୁରର ଶର ସନ୍ଧିଧାନେ,
ମଲେ ପ୍ରଜାବେନି ଯହିଁ ଅଗ୍ନିବାଣେ" । (ବୀର ଥମ୍ଫନ୍ତ)

ଗୁଳିକାଣ୍ଡ ସତ୍ତ୍ୱେ ପ୍ରଜା ବିଦ୍ରୋହ ପ୍ରଶମିତ ହେଲା ନାହିଁ । ଫଳରେ ସେମାନଙ୍କ ଉପରେ ଅତ୍ୟାଚାର ମଧ୍ୟ ବଢ଼ିଲା । ଶ୍ରୀ ପ୍ରଜା ନେତାମାନଙ୍କର ସଂପତ୍ତି ଲୁଟ ତରାଜ ହେଲା । ଶ୍ରୀ ଲୋକମାନଙ୍କ ଉପରେ ଅକଥନୀୟ ନିର୍ଯ୍ୟାତନା ଚାଲିଲା । ହଜାର ହଜାର ଲୋକ ଘର ଦ୍ୱାର ଛାଡ଼ି ପଳାଇ ଗଲେ । ଚିରଦିନ ଲାଗି ନିର୍ବାସିତ ହେଲେ ଦୀନବନ୍ଧୁ, ଆନନ୍ଦଚନ୍ଦ୍ର, ଅଶ୍ୱିନୀ

କୁମାର ଓ ଜୟରାମ ରାୟ ପ୍ରଭୃତି ପ୍ରଜା ନେତା ବନ୍ଦୀ । ସେମାନଙ୍କର ଜମିବାଡ଼ି ଜମିଦାର ନିଲାମ କରିଦେଲେ । ଆନନ୍ଦଚନ୍ଦ୍ରଙ୍କ ଦ୍ୱାରା ରଚିତ "ଦୁଃଖିନୀ କନିକା" ପୁସ୍ତିକା ବାଜ୍ୟାପ୍ତ ହେଲା । ଏତଦ୍ ବ୍ୟତୀତ ଶତାଧିକ ମୁଖ୍ୟ କଂଗ୍ରେସ-କର୍ମୀ ଓ ପ୍ରଜା ସଭା ନେତାମାନେ ସଶ୍ରମ କାରାଦଣ୍ଡ ଭୋଗିଲେ । ସେ ଯୁଗରେ ଓଡ଼ିଶାରେ ଗୋଟିଏ ସ୍ଥାନରୁ ଏତେ ସଂଖ୍ୟାରେ ଆନ୍ଦୋଳନକାରୀ ଅନ୍ୟ କେଉଁଠାରେ କାରାବରଣ କରିନାହାନ୍ତି । କନିକା ଗୁଳିକାଣ୍ଡ ସାରା ଦେଶରେ ତୁମୁଳ ଆନ୍ଦୋଳନ ସୃଷ୍ଟିକଲା । ଗାନ୍ଧିଜୀ ଓ ମାଳବ୍ୟଜୀ ଏଥିରେ ଘୋର ବ୍ୟଥିତ ହୋଇଥିଲେ । ଏହାର ତଦନ୍ତ ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ସୁଦ୍ଧା ଗୋପବନ୍ଧୁ ଜେଲ୍ ଯିବାରୁ ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ଏପରିକି ବିହାର-ଓଡ଼ିଶା ଆସେମ୍ବ୍ଲିରେ ଏ ସଂପର୍କୀୟ ଏକ ପ୍ରସ୍ତାବ ମଧ୍ୟ ଅଗ୍ରାହ୍ୟ ହୋଇଗଲା ।

ଅଥଚ ପରିତାପର ବିଷୟ ଏହାଯେ ବାସୁ ବିସୁନିଙ୍କ ରକ୍ତରେ ଯେଉଁ ମାଟି ପବିତ୍ର ହୋଇଅଛି ସେହି ବେତରା ଶହୀଦ ସରୋବରର ଉପକଣ୍ଠ ଆଜି ବହୁ ବ୍ୟକ୍ତିଙ୍କ ନିକଟରେ ଅଜ୍ଞାତ ଓ ଅଶ୍ରୁତ । ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ସ୍ଥାପିତ ସ୍ମୃତି ଫଳକ ଏବଂ ସରୋବରର ଦକ୍ଷିଣ ତୀରରେ ଗୋପବନ୍ଧୁଙ୍କ ସ୍ମୃତି ବେଦୀ ସେହି ଐତିହ୍ୟ ମଣ୍ଡିତ ଗୌରବାବହ ଘଟଣାର ସ୍ମାରକୀ ବହନ କରୁଥିବା ବେଳେ କୋହନ ପୁଟ ଉଚ୍ଚ ଏକ ପ୍ରସ୍ତାବିତ ସ୍ମୃତି ସ୍ତମ୍ଭ ସରକାରଙ୍କ ବିଚାରାଧୀନ ଥିବା ସୌଭାଗ୍ୟର କଥା । କିନ୍ତୁ ବାସୁ ବିସୁନିଙ୍କର ବଂଶଧର ଗଣ ଉପେକ୍ଷିତ ଓ ଅରକ୍ଷିତ । ଶତାଧିକ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ଦେଶବାସୀଙ୍କ ସ୍ମୃତି ପଟରୁ କ୍ରମେ ଅପସାରିତ ହୋଇ ଯାଉଅଛନ୍ତି । ସେମାନଙ୍କୁ ଯଥୋପଯୁକ୍ତ ସମ୍ମାନ ଦେବା କେବଳ ସରକାରଙ୍କର ଦାୟିତ୍ୱ ନୁହେଁ, ଆମ ସମସ୍ତଙ୍କର ।

୧୯୨୨ ମସିହା ଅସହଯୋଗ ଆନ୍ଦୋଳନ ଅବକାଶରେ
କାରାଦଣ୍ଡ ପ୍ରାପ୍ତ ଅଥଚ ସ୍ୱାଧୀନତା ସଂଗ୍ରାମୀ ସୁବିଧା
ସୁଯୋଗରୁ ବଞ୍ଚିତ ବ୍ୟକ୍ତିମାନଙ୍କର ତାଲିକା ।

[ଏହି ତାଲିକା କେନ୍ଦ୍ରାପଡ଼ା କୋର୍ଟ କେଶ୍ ରେକର୍ଡରୁ ସଂଗୃହୀତ । ଅଧିକାଂଶ କାରାଦଣ୍ଡ ରାୟ ତତ୍‌କାଳୀନ ଗୋରାଶାସକ ଖ୍ୟାନ୍ ଗ୍ରିକେନ୍ ଦେଇଥିଲେ ଏବଂ ଏହା ୨-୬-୧୯୨୨ ଓ ୨୬-୬-୧୯୨୨ ରେ ପ୍ରକାଶିତ ହୋଇଥିଲା । କାରାଦଣ୍ଡ (ଅଧିକାଂଶ ସଶ୍ରମ) ମିଆଦ ଏକ ମାସଠାରୁ ଏକ ବର୍ଷ ଛ' ମାସ ପର୍ଯ୍ୟନ୍ତ ଥିବାର ଦେଖାଯାଏ]

୧—ଦୀନବନ୍ଧୁ ଖଣ୍ଡାୟତ ରାୟ, ୨—ପୂର୍ଣ୍ଣାନନ୍ଦ ରାଉତରାୟ ୩—ଲମ୍ବୋଦର ମହାପାତ୍ର, ୪—ଉପେନ୍ଦ୍ର ମଙ୍ଗରାଜ, ୫—ରାମ ବେହେରା, ୬—ପ୍ରାଣକୃଷ୍ଣ ବେହେରା, ୭—ମାଗୁଣି ବେହେରା, ୮—ଶ୍ରୀଧର ନାୟକ, ୯—ତ୍ରିଲୋଚନ ବେହେରା, ୧୦—ପୂର୍ଣ୍ଣାନନ୍ଦ ଜେନା, ୧୧—ହଳଧର ଜେନା, ୧୨—ବିସିକେଶ ନାୟକ, ୧୩—ଯୋଗୀ ବେହେରା, ୧୪—ଲକ୍ଷ୍ମଣ ବିଶ୍ୱାଳ, ୧୫—ଚୂର୍ଣ୍ଣି ନାୟକ, ୧୬—ପ୍ରଭାକର ବେହେରା, ୧୭—ଧ୍ରୁବ ବେହେରା, ୧୮—ମଣି ବେହେରା, ୧୯—ରୂପ ବେହେରା, ୨୦—ବିକଳ ଜେନା, ୨୧—କୃଷ୍ଣ ନାୟକ, ୨୨—ପ୍ରଭାକର ସ୍ୱାଇଁ, ୨୩—ବନମାଳୀ ବାରିକ୍, ୨୪—ଶ୍ୟାମ ସ୍ୱାଇଁ, ୨୫—କପିଳ ନାୟକ, ୨୬—କିଶୋର ପ୍ରଧାନ, ୨୭—କାହ୍ନୁ ବିଶ୍ୱାଳ, ୨୮—ଭଗବାନ ବେହେରା, ୨୯—ଦୀନବନ୍ଧୁ ବେହେରା, ୩୦—କାଳୀ ବିଶ୍ୱାଳ, ୩୧—ପ୍ରଭାକର ନାୟକ, ୩୨—ମଣି ଦଳପତି ରାୟ, ୩୩—ଦୈତାରୀ ରଥ, ୩୪—ବାସୁ ନାୟକ, ୩୫—ଗୋବିନ୍ଦପ୍ରଧାନ, ୩୬—ନରହରି ରାୟ, ୩୭—ରାମହରି ପ୍ରଧାନ, ୩୮—ନିଧି ନାୟକ, ୩୯—ବୀର ଯତି, ୪୦—ଭାବଗ୍ରାହୀ ବେହେରା, ୪୧—ମାଗୁଣିମଲ୍ଲିକ, ୪୩—ଦଧି ରାଉତ, ୪୪—ଯୋଗୀ ବେହେରା, ୪୫—ଲାବଣ୍ୟ ସାମଲ, ୪୬—ଶତ୍ରୁଘ୍ନ ସ୍ୱାଇଁ, ୪୭—ସୁଧାକର ନାୟକ, ୪୮—ହରି ସାମଲ, ୪୯—ପ୍ରବାସୀ ନାୟକ, ୫୦—ନରି ଦାସ, ୫୧—ରତନ ନାୟକ, ୫୨—ଆଟଙ୍କ ବେହେରା, ୫୩—ମାଗୁଣି ବେହେରା, ୫୪—ଭିକାରୀ ପ୍ରଧାନ, ୫୫—ଉଦୟକର ନାୟକ, ୫୬—ଚିନ୍ତାମଣି ପ୍ରଧାନ, ୫୭—ପ୍ରଭାକର ବେହେରା (ଖ), ୫୮—ମାନ ରାଉତ, ୫୯—ଦାମ ବେହେରା, ୬୦—ନିଶାମଣି ବେହେରା, ୬୧—କସ୍ତୁରୀ ରାଉତ, ୬୨—ସୁନାକର ମାହୁନ୍ତ, ୬୩—ଭାଗବତ କରଣ, ୬୪—ବୃନ୍ଦାବନ ବିଶ୍ୱାଳ, ୬୫—ରାବନ ପ୍ରଧାନ, ୬୬—ରୂପ ସାମଲ, ୬୭—ଚିନ୍ତାମଣି ମଲ୍ଲ, ୬୮—ମାଗୁଣି ସାମଲ, ୬୯—ମାୟାଧର ବେହେରା, ୭୦—ଭାଗିରି ପରେଇ, ୭୧—ସୂର୍ଯ୍ୟମଣି ସୁତାର, ୭୨—ସୁଦର୍ଶନ ଧଳ, ୭୩—ନିତ୍ୟାନନ୍ଦ ସୁତାର, ୭୪—ମୋହିନୀ ଧଳ, ୭୫—ଉଦୟନାଥ ନାୟକ । ୭୬—ଦାସ ବେହେରା, ୭୭—କୃଷ୍ଣ ବେହେରା, ୭୮—ଫକୀର ବେହେରା, ୭୯—ରଥ ନାୟକ, ୮୦—କ୍ଷେତ୍ରବାସୀ ରାଉତ, ୮୧—ବୀର ସାହୁ, ୮୨—ମକର ସାହା, ୮୩—ବନମାଳୀ କରଣ, ୮୪—ଅନନ୍ତ ମଲ୍ଲିକ, ୮୫—ନିଧି ବାରିକ୍, ୮୬—ଗୌରୀ ନାୟକ, ୮୭—ସୁନେଇ ବିଶ୍ୱାଳ, ୮୮—ସଦେଇ ବିଶ୍ୱାଳ, ୮୯—ରାମ ନାୟକ, ୯୦—ଅନାମ ରାଉତ, ୯୧—ସାନନ୍ଦ ମଲ୍ଲିକ, ୯୨—ଲସୁ ମଲ୍ଲିକ, ୯୩—ଦିବାକର ରାଉତ, ୯୪—ବିସୁନି ମଲ୍ଲିକ । ୯୫—ମାଗୁଣି ବେହେରା । ୯୬—ସୁଧୀର ଲେଙ୍କା, ୯୭—ଜଗବନ୍ଧୁ ବରାଳ, ୯୮—ଘନ ବଳ, ୯୯—ମାଗୁଣି ବିଶ୍ୱାଳ, ୧୦୦—ନରି ଦାସ, ୧୦୧—ରତ୍ନାକର ମଲ୍ଲିକ, ୧୦୨—ଲକ୍ଷ୍ମୀ ମହାଲିକ । ୧୦୩—କୃଷ୍ଣୀ ଦାସ । ୧୦୪—ନିଧି ସାହୁ, ୧୦୫—ମଦନ ମଲ୍ଲିକ, ୧୦୬—ପରମାନନ୍ଦ ଦାସ, ୧୦୭—ଗୋବିନ୍ଦ ମହଲ । ୧୦୮—ମନୁ ଓରଫ ମୁକ୍ତି ରାଉତ ୧୦୯—ଗଜି ରାଉତ, ୧୧୦—ନିଧି ବେହେରା, ୧୧୧—ଚିନ୍ତାମଣି ରାୟ, ୧୧୨—ଜଗବନ୍ଧୁ ଦାସ, ୧୧୩—ଘୁଣ୍ଟି ଜେନା, ୧୧୪—ମୁରଲୀ ଦାସ, ୧୧୫—ରତ୍ନାକର ବେହେରା, ୧୧୬—ଦେମେଇ ନାୟକ, ୧୧୭—ମାୟାଧର ମହାଲିକ, ୧୧୮—ସୂର୍ଯ୍ୟମଣି ସାହୁ, ୧୧୯—ଭଜନ ରାଉତ, ୧୨୦—ଗୋବିନ୍ଦ ସାହୁ, ୧୨୧—ବାଞ୍ଛାନିଧି ବିଶ୍ୱାଳ, ୧୨୨—ପାଣ୍ଡୁ ବିଶ୍ୱାଳ, ୧୨୩—ବୁଦ୍ଧି ବିଶ୍ୱାଳ, ୧୨୪—ପରମାନନ୍ଦ ରାଉତ, ୧୨୫—ରାମସାହୁ, ୧୨୬ ଆନନ୍ଦଚନ୍ଦ୍ର ଜେନା, ୧୨୭—ଅଶ୍ୱିନୀ କୁମାର ପଲେଇ, ୧୨୮—ଜୟରାମ ରାୟ ।

ଉପରୋକ୍ତ ସଂଗ୍ରାମୀମାନଙ୍କ ବିରୁଦ୍ଧରେ ହୋଇଥିବା ପୋଲିସ କେଶ୍‌ଗୁଡ଼ିକର ରାୟ ଅଧିକାଂଶ ୨-୬-୧୯୨୨ ରେ ହୋଇଥିବାର ଜଣାଯାଏ । ସେମାନଙ୍କ ମଧ୍ୟରୁ କେବଳ ସୂର୍ଯ୍ୟମଣି ସୁତାରଙ୍କ ବିଧବା ପତ୍ନୀ ସଂଗ୍ରାମୀ ପେନ୍‌ସନ୍ ପାଉଅଛନ୍ତି ।

ଅଗ୍ନିପୁତ୍ର ଅକ୍ଷମ
ଗ୍ରାମ: ସେଠା ସାହି
ପୋ: ରାଜକନିକା, କଟକ

# ବିଂଶସୂତ୍ରୀ କାର୍ଯ୍ୟକ୍ରମ–୧୯୮୬

1 ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ।

2 ବର୍ଷା ଜଳ ଉପରେ ନିର୍ଭରଶୀଳ ଜମିରେ ଚାଷବାସ ଲାଗି ପଦକ୍ଷେପ ।

3 ଜଳସେଚନ ପାଇଁ ମିଳୁଥିବା ଜଳର ଅଧିକ ଉପଯୋଗ ।

4 ଅଧିକ ଅମଳ ।

5 ଭୂ–ସଂସ୍କାର ଆଇନକୁ ଲାଗୁ କରାଯିବ ।

6 ଗ୍ରାମାଞ୍ଚଳର ଶ୍ରମିକମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।

7 ପରିଷ୍କାର ପାନୀୟ ଜଳ ।

8 ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ।

9 ଦୁଇଟି ସନ୍ତାନ ବିଶିଷ୍ଟ ପରିବାର ଉପରେ ଗୁରୁତ୍ୱ ପ୍ରଦାନ ।

10 ଶିକ୍ଷାର ସଂପ୍ରସାରଣ ।

11 ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟର ଲୋକମାନଙ୍କ ପାଇଁ ନ୍ୟାୟ ପ୍ରଦାନ ।

12 ମହିଳାମାନଙ୍କୁ ସାମ୍ୟ ପ୍ରଦାନ ।

13 ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ।

14 ଜନସାଧାରଣଙ୍କ ପାଇଁ ଗୃହ ଯୋଗାଣ ।

15 ବସ୍ତି ଉନ୍ନୟନ ।

16 ଜଙ୍ଗଲ ନିମନ୍ତେ ନୂତନ କୌଶଳ ।

17 ପରିବେଶ ସୁରକ୍ଷା ।

18 ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ।

19 ଗ୍ରାମାଞ୍ଚଳକୁ ଶକ୍ତି ଯୋଗାଣ ।

20 ଲୋକଙ୍କ ଆଶା ଆକାଂକ୍ଷା ପୂରଣ କଲାଭଳି ପ୍ରଶାସନ ।

# ସ୍ୱାଧୀନତା ଯୁଦ୍ଧର ଅଭୁଲା ସ୍ମୃତି

ସ୍ୱାଧୀନତା ଯୁଦ୍ଧର କେତେକ ଅଭୁଲା ସ୍ମୃତିର ରେଖାଚିତ୍ର ଏଠାରେ ସନ୍ନିବେଶିତ ହୋଇଅଛି । ଏହି ସ୍ମୃତିଚିହ୍ନ ଭାରତୀୟଙ୍କ ପ୍ରାଣରେ ସଦାସର୍ବଦା ଯୁଗପତ୍ ବିସ୍ମୟ ଓ ଆନନ୍ଦ ଆଣିଦିଏ । ପୂର୍ବପୁରୁଷଙ୍କ ତ୍ୟାଗ ଓ ସଂଗ୍ରାମକୁ ସ୍ମରଣ କରି 'ଉତ୍କଳ ପ୍ରସଙ୍ଗ' ଏହି ରେଖାଚିତ୍ର-ଗୁଡ଼ିକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି ।

— ମୁଖ୍ୟ ସମ୍ପାଦକ

ଅଙ୍କନ—ହରପ୍ରିୟା ମହାନ୍ତି



ଗୋକୁଳ ଦାସ୍ ତେଜ୍‌ପାଲ୍ ସ୍ମୃତି ସୌଧ ବମ୍ବେ, ୧୮୮୫




କଂଗ୍ରେସ ରେ 'ବନ୍ଦେମାତରଂ'
ରକ୍ଷଣ ପନ୍ଥୀ ବନାମ ଚରମ ପନ୍ଥୀ


ସଂଗ୍ରାମର ରକ୍ତତୀର୍ଥ
ଜାଲିଆନାୱାଲାବାଗ୍


ଭାରତ ଭାଗ୍ୟ ବିଧାତା


ଖିଲାଫତ୍ ଆନ୍ଦୋଳନ – ୧୯୨୧


ଚୌରି ଚୌରା –୧୯୨୨
ଅସହଯୋଗ ଆନ୍ଦୋଳନର
ଦ୍ୱିତୀୟ ପର୍ଯ୍ୟାୟ



ଓଡ଼ିଶାରେ
ସମରାଗ୍ନି ଜଳିଉଠିଲା


ଆଇନ ଅମାନ୍ୟ ଆନ୍ଦୋଳନର ପ୍ରଥମ ଦୀକ୍ଷା
ଡାଣ୍ଡି ଯାତ୍ରା ୧୯୩୦


ଗାନ୍ଧି ଇରୱିନ୍ ସନ୍ଧି - ୧୯୩୧
ଅର୍ଦ୍ଧନଗ୍ନଫକୀରଙ୍କ ଜୟଯାତ୍ରା


ଅଚଳନ୍ତି ଟଙ୍କା - କ୍ରିପସ୍‌ଙ୍କ ଦାନ - ୧୯୪୨


ସ୍ୱାଧୀନତା ଯୁଦ୍ଧର ରଣ ହୁଙ୍କାର
ଭାରତ ଛାଡ଼
୧୯୪୨
ଭାରତ ଛାଡ଼
ବନ୍ଦେ ମାତରମ୍


ରକ୍ତତୀର୍ଥ ଇରମ୍
ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା


ଚରମ ମୂଲ୍ୟ - ଭାରତ ବିଭାଜନ - ୧୯୪୭



# ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ଏକ ସଂକ୍ଷିପ୍ତ ଇତିହାସ

ଡଃ ପ୍ରସନ୍ନକୁମାର ମିଶ୍ର

ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ତଦନୁରୂପେ ଓଡ଼ିଶାର ମୁକ୍ତି ସଂଗ୍ରାମ ସମୟରେ ଗଡ଼ଜାତ ଗୁଡ଼ିକ କୃତିତ୍ୱପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ କରିଥିଲେ । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷପରେ ଓଡ଼ିଶାରେ ଏକ ନବ ଜାଗରଣର ସୂତ୍ରପାତ ହେଲା । ଶିକ୍ଷାର ବିକାଶ, ଗମନାଗମନର ଉନ୍ନତି, ବାଣିଜ୍ୟ ବ୍ୟବସାୟରେ ବୃଦ୍ଧି, ଛାପାଖାନା ପ୍ରତିଷ୍ଠା, ପତ୍ର ପତ୍ରିକା ପ୍ରକାଶନ ଏବଂ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଗଠନ ଫଳରେ ଓଡ଼ିଆମାନଙ୍କ ମଧ୍ୟରେ ସାମାଜିକ ରାଜନୈତିକ ଚେତନା ଜାଗ୍ରତ ହେବାକୁ ଲାଗିଲା । ରାଜନୈତିକ ଚେତନା ଯୁକ୍ତ ଏକ ଶିକ୍ଷିତ ସମାଜ ଓଡ଼ିଶାରେ ଗଢ଼ି ଉଠିଲା । ଏହି ଶ୍ରେଣୀର ଯୁବକମାନଙ୍କର ଅଦମ୍ୟ ଉଦ୍ୟମ ସାରା ଓଡ଼ିଶାରେ ମୁକ୍ତି ସଂଗ୍ରାମର ଉତ୍ସ ପ୍ରବାହିତ କରି ପାରିଥିଲା ।

ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ ପୂର୍ବରୁ ଓଡ଼ିଶାରେ ରାଜନୈତିକ କାର୍ଯ୍ୟକଳାପ ଆରମ୍ଭ ହୋଇସାରିଥିଲା । ୧୮୭୨ ମସିହା ଡିସେମ୍ବର ମାସରେ ଉଇଲିୟମ ମହାନ୍ତିଙ୍କ ପ୍ରଚେଷ୍ଟାରେ ଗଞ୍ଜାମ– ଉତ୍କଳ ହିତବାଦିନୀ ସଭା ପ୍ରତିଷ୍ଠିତ ହୋଇଥିଲା । ୧୮୭୭ ମସିହା ଜୁଲାଇ ମାସରେ 'ଉତ୍କଳ ସଭା' ନାମକ ଏକ ଅନୁଷ୍ଠାନ ମଧୁସୂଦନ ଦାସ, ଫକୀର ମୋହନ ସେନାପତି ଓ ରାଧାନାଥ ରାୟ ପ୍ରମୁଖଙ୍କ ଦ୍ୱାରା କଟକଠାରେ ଗଠିତ ହୋଇଥିଲା । ଏହି ପ୍ରକାରେ ୧୮୮୨ ମସିହା ସୁଦ୍ଧା ଅନେକଗୁଡ଼ିଏ ଅନୁଷ୍ଠାନ ଓ ସଂଗଠନ ପ୍ରତିଷ୍ଠିତ ହୋଇ ସେମାନେ ଓଡ଼ିଶାର ସାମାଜିକ ତଥା ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରୁଥିଲେ । ବିଶେଷକରି ସ୍ୱାୟତ୍ତ ଶାସନ ପ୍ରତିଷ୍ଠା ଦିଗରେ ସେମାନେ ସତତ ଚେଷ୍ଟିତ ଥିଲେ । ଏମାନଙ୍କ ମଧ୍ୟରେ 'ଉତ୍କଳ ସଭା' ହେଉଛି ଏକମାତ୍ର ରାଜନୈତିକ ଅନୁଷ୍ଠାନ ଯେକି ପରବର୍ତ୍ତୀ ସମୟରେ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଓଡ଼ିଶାରେ ରାଜନୈତିକ ଚେତନା ବୃଦ୍ଧି କରାଯାଇ ପାରିଥିଲା । ଉନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ଅଧିକ ଅନେକ ରାଜନୈତିକ ଅନୁଷ୍ଠାନ ଗଢ଼ି ଉଠିଥିଲେ ହେଁ 'ଉତ୍କଳ ସଭା' ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଦିଗରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥିଲା– ବିଶେଷତଃ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣରେ । ଏହି ଅନୁଷ୍ଠାନର ସଭ୍ୟଥିଲେ ଗଡ଼ଜାତ ରାଜ୍ୟର ରାଜା, ଜମିଦାର, ବ୍ୟବସାୟୀ, ଓକିଲ, ଶିକ୍ଷକ, ଅଧ୍ୟାପକ ଏବଂ କତିପୟ ସରକାରୀ କର୍ମଚାରୀ । ୧୯୦୩ ମସିହା ପର୍ଯ୍ୟନ୍ତ 'ଉତ୍କଳ ସଭା' ତାର ରାଜନୈତିକ କାର୍ଯ୍ୟକଳାପ ଅବ୍ୟାହତ ରଖିପାରିଥିଲା । ପରେପରେ ଓଡ଼ିଶା ରାଜନୀତିର ଏକ ନୂତନ ସ୍ରୋତରେ ଏହା ସାମିଲ ହୋଇଗଲା ।

ଓଡ଼ିଶାରେ ସଂଗଠିତ ରାଜନୈତିକ ଆନ୍ଦୋଳନ ଦେଖାଦେଇଥିଲା ୧୮୯୫ ମସିହାରେ । ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆ ଭାଷୀ ଅଞ୍ଚଳର ଶାସନଗତ ଏକୀକରଣ ଏବଂ ଏହାର ପ୍ରାଣ କେନ୍ଦ୍ରଥିଲା ସମ୍ବଲପୁର । ମଧୁସୂଦନ ଦାସ ଏହାର ନେତୃତ୍ୱ ନେଇଥିଲେ । ଯଦିଓ ସେ ରାଜନୈତିକ ଆନ୍ଦୋଳନରେ ବିଶ୍ୱାସ କରୁନଥିଲେ, ତଥାପି ଓଡ଼ିଆମାନଙ୍କୁ ଶିକ୍ଷିତ କରାଇବା ଏବଂ ତାହାରି ମାଧ୍ୟମରେ ଜାତିର ଉନ୍ନତି କରାଇବା ତାଙ୍କର ମୂଳ ଲକ୍ଷ୍ୟଥିଲା । ସେହି କାରଣରୁ ସେ ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ହୋଇ ଓଡ଼ିଶା ଇତିହାସରେ ଆଧୁନିକ ଜାଗରଣ ଆଣି ପାରିଥିଲେ ।

୧୯୦୩ ମସିହାର ପ୍ରାରମ୍ଭରେ ଖଲ୍ଲିକୋଟ ରାଜାଙ୍କ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାର ରମ୍ଭାଠାରେ 'ଗଞ୍ଜାମ ଜାତୀୟ ସଭା' ଜନ୍ମ ଲାଭ କଲା । ଏହା ଓଡ଼ିଆମାନଙ୍କର ପ୍ରଥମ ଜାତୀୟ ସଭା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ବିଶେଷତ୍ୱ ଏହି ଯେ ଉତ୍କଳ ସମ୍ମିଳନୀ ଭଳି ଏକ ବଳିଷ୍ଠ ଅନୁଷ୍ଠାନକୁ ଜନ୍ମ ଦେଇଥିଲା । 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନରେ ପ୍ରାୟ ୩୩୫ ଜଣ ବ୍ୟକ୍ତି ଯୋଗ ଦେଇଥିଲେ । ଏହି ସମ୍ମିଳନୀ ଓଡ଼ିଶାର ରାଜା ମହାରାଜାମାନଙ୍କୁ ଆକୃଷ୍ଟ କରି ପାରିଥିଲା, ଯାହାଫଳରେ କି ବିଭିନ୍ନ ଗଡ଼ଜାତରେ ଉତ୍କଳ ସମ୍ମିଳନୀର ଶାଖା ଓ ଉପଶାଖା ଖୋଲା ହୋଇ ପାରିଲା । ୧୯୦୫ ମସିହା ବେଳକୁ ସମଗ୍ର ଓଡ଼ିଶାରେ ସର୍ବମୋଟ ୩୮୧ଟି ଶାଖା ଖୋଲା ହୋଇଥିଲା । ୧୯୦୪ ରୁ ୧୯୧୧ ମଧ୍ୟରେ 'ଉତ୍କଳ ସମ୍ମିଳନୀ' ଏକ ସଂଯୁକ୍ତ ଓଡ଼ିଶା ଗଠନ ଦିଗରେ ଅନେକଗୁଡ଼ିଏ ପ୍ରସ୍ତାବ ଗ୍ରହଣ କରିଥିଲା । ଫଳତଃ ଓଡ଼ିଶାରେ ଜନମତ ସୃଷ୍ଟି କରିବା ଦିଗରେ ଏହା ବହୁତ ପରିମାଣରେ ସାହାଯ୍ୟ କରିଥିଲା । ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣରେ ପର୍ଯ୍ୟବସିତ ଥିଲା ଏବଂ ମଧୁସୂଦନ ଦାସ ଏହି ଏକତ୍ରୀକରଣ ଆନ୍ଦୋଳନର ଅପ୍ରତିଦ୍ୱନ୍ଦୀ ନେତା ଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗାନ୍ଧୀଙ୍କର ଅଭ୍ୟୁଦୟ ପରେପରେ ଜାତୀୟ ଆନ୍ଦୋଳନରେ ନୂତନ ଆଗ୍ରହ, ଉତ୍ସାହ ଓ ଉଦ୍ଦୀପନା ଦେଖା ଦେଇଥିଲା । ଯାହାଫଳରେ ଆଞ୍ଚଳିକ ରାଜନୀତିର ଅବସାନ ଘଟିଲା ଏବଂ ସେସବୁ ବୃହତ୍ତର ଜାତୀୟ ସଂଗ୍ରାମ ସ୍ରୋତରେ ଆସ ମିଶିଲେ । ଠିକ୍ ସେହି ସମୟରେ ଓଡ଼ିଶା ରାଜନୀତିରେ ଏକ ନୂତନ ନେତୃତ୍ୱର ଆବିର୍ଭାବ ହୋଇଥିଲା । ସେ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ ।

ଗୋପବନ୍ଧୁ ଦାସଙ୍କର ନିଷ୍ଠା ଓ ସାଧୁ ଚେଷ୍ଟା ଫଳରେ ଓଡ଼ିଶାର ରାଜନୈତିକ ଆନ୍ଦୋଳନ ଏକ ନୂତନ ମୋଡ଼ ନେଲା । 'ପ୍ରାଦେଶିକ କଂଗ୍ରେସ କମିଟି' ଓ 'ଉତ୍କଳ ୟୁନିୟନ କମିଟି' ମିଳିତ ଭାବେ କାର୍ଯ୍ୟ ଆରମ୍ଭ କଲେ । ଇତି ମଧ୍ୟରେ ଭାରତ ସରକାର ଓଡ଼ିଆ ଅଞ୍ଚଳର ଏକୀକରଣର ସମ୍ଭାବନା ଉପରେ ଆଲୋଚନା ଆରମ୍ଭ କରିଦେଲେ । ତଦନୁସାରେ ୧୯୨୪ ମସିହାରେ 'ଫିଲିପ୍-ଡଫ୍-ଇନ୍‌କ୍ୱାରୀ କମିଟି' ଗଠିତ ହେଲା । କିନ୍ତୁ ଏହା ବିଶେଷ ଫଳପ୍ରଦ ନହେବାରୁ ସେହି ବର୍ଷ 'ଫିଲିପ୍-ଡଫ୍-ଇନ୍‌କ୍ୱାରୀ କମିଟି' ଗଠନ କରାଗଲା । ଏହି କମିଟି ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳକୁ ବିଚାରକୁ ନ ନେବାରୁ ତାହାମଧ୍ୟ ଓଡ଼ିଶା ନେତୃବୃନ୍ଦଙ୍କର ଗ୍ରହଣ ଯୋଗ୍ୟ ହେଲା ନାହିଁ । ୧୯୨୭ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସ 'ଭାରତର ଜାତୀୟ ପରିଷଦ'ରେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବୀ କରିଥିଲେ । ଇଂରେଜ ସରକାର ୧୯୨୮ ମସିହାରେ ସାଇମନ କମିଶନକୁ ଭାରତରେ ଶାସନ ସଂସ୍କାର କାର୍ଯ୍ୟ ତନଖି ଓ ତଦାରଖ କରିବାକୁ ପଠାଇଲେ । ଜାତୀୟ କଂଗ୍ରେସ ସାଇମନ କମିଶନ ବର୍ଜନ କଲାବେଳେ ଓଡ଼ିଶାରେ 'ଉତ୍କଳ ୟୁନିୟନ କମିଟି' ଏକାବନ ପୃଷ୍ଠା ବିଶିଷ୍ଟ ଗୋଟିଏ ମେମୋରାଣ୍ଡମ ପାଟନାଠାରେ କମିଶନଙ୍କୁ ଅର୍ପଣ କଲେ । ଫଳରେ ଓଡ଼ିଶାର ଭାଗ୍ୟ ଡୋର ରହିଲା 'ଏଟଲୀ ସବ୍‌କମିଟି' ହାତରେ । ପ୍ରଥମ ଗୋଲଟେବୁଲ ବୈଠକରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବୀ ଉପସ୍ଥାପନ କରିଥିଲେ । ଏହାପରେ ଓଡ଼ିଶା ସୀମାନିର୍ଦ୍ଧାରଣ କମିଟି ଗଠିତ ହେଲା ଯାହାକୁ 'ଓଡ଼ୋନେଲ କମିଟି' କୁହାଯାଏ । ସୀମା ନିର୍ଦ୍ଧାରଣ କମିଟିର ଅନୁମୋଦନ ଓଡ଼ିଶାର ସ୍ୱାର୍ଥ ବିରୋଧି ହୋଇଥିବାରୁ ଏହା ନେତୃବୃନ୍ଦଙ୍କ ଦ୍ୱାରା ଅଗ୍ରାହ୍ୟ ହେଲା । ପରିଶେଷରେ ୧୯୩୩ ମସିହାରେ ଗୋଟିଏ ନୂଆ କରି ସୀମା ନିର୍ଦ୍ଧାରଣ କମିଟି ଗଠିତ ହେଲା । ଏହି କମିଟିର ପରିଣତି ମନୋନୁରୂପ ହେଲେ ହେଁ ଯେହେତୁ ସିନ୍ଧୁ ପ୍ରଦେଶ ଗଠନ ସୁନିଶ୍ଚିତ, ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ସ୍ୱୀକୃତ ହେଲା । ଏହି ନୂତନ ଓଡ଼ିଶା ପ୍ରଦେଶରେ ଗଡ଼ଜାତ ରାଜ୍ୟଗୁଡ଼ିକ ଅନ୍ତର୍ଭୁକ୍ତ ହେଲେ ନାହିଁ । ୧୯୩୬ ମସିହା ଏପ୍ରେଲ ପହିଲାରେ ଇଂରେଜ ଅନୁମୋଦିତ ଇଂରେଜ ଶାସିତ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

ଓଡ଼ିଶାର ଗଡ଼ଜାତଗୁଡ଼ିକରେ ସର୍ବ ପ୍ରଥମେ ରାଜନୈତିକ କାର୍ଯ୍ୟକଳାପ ଦେଖା ଦେଇଥିଲା । କିନ୍ତୁ ଉପଯୁକ୍ତ ଶିକ୍ଷା, ସଂଗଠନ, ଅନୁଷ୍ଠାନ ଓ ସାହାଯ୍ୟ ସହଯୋଗ ବିନା ରାଜନୈତିକ ଆନ୍ଦୋଳନ ତିଷ୍ଠି ପାରି ନଥିଲା । ଅପର ପକ୍ଷରେ ବିଂଶ ଶତାବ୍ଦୀର ଆରମ୍ଭରୁ ଓଡ଼ିଶାର ନେତୃବୃନ୍ଦ ଗଡ଼ଜାତ ରାଜ୍ୟ ବିଷୟ କୌଣସି ବିଧିବଦ୍ଧ ପଦକ୍ଷେପ ନେଲେ ନାହିଁ । ଊନବିଂଶ ଶତାବ୍ଦୀର ଆରମ୍ଭରୁ ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧି ପର୍ଯ୍ୟନ୍ତ ଗଡ଼ଜାତରେ ରାଜନୈତିକ ଆନ୍ଦୋଳନ ଦେଖା ଦେଇଥିଲେ ହେଁ ତାହା ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରି ପାରି ନଥିଲା କିମ୍ବା ପ୍ରକୃତ ରୂପରେଖ ନେଇ ପାରିନଥିଲା । ତଥାପି ଗଡ଼ଜାତ ଅଧିବାସୀମାନେ ଇଂରେଜଶାସିତ ଓଡ଼ିଶାରେ ଘଟୁଥିବା ଘଟଣାମାନ ବୁଝିବାକୁ ଅନବରତ ଚେଷ୍ଟା କରୁଥିଲେ । ସେଠାରେ ଥିବା ବିଭିନ୍ନ ସଂଗଠନ ଓ ଅନୁଷ୍ଠାନରେ କେତେକ ଯୋଗ ଦେଉଥିଲେ । ଫଳରେ ଗଡ଼ଜାତରେ କ୍ରମଶଃ ନବଜାଗରଣର ସୃଷ୍ଟି ହେଲା । ୧୯୦୩ ମସିହାରେ ପ୍ରତିଷ୍ଠିତ 'ଉତ୍କଳ ସମ୍ମିଳନୀ'ର କେତେଗୁଡ଼ିଏ ଶାଖା ଗଡ଼ଜାତରେ ଖୋଲାଗଲା । ଏହି ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଗଡ଼ଜାତର ରାଜା ମହାରାଜାମାନେ ପୃଷ୍ଠପୋଷକତା କରିଥିଲେ । ପରିଣତି ସ୍ୱରୂପ ଗଡ଼ଜାତରେ ଶାସନ ସଂସ୍କାର ଅଭ୍ୟୁଦୟ ହେଲା । ମଧୁବାବୁଙ୍କ ଅବଦାନ ଏ ଦିଗରେ ଯଥେଷ୍ଟ । ପୁନଶ୍ଚ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ଓ ସତ୍ୟାଗ୍ରହ ଓଡ଼ିଶାର ଗଡ଼ଜାତବାସୀଙ୍କୁ ବେଶ ଆକୃଷ୍ଟ କରିଥିଲା । ସୋନପୁର ରାଜ୍ୟରେ ପ୍ରଥମେ ଅସହଯୋଗ ଆନ୍ଦୋଳନ ଦେଖା ଦେଇଥିଲା ଏବଂ ପରେପରେ ଅନ୍ୟ ରାଜ୍ୟକୁ ଆନ୍ଦୋଳନ ପ୍ରସ୍ତୁତିତ ଓ ପ୍ରସାରିତ ହେଲା । ଜାତୀୟ କଂଗ୍ରେସ ୧୯୩୦ ମସିହା ଜାନୁଆରୀ ମାସରେ 'ପୂର୍ଣ୍ଣ ସ୍ୱରାଜ' ହାସଲ କରିବା ନିମିତ୍ତ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କଲେ । କଂଗ୍ରେସର ଓଡ଼ିଶା ଶାଖା ୧୯୩୧ ମସିହା ମଇ ମାସରେ 'ଗଡ଼ଜାତ ପ୍ରଜାସଂଘ' ନାମକ ଏକ ସଂଗଠନ ସୃଷ୍ଟି କଲେ । ବହୁତ ସଂଖ୍ୟାରେ କଂଗ୍ରେସ କର୍ମୀ ଗଡ଼ଜାତକୁ ଯାଇ ସ୍ୱାଧୀନତା ଆନ୍ଦୋଳନରେ ସେଠାର ଅଧିବାସୀଙ୍କୁ ଉଦ୍‌ବୁଦ୍ଧ କରାଇଥିଲେ । ଗଡ଼ଜାତବାସୀଙ୍କୁ ରାଜାମାନଙ୍କ ଅତ୍ୟାଚାରରୁ ମୁକ୍ତ କରାଇବା ଲାଗି କଂଗ୍ରେସ କର୍ମୀମାନେ ସଂକଳ୍ପବଦ୍ଧ ହେଲେ । ଯଦିଓ ଦେଶୀୟରାଜ୍ୟରେ କୌଣସି ସ୍ଥାନ ମିଳି ନଥିଲା, ତଥାପି ଗଡ଼ଜାତରେ କଂଗ୍ରେସ ସମର୍ଥିତ ସଂଗଠନ ତିଷ୍ଠି ରହିଲା ଓ ସକ୍ରିୟ ହୋଇ ରହିଥିଲା ।

'ଗଡ଼ଜାତ ମହାସମ୍ମିଳନୀ' ବାର୍ଷିକ ଅଧିବେଶନ ଅନୁଷ୍ଠିତ କରାଇ ନିଜର ଦାବୀଗୁଡ଼ିକ ଏଥିରେ ଉପସ୍ଥାପନ କରିଥିଲେ । ଏହି ସମ୍ମିଳନୀର ମୁଖ୍ୟ କର୍ମକର୍ତ୍ତା ଥିଲେ ଭୁବନାନନ୍ଦ ଦାସ, ବ୍ରଜସୁନ୍ଦର ଦାସ ଓ ବାଲୁକେଶ୍ୱର ଆଚାର୍ଯ୍ୟ ଇତ୍ୟାଦି । ଆହୁରି ମଧ୍ୟ ବିଭିନ୍ନ ଗଡ଼ଜାତରୁ ପ୍ରତିନିଧି ବୃନ୍ଦ 'ସର୍ବଭାରତୀୟ ଗଡ଼ଜାତବାସୀ ସମିତି'ରେ ଯୋଗଦାନ କରିବା ପାଇଁ ଉତ୍ସାହ ପୂର୍ବକ ଆଗେଇ ଆସିଲେ । ସେଠାରେ ଗଡ଼ଜାତର ସାମାଜିକ, ଅର୍ଥନୈତିକ, ଶାସନଗତ ଓ ରାଜନୈତିକ ବିଷୟ ମୂଳକ ଆଲୋଚନାରେ ଅଂଶ ଗ୍ରହଣ କଲେ । ଏହି ପ୍ରଭାବ ଅନୁସାରେ ଓଡ଼ିଶା ଗଡ଼ଜାତରେ 'ଗଡ଼ଜାତ ଅଧିବାସୀ ସପ୍ତାହ' ୧୯୩୧ ମସିହା ଅଗଷ୍ଟ ମାସରେ ଖୁବ ଧୂମଧାମ ଓ ନିଷ୍ଠାର ସହ ପାଳିତ ହେଲା । ଏହାପରେ ଶିଶିର ବିଦ୍ୟାଧର ମିଶ୍ରଙ୍କ ସହ ଓଡ଼ିଶା ଗଡ଼ଜାତରେ ପ୍ରତିନିଧି ହିସବରେ ଢେଙ୍କାନାଳ ଓ ମୟୂରଭଞ୍ଜ ଇତ୍ୟାଦି ରାଜ୍ୟରେ ମୁକ୍ତି ଆନ୍ଦୋଳନର ପ୍ରସ୍ତୁତି କାମରେ ଲାଗିଲେ । ଗଡ଼ଜାତରେ ଜନମତ ପ୍ରଚଳନୁ ପ୍ରବଳତର ହେଲା । ପ୍ରକୃତ ପକ୍ଷେ ଗଡ଼ଜାତରେ ଗଣତାନ୍ତ୍ରିକ ସଂଗଠନ ଗଠିତ ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେପରେ । 'ଓଡ଼ିଶା ଗଡ଼ଜାତ ଅଧିବାସୀ ସମିତି' ୧୯୩୭ ମସିହା ଜୁନ ୧୯-୨୦ ତାରିଖରେ ଅନୁଷ୍ଠିତ ହେଲା । ଏଥିରେ ସଭାପତିତ୍ୱ କରିଥିଲେ ଡକ୍ଟର ପଟ୍ଟାଭିସୀତାରାମାୟା ଓ ସଂପାଦକରୂପେ ରହିଥିଲେ ସାରଙ୍ଗଧର ଦାସ । ଏହି ସମିତି ପରବର୍ତ୍ତୀ ସମୟରେ ବିଭିନ୍ନ ବିଷୟରେ ଆଲୋଚନା କରି ଗଡ଼ଜାତ ମୁକ୍ତି ଆନ୍ଦୋଳନକୁ ସକ୍ରିୟ କରାଇଥିଲା । ୧୯୩୮ ମସିହାଠାରୁ ନବଗଠିତ ଗଣତାନ୍ତ୍ରିକ ସଂଗଠନ 'ପ୍ରଜାମଣ୍ଡଳ' ନାମରେ ଅଭିହିତ ହେଲା । ଏହି ପ୍ରଜାମଣ୍ଡଳ ସମଗ୍ର ଗଡ଼ଜାତ ରାଜ୍ୟରେ ଗଠିତ ହୋଇ ଗଣତାନ୍ତ୍ରିକ ଆନ୍ଦୋଳନର ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କଲେ । ଗଡ଼ଜାତରେ ଦାୟିତ୍ୱମୂଳକ ଶାସନ ପ୍ରତିଷ୍ଠା ଦିଗରେ ସଂଗଠନ ସଚେଷ୍ଟ ହେଉଥିଲା । ଗଡ଼ଜାତରେ ମୁକ୍ତି ଆନ୍ଦୋଳନର କର୍ଣ୍ଣଧାର ଥିଲେ ହରେକୃଷ୍ଣ ମହତାବ । ତାଙ୍କ ଛଡ଼ା ଅନେକ ନେତା ଜୀବନକୁ ବାଜି ଲଗାଇ ଦେଇ ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିଲେ ।

କହିବାକୁ ଗଲେ ୧୯୩୮ ମସିହାଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ସମାନ୍ତରାଳ ଭାବେ ଇଂରେଜ ଅଧିକୃତ ଓଡ଼ିଶା ଓ ଓଡ଼ିଶା ଗଡ଼ଜାତରେ ସ୍ୱାଧୀନତା ଆନ୍ଦୋଳନ ଚାଲୁରହିଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ହେଲା । ପ୍ରଥମ ପଦକ୍ଷେପ ରୂପେ ସ୍ୱାଧୀନ ଓଡ଼ିଶା ସରକାର ସେହିବର୍ଷ ନଭେମ୍ବର ମାସରେ ରାଜନୈତିକ ତଥା ଶାସନଗତ ସୁବିଧା ଦୃଷ୍ଟିରୁ ବାଇଶିଟି ଗଡ଼ଜାତକୁ ନିଜ ଶାସନ ଅନ୍ତର୍ଭୁକ୍ତ କଲେ । ତଦନନ୍ତର ୧୯୪୭ ମସିହା ଡିସେମ୍ବର ମାସ ୧୪-୧୫ ତାରିଖରେ ଚୁକ୍ତି ଅନୁସାରେ ଅନ୍ୟ ସମସ୍ତ ଗଡ଼ଜାତ ରାଜ୍ୟ ପର୍ଯ୍ୟାୟକ୍ରମେ ଓଡ଼ିଶା ଶାସନଭୁକ୍ତ ହେଲେ ୧୯୪୮ ମସିହା ଓ ୧୯୪୯ ମସିହା ଜାନୁଆରୀରେ । ଦୀର୍ଘ ଦେଢ଼ଶହ ବର୍ଷର ଇଂରେଜ ଶାସନର ପରି ସମାପ୍ତି ଘଟିଲା । ୧୫୬୮ ମସିହାରେ ସ୍ୱାଧୀନତା ହରାଇଥିବା ଓଡ଼ିଶା ପ୍ରାୟ ୩୮୦ ବର୍ଷପରେ ତାର ଚିର ଇପ୍‌ସିତ ଅଭିଳାଷ ପରିପୂର୍ଣ୍ଣ କଲା । କିନ୍ତୁ ଗୌରବମୟ ଅତୀତ ସାକୁଟିକି ଓଡ଼ିଶା ଆଉ ଫେରି ପାଇଲା ନାହିଁ । ମୁକ୍ତି ସଂଗ୍ରାମର କଠିନ ଓ କୁଟିଳ ଗତିରେ ତାକୁ କିଛି ହରାଇବାକୁ ପଡ଼ିଲା । ସେହି କ୍ଷତି ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଅପୂରଣୀୟ ।

ଇତିହାସ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର ।

# ଇନ୍ଦିରା ବିକାଶ ପତ୍ର ଜରିଆରେ

## ରାଜ୍ୟରେ ଅଧିକ ଅର୍ଥ ସଂଗୃହୀତ

୧୯୮୬ ମସିହା ନଭେମ୍ବର ମାସଠାରୁ 'ଇନ୍ଦିରା ବିକାଶ ପତ୍ର' ନାମକ ଏକ ଆକର୍ଷଣୀୟ ସ୍ୱଳ୍ପ ସଂଚୟ ପରିକଳ୍ପନା ପ୍ରଚଳିତ ହୋଇଛି । ସେହିମାସ ଠାରୁ ୧୯୮୭ ମସିହା ମେ ମାସ ମଧ୍ୟରେ ଏହି ପରିକଳ୍ପନା ଜରିଆରେ ଆମ ରାଜ୍ୟରେ ପ୍ରାୟ ୧୨ କୋଟି ୩୪ ଲକ୍ଷ ଟଙ୍କା ସଂଗୃହୀତ ହୋଇଛି । ଏଥିରେ ସର୍ବାଧିକ ସୁଧ ମିଳୁଥିବାରୁ ଏହା ଜମାକାରୀମାନଙ୍କ ମଧ୍ୟରେ ବିଶେଷ ଲୋକପ୍ରିୟ ହୋଇପାରିଛି ।

* ୫½ ବର୍ଷରେ ଜମାଟଙ୍କା ଦୁଇଗୁଣ ହୋଇଯାଏ

* ୫୦୦ ଟଙ୍କା, ୧,୦୦୦ ଟଙ୍କା ଏବଂ ୫,୦୦୦ ଟଙ୍କା ମୂଲ୍ୟରେ 'ଇନ୍ଦିରା ବିକାଶ ପତ୍ର' ଯଥାକ୍ରମେ ୨୫୦ ଟଙ୍କା, ୫୦୦ ଟଙ୍କା ଏବଂ ୨,୫୦୦ ଟଙ୍କା ଜମା ଦେଲେ ସବୁ ଡାକଘରେ ମିଳିବ ।

* ଜମା ଦେବାର କୌଣସି ସର୍ବୋଚ୍ଚ ସୀମା ନାହିଁ

* ବିନା ଦରଖାସ୍ତରେ ଡାକଘର କାଉଣ୍ଟରରୁ ଏହା ସିଧାସଳଖ କିଣା ଯାଇପାରିବ

* କିଣିଥିବା ଡାକଘର ବ୍ୟତୀତ ଅନ୍ୟ ଡାକଘରୁ ମଧ୍ୟ ପରିପକ୍ୱ ମୂଲ୍ୟ ସହଜରେ ମିଳିପାରିବ ।

**ସ୍ୱଳ୍ପ ସଂଚୟ ସଂଗଠନ**

**ଓଡ଼ିଶା ସରକାର**

*OCL a name cemented to quality :*

# ORISSA CEMENT LIMITED

**RAJGANGPUR-770017, (ORISSA)**

TELEX : 0635 240

**Manufacturer of 'KONARK' Brand Dalmia Portland Cement (ISI 269 & 455) widly acclaimed for its durability and economy for any type of construction of buildings, bridges, dam, etc.**

**Also**

**Are proud to be the recepient of Certificate of Merit and Badges for outstanding export performance and gold shield and Certificate for Import Substitution from All India Industrial Exhibition, Hyderabad for 1987 for Refractories.**

**Are forging ahead to reach still greater heights with the motto.**

**"PRODUCTION AND PRODUCTIVITY NEED OF THE HOUR"**



# ରାଷ୍ଟ୍ରପତିଙ୍କ କ୍ଷମତା ଓ ପ୍ରଧାନମନ୍ତ୍ରୀଙ୍କ ଅଧିକାର

- ସ୍ମିତା ମିଶ୍ର

ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସଂପର୍କରେ ଏବଂ ପାରସ୍ପରିକ କ୍ଷମତା ସମ୍ବନ୍ଧରେ ଦେଖାଦେଇଥିବା ସାମ୍ବିଧାନିକ ସଂକଟ ଶ୍ରୀ ଜୈଲ ସିଂଙ୍କର ଶ୍ରୀ ରାଜୀବ ଗାନ୍ଧିଙ୍କ ନିକଟକୁ ମାର୍ଚ୍ଚ ୯ ଓ ମେ ୨୧ ତାରିଖରେ ଦୁଇଟି ଚିଠି ଭିତରେ ସମୟଦ୍ୱାରା ସୀମାବଦ୍ଧ ନୁହେଁ ।

ମାର୍ଚ୍ଚ ୯ ତାରିଖ ଚିଠିରେ ଶ୍ରୀ ଜୈଲ ସିଂ ଲୋକସଭାରେ ଭାରତର ପ୍ରଧାନମନ୍ତ୍ରୀ ଦେଇଥିବା ବିବୃତିର ଖଣ୍ଡନ କରିଥିଲେ । ଶ୍ରୀ ରାଜୀବ ଗାନ୍ଧି ଲୋକସଭାରେ କହିଥିଲେ ଯେ ରାଷ୍ଟ୍ରପତିଙ୍କୁ ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସମସ୍ତ ବିଷୟ ଜଣାଇଦିଆଯାଉଅଛି । କିନ୍ତୁ ଏହା ସତ୍ୟର ଅପଳାପ ବୋଲି ଶ୍ରୀ ଜୈଲ ସିଂ ୯ ମାର୍ଚ୍ଚ ୧୯୮୭ରେ ଲେଖିଥିଲେ ।

ମେ ୨୧ ତାରିଖ ଚିଠିରେ ଶ୍ରୀ ଜୈଲ ସିଂ ଏହି ବିବାଦରୁ ଅପସରି ଯାଇ, ବିବାଦର ବିଷୟବସ୍ତୁକୁ ତାଙ୍କର ଉତ୍ତରାଧିକାରୀଙ୍କ ଦାୟିତ୍ୱ ବୋଲି ଲେଖିଥିଲେ । ଏହି ଦାୟିତ୍ୱକୁ ସେ ତାଙ୍କର "ବିବେକ, ପଦଗ୍ରହଣ ସମୟର ଶପଥ ଏବଂ ଜନସାଧାରଣଙ୍କ ଆଶାଂକୁ ବିଶ୍ୱରକରି ପାଳନ କରିବେ ବୋଲି ଶ୍ରୀ ଜୈଲ ସିଂ ଆଶା ପ୍ରକାଶ କରିଛନ୍ତି । ତେଣୁ ଏହି ତର୍କ ଏବଂ ଯୁକ୍ତି ଯେ ଆହୁରି ଅନେକ ଆଗକୁ ଯିବ, ଏହା ବିଶ୍ୱାସ ନ କରିବାର କୌଣସି କାରଣ ନାହିଁ ।

ଭାରତୀୟ ସମ୍ବିଧାନ, ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଭିତରେ ଏକ ନିଗୂଢ଼ ଅଥଚ ସୂକ୍ଷ୍ମ ସାମଞ୍ଜସ୍ୟ ରଖିବାକୁ ଚେଷ୍ଟା କରିଥାସିଅଛି । ଜଣେ ରାଷ୍ଟ୍ରର ମୁଖ୍ୟ ଏବଂ ଅନ୍ୟ ଜଣେ ଶାସନର ସର୍ବୋଚ୍ଚକର୍ତ୍ତା । ତେଣୁ ଦୁଇଜଣଙ୍କ ମଧ୍ୟରେ ଏକ ସମତାବାଦୀ ଏବଂ ସମଗତିଶୀଳ ସଂପର୍କ ରହିବା ଆବଶ୍ୟକ । ରାଷ୍ଟ୍ରର ମୁଖ୍ୟ, ରାଷ୍ଟ୍ରର ସମସ୍ତ ବିଷୟ ଅବଗତ ହେବା ଉଚିତ ଅଟେ କି ଏବଂ ଏହି ବିଷୟ ଜାଣିବା ନିମନ୍ତେ ସେ କି ଉପାୟ ଅବଲମ୍ବନ କରିବେ ଏ ସମ୍ବନ୍ଧରେ ତାଙ୍କର ସାମ୍ବିଧାନିକ ଅଧିକାର କ'ଣ ?

ଏ ବିଷୟରେ ସମ୍ବିଧାନର ୭୪ ଧାରା ଦ୍ରଷ୍ଟବ୍ୟ । ଏହି ଧାରାର, ୧୯୭୬ରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ କଂଗ୍ରେସ ସରକାର ଏବଂ ୧୯୭୮ରେ ଶ୍ରୀ ମୋରାରଜୀ ଦେଶାଇଙ୍କର ଜନତା ସରକାର, ଘଟ ପରିବର୍ତ୍ତନ କରିଦେଇଛନ୍ତି ।

ଆମର ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି । ସେ କାହାରି ମନୋନୀତ ବା ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ପଦବୀର ଅଧିକାରୀ ନୁହନ୍ତି । ଦେଶର ସର୍ବଶ୍ରେଷ୍ଠ ନିର୍ବାଚନମଣ୍ଡଳୀଦ୍ୱାରା ଭାରତୀୟ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି । ତଥାପି ୭୪ (୧) ଧାରା ବ୍ରିଟିଶ ପରମ୍ପରାର ନିର୍ବାଚିତ ପ୍ରତିନିଧିଙ୍କ ଶାସନ ପ୍ରଚଳନ କରାଇ, ରାଷ୍ଟ୍ରପତିଙ୍କୁ ମାତ୍ର ଶାସନର ଏକ ସାମ୍ବିଧାନିକ ମୁଖ୍ୟ ରୂପେ ବର୍ଣ୍ଣାଇ ଦେଇଛି ।

ଯଦିଓ ସମ୍ବିଧାନର ୫୩ (୧) ଧାରାରେ କେନ୍ଦ୍ରର ଶାସନ କ୍ଷମତା ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ କରିଦେଇଛି –

53 (1). The Executive power of the Union shall be vested in the President and shall be exercised by him either directly or through officers subordinate to him in accordance with the constitution.

ତଥାପି ଏହି ସମସ୍ତ କ୍ଷମତା କେବଳ ମନ୍ତ୍ରୀ ପରିଷଦର ଉପଦେଶ ଅନୁସାରେ ହିଁ ବ୍ୟବହାର କରାଯାଇ ପାରିବ । ଏହା ସଂମ୍ବିଧାନର ୪୨ତମ ସଂଶୋଧନ ବିଲରେ ଆହୁରି ସ୍ପଷ୍ଟ କରି ଦିଆଯାଇଅଛି ।

ସମ୍ବିଧାନର ଏହି ୭୪ (୧) ଧାରାଟିର ସୁସଂଗ୍ରାମୁସଂଗ ବିଶ୍ଳେଷଣ ଆବଶ୍ୟକ ହେଉଥିବାରୁ ୧୯୭୬ ଅଗଷ୍ଟ ଏହି ଧାରାର ବିବରଣୀ, ୧୯୭୬ରେ ଏହାର ସଂଶୋଧନ ଏବଂ ୧୯୭୮ରେ ଏହାର ପୁନଃ ସଂଶୋଧନ ତଳେ ଦିଆଗଲା ।

ପ୍ରଥମେ ଏହି ୭୪ ଧାରା ଲିପିବଦ୍ଧ ହୋଇଥିଲା ନିମ୍ନ ପ୍ରକାରେ ।

74 (1) "There shall be a Council of Ministers with the Prime minister as the head to aid and advise the President."

74 (2) The question, whether any, and if so what, advise was tendered by Ministers to the President, shall not be inquired into in any Court.

ଅର୍ଥାତ୍ ସାଧାରଣଭାବେ, ଏହି ଧାରା ସ୍ୱୀକାର କରୁଥିଲା ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଥିବା ମନ୍ତ୍ରୀ ପରିଷଦ, ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଓ ଉପଦେଶ ଦେବେ ଏବଂ ଏହି ଉପଦେଶ ବିଷୟରେ କୌଣସି ଅଦାଲତ କୌଣସି ପ୍ରଶ୍ନ କରି କରି ପାରିବେନାହିଁ ।

କିନ୍ତୁ ୧୯୭୬ରେ ଶ୍ରୀମତୀ ଇନ୍ଦିରାଗାନ୍ଧୀ ତାଙ୍କ ସରକାରଦ୍ୱାରା ଏହି ୭୪ (୧) ଧାରାର ଏକ ସୀମିତ ଅଥଚ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଇ, ତାହା ୪୨ତମ ସଂଶୋଧନ ନାମରେ ଗ୍ରହଣ କରାଇନେଲେ । ଏଥିରେ ୭୪ (୧) ଧାରାର ଶେଷରେ ଏକ ଉଦ୍ଦେଶ୍ୟପୂର୍ଣ୍ଣ ବାକ୍ୟାଂଶକୁ ଯୋଡ଼ି ଦିଆଯାଇଥିଲା ଏବଂ ଏହି ବାକ୍ୟାଂଶଦ୍ୱାରା ରାଷ୍ଟ୍ରପତି ଏହି ଉପଦେଶ ଅନୁସାରେ ହିଁ ତାଙ୍କର ଅଧିକାର ସାବ୍ୟସ୍ତ କରିପାରିବେ ବୋଲି କୁହାଯାଇଥିଲା ।

ଏହି ସଂଶୋଧନ ପରେ ୭୪ (୧) ଧାରା ନିମ୍ନରୂପ ଧାରଣ କରିଥିଲା ।

74 (1) There shall be a Council of Ministers with the Prime Minister at the head to aid and advise the President, who shall in exercise of his functions, act in accordance 'with such advice."

ଏହିପରି ୧୯୭୬ର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ଅନୁସାରେ ରାଷ୍ଟ୍ରପତିଙ୍କ ଶାସନତାନ୍ତ୍ରିକ କ୍ଷମତାକୁ ସଂକୁଚିତ କରିଦିଆଗଲା । ରାଷ୍ଟ୍ରପତି ତାଙ୍କର ଶାସନ ନିମନ୍ତେ ସଦାସର୍ବଦା ମନ୍ତ୍ରୀପରିଷଦର ଉପଦେଶକୁ ମାନ ଚେରି ରହିଥିବେ ଏବଂ ଏହି ଉପଦେଶ ବିନା ସେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

ଏଠାରେ ' Shall ' କୁ ଯଦି ନିର୍ଦ୍ଧାରକ ହିସାବରେ ଗ୍ରହଣ କରାଯାଏ, ତେବେ, ନିମ୍ନରେ ଦିଆଯାଉଥିବା କେତେ- ଗୋଟି ଉଦାହରଣ ପ୍ରତି ଦୃଷ୍ଟିଦିଆଯାଉ ।

(୧) ଯଦି ପ୍ରଧାନମନ୍ତ୍ରୀଙ୍କର ହଠାତ୍ କୌଣସି କାରଣରୁ ମୃତ୍ୟୁ ହୋଇଯାଏ, ତେବେ କ'ଣ ରାଷ୍ଟ୍ରପତି ରାଷ୍ଟ୍ରର ଶାସନ ସଂପର୍କରେ ଯାହା ନିଷ୍ପତ୍ତି ନେବେ ସେ ସବୁ ଅବୈଧ ହୋଇଯିବ ? କାରଣ ପ୍ରଧାନମନ୍ତ୍ରୀ ନ ଥିଲେ ମନ୍ତ୍ରୀପରିଷଦ ରହିବ ନାହିଁ ଏବଂ ମନ୍ତ୍ରୀପରିଷଦ ନ ଥିଲେ ତାଙ୍କୁ ଉପଦେଶ କିଏ ଦେବ କିଏ ?

(୨) ଲୋକସଭାକୁ ଭାଙ୍ଗିଦେବାକୁ ରାଷ୍ଟ୍ରପତିଙ୍କର ନିଜର ପରିଣାମଦର୍ଶୀ ବିଚାର ( Discretion ) ରହିବ କି ? ମନେକରନ୍ତୁ ଲୋକସଭାରେ ପ୍ରଧାନମନ୍ତ୍ରୀ ତାଙ୍କର ସଂଖ୍ୟାଗରିଷ୍ଠତା ହରାଇବାପରେ ରାଷ୍ଟ୍ରପତିଙ୍କୁ ଲୋକସଭାକୁ ଭାଙ୍ଗିଦେବାକୁ ( Dissolution ) ଉପଦେଶ ଦେଲେ । ଯେହେତୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଓ ତାଙ୍କର ମନ୍ତ୍ରୀପରିଷଦର ଉପଦେଶ ଅନୁସାରେ ହିଁ ଶାସନ କରିପାରିବେ, ତେଣୁ ଏହି ଅବସ୍ଥାରେ ରାଷ୍ଟ୍ରପତି କ'ଣ କରିବେ ? ସେ କ'ଣ ଲୋକସଭାକୁ ଭାଙ୍ଗି, ସଂଖ୍ୟାଗରିଷ୍ଠତା [illegible] ହରାଉଥିବା ମନ୍ତ୍ରୀପରିଷଦକୁ କାମଚଳା ସରକାର ଭାବରେ ରଖି, ଆଉଥରେ ଲୋକସଭା ନିର୍ବାଚନ କରାଇ ପାରିବେ ?

(୩) ଲୋକସଭାରେ ସଂଖ୍ୟାଗରିଷ୍ଠତା ହରାଉଥିବା ପ୍ରଧାନମନ୍ତ୍ରୀ ଯଦି ଇସ୍ତଫା ନ ଦେଇ ଏବଂ ଲୋକସଭାକୁ ଭାଙ୍ଗିବାକୁ ଉପଦେଶ ନ ଦେଇ ଶାସନ ଚଳାଇବାକୁ ରାଷ୍ଟ୍ରପତିଙ୍କୁ ଉପଦେଶ ଦିଅନ୍ତି, ତେବେ ରାଷ୍ଟ୍ରପତି କ'ଣ କରିପାରିବେ ? ସେ କ'ଣ ସମ୍ବିଧାନର ୭୫ (୨) ଧାରା ଅନୁସାରେ ମନ୍ତ୍ରୀ ପରିଷଦକୁ ବରଖାସ୍ତ କରି ଦେଇପାରିବେ ? ସେ କ'ଣ ସମ୍ବିଧାନର ୭୫ (୨) ଧାରାର " The Ministers shall hold office during the pleasure of the President;" ନିଜ ଇଚ୍ଛା ଏବଂ ଖୁସିର ବିଚାର କରିବାକୁ ମନ୍ତ୍ରୀପରିଷଦକୁ ଛାଡ଼ିଦେବେ ବା ତାର ବିଚାର ନିଜେ କରିବେ ?

ଏହି ୭୪ (୧) ଧାରାରେ ଜନତା ସରକାର ସମୟରେ ସମ୍ବିଧାନର ୪୪ତମ ସଂଶୋଧନ ଆଇନ ଅନୁଯାୟୀ ୧୯୭୮ରେ ଆଉ ଏକ ଅଂଶ ଯୋଡ଼ି ଦିଆଗଲା ଏବଂ ଏବେ ୭୪(୧) ଧାରାର ପାଠ ନିମ୍ନପ୍ରକାରେ ହେଉଅଛି—

74 (1): There shall be a Council of Ministers with the Prime Minister at the head to aid and advice the President, who shall in exercise of his functions act in accordance with such advice, provided that the President may require the Council of Ministers to reconsider such advice, either generally or otherwise and the President shall act in accordance with the advice tendered after such reconsideration.

ଅର୍ଥାତ୍ ଏଥର ରାଷ୍ଟ୍ରପତିଙ୍କୁ ତାଙ୍କ ବିଚାରର ସୀମିତ ସୁଯୋଗ ନିମନ୍ତେ ଅଧିକାର ଦିଆଗଲା । ରାଷ୍ଟ୍ରପତି କୌଣସି କାରଣ ବଶତଃ ଯଦି ମନ୍ତ୍ରୀପରିଷଦର ଉପଦେଶ ସହ ଏକମତ ହୋଇ ନ ପାରନ୍ତି ତାହାହେଲେ ସେହି ଉପଦେଶର ପୁନରାଲୋଚନା ଏବଂ ପୁନର୍ବିଚାର ନିମନ୍ତେ ମନ୍ତ୍ରୀପରିଷଦକୁ ଅନୁରୋଧ କରିପାରିବେ ଏବଂ ମନ୍ତ୍ରୀପରିଷଦ ଏହି ପୁନରାଲୋଚନା କରିବାପରେ ଯେଉଁଭଳି ଉପଦେଶ ଦେବେ ତାହା ଗ୍ରହଣୀୟ ହେଲେ ରାଷ୍ଟ୍ରପତି ସେପରି ତାଙ୍କ ଶାସନ କ୍ଷମତାର ପ୍ରୟୋଗ କରିପାରିବେ ।

କିନ୍ତୁ ଏହିପରି ପୁନରାଲୋଚନା ଓ ପୁନର୍ବିଚାର ପରେ ଯଦି ମନ୍ତ୍ରୀପରିଷଦର ଉପଦେଶ ରାଷ୍ଟ୍ରପତିଙ୍କ ମନପୁତ ହୋଇପାରିଲା ନାହିଁ, ତେବେ ଶାସନରେ କ'ଣ ଗୋଟିଏ ଶୂନ୍ୟସ୍ଥାନ ରହିଯିବ ?

ମନ୍ତ୍ରୀ ପରିଷଦର ଉପଦେଶର ବୈଧତା, ରାଷ୍ଟ୍ରପତି ଓ ମନ୍ତ୍ରୀପରିଷଦର ଦ୍ୱିମତ ଏବଂ ଉପଦେଶର ଯୋଗ୍ୟତା ଓ

ସାମର୍ଥ୍ୟ ବିଷୟରେ କୌଣସି ଅଦାଲତରେ ବିଚାର କରାଯାଇ-ପାରିବନାହିଁ ବୋଲି ସାମ୍ବିଧାନିକ ନିଷେଧ ଯୋଗୁ ଏ ବିଷୟରେ ବିଚାର ଏବଂ ଆଲୋଚନାର ନିଶ୍ଚିତ ସତ୍ୟତା ସବୁବେଳେ ପ୍ରହେଳିକାପୂର୍ଣ୍ଣ ଓ କୁହେଳିକାମୟ ହୋଇରହିବ ।

ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତିଙ୍କର ଶାସନ ସମ୍ପର୍କୀୟ ତଥ୍ୟ ଓ ସୂଚନା ପାଇବା ଅଧିକାର ସମ୍ପର୍କରେ ଆଲୋଚନା କରାଯାଇପାରିବ ।

ଧାରା ୭୪(୧) ରେ କୁହାଯାଇଅଛି , ରାଷ୍ଟ୍ରପତି ତାଙ୍କର ସମସ୍ତ କର୍ମ (act in accordance with such advice) ମନ୍ତ୍ରୀପରିଷଦର ଉପଦେଶ ଅନୁସାରେ ହିଁ କରିବାକୁ ବାଧ୍ୟ (in exercise of his functions)

ତେଣୁ ରାଷ୍ଟ୍ରପତି ରାଷ୍ଟ୍ରର ଶାସନ ନିମନ୍ତେ ବା ରାଷ୍ଟ୍ରର ଶାସନ ବିଷୟରେ ଯେଉଁ ସୂଚନା ଜାଣିବାକୁ ଚାହିଁବେ ତାହା ମଧ୍ୟ ମନ୍ତ୍ରୀପରିଷଦର ଉପଦେଶ ଅନୁସାରେ ନିୟନ୍ତ୍ରିତ ଏବଂ ସୀମିତ ହେବ କି ?

ସମ୍ବିଧାନର ୭୮(ଖ) ଧାରାରେ ରାଷ୍ଟ୍ରପତିଙ୍କୁ ଜଣାଇବା ନିମନ୍ତେ ତଥ୍ୟ ଓ ସୂଚନା ଯୋଗାଇବା ଦାୟିତ୍ୱ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଛି । ତେଣୁ ସମ୍ବିଧାନର ୭୮ ଧାରାର ଉଲ୍ଲେଖ ନିମ୍ନରେ କରାଯାଉଛି ।

78. It shall be the duty of the Prime Minister—

(a) to communicate to the President all decisions of the Council of Ministers relating to the administration of affairs of the Union and proposal for legislation,

(b) to furnish such information relating to the administration of affairs of the Union and proposals for legislation as the President may call for,

(c) if the President, so requires, to submit for the Consideration of the Council of Ministers any matter on which a decision has been taken by a Minister, but which has not been considered by the Council.

ରାଷ୍ଟ୍ରପତି ତାଙ୍କ ଶାସନରେ ଯାହା ଘଟୁଛି, ତାହା ଜାଣିବାକୁ ତାଙ୍କର ଅଧିକାରକୁ ଧାର୍ଯ୍ୟ କରାଯାଇଛି କି ? ପ୍ରଧାନମନ୍ତ୍ରୀ କୌଣସି ବିଷୟ ରାଷ୍ଟ୍ରପତିଙ୍କୁ ନ ଜଣାଇ ଗୋପନୀୟ ରଖି-ପାରିବେ କି ?

ଏହି ପ୍ରଶ୍ନଗୁଡିକର ଉତ୍ତର ମହାଶୂନ୍ୟରୁ ଆସି ପାରିବ ନାହିଁ । ଭାରତୀୟ ସମ୍ବିଧାନ ଓ ରାଜନୈତିକ ପରିପ୍ରେକ୍ଷୀରେ ଏହି ପ୍ରଶ୍ନର ବିଚାର କରାଯାଇ ପାରିବ । ଆମର ସମ୍ବିଧାନ ବ୍ରିଟିଶ ଚିନ୍ତାଧାରାରେ ଗଣତାନ୍ତ୍ରିକ ତଥା ସଂସଦୀୟ ଶାସନର ସମର୍ଥନ କରେ । ଏହି ଶାସନରେ ରାଷ୍ଟ୍ରପତି ସାମ୍ବିଧାନିକ ମୁଖ୍ୟ । ସମ୍ବିଧାନର ପରିସର ଭିତରେ ଏବଂ ସମ୍ବିଧାନର ପ୍ରଦତ୍ତ କ୍ଷମତା ଓ ପ୍ରଣାଳୀ ଦ୍ୱାରା, ମନ୍ତ୍ରୀ ପରିଷଦର ସାହାଯ୍ୟ ଓ ଉପଦେଶ ଦ୍ୱାରା ସେ ପରିଶ୍ରୃଙ୍ଖଳିତ ହୋଇଛନ୍ତି । ଯଦି କୌଣସି ବିଷୟରେ ମନ୍ତ୍ରୀ ପରିଷଦର ମତ ସହ ସେ ଏକମତ ହୋଇ ନ ପାରିଲେ, ତଥାପି ସେ ଚିରାଚରିତ ପ୍ରଥା ଅନୁସାରେ ମନ୍ତ୍ରୀ ପରିଷଦଙ୍କ ନିଷ୍ପତ୍ତି ହିଁ ମାନିନେଇ ସେହିପରି କାର୍ଯ୍ୟ କରିବେ ଏବଂ ତାର ଦାୟିତ୍ୱ ସ୍ୱାଭାବିକ ଭାବେ ରାଷ୍ଟ୍ରପତିଙ୍କର ନୁହେଁ, ମନ୍ତ୍ରୀ ପରିଷଦ ହିଁ ବହନ କରିବେ ।

ଅବଶ୍ୟ ବ୍ରିଟିଶ୍ ସମ୍ରାଟଙ୍କ ପରି ଭାରତୀୟ ରାଷ୍ଟ୍ରପତିଙ୍କର ଏହି କ୍ରମସଂକୁଚମାନ ପ୍ରଭାବ ସମ୍ବିଧାନରେ ତାଙ୍କୁ ଦିଆଯାଇଥିବା ଅବାଧ ଓ ଅଗାଧ ପ୍ରତିପତ୍ତି ସହ ଖାପ ଖାଉନାହିଁ । ଭାରତର ରାଷ୍ଟ୍ରପତି କ'ଣ ତାଙ୍କ ମନ୍ତ୍ରୀ ପରିଷଦର ଏକ ରବର ଷ୍ଟାମ୍ପ, କର୍ମଶୂନ୍ୟ ଏକ ପିଣ୍ଡ, ଏକ କାଗଜ ମୁକୁଟ ?

ନିଶ୍ଚୟ ନୁହେଁ । ବ୍ରିଟିଶ୍ ସମ୍ରାଟଙ୍କ ପରି ଭାରତୀୟ ରାଷ୍ଟ୍ରପତି ମଧ୍ୟ ମନ୍ତ୍ରୀ ପରିଷଦକୁ ପରାମର୍ଶ ଦେଇପାରିବେ, ସାମ୍ବିଧାନିକ କାର୍ଯ୍ୟ ନିମନ୍ତେ ପ୍ରୋତ୍ସାହନ ଏବଂ ଅଣ-ସାମ୍ବିଧାନିକ କାର୍ଯ୍ୟ ନିମନ୍ତେ ତାଗିଦ ଓ ସାବଧାନ କରାଇଦେବେ ଓ ଉଚିତ ଅନୁଚିତ ବିଚାର କରାଇ ପାରିବା ଦାୟିତ୍ୱ ପାଳନ କରିବେ । ମନ୍ତ୍ରୀ ପରିଷଦର ଉପଦେଶ ଅନୁସାରେ ଦେଶକୁ ଚଳାଇବା ଅର୍ଥ ଏହା ନୁହେଁ ଯେ ମନ୍ତ୍ରୀପରିଷଦର ସମସ୍ତ ଉପଦେଶ ନିର୍ଦ୍ଦ୍ୱନ୍ଦ୍ୱରେ ସେ ସାଙ୍ଗେ ସାଙ୍ଗେ ଗ୍ରହଣ କରିନେବେ । ପ୍ରସ୍ତାବିତ କାର୍ଯ୍ୟଧାରା ତଥା ଚିନ୍ତାଧାରାର ବିବେଚନା କରି ସେ ମନ୍ତ୍ରୀ ପରିଷଦକୁ ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିପାରିବେ । ବଳ ପ୍ରୟୋଗ ବା ଦମନ କରିବା ଅପେକ୍ଷା ଯୁକ୍ତି ସଙ୍ଗତ ନ୍ୟାୟର ଭାଷା ଗଣତାନ୍ତ୍ରିକ ପଦ୍ଧତିରେ ସବୁବେଳେ ଅଧିକ ଗ୍ରହଣୀୟ ଏବଂ ଗ୍ରହଣଯୋଗ୍ୟ ଅଟେ । ଅବଶ୍ୟ ଶେଷରେ ମନ୍ତ୍ରୀ ପରିଷଦର ମତହିଁ କାଏମ ରହିବ, ଏଥିରେ ଦ୍ୱିରୁକ୍ତି ନାହିଁ, କିନ୍ତୁ ତାହା ହେବ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ।

ରାଷ୍ଟ୍ରପତିଙ୍କର ଏହି ସୂକ୍ଷ୍ମ ଅଥଚ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକାର ଆଲୋଚନା ସୁପ୍ରିମକୋର୍ଟ ସମସେର ସିଂ ମୋକଦ୍ଦମାରେ କରିଛନ୍ତି ।

ଭାରତର ରାଷ୍ଟ୍ରପତି କେବେହେଲେ ଐଶ୍ୱର୍ଯ୍ୟମୟ ନିରାକାର ଶୂନ୍ୟ ନୁହନ୍ତି । ସେ ରାଷ୍ଟ୍ରର ଗରିମାର ପ୍ରତୀକ, ରାଷ୍ଟ୍ରର ଶୀର୍ଷ । ସେ ଦଳୀୟ ରାଜନୀତିର ଊର୍ଦ୍ଧ୍ୱରେ ରହି ଜନ-ସାଧାରଣଙ୍କର ଓ ବିଭିନ୍ନ ଦଳମାନଙ୍କର ଜାତୀୟ ଚେତନାର ଚିହ୍ନ । ତାଙ୍କର ସଦା-ଜାଗ୍ରତ ଉପସ୍ଥିତି ହିଁ ଉତ୍ତମ ଶାସନର ଉତ୍ସ । ମନ୍ତ୍ରୀ ପରିଷଦ ତାଙ୍କ ସହିତ ପରାମର୍ଶ କରିପାରିବେ । ସାଂବିଧାନିକ ପ୍ରତିକୂଳ ପଦକ୍ଷେପ ନେବା ନିମନ୍ତେ ସେ ମନ୍ତ୍ରୀ ପରିଷଦକୁ ଉତ୍ସାହ ଦେଇପାରିବେ ଏବଂ ସମ୍ବିଧାନର ପ୍ରତିକୂଳ ପ୍ରସ୍ତାବଗୁଡିକର କାର୍ଯ୍ୟକାରୀତା ସମ୍ବନ୍ଧରେ ସେ ମନ୍ତ୍ରୀ ପରିଷଦକୁ ସତର୍କ କରାଇ ଦେଇପାରିବେ । ପ୍ରକୃତରେ ସମ୍ବିଧାନର ୭୮ ଧାରା ବିଚାର ଏବଂ ବିଜ୍ଞତାର ସହ ବ୍ୟବହାର କରାଯାଇ-ପାରିଲେ, ରାଷ୍ଟ୍ରପତିଙ୍କୁ ଶାସନର ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କର ନିକଟତର କରାଯାଇପାରିବ । ଜାତୀୟ ନୀତିର ମୁଖ୍ୟ ବିଷୟ ତଥା ଯୋଜନା ଏବଂ ଶାସନରେ ଉଭୟ, ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କର ବ୍ୟକ୍ତିତ୍ୱର ପ୍ରଭାବ ଦେଶ ନିମନ୍ତେ ଆବଶ୍ୟକ ବୋଲି ସମ୍ବିଧାନର ପ୍ରଣେତାମାନ ଚିନ୍ତା କରିଛନ୍ତି ।

ରାଷ୍ଟ୍ରପତିଙ୍କର ଭୂମିକା, ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି, ଜାତୀୟ ନୀତି ଓ ଯୋଜନାଗୁଡ଼ିକୁ ସଫଳତାର ସହ କାର୍ଯ୍ୟ କରିବା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଂକ୍ଷେପରେ ବ୍ରିଟିଶ୍ ସମ୍ରାଟଙ୍କପରି ଭାରତର ରାଷ୍ଟ୍ରପତି ସମ୍ବିଧାନର ଏକ ଭାବପ୍ରବଣ ଚିତ୍ରପିତୁଳା ନୁହନ୍ତି, ବରଂ ସେ ସାମ୍ବିଧାନିକ ଶାସନର ପ୍ରାଣ ଓ ବିବେକ । ବିବେକ ଯେପରି ଭଲମନ୍ଦର ବିଚାର କରିପାରେ, କିନ୍ତୁ ମଣିଷକୁ କୌଣସି କର୍ମ କରିବାକୁ ବାଧ୍ୟ କରି ନ ପାରେ, ରାଷ୍ଟ୍ରପତି ମଧ୍ୟ ସେହିପରି ମନ୍ତ୍ରୀ ପରିଷଦକୁ ପରାମର୍ଶ ଦେଇପାରିବେ, ଭଲମନ୍ଦ ବୁଝାଇ ଦେଇପାରିବେ କିନ୍ତୁ ଶେଷରେ ଦେଶ କେଉଁ ପଥକୁ ବାଛିନେବ ତାର ଦାୟିତ୍ୱ ମନ୍ତ୍ରୀ ପରିଷଦ ଏବଂ ପ୍ରଧାନମନ୍ତ୍ରୀଙ୍କର । ରାଷ୍ଟ୍ରପତି ନିଜେ କ୍ଷମତା ଏବଂ ଦଳଗତ ରାଜନୀତିଠାରୁ ଦୂରରେ ରହି, ଉଭୟ କ୍ଷମତା ଏବଂ ଶାସନକୁ ପ୍ରଭାବିତ କରୁଥିବା ସକ୍ରିୟ ଭୂମିକା ଗ୍ରହଣ କରୁଥିବା ବିଷୟରେ ରାଜନୀତି ବିଜ୍ଞାନୀମାନେ ସଚେତନ ଅଛନ୍ତି ।

ରାଷ୍ଟ୍ରପତି ମୁଖ୍ୟତଃ ଆଳଙ୍କାରିକ ହେଲେ ମଧ୍ୟ ସମ୍ବିଧାନରେ ପ୍ରାସଙ୍ଗିକ ଅଟନ୍ତି । ମନ୍ତ୍ରୀ ପରିଷଦକୁ ସେ ନିଜର ବିଜ୍ଞ ତଥା ବ୍ୟବହାରିକ ମତଦ୍ୱାରା ପ୍ରଭାବିତ ଓ ପରିଚାଳିତ କରିପାରିବେ । ନିଜର ନୈତିକ କ୍ଷମତା ତଥା ପ୍ରତିକୂଳ ମତ ଦେବା ଅଧିକାର ଦ୍ୱାରା ମନ୍ତ୍ରୀ ପରିଷଦକୁ ସେ କୌଣସି ବିଷୟର ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି, କିନ୍ତୁ ଅବଶ୍ୟ ଶେଷରେ ମନ୍ତ୍ରୀ ପରିଷଦର ନିଷ୍ପତ୍ତିକୁ ସେ ତଥାସ୍ତୁ ବୋଲି କହି ମାନିନେବାକୁ ବାଧ୍ୟ । ଦେଶକୁ ସାମ୍ବିଧାନିକ ପଥରେ ଆଗେଇ ନେବା ପାଇଁ ରାଷ୍ଟ୍ରପତି ଏହିପରି ଭୂମିକା ହିଁ ଗ୍ରହଣ କରିପାରିବେ, ମନ୍ତ୍ରୀ ପରିଷଦର ନିଷ୍ପତ୍ତିକୁ ଅବଜ୍ଞା ବା ତାଚ୍ଛଲ୍ୟ କରିବା ଅସାମ୍ବିଧାନିକ, କିନ୍ତୁ ଯେତେବେଳେ ପର୍ଯ୍ୟନ୍ତ ସେ ମନ୍ତ୍ରୀ ପରିଷଦ ନିଷ୍ପତ୍ତି ସହ ଏକମତ ହୋଇ ନ ପାରିବେ, ସେତେବେଳେ ପର୍ଯ୍ୟନ୍ତ ନିଜର ଦ୍ୱିଧା, ଆପତ୍ତି ନ ଜଣାଇ ମନ୍ତ୍ରୀ ପରିଷଦର ନିଷ୍ପତ୍ତି ପୁନର୍ବିଚାର ପାଇଁ ଦାବୀ ନ କରିବା ମଧ୍ୟ ତାଙ୍କ ପକ୍ଷରେ କର୍ତ୍ତବ୍ୟାନୁଷ୍ଠାନକୁ ତ୍ୟାଗ କରିବା ଭଳି ବର୍ଜନୀୟ । ଏହି ନିଷ୍ପତ୍ତିର ପୁନର୍ବିଚାର ଦାବୀ କରିବା ଅଧିକାରଟି ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ ଭଳି ଜଣାପଡୁଥିଲେ ମଧ୍ୟ ଏକ ନିଗୂଢ଼ କୌଶଳ ବୋଲି ସ୍ୱୀକୃତ ।

ରାଷ୍ଟ୍ରର ମୁଖ୍ୟ ଏବଂ ତାଙ୍କର ମନ୍ତ୍ରୀମାନଙ୍କ ମଧ୍ୟରେ ରହିଥିବା ଯୋଗସୂତ୍ରଟି ସମ୍ବିଧାନର ୭୮ ଧାରାରେ ସ୍ପଷ୍ଟ ଅଥଚ ଉପଯୁକ୍ତ ଭାବରେ ବୁଝାଇ ଦିଆଯାଇଛି ଏବଂ ଏହା ହିଁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସଂପର୍କର ମୂଳଭିତ୍ତି । ଭାରତୀୟ ସମ୍ବିଧାନର ଭିତ୍ତିଭୂମି ବ୍ରିଟିଶ ପରଂପରା ଅନୁସାରେ ରାଷ୍ଟ୍ରପତିଙ୍କୁ ସାମ୍ବିଧାନିକ କର୍ତ୍ତବ୍ୟ ସୁରୂପେ ପାଳନ କରିବାକୁ ହେଲେ ଶାସନର ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କୁ ଯେଉଁ ଦାୟିତ୍ୱ ପାଳନ କରିବାକୁ ପଡିବ ତାହା ତିନିଗୋଟି ପଦକ୍ଷେପରେ ବୁଝାଯାଇଛି, ଯଥା:—(୧) ପ୍ରଧାନମନ୍ତ୍ରୀ ତାଙ୍କ ମନ୍ତ୍ରୀପରିଷଦର ସବୁ ନିଷ୍ପତ୍ତିକୁ ଯଥାଶୀଘ୍ର ରାଷ୍ଟ୍ରପତିଙ୍କୁ ଅବଗତ କରାଇଦେଇପାରିବେ ଏବଂ ଫଳରେ ରାଷ୍ଟ୍ରପତି ତାଙ୍କ ନିମନ୍ତେ ତାଙ୍କର ସରକାର କିଭଳି କାର୍ଯ୍ୟ କରୁଛନ୍ତି ତାହା ଜାଣି ପାରିବେ ଏବଂ ରାଷ୍ଟ୍ରର ହିତ ନିମନ୍ତେ ସେହି କାର୍ଯ୍ୟକୁ ପ୍ରଭାବିତ କରିପାରିବେ, (୨) କେନ୍ଦ୍ରର ଶାସନ ସଂପର୍କରେ ଏବଂ ନୂତନ ଆଇନ ପ୍ରଣୟନ ବିଷୟରେ ରାଷ୍ଟ୍ରପତି ଯେଉଁ ସବୁ ତଥ୍ୟ ଓ ସୂଚନା ଜାଣିବାକୁ ଚାହିଁବେ ତାହା ସେ ସମ୍ବନ୍ଧରେ ସମସ୍ତ ବିଷୟ ଜଣାଇବାକୁ ପ୍ରଧାନମନ୍ତ୍ରୀ କର୍ତ୍ତବ୍ୟ ଦ୍ୱାରା ଆବଦ୍ଧ, (୩) କୌଣସି ବିଷୟରେ ଯଦି କୌଣସି ମନ୍ତ୍ରୀ କିଛି ନିଷ୍ପତ୍ତି ନେଇଥାଆନ୍ତି ଓ ରାଷ୍ଟ୍ରପତିଙ୍କ ବିଚାରରେ ମନ୍ତ୍ରୀ ପରିଷଦ ଦ୍ୱାରା ସେହି ବିଷୟର ପୁନର୍ବିଚାରର ଆବଶ୍ୟକତା ରହିଛି, ତେବେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ସେଥିନିମନ୍ତେ ମନ୍ତ୍ରୀପରିଷଦର ପୁନର୍ବିଚାର ନିମନ୍ତେ ଅନୁରୋଧ କରିପାରିବେ ।

ଏଥିରୁ ଜଣାପଡ଼େ ଯେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ପାରସ୍ପରିକ ଓ ବାସ୍ତବ ଘନିଷ୍ଠ ସହଯୋଗ ରହିବ ବୋଲି ସମ୍ବିଧାନ ପ୍ରଣେତାମାନେ ମୌଳିକ କଳ୍ପନା କରିଥିଲେ ।

ମନ୍ତ୍ରୀପରିଷଦକୁ ବୁଝାଇବା ଏବଂ କୌଣସି ଅସମ୍ବିଧାନିକ ପଦକ୍ଷେପ ବିରୁଦ୍ଧରେ ସମସ୍ତ ତଥ୍ୟ ସହ ନିଜର ମତାମତ ସ୍ପଷ୍ଟ ଭାବରେ ଜଣାଇ ସେହି ପଦକ୍ଷେପର ପୁନର୍ବିଚାର ନିମନ୍ତେ ଅନୁରୋଧ ଜଣାଇବା ପାଇଁ ନିଜର କର୍ତ୍ତବ୍ୟ ପାଳନ କରିବା ନିମନ୍ତେ ସବୁଠାରୁ ବେଶୀ ଆବଶ୍ୟକ ହେଉଛି ଯେ ରାଷ୍ଟ୍ରପତି ସେହି ସବୁ ତଥ୍ୟ ଔପଚାରିକ ଭାବେ ପ୍ରଧାନମନ୍ତ୍ରୀଙ୍କ ଠାରୁ ପାଇବେ । ଅଭିଜ୍ଞ ଓ ବିଶିଷ୍ଟ ଉପଦେଷ୍ଟା ଏବଂ ଏକ ନିଶ୍ଚିତ ଏବଂ ମହାନ କ୍ଷମତା ରୂପେ ବ୍ୟବହୃତ ହେବା ନିମନ୍ତେ ଯେଉଁ ସତ୍ୟଭିତ୍ତିକ ଏବଂ ତଥ୍ୟ ଆଧାରିତ ସୂଚନା ଆବଶ୍ୟକ, ରାଷ୍ଟ୍ରପତି ତାହା ଶାସନର ସର୍ବୋଚ୍ଚକର୍ତ୍ତାଙ୍କଠାରୁ ହିଁ ଅବଗତ ହୋଇପାରିବେ ଏବଂ ଏହି ସମ୍ବାଦ ମାଧ୍ୟମରେ ହିଁ ସେ ନିଜର ପଦବୀର ସାମ୍ବିଧାନିକ ମର୍ଯ୍ୟାଦା ଓ ଦାୟିତ୍ୱ ତୁଲେଇ ପାରିବେ । ସେ ରାଷ୍ଟ୍ରର ମନ୍ତ୍ରୀପରିଷଦକୁ କିପରି ସମ୍ବିଧାନ-ସମ୍ମତ ପଦକ୍ଷେପ ନେବାପାଇଁ ପ୍ରୋତ୍ସାହନ ଦେଇପାରିବେ ବା ସମ୍ବିଧାନ-ବିରୋଧୀ କାର୍ଯ୍ୟ ବିରୋଧରେ ସାବଧାନ କରାଇପାରିବେ ? ଏହିଭଳି କାର୍ଯ୍ୟ ନିମନ୍ତେ ସେ ତ ଆଉ ଭାବଗତ ଧ୍ୟାନ ବା ତପସ୍ୟା ଦ୍ୱାରା ପ୍ରାପ୍ତ ଜ୍ଞାନର ବ୍ୟବହାର କରିପାରିବେ ନାହିଁ । ସମ୍ବାଦପତ୍ରରେ ପ୍ରକାଶିତ ବା ବିରୋଧୀଦଳଦ୍ୱାରା ପ୍ରଚାରିତ ସମ୍ବାଦ ମଧ୍ୟ ସଂପୂର୍ଣ୍ଣ ଏକ ଅକଳୁଷିତ ସତ୍ୟ ବୋଲି ଗ୍ରହଣ କରିବା ରାଷ୍ଟ୍ରପତିଙ୍କ ନିମନ୍ତେ ସମୀଚୀନ ହେବନାହିଁ । ସରକାରୀ ଭାବେ ସବୁ ତଥ୍ୟ ମଧ୍ୟ ପ୍ରାକୃତିକ ନଦୀର ସ୍ରୋତଧାରାପରି ରାଷ୍ଟ୍ରପତି ଭବନକୁ ପ୍ଲାବିତ କରୁଥିବ ବୋଲି ଆଶାକରିବା ବିଡ଼ମ୍ବନା ମାତ୍ର । ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ପରି ତାଙ୍କ ଆବାସକୁ ଆସିଥିବା ସମ୍ବାଦର ନିଶ୍ଚିତ ଏବଂ ଅବିମିଶ୍ରିତ ସତ୍ୟତାର ଭିତ୍ତି ମଧ୍ୟ ଏକାଭଳି ପ୍ରାମାଣିକ ଏବଂ ନିର୍ଭର ହେବା ଆବଶ୍ୟକ ଅଟେ । ତେଣୁ ରାଷ୍ଟ୍ରପତି ତାଙ୍କ କର୍ତ୍ତବ୍ୟ ସଂପାଦନ କରିବା ଦାୟିତ୍ୱର ଅନୁପୂରକ ରୂପେ ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ସମ୍ବାଦର ପ୍ରାମାଣିକତା ଏବଂ ନିର୍ଭରଶୀଳତାର ଦାୟିତ୍ୱ କେବଳ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ଆଉ କାହାର ହୋଇପାରେ ? ଏହା ସମ୍ବିଧାନରେ ସ୍ପଷ୍ଟ ଓ ଦ୍ୱିଧା-ବିହୀନ ଭାବରେ ଉଲ୍ଲିଖିତ ।

ସମ୍ବିଧାନର ୭୮ ଧାରା ରାଷ୍ଟ୍ରପତିଙ୍କୁ କର୍ମତତ୍ପର କରି ଗଢିଛି, ସାମ୍ବିଧାନିକ ପ୍ରହରୀ ଭାବେ ତାଙ୍କର ଜାଗ୍ରତ ସ୍ଥିତିକୁ କାଏମ କରିପାରିଛି ଏବଂ ତାଙ୍କର ଉଚ୍ଚତମ ପଦମର୍ଯ୍ୟାଦାର ଗୌରବ ରକ୍ଷାକରୁଛି । ତେଣୁ ତାଙ୍କ ନିମନ୍ତେ ଯେଉଁ ସମ୍ବାଦ ବା ତଥ୍ୟ ଆବଶ୍ୟକ ତାହା ନ ଦେବା ବା ଦେବାରେ ଟାଳଟୁଳ କରିବାଟା ଅସମୀଚୀନ ଓ ଅଯୌକ୍ତିକ । ଏଠାରେ ସ୍ମରଣ କରିବା ଆବଶ୍ୟକ ଯେ

ରାଷ୍ଟ୍ରପତି ରାଷ୍ଟ୍ରର ସବୁଠାରୁ ବେଶୀ ସମ୍ମାନିତ ନିର୍ବାଚନମଣ୍ଡଳୀଦ୍ୱାରା ନିର୍ବାଚିତ ହୋଇ ବିରାଟ ଓ ଅବର୍ଣ୍ଣନୀୟ କ୍ଷମତାର ଅଧିକାରୀ, ଯଦିଓ ବର୍ଣ୍ଣିତ କୌଣସି ଯୁକ୍ତିଦ୍ୱାରା ଗୋଟିଏ ନିରାଟ ସତ୍ୟକୁ ଲୁଗ୍ଲଇହେବ ନାହିଁ ଏବଂ ତାହା ହେଉଛି ଯେ ରାଷ୍ଟ୍ରପତିଙ୍କ ସାର୍ବଭୌମତ୍ୱର ଅସ୍ତିତ୍ୱ କେବଳ ମନ୍ତ୍ରୀ ପରିଷଦର ଶାସନର ପରିସର ଭିତରେ ଆବଦ୍ଧ ଅଟେ । ଅତ୍ୟନ୍ତ ଅଳ୍ପ କେତେକ କାର୍ଯ୍ୟ ବ୍ୟତୀତ ରାଷ୍ଟ୍ରପତି ସର୍ବଦା ମନ୍ତ୍ରୀପରିଷଦର ଉପଦେଶ ମାନି ଚଳିବାକୁ ବାଧ୍ୟ ଅଟନ୍ତି । ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି ଦେଲାବେଳେ ବା କୌଣସି ଅଭାବନୀୟ ପରିସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କୁ ବରଖାସ୍ତ କଲାବେଳେ ଅଥବା ପ୍ରଧାନମନ୍ତ୍ରୀଙ୍କର ଅକସ୍ମାତ ମୃତ୍ୟୁପରେ ରାଷ୍ଟ୍ରପତି ମନ୍ତ୍ରୀ ପରିଷଦର ନିର୍ଦ୍ଦେଶ ବିନା କାର୍ଯ୍ୟ କରିପାରିବେ । ଏପରିକି ଯଦି ମନ୍ତ୍ରୀ ପରିଷଦ ରାଷ୍ଟ୍ରପତିଙ୍କୁ ନିଜ ଇସ୍ତଫା ଦେବା ପାଇଁ କହିବେ, ରାଷ୍ଟ୍ରପତି ନିଜ ପଦରୁ ତେବେ ଇସ୍ତଫା ଦେବା ହିଁ ନିୟମସିଦ୍ଧ ଅଟେ ।

ବହୁବର୍ଷତଳେ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ତତକାଳୀନ ଅଟର୍ଣ୍ଣି ଜେନେରାଲ ଶ୍ରୀ ଶୀତଳବାଦ, ଭାରତର ରାଷ୍ଟ୍ରପତି ଏବଂ ବ୍ରିଟିଶ୍ ସମ୍ରାଟଙ୍କ ଭିତରେ ରହିଥିବା ଗୋଟିଏ ନିର୍ଦ୍ଦିଷ୍ଟ ତଥା ମୌଳିକ ପାର୍ଥକ୍ୟ ବିଷୟରେ ସୂଚନା ଦେଇଥିଲେ । ସେହି ପାର୍ଥକ୍ୟଟି କୌଣସି ପରିସ୍ଥିତିରେ ବିସ୍ମରଣ ହେବା ଅନୁଚିତ । ଭାରତର ରାଷ୍ଟ୍ରପତି କାହାର ମନୋନୀତ ବା ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ପଦବୀର ଅଧିକାରୀ ନୁହନ୍ତି । ଏହା ଭାରତର ଶ୍ରେଷ୍ଠତମ ଏବଂ ବିଜ୍ଞତମ ନିର୍ବାଚନମଣ୍ଡଳୀ ଦ୍ୱାରା ନିର୍ବାଚିତ ପଦବୀ ଏବଂ ଏହା ଏକ ମହାନ ପରମ୍ପରା ଏବଂ ଅସୀମ କ୍ଷମତାର ପ୍ରତୀକ । ସେ କୌଣସି ପ୍ରକାରର ସାକ୍ଷୀ ଗୋପାଳ ନୁହନ୍ତି । ତେଣୁ ତାଙ୍କର ପରିପକ୍ୱ ଓ ପରିଣତ ଅନୁଭୂତି ଏବଂ ବିଜ୍ଞ ଉପଦେଶ ଦ୍ୱାରା ସେ ମନ୍ତ୍ରୀପରିଷଦର କାର୍ଯ୍ୟ କୁଶଳତାକୁ ପ୍ରଭାବିତ ଏବଂ ପରିଚାଳିତ କରିବେ ବୋଲି ସମ୍ବିଧାନପ୍ରଣେତାମାନେ ଆଶା ପ୍ରକାଶ କରିଛନ୍ତି ଏବଂ ସେଥି ନିମନ୍ତେ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।

ରାଷ୍ଟ୍ରପତିଙ୍କ ଅଧିକାର ଓ କର୍ତ୍ତୃତ୍ୱ ଏକ ବାଗାଡ଼ମ୍ବର ତଥା ନିଃସାର ବସ୍ତୁ ହେଲେ ମଧ୍ୟ, ତାର ଅବଶିଷ୍ଟାଂଶ ଏକାଧାରରେ ବାସ୍ତବ ଏବଂ ଗୁରୁତ୍ୱପୂର୍ଣ୍ଣ । ତାଙ୍କର ସାଧାରଣ କର୍ତ୍ତବ୍ୟ ଓ ପଦାଧିକାର ବଳରେ ବିଶେଷ କର୍ତ୍ତବ୍ୟ ଓ ଅଧିକାର ତାଙ୍କୁ ସମ୍ବିଧାନ ଦ୍ୱାରା ନ୍ୟାସ ସ୍ୱରୂପ ପ୍ରଦତ୍ତ । ସେହି ନ୍ୟାସର ନିର୍ବାହ କରିବା ନିମନ୍ତେ, ସେ ଶପଥ ଗ୍ରହଣ କରନ୍ତି ଯେ,

"Will to the best of my ability Preserve, Protect and defend the Constitution and the law and that I will devote myself to the service and well-being of the people of India".

ଏହିପରି ବ୍ୟାପକ ଶପଥ ଭାରତୀୟ ସମ୍ବିଧାନ ଅନ୍ୟ କୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ନେବାକୁ କହେ ନାହିଁ । ଏପରିକି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନେ ସମ୍ବିଧାନର ନିର୍ଦ୍ଦେଶ ଅନୁସାରେ କର୍ତ୍ତବ୍ୟ ସଂପାଦନ କରିବାକୁ ଶପଥ ନେବାବେଳେ, କେବଳ ରାଷ୍ଟ୍ରପତି ହିଁ ସମ୍ବିଧାନକୁ ରକ୍ଷା କରିବାକୁ ଶପଥ ନେଇଥାଆନ୍ତି । ରାଷ୍ଟ୍ରପତି ସମ୍ବିଧାନକୁ ରକ୍ଷା କରନ୍ତି, ଉଭୟ ବହିରାକ୍ରମଣ ଓ ଅଭ୍ୟନ୍ତରୀଣ ବିପଦଠାରୁ ସେ ସମ୍ବିଧାନକୁ ରକ୍ଷା କରିବେ ଏବଂ ଶପଥ ନେଇ କେବଳ ରାଷ୍ଟ୍ରପତି ହିଁ ଭାରତର ଜନସାଧାରଣଙ୍କ ସେବା ନିମନ୍ତେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି । ସମ୍ବିଧାନର ପ୍ରଣେତାମାନେ ରାଷ୍ଟ୍ରପତିଙ୍କୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖି ଦେଶ ଓ ଜାତି ନିମନ୍ତେ ଉତ୍ସର୍ଗୀକୃତ ଏପରି ଏକ ଉଚ୍ଚ ସ୍ୱପ୍ନ ରଚନା କରିଛନ୍ତି ଯେ ସେହି ସ୍ୱପ୍ନର ମାନବ ନିମନ୍ତେ ଗୁରୁ ଦାୟିତ୍ୱ ଏବଂ ଅସୀମ କ୍ଷମତା ସ୍ୱତଃ ପ୍ରବୃତ୍ତ ବୋଲି ମନେହୁଏ ।

ତେଣୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କର ସଂପର୍କ ସହ ସୁଖମୟ ଏବଂ ଚଳମାନ ହେବା ଆବଶ୍ୟକ । ପରସ୍ପର ଭାବ ବିନିମୟ ଗଣତନ୍ତ୍ରର ଭିତ୍ତିଭୂମି । ଯଦି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ସେ ପ୍ରକାର ଭାବ ବିନିମୟ ବନ୍ଧୁତ୍ୱପୂର୍ଣ୍ଣ ଭାବରେ ହେବାରେ କୌଣସି ଅସୁବିଧା ସୃଷ୍ଟି ହୁଏ ତେବେ ଗଣତାନ୍ତ୍ରିକ ପ୍ରଣାଳୀ ଏବଂ ସଂବିଧାନିକ ନିର୍ଦ୍ଦେଶର ଉଦ୍ଦେଶ୍ୟ ସଂପୂର୍ଣ୍ଣ ନହେଲେ ମଧ୍ୟ ଆଂଶିକ ଭାବରେ ବ୍ୟାହତ ହେବ ।

କେତେକ ସମ୍ବିଧାନବିତ୍ ଯୁକ୍ତି କରନ୍ତି ଯେ ସମ୍ବିଧାନର ୭୮ ଧାରା, ୭୪ ଧାରା ଦ୍ୱାରା ପ୍ରଭାବିତ ହେବା ଉଚିତ । ସେମାନଙ୍କ ମତରେ, ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କଠାରୁ କେବଳ ସେହି ସମ୍ବାଦ ଓ ତଥ୍ୟ ଜାଣିବାକୁ ଚାହିଁପାରିବେ, ଯାହା ପ୍ରଧାନମନ୍ତ୍ରୀ ମନ୍ତ୍ରୀପରିଷଦର ସମ୍ମତି ସହ, ରାଷ୍ଟ୍ରପତିଙ୍କୁ ଜଣାଇବାକୁ ଚାହିଁବେ । ଅନ୍ୟ ଭାଷାରେ କହିବାକୁ ଗଲେ, ପ୍ରଶ୍ନକର୍ତ୍ତା ଉତ୍ତରଦାତାଙ୍କ ସମ୍ମତି ତଥା ଅନୁମତି ସହ, ଉତ୍ତରଦାତାଙ୍କୁ ସେହି ପ୍ରଶ୍ନ ପଚାରିପାରିବେ, ଯାହା ପଚାରିବାକୁ ଉତ୍ତରଦାତା କହିବେ । ଏହା ଏକ ଅଦ୍ଭୁତ ଖିଆଲ ବୋଲି ମନେ ହେଲେ ମଧ୍ୟ ଅନେକାଂଶରେ ସତ୍ୟ । ସାଧାରଣ ପରିସ୍ଥିତିରେ, ରାଷ୍ଟ୍ରପତି ମନ୍ତ୍ରୀପରିଷଦ ଦେଇଥିବା ପରାମର୍ଶ ଅନୁସାରେ ପରାମର୍ଶରେ ନିର୍ଦ୍ଧାରିତ ହୋଇଥିବା ପରିସର ଭିତରେ ଏବଂ ପରାମର୍ଶ ମିଳିବାପରେ ହିଁ କୌଣସି କାର୍ଯ୍ୟାନୁଷ୍ଠାନ କରିପାରିବେ । ଯଦି ମନ୍ତ୍ରୀ ପରିଷଦ ପରାମର୍ଶ ନ ଦେଇଥାନ୍ତି ତେବେ ରାଷ୍ଟ୍ରପତି କୌଣସି କାର୍ଯ୍ୟ କରିବା ନିମନ୍ତେ ପଦକ୍ଷେପ ନେଇ ପାରିବେ ନାହିଁ । ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱର ଏହିପରି ଚରମ ସୀମାବଦ୍ଧୀକରଣ ସତ୍ତ୍ୱେ, ତାଙ୍କର ଉପଦେଶ ଦେବା ଦାୟିତ୍ୱ ରହିଛି ଏବଂ ମନ୍ତ୍ରୀପରିଷଦୀୟ ଶାସନକୁ ତ୍ରୁଟିବିଚ୍ୟୁତିରୁ ରକ୍ଷା କରିବା ନିମନ୍ତେ ସହୃଦୟ ହିତକାରୀ ଦୃଷ୍ଟି ରଖିବା ନିମନ୍ତେ ସେ ଶପଥ ନେଇଛନ୍ତି । ସାମ୍ବିଧାନିକ ଏହି ଦାୟିତ୍ୱଗୁଡ଼ିକ ପାଳନ କରିବା ନିମନ୍ତେ ଆବଶ୍ୟକ ହେଉଥିବା ତଥ୍ୟର ସଂପୂର୍ଣ୍ଣତା ତଥା ସତତାର ନିମ୍ନତମ ସୀମା ରହିବା ଉଚିତ ହେବନାହିଁ । ରାଷ୍ଟ୍ରପତି ମନ୍ତ୍ରୀ ପରିଷଦକୁ ଜେରା କରିପାରିବେ ନାହିଁ, କିନ୍ତୁ ଅବଶ୍ୟ ଏଥି ନିମନ୍ତେ ଅନୁସନ୍ଧାନ ସଂପୂର୍ଣ୍ଣ କରିବା ନିମନ୍ତେ ସେ ବାରମ୍ବାର ମନ୍ତ୍ରୀ ପରିଷଦକୁ ପଚାରିପାରିବେ ।

ସମ୍ବିଧାନର ୭୮ (ଖ) ଧାରାର ବିସ୍ତୀର୍ଣ୍ଣ ବ୍ୟାପ୍ତି ଓ ସୀମାହୀନ ପରିସର ଆବଦ୍ଧ ହୋଇଯାଇଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବାକ୍ୟାଂଶଦ୍ୱାରା । ରାଷ୍ଟ୍ରପତି ଯେଉଁ ତଥ୍ୟ ଓ ଁ ପଚାରିକରିବେ ଜାଣିବାକୁ ଚାହିଁବେ ତାହା (୧) କେନ୍ଦ୍ରଶାସନ ସମ୍ବନ୍ଧୀୟ ହେବା ବିଧେୟ, ଅଥବା (୨) ଆଇନ ପ୍ରଣୟନ ସକାଶେ କୌଣସି ପ୍ରସ୍ତାବ ସଂପର୍କିତ ହେବା ଉଚିତ । ଯେତେବେଳେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ କୌଣସି ତଥ୍ୟ ଯୋଗାଇଦେବାକୁ ଅନୁରୋଧ କରିବେ, ସେତେବେଳେ ସେହି ତଥ୍ୟ କେନ୍ଦ୍ର ଶାସନ ସଂପର୍କରେ (relating to the administration of the affairs of the Union) ଅଥବା ପ୍ରସ୍ତାବିତ ଆଇନ ପ୍ରଣୟନ ସଂପର୍କରେ (Proposals for legislation) ହୋଇଥିବା ଆବଶ୍ୟକ

ଅଟେ । ତା ନ ହୋଇଥିଲେ ରାଷ୍ଟ୍ରପତିଙ୍କର ଅନୁରୋଧକୁ ପ୍ରଧାନମନ୍ତ୍ରୀ ପ୍ରତ୍ୟାଖ୍ୟାନ କରିଦେଇପାରିବେ । ଏହି ଦୁଇଟି ସର୍ତ୍ତ ବ୍ୟତୀତ ଅନ୍ୟ କୌଣସି ପ୍ରତିବନ୍ଧକ ସମ୍ବିଧାନ ଚିନ୍ତା କରି ନାହିଁ । କେତେକ ଚରମପନ୍ଥୀଙ୍କ ମତରେ ରାଷ୍ଟ୍ରପତି ବିଭିନ୍ନ ରାଜ୍ୟର ପରିସ୍ଥିତି ତଥା ଶାସନ ସଂପର୍କରେ କୌଣସି ତଥ୍ୟ ପାଇବାକୁ ହକଦାର ନୁହନ୍ତି ।

ଯାହାହେଉ ଆଇନତଃ ରାଷ୍ଟ୍ରପତି ହିଁ ଶାସନ ସଂପର୍କୀୟ ସମସ୍ତ କ୍ଷମତାର ଆଧାର, ଯଦି ତସେ ସ୍ୱୟଂ ଏହି କ୍ଷମତାର କୌଣସି କ୍ଷୁଦ୍ରତମ ଅଂଶ ମଧ୍ୟ ବ୍ୟବହାର କରିପାରିବେ ନାହିଁ । ତଥାପି ମୂଳତଃ ଏହା ସ୍ୱତଃସିଦ୍ଧ ଯେ ତାଙ୍କ ସରକାର କିଭଳି ରାଷ୍ଟ୍ରଶାସନ କରୁଛନ୍ତି ତାହାର ପ୍ରତ୍ୟେକ ବିଷୟର ବିଶଦ ବିବରଣୀ ସେ ଅବଗତ ହେବେ । ରାଷ୍ଟ୍ରପତି ଓ ତାଙ୍କର ସରକାର ମଧ୍ୟରେ କୌଣସି ବିଷୟ ଗୋପନୀୟ ରହିବାର ଅବକାଶ ନାହିଁ । ସେ କେବଳ ସରକାରଙ୍କ ଆନୁଷ୍ଠାନିକ ମୁଖ୍ୟ ନୁହନ୍ତି, ସେ ସମ୍ବିଧାନର ୭୯ ଧାରା ଅନୁସାରେ ପାର୍ଲିଆମେଣ୍ଟର ମଧ୍ୟ ପ୍ରଥମ ଅଂଶ ବୋଲି ସ୍ୱୀକୃତ ହୋଇଛନ୍ତି । ତେଣୁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଭିତରେ ସାମ୍ବିଧାନିକ ପରଦା ରହିବା ସପକ୍ଷରେ କୌଣସି ଯୁକ୍ତି ନାହିଁ । ସମ୍ବିଧାନ ପ୍ରଣେତାମାନଙ୍କର ଏହି ମନୋଭାବ ହିଁ ସମ୍ବିଧାନର ୭୪ ଧାରାରେ ପ୍ରତିଫଳିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମନ୍ତ୍ରୀପରିଷଦ ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଓ ଉପଦେଶ ଦେଇ (aid and advise the President) ଶାସନ ଚଳାଇବେ । କିନ୍ତୁ ସମ୍ବିଧାନ ପ୍ରଣୟନର ଛବିଶ ବର୍ଷ ପରେ ସମ୍ବିଧାନର ସାମ୍ବିଧାନିକ ସଂଶୋଧନ କରାଗଲା ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ବେଳେ । ସେତେବେଳେ ରାଷ୍ଟ୍ରପତିଙ୍କୁ ମନ୍ତ୍ରୀ ପରିଷଦର ଉପଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ କରାଗଲା । ତା ପରେ ପରେ ୧୯୭୭ ନିର୍ବାଚନ ପରେ କଂଗ୍ରେସ ଦଳ ପରାଜିତ ଓ ଛିନ୍ନଭିନ୍ନ ହୋଇଯିବା ପରେ ଜନତା ଦଳ ଯେଉଁ ସରକାର ଗଢ଼ିଲେ, ତାର ନେତୃତ୍ୱରେ ମଧ୍ୟ ଏହି ଧାରାର ଯେଉଁ ସାମ୍ବିଧାନିକ ସଂଶୋଧନ କରାଗଲା, ସେଥିରେ ମଧ୍ୟ ରାଷ୍ଟ୍ରପତିଙ୍କୁ ମନ୍ତ୍ରୀ ପରିଷଦର ଉପଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ କରାଯିବା ବିଷୟରେ ପୁନରାବୃତ୍ତି ହୋଇଥିଲା । ତେଣୁ ଏହା ସ୍ପଷ୍ଟ ଯେ ଭାରତୀୟ ଜନସାଧାରଣ କ୍ରମେ ସମ୍ବିଧାନର ଜନକମାନଙ୍କର ଚିନ୍ତାଧାରାରୁ ପୃଥକ ଚିନ୍ତା କରୁଛନ୍ତି । ଏହି ପୃଥକ ଚିନ୍ତା କରୁଥିବା ଜନସାଧାରଣ ଦଳ ଗଡ଼ି ରାଜନୀତିର ସୀମା ଡେଇଁ ଯାଇଥିବାରୁ ଏହାକୁ ଭାରତୀୟ ଜନତାର ଐତିହାସିକ ରାୟ ବୋଲି ବୁଝାଯାଇପାରିବ । ଏହି ରାୟ ଅନୁସାରେ କୌଣସି ଜଣେ ବ୍ୟକ୍ତିବିଶେଷ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇ ନ ପାରେ ରାଷ୍ଟ୍ରପତି ମଧ୍ୟ ସେହି ନିୟମ ଭିତରେ ହିଁ ରହିପାରିବେ ।

ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ବା ଅନ୍ୟ ମନ୍ତ୍ରୀମାନେ ଦେଇଥିବା ଉପଦେଶର ଗୋପନୀୟତା ରକ୍ଷା କରିବା ନିମନ୍ତେ ସମ୍ବିଧାନର ୭୪ (ଖ) ଧାରା ଯଥେଷ୍ଟ ପଦକ୍ଷେପ ନେଇଛି । କୌଣସି ବିଚାରାଳୟ ବା ଅଦାଲତରେ ପରିସୀମାର ବହିର୍ଭୂତ ଏହି ଉପଦେଶ ସଦା ସର୍ବଦା ଗୋପନୀୟ ଓ ଲେଖକଲେଖକର ଅନ୍ତରାଳରେ ହିଁ ରହିବ । ତେଣୁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସଂପର୍କ ଘନିଷ୍ଠ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ବିଶ୍ୱାସଯୋଗ୍ୟ ଭଳିଆ ନୈରାଶ୍ୟ ମୁକ୍ତ ହୋଇ ସାବଲୀଳ ଏବଂ ସୁସ୍ଥ ପରିବେଶରେ ରହିବ ବୋଲି ସମ୍ବିଧାନର ପ୍ରଣେତାମାନେ ଆଶା କରିଥିଲେ ।

ଯୁକ୍ତରାଷ୍ଟ୍ର, ଆମେରିକାର ରାଷ୍ଟ୍ରପତିଙ୍କର ଅଖଣ୍ଡ, ଅବାଧ ଓ ସର୍ବଶକ୍ତିମାନ କ୍ଷମତା ତୁଳନାରେ ଭାରତର ରାଷ୍ଟ୍ରପତିଙ୍କର କାର୍ଯ୍ୟଧାରା ସୀମିତ ଏବଂ ଅଧିକାର ଓ ଦାୟିତ୍ୱ ମଧ୍ୟ ସୀମାବଦ୍ଧ । ତଥାପି ସେହି ଅଧିକାର ଓ ଦାୟିତ୍ୱ ଅତ୍ୟନ୍ତ ପ୍ରଭାବଶାଳୀ । ସେହି କ୍ଷମତା ବଳରେ ରାଷ୍ଟ୍ରପତି କ'ଣ ପ୍ରଧାନମନ୍ତ୍ରୀଙ୍କୁ ବରଖାସ୍ତକରି ଦେଇପାରିବେ ଅଥବା ଚରମ ପଦକ୍ଷେପନେଇ ପାର୍ଲିଆମେଣ୍ଟକୁ ଭାଙ୍ଗି ଦେଇ ନୂତନ ନିର୍ବାଚନ ନିମନ୍ତେ ଆହ୍ୱାନ ଦେଇପାରିବେ ? ଏହି ସାମ୍ବିଧାନିକ ବିଶୃଙ୍ଖଳାରୁ କବଳରୁ ରାଷ୍ଟ୍ର ଏବଂ ଜାତିକୁ ରକ୍ଷାକରିବା ନିମନ୍ତେ କ'ଣ କିଛି ଉପାୟ ନାହିଁ ?

ମନେ କରନ୍ତୁ, ଜଣେ ଏକଛତ୍ର ଶାସନାଭିଳାଷୀ ବ୍ୟକ୍ତି ନିଜର ଉଦ୍ଦେଶ୍ୟ ସଫଳତାରସହ ଗୋପନରଖି ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଗଲେ । ପାର୍ଲିଆମେଣ୍ଟର ଏକଚତୁର୍ଥାଂଶ ସଭ୍ୟ ଏହି ଖଳନାୟକଙ୍କର ପ୍ରକୃତ ସ୍ୱରୂପ ଜାଣିବାପରେ, ତାଙ୍କ ବିରୋଧରେ ଅଭିଯୋଗ ଆଣି ରାଷ୍ଟ୍ରପତିଙ୍କୁ ପଦଚ୍ୟୁତ କରିବାକୁ ପାର୍ଲିଆମେଣ୍ଟରେ ପ୍ରସ୍ତାବ ଆଣିଲେ । ପାର୍ଲିଆମେଣ୍ଟ ଏହି ପ୍ରସ୍ତାବକୁ ବିଚାର କରିବାର ଚଉଦଦିନ ଆଗରୁ ରାଷ୍ଟ୍ରପତି ପାର୍ଲିଆମେଣ୍ଟକୁ ଭାଙ୍ଗିଦେଲେ ଏବଂ ନୂତନ ଲୋକସଭା ନିର୍ବାଚନ ନିମନ୍ତେ ଆଦେଶଦେଲେ । କିନ୍ତୁ ସମ୍ବିଧାନ ଅନୁସାରେ ଏହି ଲୋକସଭା ଛଅମାସ ପର୍ଯ୍ୟନ୍ତ ବସିବା ଆବଶ୍ୟକନାହିଁ । ଏହି ଭିତରେ ରାଷ୍ଟ୍ରପତି ମନ୍ତ୍ରୀପରିଷଦକୁ ବରଖାସ୍ତକରି ନିଜ ଇଚ୍ଛାନୁସାରେ ନୂତନ ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତକଲେ । ଏହି ନୂତନ ପ୍ରଧାନମନ୍ତ୍ରୀ ବା ତାଙ୍କ ମନ୍ତ୍ରୀପରିଷଦର ସଭ୍ୟମାନେ ଛଅମାସ ପର୍ଯ୍ୟନ୍ତ ଲୋକସଭା ବା ରାଜ୍ୟସଭାର ନିର୍ବାଚିତ ସଭ୍ୟହେବାର ସାମ୍ବିଧାନିକ ଆବଶ୍ୟକତା ନାହିଁ । ଏହି ଅନ୍ତର୍ବର୍ତ୍ତୀ ସମୟ ଭିତରେ ରାଷ୍ଟ୍ରପତି ଅଧ୍ୟାଦେଶ ବଳରେ ନୂତନ ଆଇନ ପ୍ରଣୟନ କରିପାରିବେ । ସେ ଜରୁରୀକାଳୀନ ବ୍ୟବସ୍ଥା ଘୋଷଣାକରି ଯେ କୌଣସି ଅଧ୍ୟାଦେଶଦ୍ୱାରା ଆଇନ ପ୍ରଣୟନ କରିପାରିବେ ଏବଂ ଆଦାୟ ହୋଇଥିବା କରମାନଙ୍କର ବିତରଣ କଲବେଳେ ରାଜ୍ୟମାନଙ୍କୁ ତାଙ୍କ ଭାଗ ପାଇବା ଅଧିକାରରୁ ମଧ୍ୟ ବଞ୍ଚିତ କରିଦେଇପାରିବେ । ସେ ରାଜ୍ୟମାନଙ୍କୁ ଏହିପରି ନିର୍ଦ୍ଦେଶ ଦେଇପାରିବେ ଯାହା ଅମାନ୍ୟ କରିବାକୁ ରାଜ୍ୟସରକାରମାନେ ବାଧ୍ୟହେବେ ଏବଂ ଏହାରି ଫଳଶ୍ରୁତି ସ୍ୱରୂପ ସେ ରାଜ୍ୟମାନଙ୍କର ସମ୍ବିଧାନକୁ ସ୍ଥଗିତ କରିଦେଇପାରିବେ, ବେସାମରିକ ଶାସନର ସାହାଯ୍ୟ ନିମନ୍ତେ ରାଷ୍ଟ୍ରପତି ସାମରିକ ବାହିନୀକୁ ଆଦେଶ ଦେଇପାରିବେ । ସେ ଜରୁରୀ କ୍ଷମତା ବଳରେ ପ୍ରତିଷେଧାତ୍ମକ ଅଟକ ଆଇନ ପ୍ରୟୋଗକରି ତାଙ୍କ ଶାସନର ବିରୋଧୀନେତାମାନଙ୍କୁ ଅଟକବନ୍ଦୀ କରିଦେଇପାରିବେ ।

ତେଣୁ ଏହି ପରିସ୍ଥିତିରୁ ରକ୍ଷାପାଇବା ନିମନ୍ତେ ଭାରତୀୟ ଜନସାଧାରଣ ତାଙ୍କ ପ୍ରତିନିଧିମାନଙ୍କ ଜରିଆରେ ରାଷ୍ଟ୍ରପତିଙ୍କର କ୍ଷମତାର ପରିସର କ୍ରମେ କ୍ରମେ ସଂକୁଚିତ କରିଦେଇଛନ୍ତି । କୌଣସି ଜଣେ ବ୍ୟକ୍ତି ଗୋଟିଏ ଉଚ୍ଚ ପଦବୀକୁ ନିର୍ବାଚିତ ହୋଇଗଲାପରେ, ତାଙ୍କର କ୍ଷମତାଲିପ୍ସାକୁ ଖର୍ବ କରିଦେବା ନିମନ୍ତେ ସମ୍ବିଧାନରେ ଯଥେଷ୍ଟ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ହୋଇଛି ।

ସମ୍ବିଧାନ ଗୋଟିଏ ସାମଗ୍ରିକ ଦଲିଲ ଏବଂ ଏହାର ବିଭିନ୍ନ ଧାରାମାନଙ୍କର ପାରସ୍ପରିକ ସମ୍ବନ୍ଧ ସର୍ବୋତଭାବେ ସ୍ୱୀକୃତ । ଏହାର କୌଣସିଧାରା ସ୍ୱକୀୟ ମହିମାମଣ୍ଡିତ ହୋଇ ଏକକ ଐଶ୍ୱର୍ଯ୍ୟରେ ଅନ୍ୟାନ୍ୟ ଧାରାମାନଙ୍କଠାରୁ ଭିନ୍ନ କରି ନିଜ ଅର୍ଥ ପ୍ରତିପାଦିତ କରିପାରିବନାହିଁ । ସମ୍ବିଧାନର ପ୍ରତ୍ୟେକ ଧାରାର ଅନ୍ୟାନ୍ୟ ଧାରାମାନଙ୍କ ସହ ସମ୍ମିଳିତକରି ତାର ସାମୁହିକଭାବ ଏବଂ ଅର୍ଥକୁ ଗ୍ରହଣ କରିବାକୁହେବ । ସେହିପରି କଲେ ଦେଖାଯିବ ଯେ, ୭୮ (ଖ) ଧାରାରେ ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ ହିସାବରେ ରାଷ୍ଟ୍ରପତିଙ୍କୁ ଯେଉଁ ତଥ୍ୟ ଓ ସମ୍ବାଦ ଦେବାକୁ ଉଲ୍ଲେଖ କରାଯାଇଛି, ତାର ଅବାଧ ସୀମାକୁ ଖଣ୍ଡିତ କରାଯାଇଛି ସମ୍ବିଧାନର ୭୪ (୧) ଧାରାରେ ଏବଂ ସମ୍ବିଧାନର ୭୪ (୧) ଧାରାର କ୍ରମ ପରିବର୍ତ୍ତନ ଭାରତୀୟ ଜନମାନସର ବର୍ତ୍ତମାନ ମନୋଭାବର ସଫଳ ପ୍ରତିବିମ୍ବବୋଲି ସ୍ୱୀକାର କରିବା ଆବଶ୍ୟକ । ୧୯୭୬ରେ ଯେଉଁ ରାଜନୈତିକ ଦଳର ପୌରହିତ୍ୟରେ ୪୨ତମ ସଂଶୋଧନ କରାଯାଇଥିଲା, ୧୯୭୮ରେ ସେହି ଦଳର ବିରୋଧୀ ଦଳମାନଙ୍କ ପୌରହିତ୍ୟରେ ସମ୍ବିଧାନର ୪୪ତମ ସଂଶୋଧନ ହୋଇଥିଲା ଏବଂ ଉଭୟ ସଂଶୋଧନ ବସ୍ତୁତଃ ଚାହିଁଥିଲେ ଯେ, ରାଷ୍ଟ୍ରପତିଙ୍କ ଅଖଣ୍ଡ କ୍ଷମତାକୁ ସୀମିତ କରାଯାଉ । ତେଣୁ ଏହି ସଂଶୋଧନକୁ ଭାରତୀୟ ମନୋଭାବର ସଫଳ ଏବଂ ସଂପୂର୍ଣ୍ଣ ପ୍ରତିବିମ୍ବବୋଲି ସ୍ୱୀକାର କରାଯିବା କୌଣସି ଭ୍ରମାତ୍ମକ ତଥ୍ୟ ଉପରେ ପର୍ଯ୍ୟବେଶିତ ବୋଲି କୁହାଯାଇ ନ ପାରେ । ଏହିଭଳି ସ୍ୱୀକୃତ ଦେବାର ଅର୍ଥ ହେବ ଯେ ଭାରତୀୟ ସମ୍ବିଧନ କ୍ରମେ ରାଷ୍ଟ୍ରପତିଙ୍କ କ୍ଷମତାକୁ ସଂକୁଚିତ କରିଦେଇଥିବାବେଳେ, ମନ୍ତ୍ରୀ ପରିଷଦ ତଥା ପ୍ରଧାନମନ୍ତ୍ରୀଙ୍କୁ ଅଧିକତର କ୍ଷମତା ପ୍ରଦାନ କରିଦେଇଛି ।

ଏହି ମନୋଭାବର ସିଧାସଳଖ ପ୍ରତିକ୍ରିୟା ହେଉଛି ଯେ, ରାଷ୍ଟ୍ରପତି ତାଙ୍କର ପ୍ରତ୍ୟେକକାର୍ଯ୍ୟ ମନ୍ତ୍ରୀ ପରିଷଦର ସମର୍ଥନ ଓ ସମ୍ମତିସହ ହିଁ କରିପାରିବେ ଏବଂ ତେଣୁ ସେ ଚାହୁଁଥିବା ତଥ୍ୟ ମଧ୍ୟ ମନ୍ତ୍ରୀପରିଷଦର ଇଚ୍ଛା ବିରୁଦ୍ଧ ହୋଇ ନପାରେ । ମନ୍ତ୍ରୀ ପରିଷଦ ଇଚ୍ଛାକଲେ ରାଷ୍ଟ୍ରପତିଙ୍କୁ ମଧ୍ୟ କୌଣସି ନିର୍ଦ୍ଦିଷ୍ଟତଥ୍ୟ ଯୋଗାଇଦେବାକୁ ନାସ୍ତି କରିଦେଇପାରେ ଏବଂ ତାପରେ ରାଷ୍ଟ୍ରପତି ଆଉଥରେ ମନ୍ତ୍ରୀପରିଷଦକୁ ତାଙ୍କର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିପାରନ୍ତି । ଏହି ବିଚାର ଧାରାହିଁ ସମ୍ବିଧାନ ସମ୍ମତ ।


ଏ ବିଷୟରେ ବିଭିନ୍ନ ପତ୍ରପତ୍ରିକାରେ ଅନେକ ନେତା, ବିଚାରପତି ତଥା ରାଜନୀତିବିଜ୍ଞାନବିତ୍‌ମାନେ ଆଲୋଚନା କରିଛନ୍ତି ଏବଂ କେତେକଙ୍କ ମତରେ ରାଷ୍ଟ୍ରପତିଙ୍କର ତଥ୍ୟ ସଂଗ୍ରହକରିବା ଅଧିକାର ଅସୀମ ଏବଂ ପ୍ରଧାନମନ୍ତ୍ରୀଙ୍କର ଦାୟିତ୍ୱ ହେଉଛି ଯେ, ରାଷ୍ଟ୍ରପତିଙ୍କର ଆବଶ୍ୟକ ହେଉଥିବା ସମସ୍ତତଥ୍ୟ ନିରନ୍ତର ଓ ସଂପୂର୍ଣ୍ଣ ଭାବରେ ସଂକଳନକରି ତାଙ୍କ ସମୀପରେ ଉପସ୍ଥାପନାକରିବା । କିନ୍ତୁ ଏହିମତ ସାଧାରଣ ଦୃଷ୍ଟିରେ ଉପଯୁକ୍ତ ଏବଂ ସ୍ପୃହଣୀୟ ବୋଲି ମନେହେଉଥିଲେ ହେଁ ସମ୍ବିଧାନର ପରିପୋଷକ ନୁହେଁ । ସମ୍ବିଧାନର ବର୍ତ୍ତମାନ ଥିବା ଆକୃତି ଏବଂ ପରିସର ମଧ୍ୟରେ ଏହିପରି ବିଚାରଧାରା ଖାପଖାଉନାହିଁ । ୭୪ (୧) ଧାରାର ଯେଉଁ ସଂଶୋଧନ କରାଯାଇଛି ତାହାର ସଂପୂର୍ଣ୍ଣ ପ୍ରତ୍ୟାହାରକରି ସେହି ଧାରାର ୧୯୭୬ ପୂର୍ବ ଅବସ୍ଥାକୁ ଫେରାଇ ନ ନେବା ପର୍ଯ୍ୟନ୍ତ ରାଷ୍ଟ୍ରପତି ତାଙ୍କର ସଂକୁଚିତ କ୍ଷମତା ତଥା ଅଧିକାର ଭିତରେ ରହିବା ସାମ୍ବିଧାନିକ ହେବ ।

ବ୍ୟକ୍ତିତ୍ୱର ସଂଘର୍ଷ ତଥା ଭାରତର ଉଚ୍ଚତମ ଦୁଇ ପଦାଧିକାରୀଙ୍କ ମଧ୍ୟରେ କ୍ଷମତାର ଅନ୍ତର୍ଦ୍ୱନ୍ଦ୍ୱ ଦୃଷ୍ଟିରୁ ବିଚାର ନକରି ଏହି ପ୍ରଶ୍ନର ସମ୍ବିଧାନ ଦୃଷ୍ଟିରୁ ତାତ୍ତ୍ୱିକ ଆଲୋଚନା କରିବା ନିମନ୍ତେ, ସମ୍ବିଧାନର ୧୪୩ (୧)ଧାରା ଅନୁସାରେ, ଯେହେତୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରଶ୍ନର ଯଥେଷ୍ଟ ଗୁରୁତ୍ୱ ରହିଛି, ଭାରତର ରାଷ୍ଟ୍ରପତି ଏ ସମ୍ବନ୍ଧରେ ସୁପ୍ରିମ କୋର୍ଟର ମତନେବା ଆବଶ୍ୟକହେବ । ଏହି ବିବାଦମାନ ପ୍ରଶ୍ନର ପ୍ରାମାଣ୍ୟ ଏବଂ ନିର୍ଭରଯୋଗ୍ୟ ଉତ୍ତର ନ ମିଳିବା ପର୍ଯ୍ୟନ୍ତ ସଂବିଧାନ ବେତ୍ତା ଏବଂ ରାଜନୀତି ବିଜ୍ଞାନୀଙ୍କ ଖୋଜ ଚାଲିଥିବ ।

ଯେହେତୁ ପୃଷ୍ଟ ପ୍ରଶ୍ନର ପରିସର ବାହାରକୁଯାଇ ଅନ୍ୟାନ୍ୟ ଆପେକ୍ଷିକ ତଥା ସମ୍ବନ୍ଧଯୁକ୍ତ ପ୍ରଶ୍ନର ଆଲୋଚନା କରିବା ଅଧିକାର ସୁପ୍ରିମକୋର୍ଟଙ୍କର ନାହିଁ, ତେଣୁ ରାଷ୍ଟ୍ରପତିହିଁ କେଉଁ ପ୍ରଶ୍ନ ପଚାରିହେବ ତାର ଗଠନ ପ୍ରଣାଳୀ, ଭାଷା ଏବଂ ଭାବନିର୍ଣ୍ଣୟ କରିବେ, ଯେପରିକି ଉତ୍ତର ଯଥେଷ୍ଟ ତଥା ସୀମାବଦ୍ଧହୋଇ ରହିବ ।

ତଥ୍ୟ ସଂଗ୍ରହ ସଂପର୍କରେ ରାଷ୍ଟ୍ରପତିଙ୍କ ଅଧିକାର ସଂପୂର୍ଣ୍ଣ ଏବଂ ଅବାଧହେଲେ ମଧ୍ୟ, ସେ ସେହି ସମ୍ବନ୍ଧରେ ସଚେତନ ଏବଂ ବାଛି ବାଛି ମନୋନୟନ କରିବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ସେହି ପ୍ରଶ୍ନର ଉତ୍ତର ଦେବାକୁ ଗୋଟିଏ ବୋଝ-ବୋଲି ବିଚାରକରିବା ଉଚିତନୁହେଁ । କିମ୍ବା ସେହିଭଳି ବିଚାର-କରିବା ନିମନ୍ତେ ଅବସର ମିଳିବା ଅନୁଚିତ୍ । ସେଥିନିମନ୍ତେ ରାଷ୍ଟ୍ରପତି ନିଜର କାର୍ଯ୍ୟପରିସର ସୀମିତ କରିବା ଆବଶ୍ୟକହେବ । ପ୍ରକୃତରେ ପ୍ରଧାନମନ୍ତ୍ରୀ ଲୋକସଭା ଓ ରାଜ୍ୟସଭାରେ ପ୍ରଶ୍ନ କରାଯାଉଥିବା ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦେବାକୁ ବାଧ୍ୟ । ଯଦି କୌଣସିତଥ୍ୟ ବା ଉତ୍ତର ପାର୍ଲିଆମେଣ୍ଟରେ ଦେଶର ସ୍ୱାର୍ଥ ଦୃଷ୍ଟିରୁ ବା ଅନ୍ୟ କୌଣସି କାରଣ ଯୋଗୁଁ ଦେଉନାହାନ୍ତି, ସେହିପରି ତଥ୍ୟ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଦେବାକୁ ଦ୍ୱିଧାକଲେ ରାଷ୍ଟ୍ରପତି ସେହି ଦ୍ୱିଧାପ୍ରତି ସମ୍ମାନ ଦେଖାଇବା ଉଚିତ୍‌ହେବ । ଏହିଭଳି ଦ୍ୱିଧାର ସୀମାରେଖା ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କର ବ୍ୟକ୍ତିଗତ ସଂପର୍କ ଏବଂ ବ୍ୟକ୍ତିତ୍ୱ ଉପରେ ହିଁ ନିର୍ଭରକରେ । ଏହି ସୀମାରେଖା କୌଣସି ଲିଖିତ ବା ସାମ୍ବିଧାନିକ ନିୟମ ବା ବ୍ୟବସ୍ଥା ଉପରେ ନିର୍ଭର କରିନପାରେ । କାରଣ, ଯଦି ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ କୌଣସି ତଥ୍ୟ ବା ଉତ୍ତର ଦେବାକୁ ନାସ୍ତି କରିଦେବେ, ତାହାହେଲେ ପ୍ରତିକାର ବା ପ୍ରତିଷେଧ ବିଷୟରେ ସମ୍ବିଧାନ ସଂପୂର୍ଣ୍ଣ ନୀରବ । ରାଷ୍ଟ୍ରପତି ଏହିପରି ପରିସ୍ଥିତିର ସମ୍ମୁଖୀନହେବା ଅନୁଚିତ୍ ଯେ ତାଙ୍କୁ ପ୍ରଧାନମନ୍ତ୍ରୀ କୌଣସି ତଥ୍ୟଦେବାକୁ ଦ୍ୱିଧା କରିବେ ବା ନାସ୍ତି କରିଦେବେ, କାରଣ ଭାରତୀୟ ସମ୍ବିଧାନରେ ରାଷ୍ଟ୍ରପତିଙ୍କର ରାଜତ୍ୱ ରହିଛି, କିନ୍ତୁ ଶାସନ କରିବାର ଅଧିକାର ନାହିଁ । ଏହି ନିଗୂଢ଼ ସତ୍ୟଟି ରାଷ୍ଟ୍ରପତି ସଦା ସର୍ବଦା ସ୍ମରଣ ରଖିବା ଉଚିତ !

ଅଧ୍ୟାପିକା,
ରାଜନୀତିବିଜ୍ଞାନ ବିଭାଗ,
ମହାମାୟୀ ମହିଳା ମହାବିଦ୍ୟାଳୟ ।
ବ୍ରହ୍ମପୁର ।




## କୋରାପୁଟ ଜିଲ୍ଲାର ୧,୮୮୦ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଣ

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲା ଅନ୍ୟତମ । ଜିଲ୍ଲାର ସମୁଦାୟ ଗ୍ରାମସଂଖ୍ୟା ହେଉଛି ୫,୬୮୩ । ଏହା ରାଜ୍ୟର ଦ୍ୱିତୀୟ ବୃହତ୍ତମ ଗ୍ରାମବହୁଳ ଜିଲ୍ଲା । ଏହି ଜିଲ୍ଲାର ସବୁ ଗ୍ରାମକୁ ସମନ୍ୱିତ ଆଦିବାସୀ ଉନ୍ନୟନ ଉପ-ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟରେ କେବଳ ମୟୂରଭଞ୍ଜ ଜିଲ୍ଲାକୁ ବାଦ ଦେଲେ, ଅନ୍ୟ କୌଣସି ଜିଲ୍ଲାର ସମସ୍ତ ଗ୍ରାମ ଏହି ଉପ-ଯୋଜନା ଅଧୀନରେ ନାହିଁ ।

୧୯୮୭ ମାର୍ଚ୍ଚ ଶେଷ ସୁଦ୍ଧା ଏହି ଜିଲ୍ଲାର ୧,୮୮୦ ଟି ଗ୍ରାମ ଓ ୨୧୧ ଟି ପଡ଼ାକୁ ବିଦ୍ୟୁତ୍କରଣ କରାଗଲାଣି । ଏହା ଫଳରେ ଜିଲ୍ଲାର ଗ୍ରାମାଞ୍ଚଳରେ ବାସ କରୁଥିବା ଶତକଡ଼ା ୫୬ ଭାଗ ଲୋକ ଉପକୃତ ହେବା ସଙ୍ଗେ ସଙ୍ଗେ ଏକ-ତୃତୀୟାଂଶ ଗ୍ରାମକୁ ବିଦ୍ୟୁତ୍କରଣ କରାଗଲାଣି । ଏହାଛଡ଼ା ୩୫୨ ଟି ହରିଜନ ବସ୍ତିରେ ରାସ୍ତା ଆଲୁଅ ବ୍ୟବସ୍ଥା କରାଯାଇଛି । ୨୦୦ ଟିରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତିର ଲୋକ ବାସ କରୁଥିବା ୩୦୪ଟି ଗ୍ରାମ ମଧ୍ୟରୁ ୨୨୭ ଟିକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇ ଶତକଡ଼ା ୭୫ ଭାଗ ସାଫଲ୍ୟ ଅର୍ଜନ କରାଗଲାଣି ।

ଏହି ଜିଲ୍ଲାରେ ଗ୍ରାମ୍ୟ ବିଦ୍ୟୁତ୍କରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମ୍ୟ ବିଦ୍ୟୁତ୍କରଣ ନିଗମ ସର୍ବମୋଟ ୩୪ଟି ଯୋଜନା ମଞ୍ଜୁର କରିଛନ୍ତି । ଏଗୁଡ଼ିକ ପୂର୍ଣ୍ଣାଙ୍ଗ ହେଲେ ୧,୭୮୪ ଟି ଗ୍ରାମ ୬୫୦ ଟି ବିଦ୍ୟୁତ୍‌ଚାଳିତ ପମ୍ପ ଏବଂ ୧୪୮ ଟି ହରିଜନ ବସ୍ତିରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା କରାଯାଇ ପାରିବ ।

ଜିଲ୍ଲାରେ ଉଠା ଜଳସେଚନ ପାଇଁ ଗତ ମାର୍ଚ୍ଚ ଶେଷ ସୁଦ୍ଧା ୧,୯୩୨ ଟି ପମ୍ପ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଚଳିତ ବର୍ଷ ଯୋଜନାରେ ଜିଲ୍ଲାର ୧୩୦ଟି ଗ୍ରାମ, ୧୬୩ଟି ବିଦ୍ୟୁତ୍‌ଚାଳିତ ପମ୍ପ ଓ ୨୮ଟି ହରିଜନ ବସ୍ତିରେ ବିଦ୍ୟୁତ୍ ଆଲୋକ ଯୋଗାଇ ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

କୋରାପୁଟ ଜିଲ୍ଲାରେ ସନ୍ତୋଷଜନକ ଗ୍ରାମ୍ୟ ବିଦ୍ୟୁତ୍କରଣ ଏକ ଜଟିଳ ସମସ୍ୟା । ଏହି ଜିଲ୍ଲାର ଗ୍ରାମ ଗୁଡ଼ିକ ଯେ କେବଳ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ସେତିକି ନୁହେଁ, ପରନ୍ତୁ ଗ୍ରାମଗୁଡ଼ିକର ଜନସଂଖ୍ୟା ଖୁବ୍ କମ୍ ଏବଂ ଏଗୁଡ଼ିକ ଲଗାଲଗି ନୁହେଁ । ଏଥିଯୋଗୁଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲେ ମଧ୍ୟ ଯଥେଷ୍ଟ ସଂଖ୍ୟକ ଗ୍ରାହକ ଅଭାବ ପରିଲକ୍ଷିତ ହେଉଛି । ଏହି ଅସୁବିଧାକୁ କିଛି ପରିମାଣରେ ଲାଘବ କରିବା ପାଇଁ ସୌରଶକ୍ତି ସାହାଯ୍ୟରେ ପରୀକ୍ଷାମୂଳକ ଭାବେ କେତେକ ଗ୍ରାମକୁ ବିଦ୍ୟୁତ୍କରଣ କରିବା କାର୍ଯ୍ୟ ଆରମ୍ଭ କରାଯାଉଛି ।

## ଐତିହାସିକ ଗବେଷଣା ପାଇଁ ଆହ୍ୱାନ

ଗତ ଜୁନ୍ ୧୧ ତାରିଖ ରେଭେନ୍ସା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ଇତିହାସ କଂଗ୍ରେସର ତ୍ରୟୋଦଶ ସମ୍ମିଳନୀର ଉଦ୍‌ଯାପନ ଉତ୍ସବରେ ଯୋଗ ଦେଇ ରାଜ୍ୟ ସେଚ, ଶକ୍ତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ କହିଲେ ଯେ ଉତ୍କଳର ସମୃଦ୍ଧ ଅତୀତ ଇତିହାସ ଥିଲେ ମଧ୍ୟ ଗବେଷଣାର ଅଭାବରୁ ଓ ପ୍ରାମାଣିକ ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇ ନଥିବାରୁ ଆମର ମହାନ୍ ଐତିହାସିକ ଐତିହ୍ୟ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଯଥାର୍ଥ ଭାବରେ ଉପସ୍ଥାପିତ କରିହେଉ ନାହିଁ । ଉତ୍କଳୀୟ ନୌ-ବାଣିଜ୍ୟ ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଜ୍ୟରେ ତା'ର ସଂସ୍କୃତି ଓ ସୁନାମର ପ୍ରଭାବ, ଉତ୍କଳୀୟ ବୌଦ୍ଧ ଧର୍ମର ସମୃଦ୍ଧି, ଏସବୁ ଜାତୀୟ ସ୍ତରରେ ଇତିହାସରେ ଯଥାର୍ଥ ଭାବରେ ପ୍ରତିପାଦିତ ହୋଇପାରୁ ନାହିଁ । ଐତିହାସିକମାନେ ନିରବଚ୍ଛିନ୍ନ ଗବେଷଣା, ନିରପେକ୍ଷ ସତ୍ୟତାକୁ ଆଧାର କରି ପ୍ରକୃତ ଇତିହାସ ରଚନା କଲେ, ଜାତୀୟ ଇତିହାସକୁ ମହନୀୟ ଅବଦାନ ପ୍ରମାଣିତ ହେବା ସହିତ ଜାତୀୟ ସଂହତି ସୁଦୃଢ଼ ହେବ । ବହୁ ତଥ୍ୟ ବହୁ କ୍ଷେତ୍ରରେ ବିକ୍ଷିପ୍ତ ଅବସ୍ଥାରେ ପଡ଼ିରହିଛି । ତାହା ସଂଗୃହୀତ ହେବା ଉଚିତ ବୋଲି ଶ୍ରୀ ଅଲ୍ଲୀ ଉଲ୍ଲେଖ କରିଥିଲେ । ଆଲୋଚନା ପ୍ରସଙ୍ଗରେ ଶ୍ରୀ ଅଲ୍ଲୀ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ କେତେକ ଐତିହାସିକଙ୍କ ମତ ଉଦ୍ଧାର କରି ଉତ୍କଳୀୟ ଇତିହାସର ବାସ୍ତବତା ଉଲ୍ଲେଖ କରିଥିଲେ । ତାସକେନ୍ଦ୍ରରେ ମିଳିଥିବା ବଲ୍‌କଙ୍କ ବିବରଣୀ, କୋଣାର୍କ ରଥଯାତ୍ରା ସଂପର୍କରେ ଉଲ୍ଲେଖ କରିବା ସହିତ ପାଟଣା ଲାଇବ୍ରେରୀରେ ମିଳିଥିବା ଓଡ଼ିଶା ସଂପର୍କରେ ଭାରତକୁ ଆସିଥିବା ପ୍ରଥମ ଇଂରେଜ ବ୍ୟବସାୟୀଙ୍କ କେତେକ ଚିଠି କଥା ମଧ୍ୟ ଶ୍ରୀ ଅଲ୍ଲୀ ଉଲ୍ଲେଖ କରିଥିଲେ ।

ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଡ଼ଃ ପି. କେ. ମିଶ୍ର ପୌରୋହିତ୍ୟ କରିଥିଲେ । ଓଡ଼ିଶା ଇତିହାସ କଂଗ୍ରେସର ବିଗତ ବର୍ଷମାନଙ୍କର କାର୍ଯ୍ୟାବଳି, ଆଭିମୁଖ୍ୟ ଓ ଉଦ୍ଦେଶ୍ୟର ସୂଚନା ଦେଇଥିଲେ । ପ୍ରଥମରେ

ଶ୍ରୀ ଜଗନ୍ନାଥ ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ରେଭେନ୍ସା କଲେଜର ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ମହାପାତ୍ର ଆଲୋଚନାରେ ଅଂଶ ଗ୍ରହଣ କରି ଭାରତ ଇତିହାସ ଓ ଐତିହାସିକ ପୁରୁଷମାନଙ୍କ ସଂପର୍କରେ କେତେକ ସୂଚନା ଦେଇଥିଲେ । ଇତିହାସ କଂଗ୍ରେସର ନବ ନିର୍ବାଚିତ ସଭାପତି ଅଧ୍ୟାପକ ଡଃ ରାଜେନ୍ଦ୍ର ପ୍ରସାଦ ଦାସ ଓଡ଼ିଶାରେ ଐତିହାସିକ ଗବେଷଣା ସଂପର୍କରେ କେତେକ ସମସ୍ୟାର ସୂଚନା ଦେବା ସହିତ କେତେକ ଆବଶ୍ୟକୀୟ ତଥ୍ୟ ସଂଗ୍ରହ ଓ କାର୍ଯ୍ୟକ୍ରମ ହେବା ଉଚିତ ବୋଲି ଉଲ୍ଲେଖ କରିଥିଲେ ।

ସଂପାଦକ ଡଃ ବି. କେ. ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦିବାସୀ ହରିଜନ କଲ୍ୟାଣ କାର୍ଯ୍ୟକ୍ରମ ସମୀକ୍ଷା

ରାଜ୍ୟ ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ହରିଜନ ଓ ଆଦିବାସୀମାନଙ୍କ ପାଇଁ ଉଦିଷ୍ଟ ବିକାଶମୂଳକ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ବୈଠକ ଗତ ୬ ତାରିଖ ଦିନ ସଚିବାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଂପୃକ୍ତ ବିଭାଗର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଉକ୍ତ ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ ଇ.ଆର.ଆର.ପି. ଯୋଜନାରେ ଅଧିକରୁ ଅଧିକ ଆଦିବାସୀ ଓ ହରିଜନ ହିତାଧିକାରୀ ଯେପରି ବଛାଯାଇପାରିବେ, ସେ ଦିଗରେ ଗ୍ରାମଗୋଷ୍ଠୀ ବିଭାଗ ଯଥାବିଧିକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟରୁ ଇ.ଆର.ଆର.ପି. ଯୋଜନା ନିମିତ୍ତ ମଞ୍ଜୁର ହୋଇ ଖର୍ଚ୍ଚ ନହୋଇଥିବା ପାଣ୍ଠି ଶୀଘ୍ର ଖର୍ଚ୍ଚ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଆଦିବାସୀ ସମନ୍ୱିତ ଯୋଜନା ଅଞ୍ଚଳ ବାହାରେ ୫୦ଟି ବ୍ଲକରେ ମାଡ଼ା ଯୋଜନା କାର୍ଯ୍ୟକାରୀ ହେଉଛି । ସେହି ଯୋଜନା ପାଇଁ ହରିଜନ ଆଦିବାସୀ ବିଭାଗ ବ୍ଲକମାନଙ୍କୁ ପ୍ରତିବର୍ଷ ଅର୍ଥ ମଞ୍ଜୁର କରିଥାନ୍ତି । ସଂପୃକ୍ତ ବ୍ଲକମାନଙ୍କରେ ଖର୍ଚ୍ଚ ନହୋଇ ଏ ବାବଦରେ ପ୍ରାୟ ୨ କୋଟି ଟଙ୍କା ପଡ଼ିରହିଥିବା ବିଷୟ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଏହି ଗଚ୍ଛିତ ପାଣ୍ଠିର ଆଶୁ ସଦୁପଯୋଗ କରିବା ଓ ଦରକାର ହେଲେ ଜିଲ୍ଲାସ୍ତରୀ ସମୀକ୍ଷା କରି ଗ୍ରାମଗୋଷ୍ଠୀ ବିଭାଗ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟ ଜନସଂଖ୍ୟା ତୁଳନାରେ ହରିଜନମାନଙ୍କ ସଂଖ୍ୟା ଶତକଡ଼ା ୧୪.୬୬ ହୁଏତ ସେମାନଙ୍କ ପାଇଁ ଉଦିଷ୍ଟ ସ୍ୱତନ୍ତ୍ର ଉପାଂଶ ଯୋଜନାକୁ ପ୍ରତ୍ୟେକ ବିଭାଗ ସେମାନଙ୍କ ଯୋଜନା ପାଣ୍ଠିରୁ ଅତତଃ ଶତକଡ଼ା ୧୪.୬୬ ପାଣ୍ଠି ହରିଜନ କଲ୍ୟାଣାର୍ଥେ ବିନିଯୋଗ କରିବାକୁ ସ୍ଥିରୀକୃତ ହୋଇଛି । ଆସନ୍ତା ଆର୍ଥିକ ବର୍ଷରୁ ଏହି ନୀତି କଡ଼ାକଡ଼ି ଭାବେ ଲାଗୁ କରାଯିବ । ସମସ୍ତ ବିଭାଗ ନିଜ ନିଜ ବିଭାଗର ଆସନ୍ତା ବର୍ଷ ଯୋଜନା ପୁନର୍ବିନ୍ୟାସ କରିବେ ।

ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନ କରୁଥିବା ହରିଜନ ଓ ଆଦିବାସୀ ଛାତ୍ର ଛାତ୍ରୀମାନଙ୍କୁ ସେମାନଙ୍କର ଦରକାରମତେ ଜାତୀୟକରଣ ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା । ଏହି ସଂକ୍ରାନ୍ତରେ ଆସନ୍ତା ଆର୍ଥିକ ବର୍ଷଠାରୁ ବରାଦ କରିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପାଠ୍ୟପୁସ୍ତକଗୁଡ଼ିକ ଯେପରି ପିଲାମାନଙ୍କ ପାଖରେ ଯଥା ସମୟରେ ପହଞ୍ଚି ପାରିବ, ସେ ଦିଗରେ ସମସ୍ତେ ତତ୍ପର ହେବା ଉଚିତ୍ ବୋଲି ମନ୍ତ୍ରୀ କହିଥିଲେ । ପ୍ରତ୍ୟେକ ବିଦ୍ୟାଳୟରେ ସାଧାରଣ ପିଲା ପାଠ ପଢ଼ନ୍ତି, ସେମାନଙ୍କ ପାଇଁ ଦରକାର ହେଉଥିବା ପାଠ୍ୟପୁସ୍ତକ ପାଠାଗାରରେ ସଞ୍ଚିତ ରଖାଯିବ ବୋଲି ନୀତିଗତ ନିଷ୍ପତ୍ତି ଗ୍ରହଣ କରାଗଲା । ଏତଦ୍ୱାରା ଛାତ୍ର ଛାତ୍ରୀମାନେ ଅଳ୍ପ ବୟସରୁ ପାଠାଗାର ଅଧ୍ୟୟନ ପାଇଁ ଆଗ୍ରହୀ ହେବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଥିଲେ

## କଳତନ୍ତ ସେବା ସମିତିର ସାଫଲ୍ୟ

ରାଜ୍ୟ କଳତନ୍ତ ସେବା ସମବାୟ ସମିତି ତରଫରୁ ଗତ ଅପ୍ରେଲ ମାସରେ ୯୬ ହଜାର ଟଙ୍କା ମୂଲ୍ୟର ୪୨ ହଜାର ମିଟର ବସ୍ତ୍ର ସଂଗ୍ରହ କରିବା ସଙ୍ଗେ ସଙ୍ଗେ ୫୬ ହଜାର ମିଟର ବସ୍ତ୍ର ବିକ୍ରୟ କରାଯାଇ ବିକ୍ରୟ ମୂଲ୍ୟ ବାବଦକୁ ୨ ଲକ୍ଷ ୫୮ ହଜାର ଟଙ୍କା ମିଳିପାରିଛି । ସେହିପରି ସମିତି ତରଫରୁ ଉକ୍ତ ମାସରେ ୨ ଲକ୍ଷ ୮ ହଜାର ଟଙ୍କା ମୂଲ୍ୟର ୭ ହଜାର କି.ଗ୍ରା. ସୂତା ସଂଗ୍ରହ କରାଯାଇ ପାରିଛି ଏବଂ ୭ ହଜାର କି.ଗ୍ରା. ସୂତା ବିକ୍ରୟ କରାଯାଇ ବିକ୍ରୟ ମୂଲ୍ୟ ବାବଦକୁ ୨ ଲକ୍ଷ ୧୬ ହଜାର ଟଙ୍କା ମିଳିପାରିଛି ।

## ଘାସଚାଷପାଇଁ ଆଗ୍ରହୀ ଗୋପାଳକଙ୍କୁ ପ୍ରୋତ୍ସାହନ

ଚଳିତ ବର୍ଷ ବର୍ଷା ଓ ରବିଋତୁରେ ରାଜ୍ୟର ୬,୪୦୦ ଗୋପାଳକଙ୍କୁ ଗୋ-ଖାଦ୍ୟ ପାଇଁ ଘାସଚାଷ ନିମନ୍ତେ ଘାସମଞ୍ଜି-ସାର ଇତ୍ୟାଦି ଥିବା ବିହନ ମୁଣା ବା ମିନିକିଟ୍ ଯୋଗାଇ ଦେବା ପାଇଁ ପଶୁପାଳନ ବିଭାଗ ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ ରାଜ୍ୟ ଯୋଜନା ଓ ଅଣ-ଯୋଜନା ଅର୍ଥରୁ ୧ ଲକ୍ଷ ୯୭ ହଜାର ୫୫୦ ଟଙ୍କା ବ୍ୟୟ କରାଯିବ । କେବଳ ଚଳିତ ବର୍ଷାଋତୁରେ ୪,୮୦୦ ଗୋପାଳକଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯାଇଛି । ବର୍ଷା ଋତୁରେ ଚାଷୀ ନିଜ ଜମିରେ ୨୫ ଡେସିମିଲିରେ ଓ ରବିଋତୁରେ ଏଥିପାଇଁ ୧୦ ଡେସିମିଲି ଜମିରେ ଘାସଚାଷ କରି ନିଜ ଗାଈ ଗୋରୁଙ୍କୁ ଗୋ-ଖାଦ୍ୟ ଯୋଗାଇବେ ।

ବର୍ଷାଦିନେ ଯେଉଁ ବିହନ ମୁଣା ଯୋଗାଇ ଦିଆଯିବ, ସେଥିରେ ମକାମଞ୍ଜି ସହ ବରଗୁଡ଼ି ଅଥବା ଏମ.ପି. ଚେରୀ ମଞ୍ଜି ଏବଂ ରବିଋତୁରେ କେବଳ ବରସିମ୍ ମଞ୍ଜି ଅଥବା ଧାନ ସହ ସୋରିଷ ମଞ୍ଜି ମିଶ୍ରିତ ବିହନ ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମ ଅନ୍ୟାନ୍ୟ ଗୋପାଳକମାନଙ୍କୁ ପ୍ରଭାବିତ କରିପାରିବ ବୋଲି ଆଶା କରାଯାଉଛି ।

ଏହା ବ୍ୟତୀତ ଚଳିତ ବର୍ଷ ଯୋଜନା ବ୍ୟୟ ଅଟକଳରୁ ୮,୩୦୦ ଟଙ୍କା ବ୍ୟୟରେ ବର୍ଷାଋତୁରେ ଢେଙ୍କାନାଳ ଜିଲ୍ଲା କାଉମାଟି ଘାସ ଫାର୍ମର ୧୦ ଏକର ଜମିରେ ଷ୍ଟାଇଲୋ ଓ ଦୀନାନାଥ ଘାସ ଚାଷ ହେବ । ଏଥିରୁ ଉତ୍ପନ୍ନ ଘାସ ନିକଟସ୍ଥ ଆଗ୍ରହୀ ଗୋପାଳକମାନଙ୍କୁ ବିକ୍ରୟ କରିବାର ବ୍ୟବସ୍ଥା ହୋଇଛି । ଘାସ ଉତ୍ପାଦନ ସହ ଏଠାରୁ ଚଳିତ ବର୍ଷ ଅନ୍ୟୁନ ୨ କ୍ୱିଣ୍ଟାଲ ଘାସ ବିହନ ଉତ୍ପାଦନ ପାଇଁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ଜଙ୍ଗଲର ରକ୍ଷଣାବେକ୍ଷଣ

କଟକ ଜିଲ୍ଲା ଆଠଗଡ ଜଙ୍ଗଲ ଡିଭିଜନ୍ ଅନ୍ତର୍ଗତ ବାଙ୍କି ନିକଟରେ ଗୁଳାମୁଣ୍ଡି 'ଖ' ଶ୍ରେଣୀ ସଂରକ୍ଷିତ ଜଙ୍ଗଲର ରକ୍ଷଣାବେକ୍ଷଣ ସ୍ଥାନୀୟ ହର ପାର୍ବତୀ ଯୁବକ ସଂଘ ଦ୍ୱାରା କରାଯାଉଛି । ରାଜ୍ୟ ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଧର ଭଞ୍ଜ ସଂପ୍ରତି ଏହି ଜଙ୍ଗଲ ଅଞ୍ଚଳ ପରିଦର୍ଶନରେ ଯାଇଥିଲେ । ଯୁବକ ସଂଘ ଦ୍ୱାରା କରାଯାଉଥିବା ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ଜଙ୍ଗଲ ବିଭାଗ ତରଫରୁ ଉତ୍ସାହିତ କରାଯିବ ବୋଲି ମଧ୍ୟ ସେ ସେଠାରେ ପ୍ରକାଶ କରିଥିଲେ ।

## ସମ୍ବଲପୁର ଜିଲ୍ଲାରେ ଲେଭି ଚାଉଳ

ସମ୍ବଲପୁର ଜିଲ୍ଲାରେ ମିଲ୍ ମାଲିକମାନେ ସରକାରଙ୍କ ଲେଭି ବାବଦକୁ ଆଜି ପୁଲା ପ୍ରାୟ ୬୧ ହଜାର ମେଟ୍ରିକଟନ୍ ଚାଉଳ ଭାରତୀୟ ଖାଦ୍ୟ ନିଗମ ଗୋଦାମରେ ଜମା କରିଛନ୍ତି । ବର୍ତ୍ତମାନ ଏହି ଜିଲ୍ଲାରେ ଯେପରି ଦ୍ରୁତ ହାରରେ ଧାନ ଚାଉଳ ସଂଗ୍ରହ କାର୍ଯ୍ୟ ଚାଲିଛି, ତାହା ଅବ୍ୟାହତ ରହିଲେ ଚଳିତ ଖରିଫ୍ ଋତୁ ଶେଷ ପୁଲା ଆଉ ପ୍ରାୟ ୧୦ ହଜାର

ମେଟ୍ରିକ୍ ଟନ୍‌ରୁ ଅଧିକ ଚାଉଳ ମିଲ୍ ମାଲିକମାନେ ଖାଦ୍ୟ ନିଗମ ଗୋଦାମରେ ଜମା କରିପାରିବେ । ଏହା ଫଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ବର୍ଷ ମିଲ୍ ମାଲିକଙ୍କଠାରୁ ଲେଭି ବାବଦରେ ସଂଗ୍ରହ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ତାହା ଅକ୍ଲେଶରେ ପୂରଣ ହୋଇପାରିବ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଗତ ଖରିଫ୍ ବର୍ଷରେ ଏହି ଜିଲ୍ଲାରେ ୬୩,୪୮୬ ମେଟ୍ରିକ୍ ଟନ୍ ଲେଭି ଚାଉଳ ମିଲ୍ ମାଲିକମାନଙ୍କଠାରୁ ସଂଗୃହୀତ ହୋଇଥିଲା ।

ଏଠାରେ ଆହୁରି ଉଲ୍ଲେଖଯୋଗ୍ୟ ଯେ ସମ୍ବଲପୁର ଜିଲ୍ଲାରେ ଗତ ଖରିଫ୍ ଋତୁର ଶେଷ ସୁଦ୍ଧା (୩୦-୯-୮୬) ୧,୯୩,୨୮୯ ମେଟ୍ରିକ୍ ଟନ୍ ଧାନ ସଂଗୃହୀତ ହୋଇଥିବା ସ୍ଥଳେ ଚଳିତ ବର୍ଷର ଜୁନ୍ ୨୦ ତାରିଖ ସୁଦ୍ଧା ତାଂଠାରୁ ପ୍ରାୟ ୨ ହଜାରରୁ ଅଧିକ ମେଟ୍ରିକ୍ ଟନ୍ ଧାନ ସଂଗୃହୀତ ହୋଇ ଏକ ରେକର୍ଡ ସୃଷ୍ଟି ହୋଇପାରିଛି ।

## ସାମୂହିକ ଜଳସେଚନ ପ୍ରକଳ୍ପ

ସୁନ୍ଦରଗଡ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ରାଜଗାଙ୍ଗପୁର ବ୍ଲକ୍‌ର ତପଡରଣା ଗ୍ରାମରେ ୧୦୪ ଜଣ ଆଦିବାସୀ ଓ ହରିଜନ ବ୍ୟକ୍ତିଙ୍କ ସମୂହ ଉଦ୍ୟମରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ୨୫୦ ଏକର ଜମିରେ ଜଳସେଚନ ବ୍ୟବସ୍ଥା ହୋଇପାରିଛି । ଏହି ପ୍ରକଳ୍ପ ପାଇଁ ବ୍ୟୟିତ ଅର୍ଥ ୮ ଲକ୍ଷ ୫୪ ହଜାର ଟଙ୍କା ମଧ୍ୟରୁ ଋଣସୂତ୍ରରେ ଗ୍ରାମବାସୀଙ୍କୁ ଶତକଡା ୫୦ ଭାଗ ଅର୍ଥ ପରିଶୋଧ କରିବାକୁ ପଡ଼ିବ । କୁତ୍ରା ବ୍ଲକ୍‌ର କଟଂଗା ଗ୍ରାମରେ ଅନ୍ୟ ଏକ ସାମୂହିକ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଥିବାର ଜଣାଯାଇଛି ।

ଗତବର୍ଷ ଆଦିବାସୀ ଉନ୍ନୟନ ଯୋଜନା ପକ୍ଷରୁ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ୧୩ ଗୋଟି ବିଦ୍ୟାଳୟରେ ଗୋଟିଏ କରି ପାନୀୟ ଜଳ ନଳକୂପ ଓ ଅନ୍ୟ ଏକ ବିଦ୍ୟାଳୟରେ ଗୋଟିଏ କୂପର ବ୍ୟବସ୍ଥା କରାଯାଇଛି । ଆଦିବାସୀ ଓ ହରିଜନ ଛାତ୍ରଙ୍କ ପାଇଁ ୪୫ଟି ଛାତ୍ରାବାସ ନିର୍ମିତ ହୋଇଛି । ସୁନ୍ଦରଗଡ କଲେଜରେ ଗୋଟିଏ ଆଦିବାସୀ ଛାତ୍ରୀବାସ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

## ଏନ୍:ଆର୍:ଇ:ପି: କାର୍ଯ୍ୟକ୍ରମ

ଗତ ଜୁନ୍ ମାସରେ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ ଦ୍ୱାରା ଶ୍ରମଜୀବୀମାନଙ୍କ ପାଇଁ ୧୫ ଲକ୍ଷ ୩୬ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏଥିରୁ ତଫସିଲଭୁକ୍ତ ଜାତି ଶ୍ରମିକଙ୍କ ପାଇଁ ୪ ଲକ୍ଷ ୭୫ ହଜାର ଶ୍ରମ ଦିବସରେ ଓ ତଫସିଲଭୁକ୍ତ ସଂପ୍ରଦାୟର ଶ୍ରମିକମାନଙ୍କ ଲାଗି ୪ ଲକ୍ଷ ୪୩ ହଜାର ଶ୍ରମ ଦିବସରେ ନିଯୁକ୍ତ ସୁବିଧା ସୃଷ୍ଟି କରାଯାଇଛି । ଏହାଦ୍ୱାରା ୪ ଲକ୍ଷ ୧ ହଜାର ଶ୍ରମ ଦିବସରେ ଭୂମିହୀନ ଓ ୨ ଲକ୍ଷ ୪୧ ହଜାର ଶ୍ରମ ଦିବସରେ ମହିଳା ଶ୍ରମିକମାନେ ଉପକୃତ ହୋଇଛନ୍ତି ।

ଏହି କାର୍ଯ୍ୟକ୍ରମ ଦ୍ୱାରା ଖାଦ୍ୟଶସ୍ୟ ସମେତ ମଜୁରୀ ଓ ଅଣ-ମଜୁରୀ ବାବଦରେ ମୋଟ୍ ୨ କୋଟି ୭୭ ଲକ୍ଷ ୨୫ ହଜାର ଟଙ୍କା ବିନିଯୋଗ ହୋଇଛି । ଶ୍ରମିକମାନଙ୍କୁ ଏହି ମାସରେ ୧୭୧୭.୮୧ ମେଟ୍ରିକ୍‌ଟନ୍ ଚାଉଳ ଓ ୨୨୪୮.୯୨ ମେଟ୍ରିକ୍‌ଟନ୍ ଗହମ ଦିଆଯାଇଛି ।

ଚଳିତ ଆର୍ଥିକ ବର୍ଷରେ ଗତ ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମ ଦ୍ୱାରା ମୋଟ୍ ୨୮ ଲକ୍ଷ ୩୪ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ୯ ଲକ୍ଷ ୨୭ ହଜାର ଶ୍ରମ ଦିବସରେ ହରିଜନ ଓ ୮ ଲକ୍ଷ ୬୮ ହଜାର ଶ୍ରମ ଦିବସରେ ଆଦିବାସୀ ସଂପ୍ରଦାୟର ଶ୍ରମଜୀବୀମାନଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇଛି । ଏହାଦ୍ୱାରା ୬ ଲକ୍ଷ ୩୭ ହଜାର ଶ୍ରମ ଦିବସରେ ଭୂମିହୀନ ଶ୍ରମିକ ଓ ୩ ଲକ୍ଷ ୮୫ ହଜାର ଶ୍ରମ ଦିବସରେ ମହିଳା ଶ୍ରମିକମାନଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇ ପାରିଛି । ଶ୍ରମିକମାନଙ୍କର ଖାଦ୍ୟଶସ୍ୟ ସମେତ ମଜୁରୀ ଓ ଅଣ-ମଜୁରୀ ବାବଦରେ ଏହି ସମୟ ମଧ୍ୟରେ ମୋଟ୍ ୫ କୋଟି ୧୦ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ ହୋଇଛି । ସେମାନଙ୍କୁ ୩,୪୬୭.୪୭ ମେଟ୍ରିକ୍‌ଟନ୍ ଚାଉଳ ଓ ୪,୧୯୬.୪୧ ମେଟ୍ରିକ୍‌ଟନ୍ ଗହମ ମଧ୍ୟ ଯୋଗାଇ ଦିଆଯାଇଛି ।

## ବଣାଇ ବ୍ଲକ୍ କାର୍ଯ୍ୟ ସମୀକ୍ଷା

ସଂପ୍ରତି ଖଣି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୋହନ ନାଗ୍ ବଣାଇ ବ୍ଲକ୍‌ର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି । ସମୀକ୍ଷାରୁ ଜଣାଯାଏ ଯେ ଏହି ବ୍ଲକ୍‌ରେ ସ୍ଥିତ ୧୯ଟି ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ୧୭ଟିକୁ କାର୍ଯ୍ୟକ୍ଷମ କରାଯାଇ ପାରିଛି । ୪୫ଟି କ୍ଷୁଦ୍ର ସେଚ ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ପାରିଛି । ଏହି ବ୍ଲକ୍‌ରେ ୮୯୬ ଜଣଙ୍କ ମଧ୍ୟରେ ୧୧୦୯.୮୧ ଏକର ସିଲିଂ ବହିର୍ଭୂତ ଜମି ବଣ୍ଟାଯାଇଛି । ୯୩ଟି ଚିହ୍ନିତ ଗ୍ରାମରୁ ୬୦ଟି ଗ୍ରାମକୁ ସଂପୂର୍ଣ୍ଣ ଭାବେ ଓ ୨୧ଟି ଗ୍ରାମକୁ ଆଂଶିକ ଭାବେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଏନ୍:ଆର୍:ଇ:ପି: କାର୍ଯ୍ୟକ୍ରମ ଜରିଆରେ ଅତେର ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ୩୨ଗୋଟି ତନ୍ତୁବାୟ ପରିବାରକୁ ଆଇ:ଆର୍:ଡି: ଓ ଇ:ଆର୍:ଆର୍:ପି: କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଇଛି । ଟ୍ରାଇସେମ୍ କାର୍ଯ୍ୟକ୍ରମରେ ୧୮୨ ଜଣଙ୍କୁ ତାଲିମ ଦିଆଯାଇଛି ଏବଂ ୧୬୦ ଜଣଙ୍କୁ ବିଭିନ୍ନ ଧନ୍ଦା ପାଇଁ ଉପକରଣ ଯୋଗାଇ ଦିଆଯାଇଛି ବୋଲି ସମୀକ୍ଷାରୁ ପ୍ରକାଶ ।

## କେନ୍ଦୁଝର ଜିଲ୍ଲାର ଶତକଡା ୬୫ ଭାଗ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ

କେନ୍ଦୁଝର ଜିଲ୍ଲାର ସମୁଦାୟ ୨,୦୦୯ ଟି ଗ୍ରାମ ମଧ୍ୟରୁ ଗତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧,୨୯୭ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଣ କରାଯାଇଛି । ଏହା ଫଳରେ ଗ୍ରାମାଞ୍ଚଳରେ ବାସ କରୁଥିବା ଶତକଡା ୭୮ ଭାଗ ଲୋକ ବିଦ୍ୟୁତ୍‌ଶକ୍ତି ବିନିଯୋଗ କରିବା ପାଇଁ ସୁବିଧା ପାଇବା ସଙ୍ଗେ ସଙ୍ଗେ ଜିଲ୍ଲାର ସମୁଦାୟ ଗ୍ରାମସଂଖ୍ୟାର ଶତକଡା ୬୫ ଭାଗ ଉପକୃତ ହେଲେଣି । ଚଳିତ ବର୍ଷ ୮୫ଟି ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଜିଲ୍ଲାର ୧,୫୧୫ଟି ଗ୍ରାମ ସମନ୍ୱିତ ଜନଜାତି ଉନ୍ନୟନ ଉପ-ଯୋଜନା ଅଧୀନରେ ଅଛି । ସେଥିମଧ୍ୟରୁ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୯୧୯ଟିକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇ ଶତକଡା ୬୧ ଭାଗ ସାଫଲ୍ୟ ଅର୍ଜନ କରାଯାଇଛି ।

ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ଏହି ଜିଲ୍ଲାର ହରିଜନ ବସ୍ତିରେ ରାସ୍ତା ଆଲୁଅ ଯୋଗାଇ ଦେବା ପାଇଁ ୧୧୩ଟି ଯୋଜନା ମଞ୍ଜୁର କରି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ଏହା ଫଳରେ ୩୧୩ଟି ସ୍ଥଳରେ ରାସ୍ତା ଆଲୁଅ ବ୍ୟବସ୍ଥା କରାଯାଇ ପାରିଛି । ଚଳିତ ବର୍ଷ ଆଉ ଅଧିକ ୪୧ଟି ହରିଜନ ବସ୍ତିରେ ରାସ୍ତା ଆଲୁଅ ଯୋଗାଇ ଦିଆଯିବ ।


୨୦୦ରୁ ଊର୍ଦ୍ଧ୍ୱ ଜନଜାତିର ଲୋକ ବାସ କରୁଥିବା ୧୩୪ଟି ଗ୍ରାମ ମଧ୍ୟରୁ ୧୨୨ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇ ଶତକଡା ୯୧ ଭାଗ ସାଫଲ୍ୟ ହାସଲ କରାଯାଇଛି । କୃଷିକାର୍ଯ୍ୟ ପାଇଁ ଏ ଜିଲ୍ଲାର ୬୯୮ଟି ପମ୍ପକୁ ଗତ ମାର୍ଚ୍ଚ ଶେଷ ସୁଦ୍ଧା ବିଦ୍ୟୁତ୍‌କରଣ କରାଯାଇଛି । ଚଳିତ ବର୍ଷ ଆଉ ଅଧିକ ୨୦୪ ପମ୍ପକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## କବି ୰ଅନନ୍ତ ପଟ୍ଟନାୟକ

କବି ଶ୍ରୀ ଅନନ୍ତ ପଟ୍ଟନାୟକଙ୍କ ଆକସ୍ମିକ ବିୟୋଗ ସମ୍ବାଦ ପାଇ ରାଜ୍ୟ ସେଚ, ଶକ୍ତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ ନିମ୍ନୋକ୍ତ ଶୋକବାର୍ତ୍ତା ପ୍ରଦାନ କରିଛନ୍ତି :

"କେନ୍ଦ୍ର ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ପ୍ରଗତିଶୀଳ, ଜାତୀୟତାବାଦୀ କବି ଶ୍ରୀ ଅନନ୍ତ ପଟ୍ଟନାୟକଙ୍କ ବିୟୋଗ ଆମର ଉତ୍କଳ ସାହିତ୍ୟ କ୍ଷେତ୍ରରେ ଏକ ବିରାଟ ଅଭାବ ସୃଷ୍ଟି କଲା । ସେ ଅତ୍ୟନ୍ତ ବନ୍ଧୁବତ୍ସଳ, ସ୍ନେହୀ ମଣିଷ ଥିଲେ ।

"ସ୍ୱର୍ଗତଙ୍କ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଶୋକସନ୍ତପ୍ତ ପୁତ୍ର ତଥା ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି ।"




## କଲ୍ୟାଣସିଂହପୁର ବ୍ଲକ୍‌ର ସ୍ୱତନ୍ତ୍ର ଡଙ୍ଗରିଆ କନ୍ଧ ଉନ୍ନୟନ ଯୋଜନା

କୋରାପୁଟ ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ୍ ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ କନ୍ଧମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ ଥଇଥାନ ପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଉନ୍ନୟନ ଯୋଜନା ମଞ୍ଜୁର କରିଛନ୍ତି । ଚଳିତ ବର୍ଷଠାରୁ ୫ ବର୍ଷ ମଧ୍ୟରେ ଏହି ଯୋଜନାରେ ଦେଢକୋଟି ଟଙ୍କା ବ୍ୟୟ କରାଯିବ ବୋଲି ଜଣାଯାଇଛି ।

ଡଙ୍ଗରିଆ କନ୍ଧମାନେ ନିୟମଗିରି ପାର୍ବତ୍ୟ ଅଞ୍ଚଳର ପଶ୍ଚିମ ଭାଗ ଉପତ୍ୟକାମାନଙ୍କଠାରେ ଏକ ହଜାରରୁ ୫ ହଜାର ଫୁଟ ଉଚ୍ଚରେ ବସବାସ କରି ରହିଛନ୍ତି । ପୁରୁଷ କନ୍ଧମାନେ ମୁଣ୍ଡରେ ଲମ୍ବା ବାଳ ରଖନ୍ତି ଏବଂ କାନ ନାକରେ ପିତ୍ତଳ ଓ ସିଲଭର ମୁଦି ଲଗାଇଥାନ୍ତି । ଝାଟିମାଟି କାନ୍ଥ ଓ ଛଣଘାସରେ ନିର୍ମିତ ହୋଇଥିବା ଛୋଟ କୁଡ଼ିଆ ଘର ଏମାନଙ୍କ ବାସସ୍ଥଳୀ । ସେମାନେ ପୋଡୁଚାଷ ସହିତ ଜଙ୍ଗଲରୁ ପଶୁ ପକ୍ଷୀ ଶିକାର, ଫଳମୂଳ ସଂଗ୍ରହ, କୋଦୋ, ଝୁଡ଼ୁଙ୍ଗ, ମକା, ମାଣ୍ଡିଆ, ସୁଆଁ ପ୍ରଭୃତି ଚାଷ କରି ଚଳନ୍ତି । ଏହି ପ୍ରକାରେ ଆଦିବାସୀଙ୍କର ଶିକ୍ଷା ଓ କୃଷି ମାଧ୍ୟମରେ ଆର୍ଥିକ ଉନ୍ନତି ବସବାସ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଉନ୍ନୟନ ଯୋଜନାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମମାନ ରଖାଯାଇଛି

କଲ୍ୟାଣସିଂହପୁର ବ୍ଲକ୍‌ର ସିଂହରେଇ ଗ୍ରାମପଞ୍ଚାୟତର ୩୬ଟି ଓ କୁରୁଲିଗଣ୍ଡି ପଞ୍ଚାୟତର ୧୨ଟି, ମୋଟ୍ ୪୮ଟି ଗ୍ରାମରେ ୪୭୩ଟି ଡଙ୍ଗରିଆ କନ୍ଧ ପରିବାର ବସବାସ କରୁଛନ୍ତି । ମୋଟ୍ ଲୋକସଂଖ୍ୟା ୨,୦୨୬ ଓ ସେଥିମଧ୍ୟରୁ ପୁରୁଷ ୯୨୯ ଓ ମହିଳା ୧,୦୯୭ ବୋଲି ୧୯୮୧ ଜନଗଣନା ରିପୋର୍ଟରୁ ଜଣାଯାଇଛି ।

ଉନ୍ନୟନ ଯୋଜନା କାର୍ଯ୍ୟକ୍ରମ ଅନୁଯାୟୀ ଆସନ୍ତା ୫ ବର୍ଷ ମଧ୍ୟରେ ୫୦୦ ଏକର ପଡ଼ିଆ ଜମି ଚାଷୋପଯୋଗୀ କରାଯାଇ ୨୫୦ଟି ପରିବାରଙ୍କୁ ବଣ୍ଟନ କରାଯିବ ଓ ସେମାନଙ୍କୁ ବଳଦ, ଲଙ୍ଗଳ, କୃଷି ସମ୍ପତ୍ତି ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ଧାନ, ମକା, ରାଶି, କନ୍ଦୀ, ଡାଲିଜାତୀୟ ଓ ବୈଜ୍ଞାନିକ ଫସଲର ଉନ୍ନତ କୃଷି ପ୍ରଣାଳୀ ପ୍ରବର୍ତ୍ତନ କରାଯିବ । ଏଥିପାଇଁ ୩୫ ଲକ୍ଷ ୫୩ ହଜାର ଟଙ୍କା ବ୍ୟୟ କରାଯିବ । ଡଙ୍ଗରିଆ କନ୍ଧମାନଙ୍କର ୨୧ଟି ଗ୍ରାମରେ ଜଳସେଚନର ସୁବିଧା ନଥିବାରୁ ଧାନ ଓ ଫଳବୃକ୍ଷ ପାଇଁ ୨୦ଟି କ୍ଷୁଦ୍ର ଜଳସେଚନ ଯୋଜନା ଓ ଅତିରିକ୍ତ ୨ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯିବ ।

ନିୟମଗିରିର ଜଳବାୟୁ ଫଳବୃକ୍ଷ ପାଇଁ ଅନୁକୂଳ ହୋଇଥିବାରୁ ଡଙ୍ଗରିଆ କନ୍ଧମାନଙ୍କ ଘରବାଡ଼ିରେ ଓ ସର୍ବସାଧାରଣ ଜମିରେ ଆମ୍ବ, କଦଳୀ, ସପୁରୀ, ପଣସ, କମଳା, କାଜୁ, ପିଜୁଳି, ସପେଟା, ଲିଚୁ ପ୍ରଭୃତି ଫଳବୃକ୍ଷ ବ୍ୟାପକ ଆକାରରେ ଲଗାଯିବାକୁ ଯୋଜନା କରାଯାଇଛି । ୫ ବର୍ଷ ମଧ୍ୟରେ ଏ ବାବଦରେ ୧୯ ଲକ୍ଷ ୫୨ ହଜାର ଟଙ୍କା ଖର୍ଚ୍ଚ କରାଯିବ ପାଇଁ ଯୋଜନା ରଖାଯାଇଛି ।

ବାସଗୃହ ଓ ସ୍ୱାସ୍ଥ୍ୟ, ପରିବେଶର ଉନ୍ନତି ବିଧାନ ପାଇଁ ୩୦୦ ପରିବାରଙ୍କୁ ବାସଗୃହ ଯୋଗାଇ ଦିଆଯିବ ଓ ପାନୀୟ ଜଳ ପାଇଁ କୂପ ଓ ନଳକୂପ ବ୍ୟବସ୍ଥା ହେବ । ବାସଗୃହ ନିର୍ମାଣ ପାଇଁ ୩୦ ଲକ୍ଷ ଟଙ୍କା ଓ ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ ବାବଦରେ ୬ ଲକ୍ଷ ୩୮ ହଜାର ଟଙ୍କା ବ୍ୟୟ କରାଯିବ ।

କନ୍ଧ ଆଦିବାସୀମାନଙ୍କୁ ସୁଲଭ ମୂଲ୍ୟରେ ଖାଦ୍ୟ ପଦାର୍ଥ ଓ ଲୁଗାପଟା ଯୋଗାଇ ଦେବା ଉଦ୍ଦେଶ୍ୟରେ ଚେଙ୍ଗନେଲିଠାରେ ଗୋଟିଏ ଖାଉଟି ସମବାୟ ଭଣ୍ଡାର କରାଯାଇ ପାଖାପାଖିରେ ଏହାର ୩ଟି ଶାଖା ଖୋଲାଯିବାର ବ୍ୟବସ୍ଥା ହେବ । ୧୨୦ଟି ପରିବାର ମହୁମାଛି ପାଳନ କରି ସେଠାରୁ ମହୁ ବିକ୍ରୟରେ ଅର୍ଥ ଉପାର୍ଜନ କରିପାରିବେ, ସେଥିପାଇଁ ଆବଶ୍ୟକୀୟ ତାଲିମ ଦେବା ସଙ୍ଗେ ସଙ୍ଗେ ମହୁବାକ୍ସ ଯୋଗାଇ ଦିଆଯିବ ।

ଶିକ୍ଷା ବିକାଶ ପାଇଁ ୧୫ଟି ପାଠଶାଳା ଓ ଯୁବକେନ୍ଦ୍ର ପରିଷଦ, ଗମନାଗମନ ସୁବିଧା ପାଇଁ ଚେଙ୍ଗନେଲି-କଲ୍ୟାଣସିଂହପୁର ମୁଖ୍ୟରାସ୍ତା ସହିତ ତିନୋଟି ପଞ୍ଚାୟତ ରାସ୍ତା ଓ ଗ୍ରାମ୍ୟ ରାସ୍ତାମାନ ନିର୍ମାଣ କରାଯିବ । ଏଥିପାଇଁ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ଡଙ୍ଗରିଆ କନ୍ଧ ଉନ୍ନୟନ ଯୋଜନାର ପ୍ରଧାନ କାର୍ଯ୍ୟାଳୟ ଚେଙ୍ଗନେଲିଠାରେ ରହିବ ।

## କୁକୁଡ଼ା ପାଳନରେ ଶ୍ରୀ ଶମ୍ଭୁନାଥଙ୍କ ସାଫଲ୍ୟ

ସମ୍ବଲପୁର ଜିଲ୍ଲା ସଦର ସବ୍‌ଡିଭିଜନ୍ ଧାନକଉଡ଼ା ବ୍ଲକ୍ ବହିବାର କୁଣ୍ଡପାଲି ଗାଁର ଏ ସଫଳ କାହାଣୀ । ଏ ଗାଁଟି ସମ୍ବଲପୁର ସହରଠାରୁ ଅଳ୍ପ ଦୂର । ଶ୍ରୀ ଶମ୍ଭୁ ମୁଣ୍ଡା କେଉଟଜାତିର ତଫସିଲଭୁକ୍ତ ଉପଜାତିର ଲୋକ । ବୟସ ମାତ୍ର ୨୩ ବର୍ଷ । ପାଠ ପଞ୍ଚମ ଯାଏ ପଢ଼ିଛନ୍ତି ।

ତାଙ୍କ ପରିବାରରେ ତାଙ୍କୁ ମିଶାଇ ୩ ଜଣ କୁଟୁମ୍ବ । ଘରଜମି ଆଦୌ ନାହିଁ । ସରକାରୀ ଜମିରେ ୨ ବଖରା କଞ୍ଚାଇଟା କାନ୍ଥ ଦେଇ ଖପରଘର କରି ରହୁଛନ୍ତି । କୁକୁଡା ଫାର୍ମ କରିବା ପୂର୍ବରୁ ବର୍ଷକୁ ମାତ୍ର ୪/୫ ମାସ ଦୈନିକ ୮ ଟଙ୍କା ମୂଲରେ କୁଲି ମଜୁରୀ ଲାଗୁଛି । କାମ ନମିଳିଲା ଦିନ ଧାର କରଜ ଆଣି ଓ ବନ୍ଧାଛନ୍ଦା ଦେଇ ଚଳନ୍ତି । ଧାର ନମିଳିଲେ ଖାଡା ଉପାସ ମଧ୍ୟ ରହିଛନ୍ତି ।

ଏପରି ଦୁର୍ଦ୍ଦିନରେ ଧାନକଉଡା ବି.ଡି.ଓ. ଓ ପଶୁ ଚିକିତ୍ସା ବିଭାଗର କେତେକ କର୍ମଚାରୀଙ୍କ ପ୍ରବର୍ତ୍ତନାରେ କିଛି କୁକୁଡା ପାଳିଲେ । ଜାତୀୟ ଗ୍ରାମ୍ୟ ନିଯୁକ୍ତି ଯୋଜନାରୁ ଜିଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ କୁକୁଡା ଘର ତୋଳିଦେଲେ । ଦଶ/ବାର ଜଣ ଏକାଠି କୁକୁଡା ପାଳିଥିବାରୁ ସେଇ ଯୋଜନାନୁସାରେ ମଧ୍ୟ କ୍ଲବଟିଏ କରିଦେଲେ । ସମ୍ବଲପୁର ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୩,୧୦୦ ଟଙ୍କା ଋଣ ନେଇ ସେ ୧୨ରୁ ୧୬ ସପ୍ତାହ ବୟସର କୁକୁଡା ଆଣିଲେ । ଏ କୁକୁଡାଙ୍କୁ ଶ୍ରୀ ମୁଣ୍ଡା ୨ରୁ ୩ ମାସ ପାଳିବା ମଧ୍ୟରେ ସେମାନେ ଅଣ୍ଡା ଦେଲେ ଓ ସର୍ବାଧିକ ସେ ଶତକଡା ୭୫ ଭାଗ ଅଣ୍ଡା ପାଉଛନ୍ତି । ଆଗେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜରୁ ଦାନା କୁକୁଡାଙ୍କୁ ଖୁଆଉଥିଲେ । ଭାଲୁ ବାହାଲ କୁକୁଡା ପାଳକମାନେ ପିଲାଇ ଦାନା ଦେଇ ଶତକଡା ୮୦ରୁ ୯୨ ଭାଗ ଅଣ୍ଡା ପାଉଥିବାରୁ ସେ ସେଇ ପିଲାଇ ଦାନାଏଣିକି ଆଣିବାକୁ ସ୍ଥିର କରିଛନ୍ତି । ୨ୟ ଥର ନୂଆ କରି ଆସିଥିବା କୁକୁଡା ପ୍ରଚଣ୍ଡ ଖରାରେ ଆଗ୍ରୋ ଦାନାରେ ଶତକଡା ୫୦ ଭାଗ ଅଣ୍ଡା ଦେଉଛନ୍ତି । ଏବେ ଖରାଦିନେ ଅଣ୍ଡା ଦାମ୍ ଖସିଯିବାରୁ ଅଣ୍ଡା ଗୋଟିକୁ ୫୫ ପଇସା ଦରରେ ବିକି ସେ ଦୈନିକ ଟ ୨୭.୫୦ ପଇସା ପାଉଛନ୍ତି । ଦାନା ବାବଦ ଖର୍ଚ୍ଚ ପ୍ରାୟ ୨୪ ଟଙ୍କା ଯାଇ ଦୈନିକ ଟ୩.୫୦ ପଇସା ଲାଭ ହେଉଛି । ଆଉକିଛି ଦିନ ପରେ ଅଣ୍ଡା ପଡ଼ିଲେ ଓ ନୂଆ ଦାନା ଆଣିଲେ ଅଣ୍ଡା ଅଧିକ ହେବ ଏବଂ ବେଶୀଦାମ୍‌ରେ ବିକ୍ରି ହେବ । ଏଣୁ, ଦୈନିକ ପ୍ରାୟ ୧୮ ଟଙ୍କାରୁ ୨୦ ଟଙ୍କା ପର୍ଯ୍ୟନ୍ତ ଲାଭ ହେବ । ପ୍ରଥମ ବର୍ଷର ଲାଭରୁ ଗତବର୍ଷ ସୁଧ ସହ ୧,୫୫୦ ଟଙ୍କା ବ୍ୟାଙ୍କ ଋଣ ଶୁଝି ସାରିଛନ୍ତି । ଏଇ ଲାଭରୁ ମଧ୍ୟ ୨ ବଖରା କଞ୍ଚାଇଟା କାନ୍ଥରେ ଖପର ଛପର କରିଛନ୍ତି । ଆଉ ତାଙ୍କର ଉପାସ ରହିବା ନାହିଁ । ସବୁଦିନ ଗଣ୍ଡେ ଖାଇ ସୁଖରେ ଚଳୁଛନ୍ତି ।

ପ୍ରକୃତରେ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଶ୍ରୀ ମୁଣ୍ଡାଙ୍କ ଭାଗ୍ୟର ପରିବର୍ତ୍ତନ କରିଦେଇଛି ବୋଲି ଶ୍ରୀ ମୁଣ୍ଡା କହନ୍ତି ।

## ସାମାଜିକ ବନୀକରଣ

ରାଜ୍ୟରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମର ଧାର୍ଯ୍ୟ ଲକ୍ଷ୍ୟ ଓ ହାସଲ ହୋଇଥିବା ସଫଳତା ସଂପର୍କରେ ସମୀକ୍ଷା କରିବା ପାଇଁ ଗତ ଜୁନ୍ ୨୩ ତାରିଖରେ ଏଠାରେ ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଡମ୍ବରୁଧର ଉଲାକାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସମୀକ୍ଷାରୁ ପ୍ରକାଶ ଯେ ଅଦ୍ୟାବଧି ୯ ହଜାର ଗ୍ରାମରେ ବନୀକରଣ କାର୍ଯ୍ୟକ୍ରମ କରାଯାଇଛି ଏବଂ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୩ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏଥିରେ ଉପକୃତ ହୋଇଛନ୍ତି । ଗତ ମାର୍ଚ୍ଚ ଶେଷ ସୁଦ୍ଧା ଗ୍ରାମ୍ୟ ଜଙ୍ଗଲ ପାଇଁ ୧୦,୩୬୯ ହେକ୍ଟର ଜମିରେ ବୃକ୍ଷ ରୋପଣ, ୮,୧୦୭ ହେକ୍ଟର ନିଃଶେଷିତ ଜଙ୍ଗଲର ପୁନଃ ପ୍ରତିଷ୍ଠା ୯,୦୮୪ ହେକ୍ଟର ଜମିରେ ପୁନରାୟ ବୃକ୍ଷ ରୋପଣ ଏବଂ ୧୮.୬୭ ନିୟୁତ ଚାରା ଏହି କାର୍ଯ୍ୟକ୍ରମରେ ବଣ୍ଟନ କରାଯାଇଛି ।

ଏହାକୁ ଅଧିକ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କ ମଧ୍ୟରେ ଗଣ ଚେତନା ସୃଷ୍ଟି କରିବା ପାଇଁ ସାମାଜିକ ବନୀକରଣ ସଂସ୍ଥାର କର୍ମଚାରୀ ତଥା ଅଫିସରମାନେ ଅଧିକ ସକ୍ରିୟ ହେବାକୁ ଶ୍ରୀ ଉଲାକା ସେମାନଙ୍କୁ ପରାମର୍ଶ ଦେଇଥିଲେ । ଅଧିକରୁ ଅଧିକ ଗ୍ରାମବାସୀଙ୍କୁ ଯେପରି ଏହି କାର୍ଯ୍ୟକ୍ରମରେ ଜଡ଼ିତ କରାଯାଇ ପାରିବ, ସେଥିପାଇଁ ବିଶେଷ ଦୃଷ୍ଟି ଦେବାକୁ ଏବଂ ଏହି ସଂସ୍ଥାର ଉଚ୍ଚ କର୍ମଚାରୀମାନେ ଗ୍ରାମାଞ୍ଚଳର ଲୋକମାନଙ୍କ ସହିତ ସୁସଂପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ [illegible] ପରିଦର୍ଶନ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ଗ୍ରାମ୍ୟ ଜଙ୍ଗଲରୁ ଯେପରି ଅଧିକ ସଂଖ୍ୟାରେ ବୃକ୍ଷ ମରି ନଯାଏ, ସେଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରାଯିବା ଉଚିତ । ନୂତନ ଜଙ୍ଗଲ ସୃଷ୍ଟି, ସୁରକ୍ଷା ଓ ଏହାର ରକ୍ଷଣାବେକ୍ଷଣ ଦିଗରେ ଲୋକମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ବିଶେଷ କାର୍ଯ୍ୟକ୍ରମମାନ ହାତକୁ ନେବା ଆବଶ୍ୟକ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ । ପୁରୀ ଜିଲ୍ଲାର ସାମାଜିକ ବନୀକରଣ କାର୍ଯ୍ୟର ସେ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଅର୍ଥର ସଦ୍‌ବିନିଯୋଗ ଉପରେ ସେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ପରିଶେଷରେ ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ସଫଳତା ହାସଲ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ବନୀକରଣର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ହାତକୁ ନେବା ପୂର୍ବରୁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ତୁରନ୍ତ ମୂଲ୍ୟାୟନ ପାଇଁ ସେ ପରାମର୍ଶ ଦେଇଥିଲେ । ଆସନ୍ତା ବନ ମହୋତ୍ସବକୁ ସଫଳ କରିବା ଲାଗି ଯେପରି ଅଧିକ ବୃକ୍ଷ ରୋପଣ କରାଯାଇ ପାରିବ, ସେଥିପାଇଁ ସଂପୃକ୍ତ କର୍ମକର୍ତ୍ତାମାନଙ୍କୁ ତତ୍ପର ହେବାକୁ ସେ କହିଥିଲେ ।

ଏହି ବୈଠକରେ ଜଙ୍ଗଲ ବିଭାଗ ଶାସନ ସଚିବ ଶ୍ରୀ ରାଜକିଶୋର ଭୁଜବଳ, ଓଡ଼ିଶା ବନୀକରଣ ନିଗମର ଅଧ୍ୟକ୍ଷ ଶ୍ରୀ ରାଧାକାନ୍ତ ନାୟକ ଓ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସୁଭାଷ ଚନ୍ଦ୍ର ପାଣ୍ଡା ଯୋଗ ଦେଇ ଆଲୋଚନାରେ ବିଶେଷ ଅଂଶ ଗ୍ରହଣ କରିଥିଲେ । ସାମାଜିକ ବନୀକରଣ ପ୍ରକଳ୍ପର ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଓ ଉପ ନିର୍ଦ୍ଦେଶକ ଗଣ ଉକ୍ତ ବୈଠକରେ ସେମାନଙ୍କ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋକପାତ କରିଥିଲେ ।

ଉଲ୍ଲେଖନୀୟ ଯେ ରାଜ୍ୟର କୋରାପୁଟ, ଫୁଲବାଣୀ, କଳାହାଣ୍ଡି ଓ ସୁନ୍ଦରଗଡ ଜିଲ୍ଲାଗୁଡ଼ିକୁ ବାଦ୍ ଦେଇ ଅବଶିଷ୍ଟ ୯ଟି ଜିଲ୍ଲାରେ ସ୍ୱିଡେନ୍‌ର ଆନ୍ତର୍ଜାତୀୟ ଉନ୍ନୟନ ସଂସ୍ଥା (ସିଡା)ଙ୍କ ସହାୟତାରେ ଓଡ଼ିଶା ସାମାଜିକ ବନୀକରଣ ପରିଯୋଜନା କାର୍ଯ୍ୟକାରୀ ହେଉଛି । ଲୋକମାନଙ୍କୁ ଜାଳେଣି କାଠ, ଗୋ-ଖାଦ୍ୟ ଓ ଘର ତିଆରି ପାଇଁ ଛୋଟକାଠ ଯୋଗାଇ ଦେବା ନିମନ୍ତେ ଏହି ପରିଯୋଜନାରେ ଗୁରୁତ୍ୱ ଦିଆଯାଇଛି । ସ୍ୱିଡେନ୍‌ର ଆନ୍ତର୍ଜାତୀୟ ସଂସ୍ଥା ଭାରତ ସରକାରଙ୍କୁ ପରିଯୋଜନା ଖର୍ଚ୍ଚ ବାବଦ ୨୮ କୋଟି ଟଙ୍କାର ଶତକଡା ୭୦ ଭାଗ ପ୍ରଦାନ କରିବେ ।

## ଗୋଟି ଶ୍ରମିକ ଥଇଥାନ

ଗୋଟି ଶ୍ରମିକଙ୍କ ଥଇଥାନ ଲାଗି ରାଜ୍ୟରେ ମାତ୍ର ୧୨ କୋଟି ୩୪ ଲକ୍ଷ ୭୬ ହଜାର ଟଙ୍କା ବ୍ୟୟ ହୋଇଛି । ଓଡ଼ିଶାରେ ଗୋଟି ଶ୍ରମିକଙ୍କ ଥଇଥାନ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଗତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଏହି ଅର୍ଥ ବ୍ୟୟ କରାଯାଇଛି । ଏ ମଧ୍ୟରେ ଗତ ଆର୍ଥିକ ବର୍ଷରେ ଏ ବାବଦରେ ବ୍ୟୟ ହୋଇଥିବା ମୋଟ୍ ୨ କୋଟି ୪୪ ଲକ୍ଷ ୩୩ ହଜାର ଟଙ୍କା ଅନ୍ତର୍ଭୁକ୍ତ ।

ଏହି ଯୋଜନା ଆରମ୍ଭରୁ ଗତ ଆର୍ଥିକ ବର୍ଷଶେଷ ସୁଦ୍ଧା କଟକ ଜିଲ୍ଲାରେ ସର୍ବାଧିକ ୨ କୋଟି ୧ ଲକ୍ଷ ୮୭ ହଜାର ଟଙ୍କା ଏବଂ ତା'ପରକୁ ବଲାଙ୍ଗୀର ଓ କୋରାପୁଟ ଜିଲ୍ଲାରେ ଯଥାକ୍ରମେ ୧ କୋଟି ୭୬ ଲକ୍ଷ ୭୭ ହଜାର ଟଙ୍କା ଓ ୧ କୋଟି ୬୫ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ ହୋଇଛି । ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଦ୍ୱାରା ହୋଇଥିବା ଅର୍ଥର ପରିମାଣ ହେଲା— ବାଲେଶ୍ୱର ଜିଲ୍ଲାରେ ୩୫ ଲକ୍ଷ ୯୬ ହଜାର ଟଙ୍କା, ଢେଙ୍କାନାଳ ଜିଲ୍ଲାରେ ୪୪ ଲକ୍ଷ ୫୩ ହଜାର ଟଙ୍କା, ଗଞ୍ଜାମ ଜିଲ୍ଲାରେ ୬୨ ଲକ୍ଷ ୫୫ ହଜାର ଟଙ୍କା, କେନ୍ଦୁଝର ଜିଲ୍ଲାରେ ୬୧ ଲକ୍ଷ ୧୦ ହଜାର ଟଙ୍କା, କଳାହାଣ୍ଡି ଜିଲ୍ଲାରେ ୮୪ ଲକ୍ଷ ୬ ହଜାର ଟଙ୍କା, ମୟୂରଭଞ୍ଜ ଜିଲ୍ଲାରେ ୨୭ ଲକ୍ଷ ୫୯ ହଜାର ଟଙ୍କା, ଫୁଲବାଣୀ ଜିଲ୍ଲାରେ ୮୧ ଲକ୍ଷ ୨୦ ହଜାର ଟଙ୍କା, ପୁରୀ ଜିଲ୍ଲାରେ ୧କୋଟି ୧୨ ଲକ୍ଷ ୯୬ ହଜାର ଟଙ୍କା, ସମ୍ବଲପୁର ଜିଲ୍ଲାରେ ୧ କୋଟି ୨ ଲକ୍ଷ ୭୬ ହଜାର ଟଙ୍କା ଓ ସୁନ୍ଦରଗଡ ଜିଲ୍ଲାରେ ୨୭ ଲକ୍ଷ ୪୧ ହଜାର ଟଙ୍କା ।



ଇ.ଆର୍.ଆର୍.ପି. ଜରିଆରେ କଦଳୀ ବୃକ୍ଷ...




ରାଜ୍ୟପାଳଙ୍କ ସହିତ ଏ.ଆର୍. ମାରସାଲ ଏନ୍.ସି. ସୁରି...

Vol. XLIV No. 1 UTKAL PRASANGA Regd. No. O-05/8
Licence No. C. R. N. P. 5—Licensed to post without Pre-Payment



ନୂତନ ରାଷ୍ଟ୍ରପତି ଶ୍ରୀ ଭେଙ୍କଟରମଣଙ୍କ ଶପଥ ପାଠ ଉତ୍ସବ




ଉନ୍ନତି
ପ୍ରସଙ୍ଗ